ଓଡ଼ିଶା ଭାସ୍କର
ODISHA BHASKAR
ଯାହା ଆପଣଙ୍କ କଥା କହେ
facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ଫ୍ରାନ୍ସ ରାଷ୍ଟ୍ରପତିଙ୍କ ସହ ଟେଲିଫୋନ୍‌ରେ କଥା ହେଲେ | ୬



୪୦୦ କୋଟି ପାର କଲା 'କୁଲି' | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୧୪୨ Vol. 22 No-142 22 AUGUST 2025 FRIDAY, BHUBANESWAR ଶୁକ୍ରବାର, ୨୨ ଅଗଷ୍ଟ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦

## ସଂକ୍ଷେପରେ...

### ଲୋକସଭା ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ

ନୂଆଦିଲ୍ଲୀ, ୨୧।୮: ଗୁରୁବାର ଲୋକସଭାର କାର୍ଯ୍ୟବାହି ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖାଯାଇଛି। ଏହି ଅଧିବେଶନରେ ୧୪ଟି ବିଲ୍ ଉପସ୍ଥାପିତ ହୋଇଥିଲା ଏବଂ ୧୨ଟି ବିଲ୍ ପାରିତ ହୋଇଥିଲା। ବିହାରରେ ଭୋଟର ତାଲିକା ଅପଡେଟ୍ ପ୍ରକ୍ରିୟା ଏବଂ ଅନ୍ୟାନ୍ୟ ପ୍ରସଙ୍ଗରେ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ କାର୍ଯ୍ୟବାହି ପ୍ରଭାବିତ ହୋଇଥିଲା। ଅଧିବେଶନ ଶେଷରେ ଲୋକସଭା ଅଧ୍ୟକ୍ଷ ଓମ୍ ବିର୍ଲା ଗୃହରେ ହୋଇଥିବା କାର୍ଯ୍ୟ ବିଷୟରେ ସୂଚନା ଦେଇଥିଲେ। ସେ କହିଛନ୍ତି ଯେ, ଯୋଜନାବଦ୍ଧ ବାଧା ଯୋଗୁଁ ନିର୍ଦ୍ଧାରିତ ୧୨୦ ଘଂଟା ମଧ୍ୟରୁ କେବଳ ୩୭ ଘଣ୍ଟା ଆଲୋଚନା ସମ୍ଭବ ହୋଇପାରିଥିଲା। ଅଧିବେଶନ ୨୧ ଜୁଲାଇରେ ଆରମ୍ଭ ହୋଇଥିଲା ଏବଂ ଆଜି ଏହାର ସମାପ୍ତି ଘୋଷଣା କରାଯାଉଛି। ଏହି ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଗୃହରେ ଉପସ୍ଥିତ ଥିଲେ। ଶ୍ରୀ ବିର୍ଲା କହିଛନ୍ତି ଯେ, ୨୮-୨୯ ଜୁଲାଇରେ ଗୃହରେ 'ଅପରେସନ୍ ସିନ୍ଦୂର' ଉପରେ ଏକ ବିଶେଷ ଆଲୋଚନା ଅନୁଷ୍ଠିତ ହୋଇଥିଲା, ଯାହା ପ୍ରଧାନମନ୍ତ୍ରୀଙ୍କ ଉତ୍ତର ସହିତ ଶେଷ ହୋଇଥିଲା। ଏହା ବ୍ୟତୀତ ୧୮ ଅଗଷ୍ଟରେ ଭାରତର ମହାକାଶ କାର୍ଯ୍ୟକ୍ରମ ଉପରେ ଏକ ବିଶେଷ ଆଲୋଚନା ଅନୁଷ୍ଠିତ ହୋଇଥିଲା।

## ୭ ଜିଲ୍ଲାରେ ନିଅଣ୍ଟିଆ ବର୍ଷା

# ମରୁଡ଼ି ଆଶଙ୍କା

ଭୁବନେଶ୍ୱର, ୨୧।୮(ଭାସ୍କର ନ୍ୟୁଜ): ଶ୍ରାବଣ ଶେଷ ହେଲା। ହେଲେ ରାଜ୍ୟରେ ବର୍ଷାର ଅଭାବ। ୭ ଜିଲ୍ଲାର ସ୍ଥିତି ଅତି ଉତ୍କଟ। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନକେନ୍ଦ୍ର ନିର୍ଦ୍ଦେଶିକା କହୁଛନ୍ତି ଯେ ବର୍ଷା ଲାଗି ରହିବ। କିନ୍ତୁ ପାଣିପାଗ ବିଶେଷଜ୍ଞ କହୁଛନ୍ତି, ରାଜ୍ୟରେ ଆଉ ଭାରି ବର୍ଷାର ସମ୍ଭାବନା ନାହିଁ। ମିଳିଥିବା ସୂଚନା ଅନୁଯାୟୀ ଜୁନ୍ ପହିଲାରୁ ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ହାରାହାରି ୭୬୪.୦ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଏହାକୁ ଯଦିଓ ସ୍ୱାଭାବିକ କୁହାଯାଉଛି, ତେବେ ୭ ଜିଲ୍ଲାରେ



ନିଅଣ୍ଟିଆ ବର୍ଷା ସ୍ଥିତିକୁ ସଙ୍ଗୀନ କରି ପକାଇଛି। କଳାହାଣ୍ଡି ଓ ରାୟଗଡ଼ାରେ ସର୍ବାଧିକ ୩୦ ପ୍ରତିଶତ ବର୍ଷା କମ୍ ଥିବାବେଳେ ଗଜପତିରେ ୨୧ ପ୍ରତିଶତ, ବଲାଙ୍ଗୀରରେ ୨୮ ପ୍ରତିଶତ, ପୁରୀରେ ୨୮ ପ୍ରତିଶତ, ଖୋର୍ଦ୍ଧାରେ ୨୧ ପ୍ରତିଶତ ଓ ଯାଜପୁରରେ ୨୧ ପ୍ରତିଶତ ବର୍ଷା କମ୍ ହୋଇଛି। ଏଥିସହ ଦୁଇଟି ଜିଲ୍ଲାରେ ସ୍ୱାଭାବିକଠାରୁ ଅଧିକ ଓ ୨୧ ଜିଲ୍ଲାରେ ସ୍ୱାଭାବିକ ବର୍ଷା ରେକର୍ଡ କରାଯାଇଛି। ଏହି ୭ଟି ଜିଲ୍ଲାରେ ବର୍ଷା ଅଭାବରୁ ଚାଷବାସ କାର୍ଯ୍ୟରେ ରୋକ୍ ଲାଗିଛି। ତଳି ନଷ୍ଟ ହେଲାଣି, ଜମି ଫାଟିଲାଣି। ଯେତିକି ବି ବର୍ଷା ହେଉଛି ତାହା କେଉଁ କାମକୁ ବି ନୁହେଁ। ଚାଷୀ ଆକାଶକୁ ଅନେଇ ଅନେଇ ନିରାଶ ହୋଇ ସାରିଲାଣି। ସେପଟେ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ● ପୃଷ୍ଠା ୫ ଦେଖନ୍ତୁ

## ଆଇପିଏସ୍ ସ୍ତରରେ ବଡ଼ ଧରଣର ଅଦଳବଦଳ

# ପ୍ରତୀକ ସିଂହ ହେଲେ ପୁରୀ ଏସ୍‌ପି

ଭୁବନେଶ୍ୱର, ୨୧।୮(ଭାସ୍କର ନ୍ୟୁଜ): ରାଜ୍ୟ ସରକାର ଗୁରୁବାର ଆଇପିଏସ୍ ସ୍ତରରେ ବଡ଼ଧରଣର ଅଦଳବଦଳ କରିଛନ୍ତି। ଏହି ଅଦଳବଦଳରେ ୧୭ ଜଣ ଆଇପିଏସ୍ ଓ ଜଣେ ଓଏଏସ୍ ଅଧିକାରୀ ଅଛନ୍ତି। ଏ ନେଇ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି କ୍ରମରେ ପୁରୀ ଏସ୍‌ପି ଥିବା ପିନାକ ମିଶ୍ରଙ୍କୁ ବଦଳି କରାଯାଇ ତାଙ୍କ ସ୍ଥାନରେ ପ୍ରତୀକ ସିଂହଙ୍କୁ ନୂଆ ଦାୟିତ୍ୱ ମିଳିଛି। ସେହିପରି ପୁରୀ, ଖୋର୍ଦ୍ଧା, ବାଲେଶ୍ୱର, କଟକ (ଗ୍ରାମାଞ୍ଚଳ), ଜଗତସିଂହପୁର, ସୁନ୍ଦରଗଡ଼, ନୂଆପଡ଼ା ଓ ଝାରସୁଗୁଡ଼ା ଏସ୍‌ପିଙ୍କୁ ବଦଳି କରିଛନ୍ତି। ରାଜ୍ୟ ଅପରାଧ ବିଧି ବିଜ୍ଞାନାଗାର (ଏସ୍‌ଏଫ୍‌ଏସ୍‌ଏଲ୍) ଅତିରିକ୍ତ ନିର୍ଦ୍ଦେଶିକା ଡ. ସନ୍ତୋଷ ବାଲାଙ୍କୁ ଏହି ପ୍ରତିଷ୍ଠାନରେ ନିର୍ଦ୍ଦେଶିକା ଦାୟିତ୍ୱ ମିଳିଛି। ଆଇପିଏସ୍ ପ୍ରବୀଣ କୁମାରଙ୍କୁ ଆଇଜି (ପ୍ରୋଭିଜିଅନିଂ)ରେ ଅବସ୍ଥାପିତ କରାଯାଇଛି। ସତୀଶ ଗଜଭିୟେଙ୍କୁ ଆରକ୍ଷୀ ଅଧୀକ୍ଷକଙ୍କ ମୁଖ୍ୟ ● ପୃଷ୍ଠା ୫ ଦେଖନ୍ତୁ

## ୧୮ରୁ ବିଧାନସଭା

# ମୌସୁମୀ ଅଧିବେଶନ

ଭୁବନେଶ୍ୱର, ୨୧।୮(ଭାସ୍କର ନ୍ୟୁଜ): ବିଧାନସଭା ମୌସୁମୀ ଅଧିବେଶନ ପାଇଁ ତାରିଖ ଘୋଷଣା। ଆସନ୍ତା ସେପ୍ଟେମ୍ବର ୧୮ରୁ ମୌସୁମୀ ଅଧିବେଶନ ଆରମ୍ଭ ହେବ ବୋଲି ବାଚସ୍ପତିଙ୍କ କାର୍ଯ୍ୟାଳୟ ସୂତ୍ରରୁ ସୂଚନା ଦିଆଯାଇଛି। ଏହି ଅଧିବେଶନ ସେପ୍ଟେମ୍ବର ୨୫ ତାରିଖ ଯାଏ ଚାଲୁ ରହିବ। ଅଧିବେଶନ କାଳରେ ବିଭିନ୍ନ ପ୍ରସଙ୍ଗକୁ ନେଇ ରାଜ୍ୟ ସରକାରଙ୍କୁ ଘେରିବା ପାଇଁ ବିରୋଧୀ ଯୋଜନା ପ୍ରସ୍ତୁତ କରୁଥିବାବେଳେ ସରକାର ବି ବିରୋଧୀଙ୍କ ପ୍ରଶ୍ନର ଉତ୍ତର ଦେବାପାଇଁ ପ୍ରସ୍ତୁତ ହେଉଥିବା ସୂଚନା ମିଳିଛି। ଅଧିବେଶନରେ ମୋଟ ୭ଟି କାର୍ଯ୍ୟ ଦିବସ ରହିଛି। ଯେଉଁଥିରେ ରାଜ୍ୟ ସରକାର ବହୁ ଗୁରୁତ୍ୱପୂର୍ଣ୍ଣ ବିଲ୍ ଆଣିବା ପାଇଁ ଯୋଜନା କରୁଛନ୍ତି। ହେଲେ ବିରୋଧୀ ରାଜ୍ୟର ଆଇନଶୃଙ୍ଖଳା ସ୍ଥିତିକୁ ନେଇ ସରକାରଙ୍କୁ ଘେରିବା ପାଇଁ ରଣନୀତି ଆପଣାଉଥିବା ସୂଚନା ମିଳିଛି। ଏଫଏମ୍ କଲେଜ ଛାତ୍ରୀ ଆତ୍ମାହୂତି ଘଟଣା, ବଲଙ୍ଗା ଛାତ୍ରୀ ପୋଡ଼ି ଘଟଣା, ଗୋପାଳପୁର ଗଣଦୁଷ୍କର୍ମ ମାମଲା, ମହାନଦୀ ଜଳବିବାଦ ପ୍ରସଙ୍ଗ, ବନ୍ୟା ପ୍ରଭାବିତଙ୍କୁ କ୍ଷତିପୂରଣ ରାଶି ପ୍ରଦାନ, ଛାତ୍ର ସଂସଦ ନିର୍ବାଚନ, ପୋଲାଭରମ ପ୍ରସଙ୍ଗ ଓ ଓଟିଇଟି ପ୍ରଶ୍ନପତ୍ର କେଳେଙ୍କାରୀ ଆଦି ଅନେକ ପ୍ରସଙ୍ଗ ରହିଛି। ଯାହାକୁ ନେଇ ଶାସକ-ବିରୋଧୀ ମୁହାଁମୁହିଁ



ହେବାର ସମ୍ଭାବନା ରହିଛି। ତେବେ ବିରୋଧୀ ଆଇନଶୃଙ୍ଖଳା ପ୍ରସଙ୍ଗକୁ ବଡ଼ ମୁଦ୍ଦା ଭାବେ ଗ୍ରହଣ କରିବେ ବୋଲି ସୂଚନା ଦିଆଯାଇଛି। ସେପଟେ ବିଜେଡି ବିଭିନ୍ନ ପ୍ରସଙ୍ଗରେ ସରକାରଙ୍କୁ ଘେରିବା ପାଇଁ ଯୋଜନା ପ୍ରସ୍ତୁତ କରୁଥିବା ସୂଚନା ଦେଇଛନ୍ତି ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ। ସେହିପରି କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନିପତି କହିଛନ୍ତି, ସରକାର ଭୟରେ ବିଧାନସଭା ଡାକୁନଥିଲେ। ଛାତ୍ରୀ ଆତ୍ମହତ୍ୟା, ନାରୀ ନିର୍ଯାତନା ପ୍ରସଙ୍ଗ ଉଠିବ ବୋଲି ଭୟ କରୁଥିଲେ। ଏବେ ସ୍ଥିତି ଟିକେ ସ୍ୱାଭାବିକ ହୋଇଥିବାରୁ ବାଧ୍ୟ ବାଧକତାରେ ଅଧିବେଶନ ଡାକୁଛନ୍ତି। ଏଥିରେ ନାରୀ ନିର୍ଯାତନା, ଭୋଟ୍ ଚୋରି ଓ ଅନାସ୍ଥା ପ୍ରସଙ୍ଗ ଉଠିବ ବୋଲି ଶ୍ରୀ ବାହିନିପତି ସୂଚନା ଦେଇଛନ୍ତି। ନାରୀ ନିର୍ଯାତନା, ଛାତ୍ରୀ ଆତ୍ମାହୂତି, ଚାଷୀଙ୍କ ସମସ୍ୟା ଦଳ ଉଠାଇବ। ମୌସୁମୀ ଅଧିବେଶନରେ ଦେଢବର୍ଷ ସରକାରରେ ଯେଉଁସବୁ କୃତିତ୍ୱ ଅର୍ଜନ କରିଛନ୍ତି ସେ ନେଇ ପ୍ରଶ୍ନ କରିବ ଦଳ।

### ଉପ ରାଷ୍ଟ୍ରପତି ନିର୍ବାଚନ ପାଇଁ ଦୁଇ ପର୍ଯ୍ୟବେକ୍ଷକ ନିଯୁକ୍ତ

ନୂଆଦିଲ୍ଲୀ, ୨୧।୮: ଆସନ୍ତା ସେପ୍ଟେମ୍ବର ୯ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଥିବା ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ଗୁରୁବାର ନିର୍ବାଚନ କମିଶନ ୨ଜଣ ପର୍ଯ୍ୟବେକ୍ଷକ ନିଯୁକ୍ତି ଦେଇଛନ୍ତି। କେନ୍ଦ୍ର ସରକାରଙ୍କ ଅତିରିକ୍ତ ସଚିବ ପାହ୍ୟାର ଆଇଏଏସ୍ ସୁଶିଲ ଲୋହାନୀ ଏବଂ ଡି.ଆନନ୍ଦନ୍‌ଙ୍କୁ ନିଯୁକ୍ତି ଦିଆଯାଇଛି।



ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର




କେନ୍ଦୁଝର(ଭାସ୍କର ନ୍ୟୁଜ): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ବନାଯୋଡି ଟୋଲ ପ୍ଲାଜା ଏବଂ ଘଟଗାଁ ବ୍ଲକ ହସନପୁର ଟୋଲ ପ୍ଲାଜା ନିକଟରେ ଥିବା ଶୌଚାଳୟ ରକ୍ଷଣାବେକ୍ଷଣ ଅଭାବରୁ ପରିତ୍ୟକ୍ତ ଅବସ୍ଥାରେ ପଡିରହିଛି । ଫଳରେ ଜାତୀୟ ରାଜପଥ ୨୦ ଦେଇ ଯାତାୟତ କରୁଥିବା ଲୋକମାନେ ଏହାକୁ ବ୍ୟବହାର କରି ପାରୁନାହାନ୍ତି । ନିୟମିତ ସଫେଇ ଓ ଶୌଚାଳୟ ବାହାରେ ଥିବା ଗଛଲତା କଟା ଯାଉନଥିବାରୁ ସରୀସୃପଙ୍କ ଆଶ୍ରୟସ୍ଥଳ ପାଲଟିଛି । ଦୀର୍ଘ ବର୍ଷ ହେବ ଶୌଚାଳୟ ଗୁଡିକ ବ୍ୟବହାର ଅନୁପଯୋଗୀ ହୋଇପଡିଛି । ଏଠାରେ ସୂଚନାଯୋଗ୍ୟ ଯେ, ଜାତୀୟ ରାଜପଥ ୨୦ ଦେଇ ଯାତାୟତ କରୁଥିବା ସାଧାରଣ ଲୋକଙ୍କ ସୁବିଧା ପାଇଁ ଏନ୍‌ଏଚ୍‌ଏଆଇ ପକ୍ଷରୁ ପୁରୁଷ ଓ ମହିଳାଙ୍କ ପାଇଁ ଏକ ଶୌଚାଳୟ ବ୍ୟବସ୍ଥା କରାଯାଇଛି । ବିଶେଷ କରି ମହିଳା ଯାତ୍ରୀମାନେ ଏହାର ସୁବିଧା ନେଉଥିଲେ । ଏବେ ଏହି ଶୌଚାଳୟ ପରିତ୍ୟକ୍ତ ଅବସ୍ଥାରେ ରହି ଥିବାରୁ ଲୋକମାନେ ବାହାରେ ମଳମୂତ୍ର ତ୍ୟାଗ କରୁଛନ୍ତି । ଫଳରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି । ସେହିପରି ଟୋଲ ପ୍ଲାଜାରେ ଟୋଲ ଆଦାୟକୁ ପ୍ରାଧାନ୍ୟ ଦିଆଯାଉଥିବାବେଳେ ଏହାର ରକ୍ଷଣାବେକ୍ଷଣକୁ ଗୁରୁତ୍ୱ ଦିଆଯାଉନଥିବାରୁ ଅସନ୍ତୋଷ ଦେଖାଦେଇଛି । ଟୋଲ ପ୍ଲାଜା ନିକଟରେ ଥିବା ଶୌଚାଳୟର ଏଭଳି ଅବସ୍ଥା ଯୋଗୁଁ ଡ୍ରାଇଭର ଏବଂ ହେଲପର ମାନେ ମଧ୍ୟ ଅସୁବିଧାରେ ସମ୍ମୁଖୀନ ହୋଇ ସେଠାରେ ଗାଡି ଛିଡା କରିବାକୁ ଅମଙ୍ଗ ହେଉଛନ୍ତି । ଏନ୍‌ଏଚ୍‌ଆଇ ପକ୍ଷରୁ ଏହାର ମରାମତି କରାଯାଇ ବ୍ୟବହାର ଯୋଗ୍ୟ କରିବାକୁ ଦାବି କରିଛନ୍ତି ।



## ■ ଚଣ୍ଡିଖୋଲ ଏନ୍‌ଏସିକୁ ଉପେକ୍ଷା

# ବିଜେଡି ପକ୍ଷରୁ ଗଣଧାରଣା ପାଇଁ ସଜବାଜ

ବଡ଼ଚଣା (ଭାସ୍କର ନ୍ୟୁଜ୍): ଚଣ୍ଡିଖୋଲ ସ୍ଥିତ ଦଳୀୟ କାର୍ଯ୍ୟାଳୟରେ ବଡ଼ଚଣା ବିଜେଡି ସଭାପତି ତାପସ ଚନ୍ଦ୍ର ରାୟଙ୍କ ଅଧ୍ୟକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ପୂର୍ବ ସରକାରଙ୍କ ସମୟରେ ଚଣ୍ଡିଖୋଲକୁ ଏନଏସି ଘୋଷଣା କରିବା ପାଇଁ ପ୍ରସ୍ତାବ ରଖିଥିବା ବେଳେ ବର୍ତ୍ତମାନ ରାଜ୍ୟ ସରକାର ରାଜ୍ୟର ୭ଟି ଜିଲ୍ଲା ର ୧୨ ଟି ଅଞ୍ଚଳକୁ ଏନଏସି ଘୋଷଣା କରିବା ପାଇଁ ଯୋଜନା କରିଛନ୍ତି। ସେହିପରି ପୂର୍ବରୁ ପ୍ରସ୍ତାବିତ ଚଣ୍ଡିଖୋଲକୁ ଏନଏସି ଘୋଷଣା କରାଯାଇ ନାହିଁ। ଯାହାର ପ୍ରତିବାଦରେ ବଡ଼ଚଣା ବିଜୁ ଜନତା ଦଳ ପକ୍ଷରୁ ଆସନ୍ତା ୨୨ ତାରିଖ ଶୁକ୍ରବାର ଦିନ ଏକ ପ୍ରତିବାଦ ସଭା ଓ ଗଣଧାରଣା ଦିଆଯିବା ନେଇ ସୂଚନା ପ୍ରଦାନ କରଯାଇଛି। ବଡ଼ଚଣା ବିଧାୟକ ଅମର ନାୟକ ନିର୍ବାଚନ ସମୟରେ ମାଟି ପୁଅ ନାରା ଦେବା ଓ ବର୍ତ୍ତମାନ ସମୟରେ ମାଟି ପାଇଁ ମୁହଁ ନ ଖୋଲୁଥିବା ଯୋଗୁଁ କଡ଼ା ନିନ୍ଦା କରାଯାଇଛି । ଯଦି ସରକାର ଚଣ୍ଡିଖୋଲକୁ ଏନଏସି ଘୋଷଣା ନ କରନ୍ତି ତେବେ ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରିବାକୁ ଚେତାବନୀ ଦେବା ସହ ମୁଖ୍ୟମନ୍ତ୍ରୀଙ୍କୁ ଚଣ୍ଡିଖୋଲ ଦେଇ ତାଙ୍କ ଜନ୍ମମାଟି କେଉଁଝର କୁ ଛଡ଼ା ଯିବ ନାହିଁ ବୋଲି କହିଛି ବଡ଼ଚଣା ବିଜେଡ଼ି । ବଡ଼ଚଣା ର ସାଧାରଣ ଲୋକ, ବୁଦ୍ଧିଜୀବୀ, ଯୁବ ଛାତ୍ର, ମହିଳା ମାନେ ଯୋଗଦେଇ ଏହି ପ୍ରତିବାଦ ସଭାରେ ଯୋଗଦେବାକୁ ନିବେଦନ କରିଛି ବିଜେଡ଼ି ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାପରିଷଦ ଉପାଧ୍ୟକ୍ଷ ଗଣେଶ୍ୱର ବରାଳ, ଧନେଶ୍ୱର ବେହେରା, ନିରଞ୍ଜନ ବିଶ୍ୱାଳ, ଆଶିଷ ରଞ୍ଜନ ଚୌଧୁରୀ, ସୂର୍ଯ୍ୟକାନ୍ତ ପରିଡା , ପ୍ରଦୀପ୍ତ କୁମାର ମହାନ୍ତି, ରବୀନ୍ଦ୍ର ସାମଲ ବହୁ ବିଜେଡି କର୍ମୀମାନେ ଉପସ୍ଥିତ ଥିଲେ।

# ସବ୍‌ରେଜିଷ୍ଟାରଙ୍କ ନାମରେ ମାମଲା ରୁଜୁ

## ଓକିଲଙ୍କୁ ଅଶାଳୀନ ବ୍ୟବହାର ଓ ଲାଞ୍ଚ ମାଗିବା ଘଟଣା

ରଣପୁର(ଭାସ୍କର ନ୍ୟୁଜ୍): ନୟାଗଡ଼ ଜିଲ୍ଲା ରଣପୁର ସବ୍ ରେଜିଷ୍ଟାର ଅଫିସରେ ଲାଞ୍ଚ କାରବାର ସହ ସବ୍‌ରେଜିଷ୍ଟରଙ୍କ ଅଶାଳୀନ ବ୍ୟବହାର ନେଇ ଅନେକ ଆଲୋଚନା ହେଉଥିଲା। ଯାହାକି ଜିଲ୍ଲା ଜିଲ୍ଲା ରେଜିଷ୍ଟର ଙ୍କ ନିକଟରେ ପହଞ୍ଚିଥିଲା। କିନ୍ତୁ ଓକିଲ ଙ୍କୁ ଅଶାଳୀନ ବ୍ୟବହାର ସହ ଲାଞ୍ଚ ମାଗିବା ଘଟଣାରେ ରଣପୁର ସବ୍ ରେଜିଷ୍ଟର ବିଶ୍ୱଜିତ ଦାଶଙ୍କ ନାମରେ ମାମଲା ରୁଜୁ ହୋଇଥିବା ଜଣାପଡିଛି। ଗତ ଜୁଲାଇ ୩୦ ତାରିଖରେ ରଣପୁର କୋର୍ଟ ର ଓକିଲ ରାଜେନ୍ଦ୍ର ବଳବନ୍ତରାୟ ଏକ ଜମି ରେଜିଷ୍ଟ୍ରେସନ ପାଇଁ ସବ ରେଜିଷ୍ଟରଙ୍କ ମୁଖ୍ୟ କିରାଣୀ ପାଖରେ ଦଲିଲ ଦାଖଲ କରିଥିଲେ। ଅଫିସ କହିବା ମୁତାବକ ବେଞ୍ଚ୍ ମାର୍କ ଭାଲ୍ୟୁଏସନ ରହିଥିଲା। ଓକିଲଙ୍କୁ କହିଥିଲେ ତୁମେ ଦିନ ୨ ଟା ପରେ ଆସ। ଓକିଲ ବଳବନ୍ତରାୟ ପହଞ୍ଚିବାରେ ସବ୍‌ରେଜିଷ୍ଟର ଦାଶ ତାଙ୍କୁ ଅଶାଳୀନ ବ୍ୟବହାର ସହ ତୁମର ଦଲିଲ୍ ଅଣ୍ଡର ଭାଲ୍ୟୁଏସନ ଅଛି ୨୦ ହଜାର ଟଙ୍କା ଦେଲେ ପଞ୍ଜିକରଣ କରାଯିବ ବୋଲି କହିଥିଲେ। ଏନେଇ ଓକିଲ ମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେବା ସହ ଆପୋଷ ଆଲୋଚନା ପାଇଁ ଚେଷ୍ଟା ଜାରି ରହିଥିଲା। ସମାଧାନ ନହେବାରୁ ଓକିଲ ବଳବନ୍ତରାୟ ଅଗଷ୍ଟ ୧୯ତାରିଖରେ ରଣପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ରଣପୁର ଥାନା ନିରୀକ୍ଷକ ଆଶିଷଦେବ ସାହୁ ସବ ରେଜିଷ୍ଟର ଦାଶଙ୍କ ନାମରେ ଏକ ମାମଲା ରୁଜୁ କରିବା ସହ ତଦନ୍ତ ଜାରି ରଖିଥିବା ଜଣାପଡିଛି।

# ମହୁ କୃଷି ସମବାୟ ସମିତିରେ ଭିଜିଲାନ୍ସ ଚଢଉ



ଆଳି (ଭାସ୍କର ନ୍ୟୁଜ ):କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ମହୁ ପ୍ୟାକ୍ସରେ ଚାଷୀଙ୍କ ଠାରୁ ଋଣ କରାଇବା ନିମନ୍ତେ ୧୦ ହଜାର ଟଙ୍କା ଲାଞ୍ଚ ନେବା ସମୟରେ ଭିଜିଲାନ୍ସ ଜାଲରେ ଆଳି ମହୁ କୃଷି ସମବାୟ ସମିତିର ସମ୍ପାଦକ ଧିରେନ୍ଦ୍ର ମହାନ୍ତି ଧରାପଡ଼ିଥିବା ସୂଚନା ମିଳିଛି । ସୂଚନା ସୂତ୍ରରୁ ପ୍ରକାଶ ଯେ ଆଳି କଟକ ସେଣ୍ଟ୍ରାଲ କୋ ଅପରେଟେଟିଭ ବ୍ୟାଙ୍କ ଅଧୀନ ମହୁ

## ଲାଞ୍ଚ ନେବା ସମୟରେ ସମ୍ପାଦକ ଗିରଫ

ପ୍ୟାକ୍ସରେ ଦୀର୍ଘ ଦିନ ହେବ ଦୁର୍ନୀତି ନେଇ ଅଭିଯୋଗ ହୋଇ ଆସୁଥିଲା । ଆଜି ମହୁ ପ୍ୟାକ୍ସ ଅଧୀନ ମହୁ ଗ୍ରାମର ଭାଗିରଥି ନାଥଙ୍କ ପୁଅ ବୀରେନ୍ଦ୍ର ନାଥଙ୍କ ଠାରୁ ଦେଢ଼ ଲକ୍ଷ ଟଙ୍କା ଋଣ କରାଇବା ନିମନ୍ତେ ୧୦ ହଜାର ଟଙ୍କା ଲାଞ୍ଚ ନେବା ସମୟରେ ଭିଜିଲାନ୍ସ ହାତରେ ଶ୍ରୀ ମହାନ୍ତି ଧରାପଡ଼ିଯାଇଛନ୍ତି । ଆଳି ମହୁ କୃଷି ସମବାୟ ସମିତିର ସମ୍ପାଦକ ଧିରେନ୍ଦ୍ର ମହାନ୍ତି ଧରାପଡ଼ିବା ପରେ ତାଙ୍କୁ ଜିଲ୍ଲା ଭିଜିଲାନ୍ସ କାର୍ଯ୍ୟାଳୟକୁ ନେଇଯାଇଥିଲେ । ଶ୍ରୀ ମହାନ୍ତି ଅଫିସ ସହିତ ବାସଗୃହ ଏବଂ ନମୌଜା ପୋଷ୍ଟ ଅଫିସ ସାମ୍ନା ଭଡା ଘରେ ରେଡ ଚାଲିଥିବା ସୂଚନା ମିଳିଛି ।

# ଗୋପାଳପୁର ସରପଞ୍ଚ ଦିଲ୍ଲୀରେ ସମ୍ବର୍ଦ୍ଧିତ



ବୋଲଗଡ (ଭାସ୍କର ନ୍ୟୁଜ୍): ଖୋର୍ଦ୍ଧା ଜିଲ୍ଲାରୁ ଏକମାତ୍ର ସରପଞ୍ଚ ଭାବେ ବୋଲଗଡ ବ୍ଲକ ଗୋପାଳପୁର ପଞ୍ଚାୟତରୁ ପ୍ରଥମ ଥର ସରପଞ୍ଚ ହୋଇଥିବା ପ୍ରଦୀପ ବାରିକ ମନୋନୀତ ହୋଇ ସ୍ୱାଧୀନତା ଦିବସରେ ଦିଲ୍ଲୀ ଲାଲକିଲ୍ଲା ଠାରେ ଯୋଗଦେଇଥିଲେ । ସେଠାରେ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ସ୍ୱାଧୀନତା ଦିବସ ପତାକା ଉତ୍ତୋଳନରେ ସାମିଲ ହୋଇଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିର୍ଦ୍ଦେଶକ୍ରମେ ଏୟାରପୋର୍ଟ ଅଥରିଟି ଅଫ ଇଣ୍ଡିଆ ଅଫିସର୍ସ ଇନଷ୍ଟିଚ୍ୟୁଟ ଠାରେ ଏକ ସ୍ୱତନ୍ତ୍ର ସମାରୋହ ଦିବସ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ସମାରୋହ ଦିବସରେ କେନ୍ଦ୍ର ପଞ୍ଚାୟତରାଜ ମନ୍ତ୍ରୀ ରାଜୀବ ରଞ୍ଜନ ସିଂ ଅଲିଆସ ଲଲାନ ସିଂ, କେନ୍ଦ୍ର ପଞ୍ଚାୟତିରାଜ ସେକ୍ରେଟାରୀ ବିବେକ ଭରଦ୍ୱାଜ ଏବଂ ୟୁନିଅନ ମିନିଷ୍ଟର ଅଫ ପଞ୍ଚାୟତିରାଜ ପ୍ରଫେସର ଏସ.ପି ସିଂ ବାଗେଲ ଉପସ୍ଥିତ ରହିଥିଲେ । ସମସ୍ତ ଅତିଥିମାନେ ଓଡିଶାର ୧୦ ଜଣ ଲୋକ ପ୍ରତିନିଧିମାନଙ୍କୁ ସମ୍ମାନିତ କରିଥିଲେ । ଆହୁରି ଲୋକମାନଙ୍କ ପାଇଁ କାମ କରି ଆଗକୁ ବଢିବା ପାଇଁ ପ୍ରେରଣା ଦେଇଥିଲେ। ଗୋପାଳପୁର ସରପଞ୍ଚ ପ୍ରଦୀପ ବାରିକଙ୍କୁ ଉପସ୍ଥିତ ଅତିଥିମାନଙ୍କ ମଧ୍ୟରୁ ପଞ୍ଚାୟତିରାଜ ୟୁନିଅନ ମନ୍ତ୍ରୀ ପ୍ରଫେସର ଏସ. ପି ସିଙ୍ଗ ବାଗେଲ ଟ୍ରଫି ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏହି ପୁରସ୍କାର ପାଇ ଶ୍ରୀ ବାରିକ କହିଛନ୍ତି ଏହା ମତେ ପ୍ରେରଣା ଯୋଗାଇଛି ଆଗାମୀ ଦିନରେ ପ୍ରତି ଜନସାଧାରଣମାନଙ୍କ ନିକଟରେ ପହଞ୍ଚି ସେବା କରିବା ପାଇଁ । ବାସ୍ତବରେ ମାନବ ସେବା ହିଁ ମାଧବ ସେବା ବୋଲି ସରପଞ୍ଚ ଶ୍ରୀ ବାରିକ କହିଛନ୍ତି । ବୋଲଗଡ ବ୍ଲକ ଆଜି ଦିଲ୍ଲୀ ଦରବାରରେ ପହଞ୍ଚି ପାରିଥିବାରୁ ବୋଲଗଡ ଅଞ୍ଚଳବାସୀ ସରପଞ୍ଚ ପ୍ରଦୀପଙ୍କୁ ପ୍ରଶଂସା କରିଛନ୍ତି ।

# 'ଆସ ସ୍କୁଲ ଯିବା' ଅଭିଯାନ




କେନ୍ଦୁଝର(ଭାସ୍କର ନ୍ୟୁଜ୍): ଅଧାରୁ ପାଠ ଛାଡିଥିବା, ଆଦୌ ସ୍କୁଲ ଯାଇନଥିବା ତଥା ବିଦ୍ୟାଳୟ ବାହାରେ ରହୁଥିବା ପିଲାଙ୍କୁ ଶିକ୍ଷା ମାଧ୍ୟମରେ ମୁଖ୍ୟ ସ୍ରୋତରେ ସାମିଲ କରିବା ଲକ୍ଷ୍ୟରେ ସାରା ରାଜ୍ୟରେ ଆସ ସ୍କୁଲ ଯିବା ଅଭିଯାନ ଚାଲିଥିବା ବେଳେ ନରଣପୁର ପଞ୍ଚାୟତ ଅନ୍ତର୍ଗତ ଘୁଗୁକେଶ୍ୱରୀ ଗୋଡାସାହି ସରକାରୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ମାନେ ସ୍କୁଲ ପିଲାଙ୍କୁ ନେଇ ଏହି ଅଭିଯାନ ଆରମ୍ଭ କରିଛନ୍ତି। ଏହି ଉପଲକ୍ଷେ ବିଦ୍ୟାଳୟରୁ ଏକ ରାଲି ବାହାରି ଘୁଗୁକେଶ୍ୱରୀ ଗୋଡାସାହି ପରିକ୍ରମା କରି ଘରକୁ ଘର ଯାଇ ୧୮ ବର୍ଷରୁ କମ ସମସ୍ତ ପିଲାଙ୍କୁ ବିଦ୍ୟାଳୟକୁ ପଠାଇ ଶିକ୍ଷାଲାଭ କରିବା ପାଇଁ ବୁଝାଇଥିଲେ। ଏଥିରେ ସରକାରୀ ପ୍ରାଥମିକ ବିଦ୍ୟାଳୟ,ଗୋଡା ସାହିକୁ ଆସୁଥିବା ପିଲାଙ୍କ ଅଭିଭାବକଙ୍କ ଭିତରେ ସଚେତନତାର ମନ୍ତ୍ର ପ୍ରଦାନ କରିଛନ୍ତି ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଲତା ଗିରି, ଶିକ୍ଷୟିତ୍ରୀ ଇନ୍ଦୁମତି ସାହୁ ଓ ବିନୋଦିନି ରାଉତ, ପିଲାମାନେ ହାତରେ ପ୍ଲାକାର୍ଡ ଓ ବ୍ୟାନର ଧରି ଗ୍ରାମ ପରିକ୍ରମା କରିବା ପରେ ବିଦ୍ୟାଳୟ କମିଟି ସଦସ୍ୟ ରବିନ ମୁଣ୍ଡା, ସବିତା ମହାନ୍ତ, ଅଭିଭାବକ ସଂଜୁଲତା ମହାରଣା, ଯଶୋଦା ମହାନ୍ତ, ପ୍ରିୟଙ୍କା ବେଜ, ଝିଲି ବାରିକ ପ୍ରମୁଖଙ୍କ ଉପସ୍ଥିତିରେ ବିଦ୍ୟାଳୟରେ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ଶିଶୁଙ୍କ ଶିକ୍ଷାକୁ ବାଧ୍ୟତାମୂଳକ କରାଯିବା ଦିଗରେ ସରକାରଙ୍କ ପ୍ରତିବଦ୍ଧତା ଓ ଉଦ୍ଦେଶ୍ୟ ବିଷୟରେ ଆଲୋଚନା କରାଯାଇଥିଲା। ସମସ୍ତଙ୍କ ଉଦ୍ୟମ ରହିଲେ ଘରେ ଘରେ ଶିକ୍ଷା ପହଞ୍ଚି ପାରିବ ବୋଲି ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ମଞ୍ଜୁଲତା ଗିରି ବୁଝାଇଥିଲେ। ପିଲାଙ୍କୁ ବିଭିନ୍ନ କାମରେ ନିୟୋଜିତ ନ କରାଇ ବିଦ୍ୟାଳୟରେ ଶିକ୍ଷାଲାଭ କରାଇଲେ ଭବିଷ୍ୟତରେ ସେମାନେ ଉଜ୍ଜ୍ୱଳ ଛାତ୍ର ଭାବେ ପ୍ରତିଷ୍ଠା ପାଇ ପାରିବେ ବୋଲି ସେ କହିଥିଲେ। ଏହା ସହିତ ପ୍ରତ୍ୟେକ ପିଲାଙ୍କ ଶିକ୍ଷା ପାଇବାର ଅଧିକାର ଉପରେ ମଧ୍ୟ ସରକାରଙ୍କ ଯୋଜନା ବିଷୟରେ ଆଲୋଚନା କରିଥିଲେ। ଶେଷରେ ଧନ୍ୟବାଦ ଅର୍ପଣ ସହିତ ସଭା ଶେଷ ହୋଇଥିଲା।

## 'ଆସ ଆମେ ବୁଲିଯିବା ଅଙ୍ଗନବାଡ଼ି କେନ୍ଦ୍ର' କାର୍ଯ୍ୟକ୍ରମ

ଭାପୁର (ଭାସ୍କର ନ୍ୟୁଜ୍): ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରାୟୋଜିତ କାର୍ଯ୍ୟକ୍ରମ 'ଆସ ଆମେ ବୁଲିଯିବା ଅଙ୍ଗନବାଡ଼ି କେନ୍ଦ୍ର' ବୁଧବାର ଦିନ ଭାପୁର ବ୍ଲକ ରାକମା ପଞ୍ଚାୟତର ରାକମା -୧ ଅଙ୍ଗନବାଡ଼ି କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି । ଏହିକ୍ରମରେ ପଞ୍ଚାୟତର ସରପଞ୍ଚ ସନ୍ତୋଷୀ ବେହେରା, ସମିତିସଭ୍ୟ ବାଲ ଗୋପାଳ ଷଡ଼ଙ୍ଗୀ, ୱାର୍ଡସଭ୍ୟ,ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟା ଓ ଅଭିଭାବକ ମାନେ ଅଙ୍ଗନବାଡ଼ି କେନ୍ଦ୍ର ପରିଦର୍ଶନ କରି କେଉଁ କେଉଁ କାର୍ଯ୍ୟକ୍ରମ ଚାଲିଛି ତାହା ଅଙ୍ଗନବାଡ଼ି କର୍ମୀ ନମିତା ପଟ୍ଟଯୋଶୀଙ୍କ ଠାରୁ ପଚାରି ବୁଝିଥିଲେ । ସ୍ୱଚ୍ଛତା କାର୍ଯ୍ୟକ୍ରମ, ଖାଦ୍ୟର ମାନ, ସକାଳର ଜଳଖିଆ, ଅନ୍ନ ପ୍ରସନ୍ନ, ସାଦଖିଆ, କିଶୋରୀମାନଙ୍କର ଆଦିକା କାର୍ଯ୍ୟକ୍ରମ, ଅରୁଣିମା କୋଣ, ଛାତ୍ରଛାତ୍ରୀଙ୍କ ପାଠପଢା ଆଦି ପରିଦର୍ଶନ ସହିତ ତଦାରଖ କରି ଫେରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମ ଅଙ୍ଗନବାଡ଼ି କେନ୍ଦ୍ରରେ ଠିକ୍ ରୂପେ ଚାଲି ଥିବାରୁ ପରିଦର୍ଶକ ଟିମ୍ ସନ୍ତୋଷ ପ୍ରକଟ କରିଥିଲେ ।

## ରାସ୍ତା କାର୍ଯ୍ୟରେ ଥିଲା ତ୍ରୁଟି, ଅଣଦେଖା କରିଥିଲା ବିଭାଗ

# ଦଦରା ରାସ୍ତା ପାଇଁ ଯାତାୟାତ ଠପ୍




କେନ୍ଦ୍ରାପଡା(ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ଜିଲ୍ଲା ଗ୍ରାମ୍ୟଉନ୍ନୟନ ବିଭାଗ ଅଧୀନରେ ଶାନ୍ତସାହିରୁ ଗଣ୍ଡାଖିଆ ପର୍ଯ୍ୟନ୍ତ ଯାଇଥିବା ପ୍ରମୁଖ ମୁଖ୍ୟ ରାସ୍ତା ଏବେ ଅଚଳ ହୋଇପଡିଛି । ଶାନ୍ତସାହି ମୁଖ୍ୟପୋଲ ଗଡାଣି ନିକଟରୁ ଆରମ୍ଭ କରି ଗଣ୍ଡାଖିଆ ପର୍ଯ୍ୟନ୍ତ ରାସ୍ତାର ଦୁଇ ପାର୍ଶ୍ୱ ଓ ମଝି ଅଂଶ ରେ ବଡ ବଡ଼ ଖାଲ ସୃଷ୍ଟି ହେବା ସହ ରାସ୍ତା ଦୁଇ ପାର୍ଶ୍ୱରୁ ପିଚୁ ଉଠିଯାଇଛି ଯାହାପାଇଁ ଦୁଇ ଚକିଆ ଯାନରୁ ଆରମ୍ଭ କରି ଚାରି ଚକିଆ ଯାନ ଯିବା ଅସମ୍ଭବ ହୋଇପଡିଛି। ପଥଚାରୀମାନେ ମଧ୍ୟ ଏହି ରାସ୍ତା ଦେଇ ଯାଇପାରୁନାହାନ୍ତି ବିଭିନ୍ନ ଗାଡ଼ି ଗୁଡ଼ିକ ଖାଲ ଖମା ଯୋଗୁଁ ପାର୍ଶ୍ୱ ବଦଳାଇ ଯାଉଥିବାରୁ ଦୁର୍ଘଟଣା ଆଶଙ୍କାରେ ଯାତାୟାତ ପାଇଁ ଭୟ କରୁଛନ୍ତି ପଥଚାରୀମାନେ । ଏହି ଗୋଟିଏ ରାସ୍ତା ଉପରେରେ ରାଜନଗର , ପଟ୍ଟାମୁଣ୍ଡାଇ , ମହାକାଳପଡା ଓ କେନ୍ଦ୍ରାପଡ଼ା ଗ୍ରାମାଞ୍ଚଳର ହଜାର ହଜାର ଲୋକ ନିର୍ଭର ଶିଳ ହେଉଥିବା ବେଳେ ରାସ୍ତାର ଶୋଚନୀୟ ଅବସ୍ଥା ପାଇଁ ଦୈନନ୍ଦିନ ଯାତାୟାତ ପ୍ରଭାବିତ ହୋଇଛି। ୨ବର୍ଷ ପୂର୍ବରୁ ଏହି ଶାନ୍ତସାହିଠୁ ଗଣ୍ଡାଖିଆ ରାସ୍ତାରେ ଯାତାୟାତ ସମସ୍ୟା ଉପୁଜୁଥିବା କାରଣରୁ ଏହି ରାସ୍ତା ପୁନଃ ନିର୍ମାଣ ପାଇଁ ଗ୍ରାମ୍ୟ ନିର୍ମାଣ ବିଭାଜନ ପକ୍ଷରୁ ଟେଣ୍ଡର ଆହ୍ୱାନ କରାଯାଇ ଜଣେ ସ୍ପେଶାଲ କ୍ଲାସ୍ ଠିକାଦାରଙ୍କୁ ୧୨ କିଲୋମିଟର୍ ରାସ୍ତା ନିର୍ମାଣ ପାଇଁ ୮ କୋଟି ୯୭ ଲକ୍ଷ୍ୟ ୨୫ ହଜାର ଟଙ୍କା ଅର୍ଥ ରାଶି ଦିଆଯାଇଥିଲା। କାର୍ଯ୍ୟ ଆରମ୍ଭରୁ ଅନେକ ତ୍ରୁଟି ପରିଲକ୍ଷିତ ହୋଇଥିଲା । କାର୍ଯ୍ୟାଦେଶ ଅନୁଯାୟୀ ରାସ୍ତା ନିର୍ମାଣ ଆରମ୍ଭ ତାରିଖ ୦୮/୦୯/୨୧ ହୋଇଥିବା ବେଳେ ତା:୦୭/୧୨/୨୨ କାର୍ଯ୍ୟ ଶେଷ ତାରିଖ ଥିଲେ ହେଲେ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀ ଙ୍କ ମନମାନି ପାଇଁ ଏହି କାର୍ଯ୍ୟ ବିଳମ୍ବ ରେ ଆରମ୍ଭ କରାଯାଇଥିଲା। କାର୍ଯ୍ୟ ଆରମ୍ଭ ରୁ ପୁରୁଣା ରାସ୍ତା ର ଗୋଡ଼ି ମେଟାଲ ବ୍ୟବହାର କରି ରାସ୍ତା କରୁଥିବା ଅଭିଯୋଗ ହୋଇଥିଲା। ରାସ୍ତା ନିର୍ମାଣ ର ଦିନକ ପରେ ପିଚୁ ମଧ୍ୟ ପରସ୍ତ ପରସ୍ତ ଉଠିବାକୁ ଆରମ୍ଭ ହୋଇଥିଲା। ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀ ମାନେ କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ସେହି କାର୍ଯ୍ୟ ରେ ବେନିୟମ ଭାବେ ଜଳ ସେଚନ ବିଭାଗ ବିନା ଅନୁମତି ରେ ରାସ୍ତା କଡ଼ ଗୋବରୀ କେନାଲ ପାର୍ଶ୍ୱରେ ପ୍ରାୟ ୫ କିଲୋମିଟରରୁ ଅଧିକ ୬ ଫୁଟ ଉଚ୍ଚତା ର କଂକ୍ରିଟ ୱାଲ ବନାଇ ଡେଭିଏସନ୍ କରାଇ ପାଖାପାଖି ୮୦ ଲକ୍ଷ ଟଙ୍କା ବିଭାଗୀୟ ଯନ୍ତ୍ରୀ ଅଧିକାରୀ ଓ ଠିକାଦାର ମିଳିମିଶି ଆତ୍ମସାତ କରିଥିବା ଜଣାପଡିଛି ଯାହାର ଭିଜିଲାନ୍ସ ତଦନ୍ତ ପାଇଁ ଆଗାମୀ ଦିନରେ ଦାବି କରିବେ ବୋଲି ଓସ୍ତପୁର୍ ସରପଞ୍ଚ ପ୍ରାର୍ଥୀ ରଶ୍ମିରଂଜନ ଚୌଧୁରୀ ପ୍ରକାଶ କରିଛନ୍ତି। ମାତ୍ର ୨୦୨୩ ମେ ମାସ ରେ ଅବହେଳିତ ଓ ନିମ୍ନମାନର ହୋଇ ସରିଥିବା ରାସ୍ତା ଏବେ ସଂପୂର୍ଣ୍ଣ ଭାବେ ଅଚଳ ଅବସ୍ଥାରେ ପଡ଼ିରହିଛି। ଅଧିକ୍ଷଣ ଯନ୍ତ୍ରୀ ବଦଳି ହୋଇଗଲେ ହେଲେ ରାସ୍ତା କାର୍ଯ୍ୟ ରେ ହୋଇଥିବା ତ୍ରୁଟି, ଦୁର୍ନୀତିର ତଦନ୍ତ କରାଇଲେ ନାହିଁ । ଏବେ ଲଗାଣ ବର୍ଷା ପାଇଁ ଏହି ରାସ୍ତା ଉପରେ ନିର୍ଭର କରୁଥିବା କେନ୍ଦ୍ରାପଡ଼ା ଜିଲ୍ଲାର ଅନେକ ଜନ ସଧାରଣଙ୍କ ଯାତାୟତ ଠପ୍ ହୋଇଯାଇଛି। ସନ୍ଧ୍ୟା ଏହି ପରଠୁ ରାସ୍ତାରେ ଯିବା ପାଇଁ ଭୟ କରୁଛନ୍ତି ବାଇକ୍ ଆରୋହୀଙ୍କ ପାଖରୁ ଆରମ୍ଭ କରି ସାଇକେଲରେ ନିତିଦିନ କାର୍ଯ୍ୟ ରୁ ଫେରୁଥିବା ଲୋକମାନେ ।

# ଓଳାଶୁଣୀ ପୀଠରେ ଏକାଠି ହେଲେ ବିଜେଡ଼ିର ପୂର୍ବତନ ପୁରୁଖା ନେତା



ବାଲିଚନ୍ଦ୍ରପୁର(ଭାସ୍କର ନ୍ୟୁଜ୍): ବଡ଼ଚଣା ବ୍ଲକ ପଲେଇ ପଞ୍ଚାୟତସ୍ଥିତ ଓଳାଶୁଣୀ ସନ୍ଥ ଅରକ୍ଷିତ ଦାସ ପୀଠ ଠାରେ ପୂର୍ବତନ ବିଜେଡ଼ି ପୁରୁଖା ନେତାମାନଙ୍କର ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହା ଏକ ରାଜନୈତିକ ସଭା ନୁହେଁ, ଏହା ଏକ ବନ୍ଧୁ ମିଳନ ବୈଠକ ବୋଲି ଉପସ୍ଥିତ କର୍ମକର୍ତ୍ତାମାନେ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥି, ସୌମ୍ୟରଞ୍ଜନ ପଟ୍ଟନାୟକ, ପ୍ରସନ୍ନ ପାଟସାହାଣୀ ପ୍ରମୁଖ ଯୋଗଦେଇଥିଲେ। ଏହା ସହିତ ସ୍ଥାନୀୟ ନିର୍ବାଚନ ମଣ୍ଡଳୀର କିଛି ନେତୃମଣ୍ଡଳୀ ଉପସ୍ଥିତ ରହିଥିଲେ। ଉପସ୍ଥିତ ବ୍ୟକ୍ତିବିଶେଷ ମାନେ ବର୍ତ୍ତମାନ ରାଜନୈତିକ ସ୍ଥିତି ଉପରେ ନିଜ ନିଜର ବ୍ୟକ୍ତିଗତ ଅଭିଭାଷଣ ରଖିଥିଲେ। ତେବେ ଆଗାମୀ ଦିନରେ ଗୋଟିଏ ନୂଆ ସମିକରଣ ରାଜନୈତିକ ଗୋଟିଏ ନୂଆ ସମିକରଣ ସୃଷ୍ଟି ହେବାର ସେମାନେ ଆଭାସ ଦେଇଥିବାର ସୂଚନା ମିଳିଥିବା ଜଣାପଡୁଛି। ଏହି କାର୍ଯ୍ୟକ୍ରମରେ ବନ୍ଧୁ ମିଳନ ଆଳରେ ଏକ ରାଜନୈତିକ ସମୀକରଣ ସୃଷ୍ଟି ହେବାର ସୂଚନା ମିଳୁଛି। ଦଳଗତ ନିର୍ବିଶେଷରେ ଏକ ସମୂହ ସଂଗଠନର ଆହ୍ୱାନ ଏ ବନ୍ଧୁ ମିଳନରେ ଆଭାସ ମିଳୁଥିବାର ସୂଚନା ମିଳୁଛି। ତେବେ ରାଜନୈତିକ ସମୀକରଣରେ ଏହି ବନ୍ଧୁ ମିଳନର ବିଶେଷ ଭାବରେ ଗୁରୁତ୍ୱ ବହନ କରୁଥିବା ପରିଲକ୍ଷିତ ହେଉଛି। ଏପରି ବନ୍ଧୁମିଳନ ନେଇ ସ୍ଥାନୀୟ ବୁଦ୍ଧିଜୀବୀ, ଉତ୍କଣ୍ଠା ପ୍ରକାଶ କରିଛନ୍ତି। ତେବେ ବର୍ତ୍ତମାନ ସରକାରକୁ ନେଇ ସର୍ବସାଧାରଣ କିପରି ତୃଣମୂଳ ସ୍ତରରୁ ସହଯୋଗ ପାଇପାରିବେ ସେ ନେଇ ସରକାରଙ୍କ ପାଖରେ ଦାବି ଉପସ୍ଥାପନା କରିଛନ୍ତି।

# ଉନ୍ନତିମୂଳକ କାର୍ଯ୍ୟ ପାଇଁ ତହସିଲଦାର ସମ୍ବର୍ଦ୍ଧିତ




ବୋଲଗଡ(ଭାସ୍କର ନ୍ୟୁଜ୍): ବୋଲଗଡ ତହସିଲଦାରଙ୍କ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟକ୍ରମକୁ ଦେଖି ଆଜି ବୋଲଗଡ କାର୍ଯ୍ୟରତ ସାମ୍ବାଦିକ ସଂଘ ପକ୍ଷରୁ ବୋଲଗଡ ତହସିଲଦାରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ପବିତ୍ର ସ୍ୱାଧୀନତା ଦିବସରେ ବୃଦ୍ଧାଶ୍ରମରେ ପହଂଚି ତହସିଲଦାର ଭୋ ଭୋ କାନ୍ଦିବା ଦୃଶ୍ୟ ବୋଲଗଡ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ସେହିଦିନ ତହସିଲଦାରଙ୍କ ପ୍ରୟାସରେ ୨ ଜଣ ବୃଦ୍ଧ ଆଶ୍ରମରୁ ଘରକୁ ଫେରିଥିଲେ। ଆଜିପର୍ଯ୍ୟନ୍ତ ପ୍ରତି ଅନୁଷ୍ଠାନ ଓ ବିଦ୍ୟାଳୟଗୁଡିକୁ ନିଜର ପଟା ପାଇନଥିବାବେଳେ ସେମାନଙ୍କୁ ପଟା ପ୍ରଦାନ କରିବା ସହିତ ଦୁଇ ଖାନା ସଂଶୋଧନରେ ସମସ୍ତ ଜନସାଧାରଣଙ୍କୁ ସଚେତନତା କରି ନୂଆ ପଟା ଦେବାରେ ବୋଲଗଡ ତହସିଲଦାର ଆଗରେ ରହିଛନ୍ତି । ଆଜି ସମସ୍ତଙ୍କ ଉପସ୍ଥିତିରେ ବୋଲଗଡ ତହସିଲଦାରଙ୍କ ନିକଟରେ ବୋଲଗଡ ସାମୁହିକ ବିକାଶ ବିଷୟରେ ଆଲୋଚନା କରାଯାଇଥିଲା । ବୋଲଗଡ ଏନଏସି ସହିତ ବୋଲଗଡ କୋର୍ଟ ପାଇଁ ଜାଗା, ବସ ଷ୍ଟାଣ୍ଡ ପାଇଁ ଜାଗା,ଆରଡି ଅଫିସ, ହର୍ଟିକଲଚର ଅଫିସ ଓ କୃଷି ଅଫିସ ସହିତ ୧୦ ଟି ପ୍ରକଳ୍ପ ବିଷୟରେ ଆଲୋଚନା ହୋଇଥିଲା। ଏହି ସମସ୍ତ କାର୍ଯ୍ୟକୁ ଖୁବ ଶୀଘ୍ର କରିବା ପାଇଁ ବୋଲଗଡ ତହସିଲଦାର ସମସ୍ତଙ୍କୁ ପ୍ରତିଶୃତି ଦେଇଛନ୍ତି । ବୋଲଗଡ ତହସିଲଦାର ବିଜୟ ସେଠୀ ୩ ଟି ଦାୟିତ୍ୱ ବୋଲଗଡ ବିଡ଼ିଓ, ବୋଲଗଡ ସବ ରେଜିଷ୍ଟାର ଓ ତହସିଲଦାର ଦାୟିତ୍ୱରେ ରହି ମଧ୍ୟ ଅନେକ କାର୍ଯ୍ୟକୁ ସଠିକ ରୂପେ ସମ୍ପାଦନା କରିପାରିଛନ୍ତି । କାର୍ଯ୍ୟରତ ସାମ୍ବାଦିକ ସଂଘର ସଭାପତି ନିରଞ୍ଜନ ନାୟକ, ସମ୍ପାଦକ ସତ୍ୟନାରାୟଣ ବାରିକ, ସହ ସମ୍ପାଦକ ନିରଞ୍ଜନ ସେଠୀ, ଉପଦେଷ୍ଟା ଦେବବ୍ରତ ହୋତା, ଦିପକ ପାହାଡ଼ସିଂହ, ପ୍ରଫୁଲ ସିଂହ,କାଶୀ ହୋତା, କାର୍ତ୍ତିକ ସ୍ୱାଇଁ, ସୁଶାନ୍ତ ପ୍ରଧାନ, ହାଡିବନ୍ଧୁ ଲେଙ୍କା,ସଂଜୀବ ସେଠୀ, ସୁରେଶ ସାମନ୍ତରାୟଙ୍କ ସମେତ ଯୁବ ସମାଜସେବୀ ପପୁ ମହାପାତ୍ର, ମନୋଜ କୁମାର ପଣ୍ଡା ଓ ଲଲାଟେନ୍ଦୁ କେଶରୀ ସିଂହ ଏବଂ ଓକିଲ ସୁଶ୍ରୀ ଗଉରୀ ଦେବୀ ପ୍ରମୁଖ ଉପସ୍ଥିତ ରହିଥିଲେ। ତହସିଲଦାର କହିଛନ୍ତି ମୁଁ ଅଫିସରେ ବସିବାକୁ ଚାହେଁ ନାହିଁ। ଗାଁ ଗାଁ ବୁଲି ଘର ଘର ଯାଇ ଲୋକଙ୍କ ସମସ୍ୟାକୁ ସମାଧାନ କରିବାକୁ ଚାହେଁ। କେବେ ହେଲେ ମୁଁ ଘର ଘର ବୁଲିବାକୁ କୁଣ୍ଠାବୋଧ କରିବି ନାହିଁ । ମୁଁ ଲୋକଙ୍କ ପାଇଁ କର୍ମଚାରୀ ଲୋକଙ୍କ ପାଇଁ ମୁଁ ଆସିଛି ମୋ ଦ୍ୱାରା ଯେତେ ସମ୍ଭବ ମୁଁ ସେତିକି କାର୍ଯ୍ୟ କରିବି । ବୋଲଗଡ ଅଞ୍ଚଳ ବାସୀ ମୋ ସହିତ ରହି ମତେ ସହଯୋଗକଲେ ଆମେ ସମସ୍ତେ ମିଳିମିଶି ବୋଲଗଡକୁ ଶୀର୍ଷର ବିକାଶରେ ପହଞ୍ଚାଇବାକୁ ଚେଷ୍ଟା କରିବା ବୋଲି ତହସିଲଦାର ଶ୍ରୀ ସେଠୀ କହିଥିଲେ।

# ପିଲାଙ୍କ ଜୀବନ ସହ ଖେଳୁଛି ହର୍ଷ ପବ୍ଲିକ ସ୍କୁଲ

କୋରେଇ(ଭାସ୍କର ନ୍ୟୁଜ୍): କୋରେଇରେ ମାତିଛନ୍ତି ଶିକ୍ଷା ମାଫିଆ। କିଛି ମାଫିଆ ବର୍ତ୍ତମାନ କୋରେଇ ବ୍ଲକରେ ଶିକ୍ଷା ଦାଇତ୍ୱରେ ଥିବା ଅଧିକାରୀମାନଙ୍କୁ ହାତ କରି ଶିକ୍ଷାପରି ମୌଳିକ ଆବଶ୍ୟକତାକୁ କଳଙ୍କିତ କରି ଅଭିଭାବକ ମାନଙ୍କୁ ପ୍ରଲୋଭନ ଦେଖାଇ ସରକାରୀ ଶିକ୍ଷା ପ୍ରତି ବିମୁଖ କରାଇ ଲୁଟ୍‌ର ନୂଆ ତରିକା ଆରମ୍ଭ କରିଦେଇଛନ୍ତି। ବେସରକାରୀ ଶିକ୍ଷାଅନୁଷ୍ଠାନ ଗୁଡିକର ଭିତ୍ତିଭୂମି ଠିକ ନଥିବା, ସେମାନଙ୍କ ପାଖରେ କୌଣସି ସିଆରଓ ନଥିବାବେଳେ କିଛି ଅନୁଷ୍ଠାନ ଅତି ବିପଦପୂର୍ଣ୍ଣ ଅବସ୍ଥାରେ ସେମାନଙ୍କ ଗାଡ଼ିରେ ପିଲାମାନଙ୍କୁ ନେବା ଆଣିବାର ଅଭିଯୋଗ ହେଉଛି। ଏମିତି ଏକ ବେସରକାରୀ ଶିକ୍ଷା ଅନୁଷ୍ଠାନ ହର୍ଷ ପବ୍ଲିକ ସ୍କୁଲ, ଯାହାକି ଶାଳକଣାରେ ଅବସ୍ଥିତ। ଅନୁଷ୍ଠାନରେ ଅଣ ତାଲିମପ୍ରାପ୍ତ ଶିକ୍ଷକମାନେ ଶିକ୍ଷାଦାନ କରୁଥିବା ବେଳେ ଅନ୍ୟ କୌଣସି ଯୋଗ୍ୟତାର ମାପଦଣ୍ଡ ନଥିବାର କଳା କାରନାମା ବିଗତ ଦିନରେ ବିଭିନ୍ନ ଗଣ ମାଧ୍ୟମ ପୃଷ୍ଠା ମଣ୍ଡନ କରିଥିବା ବେଳେ ଆଜି ସେହି ଅନୁଷ୍ଠାନର ଏକ ଗାଡ଼ି ଏକ ନାବାଳକ ଚଳାଇ ପିଲାମାନଙ୍କୁ ନେଇ ଯାଉଥିବାବେଳେ କୋରେଇ ଥାନା ଅଧିକାରୀ ରାକେଶ ତ୍ରିପାଠୀଙ୍କ ନଜର ପଡିଥିଲା। ଶ୍ରୀ ତ୍ରିପାଠୀ ତତକ୍ଷଣାତ ଗାଡିଟିକୁ ଅଟକାଇ ତାଙ୍କ ଡ୍ରାଇଭରକୁ ସ୍କୁଲ ଗାଡ଼ି ଚଳାଇ ନେଇ ପିଲାମାନଙ୍କୁ ସେମାନଙ୍କ ଘରେ ଛାଡ଼ି ଗାଡ଼ିଟିକୁ ଜବତ କରି ଥାନାକୁ ଆଣିଥିବା ଜଣାପଡିଛି। ଥାନା ଅଧିକାରୀଙ୍କ ଏପରି କାମପାଇଁ ସର୍ବ ସାଧାରଣରେ ପ୍ରଶଂସା କରାଯାଉଥିବା ବେଳେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି ହେଉଛି।

# ଭକ୍ତ ବଳରାମ ଦାସ ଗାଦିପୀଠର ଉନ୍ନତିକରଣ

# ଆଳରେ ସରକାରୀ ଅର୍ଥର ଦୁରୁପଯୋଗ ଅଭିଯୋଗ

ଗୋପ (ଭାସ୍କର ନ୍ୟୁଜ୍): ମହାପ୍ରଭୁ ଶ୍ରୀ ଜଗନ୍ନାଥ ଙ୍କ ଗୁପ୍ତ ଶ୍ରୀକ୍ଷେତ୍ର ଭବେ ପରିଚିତ ପୁରୀ ଜିଲ୍ଲା ଗୋପ ବ୍ଲକ ଅନ୍ତର୍ଗତ ବେଦପୁର ପଂଚାୟତ ବେଗୁନିଆ ଗ୍ରାମ ଠାରେ ଥିବା ଭକ୍ତ ବଳରାମ ଦାସଙ୍କ ଗାଦି ପୀଠ ତଥା ସମାଧି ପୀଠର ଉନ୍ନତିକରଣ ଓ ସୌନ୍ଦର୍ଯ୍ୟ କରଣ ହେବ । ଏଥିରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଅନୁମାନ କରାଯାଇଥିବା ବେଳେ ପର୍ଯ୍ୟଟନ ବିଭାଗର ଏକ ଦୁଇଜଣିଆ ସ୍ୱତନ୍ତ୍ର ଟିମ୍ ଏହାର ସ୍ଥିତି ଅନୁଧ୍ୟାନ କରି ଫେରିଛନ୍ତି। ପର୍ଯ୍ୟଟନ ବିଭାଗର କନିଷ୍ଠଯନ୍ତ୍ରୀ ସାଗର ରାଉତ ଏବଂ ସ୍ଥପତି ସ୍ୱପ୍ନଜିତ୍ ବେହେରା ପ୍ରମୁଖ ଏହି ପୀଠରେ ପହଁଚି ଭକ୍ତ ବଳରାମ ଦାସଙ୍କ ଗାଦି ପୀଠର ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିବା ସହିତ କେଉଁ କେଉଁ ଉନ୍ନତି ଓ ସୌନ୍ଦର୍ଯ୍ୟ କରଣ କାର୍ଯ୍ୟ ପୀଠ ନିମନ୍ତେ ଆବଶ୍ୟକ ତାହାର ସବିଶେଷ ଯୋଜନା ପ୍ରସ୍ତୁତ କରି ନକ୍ସା ପ୍ରସ୍ତୁତ କରିଥିଲେ । ହେଲେ ଏହି କାର୍ଯ୍ୟ କେବେ ହେବ ତାହା ଅନିଶ୍ଚିତତା ମଧ୍ୟରେ ରହିଥିବା ବେଳେ ସରକାରୀ ଅଧିକାରୀ ଏବଂ ନେତା ମନ୍ତ୍ରୀ ମାନେ ବାରମ୍ବାର ପରିଦର୍ଶନ ଆଳରେ ଆସି ସରକାରୀ ତହବିଲରୁ ଲକ୍ଷଲକ୍ଷ ଟଙ୍କା ଦୁରୁପଯୋଗ କରୁଥିବା ସାଧାରଣରେ ଅଭିଯୋଗ ହୋଇଛି । ଭକ୍ତ ବଳରାମ ଦାସଙ୍କ ଏହି ପୀଠ ସମେତ ତାଙ୍କର ଜନ୍ମପୀଠ ଏରବଙ୍ଗ ଠାରେ ଥିବା ବଳରାମ ମନ୍ଦିର ଦୀର୍ଘ ବର୍ଷ ହେଲା ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପାଇଥିଲେ ମଧ୍ୟ ସରକାର ଏବଂ ପ୍ରଶାସନର ଉଦାସୀନତା ମନୋଭାବ ଯୋଗୁଁ ତାହା ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି । ଗାଦୀ କୁ ଯାତାୟତ ନିମନ୍ତେ ଭଲ ପକ୍କା ରାସ୍ତା କି ପିଚୁ ରାସ୍ତାଟିଏ ନଥିବା ବେଳେ ଜନ୍ମ ପୀଠରୁ ସମାଧି ପୀଠକୁ ଏକ ସଂଯୋଗୀ କରଣ ରାସ୍ତା ସମେତ ଏହି ଦୁଇ ପୀଠର ଉନ୍ନତିକରଣ ଏବଂ ସୌନ୍ଦର୍ଯ୍ୟକରଣ ନିମନ୍ତେ ପୂର୍ବ ସରକାରଙ୍କ ସମୟରେ ୩ ଜଣ ପର୍ଯ୍ୟଟନ ମନ୍ତ୍ରୀ ୩ ଥର ଶିଳାନ୍ୟାସ କରିଥିଲେ ମଧ୍ୟ ମନ୍ତ୍ରୀଙ୍କ ଏହି ପ୍ରତିଶ୍ରୁତି ପ୍ରତିଶ୍ରୁତିରେ ହିଁ ରହିଯାଇଛି । ଯାହାଫଳରେ ପର୍ଯ୍ୟଟକ ଆସିବା ତ ଦୂରର କଥା ସ୍ଥାନୀୟ ଲୋକେ ସେଠାକୁ ଯିବା ପାଇଁ ନାରାଜ ହୋଇଥାନ୍ତି । ପରେ ଜିଲ୍ଲା ପ୍ରଶାସନ ଏବଂ ରାଜ୍ୟ ପ୍ରଶାସନ ଅଧିକାରୀ ଅନେକ ଥର ଏହାର ଉନ୍ନତିକରଣ ନିମନ୍ତେ ପରିଦର୍ଶନରେ ଆସି ସ୍ଥିତି ଅନୁଧ୍ୟାନ କରି ଫେରିଛନ୍ତି । ଅଧିକାରୀମାନଙ୍କ ସହ ନେତା ମନ୍ତ୍ରୀମାନେ ବାରମ୍ବାର ପରିଦର୍ଶନରେ ଆସିଛନ୍ତି। ଏଥିପାଇଁ ସକାରୀ ତହବିଲ୍ ରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇଛ । ମାତ୍ର କୌଣସି ବକାଶ ହୋଇନାହିଁ କି ଅଂଚଳବାସୀଙ୍କୁ କୌଣସି ସୁଫଳ ମିଳିନାହିଁ । କେବଳ ଅଶ୍ୱାସନା ଏବଂ ପ୍ରତିଶୃତିରେ ହିଁ ପୀଠର ବିକାଶ ଅଟକି ରହିଛି । ଯାହାକୁ ନେଇ ଏହି ଅନୁଧ୍ୟାନ ସରକାରଙ୍କ କେତେ ଯେ କାର୍ଯ୍ୟକାରୀ ହେବ ତାହା ସଂନ୍ଦେହ ଘେରରେ ରହିଥିବା ବୁଦ୍ଧିଜୀବୀ ମହଲରେ ମତ ପ୍ରକାସ ପାଇଛି। ଏହି ଗାଦୀ ପୀଠ କୁଶଭଦ୍ରା ନଦୀ କୂଳରେ ଅବସ୍ଥିତ ଥିବା ବେଳେ ଏହି ପ୍ରାଚୀନ ଗାଦିପୀଠ ସହ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିବିଡ ସଂପର୍କ ରହିଥିବାରୁ ଏହି ପୀଠକୁ ଗମନାଗମନ ସୁବିଧା, ଭକ୍ତ ବଳରାମଦାସଙ୍କ ମହାତ୍ମ୍ୟ, ଓ ଶ୍ରୀ ଜଗନ୍ନାଥଙ୍କ ପ୍ରତି ଅପାର ଭକ୍ତି ସଂପର୍କରେ ସମଗ୍ର ଦେଶରେ ପ୍ରଚାର ପ୍ରସାର କରିବା ସହିତ ଏକ ସଂଗ୍ରହାଳୟ ନିର୍ମାଣ, ପୀଠର ପାରିପାର୍ଶ୍ୱିକ, ପର୍ଯ୍ୟଟକ ଏବଂ ଶ୍ରଦ୍ଧାଳୁମାନଙ୍କ ନିମନ୍ତେ ଯାତ୍ରୀ ନିବାସ ନିର୍ମାଣ, ପାନୀୟ ଜଳଯୋଗାଣ ବ୍ୟବସ୍ଥା, ଶୌଚାଳୟ ଓ ସ୍ନାନାଗାର ସମେତ ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ କରିବା ପାଇଁ ସାଧାରଣରେ ଦାବି ହୋଇଛି ।

# ରାସ୍ତା ନିର୍ମାଣରେ ତଞ୍ଚକତା ଅଭିଯୋଗ

ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ୍): ନିଶ୍ଚିନ୍ତକୋଇଲି ବ୍ଲକ ପ୍ରଶାସନ ତରଫରୁ ବୁହାଲୋ ଗ୍ରାମପଂଚାୟତ ଜମରା ଗ୍ରାମରେ ୨ଟି ରାସ୍ତା ନିର୍ମାଣରେ ବ୍ୟାପକ ଟଂଚକତା ଓ ଜାଲିଆତି କରାଯାଇଥିବାର ଅଭିଯୋଗ ହୋଇଛି। ଅତ୍ୟନ୍ତ ନିମ୍ନମାନର ନାମକୁ ମାତ୍ର କାର୍ଯ୍ୟକରି ସରକାରୀ ରାଜକୋଷରୁ ୩ଲକ୍ଷ ଟଙ୍କା ଉଠାଇ ନେବା ନିମନ୍ତେ ମସୁଧା ଚାଲିଥିବାର ଅଭିଯୋଗ ହୋଇଛି। ଏହାର ତଦନ୍ତ ଦାବି ହୋଇଛି। ଜମରା ଗ୍ରାମର ବାଲିଚତୁରୀ ଠାରୁ ବାଉରୀବନ୍ଧୁ ଘର ପର୍ଯ୍ୟନ୍ତ ରାସ୍ତାର ଉନ୍ନତି କରଣ ନିମନ୍ତେ ଗତ ୨୦୨୪-୨୫ ଆର୍ଥିକ ବର୍ଷରେ ସ୍ଥାନୀୟ ବିଧାୟକ ୨ଲକ୍ଷ ଟଙ୍କା ଓ ସେହିସ୍ଥାନରେ ବାଲିଚତୁରୀ ଛକ ଠାରୁ ଚରଣ ମଲିକ ଘର ପର୍ଯ୍ୟନ୍ତ କଂକ୍ରୀଟ ରାସ୍ତା ନିର୍ମାଣ ନିମନ୍ତେ ୧ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ। ବ୍ଲକର ବିଭାଗୀୟ ଯନ୍ତ୍ରୀଙ୍କ ନାମରେ କାର୍ଯ୍ୟାଦେଶ ଦିଆଯାଇଥିଲା। ତେବେ ବିଭାଗୀୟ ଯନ୍ତ୍ରୀ ଏହି ସ୍ଥାନରେ ୨ଟି ଗାର୍ଡୱାଲ ନାମକୁ ମାତ୍ର ନିର୍ମାଣ କରିଛନ୍ତି। ଏହି ଗାର୍ଡୱାଲ ନିର୍ମାଣ ଅଟକଳ ଅନୁଯାୟୀ କରାଯାଇ ନଥିବାର ଅଭିଯୋଗ ହୋଇଛି। ଗାର୍ଡୱାଲ ନିର୍ମାଣରେ ଅତ୍ୟନ୍ତ ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର କରାଯାଇଥିବା କାରଣରୁ ଗାର୍ଡୱାଲର ସ୍ଥାୟୀତ୍ୱ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ଅପରପକ୍ଷରେ ବିଭାଗୀୟ ଯନ୍ତ୍ରୀଙ୍କ ନାମରେ କାର୍ଯ୍ୟାଦେଶ ଥିଲା ବେଳେ ସ୍ଥାନୀୟ କେତେକ କୁଜିନେତା ଏହି କାର୍ଯ୍ୟ ନିଜ ଇଚ୍ଛାମୁତାବକ କରିଥିବାର ଅଭିଯୋଗ ହୋଇଛି। ତେବେ ବିଭାଗୀୟ ଅଧିକାରୀ କାର୍ଯ୍ୟର ତଦାରଖ କରିନଥିବାର ଅଭିଯୋଗ ହୋଇଛି।

କଟକ(ଭାସ୍କର ନ୍ୟୁଜ୍): ରାଜ୍ୟରେ ବିଦ୍ୟାଳୟ ଗୁଡ଼ିକରେ ଅତିଥି ଶିକ୍ଷକ ନିଯୁକ୍ତିରେ ବିଳମ୍ବ ହେଉଥିବା ଅଭିଯୋଗ କରିଛି ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) । ଏହା ଦ୍ୱାରା ପାଠପଢ଼ା ମଧ୍ୟ ବିଳମ୍ବ ହେଉଥିବା ଦର୍ଶାଇ ଛାତ୍ରଛାତ୍ରୀଙ୍କ ଉପରେ ଏହାର ପ୍ରଭାବ ପଡିବ ବୋଲି ସଂଗଠନ ପକ୍ଷରୁ ଅଭିଯୋଗ କରାଯାଇଛି । ସଂଗଠନ ପକ୍ଷରୁ କୁହାଯାଇଛି ଯେ ରାଜ୍ୟରେ ବହୁମାତ୍ରାରେ ଶିକ୍ଷକ ଓ ଶିକ୍ଷା କର୍ମଚାରୀ ଅବସର ନେଇଯିବା ପରେ ଏବେ ବିଦ୍ୟାଳୟଗୁଡ଼ିକ ଶିକ୍ଷକ ଶୂନ୍ୟ ବା କେତେକ ସ୍ଥାନରେ ଜଣେ ଦୁଇଜଣ ଶିକ୍ଷକରେ ବିଦ୍ୟାଳୟ ଚାଲୁଅଛି । ଶିକ୍ଷାବର୍ଷ ଆରମ୍ଭରୁ ସରକାର ଅତିଥି ଶିକ୍ଷକ ନିଯୁକ୍ତି ଦେବା କଥା । ବାରମ୍ବାର ଦାବୀ ହେଲେ ମଧ୍ୟ ବିଳମ୍ବରେ ବିଜ୍ଞପ୍ତି ପ୍ରକାଶ ପାଇଛି । ତେଣୁ ନିଯୁକ୍ତିରେ ବିଳମ୍ବ ହେଉଥିବାରୁ ଅଗଣିତ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ବାଧକ ସାଜୁଛି ବୋଲି ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା)ର ସାଧାରଣ ସମ୍ପାଦକ ରନ କୁମାର ଦାଶ, ସଭାପତି ଅକ୍ଷୟ କୁମାର ମିଶ୍ର, କାର୍ଯ୍ୟକାରୀ ସଭାପତି ନିଳମଣୀ ପୁରୋହିତ, ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ, ଯୁଗ୍ମ ସାଧାରଣ ସମ୍ପାଦକ ବ୍ରଜ କିଶୋର ବିଶ୍ୱାଳ, କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର ଏବଂ ଶିକ୍ଷାପ୍ରଦୀପ ସମ୍ପାଦକ ଶଙ୍କର କୁମାର ସୁବୁଦ୍ଧି ପ୍ରମୁଖ ଏକ ପ୍ରେସ୍ ଇସ୍ତାହାରରେ ଜଣାଇଛନ୍ତି ।

## ଉତ୍କଳ ବିଶ୍ୱବିଦ୍ୟାଳୟ ଆଲୁମିନି ଆସୋସିଏସନ୍‌ର ପଞ୍ଚମ ବାର୍ଷିକ ସମାରୋହ

# ପୁରାତନ ଛାତ୍ରଛାତ୍ରୀ ସାମାଜିକ ପରିବର୍ତ୍ତନର ଦାୟିତ୍ୱ ନିଅନ୍ତୁ: ରାଜ୍ୟପାଳ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଶ୍ୱବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀମାନେ ଶିକ୍ଷାକୁ ଏକ ସାମୁହିକ ଦାୟିତ୍ୱ ଭାବରେ ଗ୍ରହଣ କରିବା, ସେମାନଙ୍କର ଜ୍ଞାନକୁ ସମାଜର ଉନ୍ନତି ଏବଂ କରୁଣାପୂର୍ଣ୍ଣ ସମାଜ ଗଠନ ପାଇଁ ବ୍ୟବହାର କରିବା ସହ ସାମାଜିକ ପରିବର୍ତ୍ତନର ଦାୟିତ୍ୱ ନିଅନ୍ତୁ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି ଆହ୍ୱାନ ଜଣାଇଛନ୍ତି। ଗୁରୁବାର ଅପରାହ୍ନରେ ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାରର ଏମ୍‌କେସିଜି ଅଡିଟୋରିୟମ୍ ଠାରେ ଉତ୍କଳ ବିଶ୍ୱ ବିଦ୍ୟାଳୟର ଆଲୁମିନି ଆସୋସିଏସନ୍‌ର ପଞ୍ଚମ ବାର୍ଷିକ ସମାରୋହରେ ମୁଖ୍ୟ ଅତିଥି ଭାବେ ଉଦ୍‌ବୋଧନ ଦେଇ ରାଜ୍ୟପାଳ ଏହି ଆହ୍ୱାନ ଜଣାଇଛନ୍ତି। ନିଜ ଉଦ୍‌ବୋଧନରେ ରାଜ୍ୟପାଳ କହିଥିଲେ ଯେ, ଶିକ୍ଷା କେବଳ ବ୍ୟକ୍ତିଗତ ସଫଳତା ନୁହେଁ ଏହା ସମାଜକୁ ଆଲୋକିତ ଏବଂ ପରିବର୍ତ୍ତନ କରିବା ପାଇଁ ଜୀବନବ୍ୟାପୀ ଦାୟିତ୍ୱ। ଆଠଟି ଗୌରବମୟ ଦଶନ୍ଧିରୁ ଅଧିକ ସମୟ ଧରି ଉତ୍କଳ ବିଶ୍ୱ ବିଦ୍ୟାଳୟ ଜ୍ଞାନର ଏକ ଉଜ୍ଜଳ ଆଲୋକପଥ ହୋଇ ନେତୃତ୍ୱକୁ ଆକାର ଦେଇଛି ବୋଲି ରାଜ୍ୟପାଳ କହିବା ସହିତ ବିଶ୍ୱବିଦ୍ୟାଳୟର ଅଭିବୃଦ୍ଧିକୁ ପ୍ରଶଂସା କରିଥିଲେ । ଏହି ସମାରୋହରେ ମୁଖ୍ୟ ବକ୍ତା ଭାବେ ଆଡଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟ ଯୋଗ ଦେଇ ନିଜ ବକ୍ତବ୍ୟରେ ଉତ୍କଳ ବିଶ୍ୱବିଦ୍ୟାଳୟର ଗରିମାମୟ ଇତିହାସ ଓ ପରଂପରା ଏବଂ ରାଜ୍ୟ ତଥା ଦେଶ ପ୍ରତି ଅବଦାନ ସଂପର୍କରେ ଅବତାରଣା କରି ବିଶ୍ୱବିଦ୍ୟାଳୟ ସହ ଜଡିତ ତାଙ୍କର ସ୍ମୃତି ସଂପର୍କରେ ଉଲ୍ଲେଖ କରିଥିଲେ। ଏତଦ୍‌ବ୍ୟତୀତ ଆଲୁମିନି ଆସୋସିଏସନ୍‌ର ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ। ସମ୍ମାନନୀୟ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ଭାଇସ୍ ଚ୍ୟାନ୍‌ସେଲର ଯଜ୍ଞେଶ୍ୱର ଦଣ୍ଡପାଟ ବକ୍ତବ୍ୟ ପ୍ରଦାନ କରି ଆଲୁମିନି ଆସୋସିଏସନ୍‌ର ସହଯୋଗରେ ବିଶ୍ୱବିଦ୍ୟାଳୟର ପ୍ରଭୁତ ଉନ୍ନତି ସାଧିତ ହୋଇପାରିବ ବୋଲି କହିଥିଲେ। ପ୍ରାରମ୍ଭରେ ଆଲୁମିନି ଆସୋସିଏସନ୍‌ର ସଭାପତି-ତଥା-ଅବସରପ୍ରାପ୍ତ ବରିଷ୍ଠ ଆଇ.ପି.ଏସ୍. ଅଫିସର ଡ. ସତ୍ୟଜିତ ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଆଲୁମିନି ଆସୋସିଏସନ୍‌ର ଉଦ୍ଦେଶ୍ୟ ଏବଂ କାର୍ଯ୍ୟାବଳୀ ସଂପର୍କରେ ଆଲୋକପାତ କରିଥିଲେ। ଆଲୁମିନି ଆସୋସିଏସନ୍‌ର ସାଧାରଣ ସଂପାଦକ ଦେବେନ୍ଦ୍ର ପ୍ରସାଦ ଦାଶ ବକ୍ତବ୍ୟ ପ୍ରଦାନ କରି ଆଗାମୀ ଦିନରେ ଆଲୁମିନି ଆସୋସିଏସନ୍ କିପରି ପରିବ୍ୟାପ୍ତ ହୋଇ ଅଧିକ କ୍ରିୟାଶୀଳ ହେବ ସେ ସଂପର୍କରେ ଉଲ୍ଲେଖ କରିଥିଲେ। ଏହି ଅବସରରେ ଏକ ସ୍ମରଣିକା 'ଉତ୍କଳାୟନ' ଉନ୍ମୋଚିତ ହୋଇଥିଲା ଏବଂ ବିଭିନ୍ନ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ।

## ପ୍ରାଥମିକ ଶିକ୍ଷାକୁ ସୁଦୃଢ଼ କରିବା ଉପରେ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱାରୋପ

# ରାଜ୍ୟରେ ନିଯୁକ୍ତ ହେବେ ୪୫ ହଜାର ଶିକ୍ଷକ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଜାତୀୟ ଶିକ୍ଷାନୀତି ୨୦୨୦ ଅନୁସାରେ ଓଡ଼ିଶାରେ ପ୍ରାଥମିକ ଶିକ୍ଷାକୁ ସୁଦୃଢ଼ ଉପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁତ୍ୱାରୋପ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ୨୦୩୬ରେ ସମୃଦ୍ଧ ଓଡ଼ିଶା ଗଠନର ଲକ୍ଷ୍ୟ ପୂରଣ ପାଇଁ ପ୍ରାଥମିକ ଶିକ୍ଷାର ଯଥେଷ୍ଟ ଗୁରୁତ୍ୱ ରହିଛି। ମୁଖ୍ୟମନ୍ତ୍ରୀ କହିଛନ୍ତି ୨୦୩୬ରେ ସମୃଦ୍ଧ ଓଡ଼ିଶା ଗଠନର ଲକ୍ଷ୍ୟ ପୂରଣ କରିବା ପାଇଁ ପ୍ରାଥମିକ ଶିକ୍ଷାର ଯଥେଷ୍ଟ ଗୁରୁତ୍ୱ ରହିଛି। ଏହାକୁ ଦୃଷ୍ଟିରେ ରଖି ଗୁଣାତ୍ମକ ଶିକ୍ଷା ପ୍ରଦାନ ଉପରେ ଅଧିକ ଫୋକସ୍ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଗୁରୁବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କାର୍ଯ୍ୟକ୍ରମ ସମୀକ୍ଷା କରି ଏହି ପରାମର୍ଶ ଦେବା ସହ ଅନେକ ନୂତନ ନିଷ୍ପତ୍ତି ନେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ଅନୁଯାୟୀ, ସ୍କିମାଟିକ ପ୍ରାଥମିକ ଶିକ୍ଷକଙ୍କୁ ନିୟମିତ ପାଇଁ ପଦକ୍ଷେପ ଗ୍ରହଣ କରାଯିବ। ପ୍ରାଥମିକ ଶିକ୍ଷାକୁ ସୁଦୃଢ଼ ପାଇଁ ନୂତନ ଶିକ୍ଷାନୀତି ଅନୁଯାୟୀ ଅଧିକ ଶିକ୍ଷକଙ୍କ ଆବଶ୍ୟକତା ରହିଛି। ରାଜ୍ୟରେ ବର୍ତ୍ତମାନ ୪୫,୨୯୨ ପ୍ରାଥମିକ ବିଦ୍ୟାଳୟରେ ୧,୭୦,୩୧୯ ଶିକ୍ଷକ ପଦବି ରହିଛି। ନୂତନ ଶିକ୍ଷାନୀତି ଅନୁଯାୟୀ ଆଉ ୩୯, ୩୬୬ ପଦବୀ ସୃଷ୍ଟି କରାଯିବ। ଡିସେମ୍ବର ୨୦୨୫ ସୁଦ୍ଧା ୫,୦୬୭ ଶିକ୍ଷକ ପଦବି ମଧ୍ୟ ଖାଲି ହେବ। ସମସ୍ତ ପଦବିକୁ ମିଶାଇ ଆସନ୍ତା ୩ ବର୍ଷ ମଧ୍ୟରେ ୪୪,୪୩୩ ପଦବି ପୂରଣ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ବର୍ଷକୁ ପ୍ରାୟ ୧୫ ହଜାର ପଦବି ପୂରଣ କରାଯିବ। ରାଜ୍ୟର ମାଧ୍ୟମିକ ଶିକ୍ଷା ପରିଷଦ ଏବଂ ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦକୁ ମିଶାଇ ଗୋଟିଏ ବୋର୍ଡ ଗଠନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ରାଜ୍ୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ମାଗଣାରେ ପାଠ୍ୟପୁସ୍ତକ ଯୋଗାଇ ଦିଆଯାଉଥିବା ବେଳେ ନବମ ଓ ଦଶମ ଶ୍ରେଣୀରେ କେବଳ ଅନୁସୂଚିତ ଜାତି ଓ ଜନଜାତି ପିଲାଙ୍କୁ ପାଠ୍ୟପୁସ୍ତକ ଦିଆଯାଉଛି। ଏହି ବୈଠକରେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର, ଅର୍ଥ ବିଭାଗ ପ୍ରମୁଖ ସଚିବ ସଞ୍ଜୀବ ମିଶ୍ର, ବିଦ୍ୟାଳୟ ଓ ଗଣଶିକ୍ଷା ସଚିବ ଶାଳିନୀ ପଣ୍ଡିତ, ଓସେପାର ନିର୍ଦ୍ଦେଶିକା ଅନନ୍ୟା ଦାସ ଏବଂ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ରାଜ୍ୟରୁ ବଛାଯିବ ଯୁବ ଜ୍ୟୋତିର୍ବିଜ୍ଞାନୀ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ (ୟାଟସ୍)ର ୧୯ତମ ସଂସ୍କରଣ ଶୁଭାରମ୍ଭ ହୋଇଛି । ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଲୋକସେବା ଭବନସ୍ଥିତ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଏହି ଅଭିଯାନର ଶୁଭାରମ୍ଭ କରିଛନ୍ତି। ଏହି ସଂସ୍କରଣ ଟାଟା ଷ୍ଟିଲ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ଅଧୀନସ୍ଥ ପଠାଣି ସାମନ୍ତ ପ୍ଲାନେଟୋରିୟମ୍ ସହଭାଗିତାରେ ଆୟୋଜନ କରାଯାଉଛି । କିମ୍ବଦନ୍ତୀ ପୁରୁଷ ଓଡ଼ିଆ ଜ୍ୟୋତିର୍ବିଜ୍ଞାନୀ ପଠାଣି ସାମନ୍ତଙ୍କ ଜ୍ୟୋତିର୍ବିଜ୍ଞାନ ପ୍ରତି ରହିଥିବା ଅତୁଳନୀୟ ଅବଦାନର ପ୍ରଚାରପ୍ରସାର କରିବା ହେଉଛି ଏହାର ମୁଖ୍ୟ ଉଦ୍ଦେଶ୍ୟ । ଚଳିତ ବର୍ଷର ବିଷୟବସ୍ତୁ 'ଆଜିର ନକ୍ଷତ୍ରଦର୍ଶୀ, କାଲିର ମହାକାଶଚାରୀ' ଶୀର୍ଷକ ଉପରେ ଏହି ସଂସ୍କରଣ ଆୟୋଜିତ ହେଉଛି । ବିଭିନ୍ନ ଜିଲ୍ଲା ଓ ବ୍ଲକ୍ ସ୍ତରରେ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ଏବଂ ନବମ-ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ କୁଇଜ୍ ପ୍ରତିଯୋଗିତା ଓ ଅନ୍‌ଲାଇନ୍ ମାଧ୍ୟମରେ ପରୀକ୍ଷା କରାଯାଇ ଶ୍ରେଷ୍ଠ ଛାତ୍ରଛାତ୍ରୀଙ୍କୁ ଚୟନ କରାଯିବ । ସେମାନଙ୍କ ମଧ୍ୟରୁ ପ୍ରତି ଜିଲ୍ଲାରୁ ଶ୍ରେଷ୍ଠ ଦୁଇଛାତ୍ରଛାତ୍ରୀଙ୍କୁ ଆସନ୍ତା ଡିସେମ୍ବର ୧୩ରେ ଚୂଡ଼ାନ୍ତ ଚୟନ ପାଇଁ ଭୁବନେଶ୍ୱରକୁ ଆମନ୍ତ୍ରଣ କରାଯିବ । ବିଶେଷଜ୍ଞଙ୍କ ଦ୍ୱାରା ବ୍ୟକ୍ତିଗତ ଆଲୋଚନା, ପ୍ରସ୍ତୁତ ମଡେଲ ଓ ମୂଲ୍ୟାଙ୍କନ ଆଧାରରେ ଶ୍ରେଷ୍ଠ ୩୦ ବିଜେତାଙ୍କୁ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯିବ । ସେମାନେ ମଧ୍ୟ ଇସ୍ରୋ ଯାଇ ପ୍ରତ୍ୟକ୍ଷ ଜ୍ଞାନ ଅର୍ଜନର ସୁଯୋଗ ପାଇବେ । ଏହି ଅବସରରେ ମନ୍ତ୍ରୀ ଶ୍ରୀ ପାତ୍ର ଏହି ସଂସ୍କରଣର ପୁସ୍ତିକା ଉନ୍ମୋଚନ କରି କହିଛନ୍ତି ଯେ ସବୁବର୍ଗର ଛାତ୍ରଛାତ୍ରୀ ଏହି ଅଭିଯାନରେ ସାମିଲ ହେବାର ସମାନ ସୁଯୋଗ ରହିଛି । ଏହାଦ୍ୱାରା ଯୁବପିଢ଼ିଙ୍କ ମଧ୍ୟରେ ବୈଜ୍ଞାନିକ ମନୋଭାବ ସହ ଭବିଷ୍ୟତରେ ଭାରତ ଜ୍ୟୋତିର୍ବିଜ୍ଞାନ କ୍ଷେତ୍ରରେ ନୂତନ ସମ୍ଭାବନା ସୃଷ୍ଟି ହୋଇପାରିବ । ଏହି ଅବସରରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଶାସନ ସଚିବ ଭୂପିନ୍ଦର ସିଂ ପୁନିଆ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ଅତିରିକ୍ତ ଶାସନ ସଚିବ ଶିବାନୀ ମହାନ୍ତି ଓ ପୂଜା ମିଶ୍ର, ବିଲ ପରାମର୍ଶ ଦାତା ବିଦ୍ୟୁତ ପ୍ରଭା ରାଉତ, ପଠାଣି ସାମନ୍ତ ପ୍ଲାନେଟୋରିୟମ୍‌ର ନିର୍ଦ୍ଦେଶକ ଉର୍ମିପ୍ରଭା ମହାରଣା, ଚିନ୍ମୟୀ ଚେତନା ଦାସ, ଟାଟା ଷ୍ଟିଲର ମୁଖ୍ୟ ନିର୍ବାହୀ ଦେବାଶିଷ ଜେନା, ଅନନ୍ୟା ମିହିର ପ୍ରମୁଖ ଉପସ୍ଥିତ ଥିଲେ ।


# ଗଣେଶ ପୂଜା ପାଳନ ନିମନ୍ତେ ପ୍ରଶାସନିକ ପ୍ରସ୍ତୁତି ବୈଠକ



କଟକ(ଭାସ୍କର ନ୍ୟୁଜ୍): ଚଳିତବର୍ଷ ଗଣେଶ ପୂଜା-୨୦୨୫କୁ ସରସ ସୁନ୍ଦର ଓ ଶାନ୍ତିଶୃଙ୍ଖଳାର ସହ ପାଳନ ନିମନ୍ତେ ବିଭିନ୍ନ ଶାନ୍ତି କମିଟି କର୍ମକର୍ତ୍ତା ତଥା ପୂଜା କମିଟିର କର୍ମକର୍ତ୍ତାଙ୍କୁ ନେଇ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଦତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦଭାବନା ସଭାଗୃହରେ ଅନୁଷ୍ଠିତ ଗଣେଶ ପୂଜା ପାଳନ ଓ ଭସାଣୀ ପ୍ରସ୍ତୁତି ବୈଠକରେ ଜିଲ୍ଲା ପ୍ରଶାସନର ସମସ୍ତ ସଂପୃକ୍ତ ବିଭାଗ ସହ ପୂଜା କମିଟିମାନେ ସମନ୍ୱୟ ରକ୍ଷା କରି ଗଣେଶ ପୂଜା ପାଳନ ଓ ଭସାଣୀ ଉତ୍ସବ ସୁରୁଖୁରୁରେ ଅନୁଷ୍ଠିତ ହେବା ନେଇ ଆଲୋଚନା କରିଥିଲେ । ବୈଠକରେ ପୂଜା ଦିନ ଓ ଭସାଣୀ ସମୟରେ ଡିଜେ ବଦଳରେ ପାରମ୍ପରିକ ବାଦ୍ୟ ବ୍ୟବହାର କରି ଶୋଭାଯାତ୍ରା ନେଲେ ଶବ୍ଦ ପ୍ରଦୂଷଣ ରୋକିବା ସହ ପାରାମ୍ପରିକ ବାଦ୍ୟ ବଜାଇବା ଦ୍ୱାରା କଳାକାର ମଧ୍ୟ ରୋଜଗାର ପାଇବେ ବୋଲି ଆଲୋଚନା ହୋଇଥିଲା। ସମସ୍ତ ପୂଜାମଣ୍ଡପରେ ଅଗ୍ନିଶମ, ବିଦ୍ୟୁତ ଏବଂ ନିର୍ମାଣ ସମ୍ବନ୍ଧୀୟ ସୁରକ୍ଷା ପ୍ରମାଣପତ୍ର ହାସଲ କରିବାକୁ ପରାମର୍ଶ ଦିଆଯାଇଛି । ରାତି ୧୦ ପରେ ଡାକବାଜି ଯନ୍ତ୍ରର ବ୍ୟବହାର ନିଷେଧ ଏବଂ ସଂବେଦନଶୀଳ ସ୍ଥାନରେ କମ ଧ୍ୱନି କରିବା ସହ ଲେଜର ଲାଇଟକୁ ପୂଜାମଣ୍ଡପ ଓ ଭସାଣୀ ଉତ୍ସବରେ ବ୍ୟବହାର ନକରିବା, ନିଶାସେବନ ନକରି ପୂଜାକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ଗଣେଶ ପୂଜା ୨୭ରେ ପାଳନ କରାଯାଇ ୩ ପର୍ଯ୍ୟାୟରେ ଅଗଷ୍ଟ, ସେପ୍ଟେମ୍ବର ୭ ଓ ୧୪ରେ ଭସାଣୀ ଉତ୍ସବ ଅନୁଷ୍ଠିତ ହେବ । ବୈଠକରେ କଟକ ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ନାଥ ସାହୁ, ସଂପାଦକ ଭିକାରି ଦାସ, କଟକ ପୂର୍ବାଞ୍ଚଳ ଶାନ୍ତି କମିଟି ସଭାପତି ବିଜୟ କୁମାର ସାହୁ, ଶାନ୍ତି କମିଟିର ବରିଷ୍ଠ କର୍ମକର୍ତ୍ତା ଶିବେନ୍ଦ୍ର ହାତୀ, ନରସିଂହ ଚୌଧୁରୀ, ନରସିଂହ ସାହୁ ପ୍ରମୁଖ ଆଲୋଚନା କରିଥିଲେ । ଆୟୁକ୍ତ ସୁଶ୍ରୀ କିରନଦୀପ କୌର ସହୋତା କଟକ ମହାନଗର ନିଗମ ପକ୍ଷରୁ ସମସ୍ତ ଆବଶ୍ୟକୀୟ ମୌଳିକ କାର୍ଯ୍ୟ ଭସାଣୀ ପୂର୍ବରୁ ଶେଷ ହେବ ବୋଲି ସୂଚନା ଦେବାସହ କାର୍ଯ୍ୟାଳୟରେ ମଧ୍ୟ ଅଭିଯୋଗ ଗ୍ରହଣ କରାଯାଇ ସମାଧାନ ଉପରେ ସୂଚନା ପ୍ରଦାନ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ ସଭା ପରିଚାଳନା କରିଥିବା ବେଳେ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ ପ୍ରାରମ୍ଭିକ ସୂଚନା ପ୍ରଦାନ ସହ ପୂଜାକୁ ଶାନ୍ତି ଶୃଙ୍ଖଳା ସହ ପାଳନ ପାଇଁ ସମସ୍ତଙ୍କ ସହଯୋଗ କରିବାକୁ ଅନୁରୋଧ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ଈପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ଅରିତକ୍ତ ପୋଲିସ ଉପ-ଆୟୁକ୍ତ ଦେବଦତ୍ତ କର, ସମସ୍ତ ଅଧୀକ୍ଷଣ ଯନ୍ତ୍ରୀ ପୂର୍ତ୍ତ-୧ ଏବଂ ୨, ନଗର ସ୍ୱାସ୍ଥ୍ୟ ଅଧିକାରୀ, ଟିପିସିଓଡ଼ିଏଲ ନିର୍ବାହୀ ଯନ୍ତ୍ରୀଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀ ଉପସ୍ଥିତ ଥିଲେ।



ଓଡ଼ିଶା ଭାସ୍କର
ସମ୍ପାଦକୀୟ



ଯେହୁ କ୍ଷମା ଗୁଣେ ପର ତିରସ୍କାର
ଉପେକ୍ଷା କରଇ ଭବେ,
ଏହି ଚରାଚର ବ୍ରହ୍ମାଣ୍ଡ ଆୟତ୍ତ
ହୁଅଇ ତାହାର ଲବେ।

-ପଲ୍ଲୀକବି ନନ୍ଦକିଶୋର ବଳ



ବୈକୁଣ୍ଠ ସମାନ ଆହା ଅଟେ ସେହି ଘର,
ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର

-ଭକ୍ତକବି ମଧୁସୂଦନ ରାଓ



## ରୁଷ-ୟୁକ୍ରେନ୍ ଯୁଦ୍ଧ ବନ୍ଦ ପାଇଁ ପ୍ରୟାସ

# ରାଷ୍ଟ୍ରପତି ଟ୍ରମ୍ପଙ୍କ ମାରାଥନ୍ ବୈଠକ

ଗତ ସାଢ଼େ ତିନିବର୍ଷ ଧରି ଚାଲିଥିବା ରୁଷ୍-ୟୁକ୍ରେନ୍ ଯୁଦ୍ଧ ସାମଗ୍ରିକ ଭାବରେ ବିଶ୍ୱ ଅର୍ଥନୀତିକୁ ଗୁରୁତର ଭାବରେ ପ୍ରଭାବିତ କରିଛି। ଏହି ବିନାଶକାରୀ ଯୁଦ୍ଧ ଉଭୟ ରୁଷ୍ ଓ ୟୁକ୍ରେନ୍‌ର ଅପରିସୀମ କ୍ଷତି ଘଟାଇବା ସଙ୍ଗେ ସଙ୍ଗେ ଲକ୍ଷ ଲକ୍ଷ ନିରୀହ ଲୋକଙ୍କ ଜୀବନ ଲୁଟି ନେଇଛି। ରୁଷ୍‌ର ବୋମାମାଡ଼ରେ ୟୁକ୍ରେନ୍‌ର ବିସ୍ତୃତ ଅଞ୍ଚଳ ଧ୍ୱଂସସ୍ତୂପରେ ପରିଣତ ହୋଇଥିବା ବେଳେ ରୁଷ୍‌କୁ ମଧ୍ୟ କମ୍ କ୍ଷତି ସହିବାକୁ ପଡିନାହିଁ। ଏହାସତ୍ତ୍ୱେ ରୁଷ୍ ନେତା ଭ୍ଲାଦିମିର ପୁଟିନ୍ ଓ ୟୁକ୍ରେନ୍ ରାଷ୍ଟ୍ରପତି ଜେଲେନ୍‌ସ୍କି ଏବେ ବି ନିଜ ନିଜ ଜିଦ୍‌ରେ ଅଟଳ ରହି ଦାମ୍ଭିକତାପୂର୍ଣ୍ଣ ବୟାନବାଜି ଚଳାଇ ରଖିଛନ୍ତି। ତେବେ ଏହି ଦୀର୍ଘସ୍ଥାୟୀ ଯୁଦ୍ଧର ପରିସମାପ୍ତି ଘଟାଇବାକୁ ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କର ଦ୍ୱିତୀୟ ପାଳି ଶାସନ ଆରମ୍ଭରୁ ପ୍ରୟାସ ଜାରି ରଖିଛନ୍ତି। ଏଇ ନିକଟରେ ରୁଷ୍-ୟୁକ୍ରେନ୍ ଯୁଦ୍ଧର ଅନ୍ତ ଘଟାଇବା ଲାଗି ଟ୍ରମ୍ପ ଅଣ୍ଟା ଭିଡିବା ସଙ୍ଗେ ସଙ୍ଗେ ଯୁଦ୍ଧରତ ଦୁଇଦେଶର ରାଷ୍ଟ୍ରନେତାଙ୍କ ସହ ପୃଥକ୍ ପୃଥକ୍ ଭାବରେ ଆଲୋଚନା କରିଛନ୍ତି। ପ୍ରଥମେ ଗତ ଅଗଷ୍ଟ ୧୫ ତାରିଖ ଦିନ ଆଲାସ୍କା ଠାରେ ରୁଷ୍ ରାଷ୍ଟ୍ରପତି ପୁଟିନ୍‌ଙ୍କ ସହ ଟ୍ରମ୍ପଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା, ଯାହାର ଫଳାଫଳକୁ ସାରା ଦୁନିଆ ଉତ୍କଣ୍ଠାର ସହ ଅପେକ୍ଷା କରିଥିଲା। ମାତ୍ର ଏହି ଆଲୋଚନାର ଅଗ୍ରଗତି ନେଇ ସେଭଳି କୌଣସି ସ୍ୱଷ୍ଟଚିତ୍ର ମିଳିନଥିବା ବେଳେ ତିନିଦିନ ପରେ ୧୮ ତାରିଖ ଦିନ ରାଜଧାନୀ ୱାଶିଂଟନ୍ ଠାରେ ଆମେରିକା ରାଷ୍ଟ୍ରପତି ପୁଣି ୟୁକ୍ରେନ୍ ରାଷ୍ଟ୍ରପତି ଜେଲେନ୍‌ସ୍କିଙ୍କ ସହ ଏକ ଉଚ୍ଚସ୍ତରୀୟ ବୈଠକରେ ମିଳିତ ହୋଇଥିଲେ। ଏହି ଆଲୋଚନା ବେଳେ କେତେକ ୟୁରୋପୀୟ ଦେଶର ରାଷ୍ଟ୍ରନେତା ମଧ୍ୟ ଉପସ୍ଥିତ ଥିବାର ଦେଖାଯାଇଥିଲା। ତେବେ ଏହି ଦୁଇଟିଯାକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଅନେକ ପ୍ରସଙ୍ଗରେ ସହମତି ପ୍ରକାଶ ପାଇଥିଲେ ମଧ୍ୟ ନିକଟ ଭବିଷ୍ୟତରେ ରୁଷ୍-ୟୁକ୍ରେନ୍ ଯୁଦ୍ଧ ବନ୍ଦ ହେବାର କୌଣସି ସଙ୍କେତ ମିଳିନାହିଁ। ଦୁଇଦେଶ ଭିତରେ ଏବେ ଅସ୍ତ୍ର ବିରତି ହେବନାହିଁ ଓ ପରବର୍ତ୍ତୀ ସମୟରେ ଟ୍ରମ୍ପଙ୍କ ଉପସ୍ଥିତିରେ ପୁଟିନ୍ ଓ ଜେଲେନ୍‌ସ୍କି ସିଧାସଳଖ କଥାବାର୍ତ୍ତା କରିବାକୁ ସମ୍ମତ ହୋଇଥିବା ଜଣାପଡିଛି। ନିଜେ ଟ୍ରମ୍ପ ମଧ୍ୟ ସ୍ୱୀକାର କରିଛନ୍ତି ଯେ, ଏତେଶୀଘ୍ର ଅସ୍ତ୍ର ବିରତି କରିବା ସମ୍ଭବ ନୁହେଁ ଏବଂ ପୁଟିନ୍-ଜେଲେନ୍‌ସ୍କି ମୁହାଁମୁହିଁ ବୈଠକ କରିବା ପରେ ହିଁ ଯାହାକିଛି ସମ୍ଭବ ହେବ। ଅନ୍ୟପକ୍ଷରେ ବର୍ତ୍ତମାନର ଯୁଦ୍ଧ ଶେଷ ହେବା ପରେ ରୁଷ୍ ଯେପରି ତା'ର ପଡ଼ୋଶୀ ଦେଶ (ୟୁକ୍ରେନ୍) ଉପରେ ପୁନର୍ବାର ଆକ୍ରମଣ ନକରେ, ସେଥିଲାଗି ଆମେରିକା ୟୁରୋପୀୟ ସୁରକ୍ଷା ଗ୍ୟାରେଣ୍ଟିକୁ ସମର୍ଥନ କରିବ ବୋଲି ଘୋଷଣା କରିଛି। ମିଳିଥିବା ସୂଚନା ଅନୁଯାୟୀ ଟ୍ରମ୍ପଙ୍କ ସମ୍ମୁଖରେ ସୁରକ୍ଷା ଗ୍ୟାରେଣ୍ଟି ଓ ଶାନ୍ତି ଆଲୋଚନା ପାଇଁ ଜେଲେନ୍‌ସ୍କି ଦୁଇଟି ସର୍ତ୍ତ ରଖିଥିଲେ। ୟୁକ୍ରେନ୍ ରାଷ୍ଟ୍ରପତି ଆମେରିକାରୁ ୧୦୦ ବିଲିୟନ୍ ଡଲାର୍ ମୂଲ୍ୟର ଅସ୍ତ୍ରଶସ୍ତ୍ର କ୍ରୟ କରିବା ଲାଗି ଅନୁମତି ଦେବାକୁ ଅନୁରୋଧ କରିଥିଲେ। ସେହିପରି ୟୁକ୍ରେନ୍‌ରେ ଡ୍ରୋନ୍ ନିର୍ମାଣ ପାଇଁ ମଧ୍ୟ ଆମେରିକା ପ୍ରତିଶ୍ରୁତି ଦେଇଥିବାର ଜେଲେନ୍‌ସ୍କି ସୂଚନା ଦେଇଥିଲେ ଏବଂ ଆସନ୍ତା ସପ୍ତାହରେ ଏହି ଚୁକ୍ତି ସ୍ୱାକ୍ଷରିତ ହେବାକୁ ଯାଉଛି। ସେପଟେ ୟୁକ୍ରେନ୍‌ର ଶତ୍ରୁ ରୁଷ୍ ରାଷ୍ଟ୍ରପତି ପୁଟିନ୍ ଏହି ଆଲୋଚନାରେ ସନ୍ତୁଷ୍ଟ ହେବା ସହିତ ଜେଲେନ୍‌ସ୍କିଙ୍କ ସହ ଆଲୋଚନା ଟେବୁଲ୍‌ରେ ସିଧାସଳଖ ବସିବାକୁ ସମ୍ମତି ପ୍ରକାଶ କରିବା ଏକ ଅନୁକୂଳ ସଙ୍କେତ ଦେଉଛି। ତେବେ ଟ୍ରମ୍ପଙ୍କ ଶାନ୍ତି ଉଦ୍ୟମ ଆଗାମୀ ଦିନରେ ରୁଷ୍-ୟୁକ୍ରେନ୍ ଯୁଦ୍ଧର ପରିସମାପ୍ତି ଦିଗରେ ଯଥେଷ୍ଟ ସହାୟକ ହେବାର ସମ୍ଭାବନା ରହିଛି।

# ମୁଁ କାହିଁକି ତୁମ ରାଜନୀତିର ଅସ୍ତ୍ର ହେବି ?



ମୀରା ବେଉରା
ଦେଉଳ ସାହି, ତୁଳସୀପୁର, କଟକ
ମୋ: ୯୮୫୩୩୫୦୩୮୪

ସ୍ୱାଭିମାନ ଓ ସୁରକ୍ଷାର ସହ ବଞ୍ଚିବା ପ୍ରତ୍ୟେକ ଭାରତୀୟ ନାରୀର ପ୍ରାକୃତିକ ଓ ଜନ୍ମଗତ ଅଧିକାର। ରାଷ୍ଟ୍ରର ପ୍ରଥମ ଓ ପ୍ରଧାନ ଦାୟିତ୍ୱ ହେଲା ନାରୀକୁ ସୁରକ୍ଷା ଯୋଗାଇ ଦେଇ ତାକୁ ବ୍ୟକ୍ତିଭାବେ ପ୍ରତିଷ୍ଠିତ କରି ତା'ର ମାନବିକ ମୂଲ୍ୟବୋଧକୁ କ୍ଷୁର୍ଣ୍ଣ ନକରି ତା'ର ଅଧିକାର ପ୍ରତି ସଜାଗ ଓ ସଚେତନ ହେବା। ନାରୀ ପ୍ରତି ଅସମ୍ମାନ କରୁଥିବା ରାଷ୍ଟ୍ର ହେଉ ବା ବ୍ୟକ୍ତି ହେଉ ଏହା କଦାପି କ୍ଷମଣୀୟ ନୁହେଁ। ଏହାକୁ ପ୍ରତ୍ୟକ୍ଷଦର୍ଶୀ ଭାବେ ଚଳଚ୍ଚିତ୍ର ପରି ଉପଭୋଗ କରି ପ୍ରତିବାଦ କରୁନଥିବା ବ୍ୟକ୍ତି ଓ ରାଷ୍ଟ୍ର ତା'ର ଦାୟିତ୍ୱହୀନତାକୁ ସୂଚାଇଥାଏ। ଯେଉଁ ରାଷ୍ଟ୍ର ତା'ର ଗଣତନ୍ତ୍ରର ଅର୍ଦ୍ଧେକ ଜାତିକୁ ସୁରକ୍ଷା ଯୋଗାଇ ପାରିବାରେ ଅସମର୍ଥ ସେ ରାଷ୍ଟ୍ର ରାଜନୈତିକ, ସାମରିକ ଓ ଅର୍ଥନୈତିକ କ୍ଷେତ୍ରରେ ଯେତେ ସମୃଦ୍ଧ ହେଲେ ମଧ୍ୟ ପ୍ରକୃତରେ ବିକଶିତ କିମ୍ବା ସମୃଦ୍ଧ ରାଷ୍ଟ୍ରରେ କଦାପି ପରିଗଣିତ ହୁଏନାହିଁ। ନାରୀକୁ ବଳତ୍କାର କରି ତାକୁ ମୃତ୍ୟୁମୁହଁକୁ ଠେଲି ନିଜକୁ ସଭ୍ୟ ବୋଲାଉଥିବା ସଭ୍ୟ ସମାଜ ଓ ରାଷ୍ଟ୍ର ବିଶ୍ୱର କେବେ ଗୁରୁ ହୋଇ ପରେନା। ନାରୀର ଅଧିକାର ଓ ତା'ର ସ୍ୱାଭିମାନକୁ ହତ୍ୟା କରିବା ଯାହା ଗୋଟିଏ ରାଷ୍ଟ୍ରକୁ ଅସମ୍ମାନ କରି ତାରି ଐତିହ୍ୟ ସଂସ୍କୃତିକୁ, ପରମ୍ପରାକୁ ଗଳାଚିପି ହତ୍ୟା କରିବା ସହ ସମାନ। ଥରେ ନିଜକୁ ପ୍ରତ୍ୟେକ ଭାରତୀୟ ପ୍ରଶ୍ନ କରୁ ଯେ ସେ କେତେ ସଭ୍ୟ, କେତେ ଶିକ୍ଷିତ ଓ ସେ ରାଷ୍ଟ୍ର ପ୍ରତି କେତେ ଦାୟିତ୍ୱବାନ ? କେବଳ ଓଡ଼ିଶାର ଫକୀର ମୋହନ ବିଶ୍ୱବିଦ୍ୟାଳୟର ଛାତ୍ରୀ ନୁହେଁ କି କଲିକତା ନୁହେଁ କି ଦିଲ୍ଲୀ ନୁହେଁ, ଦିଲ୍ଲୀରୁ ସୁରତ ପର୍ଯ୍ୟନ୍ତ, ଉତ୍ତର ପ୍ରଦେଶର ହାଥରସ ଠାରୁ ହରିୟାନାର ଫରିଦାବାଦ୍ ପର୍ଯ୍ୟନ୍ତ ସବୁଠି ନାରୀ ପ୍ରତି ନାରକୀୟ କାଣ୍ଡ କରାଯାଉଛି। ପ୍ରତ୍ୟେକ ଭାରତୀୟ ନିଜକୁ ଥରେ ପ୍ରଶ୍ନ କରୁ ସେ କେତେ ସଭ୍ୟ ଓ ରାଷ୍ଟ୍ର ପ୍ରତି କେତେ ଦାୟିତ୍ୱବାନ ଏବଂ ସେ ଜଣେ ରକ୍ତମାଂସ ଧାରୀ ମଣିଷ ତ !

ଆଗରୁ ଆମେ ଚିନ୍ତା କରିଥିଲୁ ଯେ କେବଳ ନାରୀଟିଏ ସ୍ୱାବଲମ୍ବୀ ହେଲେ ନାରୀର ସ୍ୱାଭିମାନ ଓ ଆତ୍ମମର୍ଯ୍ୟାଦା ବୃଦ୍ଧି ପାଇବ। କିନ୍ତୁ ଦେଖା ଯାଉଛି ଯେ ଓଡ଼ିଶା ସମେତ ଦେଶର ବିଭିନ୍ନ ରାଜ୍ୟରେ ମହିଳା ଓ ଶିଶୁମାନଙ୍କ ପ୍ରତି ବିଶେଷ କରି ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ପାଠ ପଢୁଥିବା ଛାତ୍ରୀମାନଙ୍କ ପ୍ରତି ଯୌନ ନିର୍ଯାତନା ବୃଦ୍ଧି ପାଇବାରେ ଲାଗିଛି। ଏଥିପାଇଁ ଜାତୀୟ ମହିଳା କମିଶନ ଉଦ୍‌ବେଗ ପ୍ରକାଶ କରୁଥିବା ବେଳେ ଆମ ରାଜ୍ୟର ମହିଳା କମିଶନ ଅଚଳାବସ୍ଥାରେ ପଡ଼ି ରହିଛି। ଫଳରେ ମହିଳାମାନଙ୍କ ପ୍ରତି ନିର୍ଯାତନା ବୃଦ୍ଧି ପାଇବାରେ ଲାଗିଛି, ଯାହା ରାଷ୍ଟ୍ରପତି ଆଦୌ ଶୁଭଙ୍କର ନୁହେଁ। ପ୍ରତିଦିନ ରାଜ୍ୟରେ ୮୬ ମହିଳା ଅପରାଧର ଶିକାର ହୋଇଥିବା ନିଜେ ଏନ୍.ସି.ଆର୍.ବି. ରିପୋର୍ଟରେ ଉଲ୍ଲେଖ ରହିଛି। ଏହି ରିପୋର୍ଟ ଅନୁସାରେ ଓଡ଼ିଶାରେ ପ୍ରତି ଏକଲକ୍ଷ ମହିଳାରେ ୨୨୭ ଜଣ ଅପରାଧର ଶିକାର ହେଉଛନ୍ତି। ସବୁଠୁ ଲଜ୍ଜାକର କଥା ହେଉଛି ଅସଦାଚରଣ ମାମଲାରେ ଦେଶରେ ପ୍ରଥମ ସ୍ଥାନରେ ଓଡ଼ିଶା ରହିଛି। ରାଜ୍ୟରେ ବର୍ଷକରେ ୧୪,୮୯୧ ଜଣ ଅସଦାଚରଣର ଶିକାର ହୋଇଥିଲେ। ଦ୍ୱିତୀୟରେ ମହାରାଷ୍ଟ୍ର ଓ ତୃତୀୟରେ ରହିଛି ଉତ୍ତର ପ୍ରଦେଶ। ବଳାତ୍କାର ଓ ଗଣବଳାତ୍କାର ପରେ ମହିଳାଙ୍କୁ ହତ୍ୟା କରିବାରେ ଓଡ଼ିଶା ଦେଶରେ ୮ ନମ୍ବରରେ ରହିଛି। ପ୍ରଥମ ସ୍ଥାନରେ ରହିଛି ଉତ୍ତର ପ୍ରଦେଶ ଓ ଦ୍ୱିତୀୟ ସ୍ଥାନରେ ରହିଛି ଆସାମ ଓ ତୃତୀୟ ସ୍ଥାନରେ ରହିଛି ମଧ୍ୟପ୍ରଦେଶ।

ଏବେ ରାଜ୍ୟରେ ସବୁଠୁ ଚାଞ୍ଚଲ୍ୟକର ଘଟଣା ହେଉଛି ଶିକ୍ଷାଳୟ ଭଳି ପବିତ୍ର ସ୍ଥାନରେ ବିଭାଗୀୟ ଅଧ୍ୟାପକଙ୍କ ନିର୍ଯାତନାର ଶିକାର ହୋଇ ଏବଂ ଏଥିରେ ଅତିଷ୍ଠ ହୋଇ ଛାତ୍ରୀ ସୌମ୍ୟାଶ୍ରୀ ଯେତେବେଳେ ନ୍ୟାୟ ପାଇଁ ମହାବିଦ୍ୟାଳୟର ଅଧକ୍ଷ ଠାରୁ ଆରମ୍ଭ କରି ମନ୍ତ୍ରୀ, ନେତା, ସମସ୍ତ ଉଚ୍ଚ ପଦସ୍ଥ ଅଫିସରଙ୍କୁ ଜଣାଇବା ସତ୍ତ୍ୱେ ତାଙ୍କର ସ୍ୱରକୁ ଚାପି ଦିଆ ଯାଇଥିଲା, ସେ ସ୍ୱର କାହା ପାଖରେ ପହଞ୍ଚି ପାରିଲା ନାହିଁ। ତଥାପି ନିଜ ଆତ୍ମ ବିଶ୍ୱାସ ସହ ଦୁଃସାହସିକତାର ସହ ବୀରାଙ୍ଗନା ପରି ଲଢୁ ଲଢୁ ଅକାଳରେ ଝଡ଼ି ପଡ଼ିଲେ। ଶେଷରେ ଦୁର୍ଭାଗ୍ୟଜନକ ଭାବରେ ଆତ୍ମାହୁତି ଦେବାପରେ ଯାଇ ସମସ୍ତଙ୍କ ନିଦ ହଜି ଯାଇଛି। ଏବେ ତାଙ୍କୁ ନେଇ ବିଭିନ୍ନ ସ୍ଥାନରେ ଖୁବ୍ ଚର୍ଚ୍ଚା ଚାଲିଛି। ବର୍ତ୍ତମାନ ସେ ଆମ ସମସ୍ତଙ୍କ ପାଇଁ ପାଲଟି ଯାଇଛନ୍ତି ଗୋଟିଏ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ। ଆଉ ରାଜନୀତି କରୁଥିବା ଲୋକଙ୍କ ପାଇଁ ସେ ପାଲଟି ଯାଇଛନ୍ତି ଗୋଟି। ଯଦିଓ ଅଗ୍ନିକନ୍ୟାଙ୍କ ଦେହର ନିଆଁ ନିର୍ବାପିତ ହୋଇଛି, ତଥାପି ସେହି ନିଆଁର ଧାସରେ ଆଜି କେବଳ ଓଡ଼ିଶା ଜଳୁନି, ଜଳୁଛି ଆଜି ସମଗ୍ର ଦେଶ।

କେବଳ ସୌମ୍ୟାଶ୍ରୀ ନୁହେଁ ଏହା ପରେ ପରେ ଏମିତି ଅନେକ ଘଟଣା ଆଗରୁ ଘଟିଛି, ଏବେ ମଧ୍ୟ ଘଟୁଛି। ପ୍ରତି ମୁହୂର୍ତ୍ତରେ ଓଡ଼ିଶାରେ ତଥା ଭାରତ ବର୍ଷରେ କେଉଁଠି ନା କେଉଁଠି କନ୍ୟା ରତ୍ନଟିଏ ଜୀବନ ଯୁଦ୍ଧରେ ଯୁଝୁ ଯୁଝୁ ଟଳି ପଡୁଛି। ଗୁହାରୀ କରିବା କାହାକୁ ? ଗୋଟିଏ ପଟେ ଗଣତନ୍ତ୍ର ନିଷ୍କ୍ରିୟ ହେଉଥିବା ବେଳେ ଆଉ ଗୋଟିଏ ପଟେ ନାରୀ ସୁରକ୍ଷା ପାଇଁ ଗଢ଼ା ହେଉଛି କେତେ କେତେ ଆଇନ୍। ସେ ଶକ୍ତିଶ୍ରୀ ହେଉ ବା ଆତ୍ମ ପ୍ରଶିକ୍ଷଣ ଶିବିର। କିନ୍ତୁ ଯେ ପର୍ଯ୍ୟନ୍ତ ମଣିଷର ଚରିତ୍ର ନ ବଦଳିଛି ସେଠାରେ ଆଇନ କ'ଣ ବା କରିବ ? ଆମେ ଏ ପର୍ଯ୍ୟନ୍ତ ଗୋଟିଏ ଦୃଷ୍ଟାନ୍ତମୂଳକ ଦଣ୍ଡବିଧିର ବ୍ୟବସ୍ଥା କରିପାରିଲୁ ନାହିଁ, ଯାହାଦ୍ୱାରା ଏହି ଘଟଣା ଆହୁରି ତୀବ୍ର ବେଗରେ ବୃଦ୍ଧି ପାଇବାରେ ଲାଗିଛି। ତଦନ୍ତ କରୁ କରୁ ନିର୍ଯାତିତ ହୋଇଥିବା କନ୍ୟାଟି ବିଚରା ଲଢୁ ଲଢୁ ଲୋକଙ୍କ ଟାହି ଟାପରା ସହି ନପାରି ଆତ୍ମହତ୍ୟା କରିବାକୁ ଏକ ରକମ ବାଧ୍ୟ ହେଉଛି।

ଗୋଟିଏ ପ୍ରଶ୍ନ ମୋ ମନକୁ ଆସୁଛି ଆଜି ଆମେ କାହାକୁ ଠକୁଛେ ? ଯେତେବେଳେ ଝିଅଟି ତା' ଦୁଃଖ ଜଣାଉଛି ସେତେବେଳେ ଆମେ ଚୁପ୍ ରହୁଛେ, ତାକୁ ହତାଦାର କରୁଛେ, ସଂସ୍କୃତି ନାମରେ ତାକୁ କଟୁଭାଷା ପ୍ରୟୋଗ କରି ବଞ୍ଚିବାର ଅଧିକାରକୁ ତା'ର ଛଡ଼ାଇ ନେଉଛେ; ଅଥଚ ମୃତ୍ୟୁ ପରେ ବହୁତ ଅଭିନୟ କରୁଛେ। ଆହୁରି ମଧ୍ୟ କେତେଟା ଟଙ୍କା ଦେଇ ତା'ର ମୂଲ୍ୟ ନିର୍ଦ୍ଧାରଣ କରୁଛେ। ଏହା କ'ଣ ନ୍ୟାୟ ବ୍ୟବସ୍ଥା ? ପ୍ରଥମେ ଝିଅଟିକୁ ଦୁର୍ବ୍ୟବହାର କରିବା, ମାନସିକ ନିର୍ଯାତନା ଦେବା ଓ ତା'ର ମୃତ୍ୟୁପରେ ତା'ର ମୂଲ୍ୟ ନିର୍ଦ୍ଧାରଣ କରି ତା'ର ପିତାମାତାକୁ ସାନ୍ତ୍ୱନା ଦେବା। ଏହା କେମିତିକା ନ୍ୟାୟ ? କୌଣସି ଟଙ୍କା କେବେ କୌଣସି କନ୍ୟାର ମୂଲ୍ୟ ନିର୍ଦ୍ଧାରଣ ନକରୁ। କଥା ହେଉଛି ଝିଅଟି ବଞ୍ଚି ଥିବାବେଳେ ଆମେ ତାକୁ ମାନସିକ ନିର୍ଯାତନା ଦେଉଛେ, ଅଥଚ ମରିଗଲା ପରେ ତତ୍ପରତା ପ୍ରକାଶ କରୁଛେ। ଯଦି ଏହିପରି ସୌମ୍ୟାଶ୍ରୀ ଓ ପୁରୀ ଜିଲ୍ଲାର ବଳଙ୍ଗାର ଏମ୍ସରେ ଚିକିତ୍ସିତ ହେଉଥିବା ନାବାଳିକା କନ୍ୟା ନ୍ୟାୟ ପାଇଁ ଆର୍ତ୍ତ ଚିତ୍କାର କରନ୍ତି, ଆଉ ଆମେ ପ୍ରତିଦିନ ନିରବ ଦ୍ରଷ୍ଟା ସାଜି ଅନ୍ଧ ଧୃତରାଷ୍ଟ୍ର ଭଳି ନିରବ ରହିବା ତେବେ ଆମ ଇତିହାସ ଆମକୁ କଦାପି କ୍ଷମା ଦେବନାହିଁ। କେବଳ ସୌମ୍ୟାଶ୍ରୀ ନୁହେଁ କି ଏମ୍ସରେ ଚିକିତ୍ସିତ ହେଉଥିବା ନା ବାଳିକା ନୁହେଁ, ଆମ ରାଷ୍ଟ୍ରର ଆଗରୁ ଅନେକ କନ୍ୟା ଏପ୍ରତି ଯୌନ ନିର୍ଯାତନାର ଶିକାର ହୋଇ ମୃତ୍ୟୁମୁଖରେ ପଡୁଛନ୍ତି। ସେ ବେବିନା ହେଉ, ଇତିଶ୍ରୀ ହେଉ, ପରି ହେଉ ବା ଅଞ୍ଜନା ମିଶ୍ର ହେଉ ସ୍ମିତାରାଣୀ ହେଉ ବା ମୋମିତା ମେହେର ହେଉ, ରୁଚିକା ହେଉ ବା ନିର୍ଭୟା ହେଉ, ବିଲକିସ୍ ବନୋ ହୁଅନ୍ତୁ- ଏମାନଙ୍କୁ ସୁରକ୍ଷା ଦେବା ଗୋଟିଏ ରାଷ୍ଟ୍ରର ପ୍ରଧାନ ଓ ପ୍ରମୁଖ ଦାୟିତ୍ୱ।

ଏବେ ଆମର ଶିକ୍ଷା ମନ୍ତ୍ରୀ ଓ ମାନ୍ୟବର ମୁଖ୍ୟ ମନ୍ତ୍ରୀ ନେଇଛନ୍ତି ଅନେକ ପଦକ୍ଷେପ, ଯାହା ଛାତ୍ରୀମାନଙ୍କ ଆତ୍ମ ସମ୍ମାନ ସହ ବଞ୍ଚିବା ପାଇଁ ସହାୟକ ହେବ, ଏଥିରେ ସନ୍ଦେହ ନାହିଁ। ସରକାରଙ୍କୁ ଆମର ବିନମ୍ର ଅନୁରୋଧ କେବଳ ଯୋଜନା କିମ୍ବା ଆଇନ୍ ବଦଳି ଗଲେ ଏ ସମସ୍ୟାର ସମାଧାନ ହେବ ନାହିଁ, ଏହା କେତେଦୂର ସୁଚାରୁ ରୂପରେ କାର୍ଯ୍ୟକାରୀ ହେବ ତାହା ନିର୍ଭର କରେ ଯୋଜନାର ଫଳବତୀ ଉପରେ।

ଯୋଜନାକୁ କାର୍ଯ୍ୟକାରୀ କରିବା କେବଳ ସରକାରଙ୍କର ନୁହେଁ, ତାହା ଆମ ସମସ୍ତଙ୍କର ଦାୟିତ୍ୱ। ପ୍ରତ୍ୟେକ ଶିକ୍ଷକଙ୍କର ଶିକ୍ଷାଗତ ଯୋଗ୍ୟତା ସହ ଉତ୍ତମଚରିତ୍ର, ନୈତିକତା ଓ ସୁନ୍ଦର ଆକର୍ଷଣୀୟ ବ୍ୟକ୍ତିତ୍ୱ ସେମାନଙ୍କର ଯୋଗ୍ୟତାର ପ୍ରଥମ ମାପକାଠି ହେଉ। କାରଣ ଗୋଟିଏ ସୁସ୍ଥ ଶ୍ରେଣୀ ଗୃହରେ ଗୋଟିଏ ସୁସ୍ଥ ରାଷ୍ଟ୍ର ନିର୍ମାଣ ହୁଏ।

# ହିମାଞ୍ଚଳ ଓ ଉତ୍ତରାଖଣ୍ଡର ଚିରଶତ୍ରୁ ବାଦଲଫଟା ବର୍ଷା



ଡ. ଅମୂଲ୍ୟ କୁମାର ପଣ୍ଡା
ଅରଙ୍ଗାବାଦ, ବରୀ, ଯାଜପୁର
ମୋ : ୮୨୪୯୫୦୨୭୭୬

ବାଦଲ ଫାଟିବା ଅର୍ଥ ଭୀଷଣ ବର୍ଷାକୁ କୁହାଯାଏ। ଯାହାକି କମ୍ ସମୟ ପର୍ଯ୍ୟନ୍ତ ହୋଇଥାଏ, ହେଲେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇଥାଏ। ସାଧାରଣତଃ ପାହାଡ଼ିଆ ଅଞ୍ଚଳରେ ବାଦଲ ଫଟା ବର୍ଷା ହୋଇଥାଏ। ହିମାଚଳ ପ୍ରଦେଶରେ ଅଧିକାଂଶ ଏପରି ବର୍ଷା ପଶ୍ଚିମ ଘାଟ ଅଞ୍ଚଳରେ ପରିଲକ୍ଷିତ ହୁଏ। ଏହା ସେତେବେଳେ ହୁଏ, ଯେତେବେଳେ ଗରମ ଓ ଥଣ୍ଡା ପବନ ମିଶି ବାଦଲ ସୃଷ୍ଟି କରିଥାନ୍ତି। ସମସ୍ତ ପ୍ରବଳ ବର୍ଷାକୁ ବାଦଲ ଫଟା ବର୍ଷା କୁହାଯାଇପାରିବ ନାହିଁ। ଯଦି ୧୦୦ ବର୍ଗ କିଲୋମିଟର ଅଞ୍ଚଳରେ ୧୦ ସେମିରୁ ଅଧିକ ବର୍ଷା ରେକର୍ଡ କରାଯାଏ, ତେବେ ଏହାକୁ ବାଦଲ ଫଟା ବର୍ଷା ବୋଲି କୁହାଯାଏ। ବାଦଲ ଫଟା ବର୍ଷା ସର୍ବଦା ବିନାଶ ନେଇଆସିଥାଏ। ଯେଉଁଠାରେ ବି ବାଦଲ ଫାଟିଥାଏ ସେଠାରେ ବନ୍ୟା ପରିସ୍ଥିତି ଦେଖାଯାଇଥାଏ। ଭାରତର ଅନେକ ସ୍ଥାନରେ ବାଦଲ ଫାଟିବା ଘଟଣା ଆମେ ଦେଖିଛେ। ଖାସ୍ କରି ଉଚ୍ଚ ପାହାଡିଆ ଅଞ୍ଚଳରେ ଏହି ଘଟଣା ବିଶେଷ କରି ଦେଖାଯାଇଥାଏ। ତେବେ ଏହାକୁ ନେଇ ଅନେକଙ୍କ ମନରେ ପ୍ରଶ୍ନ ରହିଛି ଯେ, ବାଦଲ ଫାଟିଥାଏ କିପରି ? ବାଦଲ ଫାଟିବା ସମୟରେ ବର୍ଷା କିପରି ପୃଥିବୀ ପୃଷ୍ଠକୁ ଆସିଥାଏ ?

ଖୁବ ଜୋରରେ ଘଡଘଡି ସହିତ ପ୍ରବଳ ବର୍ଷା ହେଲେ ସମୟରେ ବାଦଲ ଫଟା ଘଟଣା ଘଟିଥାଏ। ଏଭଳି ସ୍ଥିତିରେ ଆର୍ଦ୍ରତା ମେଘଖଣ୍ଡ ଗୁଡ଼ିକ ଗୋଟିଏ ସ୍ଥାନରେ ବହୁ ପରିମାଣରେ ଏକାଠି ହୁଏ ଏବଂ ଜଳ ବୁନ୍ଦା ହୋଇ ଏକାଠି ବର୍ଷିଥାଏ। ଏହି ଜଳ ବୁନ୍ଦା ଗୁଡିକର ଅଧିକ ଓଜନ କାରଣରୁ ମେଘର ଘନତା ବଢିଯାଏ ଏବଂ ହଠାତ୍ ପ୍ରବଳ ବର୍ଷା ଆରମ୍ଭ ହୁଏ। ଏପରି ସ୍ଥିତିରେ ଯେତେବେଳେ ଗରମ ପବନ ପ୍ରବାହ ବର୍ଷା ବୁନ୍ଦା ସହିତ ମିଶି ସ୍ୱାଭାବିକ ପ୍ରବାହରେ ବାଧା ସୃଷ୍ଟି କରେ, ଯେଉଁ କାରଣରୁ ଜଳ ଜମିଯାଏ ଏବଂ ବାଦଲ ଫାଟିଯାଏ। ତେବେ ଏହି ବାଦଲ ଫଟା ବର୍ଷା ରେ ଭୂସ୍ଖଳନ ଘଟାଇ ବହୁତ ଜନ ଜୀବନ ନଷ୍ଟ କରେ। ତେବେ ଏ ଭୂସ୍ଖଳନ କଣ ? କୌଣସି ଅଞ୍ଚଳରେ ମାଟି ଧସିବା କିମ୍ବା ତଳକୁ ପଶିଯିବା ପ୍ରକ୍ରିୟାକୁ ସାଧାରଣ ଭାବେ ଭୂସ୍ଖଳନ ବା ଲ୍ୟାଣ୍ଡ୍-ସ୍ଲାଇଡ୍ ବୋଲି କୁହାଯାଇଥାଏ। ବର୍ଷା, ଭୂମିକମ୍ପ, ଆଗ୍ନେୟଗିରି ଉଦ୍ ?ଗୀରଣ କିମ୍ବା ଅତ୍ୟଧିକ ମାନବୀୟ କାର୍ଯ୍ୟକଳାପ କାରଣରୁ ଭୂସ୍ଖଳନ ସଂଘଟିତ ହୋଇଥାଏ। ପୃଥିବୀ ଗଠନର ଭୌତିକ ଦିଗକୁ ନେଇ ଅଧ୍ୟୟନ କରୁଥିବା ଭୂତତ୍ତ୍ୱବିତ୍ ଓ ବୈ ?ଜ୍ଞାନିକମାନେ ଭୂସ୍ଖଳନକୁ ଭୂପୃଷ୍ଠ କ୍ଷୟର ପ୍ରାକୃତିକ ପ୍ରକ୍ରିୟାଗୁଡ଼ିକ ମଧ୍ୟରୁ ଗୋଟିଏ ବୋଲି ବର୍ଣ୍ଣନା କରିଥାଆନ୍ତି। ସେହିପରି ବଡ଼ ବଡ଼ ପଥର ଖଣ୍ଡ ତଳକୁ ତଳକୁ ଗଡ଼ି ଆସିବା ଏବଂ ଉପକୂଳରେ ଜମା ହେଉଥିବା ପଟୁମାଟିର ସ୍ଥାନାନ୍ତରଣ ଇତ୍ୟାଦିକୁ ବି ପୃଥିବୀପୃଷ୍ଠ କ୍ଷୟ ହେବାର ସଂକେତ ଭାବେ ପରିଗଣନା କରାଯାଏ।

ବାଦଲ ଫଟା ବର୍ଷା ଅକସ୍ମାକ ହୋଇଥାଏ। ବାଦଲ ଫଟା ବର୍ଷା ଯୋଗୁଁ ବନ୍ୟା ପରିସ୍ଥିତି ସୃଷ୍ଟି ହୁଏ। ଯାହାକି ହଠାତ ନଦୀ, ନାଳର ଜଳସ୍ତର ବୃଦ୍ଧି କରିବା ସହ ଜନବସତି ଆଡ଼କୁ ମୁହାଁଇ ଘରଦ୍ୱାର ଭସାଇ ନିଏ। ଏହି ଜଳ ପ୍ରବାହର ବଳ ଏପରି ରହିଥାଏ କି, ଗଛକୁ ଚେର ସହିତ ଉପାଡିନିଏ। ବାଦଲ ଫଟା ବର୍ଷା ଯୋଗୁଁ ପାହାଡ଼ିଆ ଅଞ୍ଚଳରେ ଭୂସ୍ଖଳନ ହେଉଥିବା ବେଳେ ସମତଳ ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି କରେ। ତେବେ ବର୍ଷା ସହିତ ଭୂସ୍ଖଳନର କାରଣ କଣ ? ଭୂସ୍ଖଳନ ଘଟିଥିବା ସ୍ଥାନର ଅଭ୍ୟନ୍ତରୀଣ ମୃତ୍ତିକାସ୍ତର ଅଥବା ଶିଳାସ୍ତର ଆଗରୁ ଦୁର୍ବଳ ହୋଇଥାଏ କିଂବା ଚଡ଼କି ଯାଇଥାଏ। ମୃତ୍ତିକା କ୍ଷୟ କିଂବା ଜଳ ଯୋଗୁଁ ମାଟି ଦ୍ରବୀଭୂତ ହୋଇ ନରମା ବା ନମନୀୟ ହୋଇଗଲେ ମଧ୍ୟ ଭୂସ୍ଖଳନ ହୁଏ। ମାଟି ଅତ୍ୟଧିକ ବତୁରି ଫସକା ହେଲେ ସେଥିରେ ଛିଦ୍ର ହୋଇ ଭୂତଳ ଜଳଚାପ ବୃଦ୍ଧିପାଏ ଓ ଭୂସ୍ଖଳନ ହୁଏ। ପ୍ରବଳ ବୃଷ୍ଟିପାତ କିଂବା ଦ୍ରୁତ ତୁଷାର ତରଳି ଯାଉଥିବା ଅଞ୍ଚଳରେ ଏଭଳି ଘଟିଥାଏ। ଅନେକ ଅଞ୍ଚଳରେ ବୃକ୍ଷଲତା ମାଟିକୁ ବାନ୍ଧି ରଖିବା ସହିତ ଭୂସ୍ଖଳନ ସମୟରେ କର୍ଦ୍ଦମ ପ୍ରବାହକୁ ବାଧା ଦେଇଥାଏ। ମୃତ୍ତିକା ଅଥବା ଶିଳାରେ ଥିବା କର୍ଦ୍ଦମ ଓ ବୃକ୍ଷଲତା ବାନ୍ଧୁଣି ଭାବେ କାର୍ଯ୍ୟ କରିଥାଏ। ବଣଜଙ୍ଗଲ କାଟି ପକାଇବାରୁ ଅଥବା ଅନ୍ୟ କେ ?ଣସି କାରଣରୁ ଏସବୁ ନଷ୍ଟ ହୋଇଗଲେ ସେଠାରେ ଭୂସ୍ଖଳନ ହେବାର ଆଶଙ୍କା ସୃଷ୍ଟିହୁଏ।ନାନା ଧରଣର ମାନବୀୟ କାର୍ଯ୍ୟକଳାପ ଯୋଗୁଁ ଘଟୁଥିବା ଜଳବାୟୁ ପରିବର୍ତ୍ତନ ପାଣିପାଗ ଚକ୍ରରେ ଆକସ୍ମିକ ପରିବର୍ତ୍ତନ ଘଟୁଛି। ସେଥିଯୋଗୁଁ ଥରକୁ ଥର ଭୂସ୍ଖଳନ ହେବା ସଙ୍ଗେ ସଙ୍ଗେ ସ୍ଖଳନ ତୀବ୍ରତା ମଧ୍ୟ ଭୀଷଣ ହେଉଛି।

ତେବେ ଏଠି ପ୍ରଶ୍ନ ଉଠୁଛି ଯେ ବାଦଲ ଫଟା ବର୍ଷା ହିମାଚଳରେ ଓ ଉତ୍ତରାଖଣ୍ଡ ରେ କାହିଁକି ବାରମ୍ବାର ଘଟିଥାଏ ? ବାଦଲ ଫଟା ବର୍ଷା ଏକ ଅସାଧାରଣ ଘଟଣା ନୁହେଁ। ଏପରି ଘଟଣାଗୁଡ଼ିକ ମୁଖ୍ୟତଃ ହିମାଳୟ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଘଟିଥାଏ। ଯେଉଁଠାରେ ସ୍ଥାନୀୟ ଟପୋଲୋଜି, ପବନ ପ୍ରଣାଳୀ ତଥା ୱିଣ୍ଡ ସିଷ୍ଟମ ଏବଂ ନିମ୍ନ ଓ ଉପର ବାତାବରଣ ମଧ୍ୟରେ ତାପମାତ୍ରା ଗ୍ରେଡିଏଣ୍ଟ ଏଭଳି ସ୍ଥିତି ପାଇଁ ଅନୁକୂଳ ରହିଥାଏ। ବାଦଲ ଫାଟିବା ଘଟଣା ହିମାଳୟ ଓ ଏହାର ପଶ୍ଚିମ ଘାଟର ପାର୍ବତ୍ୟ ଅଞ୍ଚଳରେ ଦେଖାଦିଏ। ଯେତେବେଳେ ମୌସୁମୀର ଗରମ ପବନ ଥଣ୍ଡା ପବନ ସଂସ୍ପର୍ଶରେ ଆସନ୍ତି, ସେତେବେଳେ ଏକ ବଡ଼ ମେଘଖଣ୍ଡ ସୃଷ୍ଟି ହୋଇଥାଏ। ଯାହାକି ଏକ ସମୟରେ ବର୍ଷିଲେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇଥାଏ।


# କୋଡିଏର ଗଣନା...



ମନୋଜ କୁମାର ବେହେରା
ବାୟାବାବା ମଠ ଲେନ୍, ଭୁବନେଶ୍ୱର
ମୋ: ୭୯୭୮୮୩୦୬୧୧

ଜଣେ ରାଜାଙ୍କର ଝିଅର ବାହାଘର ହେବାର ଥିଲା। ଝିଅର ଏହି ସର୍ତ୍ତ ଥିଲା କି ଯିଏ କୋଡିଏ ପର୍ଯ୍ୟନ୍ତର ଗଣନା ଶୁଣେଇବ ଦେବ ସେ ରାଜକୁମାରୀର ସ୍ୱାମୀ ହେବ। ଗଣନା ଏମିତି ହେବା ଦରକାର ଯେଉଁଥିରେ ସଂସାରର ସବୁ ବସ୍ତୁ ରହିଥିବ। ଯଦି ଏହି ଗଣନା ଶୁଣେଇ ସେ ପାରିବନି ତାକୁ କୋଡିଏ ବେତର ପାହାରର ଦଣ୍ଡ ଦିଆଯିବ। ଏହି ସର୍ତ୍ତ କେବଳ ରାଜାମାନଙ୍କ ପାଇଁ। ଏବେ ଗୋଟିଏ ପଟେ ରାଜକୁମାରୀଙ୍କର ବରଣମାଳ ଆଉ ଅନ୍ୟ ପଟେ ବେତର ଦଣ୍ଡ। ନିର୍ଦ୍ଦିଷ୍ଟ ଦିନରେ ସବୁ ରାଜା-ମହାରାଜା ମାନେ ଆସିଲେ। ରାଜା ସମସ୍ତଙ୍କ ପାଇଁ ଭୋଜନର ଆୟୋଜନ କରିଥିଲେ। ମିଠା ଆଉ ବିଭିନ୍ନ ପ୍ରକାରର ବ୍ୟଞ୍ଜନ ପ୍ରସ୍ତୁତ କରିଥିଲେ। ଏବେ ରାଜା କହିଲେ,ସମସ୍ତେ ଆଗ ଭୋଜନ କରି ଦିଅନ୍ତୁ ତା'ପରେ ରାଜକୁମାରୀଙ୍କର ସ୍ୱୟଂବର ଆରମ୍ଭ ହେଲା। ଏକରୁ ବଢି ସବୁ ରାଜାମାନେ ଆସିଥିଲେ। ସମସ୍ତେ ଗଣନା କହି ଚାଲିଲେ ଯାହା ସେମାନେ ପଢିଥିଲେ। କିନ୍ତୁ କୌଣସି ରାଜା ସେମିତି ଗଣନା ପଢି ପାରିଲେ ନାହିଁ ଯେଉଁଥିରେ ରାଜକୁମାରୀ ସନ୍ତୁଷ୍ଟ ହୋଇପାରିବେ। ଏବେ ଯିଏ ଆସିଥିଲେ ସେ ଦଣ୍ଡ ପାଇ ଚାଲି ଯାଉଥିଲେ। କିଛି ରାଜା ଡରି କରି ଆଗକୁ ଆସିଲେ ନାହିଁ। ଆଉ କେତେକ କହିଲେ, ରାଜକୁମାରୀ ବୋଧେ ପାଗଳ ହେଇ ଯାଇଛନ୍ତି। ସେ କେବଳ ଆମର ଦଣ୍ଡକୁ ଦେଖି ମଜା ନେଉଛନ୍ତି। ଏହା ସବୁ ଦେଖିକରି ଜଣେ ମିଠେଇ ବାଲା ହସିବାକୁ ଲାଗିଲା। ଆରେ ସବୁ ରାଜାମାନେ ଯାଇ ପାଣିରେ ବୁଡି କରି ମର ! ତୁମମାନଙ୍କୁ କୋଡିଏର ଗଣନା ଜଣା ନାହିଁ । ଏହା ଶୁଣିକରି ସବୁ ରାଜାମାନେ ତାକୁ ଦଣ୍ଡ ଦେବା ପାଇଁ କହିଲେ। ରାଜା ତାକୁ ପଚାରିଲେ, କ'ଣ ତୁମେ ଏହାର ଗଣାନା ଜାଣିଛ ? ଯଦି ଜାଣିଛ ତା'ହେଲେ ଶୁଣାଅ ? ମିଠେଇ ବାଲା କହିଲା, ହେ ରାଜା ! ଯଦି ମୁଁ ଏହି ଗଣନା ଶୁଣେଇ ଦେବି କ'ଣ ରାଜକୁମାରୀ ମୋତେ ବିବାହ କରିବେ ? କାହିଁକି ମୁଁ ଆପଣଙ୍କର ସମକକ୍ଷ ନୁହେଁ ଆଉ ଆପଣ ସ୍ୱୟଂବର କେବଳ ରାଜାମାନଙ୍କ ପାଇଁ ଏହା କରିଥିଲେ। ଆଉ ଗଣନା ଶୁଣେଇ କରି ମୋତେ କ'ଣ ଲାଭ ମିଳିବ ? ପାଖରେ ରାଜକୁମାରୀ ଠିଆ ହୋଇଥିଲେ ଏହା ଶୁଣି ସେ କହିଲେ, ଠିକ୍ ଅଛି ତୁମେ ଗଣନା ଶୁଣେଇ ପାରିବ ତା'ହେଲେ କୁହ ସମସ୍ତଙ୍କ ଆଗରେ, ନକହି ପାରିଲେ ତୁମକୁ ମୃତ୍ୟୁଦଣ୍ଡ ଦିଆଯିବ। ସମସ୍ତେ ଏହା ଦେଖୁଥିଲେ ଆଉ କୁହାକୁହି ହେଉଥିଲେ ଆଜି ୟା'ର ମୃତ୍ୟୁ ସୁନିଶ୍ଚିତ। ଆଉ ରାଜାଙ୍କ ଆଜ୍ଞା ନେଇକରି ମିଠେଇ ବାଲା ଗଣାନା ଆରମ୍ଭ କରି କହିଲା, ଏକ ଭଗବାନ, ଦୁଇ ପକ୍ଷ, ତିନି ଲୋକ, ଚାରି ଯୁଗ, ପାଞ୍ଚ ପାଣ୍ଡବ, ଛଅ ଶାସ୍ତ୍ର, ସାତ ବାର, ଆଠ ଖଣ୍ଡ, ନ ଗ୍ରହ, ଦଶ ଦିଶା, ଏଗାର ରୁଦ୍ର, ବାର ମାସ, ତେର ରତ୍ନ, ଚଉଦ ବିଦ୍ୟା, ପନ୍ଦର ତିଥି, ଷୋହଳ ଶ୍ରାଦ୍ଧ, ସତର ବନସ୍ପତି, ଅଠର ପୁରାଣ, ଉଣେଇଶି ତୁମେ, କୋଡିଏ ମୁଁ। ଏହା ଶୁଣିକରି ସମସ୍ତେ ଚକିତ ହୋଇଗଲେ। ଏବେ ରାଜକୁମାରୀ ମିଠେଇ ବାଲାକୁ ବିବାହ କରିଲେ। ଏହି ଗଣନାରେ ସଂସାରର ସବୁ ବସ୍ତୁ ବିଦ୍ୟମାନ ଅଛି। ଏଠାରେ ଶିକ୍ଷାର ବଡ଼ ମହତ୍ତ୍ୱ ଅଛି।

# କୃତ୍ରିମ ବୁଦ୍ଧିମତ୍ତା ଓ ସ୍ୱାସ୍ଥ୍ୟ



ଡାକ୍ତର ସମ୍ରାଟ କର
ମାନସିକ ରୋଗ ବିଶେଷଜ୍ଞ
ଦି'ବ୍ରେନ୍, ପୁରୀଘାଟ ରୋଡ଼୍, କଟକ
ମୋ : ୯୧୩୨୪୩୩୩୩୩

କୃତ୍ରିମ ବୁଦ୍ଧିମତା ବା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଆମ ଦିନଚର୍ଯ୍ୟାର ଏକ ଅଂଶ ପାଲଟିଗଲାଣି। ଆମେ କ'ଣ କାଇବା, କେତେବେଳେ କାହା ସହ ସାକ୍ଷାତ କରିବା ତାହା ନିଶ୍ଚିତ କରୁଛି ଏଆଇ। ଅନେକ ତ ଏବେ ନିଜକୁ ଫିଟ ରଖିବା ପାଇଁ ଜିମ ଯାଉନାହାନ୍ତି। ଆର୍ଟିଫିସିଆଲ ଇଣ୍ଟେଲଜେନ୍ସ ଆମର ଫିଟନେସ ଟ୍ରେନର ଦାୟିତ୍ୱ ମଧ୍ୟ ତୁଲାଉଛି। ତେବେ ଏହା ଆମ କାମକୁ, ଆମର ଜୀବନଶୈଳୀକୁ ଯେତେ ସହଜ କରୁଛି, ଏହା ଆମ ପାଇଁ ସେତିକି କ୍ଷତିକାରକ ବୋଲି ମଧ୍ୟ କହିଲେଣି ବିଶେଷଜ୍ଞ।

ଧୀରେ ଧୀରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବା କୃତ୍ରିମ ବୁଦ୍ଧିମତା ଆମ ଜୀବନଶୈଳୀକୁ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ପାଲଟିଗଲାଣି। ଆମେ କେବେ କାହାକୁ ଭେଟିବୁ ? ଏହାକୁ ନେଇ ମିଟିଂ ନିର୍ଦ୍ଧାରଣ କରିବା ଠାରୁ ଖାଦ୍ୟପେୟ ଏଆଇ ଦ୍ୱାରା ନିଶ୍ଚିତ କରାଯାଉଛି। ଆଗାମୀ ସମୟରେ ଏହି ଟ୍ରେଣ୍ଡ ଅଧିକ ବ୍ୟାପକ ହେବାକୁ ଯାଉଛି। କାରଣ ଏଆଇ ଏବେ ଫିଟନେସ୍ କୋଚ୍‌ର କାମ କରିବା ଆରମ୍ଭ କରିଛି। ବର୍ତ୍ତମାନର ବ୍ୟସ୍ତ ଜୀବନଶୈଳୀରେ ଜିମ୍ ଯାଇ ୱାର୍କଆଉଟ କରିବାକୁ ସମୟ ନାହିଁ। ଏଥିରେ ସମୟ ମଧ୍ୟ ବର୍ବାଦ। ଏବେ ଅନେକ ଫିଟନେସ ଆପ୍‌ରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସକୁ ଯୋଡ଼ା ଯାଉଛି। ଏହି ଆପଗୁଡ଼ିକ ଆପଣଙ୍କ କ୍ଷମତା, ଲକ୍ଷ୍ୟ ଏବଂ ଉପକରଣକୁ ଧ୍ୟାନରେ ରଖି କଷ୍ଟମାଇଜଡ଼ ୱାର୍କଆଉଟ ଯୋଜନା ପ୍ରସ୍ତୁତ କରୁଛି। ଏହି ଏଆଇ ଆଧାରିତ ଆପ ଗୁଡ଼ିକର ସବୁଠୁ ବିଶେଷକଥା ହେଉଛି ଏହା ଉପଭୋକ୍ତାଙ୍କ ଡାଟାକୁ ନେଇ କହିପାରିଥାଏ କେଉଁ ୱାର୍କଆଉଟ ସେମାନଙ୍କ ପାଇଁ ଉପଯୋଗୀ ଏବଂ କେଉଁଟା ନୁହେଁ। ଗୋଟିଏ ୱାର୍କଆଉଟ ସର୍ତ୍ତକୁ ପୁରା କରିବା ପରେ ଏହି ଏଆଇ ଆଧାରିତ ଆପ ସ୍ୱୟଂ ଚାଳିତ ଭାବରେ ଆଗାମୀ ପ୍ରଶିକ୍ଷଣ ସର୍ତ୍ତକୁ କଷ୍ଟମାଇଜଡ଼ କରିଥାଏ। ଏହି ୱାର୍କଆଉଟ ଆପ ଗୁଡ଼ିକରେ ଅନେକ ଫିଚର୍ସ ସାମିଲ ଥାଏ। ୱାର୍କଆଉଟ କରିସାରିବା ପରେ ଫିଡବ୍ୟାକ ହିସାବରେ କହିବାକୁ ହୋଇଥାଏ, ବ୍ୟାୟାମ କରି ସାରିବା ପରେ ଆପଣ କିପରି ଅନୁଭବ କରୁଛନ୍ତି ? ଆପଣ କେତେ ସମୟରେ ୱାର୍କଆଉଟ ପୁରା କରିଛନ୍ତି ? ଆପଣ କେତେ ଓଜନ ଉଠାଇଛନ୍ତି ଆଦି ସାମିଲ ଥାଏ। ଫିଟନେସ ଏବଂ ୱାର୍କଆଉଟ ଉପରେ ନଜର ରଖିବା ପାଇଁ ସ୍ମାର୍ଟୱାଚର ଉପଯୋଗ ବହୁତ ବଢ଼ିଛି। ଏହା ସାହାଯ୍ୟରେ ଜଣେ ବ୍ୟକ୍ତି କଷ୍ଟମାଇଜଡ଼ ନୂଆ ୱାର୍କଆଉଟ ତିଆରି କରିବା ପାଇଁ ତାଙ୍କର ହାର୍ଟ ରେଟ ଏବଂ କ୍ୟାଲୋରି ବର୍ନ ପରି ଡାଟାର ସାହାଯ୍ୟ ନେଉଛନ୍ତି। ବର୍ତ୍ତମାନ ସମୟରେ ଏହି ୱାର୍କଆଉଟ ଆପସ୍ ଗୁଡ଼ିକ ପାଖରେ କୋଟି କୋଟି ସଂଖ୍ୟାର ୟୁଜର୍ସ ଅଛନ୍ତି। ଆଗାମୀ ସମୟରେ ଏହି ପ୍ରକାର ୱାର୍କଆଉଟ ଆପ୍ସ ଗୁଡ଼ିକ ଅଧିକ ଉନ୍ନତ ହେବ। ଯାହା ସାହାଯ୍ୟରେ ଜଣେ ବ୍ୟକ୍ତିକୁ ସେହି ଆଧାରରେ ଆହୁରି ଅଧିକ କଷ୍ଟମାଇଜଡ଼ ୱାର୍କଆଉଟ ତିଆରି କରିବାରେ ସାହାଯ୍ୟ କରିବ। ରିସର୍ଚ୍ଚ ରିପୋର୍ଟ ଏବଂ ପରିସଂଖ୍ୟାନ ଦର୍ଶାଉଛି ଯେ ୨୦୨୭ ସୁଦ୍ଧା ଫିଟନେସ ଆପ ବଜାର ୧୪.୬୪ କୋଟି ଡଲାରରେ ପହଞ୍ଚିବ ଏବଂ ୨୦୨୪ରେ ଫିଟନେସ ଆପ ବ୍ୟବହାରକାରୀଙ୍କ ସଂଖ୍ୟା ପ୍ରାୟ ୧୦.୦୨ କୋଟିରେ ପହଞ୍ଚି ପାରିବ। ଘରେ ୱାର୍କଆଉଟ କରିବା ହେଉ କିମ୍ବା ବିଭିନ୍ନ ଆପ୍ସ ସାହାଯ୍ୟରେ ସ୍ୱାସ୍ଥ୍ୟ ଉପରେ ନଜର ରଖିବା ଫିଟନେସ ପାଇଁ ଏବେ ଅନେକ ଲୋକ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଉପରେ ନିର୍ଭର କରୁଛନ୍ତି।

ବିଶେଷକରି ମାନସିକ ସ୍ୱାସ୍ଥ୍ୟ ସମସ୍ୟା ଦେଇ ଗତି କରୁଥିବା ବ୍ୟକ୍ତିକୁ ଧ୍ୟାନରେ ରଖି ଏପରି ଏଆଇ ଥେରାପିଷ୍ଟ ତିଆରି କରାଯାଉଛି, ଯେଉଁଥିରେ ବ୍ୟକ୍ତି ନିଜ ମାନସିକ ସ୍ୱାସ୍ଥ୍ୟ ସମସ୍ୟା ସମ୍ବନ୍ଧରେ ଆଲୋଚନା କରିପାରୁଛି। ଏହାର ଅର୍ଥ ମାନସିକ ସ୍ୱାସ୍ଥ୍ୟ ସେବା ପାଇଁ ଆବଶ୍ୟକ ଥେରାପି ବି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସି ମାଧ୍ୟମରେ ଉପଲବ୍ଧ ହେଉଛି। ମାନସିକ ସ୍ୱାସ୍ଥ୍ୟ ପାଇଁ ଏଆଇ ଉଇଜା, ହେ ଏବଂ ୱାବୋଟ ପରି ଆପ୍ସ ଜରିଆରେ ଥେରାପି କରାଯାଉଛି। ଯେତେବେଳେ ଏହି ଆପ ଥେରାପି ପ୍ରୋସେସ ଆରମ୍ଭ କରିଥାଏ ଏହା କିଛି ପ୍ରଶ୍ନ ସେଟ କରିଥାଏ ଯାହାକୁ ଲୋକମାନେ ନିଜେ ବାଛିଥାନ୍ତି। ଏହି ଆପ୍ସ ଗୁଡ଼ିକ ସଂଜ୍ଞାତ୍ମକ ବ୍ୟବହାର ଥେରାପିରୁ ପ୍ରେରିତ। ଏହା ଚିନ୍ତା ଅବସାଦକୁ ଦୂର କରିବା ପାଇଁ ଲୋକଙ୍କ ଭାବିବା ଏବଂ ବ୍ୟବହାରର ଶୈଳୀକୁ ବଦଳିବାକୁ ପ୍ରେରିତ କରିଥାଏ। ତେବେ ଏହା ବ୍ୟତୀତ ମଧ୍ୟ ଆହୁରି ଏଆଇ ଥେରାପିଷ୍ଟ ଅଛି ଯାହା ଯୁବ ପିଢ଼ିଙ୍କ ଭିତରେ ଖୁବ ଲୋକପ୍ରିୟ ହୋଇପାରିଛି। ସେଥିରୁ ଗୋଟିଏ ହେଉଛି ସାଇକୋଲୋଜିଷ୍ଟ। ହ୍ୟାରିପୋଟର, ଏଲନ ମସ୍କ, ବେୟାନ୍ସ, ସୁପର ମାରିୟୋ ଏବଂ ଭ୍ଲାଦମିର ପୁଟିନ ଏହି ନାମ ଗୁଡ଼ିକ ହେଉଛି ସେହି ଲକ୍ଷ ଲକ୍ଷ କୃତ୍ରିମ ବୁଦ୍ଧିମତା ବ୍ୟକ୍ତିତ୍ୱର କିଛି ନାମ ଯାହା ସହ କ୍ୟାରେକ୍ଟର, ଏଆଇରେ କଥାବାର୍ତ୍ତା ହେବା ସମ୍ଭବପର। ଏହା ଏମିତି ଏକ ଲୋକପ୍ରିୟ ମଞ୍ଚ ଯେଉଁଠାରେ କେହି ବି କାଳ୍ପନିକ ଏବଂ ବାସ୍ତବିକ ଲୋକଙ୍କ ନାମରେ ଚାଟବଟ ତିଆରି କରିପାରିବେ। ସାଇକୋଲୋଜିଷ୍ଟ ଆପ ମଧ୍ୟ କ୍ୟାରେକ୍ଟର ଏଆଇ ପରି କାମ କରିଥାଏ। କ୍ୟାରେକ୍ଟର, ଏଆଇ ବି ଚାଟବଟ ଚାଟଜିପଟି ପରି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଟେକନିକର ବ୍ୟବହାର କରିଥାଏ। କିନ୍ତୁ ଏବେ କ୍ୟାରେକ୍ଟର, ଏଆଇ ଚାଟବଟ ତୁଳନାରେ ସାଇକୋଲୋଜିଷ୍ଟ ନାମକ ଚାଟବଟ ଅଧିକ ଲୋକପ୍ରିୟ ହେଉଛି। ସାଇକୋଲୋଜିଷ୍ଟକୁ ବ୍ଲେଜମ୍ୟାନ ୯୮ ନାମକ ଜଣେ ୟୁଜର ବର୍ଷକ ପୂର୍ବେ ତିଆରି କରିଥିଲେ। ଏହି ଚାଟବଟରେ ଏଯାଏ ୭୮ ମିଲିୟନ ମେସେଜ ସେୟାର କରାଯାଇଛି। କ୍ୟାରେକ୍ଟର, ଏଆଇ ବା ବ୍ଲେଜମ୍ୟାନ୯୮ ଏହି ଚାଟବଟରେ କେତେ ଉପଭୋକ୍ତା ଅଛନ୍ତି ତାହା ପ୍ରକାଶ କରି ନାହିଁ। କିନ୍ତୁ ଏହା ଅନୁଯାୟୀ ପ୍ରତିଦିନ ୩.୫ ମିଲିୟନ ଲୋକ ଏହି ସାଇଟକୁ ଆସିଥାନ୍ତି। ଏହି ଚାଟବଟର ପରିଚୟ ଜୀବନରେ ଆସୁଥିବା ସମସ୍ୟା ସମାଧାନରେ ସାହାଯ୍ୟ କରୁଥିବା ବ୍ୟକ୍ତି ରୂପେ ହୋଇଥାଏ। ଏଥିରେ ସମୁଦାୟ ୪୭୫ ଚାଟବଟ ଅଛି। ଯାହାର ନାମ ଥେରାପି, ଥେରାପିଷ୍ଟ, ସାଇକାଟ୍ରିଷ୍ଟ ଏବଂ ସାଇକୋଲୋଜିଷ୍ଟ। ଏମାନେ ବିଭିନ୍ନ ଭାଷାରେ ମଧ୍ୟ କଥାବର୍ତ୍ତା ହୋଇପାରନ୍ତି। ଏଥିରେ ସବୁଠୁ ଅଧିକ ଲୋକପ୍ରିୟ ହେଉଛି ମାନସିକ ସ୍ୱାସ୍ଥ୍ୟ ସହାୟକ ପରି ଥେରାପିଷ୍ଟ। ଆର ୟୁ ଫିଲିଙ୍ଗ ଓକେ ପରି ଚାଟବଟରେ ମଧ୍ୟ ୧୬.୫ ମିଲିୟନ ମେସେଜ ପ୍ରତିଦିନ ସେୟାର କରାଯାଇଥାଏ। ଏହା ବ୍ୟତୀତ ଲିମ୍ବିକ ଆକ୍ସେସ ନାମକ ଏକ ଏଆଇ ସେବାକୁ ମଧ୍ୟ ଗତ ବର୍ଷ ବ୍ରିଟେନ ସରକାର ମେଡ଼ିକାଲ ଡିଭାଇସ ପ୍ରମାଣ ପତ୍ର ଦେଇଥିଲା। ଏହି ପ୍ରମାଣ ପତ୍ର ହାସଲ କରିଥିବା ପ୍ରଥମ ମାନସିକ ସ୍ୱାସ୍ଥ୍ୟ ଚାଟବଟ। କିନ୍ତୁ କିଛି ସ୍ୱାସ୍ଥ୍ୟ ମନୋବୈଜ୍ଞାନିକ ମତରେ ଏହିପରି ଏଆଇ ଥେରାପିଷ୍ଟ ଗୁଡ଼ିକ ରୋଗୀଙ୍କୁ ଖରାପ ପରାମର୍ଶ ଦେଇପାରେ। କିନ୍ତୁ ଚିକିତ୍ସା ଜଗତ ଏହି ଚାଟବଟ ଗୁଡ଼ିକୁ ଧୀରେ ଧୀରେ ଉପକରଣ ରୂପେ ସ୍ୱୀକାର କରିବା ଆରମ୍ଭ କରିଛନ୍ତି।



ଛତ୍ରପୁର(ଭାସ୍କର ନ୍ୟୁଜ): ଛତ୍ରପୁର କଂଗ୍ରେସ କମିଟି ପକ୍ଷରୁ ବରିଷ୍ଠ କଂଗ୍ରେସ ନେତା ଭାଗିରଥି ବେହେରାଙ୍କ ନେତୃତ୍ୱରେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ଜନ୍ମଜୟନ୍ତୀ ପାଳନ କରାଯାଇଛି । ଛତ୍ରପୁର ଅପର ବସ୍‌ଷ୍ଟାଣ୍ଡସ୍ଥିତ ରାଜୀବଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରି ରାଜୀବ ଗାନ୍ଧୀ ଅମର ରହେ ନାରା ଦେଇ ସ୍ମୃତିଚାରଣ କରାଯାଇଥିଲା । ପିସିସି ସଭ୍ୟ ଡ଼ଃ.ସମ୍ଭୁ ପାଣିଗ୍ରାହୀ ଉପସ୍ଥିତ କର୍ମୀଙ୍କୁ ରାଜୀବ ଗାନ୍ଧୀଙ୍କ ଭାରତବର୍ଷ ପ୍ରତି ଅବଦାନ ସମ୍ପର୍କରେ ଉଦବୋଧନ ଦେଇଥିଲେ । ଉକ୍ତକାର୍ଯ୍ୟକ୍ରମ ରେ ପୂର୍ବତନ ସରପଞ୍ଚ ରାମସ୍ୱାମୀ ରେଡ୍ଡୀ, ଟି.କ୍ରିଷ୍ଣା ରେଡ୍ଡୀ, ଜିଲ୍ଲା ଷ୍ଟିୟରିଂ କମିଟି ସଦସ୍ୟ ଗଣପତି ବାରିକ, ଯୁବ କଂଗ୍ରେସ ନେତା ବଳିଆ ବେହେରା, ଛାତ୍ର କଂଗ୍ରେସ ରାଜ୍ୟ ସାଧାରଣ ସମ୍ପାଦକ ମହେଶ କୁମାର ଗୌଡ, ଛାତ୍ର କଂଗ୍ରେସ ରାଜ୍ୟ ସାଧାରଣ ସମ୍ପାଦକ ଚକ୍ରପାଣି ପୋଲାଇ, ପିସିସି ସଭ୍ୟ ଭବାନୀ ବେହେରା, ପୂର୍ବତନ ନଗର ସଭାପତି କାଳିଆ ରାଉଳ, ଅଶୋକ ପଟ୍ଟନାୟକ, ଟି.ବେଣୁଗୋପାଳ ଆଚାରୀ, ହାଡୁ ରେଡ୍ଡୀ, ବିକ୍ରମ ରେଡ୍ଡୀ, ଆଦିତ୍ୟ ଦାସ, କୁନି ନାୟକ, ରବି ମୁଦୁଲି, ଗୁରୁ ରେଡ୍ଡୀ ଆଦି ବହୁ ସଂଖ୍ୟାରେ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ ।

### ପ୍ଲେ ସ୍କୁଲ୍ ନିୟନ୍ତ୍ରଣ ଦାବି

## ଶିଶୁ ସୁରକ୍ଷା ଆୟୋଗ ଅଧ୍ୟକ୍ଷାଙ୍କୁ ଭେଟିଲେ ପ୍ୟାରେଣ୍ଟ୍ ଫେଡେରେସନ୍ କର୍ମକର୍ତ୍ତା



ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ବିଭାଗୀୟ ସ୍ୱୀକୃତି ବିନା ଅବ୍ୟବସ୍ଥିତ ଭାବରେ ଛତୁଫୁଟିଲା ପରି ଚାଲିଥିବା ପ୍ଲେ ଏବଂ ନର୍ସରୀ ସ୍କୁଲ୍‌ଗୁଡ଼ିକୁ ଆଇନ୍ ଏବଂ ନଶୟମ ଅନୁଯାୟୀ ବିଭାଗୀୟ ନିୟନ୍ତ୍ରଣକୁ ଆଣି ସ୍ୱୀକୃତି ପ୍ରଦାନ କରିବାକୁ ନ୍ୟାସନାଲ ପ୍ୟାରେଣ୍ଟ୍ ଫେଡେରେସନ୍ ସଭାପତି ଭୁମୋହନ ବେବର୍ତ୍ତା ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ନବ ନିଯୁକ୍ତିପ୍ରାପ୍ତ ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ ଅଧ୍ୟକ୍ଷା ବବିତା ପାତ୍ର ଏବଂ ସଦସ୍ୟା ଚନ୍ଦନା ଦାଶ, ମନସ୍ମିତା ଖୁଣ୍ଟିଆ, ସୁଜାତା ନାୟକ ପ୍ରମୁଖଙ୍କୁ ଆୟୋଗ କାର୍ଯ୍ୟାଳୟରେ ସାକ୍ଷାତ୍ କରିଥିଲେ। ଦୀର୍ଘ ଏକ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ଆଲୋଚନାରେ ଶିଶୁ ସୁରକ୍ଷା ଅଧିକାର, ଶିକ୍ଷା ଅଧିକାର ଆଇନ୍ ଏବଂ ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗଙ୍କ ଦ୍ୱାରା ଧାର୍ଯ୍ୟ ନୀୟମାବଳୀ ଅନୁଯାୟୀ ପ୍ଲେ ଏବଂ ନର୍ସରୀ ସ୍କୁଲ୍ ଗୁଡ଼ିକୁ ପଞ୍ଜିକରଣ ନିମନ୍ତେ ବ୍ୟବସ୍ଥା ସମ୍ପର୍କରେ ବିସ୍ତୃତ ଆଲୋଚନା ହେଲା। ଏ ସମ୍ପର୍କରେ ଶିକ୍ଷା ସଚିବଙ୍କୁ ଦାବି ପତ୍ର ଦିଆଯାଇଥିବା କଥା ମଧ୍ୟ ଅବଗତ କରାଗଲା। ଆୟୋଗର ଅଧ୍ୟକ୍ଷା ଏବଂ ସଦସ୍ୟାଙ୍କ ସହ ଦୀର୍ଘ ସମୟ ଧରି ସମସ୍ତ ପ୍ରମାଣିକ ତଥ୍ୟ ପ୍ରମାଣ ସହ ଏହି ବିଷୟରେ ଆଲୋଚନା ପରେ ଏ ସମ୍ବନ୍ଧରେ ସେ ନିଜର ଉଦବେଗ ପ୍ରକାଶ କରିବା ସହ ଶୀଘ୍ର ଏ ସମ୍ପର୍କରେ ବିଭାଗୀୟ ପଦସ୍ଥ ଅଧିକାରୀଙ୍କ ସହ ଆଲୋଚନା କରି ଉପଯୁକ୍ତ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଲେ। ଫେଡେରେସନ୍ ତରଫରୁ ମଧ୍ୟ ସମସ୍ତ ପ୍ରକାର ସହଯୋଗ ରହିବ ବୋଲି ପ୍ରତିଶ୍ରୁତି ଦିଆଗଲା। ଆଜିର ପ୍ରତିନିଧି ମଣ୍ଡଳୀରେ ଫେଡେରେସନ୍‌ର ବରିଷ୍ଠ ଉପଦେଷ୍ଟା ନାଗାର୍ଜୁନ ସେଠୀ, ଉପସଭାପତି ସ୍ୱପ୍ନେନ୍ଦୁ ସାମନ୍ତରାୟ, ନିର୍ମଳ ରାଉତ, ସାଧାରଣ ସମ୍ପାଦକ ରମେଶ ଭାରତୀ, ସଞ୍ଜୟ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଅଙ୍ଗନୱାଡ଼ି କର୍ମୀଙ୍କ ୮ ଦଫା ଦାବିପତ୍ର ପ୍ରଦାନ

ମାଲକାନଗିରି(ଭାସ୍କର ନ୍ୟୁଜ): ପୁଣି ଥରେ ୮ ଦଫା ଦାବି ନେଇ ଅଲ୍ ଇଣ୍ଡିଆ ଲେଡିସ୍ ୱାର୍କର୍ସ ଆସୋସିଏସନ୍ ଅଙ୍ଗନୱାଡ଼ି କର୍ମୀ ଓ ସହାୟିକା। ଭାରତୀୟ ମଜଦୁର ସଂଘ ତଥା ଅଙ୍ଗନୱାଡ଼ି କର୍ମୀଙ୍କ ପକ୍ଷରୁ ପୁଣିଥରେ ଜିଲ୍ଲାପାଳ ମାଲକାନଗିରିଙ୍କ ଜରିଆରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ସମେତ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ାଙ୍କ ଉଦ୍ଦେଶ୍ୟରେ ଦାବି ପତ୍ର ପ୍ରଦାନ କରିଛନ୍ତି। ଜିଲ୍ଲାର ହଜାରରୁ ଊର୍ଦ୍ଧ୍ୱ ଅଙ୍ଗନୱାଡ଼ି କର୍ମୀ ଓ ସହାୟିକା ମାଲକାନଗିରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପହଞ୍ଚି ଏହି ଦାବି ଜଣାଇଛନ୍ତି। ଅଙ୍ଗନୱାଡ଼ି କର୍ମୀଙ୍କ ଦରମାକୁ ବୃଦ୍ଧି କରିବାକୁ ପ୍ରତିଶ୍ରୁତି ଦେଇ ୨୦୨୪ରେ ସରକାରକୁ ଆସିବା ପରେ ବିଜେପି ସରକାର ପ୍ରତିଶ୍ରୁତି ଦେଇଥିବା କଥା ଭୁଲି ଯାଇଛନ୍ତି। କିଛି ଏଭଳି କହି ସରକାରଙ୍କୁ ଟାର୍ଗେଟ କରିଛନ୍ତି ଜିଲ୍ଲାର ଅଙ୍ଗନୱାଡ଼ି କର୍ମୀମାନେ। ସମାନ କାର୍ଯ୍ୟକୁ ସମାନ ଦରମା ନଦେଇ ଓଲଟା ଅଧିକ କାର୍ଯ୍ୟ ତାଙ୍କ ଉପରେ ସରକାର ଲଦି ଦେଉଥିବା ଅଭିଯୋଗ କରିଛନ୍ତି। ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗର ପକ୍ଷରୁ ପୂର୍ବ ନିର୍ଦ୍ଦେଶ ଅନୁଯାୟୀ, ବର୍ତ୍ତମାନ ସମସ୍ତ ଅଙ୍ଗନୱାଡ଼ି କର୍ମୀ ପୋଷଣ ଟ୍ରାକର ଆପ୍ ବ୍ୟାବହାର କରୁଛନ୍ତି। ଯେଉଁଥିରେ ଅଙ୍ଗନୱାଡ଼ି କେନ୍ଦ୍ରର ପ୍ରତ୍ୟେକ ଦିନର ପିଲାଙ୍କ ଉପସ୍ଥାନ, ଗର୍ଭବତୀ ଓ ପ୍ରସୂତି ମାଁଙ୍କ ସମସ୍ତ ପ୍ରକାରର ଟିକା କରଣର ବିବରଣୀ ସହିତ ପିଲାଙ୍କ ଓଜନ ଓ ସ୍ଥିତି କିଭଳି ରହିଛି, ପ୍ରତ୍ୟେକ ଦିନ କେତେ ଉପସ୍ଥାନ ରହିଛନ୍ତି। ଏସବୁର ବିବରଣୀ ସରକାରଙ୍କ ପାଖକୁ ପହଞ୍ଚିବା ପରେ ମଧ୍ୟ, ବର୍ତ୍ତମାନ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ପୋଷଣ ଟ୍ରାକରରେ ଏଫ ଆର ଏସ ଅର୍ଥାତ ପ୍ରତ୍ୟେକ ମାସରେ ମାଁ ଏବଂ ପିଲାଙ୍କ ସହିତ କିଶୋରୀ ବାଳିକାଙ୍କ ଫେସ୍ ଭେରିଫିକେସନ୍ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଯାହାକି ଅତ୍ୟନ୍ତ କଷ୍ଟକର। କାରଣ ବିଭିନ୍ନ ସମୟରେ ନେଟୱର୍କ ର ସମସ୍ୟା, ଅଧିକ ହିତାଧିକାରୀଙ୍କ ଆଧାର କାର୍ଡ ସହିତ ମୋବାଇଲ ନମ୍ବର ର ଲିଙ୍କ୍ ନରହିବା, ହିତାଧିକାରୀଙ୍କ ଫୋଟୋ ମିସ୍ ମ୍ୟାଚ୍ ଇତ୍ୟାଦି ସମସ୍ୟା ଦେଖାଦେଉଛି। ଯାହାଫଳରେ ଅନେକ ପିଲା, ମାଁ ଓ କିଶୋରୀ ବାଳିକା ମାନେ ସରକାରଙ୍କ ଦ୍ୱାରା ଦିଆଯାଉଥିବା ପୁଷ୍ଟିକର ଖାଦ୍ୟରୁ ବଞ୍ଚିତ ହେଉଛନ୍ତି। ଏଣୁ ଏହାର ସଠିକ ରୂପାୟନ ପାଇଁ ସରକାରଙ୍କୁ ଉନ୍ନତ ମାନର ମୋବାଇଲ ସହିତ ମାସାଖର ରିଚାର୍ଜ ଦେବାକୁ ଦାବି କରିଛନ୍ତି। ଏହାସହିତ ଅଙ୍ଗନୱାଡ଼ି କର୍ମୀ କିମ୍ବା ସହାୟିକା ଯଦି କାର୍ଯ୍ୟରତ ସମୟରେ ମୃତ୍ୟୁ ବରଣ କରୁଥିବ ତୁରନ୍ତ ସହାୟତା ରାଶି ପ୍ରଦାନ କରିବା ସହିତ ପରିବାରର ଜଣଙ୍କୁ ଯୋଗ୍ୟତା ଭିତ୍ତିରେ ସେହି ସ୍ଥାନରେ ନିଯୁକ୍ତି ସୁଯୋଗ ଦିଆଯିବାକୁ ଦାବି କରିଛନ୍ତି ଅଙ୍ଗନୱାଡ଼ି ଲେଡିସ୍ ୱାର୍କରସ ଆସୋସିଏସନ୍। ସରକାର ଯଦି ତାଙ୍କର ଦାବି ପୂରଣ ନ କରନ୍ତି ଆଗାମୀ ଦିନରେ ପୁଣି ଥରେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଆସୋସିଏସନ୍ ପକ୍ଷରୁ ଚେତାବନୀ ଦେଇଛନ୍ତି।

## ରାମେଶ୍ୱର-ଟାଙ୍ଗି ରାସ୍ତା ସମ୍ପ୍ରସାରଣ ଦାବି

ଚଣ୍ଡିଖୋଲ(ଭାସ୍କର ନ୍ୟୁଜ): ୧୬ ନମ୍ବର ଜାତୀୟ ରାଜପଥର ଟ୍ରାଫିକ ଭିଡ଼କୁ ହ୍ରାସ କରିବା ପାଇଁ ଗତକାଲି କେନ୍ଦ୍ର କ୍ୟାବିନେଟରେ ୮,୩୦୭ କୋଟି ଟଙ୍କା ମଞ୍ଜୁର ହୋଇ ଖୋର୍ଦ୍ଧା ଜିଲ୍ଲା ରାମେଶ୍ୱରରୁ କଟକ ଜିଲ୍ଲା ଟାଙ୍ଗି ପର୍ଯ୍ୟନ୍ତ ୬ ଲେନ୍ ବିଶିଷ୍ଟ ୧୧୧ କିମି ଦୂରତାର ଏକ୍ସପ୍ରେସ କରିଡ଼ର କ୍ୟାପିଟାଲ ରିଜିଅନ ରିଙ୍ଗ ରୋଡ଼ ନିର୍ମାଣ କରିବାକୁ ଅନୁମୋଦନ ହୋଇଛି। ମାତ୍ର ଅଧୁରି ୨୫ କିମି ବୃଦ୍ଧି କରି ଚଣ୍ଡିଖୋଲ ପର୍ଯ୍ୟନ୍ତ ପରିବ୍ୟାପ୍ତ କରାଯିବାକୁ ବ୍ୟବସାୟୀ ସଂଘ ଦାବି କରିଛି। ଚଣ୍ଡିଖୋଲ ଛକ ଏକ ବାଣିଜ୍ୟ ବହୁଳ ବଜାର ଭାବେ ପରିଚିତ। ଏଠାରୁ ପ୍ରତିଦିନ ଲୋକେ ବିଭିନ୍ନ ସ୍ଥାନକୁ ଯାତାୟାତ କରିଥାନ୍ତି। ଏଠାରେ ନିତିଦିନ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। କଟକ, ମଙ୍ଗୁଳି ଓ ଭୁବନେଶ୍ୱର ଯାତ୍ରା କରିବା ବେଳେ ଚଣ୍ଡିଖୋଲରେ ହିଁ ଟ୍ରାଫିକ ଭିଡ଼ ପରିଲକ୍ଷିତ ହେଉଛି। ତେଣୁ ଚଣ୍ଡିଖୋଲ ପର୍ଯ୍ୟନ୍ତ ପରିବ୍ୟାପ୍ତ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବାକୁ ବଣିକ ସଂଘର ସଭାପତି କ୍ଷୀରୋଦ ମହାଲା, ଅସ୍ଥାୟୀ ବ୍ୟବସାୟୀ ସଂଘର ସମ୍ପାଦକ ସଂଜୟ କୁମାର ସ୍ୱାଇଁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ ଏବଂ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଅନୁରୋଧ କରିଛନ୍ତି।

## ପରକିଆପ୍ରୀତିରୁ ୩ ଝିଅଙ୍କ ସହ ମା'ର ଆତ୍ମାହୁତି ଉଦ୍ୟମ

ନିଶ୍ଚିନ୍ତକୋଇଲି(ଭାସ୍କର ନ୍ୟୁଜ): ଗୁରୁବାର ନିଶ୍ଚିନ୍ତକୋଇଲି ବ୍ଲକ ବାଲିଆପଦା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ସ୍ୱାମୀର ପରକୀୟା ପ୍ରୀତିକୁ ପତ୍ନୀ ସନ୍ଦେହ କରି ୩ କନ୍ୟାଙ୍କ ସହ ନିଜ ଦେହରେ କିରାସିନି ଢାଳି ଆତ୍ମାହୁତି ଦେବା ପାଇଁ ଉଦ୍ୟମ କରିଥିଲେ। ତେବେ ସ୍ଥାନୀୟ ଗ୍ରାମବାସୀଙ୍କ ଉପସ୍ଥିତ ବୁଦ୍ଧି ଓ ହସ୍ତକ୍ଷେପ ଯୋଗୁ ଏକ ବଡ଼ଧରଣର ଅଘଟଣରୁ ଏଡ଼ାଇ ଦିଆଯାଇ ପାରିଛି। ବାଲିଆପଦା ଗ୍ରାମର ସାନ୍ତନୁ କୁମାର ମଲିକ ଓ ସୁନାକର ମଲିକ ପଡୋଶୀ ଅଟନ୍ତି। ଦୁଇଜଣ ଦୀର୍ଘ ଦିନ ହେଲା ସୁଦୂର ହାଇଦ୍ରାବାଦରେ ଏକ କମ୍ପାନୀରେ କାର୍ଯ୍ୟ କରନ୍ତି। ଉଭୟଙ୍କ ପତ୍ନୀ ସେମାନଙ୍କ ପିଲାଙ୍କୁ ନେଇ ଗାଁରେ ରହିଆସନ୍ତି। ଏପରିସ୍ଥଳେ ସାନ୍ତନୁଙ୍କ ପଡୋଶୀ ମହିଳାଙ୍କ ସହ ପରକୀୟା ପ୍ରୀତି ଥିବା ତାଙ୍କ ପତ୍ନୀ ଝରଣା ସନ୍ଦେହ କରିଆସୁଥିଲେ। ତେବେ ସାନ୍ତନୁ ହାଇଦ୍ରାବାଦରେ ଥିଲାବେଳେ ସକାଳେ ମାନସିକ ସ୍ତରରେ ଆଘାତ ପାଇ ପତ୍ନୀ ଝରଣା ୩ କନ୍ୟା ଲକ୍ଷ୍ମୀପ୍ରିୟା, ସୁପ୍ରିୟା ଓ ସୁମିତ୍ରାଙ୍କୁ ନେଇ ଏକ ସ୍କୁଟି ଯୋଗେ ସ୍ଥାନୀୟ ତିଳରଙ୍କ ଘରକୁ ଯାଇ କିରାସିନି ଆଣିଥିଲେ। ୩ କନ୍ୟାଙ୍କୁ ସାଥିରେ ନେଇ ଝରଣା ତାଙ୍କର ପଡୋଶୀ ସୁନାକରଙ୍କ ଘର ସମ୍ମୁଖକୁ ଯାଇଥିଲେ। ଝରଣା ସୁନାକରଙ୍କ ପତ୍ନୀଙ୍କୁ ଡାକି କଳିକଜିଆ କରିଥିଲେ। ଝିଙ୍ଗିଟି ଖେଳରୁ ମହାଭାରତ ପରି କଳି ଝରଣା ଶେଷରେ ଉଗ୍ରରୂପ ଧାରଣ କରିଥିଲା। ଏହି ସମୟରେ ଝରଣା ସୁନାକରଙ୍କ ମାଆଙ୍କ ଉପରେ ମରଣାନ୍ତକ ଆକ୍ରମଣ କରିବାକୁ ପଛାଇନଥିଲେ। ଏପରିସ୍ଥଳେ ଝରଣା ନିଜର ୩ କନ୍ୟାଙ୍କ ଦେହରେ କିରାସିନି ଢାଳି ନିଆଁ ଲଗାଇ ଦେବା ନିମନ୍ତେ ଉଦ୍ୟମ କରୁଥିବା ଦେଖି ସ୍ଥାନୀୟ ଲୋକେ ୩ କନ୍ୟା ଓ ମାଆଙ୍କୁ ନିଶ୍ଚିତ ମୃତ୍ୟୁ ମୁଖରୁ ଉଦ୍ଧାର କରିଥିଲେ।

## ରାଜ୍ୟ ନିର୍ବାଚନ କମିଶନରଙ୍କ ସମୀକ୍ଷା ବୈଠକ




ଢେଙ୍କାନାଳ(ଭାସ୍କର ନ୍ୟୁଜ): ଜିଲ୍ଲା କାର୍ଯ୍ୟାଳୟ ସଦଭାବନା ସଭାଗୃହ ଠାରେ, ଜିଲାରେ ଅନୁଷ୍ଠିତ ହୋଇଯାଇଥିବା ଚଜଓ (ତ୍ରିସ୍ତରୀୟ ପଞ୍ଚାୟତିରାଜ ସଂସ୍ଥା ଏବଂ ସହରାଞ୍ଚଳ ସ୍ୱାୟତ୍ତ ଶାସନ ସଂସ୍ଥା ନିର୍ବାଚ୍ନ ସଂପର୍କିତ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ନିର୍ବାଚନ କମିଶନର ମଧୁସୂଦନ ପାଢ଼ୀ ଏହି ନିର୍ବାଚ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି । ନିର୍ବାଚନ ସମୟରେ ଉପୁଜିଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ସେ ବିଭାଗୀୟ ଅଧିକାରୀଙ୍କୁ ପଚାରି ବୁଝିଥିଲେ । ନିର୍ବାଚ୍ନର ସୁପରିଚାଳନା ପାଇଁ ପୁଲିଂ ବୁଥ୍ ସ୍ଥାପନ, ପୁଲିଂ କର୍ମଚାରୀଙ୍କ ନିୟୋଜନ ପ୍ରକ୍ରିୟା, ପ୍ରତ୍ୟେକ ବୁଥରେ ମତଦାନ ପାଇଁ ଆନୁସାଙ୍ଗିକ ବ୍ୟବସ୍ଥା, ଉତ୍ତେଜନା ପ୍ରବଣ ବୁଥରେ ସୁରକ୍ଷା ବ୍ୟବସ୍ଥା, ଭୋଟ ଗଣତି ପାଇଁ ହୋଇଥିବା ବ୍ୟବସ୍ଥା ସଂପର୍କରେ ଅବଗତ ହୋଇଥିଲେ । ଆଗାମୀ ନିର୍ବାଚନ ସମୟରେ ବ୍ୟବହାର ପାଇଁ ମହଜୁଦ ଥିବା ବାଲଟ ବକ୍ସକୁ ସୁରକ୍ଷିତ ରଖିବା ପାଇଁ ଯତ୍ନବାନ୍ ହୋଇ ଏହାର ସଠିକ ତଦାରଖ କରିବା ପାଇଁ ପରାମର୍ଶ ଦେଇଥିଲେ । ବୈଠକରେ ଜିଲ୍ଲାପାଳ ଆଶିଷ ଇଶ୍ୱର ପାଟିଲ, ଆଇଏଏସ. ପ୍ରୋବେସନ ଭଗତ ସାମଲ କଲ୍ୟାଣ ରାଓ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦିପ୍ତି ରଂଜନ ସେଠୀ, ସଦର ଉପ ଜିଲ୍ଲାପାଳ ବିଭୁଧ ଗଡ଼ନାୟକ, କାମାକ୍ଷାନଗର ଉପ ଜିଲ୍ଲାପାଳ ଦୀନମଣି ନାଏକ ଏବଂ ହିନ୍ଦୋଳ ଉପ ଜିଲ୍ଲାପାଳ ପ୍ରଭାସ କୁମାର ବେଉରାଙ୍କ ସମେତ ଜିଲ୍ଲା ପଞ୍ଚାୟତ ଅଧିକାରୀ, ସମସ୍ତ ପୌରାଞ୍ଚଳର ନିର୍ବାହୀ ଅଧିକାରୀ ଓ ବିଡ଼ିଓ ନିର୍ବାଚନ କମିଶନରଙ୍କୁ ନିର୍ବାଚ୍ନୀ କାର୍ଯ୍ୟକ୍ରମ ସଂପର୍କରେ ଅବଗତ କରାଇଥିଲେ । ଶେଷରେ ସଦର ଉପ ଜିଲ୍ଲାପାଳ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ରାଜନଗର-ରିଘାଗଡ ରାସ୍ତା ମରଣଯନ୍ତା: ମରାମତି ଦାବି



ରାଜନଗର(ଭାସ୍କର ନ୍ୟୁଜ): କେନ୍ଦ୍ରାପଡ଼ା ଜିଲ୍ଲାର ରାଜନଗରଠାରୁ ଡାଙ୍ଗମାଳ ପର୍ଯ୍ୟନ୍ତ ମୁଖ୍ୟ ରାସ୍ତାକୁ ଦେଖିଲେ ଜଣା ପଡୁଛି ବିକାଶର ଅଗ୍ରଗତିର ଦୁର୍ନୀତି କେତେ ଗଭିରରେ ରହିଛି। ବିଜେଡି ସମୟରେ ବର୍ଷରେ ଦୁଇଥର ରାସ୍ତା କାମରେ କୋଟି କୋଟି ଟଙ୍କା ଖର୍ଚ୍ଚ କାହା ସ୍ୱାର୍ଥରେ ହୋଇ ବିଶ୍ୱ ପ୍ରସିଦ୍ଧ ଭିତରକନିକା ରାସ୍ତାକୁ ମରଣଯନ୍ତାରେ ପରିଣତ କରିଦେଇଛନ୍ତି। ରାଜନଗରର ରାସ୍ତା ଘାଟର କେତେ ଉନ୍ନତିରେ ବିକାଶ ଶୀଳ ହୋଇଛି ତାହା ରାସ୍ତାରେ ହଇରାଣ ହୋଇଥିବା ଫରେନ୍ ପର୍ଯ୍ୟଟକମାନେ ନାକ ଟେକିଛନ୍ତି। ରାଜନଗରରୁ ବିଶ୍ୱପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନକୁ ଦୈନିକ ଦେଶବିଦେଶରୁ ଶତାଧିକ ପର୍ଯ୍ୟଟକ ଯାତାୟତ କରୁଛନ୍ତି। ରାଜନଗରରୁ ଡାଙ୍ଗମାଳ ପର୍ଯ୍ୟନ୍ତ ଯାଇଥିବା ପିଚୁ ରାସ୍ତା ବିଜେଡି ସରକାର ସମୟରେ ପ୍ରାୟ ବର୍ଷରେ ଦୁଇଥର ପୂର୍ତ୍ତ ଓ ଗୃହ ବିଭାଗ ପକ୍ଷରୁ କାର୍ଯ୍ୟ କରାଯାଇ ଯନ୍ତ୍ରୀ ଠିକାଦାର ମାଲେମାଲ୍ ହେଉଥିଲେ। କିନ୍ତୁ ରାଜନଗରରୁ ଡାଙ୍ଗମାଳ ଯିବା ବେଳେ ମହୁଲିଆ ଛକରୁ ଜରିମୂଳ ବରୋଦା ବ୍ୟାଙ୍କ ଛକ ପର୍ଯ୍ୟନ୍ତ ପିଚୁ ରାସ୍ତାରେ ଦୁଇଫୁଟ ଗଭିରର କୃତ୍ରିମ ପୋଖରୀ ସୃଷ୍ଟି ହୋଇ ମରଣଯନ୍ତା ପାଲଟିଛି। ସେହିପରି ରିଘାଗଡ ଗାଁ ପାଖ ପୋଖରୀ ନିକଟରେ ଗାଡ ସୃଷ୍ଟି ହୋଇ ବିପଦ ସୃଷ୍ଟି କରୁଛି। ଏନେଇ ବାରମ୍ବାର ଗଣମାଧ୍ୟମରେ ପ୍ରକାଶ ପାଇଥିଲେ ମଧ୍ୟ ପ୍ରଶାସନ ଦୃଷ୍ଟି ଦେଉନଥିବା ଜଣାପଡିଛି। ତତ୍କାଳୀନ ସହକାରୀ ଯନ୍ତ୍ରୀଙ୍କୁ ପଚାରିବାରୁ କହିଥିଲେ ଆମର ଏହି ରାସ୍ତା କାମ କରିବାର ନାହିଁ ଏନ୍‌ଏଚ ବିଭାଗ କରିବ । ହେଲେ ଏହି କେତେଦିନ ଭିତରେ ବହୁ ଲୋକ ଦୁର୍ଘଟଣାର ସମ୍ମୁଖୀନ ହୋଇଛନ୍ତି। ପ୍ରାୟ ମୃତ ହୋଇନଥିଲେ ମଧ୍ୟ ରାସ୍ତାର ଗାତରେ ପଡି ୨୦/୨୫ଜଣ ଦୁର୍ଘଟଣାର ଶିକାର ହୋଇ କେନ୍ଦ୍ରାପଡ଼ା ଓ କଟକରେ ଚିକିତ୍ସା ହୋଇଥିବା ସୂଚନା ମିଳିଛି। ଏଭଳି ମରଣାନ୍ତକ ରାସ୍ତାକୁ ସୁଧାର ଆଣିବାକୁ ସରକାର ଆଗ୍ରହ ପ୍ରକାଶ କରୁନଥିବା ଅଭିଯୋଗ ହେଉଛି। ତେଣୁ ରାଜ୍ୟ ସରକାର ରାଜନଗର ଡାଙ୍ଗମାଳ ପର୍ଯ୍ୟନ୍ତ ରାସ୍ତାର ସୁଧାର କରି ମରଣଯନ୍ତାରୁ ରକ୍ଷା କରିବାକୁ ସାଧାରଣରେ ଦାବି ହେଉଛି।

## ବିପଦ ସାଜିଛି ଷଣ୍ଡ ଲଢେଇ, ଗାଇଗୋରୁଙ୍କ ମେଳି ଯୋଗୁ ଟ୍ରାଫିକ୍ ସମସ୍ୟା



ପାରାଦୀପ(ଭାସ୍କର ନ୍ୟୁଜ): ପାରାଦୀପ ବନ୍ଦର ସହର ଓ ଏହାର ପ୍ରବେଶ ପଥ ଅଠରବାଙ୍କିରୁ ଦୋଛକି ପର୍ଯ୍ୟନ୍ତ ରାସ୍ତାରେ ପ୍ରାୟ ଟ୍ରାଫିକ ଜାମ ଲାଗିରହୁଥିବା ବେଳେ ଏବେ ଅନେକ ସମୟରେ ରାସ୍ତାରେ ବୁଲା ଷଣ୍ଡଙ୍କ ଲଢେଇ ଓ ମୁଖ୍ୟ ରାସ୍ତା ମାନଙ୍କରେ ବୁଲା ଗାଇଗୋରୁଙ୍କ ଅବାଧ ବିଚରଣ ସାଧାରଣରେ ଟ୍ରାଫିକ ସମସ୍ୟାକୁ ଦ୍ୱିଗୁଣିତ କରିଛି । ଏସବୁ କାରଣରୁ ବଡ଼ପଡ଼ିଆ ଏବଂ ବିଭିନ୍ନ ଜନଗହଳି ପୂର୍ଣ୍ଣ ରାସ୍ତାରେ ସାଧାରଣରେ ଚଳାଚଳ କରିବା କଷ୍ଟସାଧ ହୋଇପଡିଥିବା ବେଳେ ଧନଜୀବନ ହାନୀ ହେବା ନେଇ ଆଶଙ୍କା ସୃଷ୍ଟି ହୋଇଛି । ତେବେ ପୂର୍ବରୁ ପ୍ରଶାସନ ପକ୍ଷରୁ କାଞ୍ଜିଆଗଦା କରାଯାଇ ସେଠାରେ ବୁଲା ଷଣ୍ଡ ଓ ଗାଇଗୋରୁଙ୍କୁ ଭର୍ତ୍ତି କରାଯାଉଥିବାରୁ ସ୍ଥିତି ନିୟନ୍ତ୍ରଣରେ ରହିଥିଲା । କିନ୍ତୁ ଏବେ ତାହା ନଥିବାରୁ ରାସ୍ତାରେ ଏବେ ଗାଇ ଷଣ୍ଡ ଉତ୍ପାତ କରୁଥିବା ଦେଖିବାକୁ ମିଳୁଛି । ତେବେ ବେଳେବେଳେ ଏହି ଷଣ୍ଡ ଲଢେଇ ଏତେ ଭୟଙ୍କର ହୋଇଥାଏ ଯେ ଏଥିରେ ବିଭିନ୍ନ ଯାନ ଭାଙ୍ଗିବା ସହ ଜୀବନ ଭୟରେ ଲୋକେ ଦୌଡୁଥିବା ଅନେକ ଦୃଶ୍ୟ ଦେଖିବାକୁ ମିଳେ । ତେବେ ସ୍ଥାନୀୟ ପ୍ରଶାସନ ଯଦି ତୁରନ୍ତ ଏଥିପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରନ୍ତି ତେବେ ଭବିଷ୍ୟତରେ ଦୁର୍ଘଟଣାରେ ଅନେକ ଜୀବନହାନୀ ହେବା ଘଟଣାକୁ ଏଡାଇ ଦିଆଯାଇନପାରେ ।

## ଗାଁ ଦାଣ୍ଡରେ ଜମୁଛି ବର୍ଷାପାଣି, ଡ୍ରେନେଜ୍ ନିର୍ମାଣ ଦାବି



ରଘୁନାଥପୁର(ଭାସ୍କର ନ୍ୟୁଜ): ରଘୁନାଥପୁର ବ୍ଲକ ତାରପୁର ପଞ୍ଚାୟତ ଗୋକୁଳପୁର ଗ୍ରାମର ଆଖଣ୍ଡଳମଣି ମନ୍ଦିରରୁ ତାଳଦଣ୍ଡା କେନାଲ ପର୍ଯ୍ୟନ୍ତ ୨ ଶହ ମିଟର ରାସ୍ତାରେ ଜମି ରହୁଛି ୧ ଫୁଟ ଉଚ୍ଚର ବର୍ଷାପାଣି। ରାସ୍ତାଟି ନିମ୍ନରେ ଥିବା ଏବଂ ଉଭୟ ପାର୍ଶ୍ୱରେ ଥିବା ବେସରକାରୀ ଜମି ଉଚ୍ଚରେ ରହୁଥିବାରୁ ବର୍ଷାପାଣି ନିଷ୍କାସିତ ହୋଇନପାରି ରାସ୍ତା ଉପରେ ଜମି ରହୁଛି। ଏହାଛଡା ଗ୍ରାମର ଅର୍ଦ୍ଧାଧିକ ଅଞ୍ଚଳର ପାଣି ଏହି ପାର୍ଶ୍ୱକୁ ଗଡି ଆସୁଥିବାରୁ ପରିସ୍ଥିତିକୁ ଆହୁରି ସଙ୍ଗୀନ କରୁଛି। ଫଳରେ ଏହି ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ୧୦ ପରିବାର ଓ ନିକଟରେ ଥିବା ଅନୁସୂଚିତ ସାହିର ଲୋକେ ପାଣିରେ ପଶି ଯାତାୟତ କରିବାକୁ ବାଧ ହେଉଛନ୍ତି। ଅଙ୍ଗନୱାଡି ଓ ସ୍କୁଲକୁ ଯାଉଥିବା ପିଲା ତଥା ନିକଟରେ ଥିବା ଆଖଣ୍ଡଳମଣି ଓ ମା' ମଳିକେଶ୍ୱରୀ ମନ୍ଦିରକୁ ଆସୁଥିବା ଲୋକେ ଜମି ରହିଥିବା କର୍ଦ୍ଦମାକ୍ତ ପାଣିରେ ପଶି ଯିବାକୁ ପଡୁଛି। ଜମି ରହିଥିବା ଉକ୍ତ ବର୍ଷାପାଣି ନିଷ୍କାସିତ ପାଇଁ ଆଖଣ୍ଡଳମଣି ମନ୍ଦିରଠାରୁ ତାଳଦଣ୍ଡା କେନାଲ ପାର୍ଶ୍ୱ ଦେଇ ସାରଦା ସରକାରୀ ଉଚ୍ଚ ବିଦ୍ୟାଳୟ ପଛ ପାଖରେ ଥିବା ମାଇନର କେନାଲ ପର୍ଯ୍ୟନ୍ତ ଡ୍ରେନେଜ ବ୍ୟବସ୍ଥା କରିବା ପାଇଁ ଚନ୍ଦ୍ରଶେଖର ସିଂହ, ରବୀନ୍ଦ୍ର କୁମାର ସାହୁ, ଧିରେନ କୁମାର ସିଂହ, ଅକ୍ଷୟ କୁମାର ମଲ୍ଲିକ, ନିରାକାର ସିଂହ, ସୁରେଶ କୁମାର ବାରିକ, ବନମାଳୀ ଭୋଇଙ୍କ ସହ ଗ୍ରାମବାସୀ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ତେବେ ଏ ନେଇ ଅଭିଯୋଗ ଆସିନଥିବା ବିଡିଓ ବିରଞ୍ଚି ନାରାୟଣ ବେହେରା ପ୍ରକାଶ କରିଛନ୍ତି। ସରପଞ୍ଚଙ୍କ ସହ କ୍ଷେତ୍ର ପରିଦର୍ଶନ କରି ସମସ୍ୟାର ସମାଧାନ କରାଯିବ ବୋଲି ବିଡିଓ ବେହେରା କହିଛନ୍ତି।

## ବିଶ୍ୱସ୍ତରୀୟ ଶିକ୍ଷନୁଷ୍ଠାନରେ ଉଚ୍ଚଶିକ୍ଷା ପାଇଁ ଓଡ଼ିଆ ଛାତ୍ରୀ ଚୟନ



ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଓଡ଼ିଆ ଛାତ୍ରୀ ହ୍ରିଷିତା ହିମାଳିକା ଏବେ ଉଚ୍ଚଶିକ୍ଷା ପାଇଁ ଇମ୍ପେରିଆଲ ବିଜ୍‌ନେସ୍ ସ୍କୁଲ (ଇମ୍ପେରିଆଲ କଲେଜ ଲଣ୍ଡନ୍) ଦ୍ୱାରା ଚୟନ ହୋଇଛନ୍ତି। ସେ ସେଠାରେ ଷ୍ଟ୍ରାଟେଜିକ୍ ମାର୍କେଟିଂରେ ଏମ୍.ଏସ୍‌ସିରେ ଉଚ୍ଚଶିକ୍ଷା ଲାଭ କରିବେ। ଇମ୍ପେରିଆଲ କଲେଜ ଶିକ୍ଷା କ୍ଷେତ୍ରରେ ଉତ୍କର୍ଷତା ପାଇଁ ପ୍ରମୁଖ ବିଶ୍ୱବିଦ୍ୟାଳୟ ସ୍ତରରେ ପୃଥିବୀରେ ଦ୍ୱିତୀୟ ସ୍ଥାନ ଲାଭ କରିଛି। ହ୍ରିଷିତା ଇମ୍ପେରିଆଲ କଲେଜ ବ୍ୟତୀତ ଅନ୍ୟ ୩ ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟ ଯଥା ଟ୍ରିନିଟି କଲେଜ, ୱାରୱିକ୍ ୟୁନିଭର୍ସିଟି, ଏଡିନ୍‌ବର୍ଗ ୟୁନିଭର୍ସିଟିରେ ଉଚ୍ଚଶିକ୍ଷା ପାଇଁ ମଧ୍ୟ ଚୟନ ହୋଇଥିଲେ। ସେ ଗତବର୍ଷ ଲଣ୍ଡନ ସ୍କୁଲ ଅଫ ଇକୋନୋମିକ୍ସରେ ଏକ କୋର୍ସର ଶିକ୍ଷା ଲାଭ କରିଥିଲେ। ସେ ଜଣେ କୃତୀ ଛାତ୍ରୀ ଭାବେ ଭୁବନେଶ୍ୱର ମଦର୍ସ ପବ୍ଲିକ ସ୍କୁଲରୁ ଦଶମ, ସାଇ ଇଣ୍ଟରନ୍ୟାସନାଲ ସ୍କୁଲରୁ ଦ୍ୱାଦଶ ଓ ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ବି.କମ୍ (ସମ୍ମାନ) ଡିଗ୍ରୀ ଲାଭ କରିଛନ୍ତି। ଏହି ସଫଳତା ପାଇଁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବିଶିଷ୍ଟ ଶିକ୍ଷାବିତ ଡ.ଅଚ୍ୟୁତ ସାମନ୍ତ, ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଡିନ୍-ପ୍ରଫେସର ବଳରାମ ପାଣି, ଉତ୍କଳ ବିଶ୍ୱ ବିଦ୍ୟାଳୟ ପ୍ରାକ୍ତନ କୁଳପତି ପ୍ରଫେସର ଅଶୋକ ଦାସ ଓ ଫକୀର ମୋହନ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ ତ୍ରିପାଠୀ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ହ୍ରିଷିତା ଧନ୍‌ସର୍, ବାଙ୍କୀ ଆଦର୍ଶ ଶିକ୍ଷକ ସ୍ୱର୍ଗତଃ ପ୍ରସନ୍ନ କୁମାର ରଥ, ପ୍ରଫୁଲ୍ଲ କୁମାରୀ ରଥ, ଅସ୍ତରଙ୍ଗ ଉଚ୍ଚ ବିଦ୍ୟାଳୟ ଆଦର୍ଶ ଶିକ୍ଷକ ତଥା ଖୋର୍ଦ୍ଧା ବାସିନ୍ଦା ସ୍ୱର୍ଗତଃ ବାନାମ୍ବର ରଥ ଓ ବିନୋଦିନୀ ରଥଙ୍କ ନାତୁଣୀ ଏବଂ କେନ୍ଦ୍ର ଯୋଗାଯୋଗ ମନ୍ତ୍ରାଳୟ, ଦିଲ୍ଲୀରେ କାର୍ଯ୍ୟରତ ଭୁବନେଶ୍ୱର, ବାସୁଦେବ ନଗର ବାସିନ୍ଦା ଗଦାଧର ରଥ ଓ ବନାନୀ ରଥଙ୍କ ସୁପୁତ୍ରୀ ଅଟନ୍ତି।

## ବ୍ଲକ୍ ଓ ଏନ୍‌ଏସି ବିବାଦ, ଲୋକେ ଭୋଗୁଛନ୍ତି ଦୁର୍ଦ୍ଦଶା

ନିମାପଡ଼ା(ଭାସ୍କର ନ୍ୟୁଜ): ପ୍ରଶାସନର ସାବତ ପୁଅ ପାଲଟିଛି ପ୍ରହରାଜ ସାହି । ସାହି ଲୋକେ ବିଭିନ୍ନ ଯୋଜନାରୁ ବଞ୍ଚିତ ହେଉଥିବା ବେଳେ ରାସ୍ତା ଖଣ୍ଡେ ନଥିବାରୁ ଯାତାୟତରେ ପ୍ରତିବନ୍ଧକ ସୃଷ୍ଟି ହେଉଛି । ଗୁରୁତର ରୋଗୀଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ନେବା ପାଇଁ ଗ୍ରାମବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏନ୍‌ଏସି ଓ ବ୍ଲକ୍ ମଧ୍ୟରେ ଶୀତଳ ଯୁଦ୍ଧ ଚାଲିଥିବା ବେଳେ ଗ୍ରାମବାସୀ ଦୁର୍ଦ୍ଦଶା ଭୋଗୁଛନ୍ତି। ଏନ୍‌ଏସି ଓ ପଞ୍ଚାୟତର ମିଳିତ ଭାବେ ରାସ୍ତା ଥିବାବେଳେ ପ୍ରଶାସନ ଏହି କାରଣରୁ ଦୃଷ୍ଟି ଦେଉନଥିବା ଗ୍ରାମବାସୀ କ୍ଷୋଭ ପ୍ରକାଶ କରିଛନ୍ତି । ନିମାପଡ଼ା ଏନ୍‌ଏସି ଜଇନାବାଦରୁ ପ୍ରହରାଜ ସାହିକୁ ରାସ୍ତା ସଂଯୋଗ କରିଛି । ଜଇନାବାଦ ୩ ନଂ ୱାର୍ଡ଼ ଏନ୍‌ଏସି ଅନ୍ତର୍ଭୁକ୍ତ ଥିବା ବେଳେ କିଛି ରାସ୍ତା ଭିଲ୍ଲିଗ୍ରାମ ପ୍ରହରାଜ ସାହିରେ ଯାଉଛି । ଜଇନାବାଦରୁ ପ୍ରହରାଜ ସାହିକୁ କୁଶଭଦ୍ରା ନଦୀବନ୍ଧ ଦାଡ଼ରେ ରାସ୍ତାଟିଏ ଥିବାବେଳେ ଦୀର୍ଘଦିନ ହେବ ରାସ୍ତା ମରାମତି ହୋଇପାରୁନି । ବ୍ଲକ୍‌ରୁ ୫ଶହ ମିଟର ଦୂରରେ ପ୍ରହରାଜ ସାହି ଥିବାବେଳେ ଏନ୍‌ଏସି କାର୍ଯ୍ୟାଳୟରୁ ୩ଶହ ମିଟର ଦୂରରେ ଅବସ୍ଥିତ । ଆବଶ୍ୟକ ନଥିବା ସ୍ଥାନରେ ରାସ୍ତା ନିର୍ମାଣ ହେଉଥିବା ବେଳେ ଆବଶ୍ୟକ ଥିବା ଯାତାୟତ ରାସ୍ତା ନିର୍ମାଣ ହୋଇପାରୁନି । ରାସ୍ତାରେ ଆଲୋକୀକରଣ ନଥିବା ବେଳେ ଲୋକେ ନାହିଁନଥିବା ଅସୁବିଧାର ଭୋଗ କରୁଛନ୍ତି । ଖବର ମାଧ୍ୟମରେ ପ୍ରହରାଜ ସାହିର ସଚେତନ ନାଗରିକ ଉପ-ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।

## ଅନ୍‌ଲାଇନରେ ଟଙ୍କା ବିନିଯୋଗ କରି ହତାଶ

ନିଶ୍ଚିନ୍ତକୋଇଲି(ଭାସ୍କର ନ୍ୟୁଜ): ହିଉଜ ଇଣ୍ଡିଆ ଅନଲାଇନରେ ଟଙ୍କା ବିନିଯୋଗ କରିବା ଜମାକାରୀଙ୍କ ନିମନ୍ତେ ମହଙ୍ଗା ପଡିଛି। ସଂସ୍ଥା ବନ୍ଦ ହୋଇଯିବାରୁ ଜମାକାରୀଙ୍କ କୋଟି କୋଟି ଟଙ୍କା ପାଣିରେ ପଡିଛି। ଏନେଇ ନିଶ୍ଚିନ୍ତକୋଇଲି ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଭଦ୍ରେଶ୍ୱର ଥାନା ଗୋତରା ଗ୍ରାମର ରମେଶ ପାତ୍ରଙ୍କ ପୁତ୍ର ରାକେଶ କୁମାର ପାତ୍ର ଅନଲାଇନରେ ହିଉଜ ଇଣ୍ଡିଆ ନାମକ ୱେବସାଇଟ୍‌ର ରିଜିଓନାଲ ମ୍ୟାନେଜର ପରିଚୟ ଦେଇ ୧୬,୫୦୦ଟଙ୍କା ଦେଲେ ଦୈନିକ ୬୧୫ ଟଙ୍କା ଖାତାକୁ ଆସିବ ବୋଲି ପ୍ରଲୋଭନ ଦେଖାଇଥିଲେ। କିଛି ଜମାକାରୀ ଟଙ୍କା ବିନିଯୋଗ କରିବା ପରେ ତାଙ୍କ ଜମାଖାତାକୁ ଦୈନିକ ୬୧୫ଟଙ୍କା ଲେଖାଏଁ ଆସିଥିଲା। ଏହିପରି ବହୁ ଜମାକାରୀଙ୍କ ଜମାଖାତାକୁ ଦୈନନ୍ଦିନ ମୋଟା ଅଙ୍କରେ ଅର୍ଥ ଆସୁଥିବା ଦେଖି ସ୍ଥାନୀୟ ଅଞ୍ଚଳର ବହୁ ରାଜନେତା, ପୋଲିସ, ସାମ୍ବାଦିକ, ବ୍ୟବସାୟୀ ଏପରିକି ବହୁ ବେକାର ଯୁବକ ଲକ୍ଷ ଲକ୍ଷ ଟଙ୍କା ବିନିଯୋଗ କରିଥିଲେ। ମାତ୍ର କୋଟି କୋଟି ଟଙ୍କା ଜମା ନେବା ପରେ ହଠାତ୍ ସଂସ୍ଥା ୱେବସାଇଟ ବନ୍ଦ ହୋଇଯାଇଥିଲା। ଫଳରେ ଜମାକାରୀ ସେମାନଙ୍କ ଅର୍ଥ ପାଇନପାରି ହତାସ ହୋଇପଡିଥିଲେ।

## ମଦ୍ୟପ ସ୍ୱାମୀ ମାଡରେ ସ୍ତ୍ରୀ ମୃତ, ସ୍ୱାମୀ ଅଟକ

ବଡ଼ଚଣା(ଭାସ୍କର ନ୍ୟୁଜ): ଯାଜପୁର ଜିଲା ବୈରୀ ଥାନା ଅଞ୍ଚଳରେ ଗୁରୁବାର ଜଣେ ମଦ୍ୟପ ସ୍ୱାମୀ ମାଡରେ ସ୍ତ୍ରୀର ମୃତ୍ୟୁ ଘଟିଥିବା ସୂଚନା ମିଳିଛି । ସୂଚନା ଅନୁସାରେ ଉକ୍ତ ଥାନା ଅଧିନସ୍ତ ଶାଳପଡା ପଞ୍ଚାୟତ ବାଉଁଶମୁରି ଗ୍ରାମର ସୁରେଶ ମଳିକ(୩୫) ପ୍ରତ୍ୟହ ମଦ୍ୟ ପାନ କରନ୍ତି, ।ଫଳରେ ସ୍ତ୍ରୀ ପିଙ୍କି ମଳିକ(୨୯) ମଦ୍ୟପ ସ୍ୱାମୀର ଯନ୍ତ୍ରଣା ସହିନପାରି ୨୦ ଦିନ ହେବ ନିଜ ବାପ ଘର ବଡ଼ଚଣା ଥାନା ଅନ୍ତର୍ଗତ କୋଲସାହି ପାଟଣାକୁ ଚାଲିଯାଇଥିଲେ । ତେବେ କୋଲସାହିପାଟଣା ନିକଟସ୍ଥ ଦର୍ପଣ ଗାଁରେ ଯାତ୍ରା ଦେଖିବା ପାଇଁ ଅଭିଯୁକ୍ତ ସ୍ୱାମୀ ସୁରେଶ ମଙ୍ଗଳବାର ଯାଇଥିଲେ ଏବଂ ଶଶୁର ଘରେ ରହି ପରିବାର ସହ ଯାତ୍ରା ଦେଖିଥିଲେ । ଗତକାଲି ସନ୍ଧ୍ୟାରେ ସୁରେଶ ସ୍ତ୍ରୀ ଓ ଦୁଇପିଲାଙ୍କୁ ଧରି ନିଜ ଘରକୁ ଆସିଥିଲେ । ତେବେ ଗୁରୁବାର ସକାଳ ପ୍ରାୟ ୧୧.୩୦ରେ ଘରେ ପରିବା ନଥିବା ସ୍ତ୍ରୀ କହିବା ପରେ ସ୍ୱାମୀ ସୁରେଶ ଏକ କାଠ ଫାଳିଆରେ ସ୍ତ୍ରୀକୁ ପିଟିଦେବାରୁ ଘଟଣା ସ୍ଥଳରେ ସ୍ତ୍ରୀ ପିଙ୍କିର ମୃତ୍ୟୁ ଘଟିଥିଲା । ଏହି ଖବର ପ୍ରଚାର ହେବାପରେ ଗ୍ରାମବାସୀ ସୁରେଶ ଘରେ ପହଞ୍ଚିବା ପରେ ସୁରେଶ ଠେଙ୍ଗାରେ ନିଜ ମୁଣ୍ଡକୁ ପିଟି ଦେବାରୁ ପୋଲିସ ଅଭିଯୁକ୍ତ ସ୍ୱାମୀକୁ ଡାକ୍ତରଖାନା ଆଣି ଚିକିତ୍ସା କରି ଥାନାରେ ଅଟକ ରଖିଥିବା ଜଣାଯାଇଛି । ଗ୍ରାମର ୱାର୍ଡ଼ ସଭ୍ୟ ମିଲୁ ମଳିକ ଥାନାରେ ଲିଖିତ ଅଭିଯୋଗ କରିବା ପରେ ବୈରୀ ଥାନାଧିକାରି ଅଂଶୁମାଳା ଦାସ ଏକ ହତ୍ୟା ମାମଲା ରୁଜୁ କରି ସାଇଣ୍ଟିଫିକ ଟିମ୍ ଡାକି ତଦନ୍ତ ଚଳାଇଛନ୍ତି ।

## ଆସିକା ବିଜ୍ଞାନ ମହାବିଦ୍ୟାଳୟରେ କଲମଛାଡ଼ ଆନ୍ଦୋଳନ




ଆସିକା(ଭାସ୍କର ନ୍ୟୁଜ): ଆସିକା ବିଜ୍ଞାନ ମହାବିଦ୍ୟାଳୟର ପରିଚାଳନା କମିଟି ପରିସରଭୁକ୍ତ ଅଧ୍ୟାପକ ଏବଂ କର୍ମଚାରୀଙ୍କ କଲମଛାଡ ଏବଂ କାର୍ଯ୍ୟବନ୍ଦ ଆନ୍ଦୋଳନ ଦ୍ୱାରା କଲେଜ ଶିକ୍ଷା ବ୍ୟବସ୍ଥା ଏବଂ ପ୍ରଶାସନିକ କ୍ଷେତ୍ରରେ ସ୍ଥାଣୁତା ଦେଖାଦେଇଛି। ଦୀର୍ଘ ୧୭ ବର୍ଷ ଧରି କାର୍ଯ୍ୟରତ ଥିଲେ ମଧ୍ୟ ସରକାରଙ୍କ ତରଫରୁ କୌଣସି ପ୍ରକାରର ଅନୁଦାନ ଏପର୍ଯ୍ୟନ୍ତ ପାଇନାହାଁନ୍ତି। ସରକାରଙ୍କ ସମସ୍ତ କାର୍ଯ୍ୟ ଯେମିତି ନିର୍ବାଚ୍ନ, ଛାତ୍ରଛାତ୍ରୀଙ୍କ ନାମଲେଖା, କଲେଜ ତରଫରୁ ସରକାରଙ୍କ ସମସ୍ତ ଶୈକ୍ଷିକ କାର୍ଯ୍ୟ, ସଚ୍ଚେତବତା ଯୋଜନାକୁ ତୁଲେଇ ଆସିଲେ ମଧ୍ୟ ସରକାର ଏଯାବତ୍ କୌଣସି ଅନୁଦାନ ଦେଉନାହାନ୍ତି । ଆମ ମହାବିଦ୍ୟାଳୟରେ ସମୁଦାୟ ୨୨ଅଣ ଅନୁଦାନପ୍ରାପ୍ତ ଅଧ୍ୟାପକ ଓ ଅନ୍ୟାନ୍ୟ କର୍ମଚାରୀ କଲେଜ ପରିଚାଳନା ସମିତି ଦ୍ୱାରା କାମ କରିଆସୁଛନ୍ତି। କିନ୍ତୁ ମାସିକ ଦରମା ଯେମିତି ସମୁଦ୍ରକୁ ଶଙ୍ଖେ ପାଣି ସଦୃଶ ହେଉଛି। ପରିବାର ପୋଷଣ ତ ଦୂରର କଥା ଏମିତି କି ନିଜେ ମଧ୍ୟ ଜୀବନ ଅତିବାହିତ କରିବା କଷ୍ଟ ସାଧ ହୋଇଯାଉଛି। ସମସ୍ତ କର୍ମଚାରୀ ସରକାରୀ କର୍ମଚାରୀ ନ ହୋଇ ଚାକିରିରୁ ଅବସର ନେବା ପାଇଁ ବୟସର ଅପରାହ୍ନରେ ପହଞ୍ଚି ସାରିଲେଣି। ତେଣୁ ଲୋକଙ୍କ ସରକାର ମୋହନ ମାଝି ସରକାରଙ୍କୁ ଆମ କଲେଜ ତରଫରୁ ଅନୁରୋଧ କରୁଛୁ ଯେ ୨୦୦୮ରୁ ୨୦୧୮ ମସିହା ପର୍ଯ୍ୟନ୍ତ କାର୍ଯ୍ୟରତ ଅଧ୍ୟାପକ ଏବଂ କର୍ମଚାରୀଙ୍କୁ ସରକାରୀ ଅନୁଦାନ ପରିସରଭୁକ୍ତ କରାଯାଉ। ଆନ୍ଦୋଳନରେ ଅଂଶଗ୍ରହଣ କରିଥିବା କର୍ମଚାରୀଙ୍କ ମଧ୍ୟରେ ଅଧ୍ୟାପକ ସରୋଜ କୁମାର ପଣ୍ଡା, ରାଜେଶ୍ କୁମାର ସାହୁ ସହିତ ଅନ୍ୟାନ୍ୟ କର୍ମଚାରୀ, ପିଙ୍କୁ ବିଶୋୟୀ, ମୁନା ଗୌଡ, ଜିତେନ୍ଦ୍ର କୁମାର ସାହୁ, କୃଷ୍ଣଚନ୍ଦ୍ର ପଣ୍ଡା, ଗଣେଷ ବାହାଦୂର ଗୁରୁମ୍, କୃଷ୍ଣଚନ୍ଦ୍ର ଡାକୁଆ, ପ୍ରବୀଣ କୁମାର ସ୍ୱାଇଁ, ସନ୍ତୋଷ କୁମାର ମହାରଣା, ଶଂକର ଗୌଡ଼, ଅନିଲ କୁମାର ମଲ୍ଲିକ, ବନ୍ଦୀ ପ୍ରଧାନ, ଭିକାରି ଗୌଡ଼, ରାଧାଚ୍‌ରଣ ସ୍ୱାଇଁ, ପ୍ରଶାନ୍ତ କୁମାର ମହାନ୍ତି, ମାନସ ରଞ୍ଜନ ଗୌଡ଼, ସନ୍ତୋଷ କୁମାର ଲେଙ୍କା, ବସନ୍ତ ନାଇକ, ଗଗନ ନାଇକ, ସବିତା ପାଳ, ଶିବରାମ ନାହାକ ପ୍ରମୁଖ ଉପସ୍ଥିତ ଥିଲେ।

## ନିଖୋଜର ୪ଦିନ ପରେ ମିଳିଲା ମହିଳାଙ୍କ ମୃତଦେହ, ସ୍ୱାମୀ ଅଟକ



ଅସ୍ତରଙ୍ଗ(ଭାସ୍କର ନ୍ୟୁଜ): ମିଳିଲା ମୃତଦେହ, ବଢିଲା ସସ୍ପେନସ। ଗତ ୧୮ରେ ମହିଳା ନିଖୋଜ, ୨୧ରେ ମିଳିଲା ମୃତଦେହ। ନିଖୋଜର ୪ଦିନ ପରେ ମହିଳା ଗଳିତ ମୃତଦେହ ନିକଟସ୍ଥ ଦେବୀ ନଦୀ ପାର୍ଶ୍ୱବର୍ତ୍ତୀ ପଥରଡିରୁ ଉଦ୍ଧାର। ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକ। ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ତାଳଦା ଗ୍ରାମର ମହିଳାଙ୍କ ମୃତଦେହକୁ ନେଇ ବଢିଲା ସସ୍ପେନ୍ସ। ଖବର ମୁତାବକ ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଅନ୍ତର୍ଗତ ତାଳଦା ଗ୍ରାମର ଅଜୟ ନାୟକଙ୍କୁ ବୈଦିକ ରୀତିନୀତିରେ ଦୀର୍ଘ ବର୍ଷ ପୂର୍ବେ ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଓସକଣା ଗ୍ରାମର ଶରତ ନାୟକଙ୍କ ଝିଅ ଲିଲିପ୍ରଭା ନାୟକ ବିବାହ କରିଥିଲେ। ବିବାହ ସମୟରେ ଜ୍ୱାଇଁ ଅଜୟକୁ ପରିବାର ଲୋକେ ୨ ଲକ୍ଷ ଟଙ୍କା ସହ ସୁନା ଅଳଙ୍କାର, ଆସବାବପତ୍ର ମଧ୍ୟ ଦେଇଥିଲେ। କିନ୍ତୁ ବିବାହ ୭ରୁ ୮ମାସ ପରେ ସ୍ୱାମୀ ଓ ଶାଶୂ, ଶଶୁର, ନଣଦ ଏକତ୍ରିତ ହୋଇ ବିଭିନ୍ନ ସମୟରେ ଯୌତୁକ ବାବଦକୁ ୫୦ହଜାର ଟଙ୍କା ଆଣିବା ପାଇଁ ବାରମ୍ବାର ବାଧ କରୁଥିଲେ ଓ ଶାରୀରିକ ମାନସିକ ଯନ୍ତ୍ରଣା ଦେଉଥିଲେ। କିନ୍ତୁ ଅଗଷ୍ଟ ୧୮ତାରିଖ ଦିନ ଜ୍ୱାଇଁ ଅଜୟ ନାୟକ ଲିଲିଙ୍କ ବାପା ଶରତଙ୍କୁ ଫୋନ କରି କହିଥିଲେ ତୁମ ଝିଅ କୁଆଡେ ପଳାଇ ଯାଇଛି । ଫଳରେ କିଛି ଘଣ୍ଟା ମଧ୍ୟରେ ଲିଲିଙ୍କ ବାପା ଅଜୟଙ୍କ ଘରେ ପହଞ୍ଚି ଦେଖିଥିଲେ ଲିଲି ନାହାନ୍ତି। ବିଭିନ୍ନ ସ୍ଥାନରେ ଝିଅକୁ ଖୋଜି ନ ପାଇବା ପରେ ଅସହାୟ ହୋଇ ଶରତ ଅସ୍ତରଙ୍ଗ ଥାନାରେ ଲିଖିତ ଅଭିଯୋଗ ଦେଇଥିଲେ। କିନ୍ତୁ ଅଭିଯୋଗକୁ ପୋଲିସ ଗୁରୁତ୍ୱର ସହ ନେଇ ନଥିବା ବେଳେ ଲିଲିଙ୍କ ବାପ ଘର ଲୋକ ତାଳଦାର ବିଭିନ୍ନ ସ୍ଥାନରେ ଖୋଜି ଏକ ମଠ ମଧ୍ୟରୁ ଜ୍ୱାଇଁ ଓ ତାର ସହଯୋଗୀକୁ ଧରି ଅସ୍ତରଙ୍ଗ ପୋଲିସ ମାଧ୍ୟମରେ ବୁଧବାର ମଧ୍ୟାହ୍ନରେ ଜିମା ଦେବା ପରେ ଅସ୍ତରଙ୍ଗ ପୋଲିସ ଅଜୟ ଓ ସହଯୋଗୀଙ୍କୁ ଆଣି ଅଟକ ରଖି ଗୁରୁବାର ପଚରା ଉଚରା ପରେ ଛାଡିଦେଇଥିଲେ। ଫଳରେ ପୋଲିସ ତଦନ୍ତ ନେଇ ସନ୍ଦେହ ବଢିଥିବା ନେଇ ପରିବାର ଲୋକ ଅଭିଯୋଗ ଆଣିଥିଲେ। ଗୁରୁବାର ଦେବୀ ନଦୀରେ କିଛି ମତ୍ସ୍ୟଜୀବୀ ମାଛ ଧରି ଫେରୁଥିବା ବେଳେ ଅସ୍ତରଙ୍ଗ ଥାନା ପଥରଡି ନିକଟ ଦେବୀ ନଦୀର ଅପରପାର୍ଶ୍ୱରେ ଗଳିତ ଅବସ୍ଥାରେ ଏକ ମହିଳାଙ୍କ ମୃତଦେହ ପଡିଥିବା ଦେଖି ସ୍ଥାନୀୟ ଲୋକଙ୍କୁ ସୂଚନା ଦେଇଥିଲେ। ଘଟଣା ସ୍ଥଳରେ ଲିଲିଙ୍କ ପରିବାର ପହଞ୍ଚି ମୃତ ଦେହକୁ ଚିହ୍ନଟ ପରେ ଗୁରୁବାର ଅପରାହ୍ନରେ ଅସ୍ତରଙ୍ଗ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ପୁରୀ ସାଇଣ୍ଟିଫିକ ଅଧିକାରୀ ଆଦିତ୍ୟ ରଞ୍ଜନ ନାୟକ, ରମେଶ ଚନ୍ଦ୍ର ବାରିକ, ବିଶ୍ୱଜିତି ସାହୁ, ଅସ୍ତରଙ୍ଗ ଥାନା ଅଧିକାରୀ ଦୁର୍ଗା ଚରଣ ମହାପାତ୍ର, ଉପନିରୀକ୍ଷକ ଦୀପକ ସାମନ୍ତସିଂହାର ସମେତ ଅନ୍ୟ ପୋଲିସ ଅଧିକାରୀ ମୃତ ଦେହ ପଡ଼ିଥିବା ସ୍ଥାନ ଓ ମୃତଦେହ ତଦାରଖ କରିଥିଲେ। କେମିତି ହେଲା ମହିଳାଙ୍କ ମୃତ୍ୟୁ ? ହତ୍ୟା ପରେ ପ୍ରମାଣ ନଷ୍ଟ ପାଇଁ ଏମିତି କରାଯାଇ ଥିଲା କି ? ମୃତ ଦେହ ମିଳିବା ପରେ ପରିବାର ଲୋକଙ୍କ ମୁଣ୍ଡରେ ଚଡକ ପଡିଛି। ପାରିପାର୍ଶ୍ୱିକ ସ୍ଥିତିରୁ ଏହା ବିଭତ୍ସ ହତ୍ୟା କାଣ୍ଡ ସନ୍ଦେହ କରାଯାଉଛି। ତେବେ କିଏ ଓ କାହିଁକି ଏମିତି ନାରକୀୟ କାଣ୍ଡ ଘଟାଇଲେ, ନା ନିଜ ସ୍ୱାମୀ ଏଭଳି କରିଛନ୍ତି। ହତ୍ୟା ପଛର ପ୍ରକୃତ କାରଣ କଣ ? ଅନ୍ୟ ପଟେ ଅଜୟକୁ ଅସ୍ତରଙ୍ଗ ଥାନାରେ ଅଟକ ରଖିଥିବା ବେଳେ ଥାନା କେଶ ନମ୍ବର ୧୭୨/୨୫ରେ ମାମଲା ରୁଜୁ କରି ପୋଷ୍ଟମର୍ଟମ ରିପୋର୍ଟକୁ ଅପେକ୍ଷା କରିଥିବା ବେଳେ ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରଖିଛି।



ଡେରାବିଶ, (ଭାସ୍କର ନ୍ୟୁଜ୍) : ମାର୍ଶାଘାଇ ବ୍ଲକ ଜଳପୋକ ପଂଚାୟତ ଅନ୍ତର୍ଗତ ପ୍ରସିଦ୍ଧ ଜଟେଶ୍ୱର ମହାଦେବଙ୍କ ପ୍ରାଙ୍ଗଣରେ ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର ଡେରାବିଶ, ଗରଦପୁର ଓ ମାର୍ଶାଘାଇ ବ୍ଲକର କାର୍ମକର୍ତାଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ସଂଘର ବରିଷ୍ଠ ସଦସ୍ୟନିତ୍ୟାନନ୍ଦ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର ରାଜ୍ୟ ସାଧାରଣ ସମ୍ପାଦକଅଶୋକ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ କେନ୍ଦ୍ରାପଡ଼ା ଜିଲ୍ଲାରେ ନିର୍ମାଣ ଶ୍ରମିକମାନଙ୍କର ସମସ୍ୟା ବଢ଼ି ବଢ଼ି ଚାଲିଥିବା ବେଳେ ଏହା ସମାଧାନର ନାଁ ଧରୁନାହିଁ ବୋଲି ପ୍ରକାଶ କରିଥିଲେ । ଏ ସମ୍ପର୍କରେ ସଂଘ ବହୁବାର ଶ୍ରମ ବିଭାଗ କର୍ତୃପକ୍ଷଙ୍କ ସହିତ ଆଲୋଚନା କଲେ ମଧ୍ୟ କିଛି ସୁଫଳ ମିଳୁନାହିଁ । ନିର୍ମାଣ ଶ୍ରମିକମାନଙ୍କର ସମସ୍ୟା ସମାଧାନ ପାଇଁ ଆନ୍ଦୋଳନର ଆବଶ୍ୟକତା ରହିଥିବା ଶ୍ରୀ ତ୍ରିପାଠୀ ପ୍ରକାଶ କରିଥିଲେ । ପ୍ରାୟ ପାଞ୍ଚବର୍ଷ ହେବ ବହୁ ମହିଳା ଶ୍ରମିକ ପରିଚୟ ପତ୍ର ନିମନ୍ତେ ଦରଖାସ୍ତ କରି ମଧ୍ୟ ପରିଚୟ ପତ୍ର ପାଇପାରିନାହାଁନ୍ତି । ସେହିଭଳି ଶହଶହ ନିର୍ମାଣ ଶ୍ରମିକ ବର୍ଷ ବର୍ଷ ଧରି ତାଙ୍କ ଝିଅ ବିଭାଘର ଅନୁଦାନ ନିମନ୍ତେ ଦରଖାସ୍ତ କରି ମଧ୍ୟ ଅଦ୍ୟାବଧି ଅନୁଦାନ ପାଇପାରିନଥିବା ଶ୍ରୀ ତ୍ରିପାଠୀ ପ୍ରକାଶ କରିଛନ୍ତି । ଶ୍ରମିକମାନଙ୍କ ସମସ୍ୟା ବିଷୟରେ ବହୁବାର ସଂଘ ଶ୍ରମ କର୍ତୃପକ୍ଷଙ୍କ ସହିତ ଆଲୋଚନା କରି ପ୍ରଥମ ଦରଖାସ୍ତ ପ୍ରଥମ ବିଚାର ପଦ୍ଧତି ସ୍ଥିର ହୋଇଥିଲା । କିନ୍ତୁ ବିଭାଗୀୟ କର୍ତୃପକ୍ଷ ଏହି ପ୍ରତିଶ୍ରୁତି ପାଳନ କରୁନାହାଁନ୍ତି । ଯାହା ଫଳରେ ଶ୍ରମିକମାନଙ୍କ ମଧ୍ୟରେ ଅସନ୍ତୋଷର ନିଆଁ କୁହୁଳୁଛି ବୋଲି ଶ୍ରୀ ତ୍ରିପାଠୀ ତାଙ୍କ ବକ୍ତବ୍ୟରେ କହିଥିଲେ । ଶ୍ରମିକମାନଙ୍କର ସମସ୍ୟା ସମାଧାନ ନିମନ୍ତେ ଶ୍ରମିକମାନେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଶ୍ରୀ ତ୍ରିପାଠୀ କହିଥିଲେ ।



## ବେଆଇନ କ୍ଲିନିକ୍ ସିଲ୍ ମାମଲା

# ଅଭିଯୁକ୍ତ ଡାକ୍ତରଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି

ଗୁଣୁପୁର, (ଭାସ୍କର ନ୍ୟୁଜ୍): ଗୁଣୁପୁର ପୌରପରିଷଦ କପିଳପରୁ ଠାରେ ଲକ୍ଷ୍ମଣ ଲାବନ୍ୟ (ମାତୃ) ଚିକିତ୍ସାଳୟ ଓ ଗବେଷଣା କେନ୍ଦ୍ର ନାମରେ ୬ ମହଲା ବିଶିଷ୍ଟ ବେଆଇନ କ୍ଲିନିକକୁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସିଲ କରିବା ପରେ ଏହି କ୍ଲିନିକକୁ ଚଳାଉ ଥିବା ଗୁଣପୁର ଉପଖଣ୍ଡ ଚିକିତ୍ସାଳୟର ଭାରପ୍ରାପ୍ତ ସୁପରିଟେଣ୍ଡେଣ୍ଟ ପ୍ରଦୀପ ପଣ୍ଡାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ଜୋର ଧରିଲା । ଏହି କ୍ଲିନିକ୍‌ରେ ଗୁଣୁପୁର ଉପଖଣ୍ଡସ୍ତରୀୟ ସ୍ୱାସ୍ଥ୍ୟକେନ୍ଦ୍ରର ଦାୟିତ୍ୱରେ ଥିବା ସୁପରିଟେଣ୍ଡେଣ୍ଟ ପ୍ରଦୀପ କୁମାର ପଣ୍ଡା ଏହି କ୍ଲିନିକ୍‌ରେ ବିଭିନ୍ନ ବେଆଇନ କାର୍ଯ୍ୟ କରି ଚିକିତ୍ସା କରିବା, ପ୍ରସୁତିଙ୍କୁ ଅପରେସନ କରି ପ୍ରସବ କରାଇବା, ଶିଶୁ ବିକ୍ରି କରିବା, ପ୍ରସୁତିଙ୍କୁ ଅଲଟ୍ରାସାଉଣ୍ଡ ମାଧ୍ୟମରେ ଫୋଟ ଉତ୍ତୋଳନ କରିବା, ଗର୍ଭପାତ କରାଇବା ଭଳି ସାଂଘାତିକ ଘଟଣା ଲୋକଲେଚନକୁ ଆସିଥିଲା । ଏପରିକି ଅସ୍ତ୍ରୋପଚାର ପରେ ପ୍ରସୁତି ମାନେ ଡାକ୍ତର ପଣ୍ଡାଙ୍କ ଦାୟୀତ୍ୱହିନତା ଯୋଗୁଁ ସେଠାରେ ମୃତ୍ୟୁବରଣ ମଧ୍ୟ କରିଛନ୍ତି । ଅଗଷ୍ଟ ୧ ତାରିଖ ଢେପ ଭଣ୍ଡାରି ସାହିର ଗୌତମି ବାଉରି ନାମକ ପ୍ରସୁତି ମହିଳା ଏହି କ୍ଲିନିକ୍‌ରେ ପ୍ରସବ କରିବା ପାଇଁ ଯାଇଥିଲେ । ସେଠାରେ ଡାକ୍ତର ପଣ୍ଡା ତାଙ୍କୁ ଅସ୍ତ୍ରୋପଚାର କରି ପ୍ରସବ କରାଇଥିଲେ । ଏହାପରେ ଅଗଷ୍ଟ ୬ ତାରିଖରେ ଗୌତମିଙ୍କ ମୃତ୍ୟୁ ଘଟିଥିଲା । ବର୍ତ୍ତମାନ ୪ ଦିନର ଛୁଆ ଧରି ପରିବାର ଲୋକେ ରହିଥିଲେ । ଅଞ୍ଚଳ ବାସିନ୍ଦା ଏହାକୁ ନେଇ କ୍ଲିନିକ୍ ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ । ଏହାପରେ ଘଟଣା ଚପାଇବାକୁ ଉଦ୍ୟମ କରିଥିଲେ କ୍ଲିନିକ୍ କର୍ତ୍ତୃପକ୍ଷ । ସ୍ଥାନୀୟ ସଙ୍କେତ ତାଙ୍ଗୁଡୁ ନାମକ ଜଣେ ଯୁବ ସମାଜସେବୀ ଏନେଇ ଅନଲାଇନ୍ ମାଧ୍ୟମରେ ଥାନାରେ କ୍ଲିନିକ୍ ବିରୋଧରେ ଅଭିଯୋଗ କରିଥିଲେ ।



ଏହାକୁ ଆଧାର କରି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଡାକ୍ତର ପଣ୍ଡାଙ୍କୁ ନୋଟିସ୍ କରିବା ପରେ କାଗଜପତ୍ର ଯାଞ୍ଚ କରିବା ପାଇଁ ଅବଗତ କରିଥିଲେ । ଡାକ୍ତର କୌଣସି କାଗଜପତ୍ର ଦେଖାଇ ନପାରିବାରୁ ବେଆଇନ କ୍ଲିନିକ୍‌କୁ ଅଗଷ୍ଟ ୧୬ ତାରିଖରେ ସିଲ୍ କରିଥିଲା । ଜଣେ ସରକାରି ଡାକ୍ତର ଏହି ବେଆଇନ କ୍ଲିନିକ୍ ଚଲେଇଥିବା ଜଣାପଡିବା ପରେ କ୍ଲିନିକ୍‌ରେ ତାଲା ପକାଇ ଚୁପ୍ ବସିଛି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ । ଏପରିକି ସିଲ୍ କରିବା ପୂର୍ବରୁ ଡାକ୍ତର କ୍ଲିନିକ୍ ଭିତରେ ଥିବା ସମସ୍ତ ଗୁରୁତ୍ୱପୂର୍ଣ୍ଣ ମେସିନ ସ୍ଥାନାନ୍ତର କରିବା ପାଇଁ ସୁଯୋଗ ପାଇଥିଲେ । ସ୍ୱାସ୍ଥ୍ୟ ବିଭାଗର ଭୂମିକାକୁ ତଦନ୍ତ ପରିସର ଭୁକ୍ତ କରିବା ସହ ଡାକ୍ତରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି ରହିଛି । ଅନ୍ୟପଟେ ଡାକ୍ତର ଜଣକ ବେଆଇନ କ୍ଲିନିକ୍ ଚଳାଇଥିବା ଜଣାପଡିବା ପରେ ପ୍ରଶାସନ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ସହ ଗୁଣୁପୁର ଉପଖଣ୍ଡସ୍ତରୀୟ ମେଡିକାଲ ସୁପରିଟେଣ୍ଡେଣ୍ଟ ଦାୟିତ୍ୱରୁ ହଟାଇବା ପାଇଁ ଦାବି ରହିଛି । ଗୁରୁବାର ଦିନ ମା ମାଝିଘୋରି ସିବିଓ ତୃତୀୟ ଲିଙ୍ଗ ମହାସଂଘ ପକ୍ଷରୁ ଗୁଣୁପୁର ଉପଜିଲ୍ଲାପାଳ ଦୁଧାଲ ଅଭିଷେକ ଦିଲିପ୍‌ଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଏହାସହ ଗୁଣୁପୁର ବିଧାୟକ ସତ୍ୟଜିତ ଗମାଙ୍ଗଙ୍କୁ ମଧ୍ୟ ଦାବି ଜଣାଇବା ସହ ତୁରନ୍ତ ପଦକ୍ଷେପ ନେବାପାଇଁ ତୃତୀୟଲିଙ୍ଗୀ ମାନେ ଅଭିଯୋଗ କରିଥିଲେ । ବିଧାୟକ ଓ ଉପଜିଲ୍ଲାପାଳ ଅଞ୍ଚଳର ସମସ୍ତ ଜନସାଧାରଣଙ୍କ ସ୍ୱାର୍ଥକୁ ନେଇ ସ୍ୱାସ୍ଥ୍ୟ ବିଭାଗ ସହ ଜିଲ୍ଲାପାଳଙ୍କ ସହ ଆଲୋଚନା କରିବେ ବୋଲି ପ୍ରତିକ୍ରିୟା ରଖିଛନ୍ତି । ମେଡିକାଲରେ ଯଦି ଏଭଳି ଦୁର୍ନୀତି ଗ୍ରସ୍ତ ଡାକ୍ତରଙ୍କୁ ମୁଖ୍ୟ ପରିଚାଳନା ଦାୟିତ୍ୱଦେବା ସ୍ୱାସ୍ଥ୍ୟ ବିଭାଗର ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠାଇଛନ୍ତି ତୃତୀୟଲିଙ୍ଗ ମହାସଂଘ ର ଜିଲ୍ଲା ସଂମ୍ପାଦକ ପିଙ୍କି ମହାପାତ୍ର ।

# ବାୟାପଡା ଘାଟିରେ ଦୁର୍ଘଟଣା, ତଳକୁ ଖସିଲା କମାଣ୍ଡର

ବାଲିମେଳା, (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ନାକାମାମୁଡ଼ି ପଞ୍ଚାୟତର ବାୟାପଡ଼ା ଘାଟିରେ ମର୍ମନ୍ତୁଦ ଦୁର୍ଘଟଣା, ଅଳ୍ପକେ ବର୍ତ୍ତିଲେ ୨୫ରୁ ଉର୍ଦ୍ଧ୍ୱ ଯାତ୍ରୀ । ଘାଟିର ଆମ୍ବଲିବେଡାରୁ କୁଡୁମୁଲୁଗୁମ୍ମା ସାପ୍ତାହିକ ହାଟକୁ ଆସୁଥିବା ବେଳେ ଭାରସାମ୍ୟ ହରାଇ ଘାଟି ତଳକୁ ଖସିଗଲା କମାଣ୍ଡର । ଫଳରେ ଏହି ଦୁର୍ଘଟଣା ହୋଇଥିବା ଜଣାପଡିଛି । ଘଟଣାସ୍ଥଳରେ ସଙ୍ଗେ ସଙ୍ଗେ କୁଡୁମୁଲୁଗୁମ୍ମା ଅଗ୍ନିଶମ ବାହିନୀ ପହଁଚି ଗାଡି ଭିତରୁ ଆହତଙ୍କୁ ଉଦ୍ଧାର କରିଛି ।



ଦୁର୍ଘଟଣାରେ ୮ରୁ ଉର୍ଦ୍ଧ୍ୱ ଯାତ୍ରୀ ଗୁରୁତର ଆହତ ହୋଇ କୁଡୁମୁଲୁଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ବେଳେ ଅନ୍ୟ ୬ ଯାତ୍ରୀଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବା ଦେଖି ଡାକ୍ତର ମାଲକାନଗିରି ସ୍ଥିତ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଥିବା ସୂଚନା ମିଳିଛି । ତେବେ ଘାଟିରେ ବାରମ୍ବାର ଏପରି ଘଟିବାର କାରଣ ଗାଡିର କ୍ଷମତା ଠାରୁ ଅଧିକ ଯାତ୍ରୀ ପରିବହନ କରୁଛନ୍ତି ଗାଡି ଚାଳକ, ତେଣୁ ବାରମ୍ବାର ଏପରି ଦୁର୍ଘଟଣାର ଶିକାର ହେଉଥିବା ଜଣାପଡିଛି । ତେଣୁ ପରିବହନ ବିଭାଗ ପକ୍ଷରୁ ଯଦି ଓଭର ଲୋଡ଼ିଂ ଯାତ୍ରୀଙ୍କୁ ନେଇ ଯାଉଥିବା ଗାଡି ଗୁଡିକ ଉପରେ ଜୋରିମାନା ଲଗାଇବା ସହ ପ୍ରତ୍ୟେକ ଦିନ ଯାଞ୍ଚ କରାଯାଏ ତାହେଲେ ଅଗାମୀ ଦିନରେ ଗାଡ଼ିଗୁଡିକ ଏପରି ଦୁର୍ଘଟଣାର ଶିକାର ହେବ ନାହିଁ ବୋଲି ଅନୁମାନ କରାଯାଉଛି ।

# ଝରଣବାହାଳ ଗାଁ ରାସ୍ତା ଶୋଚନୀୟ, ହନ୍ତସନ୍ତ ପଥଚାରୀ

ପରଜଙ୍ଗ, (ଭାସ୍କର ନ୍ୟୁଜ୍) : ଢ଼େଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ଗେଙ୍ଗୁଟିଆ ପଞ୍ଚାୟତ ଅଧିନସ୍ଥ କୁଲେଇ ଝରଣବାହାଳ ପାତ୍ର ସାହି ଦେଇ ରଙ୍ଗଥଳି ପର୍ଯ୍ୟନ୍ତ ଯାଇଥିବା ରାସ୍ତାଟି ଅତି ଦୟନୀୟ ଅବସ୍ଥାରେ ରହିଥିବା ଦୃଶ୍ୟ ଦେଖିବାକୁ ମିଳିଛି । ଯାହା ଫଳରେ ଅଞ୍ଚଳର ଲୋକମାନେ ନାହିଁ ନଥିବା ଅସୁବିଧାରେ ବିଭିନ୍ନ ଦିଗକୁ ଯାତାୟତ କରୁଥିବା ଦେଖିବାକୁ ମିଳିଛି । ସାମାନ୍ୟ ବର୍ଷା ହେଲେ ବେହାଲ ମାଟୁଛି ଝରଣବାହାଳ, ରଙ୍ଗଥଳି ଗାଁ ରାସ୍ତା ଯାହାକି, ହନ୍ତସନ୍ତ ହେଉଛନ୍ତି ଗ୍ରାମବାସୀ,ପାଠ ପଢା ପିଲା ଏବଂ ଅନ୍ୟ ପଥଚାରୀ । ରାସ୍ତାଟି ଆର ଡି



ବିଭାଗ ଅଧୀନରେ ଥିବା ବେଳେ ପାଇପ ଲାଇନର ମାଟି ମରାମତି ଅଭାବରୁ ରାସ୍ତାଟି ଅତି ଦୟନୀୟ ଅବସ୍ଥାରେ ରହିଛି । ତୁରନ୍ତ ରାସ୍ତାଟିକୁ ବିଭାଗୀୟ ଦୃଷ୍ଟି ଦେଇ ମରାମତି କରିବାକୁ ଗ୍ରାମବାସୀଙ୍କ ସମେତ ସର୍ବସାଧାରଣ ଦାବି କରିଛନ୍ତି ।

## ଏନ୍‌ଏସି ଦାବିରେ ୨୨ରେ ବେଗୁନିଆ ବନ୍ଦ

ବୋଲଗଡ, (ଭାସ୍କର ନ୍ୟୁଜ୍) : ତତ୍କାଳିନ ସରକାର ବୋଲଗଡ ଓ ବେଗୁନିଆ ସଦର ମହକୁମାକୁ ଏନଏସି ଘୋଷଣା କରିଥିଲେ । ଗତ ୨ଦିନ ତଳେ ସରକାର ପୁଣି ନୂଆ ଭାବେ ୧୨ଗୋଟି ଏନଏସି ଘୋଷଣା କରିଥିବା ବେଳେ ବୋଲଗଡ, ବେଗୁନିଆ ଏନଏସିର ନାମ ନାହିଁ । ଏନେଇ ବେଗୁନିଆ ବିଜୁଜନତା ଦଳ ପକ୍ଷରୁ ବେଗୁନିଆ ଏନଏସି ଦାବିରେ ଅଗଷ୍ଟ ୨୨ ତାରିଖରେ ରାଜରାସ୍ତାକୁ ଓହ୍ଲାଇବ ବୋଲି ଘୋଷଣା ହୋଇଛି । ଏନେଇ ମଙ୍ଗଳବାର ବେଗୁନିଆ ସ୍ଥିତ ଡାକବଙ୍ଗଳା ଠାରେ ବିଧାୟକ ପ୍ରଦୀପ ସାହୁଙ୍କ ଉପସ୍ଥିତିରେ ସରପଞ୍ଚ ବେଗୁନିଆ ସତ୍ୟାନାରାୟଣ ପ୍ରଧାନ, ପୂର୍ବତନ ବ୍ଲକ ଅଧକ୍ଷାଙ୍କ ପ୍ରତିନିଧି, ବ୍ଲକ ବିଜେଡି ସଭାପତି ବେଗୁନିଆ ଗ୍ରାମ୍ୟ କମିଟି ସଭାପତି, ସମ୍ପାଦକଙ୍କ ସହ ବେଗୁନିଆ ଗ୍ରାମପଞ୍ଚାୟତ ସମସ୍ତ ୱାର୍ଡ ମେମ୍ବର, ସାର୍ବଜନୀନ ଦୁର୍ଗା ପୂଜା କମିଟି ସଭାପତି, ସମ୍ପାଦକ, କୋଷାଧକ୍ଷଙ୍କ ସହ ବେଗୁନିଆ ଗ୍ରାମପଞ୍ଚାୟତର ସମସ୍ତ ମୁରବି ଉପସ୍ଥିତ ରହି ଦୃଢ଼ ନିନ୍ଦା କରିବା ସହ ବେଗୁନିଆ ବନ୍ଦ ରହିବ ଏବଂ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବେଗୁନିଆ ବ୍ଲକ ଉଉନ୍ନୟନ ଅଧିକାରୀଙ୍କୁ ଦାବୀପତ୍ର ପ୍ରଦାନ କରାଯିବା ନେଇ ସ୍ୱାକ୍ଷର ହୋଇଛି ।

## ରାଉରକେଲାରୁ ଚୋରି, କୋଇଡାରେ ଟ୍ୟାମ୍ପରିଂ




ରାଉରକେଲା (ଭାସ୍କର ନ୍ୟୁଜ୍) : ରାଉରକେଲା ପୋଲିସକୁ ମିଳିଛି ବଡ଼ ସଫଳତା । ବିଭିନ୍ନ ଥାନା ଅଞ୍ଚଳରୁ ବାଇକ୍ ଚୋରି କରି ଏହାକୁ ଟ୍ୟାମ୍ପରିଂ କରି ଅଳ୍ପ ଦାମରେ ବିକ୍ରି କରାଯାଉଥିବା ନେଇ ପୋଲିସ ପାଖରେ ଖବର ମିଳିଥିଲା । ରାଉରକେଲା ଏସପି ନୀତିଶ ୱାଧୱାନୀଙ୍କ ନିର୍ଦ୍ଦେଶନାରେ ଏକ ଟିମ୍ ଗଠନ କରି ଏହି ଚୋରା ଗ୍ୟାଙ୍ଗକୁ ଧରିବା ପାଇଁ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରାଯାଇଥିଲା । ପୋଲିସ ତଦନ୍ତ କାଳରେ ଏହି ଚୋରା ରାକେଟରେ ସଂପୃକ୍ତ ୩ ଜଣ ଅଭିଯୁକ୍ତ ଜଲଦା ସି ବ୍ଲକ୍‌ର ଶଙ୍କର ଲୋହାର (୩୬), କୋଇଡା ଅଞ୍ଚଳର ରବି ଲୋହାର(୨୧) ଓ ପଣ୍ଡା ମହାକୁଡ଼(୩୨)ଙ୍କୁ ଗିରଫ କରିବା ସହ ଏମାନଙ୍କ ଠାରୁ ୧୬ ଟି ବିଭିନ୍ନ କମ୍ପାନୀର ବାଇକ୍ ଜବତ୍ କରିଛି । ଏହି ଚୋରି ଗାଡ଼ି ଗୁଡ଼ିକ ରଘୁନାଥପାଲୀ ଥାନାର ୩ଟି ମାମଲା ଥିବା ବେଳେ ଟାଙ୍ଗରପାଲୀ ଥାନାର ୪ଟି ମାମଲା ରହିଛି । ଏହି ୩ ଜଣିଆ ବାଇକ୍ ଚୋରି ଗ୍ୟାଙ୍ଗ ଆହୁରି ଅନେକ ଗାଡ଼ି ବିକ୍ରି କରୁଥିବା ନେଇ ପୋଲିସ୍ ଅଧିକ ତଦନ୍ତ ଜାରି ରହିଛି ।

# ଜଳ ବିଭାଜିକା ଉନ୍ନୟନ ବିଭାଗ ନିର୍ଦ୍ଦେଶକଙ୍କ କାଶିପୁର ଗସ୍ତ

ରାୟଗଡ, (ଭାସ୍କର ନ୍ୟୁଜ୍) : ରାଜ୍ୟ ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନ ବିଭାଗ ନିର୍ଦ୍ଦେଶକ ସୁବ୍ରତ କୁମାର ପଣ୍ଡା, ଭାପ୍ରସେ ରାୟଗଡ ଜିଲ୍ଲାର କାଶିପୁର ବ୍ଲକର ତଳଝିରୀ ଗ୍ରାମ ପଞ୍ଚାୟତ ଗସ୍ତ କରିଥିଲେ । ନିର୍ଦ୍ଦେଶକ ଶ୍ରୀ ପଣ୍ଡାଙ୍କ ସହିତ ରାୟଗଡ ଜଳବିଭାଜିକା ମିଶାନର ପ୍ରକଳ୍ପ ନିର୍ଦ୍ଦେଶକ ଦାମୋଦର ପାଣିଗ୍ରାହୀ ଉପର ପାଡିଖାଲ ଗ୍ରାମର ହିତାଧିକାରୀ ବିରି ମାଝିଙ୍କ ନିଜସ୍ୱ ହେବାକୁ ଥିବା ସିଲଭର ଓକ ଚାରାରୋପଣ କରିଥିଲେ । ସେଠାରେ ସେ ବିରି ମାଝିଙ୍କର ଏକ ଏକର ଜମିରେ ସିଲଭର ଓକ ଚାରାରୋପଣ କରି ତାର ଯତ୍ନ ଏବଂ ତଦାରଖ କରିବାକୁ ଉପଦେଶ ଦେଇଥିଲେ । ଏବଂ ଏହା ଦ୍ୱାରା କଫି ଚାଷ କରି ଲାଭବାନ ହେବେ ବୋଲି ବୁଝାଇଥିଲେ । ଉପର ପାଡିଖାଲ ସ୍ଥିତ ସିଲଭର ଓକ ନର୍ସରି ପରିଦର୍ଶନ କରିବା ସହ ହିତାଧିକାରୀ ଯଥା ବିର ସିଂ ମାଝୀ, ସାନି ମାଝୀ ଏବଂ ଅନ୍ୟ ହିତାଧିକାରୀ ମାନଙ୍କୁ ସିଲଭର ଓକ ଚାରା ବଣ୍ଟନ କରିଥିଲେ । ହିତାଧିକାରୀ ଏବଂ ଉପସ୍ଥିତ ତଳଝିରୀ ଗ୍ରାମ ପଞ୍ଚାୟତର ସରପଞ୍ଚ ସୀତାରାମ ମାଝି ଏବଂ ଗ୍ରାମବାସୀଙ୍କ ସହ ଆଲୋଚନା କରି ସନ୍ତୋଷ ପ୍ରକାଶ କରିଥିଲେ । ସିଲଭର ଓକ ଚାରାରୋପଣର ତିନି ବର୍ଷ ପରେ ତାର ଛାୟା ତଳେ କଫି ଚାଷ ଏବଂ ଗୋଲମରିଚ ଚାଷ କରି ଚାଷୀ ଅଧିକ ଲାଭବାନ



ହୋଇପାରିବ ବୋଲି ବୁଝାଇଥିଲେ । ଛାୟା ଚାରାରୋପଣ ନିମନ୍ତେ ସମସ୍ତ ଚାରା ଜଳ ବିଭାଜିକା ଯୋଗାଇ ଦେବା ସହ ତାର ରକ୍ଷଣା ବେକ୍ଷଣ ନିମନ୍ତେ ହେଉଥିବା ସମସ୍ତ ଅର୍ଥ ପ୍ରକଳ୍ପ ନିର୍ଦ୍ଦେଶକ ଜଳ ବିଭାଜିକା, ରାୟଗଡ ତରଫରୁ ପ୍ରଦାନ କରାଯିବ ବୋଲି କହିଥିଲେ । ତତ୍ ପରେ ସେ ଉପର ପାଡି ଖାଲ ଗ୍ରାମରେ ଉଦ୍ୟାନ କୃଷି ବିଭାଗ କରାଯାଇଥିବା ଆଳୁ କ୍ଷେତର ପରିଦର୍ଶନ କରିଥିଲେ । ଏବଂ ହିତାଧିକାରୀ ଆନନ୍ଦ ରାଓ ମାଝୀଙ୍କ ସହ ଆଲୋଚନା କରିବା ସହ ତାଙ୍କ ବଗିଚାରେ ଆଳୁ ରୋପଣ କରିଥିଲେ । ଏହି କ୍ରମରେ କାଶିପୁର ବ୍ଲକର ସିଲାଗୁମା ପଦର ଗ୍ରାମ ସ୍ଥିତ ପୂର୍ବ ୨୦୨୪-୨୫ ବର୍ଷର ରୋପଣ କରାଯାଇଥିବା ଛାୟା ବୃକ୍ଷ ବଗିଚା ପରିଦର୍ଶନ କରିଥିଲେ । ଅପରାହ୍ନରେ ନିର୍ଦ୍ଦେଶକ ମୋହଦୟ କୋଲନରା ବ୍ଲକର କିଛି ଉନ୍ନୟନ ମୂଳକ କାର୍ଯ୍ୟ ଗୁଡିକ ପରିଦର୍ଶନ କରିଥିଲେ । ରେଖା ପଦର ଗ୍ରାମ ପଞ୍ଚାୟତ ଅଧିନସ୍ଥ ତୁମ୍ବାଗୁଡା ଗ୍ରାମରେ ସର୍ବସାଧାରଣଙ୍କ ବ୍ୟବହାର ନିମିତ୍ତ ପ୍ରଧାନ ମନ୍ତ୍ରୀ କୃଷି ସଂଞ୍ଚାଲ ଯୋଜନା ୨.୦ ଅର୍ନ୍ତଭୁକ୍ତ ଜଳବିଭାଜିକା କାର୍ଯ୍ୟକ୍ରମ ମାଧ୍ୟମରେ କରାଯାଇ ଥିବା ଜଳ ଅମଳ ପ୍ରକଳ୍ପ ଓ ଗ୍ରାଭିଟିଫ୍ଲୋ ଷ୍ଟ୍ରକ୍‌ଚର ପରିଦର୍ଶନ କରିଥିଲେ । ଉତ୍ପାଦକ ପ୍ରଣାଳୀ ଏବଂ ଲଘୁ ଉଦ୍ୟାଗ ଅଂଶରେ ସହାୟତା । ଏହି ପରେ ସେ ତୁମ୍ବାଗୁଡା ଗ୍ରାମର ହିତାଧିକାରୀ ଏ. ଭେଙ୍କେଟି ହାରକାଙ୍କର ପମ୍ପସେଟ ଏବଂ ପ୍ରିଣ୍ଟର ଓ ଜେରକ୍ସ ମେସିନ ୟୁନିଟ୍‌କୁ ପରିଦର୍ଶନ କରିଥିଲେ । ଯାହାକି ତାଙ୍କୁ ଉତ୍ପାଦନ ପ୍ରଣାଳୀ ଏବଂ ଲଘୁ ଉଦ୍ୟଗ ଅଂଶରେ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା । ପୁନଶ୍ଚ ମା ସରସ୍ୱତୀ ସ୍ୱୟଂ ସହାୟକ ଗୋଷ୍ଠୀର ଫ୍ଲୋର ମିଲ ଏବଂ ମା ତାରାତାରୀଣୀ ସ୍ୱୟଂ ସହାୟକ ଗୋଷ୍ଠୀର କୃଷି ଯନ୍ତ୍ର ପାତି ଯଥା-ୱିଡର ଓ ସ୍ପ୍ରେର ମେସିନ ଦେଖିଥିଲେ । ଯାହାର ଆର୍ଥିକ ସହାୟତା ତାଙ୍କୁ ଜୀବିକା ଅଂଶରେ ପ୍ରଦାନ କରାଯାଇଥିଲା । ଏହି କ୍ରମରେ ସେ ରେଖାପଦର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବୁରୁଜୁ ଗୁଡା ଗ୍ରାମରେ ଗୋଟିଏ ଚେକ ଡେମ ଏବଂ ଗୋଟିଏ କ୍ଷେତ୍ର କେନାଲ ପରିଦର୍ଶନ କରିଥିଲେ । ତତ୍ ସଙ୍ଗେ ସଙ୍ଗେ ହିତାଧିକାରୀ ଜୟକୃଷ୍ଣ ହାରକାଙ୍କ କୁକୁଡା ଫାର୍ମ ୟୁନିଟ ପରିଦର୍ଶନ କରିଥିଲେ । ଯାହାକି ତାଙ୍କୁ ଉତ୍ପାଦନ ପ୍ରଣାଳୀ ଏବଂ ଲଘୁ ଉଦ୍ୟଗ ଅଂଶରେ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା । ଉପରୋକ୍ତ କାର୍ଯ୍ୟ ଗୁଡିକ ପ୍ରଦର୍ଶନ କରି ନିଜର ସନ୍ତୋଷ ବ୍ୟକ୍ତ କରିଥିଲେ । ନିର୍ଦ୍ଦେଶକଙ୍କ ଏହି ପରିଦର୍ଶନ କାର୍ଯ୍ୟକ୍ରମରେ ଜିଲ୍ଲା ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ପାଣିଗ୍ରାହୀ, ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ ସମ୍ପଦ ସ୍ୱରୂପ ସାମଲ, ଓଭରସର ମଧୁ ହନ୍ତାଲ, ଓଭରସର ହାଡ଼ିବନ୍ଧୁ ଶବର, ମୃତ୍ତିକା ସଂରକ୍ଷଣ କ୍ଷେତ୍ର କର୍ମଚାରୀ ଚିନ୍ମୟ ନାୟକ, ରାଜେଶ ଗୌଡ,ସହକାରୀ ଉଦ୍ୟାନ ନିର୍ଦ୍ଦେଶକ ରାକେଶ ମିଶ୍ର ଏବଂ ଉଦ୍ୟାନ କ୍ଷେତ୍ର କର୍ମଚାରୀ ପ୍ରତୀକ ସେନାପତି, ସ୍ୱଚ୍ଛାସେବୀ ଅଙ୍ଗଦ ନାଏକ ପ୍ରମୁଖ ଉପସ୍ଥିତ ଥିଲେ ।

## ଗୋରୁ ବୋଝେଇ ପିକ୍‌ଅପ ଜବତ

ବାମରା, (ଭାସ୍କର ନ୍ୟୁଜ୍) : ସମ୍ବଲପୁର ଜିଲ୍ଲା ବାମରା- ଗରିଆମାଲ ରାସ୍ତା ବାଉରିଡିହି ଛକ ନିକଟରେ ଗୋ ସୁରକ୍ଷା ସଂଗଠନର କାର୍ଯ୍ୟକର୍ତ୍ତା ମାନେ କୌଣସି ସୂତ୍ରରୁ ଖବର ପାଇ ଏକ ଗୋରୁ ବୋଝେଇ ପିକ୍‌ଅପ ଗାଡ଼ିକୁ ଧରି ଗୋବିନ୍ଦପୁର ଥାନା ପୋଲିସକୁ ଜିମା ଦେଇଥିଲେ । ଗୋ ଚାଲାଣକାରୀମାନେ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ । ସୂଚନା ଅନୁସାରେ, ସୁନ୍ଦରଗଡ଼ ଜିଲ୍ଲା ଧାରୁଆଡିହି ଥାନା ଅନ୍ତର୍ଗତ ଫିଲିଗିବାହାଲ ଗାଁରୁ ଗୋରୁ ବେପାରୀମାନେ ୧୨ ଟି ଗୋରୁ ଏକ ପିକ୍‌ଅପ୍ ଗାଡ଼ିରେ ନେଉଥିବା ଜଣାପଡିଥିଲା । ଏ ସମ୍ପର୍କରେ ଖବର ପାଇ ବଡ଼ଗାଁ ଗୋ ସୁରକ୍ଷା ସଂଗଠନ ସଭାପତି ଅନିମେଶ ଷଡ଼ଙ୍ଗୀ, ସଦସ୍ୟ ରାଜୀବ ଖର୍ସେଲ, ନିତେଶ ଭଞ୍ଜ, ଆଦିତ୍ୟ ମୁଖୀ, ଅଭିଷେକ ସେଠ ମିଶି ଗାଡ଼ିଟିକୁ ପିଛା କରି ଧରିବାକୁ ସକ୍ଷମ ହୋଇଥିଲେ । ଗାଡ଼ିରେ ୧୨ ଟି ଗୋରୁ ଅତି ନିର୍ମମ ଭାବେ ଲଦା ଯାଇ ନିଆଯାଉଥିଲା । ଗୋବିନ୍ଦପୁର ଥାନା ପୋଲିସ ପହଞ୍ଚି ଗାଡ଼ି ନମ୍ବର - ଓଡି ୧୬ ଜି ୩୪୪୧କୁ ଜବତ କରି ଏକ ମାମଲା ରୁଜୁ କରି ଅନୁସନ୍ଧାନ ଜାରୀ ରଖିଛି । ପରେ ଗୋରୁମାନଙ୍କୁ ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗରରେ ଥିବା ଏକ ଗୋଶାଳାକୁ ପଠାଯାଇଥିଲା ।


## ମହେନ୍ଦ୍ରତନୟାରୁ ନିଖୋଜ ନାବାଳକର ଶବ ଉଦ୍ଧାର

ଗୁଣୁପୁର, (ଭାସ୍କର ନ୍ୟୁଜ୍) : ରାୟଗଡା ଜିଲ୍ଲା ପୁଟାସିଂ ଥାନା ଅନ୍ତର୍ଗତ-ଟିଟିମିରି ପଞ୍ଚାୟତ ଜଙ୍ଗଜଙ୍ଗପୁର ମୁଣ୍ଡା ଗ୍ରାମ ନିକଟରେ ଥିବା ମହେନ୍ଦ୍ରତନୟା ନଦିରେ ଗତକାଲି ଠାରୁ ଜଣେ ନାବାଳକ ଭାସିଯାଇଥିଲେ । ଗତକାଲି ଠାରୁ ନିଖୋଜ ରହିଥିଲେ ନାବାଳକ । ଗ୍ରାମବାସି ଓ ଗୁଣୁପୁର ଅଗ୍ନିଶମ ବାହିନି ଖୋଜିବାପରେ ଆଜି ନାବାଳକର ଶବ ପାଣିରୁ ଉଦ୍ଧାର ହୋଇଛି । ମୃତ ନାବାଳକ ହେଲେ ଜସ୍ତିନ ଶବର ବୟସ ୬ । ମୃତକର ବାପ ପିତ ଶବରା ମା ଲଇନି ଶବର ଚାଷ କାମ ପାଇଁ ଯାଇଥିବା ବେଳେ ନାବାଳକ ତାଙ୍କ ପାଖକୁ ଯିବା ପାଇଁ ନଦୀ ଭିତରକୁ ଓହ୍ଲାଇଥିବା ପରିବାର ପକ୍ଷରୁ ଜଣାପଡିଛି । ନାବାଳାକର ଶବକୁ ଉଦ୍ଧାର କରି ଗୁଣୁପୁର ଉପଖଣ୍ଡସ୍ତରିୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ଶବ ବ୍ୟବଛେଦ ନିମନ୍ତେ ପଠାଇଛି ପୁଟାସିଂ ପୋଲିସ୍ । ଘଟଣାର ଅଧିକା ତଦନ୍ତ ଜାରି ରଖିଛି ପୁଟାସିଂ ପୋଲିସ୍ ।

## ବନ୍ୟପ୍ରାଣୀ ହତ୍ୟା ଉପକରଣ ଜବତ: ୩ ଗିରଫ

ନୂଆପଡ଼ା, (ଭାସ୍କର ନ୍ୟୁଜ୍) : ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଅନ୍ତର୍ଗତ ଭାଲୁକୋନା ଗ୍ରାମରେ ଜଙ୍ଗଲ ବିଭାଗ ପକ୍ଷରୁ ଚଢାଉ । ତିନି ଅଭିଯୁକ୍ତ ଗିରଫ, ବିପୁଳ ବିଦ୍ୟୁତ୍ ସାମଗ୍ରୀ ବନ୍ୟପ୍ରାଣୀ ହତ୍ୟା ଉପକରଣ ଜବତ୍ ହୋଇଛି । ଆଜି ଖଡିଆଳ ବନଖଣ୍ଡ ଅଧିକାରୀ ଅଜିଜ ଖାନ ଏକ ସାମ୍ବାଦିକ ସମ୍ମିଳନୀରେ ବିଶେଷ ସୂଚନା ଦେଇଛନ୍ତି । ବିପୁଳ ପରିମାଣରେ ୨୨.୧ ମିଟର ବିଦ୍ୟୁତ୍ ତାର, ୪.୪୨ କେଜିର ବାଇଣ୍ଡିଙ୍ଗ ତାର, ଯାହା କି ବନ୍ୟପ୍ରାଣୀଙ୍କୁ କରେଣ୍ଟ ଦେଇ ହତ୍ୟା କରିବାରେ ବ୍ୟବହାର ହୋଇଥାଏ । ତିନି ଅଭିଯୁକ୍ତ ସୋମନାଥ ସାହୁ,(୫୦) ମାଧବ ମାଝୀ (୨୫) ଚାମର ମାଝୀ ୨୩୦ ବର୍ଷ, ତିନି ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ଜନସାଧାରଣଙ୍କୁ ବିଶେଷ ଅନୁରୋଧ ଯେ ବନ୍ୟ ପ୍ରାଣୀଙ୍କୁ ହତ୍ୟା ନ କରି ତାଙ୍କ ବଂଶ ବୃଦ୍ଧି ହେବା ଦ୍ୱାରା ପରିବେଶ ସନ୍ତୁଳନ ହେବା ସହ ସମସ୍ତଙ୍କ ବଞ୍ଚିବା ଅଧିକାର ସାଧିତ ହେବ ।

## ଉମରା ତୀର୍ଥଯାତ୍ରୀଙ୍କୁ ସମ୍ବର୍ଦ୍ଧନା



ଚନ୍ଦାହାଣ୍ଡି ( ଭାସ୍କର ନ୍ୟୁଜ୍ ) : ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ଅଞ୍ଚଳରୁ ଉମରା ତୀର୍ଥ ଯାତ୍ରା ନିମନ୍ତେ ଗସ୍ତ କରୁଥିବା ତୀର୍ଥଯାତ୍ରୀଙ୍କୁ ଚନ୍ଦାହାଣ୍ଡି ଏବଂ ମୋହରା ଠାରେ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଚଳିତ ବର୍ଷ ମୋହରା ଗ୍ରାମର ବରିଷ୍ଠ ବ୍ୟବସାୟୀ ମହମ୍ମଦ ୟୁନୁସ ଏବଂ ତାଙ୍କ ଧର୍ମପତ୍ନୀ ଅଜିମା ବାନୋ ଉମରା ତୀର୍ଥ ନିମନ୍ତେ ମକ୍କା ଏବଂ ମଦିନା ଯାତ୍ରା କରୁଛନ୍ତି । ଆଜି ଏହି ଅବସରରେ ଚନ୍ଦାହାଣ୍ଡି ଏବଂ ମୋହରା ଠାରେ ବନ୍ଧୁ ବାନ୍ଧବଙ୍କ ତରଫରୁ ଏକ ସମ୍ବର୍ଦ୍ଧନା ସଭାର ଅୟୋଜନ କରାଯାଇଥିଲା । ଏହି ଅବସରରେ ଉମରା ଯାତ୍ରା କରୁଥିବା ତୀର୍ଥଯାତ୍ରୀଙ୍କ ଯାତ୍ରା ସୁଗମ ହେଉ ବୋଲି ଉପସ୍ଥିତ ସମସ୍ତ ମୁସଲମାନ ଭାଇ ମାନେ ଆଲ୍ଲାଙ୍କ ନିକଟରେ ପ୍ରାର୍ଥନା କରିଥିଲେ । ଏମାନେ ୧୫ ଦିନ ମଦିନା ଏବଂ ମକ୍କା ଠାରେ ରହିବେ ବୋଲି ଜଣାପଡିଛି । ମହାପୁରୁଷ ମୋହମ୍ମଦଙ୍କ ଜୟନ୍ତୀ ପାଳନ କରି ସମସ୍ତେ ଫେରିବେ ।

# ଭୂଷୁଡିଲା ରାସ୍ତା, କୋଟି କୋଟି ଟଙ୍କା ଆତ୍ମସାତ

## ବାଇପାସ୍ ରାସ୍ତା କାର୍ଯ୍ୟ ନିମ୍ନମାନର ଅଭିଯୋଗ

ଗୋପ, (ଭାସ୍କର ନ୍ୟୁଜ୍): ଗୋପ କୁଶୁପପୁର ଠାରୁ ତହସିଲ ଛକ ପର୍ଯ୍ୟନ୍ତ ଚାଲିଥିବା ବାଇପାସ୍ ରାସ୍ତା କାର୍ଯ୍ୟ ନିମ୍ନମାନର । ଆରମ୍ଭରୁ ଏହି କାର୍ଯ୍ୟରେ ଦୁର୍ନିତି ଦେଖାଦେଇଥିବା ବେଳେ ଏବେ କାର୍ଯ୍ୟ ଶେଷ ନହେଉଣୁ ବିଭିନ୍ନ ସ୍ଥାନ ଭୂଷୁଡିବାରେ ଲାଗିଛି । ବିଭାଗୀୟ ଅଧିକାରୀଙ୍କ ତଦାରଖ ଅଭାବ ସାଙ୍ଗକୁ ଠିକାଦାର ଓ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକାରେ ଚାଲିଥିବା ଏହି କାର୍ଯ୍ୟରେ କୋଟିକୋଟି ଟଙ୍କା ପାଣିରେ ପଡିବା ଆଶଙ୍କା କରାଯାଇଛି । ସୁଚନାମୁତାବକ ଗୋପ ବଜାରରେ ସୃଷ୍ଟି ହେଉଥିବା ଟ୍ରାଫିକ ସମସ୍ୟାକୁ ନେଇ ପୂର୍ବତନ ଗଣଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାସଙ୍କ ଉଦ୍ୟମରେ ଗତ ବର୍ଷ ଜଳସଂପଦ ବିଭାଗ ପକ୍ଷରୁ ଟେଣ୍ଡର କରାଯାଇ ୮ କୋଟି ୭୦ ଲକ୍ଷ ଟଙ୍କା ବ୍ୟୟ ବରାଦରେ କୁଶୁପୁର ବାହାଣିଆ ଠାରୁ ବାୟାକୁଦା ତହସିଲ ଛକ ପର୍ଯ୍ୟନ୍ତ ଏକ ବାଇପାସ୍ ରାସ୍ତାର ଶିଳାନ୍ୟାସ କରାଯାଇଥିଲା । ଅଞ୍ଚଳବାସୀଙ୍କ ଆଶା ଥିଲା ଏହି ରାସ୍ତା ହେବା ଦ୍ୱାରା ଯାନବାହାନ ଯାତାୟତରେ ସୁବିଧା ହେବା ସହ ଗୋପ ବଜାରର ଟ୍ରାଫିକ ସମସ୍ୟା ଦୂର ହେବ । ମାତ୍ର ରାସ୍ତା କାର୍ଯ୍ୟ ଆରମ୍ଭରୁ ବ୍ୟାପକ ଅନିୟମିତ□। ଦେଖାଦେଇଛି । ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କୁ ହାତବାରସି କରି ସଂପୃକ୍ତ ଠିକାଦାର ନିମ୍ନମାନର କଳା ଓ ବାଲିଆ ମାଟି ପକାଇବା ସହ ସଠିକ୍ ଭାବେ ରୋଲିଂ କରି ନଥିଲା । ଏପରିକି କେନାଲର ଶଯ୍ୟାକୁ ପ୍ରାୟ ୫ ଫୁଟ୍ ଖୋଳି ସେହି ମାଟିକୁ ବନ୍ଧରେ ପକାଇ ଲକ୍ଷାଧିକ ଟଙ୍କା ହଡପ କରିଥିଲା । ଏହି ଘଟଣାକୁ ସ୍ଥାନୀୟ ଲୋକେ ବିରୋଧ କରିବା ସହ ବିଭିନ୍ନ ଦପ୍ତରରେ ବାରମ୍ବାର ଅଭିଯୋଗ ହେବା ପରେ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କ ସହ ଅଧିକ୍ଷଣ ଯନ୍ତ୍ରୀଙ୍କ ମଧ୍ୟ ଅନ୍ୟତ୍ର ବଦଳି ହୋଇଥିଲା । ପରେ ଏହାର ତଦାରଖ ଦାୟିତ୍ୱ ଅନ୍ୟ ଜଣେ ଯନ୍ତ୍ରୀଙ୍କୁ ଦିଆଯାଇଥିଲା । ପରେ ନୂତନ ଭାବେ ଅଧିକ୍ଷଣଯନ୍ତ୍ରୀ ପ୍ରିତମ ପୋଥାଳ ଯୋଗଦେବା ପରେ ଉକ୍ତ ସ୍ଥାନ ପରିଦର୍ଶନ କରି ଖୁବ୍‌ଶୀଘ୍ର କେନାଲ ଶଯ୍ୟାକୁ ପୋତିବା ପାଇଁ ଠିକାଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ମାତ୍ର ଠିକାଦାର ଅଧିକ୍ଷଣ ଯନ୍ତ୍ରୀଙ୍କ ନିର୍ଦ୍ଦେଶକୁ ଫୁ କରି ଉଡାଇ ଦେଇଥିଲେ । ସେହିପରି ନିମ୍ନମାନର କାର୍ଯ୍ୟ ଯୋଗୁଁ ସାମାନ୍ୟ ବର୍ଷାରେ ରାସ୍ତାର ବିଭିନ୍ନ ସ୍ଥାନ ଧୋଇ ହୋଇଯାଇଥିବା ବେଳେ ଏବେ କାର୍ଯ୍ୟ ନସରୁଣୁ ରାସ୍ତାର ବିଭିନ୍ନ ସ୍ଥାନ ଫାଟି ଆଁ କରିବା ସହ ଅତଡା ଖସୁଥିବା ଦେଖିବାକୁ ମିଳିଛି । ନିମ୍ନମାନର କାର୍ଯ୍ୟ ଯୋଗୁଁ ଏପରି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳୁଥିବା ବେଳେ ଏହାର ସ୍ଥାୟୀତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ବିଭାଗୀୟ ଉଚ୍ଚପଦସ୍ତ ଅଧିକାରୀ ଯଦି ଏହାର ସଠିକ ତଦାରଖ ନକରନ୍ତି ତେବେ ୮ କୋଟି ୭୦ ଲକ୍ଷ ଟଙ୍କା ପାଣିରେ ପଡିବା ଆଶଙ୍କା ସୃଷ୍ଟି ହୋଇଛି । ଏସଂପର୍କରେ ଜଳସଂପଦ ବିଭାଗ ସହକାରୀ ନିର୍ବାହୀଯନ୍ତ୍ରୀ ସଂଗ୍ରାମ କେଶରୀ ମହାନ୍ତିଙ୍କୁ ପଚାରିବାରେ ସେ କହିଥିଲେ ଏହା ଉପରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ।

# ନଦୀ, ସମୁଦ୍ର ପ୍ରଦୂଷିତ :ଇଲିସି ଦେଖିବା ହେବ ସ୍ୱପ୍ନ !

ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍) : ବ୍ରିଟିଶ ଇତିହାସରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳ ପ୍ରସିଦ୍ଧ ଲାଭ କରିଥିଲା ଇଲିସି ପାଇଁ । ଏକଦା ଏହି ଅଞ୍ଚଳରୁ ଇଲିସି ମାଛ ଓଡିଶାର ବିଭିନ୍ନ ଅଞ୍ଚଳସହ କଲିକତା ଓ ଅନ୍ୟାନ୍ୟ ପଡୋଶୀ ରାଜ୍ୟକୁ ଯୋଗାଣ କରାଯାଇ ଅସ୍ତରଙ୍ଗ ଅଞ୍ଚଳର ଅର୍ଥନୈତିକ ପ୍ରଗତିରେ ସ୍ୱତନ୍ତ୍ର ଅଧ୍ୟାୟ ସୃଷ୍ଟି କରିଥିଲା । ସମୟ କ୍ରମେ ବଙ୍ଗୋପସାଗର ନିକଟ ଦେବୀ ନଦୀରେ ପ୍ଲାଷ୍ଟିକି, ଚିଙ୍ଗୁଡ଼ି ଘେରିର ରାସାୟନିକ ପଦାର୍ଥ ଜଳରେ ମିଶି ନଦୀ ସାଗର ଜଳକୁ ପ୍ରଦୂଷଣ କରିବା ସଙ୍ଗେ ସଙ୍ଗେ ବିଷ ବଳୟ ମଧ୍ୟକୁ ଠେଲି ହୋଇଗଲାଣୀ । ଫଳରେ ମାଛ, କଙ୍କଡା, ଯାଆଁଳ କମିଗଲା । ଚାହିଦା ଅନୁସାରେ ସମୁଦ୍ର ମାଛ ଆମଦାନୀ ହୋଇପାରିଲା ନାହିଁ । ବିଶେଷ କରି ଇଲିସି ମାଛର ଆମଦାନୀ କମିଲା ଓ ଖାଉଟି ମାନଙ୍କ ଚାହିଦା ଅନୁସାରେ



ଇଲିସି ମାଛ କେଜି ପନ୍ଦରଶହ ଠାରୁ ୩ ହଜାର ଟଙ୍କାରେ ପହଂଚିଲାଣି । ଗରିବ ମଧ୍ୟବିତ୍ତ ଲୋକେ ଇଲିସି ମାଛ କିଣିବାରେ ଅସମର୍ଥ ହେଲେ । ଯାହା ଆମଦାନୀ ହେଲା ତାହା ଚଢା ଦରରେ ବିକ୍ରି ହେବା ପାଇଁ ବାହାର ରାଜ୍ୟକୁ ଚାଲାଣ ହୋଇଗଲା । ବର୍ଷକୁ ବର୍ଷ ଚିଙ୍ଗୁଡ଼ି ଚାଷ ବୃଦ୍ଧି ହେବା ଫଳରେ ଚିଙ୍ଗୁଡ଼ି ମାଫିଆଙ୍କ କବଳରେ ଚାଷ ଜମି କ୍ରମଶଃ ଧୀରେ ଧୀରେ କମି କମି ଗଲା ଓ ଧାନ ଚାଷ କ୍ଷତି ଗ୍ରସ୍ତ ହେଲା । ବହୁ ଚାଷ ଜମି ଚାଷ ନ ହୋଇ ପଡିଆ ମଧ୍ୟ ପଡୁଛି । ଅପର ପକ୍ଷେ ମାଛ ବଜାରରେ ଇଲିସି ମାଛ କାଁ ଭାଁ ଦେଖିବାକୁ ମିଳୁଛି । ଏକ ସର୍ଭେ ରୁ ଜଣା ପଡିଛି ଆଉ କିଛି ବର୍ଷ ପରେ ଇଲିସି ମାଛ ଖାଇବା ଓ ବଜାର ରେ ଦେଖିବା କେବଳ ସ୍ୱପ୍ନ ହୋଇଯିବ । ଆମର ବଂଶଧର କେବଳ ଫଟୋରେ ଇଲିସି ମାଛର ଛବି ଦେଖିବେ ବୋଲି ପ୍ରକୃତି ଓ ପରିବେଶ ବିଡି ମତ ଦେଲଣି । ଚିଙ୍ଗୁଡ଼ି ଘେରିର ବିଷାକ୍ତ ପାଣି କେବଳ ସମୁଦ୍ର ଓ ନଦୀ ଜଳକୁ ବିଷାକ୍ତ କରୁ ନାହିଁ ଜଳବାୟୁକୁ ମଧ୍ୟ ବହୁ ମାତ୍ରାରେ ପ୍ରଦୂଷିତ କରୁଛି । ଯାହା ଫଳରେ ନଦୀ ଓ ସମୁଦ୍ର ଉପକୂଳ ଅଞ୍ଚଳରେ ରୋଗ ବ୍ୟାଧି ବଢ଼ିବାରେ ପୂର୍ବ ଅପେକ୍ଷା ବୃଦ୍ଧି ପାଉଛି । ସର୍ବୋଚ୍ଚ ନ୍ୟାୟଳୟ ଚିଙ୍ଗୁଡ଼ି ଘେରି ଉପରେ ଅଙ୍କୁଶ ଲଗାଇ ଥିଲେ ବି ସରକାର ଓ ସ୍ଥାନୀୟ ପ୍ରଶାସନ ଏଥିପ୍ରତି ଆଖିବୁଜି ଦେଇଛନ୍ତି । ହୃତ ଗୌରବ ଫେରାଇ ଆଣିବା ପାଇଁ ବୁଦ୍ଧିଜୀବୀ ଉଦ୍ୟମ କରିବା ଉଚିତ ବୋଲି କହିଛନ୍ତି ।

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର




ଜଗତସିଂହପୁର (ଭାସ୍କର ନ୍ୟୁଜ୍) : ମା’ ଶାରଳା ଟେଣ୍ଟ ଆଣ୍ଡ ଲାଇଟ ସାଉଣ୍ଡ ଡେକାରେଟର ମାଲିକ ସଂଘର କୋଡିଏ ତମ ବାର୍ଷିକ ଉତ୍ସବ ଜଗତସିଂହପୁର ଆଦିକବି ସାରଳା ଦାସ ସଂସ୍କୃତି ଭବନ ପରିସରରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ମା’ ଶାରଳା ଟେଣ୍ଟ ଲାଇଟ, ସାଉଣ୍ଡ ଡେକାରେଟର ମାଲିକ ସଂଘ ଜିଲ୍ଲା ସଭାପତି ସମାଜସେବୀ ମଧୁସୂଦନ ସାହୁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଟେଣ୍ଟ ଲାଇଟ, ସାଉଣ୍ଡ ଆସୋସିଏସନ ରାଜ୍ୟ ଅଧ୍ୟକ୍ଷ ଅଟଳ ବିହାରୀ ଜେନା ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ବାର୍ଷିକ ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହା ପରେ ସ୍ୱାଗତ ସଂଗୀତ ଗାନ କରାଯାଇଥିଲା । ସମସ୍ତ ମଞ୍ଚାସୀନ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ପ୍ରଦାନ ପୂର୍ବକ ଜିଲ୍ଲା ସଭାପତି ମଧୁସୂଦନ ସାହୁ ସମ୍ବର୍ଦ୍ଧିତ କରିଥିଲେ । ମୁଖ୍ୟ ବକ୍ତା ଭାବେ ରାଜ୍ୟ କାର୍ଯ୍ୟକାରୀ ସମ୍ପାଦକ ଜଗନ ଜେନା, ସମ୍ମାନିତ ଅତିଥିଭାବେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସରୋଜ କାନ୍ତ ଆଚାର୍ଯ୍ୟ, ଖୋର୍ଦ୍ଧା ଜିଲ୍ଲା ସାଧାରଣ ସମ୍ପାଦକ ସୁଧୀର ରଞ୍ଜନ ଜେନା, କଟକ ଜିଲ୍ଲା ସଭାପତି ପ୍ରଭାତ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ମା ଶାରଳା ଟେଣ୍ଟ, ଲାଇଟ, ସାଉଣ୍ଡ ଡେକୋରେସନ ମାଲିକ ସଂଘ ଜିଲ୍ଲା ସାଧାରଣ ସମ୍ପାଦକ ନାରାୟଣ ପ୍ରସାଦ ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ଜିଲ୍ଲା ଉପସଭାପତି ଚିତ୍ତ ରଞ୍ଜନ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ମେଲୋଡି ଏବଂ ଡ୍ୟାନ୍ସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



# ଗୋଟିଏ କୋଠରୀରେ ଚାଲିଛି ୫ଟି ଶ୍ରେଣୀ

⇨ ଗୋଟିଏ କଳାପଟାରେ ପଢ଼ାଉଛନ୍ତି ଦୁଇ ଶିକ୍ଷୟିତ୍ରୀ

⇨ ବାଧାପ୍ରାପ୍ତ ହେଉଛି ପାଠପଢ଼ା



ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ବିଦ୍ୟାଳୟ ଅଛି, ବିଦ୍ୟାଳୟରେ ପାଠ ପଢିବା ପାଇଁ ଛାତ୍ରଛାତ୍ରୀଙ୍କ ସହ ଶିକ୍ଷୟିତ୍ରୀ ମଧ ନିଯୁକ୍ତି ପାଇଛନ୍ତି। କିନ୍ତୁ ବିଦ୍ୟାଳୟରେ ଶ୍ରେଣୀ ଗୃହ ଅଭାବରୁ ପାଠପଢ଼ା ସମ୍ପୂର୍ଣ୍ଣ ମାତ୍ରାରେ ବାଧାପ୍ରାପ୍ତ ହୋଇଛି । ଶ୍ରେଣୀ ଗୃହରେ ଗୋଟିଏ କଳାପଟା। ଗୋଟିଏ ପାର୍ଶ୍ୱରେ ଓଡ଼ିଆ ଶିକ୍ଷୟିତ୍ରୀ ପାଠ ପଢାଉଛନ୍ତି ତ ଆଉ ଗୋଟିଏ ପଟେ ଗଣିତ ଶିକ୍ଷୟିତ୍ରୀ ପାଠ ପଢାଉଛନ୍ତି । ଶ୍ରେଣୀ କକ୍ଷରେ ଦୁଇଜଣ ଶିକ୍ଷୟିତ୍ରୀ ଏକକାଳୀନ ପାଠ ପଢ଼ାଇବା ଦୃଶ୍ୟ ଉନ୍ନତ ଶିକ୍ଷା ବ୍ୟବସ୍ଥାକୁ ଉପହାସ କରୁଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅନ୍ତର୍ଗତ ମାଣ୍ଡୁକି ପଞ୍ଚାୟତରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟ, ସିଲାରୀ। ୧୯୭୨ମସିହାରେ ପ୍ରତିଷ୍ଠିତ ଏହି ବିଦ୍ୟାଳୟରେ ଆବଶ୍ୟକ ମୁତାବକ ଶ୍ରେଣୀଗୃହ ପୂର୍ବରୁ ଥିବାବେଳେ କାଳକ୍ରମେ ଶ୍ରେଣୀ ଗୃହଗୁଡିକ ବିପଦ ସଙ୍କୁଳ ଥିବାରୁ ପାଠ ପଢ଼ାଇବା ଅନୁଚିତ ମନେହୋଇଛି। ଏହା ସହ ଅନେକ ସମୟରେ ଶ୍ରେଣୀ ଗୃହ କାନ୍ଥରୁ ପ୍ଲାଷ୍ଟର ଖସି ଯାଉଥିବା ବେଳେ ବର୍ଷାଦିନେ ପାଣି ଗଳୁଛି। ବିଦ୍ୟାଳୟରେ ଥିବା ଅବଶିଷ୍ଟ ଦୁଇଟି ଗୃହ ମଧ୍ୟରୁ ଗୋଟିଏ ଅଫିସ ଘର ହୋଇଥିବା ବେଳେ ଗୋଟିଏ ଶ୍ରେଣୀ କକ୍ଷରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ତେବେ ଗୋଟିଏ କୋଠରୀରେ ଶିକ୍ଷାଦାନ କେମିତି ହେଉଥିବ ଏଥିରୁ ସ୍ପଷ୍ଟ ଅନୁମେୟ। ଏଭଳି ଘଟଣାକୁ ନେଇ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଅନୀତା ରାୟ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଶ୍ରେଣୀଗୃହ ଗୁଡିକ କିଛିଦିନ ହେବ ବିପଦ ସଂକୁଳ ଅବସ୍ଥାରେ ରହିଛି। ସେଥିପାଇଁ ଗୋଟିଏ କକ୍ଷରେ ପାଞ୍ଚଟି ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ାଉଛୁ କିନ୍ତୁ ପାଠପଢା ବାଧାପ୍ରାପ୍ତ ହେଉଛି। ଏ ନେଇ ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀକାନ୍ତ କୁମାର ସ୍ୱାଇଁ କହିଛନ୍ତି ବିଦ୍ୟାଳୟ ପରିଦର୍ଶନ କରି ସମସ୍ୟା ସମାଧାନ କରିବାକୁ ଖୁବଶୀଘ୍ର ଚେଷ୍ଟା କରିବୁ।

**ଖୁବଶୀଘ୍ର ସମସ୍ୟା ସମାଧାନ ହେବ : ମଣ୍ଡଳ ଶିକ୍ଷାଧିକାରୀ**

# ମାସକରେ ଧସିଗଲା ସୁରକ୍ଷା ପ୍ରାଚୀର



ଧାମନଗର (ଭାସ୍କର ନ୍ୟୁଜ୍) : ମାସେ ତଳେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚରେ କାମ ହେଲା। ଆଉ ଏବେ ଦବିଗଲା। ଯେଉଁଠୁ ଦବିଲା, ସେତକ ସରକାରୀ ନୁହଁ ବୋଲି କୁହାଯାଉଛି। ଏମିତି ସ୍ଥିତି ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ସୋହଡ଼ା ପଞ୍ଚାୟତର କଣ୍ଟାପାରୀ ବଢ଼େଇ ସାହିରେ। ନୂଆ ନୂଆ ତିଆରି ହୋଇଥିବା ୪୦ ମିଟର ଲମ୍ବର ସୁରକ୍ଷା ପ୍ରାଚୀରଟି ଅଧାରୁ ଧସି ଯାଇଛି। ବନ୍ଧରୁ ୧୫ ମିଟର ଯାଏ ଠିକ୍ ଅଛି। ଅବଶିଷ୍ଟାଂଶ ୨୫ ମିଟର ଦବିକି ଧସିଯାଇଛି। କେଉଁ ମୁହୂର୍ତ୍ତରେ ଭୁଶୁଡ଼ି ପଡ଼ିବ, ତା’ର ଠିକ୍ ନାହିଁ। ଜୁଲାଇ ମାସରେ ବୈତରଣୀରେ ବନ୍ୟା ଆସିବା ପୂର୍ବରୁ କଣ୍ଟାପାରୀରେ ନଦୀ ବନ୍ଧରୁ ନାଥେଶ୍ୱର ମନ୍ଦିରକୁ ଲମ୍ବିଥିବା ରାସ୍ତା କଡ଼ରେ ସୁରକ୍ଷା ପ୍ରାଚୀର ନିର୍ମାଣ ଆରମ୍ଭ ହୋଇଥିଲା। ବନ୍ଧ ଗଡ଼ା ରାସ୍ତାକୁ ସୁରକ୍ଷା ଦେବା ଲାଗି ପ୍ରାୟ ଫୁଟେ ଚଉଡ଼ାର ସିମେଣ୍ଟ କଂକ୍ରିଟ ପାଚେରୀ ତିଆରି ହୋଇଛି। ପ୍ରକଳ୍ପ ସ୍ଥଳରେ ସୂଚନା ଫଳକ ନଥିବାରୁ କେଉଁ ବିଭାଗ କରୁଛି, କେତେ ଟଙ୍କାର କାମ ତାହା ସ୍ପଷ୍ଟ ହୋଇପାରୁନି। ନଦୀବନ୍ଧରୁ ତଳକୁ ଆସିଥିବାରୁ ଏହା ଜଳ ସଂପଦ ବିଭାଗର କାମ ବୋଲି ସ୍ଥାନୀୟ ଲୋକେ ସନ୍ଦେହ କରୁଛନ୍ତି। ହେଲେ ଏହାକୁ ଜଳ ସଂପଦ ବିଭାଗର କନିଷ୍ଠ ଯନ୍ତ୍ରୀ ସ୍ୱାଗତ ଦାସ ଅସ୍ୱୀକାର କରିଛନ୍ତି। ଏ କାମଟି ପଞ୍ଚାୟତ ସମିତି ପକ୍ଷରୁ କରାଯାଉଥିବ ବୋଲି ସେ କହିଛନ୍ତି। ଏନେଇ ଧାମନଗର ବିଡିଓ ବନବିହାରୀ ଦିନ୍ଦାଙ୍କୁ ପଚାରିବାରୁ ଏହା ବ୍ଲକ କାମ ନୁହଁ ବୋଲି ସେ କହିଥିଲେ । ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ ପରେ ଶାସକ ଦଳର କର୍ମୀଙ୍କୁ ପଚାରିବାରୁ ସେ ବିଚିତ୍ର ଉତ୍ତର ରଖିଛନ୍ତି। ଜଣେ ଯୁବକ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି ଯେ, ଯେତିକି ବାଟ ପାଚେରୀ ଠିକ୍ ଅଛି ସେତିକି ସରକାରଙ୍କ ତରଫରୁ ହେଉଛି। ଆଉ ଯେତିକି ଧସିଛି ସେତକ ପ୍ରାଇଭେଟ ଲୋକର। ହେଲେ କାମ କେଉଁ ଯୋଜନାରେ ହେଉଛି, କାହା ନାଁରେ ୱାର୍କ ଅର୍ଡର ଆଉ କେଉଁ ବିଭାଗ ଏ କାମ କରୁଛି ସେନେଇ କେହି ପାଟି ଖୋଲୁନାହାନ୍ତି। ଏଇ ବର୍ଷକ ଭିତରେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଯୋଗୁଁ ଧାମନଗରରେ କୋଟି କୋଟି ଟଙ୍କାର ବିକାଶମୂଳକ କାମ ହେଉଛି। ହେଲେ ସବୁ କାମ ଶାସକ ଦଳର କର୍ମୀ କରୁଥିବା ଦେଖିବାକୁ ମିଳୁଛି। ମନ୍ତ୍ରୀଙ୍କ ଘନିଷ୍ଠ ସହଯୋଗୀ ଏସବୁ କାମ କରୁଥିବାରୁ କୌଣସି ଅଧିକାରୀ ମଧ ପାଟି ଖୋଲିବାକୁ ଉଚିତ୍ ମଣୁନାହାନ୍ତି। ବିଗତ ଦିନରେ ମନରେଗା କାମ ନେଇ ପାଟି ଖୋଲିବାରୁ ଧାମନଗର ଏବିଡିଓ ଶର୍ମିଷ୍ଠା ମଲ୍ଲିକଙ୍କୁ ଅନ୍ୟତ୍ର ବଦଳି କରାଯାଇଥିଲା। ଏହି କାରଣରୁ କେହି କିଛି କହୁନାହାନ୍ତି।

## ପାହାଳ ଥାନା ପକ୍ଷରୁ ଗଣେଶ ପୂଜା ପ୍ରସ୍ତୁତି ବୈଠକ

ଫୁଲନଖରା (ଭାସ୍କର ନ୍ୟୁଜ୍) : ଭୁବନେଶ୍ୱର କମିଶନର ପୋଲିସ ପକ୍ଷରୁ ପାହାଳ ଥାନା ସମ୍ମିଳନୀ କକ୍ଷରେ ଗଣେଶ ପୂଜା ଓ ଭସାଣି ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ କରାଯାଇଛି। ଏସ୍‌ଆଇ ବିଭୂତିଭୂଷଣ ମୁଦୁଲିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ମୁଖ୍ୟ ଅତିଥି ଭାବେ ଅଶ୍ୱନୀ କୁମାର ଜେନା ଯୋଗ ଦେଇ ଡିଜେ, ନିଶା, ପଲିଥିନ ମୁକ୍ତ ପୂଜା ଓ ଭସାଣି କରିବା ପାଇଁ ଉପସ୍ଥିତ ସମସ୍ତ ପୂଜା କମିଟିର କର୍ମକର୍ତ୍ତା ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ହଂସପାଳସ୍ଥିତ କୁଆଖାଇ ନଦୀ କୂଳରେ ନିର୍ମିତ ହୋଇଥିବା ଅସ୍ଥାୟୀ ପୋଖରୀରେ ସନ୍ଧ୍ୟା ୬ ଘଟିକା ପୂର୍ବରୁ ବିସର୍ଜନ କରିବା ନିମନ୍ତେ ପରାମର୍ଶ ଦିଆଯାଇଥିଲା। ମୋଟ ୩ ପର୍ଯ୍ୟାୟରେ ଯାଥାକ୍ରମେ ଅଗଷ୍ଟ ୨୫, ୩୧ ଓ ସେପ୍ଟେମ୍ବର ୩ ତାରିଖରେ ଭସାଣି କରିବା ପାଇଁ ଅନୁମତିପତ୍ର ପ୍ରଦାନ କରାଯିବା ପାଇଁ ଧାର୍ଯ୍ୟ କରାଯାଇଛି। ଜଗନ୍ନାଥପୁର ଗ୍ରାମ ପଞ୍ଚାୟତର ସରପଞ୍ଚ ବିଶ୍ୱଜିତ୍ ଭୋଇଙ୍କ ସମେତ ପ୍ରାୟ୧୦-୧୨ ପୂଜା କମିଟିର କର୍ମକର୍ତ୍ତା ଯୋଗ ଦେଇଥିଲେ। ପାହାଳ ଥାନାର କର୍ମଚାରୀ ନୀଳାମ୍ବର ସାହୁ, ସଞ୍ଜୟ ସ୍ୱାଇଁଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀମାନେ ବୈଠକ ପରିଚାଳନା କରିଥିଲେ ।

# ଅଙ୍ଗନୱାଡ଼ି ଲେଡ଼ିଜ ୱାର୍କରସ୍ ଆସୋସିଏସନ୍‌ର ବିକ୍ଷୋଭ



ଛତ୍ରପୁର (ଭାସ୍କର ନ୍ୟୁଜ୍): ଭାରତୀୟ ମଜଦୁର ସଂଘ ସଂଲଗ୍ନ ଅଲ୍ ଓଡ଼ିଶା ଅଙ୍ଗନୱାଡ଼ି ଲେଡ଼ିଜ ୱାର୍କରସ୍ ଆସୋସିଏସନ୍ ଗଞ୍ଜାମ ଜିଲ୍ଲା ପକ୍ଷରୁ ୧୨ ଦଫା ଦାବି ନେଇ ଗୁରୁବାର ଜିଲ୍ଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି ପରେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ମହିଳା ଶିଶୁ ବିକାଶ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଦାବିଗୁଡିକ ମଧ୍ୟରେ ଅଙ୍ଗନୱାଡ଼ି କର୍ମୀ ଏବଂ ସହାୟିକାମାନଙ୍କୁ ସରକାରୀ କର୍ମଚାରୀ ଘୋଷଣା କରିବା, ସରକାରୀକରଣ ନହେବା ପର୍ଯ୍ୟନ୍ତ ଅଙ୍ଗନୱାଡ଼ି କର୍ମଚାରୀଙ୍କୁ ସର୍ବନିମ୍ନ ଯଥାକ୍ରମେ ୧୮,୦୦୦ ଟଙ୍କା ଏବଂ ସହାୟିକାଙ୍କ ପାଇଁ ୯,୦୦୦ ଟଙ୍କା ପ୍ରଦାନ, ଅବସର ପରେ ଅଙ୍ଗନୱାଡ଼ି କର୍ମୀ ଏବଂ ସହାୟିକାଙ୍କୁ ଅବସରକାଳୀନ ସହାୟତା ରାଶି ପ୍ରଦାନ କରାଯିବା ସହିତ ମାସକ ପେନସନ କର୍ମୀଙ୍କୁ ୫୦୦୦ଟଙ୍କା ଏବଂ ସହାୟିକାଙ୍କୁ ୩୦୦ ଟଙ୍କା ପ୍ରଦାନ, ଉନ୍ନତମାନର ମୋବାଇଲ ପ୍ରଦାନ, ପଦୋନ୍ନତି, ପିଏଫ, ଗ୍ରାଚୁଟି, ବରିଷ୍ଠତା ଭିତ୍ତିରେ ବେତନ ବୃଦ୍ଧି, ଅଣ୍ଡା ବାବଦକୁ ବକେୟା ପ୍ରଦାନ ଆଦି ରହିଛି।

## ଧାନଘର ଛକରେ ଉପଜିଲ୍ଲାପାଳଙ୍କ ଚଢ଼ାଉ ଶହ ଶହ ବୋତଲ ମଦ ଜବତ



ଚିକିଟି (ଭାସ୍କର ନ୍ୟୁଜ୍) : କେ.ନୂଆଗାଁ ଥାନା ଅନ୍ତର୍ଗତ ଚିକିଟି ଫାଣ୍ଡି ଅଧିନସ୍ଥ ଧାନଘର ଛକରେ ଉପଜିଲ୍ଲାପାଳ ଅବିନନାଶ କୁମାରଙ୍କ ଅଚାନକ ଚଢ଼ାଉ ହୋଇଥିଲା। ଏହି ଚଢ଼ାଉ ବେଳେ ସ୍ଥାନୀୟ ତହସିଲଦାର ବିଶ୍ୱରଞ୍ଜନ କହଁର, ଚିକିଟି ଅବକାରୀ ନିରୀକ୍ଷକ ସଞ୍ଜୟ କୁମାର ଭୁକ୍ତା, ଉପନିରକ୍ଷକ ଲକ୍ଷ୍ମୀ ରେଡ୍ଡୀଙ୍କ ସହ ସମସ୍ତ ଅବକାରୀ କର୍ମଚାରୀ ଯୋଗଦାନ କରିଥିଲେ। ମିଳିଥିବା ସୂଚନା ମୁତାବକ କୌଣସି ଏକ ସୂତ୍ରରୁ ଉପଜିଲ୍ଲାପାଳ ଖବର ପାଇ ଆଜି ସକାଳୁ ଉପସ୍ଥିତ କର୍ମଚାରୀଙ୍କୁ ଧରି ତିନୋଟି ଦୋକାନ ଉପରେ ଚଢ଼ାଉ କରିଥିଲେ। ଚଢ଼ାଉ ବେଳେ ଶହ ଶହ ବୋତଲ ନିପ, ବିଅର, ଆଉ ମଦ ପ୍ୟାକେଟ ମଧ ଜବତ କରିଥିଲେ। ଏଥିସହ ଜଣେ ଦୋକାନୀକୁ ମଧ କାବୁ କରିଥିବା ପ୍ରକାଶ ପାଉଛି।

# ବୟନ ଓ ହସ୍ତତନ୍ତ ବିଭାଗ ନିର୍ଦ୍ଦେଶକଙ୍କ ଦୁଇ ଦିନିଆ ମୟୂରଭଞ୍ଜ ଗସ୍ତ

**କ୍ଷେତ୍ର ପରିଦର୍ଶନ ସହ ବିଭିନ୍ନ ବିଭାଗର ଉନ୍ନୟନମୂଳକ ପ୍ରକଳ୍ପର କଲେ ସମୀକ୍ଷା**

ବାରିପଦା (ଭାସ୍କର ନ୍ୟୁଜ୍) : ବୟନ ଓ ହସ୍ତତନ୍ତ ବିଭାଗ ନିର୍ଦ୍ଦେଶକ ତଥା ଜିଲ୍ଲା ନୋଡାଲ ଅଧିକାରୀ ପ୍ରେମଚନ୍ଦ୍ର ଚୌଧାରୀ, ଭା.ପ୍ର.ସେ. ମୟୂରଭଞ୍ଜ ଜିଲ୍ଲା ଗସ୍ତରେ ଆସି ଆଜି ପ୍ରଥମ ଦିନରେ କ୍ଷେତ୍ର ପରିଦର୍ଶନରେ ଜିଲ୍ଲାର ବିଭିନ୍ନ ସ୍ଥାନକୁ ଯାଇ ବିଭିନ୍ନ ବିଭାଗ ଅଧୀନରେ କାର୍ଯ୍ୟକାରୀ ହେଉଥିବା ଉନ୍ନୟନ ମୂଳକ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ଏବଂ ଜନ କଲ୍ୟାଣକାରୀ ଯୋଜନା ଗୁଡିକର କାର୍ଯ୍ୟକାରିତା ଉପରେ ଅନୁଧ୍ୟାନ କରିଥିଲେ। ଏହି କ୍ଷେତ୍ର ପରିଦର୍ଶନ କ୍ରମରେ ଆଜି ଶ୍ରୀ ଚୌଧାରୀ ପ୍ରଥମେ ବେତନଟୀ ବ୍ଲକ ଅଧିନସ୍ଥ ପୁରୁଣାଆ ଜିପିର ଅଙ୍ଗାରୁଆରେ ଗ୍ରାମ୍ୟ ଶିଳ୍ପ ଉଦ୍ୟାନ ଏବଂ ସେଠାରୁ ବେତନଟି ଗ୍ରାମର ପିଏମ୍‌ଶ୍ରୀ ସ୍କୁଲକୁ ପରିଦର୍ଶନ କରି ଛାତ୍ରଛାତ୍ରୀଙ୍କ ସହିତ ଭାବ ବିନିମୟ କରିଥିଲେ। ଏହାପରେ ବେତନଟି ଜିପିରେ ଆମଯୋଡ଼ା କୁଷ୍ଠ କଲୋନୀରେ ହିତାଧିକାରୀ ମାନଙ୍କ ସହିତ ଅନ୍ତ୍ୟୋଦୟ ଗୃହ ଯୋଜନା, ଜାତୀୟ ସାମାଜିକ ସହାୟତା ଯୋଜନା, ମଧୁବାବୁ ପେନ୍‌ସନ୍ ଯୋଜନାରେ ମିଳୁଥିବା ସୁବିଧା ପାଉଛନ୍ତି କି ନାହିଁ ସେ ବିଷୟରେ ଆଲୋଚନା କରିଥିଲେ। ସେଠାରୁ ଶାଳବଣୀ ସ୍ଥିତ ଏସ୍‌ଏସ୍‌ଡି ହାଇସ୍କୁଲ ଯାଇ ଛାତ୍ରଛାତ୍ରୀଙ୍କ ସହିତ ଭାବ ବିନିମୟ କରି ସେମାନଙ୍କ ସୁବିଧା ଅସୁବିଧା ପଚାରି ବୁଝିଥିଲେ। ସେଠାରୁ ଦାନ୍ତିମୁହାଁର ଟସର ରିଲର ସମବାୟ ସମିତି (ଟିଆରସିଏସ୍)ଯାଇ ରେଶମ ପୋକ ପାଳନ କେନ୍ଦ୍ର ଅନୁଧ୍ୟାନ କରିବା ସହ ରେଶମ ଚାଷ ଅନ୍ତର୍ଗତ ଏମ୍‌ଜିଏନ୍‌ଆରଜିଏସ୍‌ର ଚାରାରୋପଣ ସ୍ଥାନ ଦେଖିଥିଲେ। ଅପରାହ୍ନରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକରେ ଯୋଗ ଦେଇ ଜିଲ୍ଲାର ବିଭିନ୍ନ ବିଭାଗରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନାର ସ୍ଥିତି ଓ ଉନ୍ନୟନ ପ୍ରକଳ୍ପ ଗୁଡିକର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ଉକ୍ତ ବୈଠକରେ ଜିଲ୍ଲାପାଳ ହେମକାନ୍ତ ସୟଙ୍କ ସମେତ ଉପଜିଲ୍ଲାପାଳ ରାଇରଙ୍ଗପୁର ସୌମ୍ୟ ରଞ୍ଜନ ପ୍ରଧାନ, କରଞ୍ଜିଆ ଉପଜିଲ୍ଲାପାଳ କସ୍ତୁରୀ ପଣ୍ଡା, ଆଇଏଏସ ପ୍ରବେଶନର କାଶିଷ ବକ୍ସି, ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକ, ବାରିପଦା ଉପଜିଲ୍ଲାପାଳ ଡ଼ ଦୟାସିନ୍ଧୁ ପରିଡା, ଉଦଳା ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ ଓ ଏ ସି ଡି ଓ ଶାନ୍ତନୁ କୁମାର ନାୟକ ଯୋଗ ଦେଇଥିଲେ। ଏହି ସମୀକ୍ଷା କ୍ରମରେ ସ୍ୱାସ୍ଥ୍ୟ ବିଭାଗ ଅଧୀନରେ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଅନ୍ତ୍ୟୋଦୟ ଗୃହ ଯୋଜନା, ନଗର ଉନ୍ନୟନ ବିଭାଗର ପାନୀୟ ଜଳ ଯୋଗାଣ ଓ ପରିମଳ ଯୋଜନା, ଗ୍ରାମ୍ୟ ଉନ୍ନୟନ ବିଭାଗର ସେତୁ ବନ୍ଧନ ଯୋଜନା, ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗର ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା, ପିଏମ୍‌ଶ୍ରୀ ଯୋଜନା, ମହିଳା ଓ ଶିଶୁ ବିକାଶ ବିଭାଗର ସୁଭଦ୍ରା, ପୋଷଣ ଯୋଜନା, ସାଧାରଣ ଯୋଗାଣ, ଜାତୀୟ ସାମାଜିକ ସୁରକ୍ଷା, ସମବାୟ, ଗ୍ରାମ୍ୟ ବିଦ୍ୟୁତ ଇତ୍ୟାଦି ବିଷୟରେ ସମୀକ୍ଷା କରିଥିଲେ। ଆଜିର ସମୀକ୍ଷା ବୈଠକରେ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ ଓ ଲାଇନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆଜି ବାରିପଦା ଠାରେ ରାତ୍ରି ଯାପନ ପରେ ଆସନ୍ତାକାଲି ଜିଲ୍ଲାର ଆଉ କିଛି କ୍ଷେତ୍ର ପରିଦର୍ଶନ କରି ଅପରାହ୍ନରେ ଶ୍ରୀ ଚୌଧାରୀ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଯିବାର କାର୍ଯ୍ୟକ୍ରମ ରହିଛି।

# ଏନ୍‌ଏସିରୁ ବାଦ୍ ପଡିଲା ନିଆଳି, ତେଜିଲା ରାଜନୀତି

ନିଆଳି (ଭାସ୍କର ନ୍ୟୁଜ୍) : ଗତ ବିଜେଡି ସରକାର ବିଧାନ ସଭା ନିର୍ବାଚନ ପୂର୍ବରୁ ୨୪ ଫେବୃଆରୀ ୨୦୨୪ ତାରିଖରେ ନିଆଳିକୁ ଏନ୍‌ଏସି ମାନ୍ୟତା ମିଳିଲା ବୋଲି ଭେଟି ଦେଇଥିଲେ। ଏହି ଘୋଷଣାର ୧୮ ମାସ ପରେ ବର୍ତ୍ତମାନର ରାଜ୍ୟ ସରକାର ଘୋଷଣା କରିଥିବା ଏନ୍‌ଏସି ତାଲିକାରୁ ନିଆଳିକୁ ବାଦ୍ ଦେଇଛନ୍ତି। ଯାହାକୁ ନେଇ ନିଆଳିରେ ବିଭିନ୍ନ ରାଜନୈତିକ ଦଳ ଓ ଅଞ୍ଚଳର ଜନସାଧାରଣଙ୍କ ମଧ୍ୟରେ ମିଶ୍ର ପ୍ରତିକ୍ରିୟା ଦେଖାଦେଇଛି। ଏନ୍‌ଏସି ହେଲେ ପୂର୍ବ ସରକାର କହିଥିଲେ ସହରାଞ୍ଚଳ ଭଳି ସମସ୍ତ ସୁବିଧା ସୁଯୋଗ ମିଳିବ, ଏମିତିକି ନିଆଳି ଅଞ୍ଚଳର ଲୋକମାନେ ପୌର ଅଞ୍ଚଳର ସୁବିଧା ନେବେ । ଏହା ସେତେବେଳେ ଜୋରଦାର ଆଲୋଚନା ହୋଇଥିଲା। ଏନ୍‌ଏସିର ମାନ୍ୟତା ପ୍ରଦାନ ପରେ ବିଭିନ୍ନ ସଂଗଠନ, ରାଜନେତା, ବ୍ୟବସାଇ, ଓକିଲ ସଂଘ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ। ୨୦୦୯ରେ ସିଭିପି ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ଦେବା ସହ ଏନଏସି ପାଇଁ ନିଆଳିରେ ଏକ ବିଶାଳ ସମାବେଶ କରାଯାଇଥିଲା। ଏମିତିକି ନିଆଳି ଟାଉନ କ୍ଲବ ପକ୍ଷରୁ ମଧ ଏନ୍‌ଏସି ପାଇଁ ଦାବି ହୋଇଥିଲା। ଯାହାକୁ ନେଇ ତତ୍କାଳୀନ ରାଜ୍ୟ ବିଜେପି ପ୍ରବକ୍ତା ରାଜେନ୍ଦ୍ର ପ୍ରସାଦ ପଣ୍ଡା ଏନ୍‌ଏସି ଘୋଷଣାକୁ ସ୍ୱାଗତ କରିଥିଲେ। ନିଆଳିକୁ ଏନ୍‌ଏସିରେ ସାମିଲ କରିବା ପାଇଁ ସମସ୍ତ ଭିତ୍ତିଭୂମି ଥିବା ସତ୍ତ୍ୱେ ପୂର୍ବ ସରକାରରେ ଏନ୍‌ଏସି ଘୋଷଣା ଓ ବର୍ତ୍ତମାନ ସରକାରରେ ବାଦ୍ ଦେବାକୁ ନେଇ ବିଭିନ୍ନ ଦିଗରୁ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ନିଆଳି ଏନ୍‌ଏସି ସାମିଲ ହେବାକୁ ଥିବା ନିଆଳି ପଞ୍ଚାୟତରେ ୮ ହଜାର ୫ ଶହ, ଜଲାରପୁର ୬ ହଜାର ୬ ଶହ ୭୦ ଓ ନୂଆ ଗାଁ ପଞ୍ଚାୟତର ୭ ହଜାର ୯୫୦ ମୋଟ ୨୩ ହଜାରରୁ ଉର୍ଦ୍ଧ୍ୱ ଲୋକସଂଖ୍ୟା ଥିବାବେଳେ ଭୋଟର ସଂଖ୍ୟା୧୮ ହଜାର ୫ ଶହରୁ ଉର୍ଦ୍ଧ୍ୱ ଯାହା ଏନ୍‌ଏସି ଘୋଷଣା ନିମନ୍ତେ ଆବଶ୍ୟକ ଲୋକ ସଂଖ୍ୟା ଠାରୁ ଢ଼େର ଅଧିକ। ଏହି ଏରିଆ ମଧ୍ୟରେ ବ୍ଲକ ଜଳ ସମ୍ପଦ ବିଭାଗ, ବିଦ୍ୟୁତ ବିଭାଗ, ଜଳ ଓ ପରିମଳ ବିଭାଗ, ଉଦ୍ୟାନ ବିଭାଗ, କୃଷି ବିଭାଗ, ଉପ ନିର୍ବନ୍ଧକ କାର୍ଯ୍ୟାଳୟ, ତହସିଲ, ଟ୍ରେଜେରୀ, ପ୍ରାଣୀ ଚିକିତ୍ସାଳୟ, ଅଗ୍ନିଶମ ବିଭାଗ, ପୋଷ୍ଟ ଅଫିସ, ପୂର୍ତ୍ତ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, ଭାରତ ସରକାରଙ୍କ ଦୂରସଞ୍ଚାର ବିଭାଗ କାର୍ଯ୍ୟାଳୟ, ନିଆଳି ସ୍ୱାସ୍ଥ୍ୟକେନ୍ଦ୍ର, କୋର୍ଟ, ୫ରୁ ଉର୍ଦ୍ଧ୍ୱ ସରକାରୀ ବ୍ୟାଙ୍କ, ୧୦ରୁ ଉର୍ଦ୍ଧ୍ୱ ଘରୋଇ ବ୍ୟାଙ୍କ, ଓଡ଼ିଶା ସରକାରଙ୍କର ସମବାୟ ଓ ଗ୍ରାମ୍ୟ ବ୍ୟାଙ୍କ, ଦୁଇଟି ମହାବିଦ୍ୟାଳୟ, ଆଇଟିଆଇ ସ୍କୁଲ, ୧୦ରୁ ଉର୍ଦ୍ଧ୍ୱ ସରକାରୀ ସ୍କୁଲ ଭଳି ଅନେକ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ରହିଅଛି। ସାରା ଓଡ଼ିଶାରେ ନିଆଳୀରେ ପ୍ରସିଦ୍ଧିଲାଭ କରିଥିବା ପାନ ଓ ଛେନାର ବିଶାଳ ବଜାର ମଧ ରହିଛି। ଏଥିସହିତ ଏହି ବଜାର ଉପରେ ୪ଟି ଜିଲ୍ଲା କଟକ, ପୁରୀ, ଖୋର୍ଦ୍ଧା ଓ ଜଗତସିଂହପୁରର ସାଧାରଣ ଲୋକ ଓ ବ୍ୟବସାୟୀମାନେ ସାପ୍ତାହିକ ହାଟ ଓ ବଜାର ଉପରେ ନିର୍ଭର କରିବା ସହିତ ସାରା ଓଡିଶାକୁ ଯିବା ନିମନ୍ତେ ନିଆଳି ଉପରେ ନିର୍ଭର କରିଥାନ୍ତି। ଏସବୁ ସତ୍ତ୍ୱେ ନିଆଳିକୁ ଏନ୍‌ଏସି ଘୋଷଣାରୁ ବାଦ୍ ଦେବାକୁ ନେଇ ବିରୋଧୀ ବିଜେଡି ରାଜରାସ୍ତାରେ ନିଆଁ ଜାଳିବା ସହ ଡବଲ ଇଞ୍ଜିନ ସରକାରଙ୍କ ନିଆଳି ପ୍ରତି ଅବହେଳା ଅସଲ ମୁଖା ଖୋଲି ଦେଇଛି।

**ସେମାନେ କ’ଣ କହିଛନ୍ତି...**



**କଂଗ୍ରେସ ନେତା ସୋଭାଗ୍ୟ ରଞ୍ଜନ ବସ୍ତିଆ :** “ନିଆଳି ବାସୀଙ୍କୁ ଧୋକା ଦେଇଛନ୍ତି ସରକାର। ପୂର୍ବ ସରକାର ସମୟରେ ନିଆଳିକୁ ଏନ୍‌ଏସି ଘୋଷଣା କରାଯାଇଥିଲା। କାହା ଚାପରେ ବାଦ୍ ପଡିଲା। କଂଗ୍ରେସ ଦଳର ଦାବି ତୁରନ୍ତ ଏନ୍‌ଏସି ମାନ୍ୟତା ପ୍ରଦାନ କରାଯାଉ।”



**ବ୍ଲକ୍ ଆପ୍ପା ଅଧ୍ୟକ୍ଷ ବିଷ୍ଣୁ ଚରଣ ସ୍ୱାଇଁ :** “ନିଆଳିକୁ ଧୋକା ଦେଲେ ବର୍ତ୍ତମାନର ବିଧାୟକ। ସଠିକ୍ ଭାବରେ କରିପାରିଲେନି ଉପସ୍ଥାପନା। ବିଜେଡି ରାଜରାସ୍ତାକୁ ଓହ୍ଲାଇ ନିଆଁ ଜାଳିବ, ଏନ୍‌ଏସି ମିଳିବା ପର୍ଯ୍ୟନ୍ତ ସଂଗ୍ରାମ ଜାରି ରହିବ।”



**ନିଆଳି ବିଜେପି ନେତା ତ୍ରିଲୋଚନ ବେହେରା :** “ପୂର୍ବ ସରକାର ନିର୍ବାଚନକୁ ଦୃଷ୍ଟି ରେ ରଖି ତରବରିଆ ଭାବେ ଏନ୍‌ଏସି ଘୋଷଣା କରିଥିଲେ। କ୍ୟାବିନେଟ୍‌ରେ ପ୍ରସ୍ତାବ ଗୃହୀତ ହୋଇନଥିଲା। ସମ୍ବିଧାନବିଧି ବ୍ୟବସ୍ଥାରେ କରାଯାଇ ନଥିବାରୁ ଆଜି ଏଭଳି ସମସ୍ୟା ଉପୁଜିଛି।”


# ଯାଆଁଳ ଚାଷ ପ୍ରଶିକ୍ଷଣ ଶିବିର

ଡେରାବିଶ (ଭାସ୍କର ନ୍ୟୁଜ୍): ଭଗବାନପୁର ସ୍ଥିତ ମା’ ବୁଢ଼ୀଜାଗୁଲାଇ ମତ୍ସ୍ୟ ଯାଆଁଳ ଉତ୍ପାଦନ କେନ୍ଦ୍ର ପରିସରରେ ଆଜି ‘ସିଫା’ ପକ୍ଷରୁ ଉନ୍ନତ ପ୍ରଣାଳୀରେ ମତ୍ସ୍ୟ ଯାଆଁଳ ଉତ୍ପାଦନ ଓ ମତ୍ସ୍ୟ ଚାଷ ସମ୍ବନ୍ଧୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ କେନ୍ଦ୍ରର ମୁଖ୍ୟ ଝିନା ପରିଡ଼ାଙ୍କ ସଭାପତିତ୍ୱ କରିଥିଲେ। ଏହି ସଭାରେ ମୁଖ୍ୟ ଅତିଥିଭାବେ ‘ସିଫା’ର ମୁଖ୍ୟ ବୈଜ୍ଞାନିକ ଡକ୍ଟର ଖୁଣ୍ଟିଆ ମୁର୍ମୁ, ସମ୍ମାନିତ ଅତିଥିଭାବେ ସିଫାର ବୈଜ୍ଞାନିକ ଅବିନାଶ ରାସାଲ, କେନ୍ଦ୍ରାପଡ଼ା ଜିଲ୍ଲା ମତ୍ସ୍ୟ ଅଧିକାରୀ ଶଶାଙ୍କ ଶେଖର ସାହୁ ପ୍ରମୁଖ ଯୋଗଦେଇ ଉନ୍ନତ କିସମର ମତ୍ସ୍ୟ ଯାଆଁଳ ଉତ୍ପାଦନ ଓ ମାଛ ଚାଷ ସମ୍ବନ୍ଧରେ ବିଭିନ୍ନ ଉପାଦେୟ ତଥ୍ୟ ଶିବିରାର୍ଥୀମାନଙ୍କୁ ପ୍ରଦାନ କରିଥିଲେ। ଏହି ତାଲିମ ଶିବିରରେ ଓଡ଼ିଶା ସମେତ ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ, ବିହାର, ଆସାମ, ମହାରାଷ୍ଟ୍ର, ତେଲେଙ୍ଗାନା ଆଦି ରାଜ୍ୟରୁ ଆସିଥିବା ଛାତ୍ରମାନେ ଏହି ମତ୍ସ୍ୟଚାଷ କେନ୍ଦ୍ରରେ କିପରି ସଫଳ ଭାବେ ଉନ୍ନତ ମାନର ଓ ଅଧିକ ଅମଳକ୍ଷମ ଅମୁରକାର୍ପ, ଜୟନ୍ତୀ ରୋହୁ, କାଟଲାକାର୍ପ ଯାଆଁଳ ଉତ୍ପାଦନ ଏବଂ ମାଛ ଚାଷ କରାଯାଉଛି ତାହା ବୁଲି ଦେଖିଥିଲେ । ଏହି କାର୍ଯ୍ୟକ୍ରମରେ ଯାଜପୁର, ବାଲେଶ୍ୱର, କଳାହାଣ୍ଡି, କନ୍ଧମାଳ, ସମ୍ବଲପୁର, କେନ୍ଦ୍ରାପଡ଼ା, ପୁରୀ, ଜଗତସିଂହପୁର, କଟକ, ନୂଆପଡ଼ା, ଖୋର୍ଦ୍ଧା, ଗଞ୍ଜାମ, କୋରାପୁଟ ଆଦି ଜିଲ୍ଲାରୁ ମତ୍ସ୍ୟଚାଷୀ ମାନେ ଏହି ଶିବିରରେ ଉପସ୍ଥିତ ରହି ପ୍ରଶିକ୍ଷିତ ହୋଇଥିଲେ । ଏଥିସହିତ ଏହି ଯାଆଁଳ କେନ୍ଦ୍ରର ପରିଚାଳିକା ଲିଲିମା ପ୍ରିୟଦର୍ଶୀନୀ ଏହି ଛାତ୍ରମାନଙ୍କୁ ତାଙ୍କ ବ୍ୟବସାୟର ସଫଳତା ଓ କାର୍ଯ୍ୟଶୈଳୀ ସମ୍ପର୍କରେ ବୁଝାଇଥିଲେ । ସୂଚନାଯୋଗ୍ୟ ମା ବୁଢ଼ିଜାଗୁଲାଇ ମତ୍ସ୍ୟ ଯାଆଁଳ ଉତ୍ପାଦନ କେନ୍ଦ୍ର ଓଡ଼ିଶା ସମେତ ଓଡ଼ିଶା ବାହାରର ବିଭିନ୍ନ ଜିଲ୍ଲାର ହଜାର ହଜାର ମତ୍ସ୍ୟ ଚାଷୀମାନଙ୍କୁ ଉନ୍ନତମାନର ଓ ଅଧିକ ଅମଳକ୍ଷମ ମାଛ ଯାଆଁଳ ଯୋଗାଇ ଦେବା ସହିତ ସେମାନଙ୍କୁ ବୈଷୟିକ ପରାମର୍ଶ ଓ ଅତ୍ୟାଧୁନିକ ପରୀକ୍ଷାଗାର ଦ୍ୱାରା ପାଣି ପରୀକ୍ଷା, ମାଛ ରୋଗ ନିରୂପଣ ଓ ଆବଶ୍ୟକ ମତେ ମତ୍ସ୍ୟ ଖାଦ୍ୟ ଓ ଔଷଧମାନ ଯୋଗାଇ ଦେଇ ଆସୁଛି । ଯାହା ଫଳରେ ଏହି ଯାଆଁଳ କେନ୍ଦ୍ରରୁ ମାଛ ଯାଆଁଳ ନେଇ ମତ୍ସ୍ୟଚାଷୀମାନେ ବହୁ ଲାଭବାନ ହୋଇପାରୁଥିବା ଉପସ୍ଥିତ ବହୁ ଚାଷୀ ସେମାନଙ୍କ ବକ୍ତବ୍ୟରେ କହିଥିଲେ। ଏହି ପ୍ରଶିକ୍ଷଣ ଶିବିରକୁ କମଳାକାନ୍ତ ଲେଙ୍କା, ରଘୁନାଥ ପ୍ରସାଦ ପ୍ରମୁଖ ପରିଚାଳନା କରିଥିଲେ ।




# ରାଶିଫଳ


ଶୁକ୍ରବାର, ୨୨ ଅଗଷ୍ଟ ୨୦୨୫



**ମେଷ:** ଏକ ନୂତନ ଯୋଜନା ପ୍ରସ୍ତୁତ ହେବ। ବ୍ୟବସ୍ଥାରେ ଉନ୍ନତି ହେବ। ଅଧିକାରୀମାନେ ସହଯୋଗ କରିବେ ନାହିଁ। ଋଣ ନେବାକୁ ପଡିପାରେ। ଆଜି ଭ୍ରମଣ କରନ୍ତୁ ନାହିଁ। ପାରିବାରିକ କାର୍ଯ୍ୟଗୁଡ଼ିକୁ ପ୍ରାଥମିକତା ଦିଅନ୍ତୁ। ଆପଣଙ୍କ ବୁଦ୍ଧି ସାମାଜିକ ସମ୍ମାନ ଲାଭ କରିବ।



**ବୃଷ:** ବକେୟା ପୁନରୁଦ୍ଧାର ପାଇଁ ପ୍ରୟାସ ସଫଳ ହେବ। ଯାତ୍ରା ସଫଳ ହେବ। ରୋଜଗାର ବୃଦ୍ଧି ପାଇବ। ବିପଦ କାମ କରନ୍ତୁ ନାହିଁ। ନିଶାକୁ ନିୟନ୍ତ୍ରଣ କରନ୍ତୁ। ଲାଭ ହେବାର ସମ୍ଭାବନା। ପତ୍ନୀ ଉପଦେଶ ଦେଉଥିବା ରାସ୍ତାରେ ଗଲେ ଲାଭ ସମ୍ଭାବନା। ଭ୍ରମଣରୁ ଲାଭ। ଯାନ-ଯନ୍ତ୍ରପାତି କ୍ରୟ ସମ୍ଭାବନା।



**ମିଥୁନ:** ଅପଚୟ ଖର୍ଚ୍ଚ ହେବ। ଦୁଷ୍ଟ ଲୋକମାନେ କ୍ଷତି ଘଟାଇ ପାରନ୍ତି। ବିବାଦକୁ ପ୍ରୋତ୍ସାହିତ କରନ୍ତୁ ନାହିଁ । ଚିନ୍ତା ଏବଂ ଟେନସନ ରହିବ। ବ୍ୟବସାୟ ଯୋଜନା କାର୍ଯ୍ୟକାରୀ ହେବ ନାହିଁ। ପରିବାର ଚିନ୍ତିତ ହେବେ। ଆୟଠାରୁ ବ୍ୟୟ ଅଧିକ ହେବ।



**କର୍କଟ:** ରାଜନୈତିକ ବ୍ୟକ୍ତିମାନେ ସଫଳତାର ଯୋଗ ରହିଛି। ସହଭାଗିତାରେ ନୂତନ ପ୍ରସ୍ତାବ ଗ୍ରହଣ କରାଯିବ। ରୋଜଗାର ବୃଦ୍ଧି ପାଇବ। ଉପହାର ଗ୍ରହଣ କରିବେ। ବ୍ୟବସାୟ ଯାତ୍ରା ସଫଳ ହେବ। ଶତ୍ରୁମାନେ ସକ୍ରିୟ ରହିବେ। ଅହଂକାର ଦୂର କରନ୍ତୁ। ମନୋବଳ ବୃଦ୍ଧି ଚାପକୁ ହ୍ରାସ କରିବ।



**ସିଂହ:** ଜମି ଏବଂ ନିର୍ମାଣ ଯୋଜନା ପ୍ରସ୍ତୁତ ହେବ। ରୋଜଗାର ବୃଦ୍ଧି ପାଇବ। ଚାକିରିରେ ଅଧିକାର ବଢିପାରେ। ଅର୍ଥନୈତିକ କାର୍ଯ୍ୟରେ ସଫଳତା ପାଇ ଆପଣ ଖୁସି ହେବେ। ସୁଖୀ ଭବିଷ୍ୟତର ସ୍ୱପ୍ନ ସାକାର ହେବ। ଧାରଣା ସକରାତ୍ମକତା ବୃଦ୍ଧି କରିବ। ବିପଦ କାର୍ଯ୍ୟକୁ ସାହସ କର ନାହିଁ। ବ୍ୟବସାୟରେ ଇଚ୍ଛାଯୁକ୍ତ ଲାଭ ହେବ।




କନ୍ୟା: ଦ୍ୱନ୍ଦ୍ୱ ସୃଷ୍ଟି ହୋଇପାରେ। ପ୍ରେମ ସଂପର୍କରେ ସୁସଙ୍ଗତତା ରହିବ। ଆଇନଗତ ପ୍ରତିବନ୍ଧକ ହଟାଯିବ। ଆରାମ ବୃଦ୍ଧି ପାଇବ। ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟାର ସମାଧାନ ହେବ। ବ୍ୟବସାୟ ଭଲ କରିବ। ଜିନିଷକୁ ସୁରକ୍ଷିତ ରଖନ୍ତୁ। ବ୍ୟବସାୟ ଭଲ ଚାଲିବ।



ତୁଳା: ଜୀବନସାଥୀଙ୍କଠାରୁ ସମର୍ଥନ ମିଳିବ। ଯାନ ଏବଂ ଯନ୍ତ୍ରର ବ୍ୟବହାରରେ ସତର୍କତା ବ୍ୟବହାର କରନ୍ତୁ। ବିବାଦକୁ ପ୍ରୋତ୍ସାହିତ କରନ୍ତୁ ନାହିଁ। ଆର୍ଥିକତାକୁ ଧ୍ୟାନରେ ରଖନ୍ତୁ। ସମ୍ପର୍କୀୟଙ୍କ ସହ ସମ୍ପର୍କ ସୁଦୃଢ ହେବ। ଶତ୍ରୁମାନଙ୍କଠାରୁ ସାବଧାନ ରୁହନ୍ତୁ। ବ୍ୟବସାୟ ଲାଭଦାୟକ ହେବ। ଖର୍ଚ୍ଚ ହ୍ରାସ କରନ୍ତୁ। କରାଯାଇଥିବା କାର୍ଯ୍ୟ ସମାପ୍ତ ହେବ।



ବିଛା: ଧର୍ମ ପ୍ରତି ଆଗ୍ରହ ପ୍ରକାଶ କରିବେ। କୋର୍ଟ କାର୍ଯ୍ୟ ସଫଳ କରାଯିବ। ବ୍ୟବସାୟ ଭଲ କରିବ। ଆଘାତ ଏବଂ ରୋଗରୁ ଦୂରେଇ ରୁହନ୍ତୁ। କାର୍ଯ୍ୟ-ବ୍ୟବସାୟ ଲାଭ କରିବାର ସମ୍ଭାବନା ଅଛି । ବିବାହିତ ଜୀବନରେ ସୁସଙ୍ଗତତା ରହିବ। ସାମାଜିକ ସମାବେଶରେ ଅଂଶଗ୍ରହଣ କରିବେ। ଭଲ ଲାଭଦାୟକ ଫଳାଫଳ ଦେବ।



ଧନୁ: ଆପଣଙ୍କ ପାଇଁ ଖୁସି ଖବର। ମାନ ବୃଦ୍ଧି ହେବ। ଖୁସି ହେବ। ମନରେ ଉତ୍ସାହ ରହିବ, ଯେଉଁଥିପାଇଁ କାର୍ଯ୍ୟର ଗତି ବଢିବ। ଆପଣଙ୍କ କାର୍ଯ୍ୟ ସମାଜରେ ପ୍ରଶଂସା ପାଇବେ। ସହଭାଗୀତାରେ ଆପଣ ଯେଉଁ ନିଷ୍ପତ୍ତି ନିଅନ୍ତି ତାହା ଲାଭଦାୟକ ହେବ। ପୁରୁଣା ବନ୍ଧୁ ଏବଂ ସମ୍ପର୍କୀୟଙ୍କୁ ଭେଟିବେ।



ମକର: ପ୍ରତିଷ୍ଠା ବୃଦ୍ଧି ପାଇବ। ରୋଜଗାର ବୃଦ୍ଧି ପାଇବ। ଯାତ୍ରା ର ଶୁଭ ସମୟ ସହିତ, ଆପଣ କଠିନ କାର୍ଯ୍ୟରେ ସଫଳତା ପାଇବେ। ସମ୍ପର୍କୀୟଙ୍କ ସହିତ ସମ୍ପତ୍ତି ବିବାଦ ହୋଇପାରେ। ବ୍ୟବସାୟ-ଚାକିରିରେ ଲାଭ ହେବ। କ୍ରନିକ ରୋଗ ଦେଖାଦେଇପାରେ। ପ୍ରୟାସ ସଫଳ ହେବ।



କୁମ୍ଭ: ଦୁଃଖ, ଭୟ, ଚିନ୍ତା ଏବଂ ଅସ୍ଥିରତାର ପରିବେଶ ସୃଷ୍ଟି ହୋଇପାରେ। ଆପଣ ଦୁଃଖଦ ଖବର ପାଇପାରିବେ, ଧୈର୍ଯ୍ୟବାନ ହୁଅନ୍ତୁ। କାହାକୁ ବିଶ୍ୱାସ ନକରି ଆପଣ କାମ କରନ୍ତୁ। ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ହସ୍ତକ୍ଷେପରୁ କ୍ଷତି ହେବାର ସମ୍ଭାବନା ଅଛି। ପରିବାରରେ ଉତ୍ତେଜନା ଦେଖାଦେବ। ବ୍ୟବସାୟ ମଧ୍ୟମ ହେବ।



ମୀନ: ଆପଣ ସ୍ୱାଦିଷ୍ଟ ଖାଦ୍ୟ ଉପଭୋଗ କରିବେ। ଛାତ୍ର ଶ୍ରେଣୀ ସଫଳତା ହାସଲ କରିବେ। ବ୍ୟବସାୟ ଭଲ କରିବ। ଆପଣ ଭଲ ଲୋକଙ୍କୁ ଭେଟିବ ଯେଉଁମାନେ ଉପକାରକାରୀ ହେବେ। ଯୋଜନା ସଫଳ ହେବ। ଚାକିରିରେ ପଦୋନ୍ନତି ଅଛି। ଅଳସୁଆରୁ ଦୂରେଇ ରୁହନ୍ତୁ। ପରିବାର ଲୋକେ ସାହାଯ୍ୟ କରିବେ।




ଜ୍ୟୋର୍ତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ବୌଦ୍ଧ(ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ମଥୁରା ଚମ୍ପାପୁର ଛକରେ ମାହେଶ୍ୱରୀ ଗୋଶାଳାର ଅଧକ୍ଷ ନିର୍ଗୁଣ ମହାକୁଡ଼ଙ୍କ ଉଦ୍ୟମରେ ମାହେଶ୍ୱରୀ ପଞ୍ଚଗବ୍ୟ ଓ ସ୍ୱଦେଶୀ ବିକ୍ରୟ କେନ୍ଦ୍ର ଶୁଭ ଉଦଘାଟନ ହୋଇଯାଇଛି। ଏହି ଅବସରରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପଶ୍ଚିମ ଓଡିଶା ଗୋସେବା ପ୍ରମୁଖ ଲକ୍ଷ୍ମଣ ନାଏକ, ବୌଦ୍ଧ ଜିଲ୍ଲା ସଂଘ ଚାଳକ ସୂର୍ଯ୍ୟକାନ୍ତ ଦଳବେହେରା, ପୂର୍ବତନ କୃଷି ଅଧିକାରୀ ତଥା ବିଜେପି ପଛୁଆବର୍ଗ ମୋର୍ଚ୍ଚା ଜିଲ୍ଲା ସଭାପତି ପୂର୍ଣ୍ଣଚନ୍ଦ୍ର ଗାଇଗୌରିଆ,ମଥୁରା ସରପଞ୍ଚ ପ୍ରଦୀପ କୁମାର କହଁର, ମଥୁରା ସେବା ସମବାୟ ସମିତି ସଭାପତି ବିନୟ ମେହେର, ମାହେଶ୍ୱରୀ ଗୋଶାଳା ସମ୍ପାଦକ କୃତ୍ତିବାସ ପଳିଆ, ବୌଦ୍ଧ ଜିଲ୍ଲା ଧାର୍ମିକ ଓ ସାଂସ୍କୃତିକ ସେବା ସଂଘ ସମ୍ପାଦକ ଅରୁଣ କୁମାର ମେଣ୍ଡିଲି,ପଙ୍କୁଆଳ ଗ୍ରାମ କମିଟି ସଭାପତି ବିଜୟ ପାତ୍ର ପ୍ରମୁଖ ଯୋଗଦେଇ ଉଦଘାଟନ କରିଥିଲେ। ଏଠାରେ ମାହେଶ୍ୱରୀ ଗୋଶାଳାରୁ ଉତ୍ପାଦିତ ପଞ୍ଚଗବ୍ୟ ସାମଗ୍ରୀ ଓ ଅଂଚଳର କୃଷକ ଓ ସ୍ୱୟଂ ସହାୟକ ମହିଳାମାନଙ୍କ ଉତ୍ପାଦିତ ଓ ପ୍ରକ୍ରିୟାକୃତ ସ୍ୱଦେଶୀ ହାତ ତିଆରି ସାମଗ୍ରୀ ଉପଲବ୍ଧ ହେବ। ଏଠାରେ ଆୟୁର୍ବେଦ, ପଞ୍ଚଗବ୍ୟ, ଜୈବିକ ସାମଗ୍ରୀ ଉପଲବ୍ଧ ହେବା ସଙ୍ଗେ ସଙ୍ଗେ ପ୍ରତ୍ୟେକ ମାସରେ ଅଭିଜ୍ଞ ଆୟୁର୍ବେଦ ଚିକିତ୍ସକ, କବିରାଜ, ବୈଦ୍ୟମାନଙ୍କ ଦ୍ୱାରା ଚିକିତ୍ସା ଶିବିର ଆୟୋଜନ କରାଯିବ ବୋଲି ଶ୍ରୀ ମହାକୁଡ଼ ପ୍ରକାଶ କରିଛନ୍ତି । ପ୍ରତ୍ୟେକ ଦିନ କଂସା ଥେରାପି ମାଧ୍ୟମରେ ଦେହରୁ ବର୍ଜ୍ୟବସ୍ତୁ ବାହାର କରାଯିବ ଓ ସମସ୍ତ ରୋଗ ଉପଶମ ନିମନ୍ତେ ବିଭିନ୍ନ ଜଡିବୁଟି ଦ୍ୱାରା ପ୍ରସ୍ତୁତ କରି କାଢ଼ା ବିକ୍ରୟ କରିବା ସହିତ ଉତ୍ତମ ସ୍ୱାସ୍ଥ୍ୟ ନିମନ୍ତେ ପରାମର୍ଶ ଦିଆଯିବ ।

# ବେଆଇନ ଅସ୍ତ୍ରଶସ୍ତ୍ର କାରବାର, ୩ ଗିରଫ



ବ୍ରଜରାଜନଗର(ଭାସ୍କର ନ୍ୟୁଜ୍): ମଙ୍ଗଳବାର ରାତିରେ ରାମପୁର ଫାଣ୍ଡି ଅଧିକାରୀ ଏସ୍‌ଆଇ ସୁଦର୍ଶନ ବେହେରା ପେଟ୍ରୋଲିଂ କରୁଥିବା ବେଳେ ସମଲେଶ୍ୱରୀ ଖଣି ଅଞ୍ଚଳରେ ଏକ ଗ୍ୟାଙ୍ଗ ଦ୍ୱାରା ବେଆଇନ ଅସ୍ତ୍ର କାରବାର ହେଉଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲେ। ଏହି ଘଟଣାରେ ପୋଲିସ ହଠାତ ଚଢ଼ାଉ କରି ୩ ଜଣଙ୍କୁ ଧରିବାରେ ସଫଳ ହୋଇଥିଲା। ଗିରଫ ଅଭିଯୁକ୍ତ ହେଲେ ସମ୍ବଲପୁର ଜିଲ୍ଲା ରେଙ୍ଗାଲି ମଙ୍ଗଳପୁର ଅଂଚଳର ବିକାଶ ଓରାମ (୨୫), ତାରିଣୀ ବାଗ (୨୬), ରେଙ୍ଗାଲି ଚାଉଳ ଡ଼ିପୋ ଅଂଚଳର ସଙ୍ଗମ କଲେତ (୨୦)। ପୋଲିସ ସେମାନଙ୍କ ତଲାସୀ କରିବା ବେଳେ ସଙ୍ଗମ କଲେତଙ୍କଠାରୁ ଦୁଇଟି ଜୀବନ୍ତ ଗୁଳି ସହିତ ଗୋଟିଏ ଦେଶୀ ପିସ୍ତଲ ଏବଂ ବିକାଶ ଓରାମଙ୍କଠାରୁ ଦୁଇଟି ଜୀବନ୍ତ ଗୁଳି ସହିତ ଗୋଟିଏ ୭.୬ ମିମି ପିସ୍ତଲ ପାଇଥିଲା। କାଗଜପତ୍ର ମାଗିବାରୁ ସେମାନେ ଦେବାରେ ବିଫଳ ହେବାରୁ ପୋଲିସ ଗୁଳି ସମେତ ପିସ୍ତଲଗୁଡ଼ିକୁ ଜବତ କରିଛି।ସେମାନେ କାହାଠାରୁ ଅସ୍ତ୍ରଶସ୍ତ୍ର କିଣିଥିଲେ ଏବଂ କାହାକୁ ବିକ୍ରୟ କରୁଥିଲେ ତାହାର ଲିଙ୍କ୍ ଖୋଜିବା ପାଇଁ ତଦନ୍ତ ଜାରି ରହିଥିବା ବ୍ରଜରାଜନଗର ଏସଡ଼ିପିଓ ଚିନ୍ତାମଣି ପ୍ରଧାନ ସୂଚନା ଦେଇଛନ୍ତି।

# ମାଦକ ଦ୍ରବ୍ୟ ଚୋରାଚାଲାଣ ରୋକିବା ନେଇ ଜିଲ୍ଲାସ୍ତରୀୟ ବୈଠକ

ରାୟଗଡ(ଭାସ୍କର ନ୍ୟୁଜ୍): ରାୟଗଡ଼ ଜିଲ୍ଲାରେ ବ୍ୟାପକ ମାଦକ ଦ୍ରବ୍ୟ ଧରପଗଡ଼ ଓ ଚରାଚାଲାଣ ହେଉଥିବାରୁ ଏହାକୁ ରୋକିବା ନିମନ୍ତେ ଜିଲ୍ଲାପାଳ ରାୟଗଡ଼ ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧକ୍ଷତାରେ ସ୍ଥାନୀୟ ଜିଲ୍ଲାପାଳଙ୍କ ସଦଭାବନା ସଭାଗୃହରେ ସଂଯୁକ୍ତ ବୈଠକ ଅନୁଷ୍ଠିତ ହୋଇଥିଲା। ରାୟଗଡ଼ ଆରକ୍ଷୀ ଅଧିକ୍ଷକ ସୁଶ୍ରୀ ସ୍ୱାତୀ ଏସ କୁମାର ଓ ବନଖଣ୍ଡ ଅଧିକାରୀ ଆନ୍ନାସାହେବ ଓହଲେ, ଉପଜିଲ୍ଲାପାଳ ଗୁଣୁପୁର ଶ୍ରୀ ଦୁଧାଲ ଅଭିଶେଖ ଦିଲ୍ଲିପ ଉପସ୍ଥିତରେ ବିସ୍ତୃତ ଭାବରେ ଆଲୋଚନା କରାଯାଇଥିଲା। ବିଶେଷ କରି ଜିଲ୍ଲାରେ ମାଦକ ନିଶାଦ୍ରବ୍ୟ ଗଂଜେଇ ଅବାଧ ଚାଷକୁ ରୋକିବା, ନିଶାଦ୍ରବ୍ୟ ଅବାଧ କାରବାର ଓ ଚୋରା ଚାଲାଣ ସମ୍ପର୍କରେ ଗୁପ୍ତ ତଥ୍ୟ ପ୍ରଦାନ,ବିଦ୍ୟାଳୟ, ମହାବିଦ୍ୟାଳୟ ମାନଙ୍କ ଠାରେ ନିବାରଣ ଉପରେ ସଚେତନତାକୁ ପ୍ରୋତ୍ସାହନ କରିବା, ମାଦକ ଦ୍ରବ୍ୟ କାରବାର ଓ ନିଶାଦ୍ରବ୍ୟ କ୍ଷତିକାରକ ବିଷୟରେ ଜନସଚେତନତା ସୃଷ୍ଟି କରିବା । ଉନ୍ନୟନ କାର୍ଯ୍ୟକ୍ରମ ଗୁଡିକ କାର୍ଯ୍ୟକାରୀ କରିବା । ବିଶେଷ କରି ଓଡିଶା ଜୀବିକା ସରକାରଙ୍କ ତରଫରୁ କାର୍ଯ୍ୟକ୍ରମ ଜରିଆରେ ଏହି ଅଂଚଳର ଲୋକମାନଙ୍କୁ କର୍ମସଂସ୍ଥାନ ଯୋଗାଇବା ଉପରେ ଆଲୋଚନା କରାଯାଇଥିଲା । କୃଷି ବିଭାଗ, ଉଦ୍ୟାନ ବିଭାଗ ତରଫରୁ ଗଂଜା ଚାଷ ବଦଳରେ ସେହି ଅଂଚଳର ଲୋକଙ୍କୁ ଫଳ, ମକା ଓ ଅନ୍ୟ ଅର୍ଥକାରୀ ଫସଲ ଚାଷ ପାଇଁ ମଞ୍ଜି ଯୋଗାଇବା ଉପରେ ଜିଲ୍ଲାପାଳ କୁଲକର୍ଣ୍ଣି ଗୁରୁତ୍ୱ ଦେଇଥିଲେ। ଅବକାରୀ ବିଭାଗକୁ ସକ୍ରିୟ ରହି ନିଶାଦ୍ରବ୍ୟ କାରବାର ରୋକିବା ନିମନ୍ତେ ପଦକ୍ଷେପ ନେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।

# ପାଠପଢ଼ାଇବା ବଦଳରେ ଚୌକିରେ ଶୋଇଛନ୍ତି ଶିକ୍ଷକ



ଶିକ୍ଷା ବ୍ୟବସ୍ଥାର ନଗ୍ନ ଚିତ୍ର

ମାଥିଲି (ଭାସ୍କର ନ୍ୟୁଜ୍): ପୁଣି ଏକ ଅବ୍ୟବସ୍ଥା ଦେଖିବାକୁ ମିଳିଛି ମାଥିଲି ବ୍ଲକ୍ ର କର୍ତ୍ତନପାଲ୍ଲୀ ପଞ୍ଚାୟତ ଅଧୀନ ଡୁର୍କାଗୁଡା ଗ୍ରାମର ପ୍ରାଥମିକ ବିଦ୍ୟାଳୟରେ। କାର୍ଯ୍ୟରତ ଶିକ୍ଷକ ଉତ୍ତମ ଚରଣ ପାଲ ଶିକ୍ଷାଦାନ ଦେବା ବଦଳରେ ନିଘୋଡ଼ ନିଦରେ ଶୟନ କରୁଥିବା ଦୃଶ୍ୟ ସୋସିଆଲ ମିଡିଆ ରେ ଘୁରିବୁଲୁଛି। ଯାହା ଅତ୍ୟନ୍ତ ଦୁଃଖର ବିଷୟ। ପିଲାଙ୍କୁ ଭଲ ପାଠ ପଢ଼ାଇବି ଆଉ ବଡ ମଣିଷ କରିବି ବୋଲି ଅଭିଭାବକ ମାନେ ବିଦ୍ୟାଳୟକୁ ପଠାଉଛନ୍ତି। କିନ୍ତୁ ଏଠି ଅଭିଭାବକ ଙ୍କ ଆଶା ଆଶାରେ ହିଁ ରହିଯାଉଛି। ଅନ୍ୟପକ୍ଷରେ ଖୋଦ୍ ଜିଲ୍ଲାପାଳ ମୁଡୁଲିପଡ଼ା ଯାଇ ପିଲାଙ୍କୁ ପାଠ ପଢ଼ଉଥିବା ବେଳେ, ଯେଉଁ ଶିକ୍ଷକଙ୍କ କାର୍ଯ୍ୟ ଶିକ୍ଷାଦାନ କରିବା କଥା ସେ କିନ୍ତୁ ଶିକ୍ଷା ଦାନ କରିବା ବଦଳେ ଏଠି ଚୌକି ଉପରେ ଗୋଡ଼ ଲମ୍ବାଇ ଆରାମରେ ଶୋଇଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା। ଗ୍ରାମବାସୀଙ୍କ ଅଭିଯୋଗ ସେ ବିଦ୍ୟାଳୟରେ ଦୁଇ ଜଣ ଶିକ୍ଷକ ଅଛନ୍ତି କିନ୍ତୁ ଠିକ ସମୟରେ ବିଦ୍ୟାଳୟକୁ ଆସୁନାହାନ୍ତି। ବିଦ୍ୟାଳୟକୁ ତିନିଟା ପୂର୍ବରୁ ବିଦ୍ୟାଳୟ ବନ୍ଦ କରି ପଳେଇ ଯାଉଛନ୍ତି। ଜଣେ ଗ୍ରାମବାସୀ ଆମକୁ ଅବଗତ କଲା ବେଳେ ଆଖି ଛଳ ଛଳ କରି କହିଲେ ଏସବୁ ନିତିଦିନିଆ ଘଟଣା ଆଜ୍ଞା ଆମେ କାହାକୁ ଜଣାଇବୁ ଆମ ପିଲାଙ୍କ ଭବିଷ୍ୟତ ପାଇଁ।ଚୌକି ରେ ବସି ଶୋଇବା ଦୃଶ୍ୟ ଶିକ୍ଷା ବ୍ୟବସ୍ଥାର ନଗ୍ନ ଚିତ୍ର । ପିଲାଙ୍କ ଭବିଷ୍ୟତ ଏବେ ଦୀପ ତଳ ଅନ୍ଧାର ଭଳି ବୁଦ୍ଧିଜୀବୀଙ୍କ ମତ ପ୍ରକାଶ ପାଉଛି। ସାଧାରଣରେ ଚର୍ଚ୍ଚା କେବେ ସୁଧୁରିବ ଶିକ୍ଷା ବ୍ୟବସ୍ଥା। ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଯୋଗାଯୋଗ କରିବାରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଲେ।

# ବିଶ୍ୱ ମଶା ଦିବସ ପାଳିତ



ବୌଦ୍ଧ(ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବଲାସିଙ୍ଗା କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ଠାରେ ବିଶ୍ୱ ମଶା ଦିବସ ପାଳିତ ହୋଇ ଯାଇଛି । କାର୍ଯ୍ୟକ୍ରମରେ ଜିଲ୍ଲା ଭେକ୍ଟର ବାହିତ ରୋଗ ପରାମର୍ଶଦାତା ଅଜିତ କୁମାର ଦଳେଇ, ଆଇଇସି ପରାମର୍ଶଦାତା ମୃତ୍ୟୁଂଜୟ ଭୁଜବଳ, ବ୍ଲକସ୍ତରୀୟ ପିଏଚଇଓ, ସିଏଚଓ ଓ ଆଶା କର୍ମୀମାନେ ଯୋଗ ଦେଇ ମଶା ବାହିତ ରୋଗ ସମ୍ପର୍କରେ ସଚେତନତା କରିଥିଲେ ।

## ■ ଆସୁଛି ଗଣେଶ ପୂଜା

# ମୂର୍ତ୍ତି ନିର୍ମାଣରେ ବ୍ୟସ୍ତ କାରିଗର

ବୌଦ୍ଧ(ଭାସ୍କର ନ୍ୟୁଜ୍): ଆଗକୁ ଆସୁଛି ଶ୍ରୀ ଗଣେଶ ପୂଜା । ସେଥିପାଇଁ ଚାଲିଛି ଜୋରସୋର ପ୍ରସ୍ତୁତି। ଗଣପତିଙ୍କ ମୂର୍ତ୍ତି ଗଢିବାରେ ନିମଗ୍ନ ମୂର୍ତ୍ତି କାରିଗର। ଏଥିପାଇଁ ପୂଜା କମିଟି ପକ୍ଷରୁ ପ୍ରସ୍ତୁତି ଦେଖିବାକୁ ମିଳିଛି। ଅଗ୍ରପୂଜ୍ୟଙ୍କ ପୂଜା ପାଇଁ ଦିନରାତି ଏକ କରି ମୂର୍ତ୍ତି ଗଢିବାରେ ବ୍ୟସ୍ତ ମୂର୍ତ୍ତି କାରିଗର।ପୂଜା ମଣ୍ଡପରେ କାରିଗର ମୂର୍ତ୍ତି ତିଆରିରେ ନିମଗ୍ନ ଥିବା ଦେଖିବାକୁ ମିଳିଛି। କେଉଁଠି ନିଜ ଜିଲ୍ଲାର ତ ଆଉ କେଉଁଠି ଅନ୍ୟ ଜିଲ୍ଲାର କାରିଗର ଆସି ମୂର୍ତ୍ତି ଗଢୁଛନ୍ତି। ମାଟିରେ ଗଣେଶଙ୍କ ମୂର୍ତ୍ତି ତିଆରି କରି ଜୀବନ୍ତ କରିବାରେ କାରିଗର ବ୍ୟସ୍ତ। ଗ୍ରାହକଙ୍କ ଅର୍ଡର ଓ ଡିଜାଇନ ଅନୁସାରେ ଭିନ୍ନ ଭିନ୍ନ ଧରଣର ଗଣେଶ ମୂର୍ତ୍ତି ତିଆରି ଚାଲିଛି। କାରିଗର ନଡ଼ା, ସୁତୁଲି, ବାଉଁଶ, ମାଟି ଆଦି ସାମଗ୍ରୀରେ ଆକର୍ଷଣୀୟ ମୂର୍ତ୍ତି ତିଆରି କରୁଛନ୍ତି । ଜହ୍ନାପଙ୍କ ବସଷ୍ଟାଣ୍ଡ ସମେତ ସ୍କୁଲ, କଲେଜ ସହ ନାରାୟଣ ନଗର ଦୈନିକ ବଜାର, ହରିବଂଶ ଛକ, ଚନ୍ଦ୍ରପୁର ଗାଁ ସହିତ ବିଭିନ୍ନ ଗଳି, ସାହିରେ ଗଣେଶ



ପୂଜା ପାଳିତ ହୁଏ। ବଜାରରେ ଡିଜାଇନର ମୂର୍ତ୍ତିର ବେଶ ଚାହିଦା ରହିଛି। ପୂଜା କମିଟି ଗୁଡିକ ଆକର୍ଷଣୀୟ ତୋରଣ ତିଆରି କରିଥାନ୍ତି । ଜହ୍ନାପଙ୍କ ଅଞ୍ଚଳର ବିଭିନ୍ନ ପୂଜା କମିଟି ପକ୍ଷରୁ ପୂଜାକୁ ଆକର୍ଷଣୀୟ କରିବା ପାଇଁ ବ୍ୟାପକ ପ୍ରସ୍ତୁତି ଚାଲିଛି। ପୂଜା କମିଟିର ବରାଦ ଅନୁସାରେ କାରିଗର କିପରି ଆକର୍ଷଣୀୟ ମୂର୍ତ୍ତି ତିଆରି କରିବେ ସେନେଇ ବେଶ ଚେଷ୍ଟିତ ଥିବା ଜଣାପଡିଛି।

# ମାଥିଲିରେ ଗୁଳିକାଣ୍ଡ ଦିବସ ପାଳିତ

ମାଥିଲି (ଭାସ୍କର ନ୍ୟୁଜ୍): ୧୯୪୨ ମସିହାର ଅଗଷ୍ଟ ୨୧ ତାରିଖରେ ଦେଶ ପାଇଁ ବଳିଦାନ ଦେଇଥିବା ସଂଗ୍ରାମୀମାନଙ୍କ ସ୍ମୃତିରେ ଗୁରୁବାର ମାଲକାନଗିରି ଜିଲ୍ଲାର ମାଥିଲିରେ ଗୁଳିକାଣ୍ଡ ଦିବସ ପାଳନ କରାଗଲା।ସ୍ଥାନୀୟ ଲକ୍ଷ୍ମଣ ନାୟକ ଶହୀଦ ଭବନରେ ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଗଲା। ପରେ ବିରାଟ ଶୋଭାଯାତ୍ରା ବାହାରି ମାଥିଲି ଥାନାରେ ମିନାର ପାଖରେ ପୁଷ୍ପମାଲ୍ୟ ଅର୍ପଣ କରାଗଲା। ଚିତ୍ରକୋଣ୍ଡା ବିଧାୟକ ମଂଗୁ ଖିଲ, ମାଲକାନଗିରି ବିଧାୟକ ନରସିଂହ ମାଡକାମୀ, ସିପିଆଇ ନେତା ହଳଧର ପୂଜାରୀ, ବ୍ଲକ୍ ଅଧ୍ୟକ୍ଷ ମହେଶ କୁମାର ବାକା, ପୂର୍ବତନ ବିଧାୟକ ଡମ୍ବୁରୁ ସୀସା, ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ବିଡିଓ ପ୍ରମୋଦ କୁମାର ବେହେରା, ଏବିଡିଓ ସୁରଜ କୁମାର ପ୍ରଧାନ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ମୁଖ୍ୟ ଉପଦେଷ୍ଟା ସ୍ମୃତି ରଞ୍ଜନ, ସରପଞ୍ଚ କାନମ ରାଜୁ ନାୟକ, ମହିଳା ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ନାୟକ, ସହିଦ୍ ସ୍ମୃତି କମିଟିର ସଭାପତି ବାଲରାଜୁ କୋପେ , ସାଧାରଣ ସମ୍ପାଦକ କୁନାଲ ମିଶ୍ର, କୋଷାଧ୍ୟକ୍ଷ ବିକ୍ରମ କେଶରୀ ପାତ୍ର, ସଦସ୍ୟ ଅବଦୁଲ ଆଜିଜ୍ ଆଦିବାସୀ ମହାସଂଘ ସଭାପତି ବନ୍ଧୁ ମୁଦୁଲି, ଜିଲ୍ଲା ପରିଷଦ ମାଥିଲି ଜୋନ ୩ ସସ୍ମିତା ମାଝୀ ,ସହିତ ସହିଦ ପରିବାରମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଅତିଥିମାନେ ସଂଗ୍ରାମୀଙ୍କ ବଳିଦାନ ଉପରେ ଆଲୋଚନା କରି କହିଥିଲେ ଯେ, ସେମାନଙ୍କର ସାହସ ଓ ତ୍ୟାଗ ଚିରସ୍ମରଣୀୟ ରହିବ।ଏହି କାର୍ଯ୍ୟକ୍ରମରେ ବହୁ ବୁଦ୍ଧିଜୀବୀ, ସାମାଜିକ କର୍ମୀ, ଓ ବିଦ୍ୟାଳୟ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ।ଜିର କାର୍ଯ୍ୟକ୍ରମରେ ସୁଦୂର ଭଦ୍ରକ ଜିଲ୍ଲାରୁ ଆସିଥିବା ଅଗଷ୍ଟ କ୍ରାନ୍ତି ସ୍ମାରକୀ ରଥର ସଭାପତି ବୋଇଲଚନ ଜେନା , ଜାତୀୟ ମହିଳା ଫେଡ୍ରେସନ୍ ର ଜାତୀୟ ପରିଷଦ ସଭ୍ୟା ବନଲତା ଜେନା, ସହିଦ ତୀର୍ଥ ଯାତ୍ରୀ ସଞ୍ଜୀବ ବାରିକ, ଉତ୍କଳ ମହିଳା ସମିତି ସଭାନେତ୍ରୀ କୌଶଲ୍ୟା କୁଅଁର ଯୋଗ ଦେଇଥିଲେ।

# ବାଳିକା ଉଚ୍ଚ ବିଦ୍ୟାଳୟରେ ପାଠ ପଢାଇଲେ ଜିଲ୍ଲାପାଳ

ଖଇରପୁଟ(ଭାସ୍କର ନ୍ୟୁଜ୍): ଖଇରପୁଟ ବ୍ଲକସ୍ଥିତ ବଣ୍ଡାଘାଟି ଅଞ୍ଚଳର ଅଣ୍ଡରାହାଲ ଓ ମୁଦୁଲିପଡ଼ା ଗସ୍ତ କରିଛନ୍ତି ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ । ଏହି ଗସ୍ତ ସମୟରେ ଜିଲ୍ଲାପାଳ ମୁଦୁଲିପଡ଼ା ଠାରେ ଥିବା ଏସଏସଡି ବାଳିକା ଉଚ୍ଚ ବିଦ୍ୟାଳୟର ସପ୍ତମ ଏବଂ ଅଷ୍ଟମ ଛାତ୍ରୀଙ୍କୁ ଇଂରାଜୀ ଓ ସଂସ୍କୃତ ପଢ଼ାଇବା ସହ ବିଭିନ୍ନ ପ୍ରଶ୍ନ ପଚାରିଥିଲେ ଓ ଏହା ସହ ମୁଦୁଲିପଡ଼ା ଠାରେ ଥିବା ଏସଏସଡି ବାଳିକା ଓ ବାଳକ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସହ କଥା ହୋଇ ସେମାନଙ୍କର ସୁବିଧା ଅସୁବିଧା କଥା ପଚାରି ବୁଝିଥିଲେ ଓ ସେହିଭଳି ସେଠାରେ ଥିବା ପର୍ଯ୍ୟଟନସ୍ଥଳୀ ସୀତାକୁଣ୍ଡର କିଭଳି



ଆହୁରି ଉନ୍ନତିକରଣ କରି ହେବ ସେଥିଲାଗି ପିଏ ଆଇଟିଡିଏ ଏବଂ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ଗସ୍ତ ସମୟରେ ଜିଲ୍ଲାପାଳ ସେହି ଅଂଚଳରେ ଥିବା ମାତୃ ଓ ଶିଶୁପୋଷଣ କେନ୍ଦ୍ର , ପିଏମ ଜନମନ ଅଧୀନରେ ଚାଲିଥିବା ପ୍ରଧାନ ମନ୍ତ୍ରୀ ଆବାସ ଗୃହ ନିର୍ମାଣ କାର୍ଯ୍ୟ ବୁଲି ଦେଖିବା ସହ ନିର୍ମାଣଧୀନ ଥିବା ଗୃହ ଗୁଡିକୁ ତୁରନ୍ତ ସାରିବା ପାଇଁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ସେ ମୁଦୁଲିପଡ଼ା, ପିଏଚସି ଯାଇ ସେଠାକାର ସୁବିଧା ଅସୁବିଧା କଥା ବୁଝିବା ସହ ସେଠାରେ ନିର୍ମାଣଧିନ ଥିବା ନୂତନ ପିଏଚସି କୋଠା ବୁଲି ଦେଖିଥିଲେ। ଜିଲ୍ଲାପାଳ ଆଦିମ ବଣ୍ଡା ଜନଜାତିଙ୍କ ଅଂଚଳରେ ଚାଲିଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଯଥା ଉନ୍ନତମାନର ରାସ୍ତା, ପୋଲ ଏବଂ ଆବାସ ଗୃହ କିଭଳି ଭାବେ ସରକାରଙ୍କ ଦ୍ୱାରା ନର୍ଦ୍ଧାରିତ ସମୟରେ ସଂପୂର୍ଣ୍ଣ ହେବ ତାକୁ ସୁନିଶ୍ଚିତ କରିବା ପାଇଁ ପିଏ ଆଇଟିଡିଏ ଏବଂ ବିଡିଓ ଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିଭଳି ଏହି ଗସ୍ତ ସମୟରେ ଗୋବିନ୍ଦପାଲ୍ଲି ୟୁଜିଏମଇ ସ୍କୁଲ ଠାରେ ଚାଲିଥିବା ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ କାର୍ଯ୍ୟ , ନିର୍ମାଣଧୀନ ଥିବା ଗୋବିନ୍ଦପାଲ୍ଲୀ ନୂତନ ପଞ୍ଚାୟତ ଗୃହ କାମ ମଧ୍ୟ ଦେଖିଥିଲେ ଜିଲ୍ଲାପାଳ ଓ ଜିଲ୍ଲାର ଆଦିମ ବଣ୍ଡା ଜନଜାତିଙ୍କ ସାମଗ୍ରିକ ବିକାଶ ସହ ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ ପାଇଁ ଜିଲ୍ଲାପାଳ ଅଗ୍ରାଧିକାର ଦେଉଛନ୍ତି।

# ୧୧ ଦିନରେ ପହଞ୍ଚିଲା ରାଜସ୍ୱ ଅମଲା ସଂଘ ଆନ୍ଦୋଳନ

ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ଦଶ ଦଫା ଦାବି ପୁରଣ କରିବାରେ ରାଜ୍ୟ ସରକାର ଙ୍କ ସହ ଆଲୋଚନା ବିଫଳ ହେବା ପରେ ସଂଘର ପୂର୍ବ ନିର୍ଦ୍ଧାରିତ ନିଷ୍ପତ୍ତି ପ୍ରକାରେ ଓଡ଼ିଶା ରାଜସ୍ୱ ଅମଲା ସଂଘ ସମୂହ ଛୁଟିରେ ଅଛନ୍ତି । ଆଦ୍ୟ ତା ୨୦.୦୮.୨୫ ରିଖରେ ସେମାନଙ୍କ ଆନ୍ଦୋଳନ ଦଶମ ଦିନରେ ପହଞ୍ଚିଛି। ସେମାନଙ୍କ ସମୂହ ଛୁଟି ଫଳରେ ଲୋକଙ୍କ ବିଭିନ୍ନ କାର୍ଯ୍ୟ ବନ୍ଦ ହେଇକି ପଡ଼ିଛି। ସେମାନେ ଜଣାଇଛନ୍ତି ଯେ ଏହି ଆନ୍ଦୋଳନ ସମୟରେ ଜନ ସାଧାରଣଙ୍କ ଯାହା ଅସୁବିଧାର ସମ୍ମୁଖୀନ ହେବେ ସେଥିପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଦାୟୀ ରହିବେ ବୋଲି ସଂଘର କର୍ମକର୍ତ୍ତା ପ୍ରକାଶ କରିଛନ୍ତି। ଜିଲ୍ଲା ସ୍ତରୀୟ ରାଜସ୍ୱ ଅମଲା ମାନେ ଦକ୍ଷତାର ସହ ରାଜ୍ୟ ସରକାରଙ୍କ ପ୍ରତ୍ୟେକ ଜନହିତକର ଯୋଜନା ତୃଣମୂଳ ସ୍ତରରେ ଲୋକମାନଙ୍କ ପାଖରେ ପହଞ୍ଚାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିବା ସହ ସୀମିତ ସମୟ ସୀମାରେ ତାଙ୍କର କାର୍ଯ୍ୟଗୁଡ଼ିକୁ କରି ଯୋଗାଇ ଦେଇ ଆସୁଥିଲେ ମଧ୍ୟ ସରକାର ସେମାନଙ୍କୁ ଅଣଦେଖା କରି ଆସୁଥିବା ସେମାନେ ଅଭିଯୋଗ କରିଛନ୍ତି।

# ଜେଇଏଲ୍‌ସି ଚର୍ଚ୍ଚର ନିର୍ବାଚନ ଅନୁଷ୍ଠିତ

ଉମରକୋଟ(ଭାସ୍କର ନ୍ୟୁଜ୍): ଉମରକୋଟ ସହର ସ୍ଥିତ ଜେଇଏଲ୍‌ସି ଚର୍ଚ୍ଚର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏହି ଚର୍ଚ୍ଚର ଫାରେ ତଥା ପରିଚାଳକ ଆଚାର୍ଯ୍ୟ ବିଭୁତି ଭୁଷଣ ପାଣି ନିର୍ବାଚନ ଅଧିକାରୀ ଭାବେ ନିଯୁକ୍ତି ଦିଆଯାଇଥିଲା । ଜଇଲୁମର ନିୟମାବଳୀ ଅନୁଯାୟୀ ଚଳିତ ବର୍ଷ ତୃଣମୂଳ ସ୍ତରରୁ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହେଇସାରିଛି ! ଏଥିମଧ୍ୟରେ ଗ୍ରାମ୍ୟସ୍ତରରୁ ମହାମଣ୍ଡଳୀ ସ୍ତର ପର୍ଯ୍ୟନ୍ତ ନିର୍ବାଚନ ଚାରିଗୋଟି ପ୍ରକ୍ରିୟା ଦେଇ ସମ୍ପାଦନ ପ୍ରକ୍ରିୟା ଚାଲୁ ରହିଛି । ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ଉମରକୋଟ ଜେଇଏଲ୍ସି ଚର୍ଚ୍ଚର ସଭାପତି ଭାବେ ସୁସ୍ମିତା ଖରା,ଏବଂ ଉପ-ସଭାପତି ରୂପେ ସରୋଜ ଦଳେଇ ଓ ସମ୍ପାଦକ ପ୍ରେମାନନ୍ଦ କୁଳଦୀପ, କୋଷାଧକ୍ଷ ଅରୁଣ ପ୍ରସାଦ ନାୟକ ସର୍ବ ସହମତ କ୍ରମେ ନିର୍ବାଚିତ ହୋଇଥିବା ବେଳେ ପଞ୍ଚାୟତର ବିଭିନ୍ନ ବର୍ଗର ସଭ୍ୟ, ସଭ୍ୟା ରୂପେ ଖ୍ରୀଷ୍ଟଚନ୍ଦ୍ର ଟାକ୍ରୀ, ମଦନ ମୋହନ ନାୟକ, ଫିରୋଜ ଖରା, ପ୍ରଦୀପ ବାଘ, ସୁମନ୍ତ କୋଟିମ, ପ୍ରଦତ ଗରଡା, ରଂଜିତା ଅଣ୍ଡେରସନ, ସଂଜିତା ଯୁଇଫୁଲ, କଞ୍ଚନା ସୁନା, ଦିବନେଶ ଲୋବଙ୍ଗ, ଦୀପକ ବେହେରା, ପ୍ରିୟଙ୍କା ବାଘ, ରାଣୀ କୁଳଦୀପ ସଭ୍ୟ ଭାବେ ନିର୍ବାଚିତ ହୋଇଛନ୍ତି । ନିର୍ବାଚିତ ସଭ୍ୟମାନଙ୍କ କାର୍ଯ୍ୟ କାଳ ଦୁଇବର୍ଷ ବଳବତ୍ତର ରହିବ। ଦ୍ୱିତୀୟ ପର୍ଯ୍ୟାୟରେ ତାଲୁକ ସଭ୍ୟ ତଥା ପ୍ୟାରିସ କାଉନସିଲ ନିମନ୍ତେ ମଧ୍ୟ ୧୫ ଜଣଙ୍କୁ ଭିନ୍ନ ଭିନ୍ନ ବିଭାଗରୁ ନିର୍ବାଚିତ ଏବଂ ମନୋନୀତ ହୋଇଛନ୍ତି । ସେମାନେ ହେଲେ ବିପିନ ବିହାରୀ ହିଆଲ, ଉଦୟ ସରୁ, ସୁଶୀଳ ବେହେରା, ସୁଶାନ୍ତ ଶେଖର ଭତ୍ରା, ଖ୍ରୀଷ୍ଟଚନ୍ଦ୍ର ଟାକ୍ରୀ, ମଦନ ମୋହନ ନାୟକ, ଫିରୋଜ ଖରା, ସରୋଜନି ମଣି, ଉଷା ମାଧୁରୀ ପାତ୍ର, ଗୀତାଞ୍ଜଳି ନନ୍ଦ, ସାନ୍ଧ୍ୟରାଣୀ ଗରଡା, ସୁମନ୍ତ କୁମଝରିଆ, ତୁଷାର କାନ୍ତ ନନ୍ଦ, ସୁଚରିତା ଦଳେଇ, ସମିରା କର୍କରା ଏବଂ ରାଣୀ କୁଳଦୀପ। ସମସ୍ତ ନିର୍ବାଚିତ ସଭ୍ୟ, ସଭ୍ୟାମାନଙ୍କୁ ଚର୍ଚ୍ଚର ପ୍ରାର୍ଥନା ଗୃହରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ନିର୍ବାଚିତ ହୋଇଥିବା ପ୍ରାର୍ଥି ମାନେ ଚର୍ଚ୍ଚର ସମସ୍ତ ସଭ୍ୟ ସଭ୍ୟା ତଥା ଭକ୍ତଭକ୍ତାଗଣଙ୍କୁ କୃତଜ୍ଞତା ସହ ଧନ୍ୟବାଦ ଜଣାଇବା ସହ ନିର୍ବାଚନ ପରିଚାଳନା ଅଧିକାରୀଙ୍କୁ ମଧ୍ୟ ଧନ୍ୟବାଦ ଜଣାଇଛନ୍ତି। ନିର୍ବାଚିତ ହୋଇଥିବା ପ୍ରାର୍ଥୀମାନେ ଚର୍ଚ୍ଚ ଉନ୍ନତି ପାଇଁ ଆମେ ସମସ୍ତେ ଚେଷ୍ଟିତ ରହିବୁ ବୋଲି ପ୍ରକାଶ କରିଛନ୍ତି ।

# ଗୁମ୍ମା ବ୍ଲକ ଛକରେ ଖମ୍ବ ଅଛି, ବିଜୁଳି ଗାଏବ

ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲାର ଗୁମ୍ମା ସଦର ମହକୁମା କୁତାମ ଠାରୁ ଆଦର୍ଶ ବିଦ୍ୟାଳୟ ପର୍ଯ୍ୟନ୍ତ ରାସ୍ତାକଡରେ ଖମ୍ବଅଛି କିନ୍ତୁ ବିଜୁଳି ଗାଏବ ହୋଇଯାଇଛି। ସୂଚନା ଅନୁଯାୟୀ ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ଅନ୍ତର୍ଗତ ଗୁମ୍ମା ଗ୍ରାମ ପଞ୍ଚାୟତର ମୁଖ୍ୟ ରାସ୍ତା କଡରେ ଦୀର୍ଘ ମାସ ଧରି ଖମ୍ବରେ ଲାଇଟ ଅଛି ସତ, କିନ୍ତୁ ରାତି ହେଲେ ଲାଇଟ ଜଳୁନଥିବା ଅଭିଯୋଗ ହୋଇଛି। ଦୁଃଖର ବିଷୟ ଯେ ଗୁମ୍ମା ପଞ୍ଚାୟତର ସାମ୍ନା ବିଦ୍ୟୁତ ଖମ୍ବରେ ମଧ୍ୟ ରାତି ହେଲେ ଲାଇଟ ଜଳୁ ନଥିବା ଏବେ ଚିନ୍ତାର କାରଣ ହୋଇଛି। ଅପରପକ୍ଷରେ ଗୁମ୍ମା ପଞ୍ଚାୟତ ମୁଖ୍ୟ ରାସ୍ତା କଡରେ ଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର,ଗୁମ୍ମା ପାଣ୍ଡି,ବାଳିକା ଆବାସିକ ବିଦ୍ୟାଳୟ,ବ୍ୟାଙ୍କ,ଏଟିଏମ ଏବଂ ମୁଖ୍ୟ ଦୋକାନ ବଜାର ରହିଛି। ତେବେ ରାତି ହେଲେ ସାଧାରଣ ଲୋକଟି ଜରୁରୀ ସମୟରେ ଉକ୍ତ ରାସ୍ତା ଦେଇ ଯିବା ଆସିବା କରିବା କଷ୍ଟକର ହେବା ସହ କୌଣସି ପ୍ରକାର ଅଘଟଣ ଘଟିଯିବା ଭୟ ଲାଗୁଥିବା ଅଭିଯୋଗ କରିଛନ୍ତି ପ୍ରୀତମ ପାଲ,ଏଜିକିଏଲ ଶବର,ଅଜୟ ବଡ଼ ନାୟକ, ବାବୁନା ଜେନା, ଦାନିଏଲ ଲିମ୍ମା, ସିପାରୁ ଶବର,ପ୍ରଦୀପ ଦଳାଇ ଓ ସନ୍ତୋଷ କୁମାର



ଦାଣ୍ଡେସେନା। ସେହିପରି ରାତ୍ରି ପେଟ୍ରୋଲିଂ ସମୟରେ ମଧ୍ୟ ପୋଲିସ କର୍ମଚାରୀମାନେ ରାସ୍ତାରେ ଅନ୍ଧାର ଥିବା ଯୋଗୁଁ ବିଭିନ୍ନ ସମସ୍ୟା ସୃଷ୍ଟି ହେଉଥିବା କହିଛନ୍ତି। ତେବେ ଦୀପ ତଳ ଅନ୍ଧାର ଭଳି ଗୁମ୍ମା ବ୍ଲକ କାର୍ଯ୍ୟାଳୟର ଅତି ନିକଟରେ ଏପରି ସମସ୍ୟା ଦେଖା ଦେବା ଦୁର୍ଭାଗ୍ୟର ବିଷୟ ବୋଲି ବୁଦ୍ଧିଜୀବୀ ମହଲରେ କ୍ଷୋଭ ପ୍ରକାଶ ପାଇଛି। ଏନେଇ ଗୁମ୍ମା କାର୍ଯ୍ୟନିର୍ବାହୀ ଅଧିକାରୀଣୀ ଉର୍ବଶୀ ପାଣିଙ୍କୁ ବହୁତ ଥର ଯାଇ ଯୋଗାଯୋଗ ପରେ ମଧ୍ୟ କୌଣସି ଉତ୍ତର ମିଳି ନାହିଁ। ଗ୍ରାମବାସୀ ଙ୍କ କହିବା ଅନୁଯାଇ କାର୍ଯ୍ୟନିର୍ବାହୀ ଅଧିକାରିଣୀ ଉର୍ବଶୀ ପାଣିଙ୍କ ଅବହେଳା ଜଗୁ ଆଜି ଗୁମ୍ମା ବ୍ଲକ ଛକ ଏବଂ ସାହିରେ ଖମ୍ବ ଅଛି ସତ କିନ୍ତୁ ବିଜୁଳି ନାହିଁ।

# ଏନ୍‌ଏସି ଘୋଷଣାରୁ ବାଦ ପଡିବାକୁ ନେଇ ତୀବ୍ର ଅସନ୍ତୋଷ

କନ୍ଧମାଳ(ଭାସ୍କର ନ୍ୟୁଜ୍): ବିଜେଡି ସରକାର ସମୟରେ କନ୍ଧମାଳରେ ଏକ ସବଜେଲ ହେବା ନେଇ କ୍ଷେତ୍ର ପରିଦର୍ଶନ ମଧ୍ୟ ସରିଥିଲା। ହେଲେ ଆଜକୁ ପ୍ରାୟ ୧୦ ବର୍ଷ ବିତି ଯାଇଥିଲେହେଁ ସବଜେଲର ଦେଖାନାହିଁ। ଏବେ ପୁଣି ବିଜେପି ସରକାରଙ୍କ ଦ୍ୱାରା ୧୨ ନୂଆ ବିଜ୍ଞାପିତ ଅଞ୍ଚଳ ପରିଷଦ ଘୋଷଣା କରାଯାଇଛି। ହେଲେ ସରକାରଙ୍କ ତାଲିକାରେ କନ୍ଧମାଳର ନାଁ ନ ଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପୂର୍ବ ବିଜେଡି ସରକାର କନ୍ଧମାଳକୁ ଖୁବ୍ ଶୀଘ୍ର ଏନଏସି କରାଯିବ ବୋଲି ଘୋଷଣା କରିଥିଲା। ହେଲେ ନୂଆ ବିଜେପି ସରକାର ୧୨ ଗୋଟି ଏନଏସି ଘୋଷଣା କରିଛି, ଯେଉଁ ତାଲିକାରେ କନ୍ଧମାଳର ନାଁ ନାହିଁ। ଖଡଙ୍ଗ ନଦୀ ଓ ତେଲନଦୀ ଉପରେ ପୋଲ ହେବାପରେ ପ୍ରତିଦିନ କନ୍ଧମାଳ ଉପରେ କେବଳ ପଡୋଶୀ ବାଲିଗୁଡା ନୁହେଁ ପଡୋଶୀ ବଲାଙ୍ଗୀର, କଳାହାଣ୍ଡି ଓ ସୁବର୍ଣ୍ଣପୁର ଜିଲ୍ଲାର କିଛି ଅଞ୍ଚଳବାସୀ ମଧ୍ୟ ବିଭିନ୍ନ କାର୍ଯ୍ୟ ନିମନ୍ତେ ନିର୍ଭରଶୀଳ। ବିଜ୍ଞାପିତ ଅଞ୍ଚଳ ପରିଷଦ ପାଇଁ ଆବଶ୍ୟକୀୟ ସବୁ ସୁଚକାଙ୍କକୁ ପୂରଣ ଓ ବାରମ୍ବାର ବିଭିନ୍ନ ଦାବି ଜଣାଇବା ସତ୍ତ୍ୱେ କନ୍ଧମାଳକୁ ଆଜି ଯାଏ ବିଜ୍ଞାପିତ ଅଞ୍ଚଳ ପରିଷଦ ମାନ୍ୟତା ମିଳିନି। ବିଜେଡି ଘୋଷଣା କରିଥିବା କନ୍ଧମାଳ ଏନଏସିକୁ କାର୍ଯ୍ୟକାରୀ କରିବାକୁ ବିଜେପି ସରକାର କାହିଁକି ଡରୁଛି ବୋଲି କନ୍ଧମାଳ ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି। ଏହାର ଜବାବ ଆସନ୍ତା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଦିଆଯିବ ବୋଲି ଚେତାବନୀ ଦେଇଛନ୍ତି। ନିକଟ ଅତୀତରେ ସ୍ୱାଧୀନତା ଦିବସ ମଞ୍ଚରେ ମୁଖ୍ୟମନ୍ତ୍ରୀ ଆଗାମୀ ଦିନରେ ରାଜ୍ୟରେ ନୂଆ ବିଜ୍ଞାପିତ ଅଞ୍ଚଳ ପରିଷଦ ଘୋଷଣା ହେବା ନେଇ ମତ ପ୍ରକାଶ କରିଥିଲେ । ଏହା ପରେ କନ୍ଧମାଳ ଜନସାଧାରଣଙ୍କ ମନରେ ଏନଏସି ଘୋଷଣା ନେଇ ଏକ ନୂତନ ଆଶା ସଂଚାର ହୋଇଥିଲା ଯେ ନିଶ୍ଚିତ ଭାବେ ପୂର୍ବରୁ ଘୋଷଣା ହୋଇଥିବା କନ୍ଧମାଳକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ଘୋଷଣା କରାଯିବ। କିନ୍ତୁ ଗତକାଲି ରାଜ୍ୟ ସରକାର ୧୨ଟି ନୂଆ ବିଜ୍ଞାପିତ ଅଞ୍ଚଳ ପରିଷଦ ଘୋଷଣା ପରେ କନ୍ଧମାଳକୁ ବାଦ ଦିଆ ଯାଇଥିବାରୁ ସ୍ଥାନୀୟ ଅଂଚଳରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି। ଏନଏସି ମାନ୍ୟତା ପାଇଁ ଆଗାମୀ ଦିନରେ ଏକ ବଡ ଧରଣର ଆନ୍ଦୋଳନ ପାଇଁ କନ୍ଧମାଳବାସୀ ଏବେଠୁ ସଜବାଜ ଆରମ୍ଭ କରୁଥିବା ଶୁଣିବାକୁ ମିଳୁଛି। ଏ ସମ୍ପର୍କରେ କନ୍ଧମାଳ ନିର୍ବାଚନ ମଣ୍ଡଳୀର ଶାସକ ଦଳର ବିଧାୟକ ଶ୍ରୀଯୁକ୍ତ କହ୍ନେଇଁ ଚରଣ ଡାଙ୍ଗଙ୍କ ସହ ଯୋଗାଯୋଗ କରିବାରୁ କନ୍ଧମାଳ ଓ ମନମୁଣ୍ଡା ଉଭୟ ନିଶ୍ଚିତ ଭାବରେ ମାନ୍ୟତା ପାଇବା ଦରକାର। ଏଥିରୁ ବାଦ ଦିଆଯିବା କଥା ଶୁଣି ମୁଁ ଦୁଃଖିତ। ଏଥିପାଇଁ ମୁଁ ବିଭାଗୀୟ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା କରି କନ୍ଧମାଳ ଓ ମନମୁଣ୍ଡା ଉଭୟକୁ ଏନଏସି ଘୋଷଣା କରିବା ପାଇଁ ଦାବୀ ଜଣାଇବି ବୋଲି ପ୍ରତିକ୍ରିୟା ଦେଇଛନ୍ତି।

# ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ କମିଶନରଙ୍କ ତିନିଦିନିଆ ରାୟଗଡ଼ ଗସ୍ତ

ରାୟଗଡ (ଭାସ୍କର ନ୍ୟୁଜ୍): ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ କମିଶନର ତଥା ସଚିବ ଗିରିଶ ଏସଏନ, ଆଇଏଏସଙ୍କ ତିନିଦିନିଆ ରାୟଗଡ଼ ଜିଲ୍ଲା ଗସ୍ତ ଓ ସମୀକ୍ଷା କରିଛନ୍ତି। ଆଜି ସ୍ଥାନୀୟ ଜିଲ୍ଲାପରିଷଦ ସଦଭାବନା ସଭାଗୃହରେ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ ଓ ଉପଜିଲ୍ଲାପାଳ ଗୁଣୁପୁର ଦୁଧାଲ ଅଭିଷେକ ଦିଲ୍ଲିପଙ୍କ ଉପସ୍ଥିତରେ ବିଭିନ୍ନ ବିଭାଗର ଅଧିକାରୀମାନଙ୍କ ସହିତ ସମୀକ୍ଷା ବୈଠକ କରିଥିଲେ।ଏହି ସମୀକ୍ଷା ବୈଠକରେ ବିଶେଷ କରି ସ୍ୱାସ୍ଥ୍ୟ ବିଭାଗର ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଓ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ଗ୍ରାମୀୟ ନିର୍ମାଣ ବିଭାଗ ଦ୍ୱାରା କରାଯାଉଥିବା ସେତୁବନ୍ଧ ଯୋଜନା, ମହିଳା ଓ ଶିଶୁ ବିକାଶ ବିଭାଗ ସୁଭଦ୍ରା ଯୋଜନା, ପୋଷଣ ଓ ସମନ୍ୱିତ ଶିଶୁ ବିକାଶ ଯୋଜନା, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପିଏମଶ୍ରୀ ବିଦ୍ୟାଳୟ, ଜିଲ୍ଲା ମଙ୍ଗଳ ବିଭାଗର ହଷ୍ଟେଲ ସମସ୍ୟା,ସମ୍ମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଦ୍ୱାରା ଜନଜାତିଙ୍କ ବିକାଶ ଯୋଜନା, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର , ଶକ୍ତି ବିଭାଗର ଗ୍ରାମୀଣ ବିଦୁତିକରଣ, ଯୋଗାଣ ବିଭାଗର ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ଧାର୍ଯ୍ୟ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ, ପଂଚାୟତରାଜ ଓ ଗ୍ରାମୀୟ ଜଳଯୋଗାଣ ବିଭାଗ, ଗୃହ ଓ ନଗର ଉନ୍ନୟନ ବିଭାଗ ଆଦିର ଅଗ୍ରଗତି ଓ ସମସ୍ୟା ଉପରେ ସମୀକ୍ଷା କରିଥିଲେ। ଏହା ପୂର୍ବରୁ ତା:୧୯-୦୮-୨୦୨୫ରିଖ ଦିନ ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ କମିଶନର ତଥା ସଚିବ ଶ୍ରୀ ଗିରିଶ ଏସ ଏନ ଆଇଏ, ଏସ୍, ପ୍ରଥମେ ରାୟଗଡ଼ା ଠାରେ ଥିବା ଦକ୍ଷତା ବିକାଶ କେନ୍ଦ୍ର ପରିଦର୍ଶନ କରି ତାଲିମ ନେଉଥିବା ପିଲାଙ୍କ ସହ କଥା ବାର୍ତ୍ତା କରିଥିଲେ ଏବଂ ଜିଲ୍ଲା ନିଯୁକ୍ତି ଅଧିକାରୀଙ୍କୁ ନିଯୁକ୍ତି ପାଇଲା ପରେ ପିଲା ଙ୍କ ତଥ୍ୟ ରଖିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ଜିଲ୍ଲାର ଗୁଣୁପୁର ଉପଖଣ୍ଡ ଅନ୍ତର୍ଗତ ରାମନାଗୁଡା ଗୁଣୁପୁର ଓ ପଦ୍ମପୁର ବ୍ଲକର ବିଭିନ୍ନ ପ୍ରକଳ୍ପ ବିଶେଷ କରି ଗୁଣୁପୁର ଉପଖଣ୍ଡ ଚିକିତ୍ସାଳୟ, ବିକଶିତ ଗ୍ରାମ ବିକଶିତ ଓଡିଶା ଯୋଜନାର ବିଭିନ୍ନ ପ୍ରକଳ୍ପ, ପ୍ରଧାନମନ୍ତ୍ରୀ ଜନମନ କାର୍ଯ୍ୟ, ବିଦ୍ୟାଳୟର ଶିକ୍ଷାଦାନ ବ୍ୟବସ୍ଥା,ମଧ୍ୟାହ୍ନ ଭୋଜନ, ହଷ୍ଟେଲ ସୁପରିଚାଳନା, ଅଙ୍ଗନବାଡି କେନ୍ଦ୍ରର ଶିଶୁ ପୋଷଣ, ଅମୃତ ସରୋବର, ଆକାଂକ୍ଷା ହାଟ, ପିସି କଲଚର ଓ ସୁଭଦ୍ରା ଯୋଜନା ଉପରେ ଅନୁଧ୍ୟାନ କରିଥିଲେ। ପ୍ରଥମେ ଚାଟିକଣା ଠାରେ ଥିବା ଡଙ୍ଗରିଆ ସାଲ୍ ତାଲିମ୍ କେନ୍ଦ୍ର ଯାଯାବର ପରିଦର୍ଶନ କରି ଡଙ୍ଗରିଆ କନ୍ଧ ମା'ମାନଙ୍କ କଥା ବାର୍ତ୍ତା



ହେବା ସହ ସେମାନଙ୍କ ବ୍ୟବସାୟ କେମିତି ଚାଲିଛି ପଚାରି ବୁଝିଥିଲେ । ତାପରେ ଓରମାସର ତେନ୍ତୁଳି ପ୍ରୋସେସିଂ ୟୁନିଟ ଓ ସପୁରି ପ୍ରୋସେସିଂ ୟୁନିଟ ପରିଦର୍ଶନ କରି ଏହାକୁ କିପରି ଅଧିକ ରୁ ଅଧିକା ୟୁନିଟ ଖୋଲାଯିବ ତା ଉପରେ ଆଲୋକପାତ କରିଥିଲେ ଏବଂ ବିଭିନ୍ନ ଆନୁସଙ୍ଗିକ ବ୍ୟବସ୍ଥା ଉପରେ ପଚାରି ବୁଝିଥିଲେ । ଏହା ପରେ କୁଲି ପଞ୍ଚାୟତ ର ଖମ୍ବେଶି ଗ୍ରାମକୁ ପରିଦର୍ଶନ କରି ନୂତନ ଭାବେ ନିର୍ମାଣ ଚାଲିଥିବା ପ୍ରଧାନମନ୍ତ୍ରୀ ଆବାସ ଘର ଗୁଡ଼ିକୁ ତୁରନ୍ତ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ । ବିଷମକଟକ ବ୍ଲକର ଥୁଆପଡ଼ି ଠାରେ ଥିବା ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ ପରିଦର୍ଶନ କରିଥିଲେ। ଏହା ପରେ ରାୟଗଡ଼ା ସଦର ବ୍ଲକକୁ ଗସ୍ତ କରି କୁଲି ପଞ୍ଚାୟତରେ ଥିବା ଶିଶୁ ଉଦ୍ୟାନ ଏବଂ କଲ୍ୟାଣ ମଣ୍ଡପ ପରିଦର୍ଶନ କରିଥିଲେ।

# ଭୀମଭୋଇ ସାମର୍ଥ୍ୟ ଶିବିର

ଗୁଣପୁର(ଭାସ୍କର ନ୍ୟୁଜ୍): ଗୁଣପୁର ବ୍ଲକ ପରିସରରେ ସ୍ୱତନ୍ତ୍ର ଭୀମଭୋଇ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଗୁଣପୁର ବ୍ଲକର ୧୯ଟି ପଞ୍ଚାୟତରୁ ଆସିଥିବା ୩୦୦ରୁ ଅଧିକ ଦିବ୍ୟାଙ୍ଗଙ୍କୁ ଡାକ୍ତର ମାନେ ପରୀକ୍ଷା କରିଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଅସ୍ଥିଶଲ୍ୟ, ଦୃଷ୍ଟି, ଭେଷଜ ଓ ସାଧାରଣର ୪ଡାକ୍ତର ଆସି ସମସ୍ତ ଦିବ୍ୟାଙ୍ଗଙ୍କୁ ପରୀକ୍ଷା କରିଥିଲେ । ୧୬୮ଜଣ ଅସ୍ଥିଶଲ୍ୟ ବା ହାତ, ଗୋଡ଼ବାଧିତ, ୪୧ଜଣ ମାନସିକ ଅନଗ୍ରସର, ୪୬ଜଣ ଦୃଷ୍ଟି ବାଧିତଙ୍କୁ ପରୀକ୍ଷା କରିବା ସହ ସେମାନଙ୍କୁ ପ୍ରମାଣପତ୍ର ପଦାନ ନିମନ୍ତେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସେମାନଙ୍କ ନାମ ସୁପାରିଶ କରାଯାଇଥିବା ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସ୍ମୃତିପ୍ରଭା ପାତ୍ର ସୂଚନା ଦେଇଛନ୍ତି । ୪ଜଣଙ୍କୁ କାନ, ଆଶାବାଡି ଆଦି ସହାୟତା ଉପକରଣ ପ୍ରଦାନ କରାଯାଇଛି । ଆଜିର ଏହି କାର୍ଯ୍ୟକ୍ରମକୁ ବ୍ଲକ ଉପାଧ୍ୟକ୍ଷ ସୁଦର୍ଶନ ଶବର ଉଦଘାଟନ କରିଥିବାବେଳେ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ରଞ୍ଜିତା ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବ୍ଲକ ସାମାଜିକ ସୁରକ୍ଷା ସହାୟକ ଆଶୁତୋଷ ହୋତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଲକ୍ଷ୍ମୀପୁର ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ ପାଳିତ

ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ୍): ଲକ୍ଷ୍ମୀପୁର ମହାବିଦ୍ୟାଳୟର ୩୬ ତମ ପ୍ରତିଷ୍ଠା ଦିବସକୁ ଚଳିତ ବର୍ଷ ଶ୍ରଦ୍ଧାଞ୍ଜଳି ଦିବସ ପାଳନ କରାଯାଇଛି ।ଏହାର ମୁଖ୍ୟ କାରଣ ହେଲା ମହାବିଦ୍ୟାଳୟ ର ପ୍ରତିଷ୍ଠାତା ସଭାପତି ତଥା ପୂର୍ବତନ ଜିଲ୍ଲାପାଳ ପ୍ରମୋଦ ପଟନାୟକ ଆଉ ଏ ଦୁନିଆରେ ନାହାନ୍ତି ।ଗତ ଜୁନ ମାସରେ ତାଙ୍କର ଦେହାନ୍ତ ହୋଇଥିଲା। ଯାହାକୁ ନେଇ ଚଳିତ ବର୍ଷ ପ୍ରତିଷ୍ଠା ଦିବସକୁ ଶ୍ରଦ୍ଧାଞ୍ଜଳି ଦିବସ ରୂପେ ପାଳନ କରାଯାଇଥିଲା ।ଏନେଇ କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ଦୀପ ପ୍ରଜ୍ୱଳନ କରି ଦିବଂଗତ ଆତ୍ମାର ସମ୍ମାନାର୍ଥେ ଏକ ମିନିଟ ନିରବ ପ୍ରାଥନା କରିବା ସହ ପୁଷ୍ପ ପକାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ମହାବିଦ୍ୟାଳୟର ଅଧକ୍ଷ ଗିରିଜା ଚୌଧୁରୀଙ୍କ ଅଧକ୍ଷତାରେ ଆୟୋଜିତ ଏହି ଦିବସରେ ମୁଖ୍ୟ ଅତିଥି ଭାବେ ଲକ୍ଷ୍ମୀପୁର ଯୁବ ବିଧାୟକ ପବିତ୍ର ସାଉନ୍ତା ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ କୋରାପୁଟ ପୂର୍ବତନ ସାଂସଦ ତଥା ମହାବିଦ୍ୟାଳୟର ପୂର୍ବତନ ସଭାପତି ଝିନ୍ନ ହିକକା,ଯୁକ୍ତ ତିନି ଅଧକ୍ଷ ବିଜୁ ମୁଦୁଲି, ଅବସରପ୍ରାପ୍ତ ପ୍ରକଳ୍ପ ପ୍ରଶାସକ ତଥା ପ୍ରତିଷ୍ଠାତା ସଦସ୍ୟ ମୋହନ ଗରଡା,ଅବସର ପ୍ରାପ୍ତ ଓଡ଼ିଆ ଅଧ୍ୟାପକ କିଶୋର ଚନ୍ଦ୍ର ସାହୁ,ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ମାଧବ କର୍କରା ଯୋଗ ଦେଇଥିଲେ। ୧୯୯୦ ମସିହା ଆଜିର ଦିନରେ ସ୍ୱର୍ଗତ ପଟ୍ଟନାୟକଙ୍କ ପ୍ରଚେଷ୍ଟାରେ ମହାବିଦ୍ୟାଳୟ ଆରମ୍ଭ ଆରମ୍ଭ ହୋଇଥିଲା। ୩୬ ବର୍ଷ ତଳେ କେଉଁ ପରିସ୍ଥିତିରେ ମହାବିଦ୍ୟାଳୟ ଆରମ୍ଭ ହୋଇଥିଲା । ଆଉ ଏବେ କେଉଁଠି ପହଞ୍ଚିଛି,ସେସବୁ ସ୍ୱର୍ଗତ ପଟନାୟକଙ୍କ ପାଇଁ ସମ୍ଭବପର ହୋଇପାରିଛି। ଲକ୍ଷ୍ମୀପୁର ମାଟି ପାଇଁ ଏହା ତାଙ୍କର ଏକ ବଡ଼ ଅବଦାନ ବୋଲି ମଞ୍ଚାସୀନ ଅତିଥିମାନେ ନିଜ ନିଜ ଅଭିଭାଷଣ ପ୍ରଦାନ କରିଥିଲେ।ଏହି ଦିବସ ଉପଲକ୍ଷେ ବରିଷ୍ଠ ଅଧ୍ୟାପକ ଡ.ଜଗନ୍ନାଥ ରଥ ମଞ୍ଚ ପରିଚାଳନା କରିଥିବାବେଳେ ମହା ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ସମସ୍ତ ବିଭାଗର ଛାତ୍ର ଛାତ୍ରୀ ଓ ଅଧ୍ୟାପକ ଅଧ୍ୟାପିକା ମାନେ ଉପସ୍ଥିତ ଥିଲେ। ମହା ବିଦ୍ୟାଳୟର ସମସ୍ତ କର୍ମଚାରୀ ମାନେ ଉପସ୍ଥିତ ରହି ସବୁ କ୍ଷେତ୍ରରେ ସହଯୋଗ କରିଥିଲେ।




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଲୋକସେବା ଭବନରେ ପର୍ଯ୍ୟଟନ ବିଭାଗର ତିନୋଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଓଡ଼ିଶାର ପର୍ଯ୍ୟଟନର ବିକାଶରେ ଯୋଡ଼ି ହୋଇଥିବା ଏହି ନୂତନ ଫର୍ଦ୍ଦର ଉନ୍ମୋଚନ ଅବସରରେ ମୁଖ୍ୟଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ ଓଡିଶା ସରକାରଙ୍କ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଯୋଗ ଦେଇଛନ୍ତି । ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ତିନୋଟି ବୁଝାମଣାପତ୍ର ଓଡ଼ିଶାର ଐତିହ୍ୟ ସଂରକ୍ଷଣ, ପର୍ଯ୍ୟଟନ ବିବିଧତା ବିଶ୍ୱସ୍ତରରେ ଏହାର ପ୍ରଭାବ ବିସ୍ତାର କରିବାରେ ସହାୟକ ହେବ । ଏଥିସହ ଏହି ପ୍ରକଳ୍ପଗୁଡ଼ିକୁ ମିଶନ୍ ମୋଡରେ କାର୍ଯ୍ୟକାରୀ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଉପମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି । ସେହିପରି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ବୌଦ୍ଧ ପର୍ଯ୍ୟଟନ ପଦକ୍ଷେପକୁ ଏକ ଐତିହାସିକ ସହଭାଗୀତା ଭାବରେ ବର୍ଣ୍ଣନା କରିଛନ୍ତି, ଯାହା ଓଡ଼ିଶାର ଅତୁଳନୀୟ ସାଂସ୍କୃତିକ ଐତିହ୍ୟକୁ ପୁନର୍ଜୀବିତ ଏବଂ ପ୍ରୋତ୍ସାହିତ କରିବ । ମୁଖ୍ୟ ଶାସନ ସଚିବ ଓଡ଼ିଶା ଭିଜନ ୨୦୩୬ ରେ ପର୍ଯ୍ୟଟନର ଭୂମିକା ଉପରେ ଗୁରୁତ୍ୱାରୋପ କରି କହିଥିଲେ ଯେ ପର୍ଯ୍ୟଟନ କେବଳ ଆର୍ଥିକ ବିକାଶରେ ଯୋଗଦାନ ଦେଉନାହିଁ ବରଂ ସଂସ୍କୃତିକୁ ସଂରକ୍ଷଣ ଏବଂ ଜୀବିକା ସୃଷ୍ଟି କରିବାରେ ମଧ୍ୟ ସାହାଯ୍ୟ କରୁଛି । ରାଜ୍ୟ ଆଗାମୀ ବର୍ଷଗୁଡ଼ିକରେ ଭାରତର ସବୁଠାରୁ ଆକର୍ଷଣୀୟ ସ୍ଥଳୀ ଭାବରେ ଉଭା ହେବାକୁ ଲକ୍ଷ୍ୟ ରଖିଛି ।

## ସୁପ୍ରିମକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

# ରାଷ୍ଟ୍ରପତି, ରାଜ୍ୟପାଳଙ୍କ ଇଚ୍ଛାରେ ଚାଲିପାରିବନି ସରକାର

ନୂଆଦିଲ୍ଲୀ: ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ ନବନିର୍ବାଚିତ ରାଜ୍ୟ ସରକାର ରାଜ୍ୟପାଳଙ୍କ ଇଚ୍ଛାରେ ଚାଲିପାରିବ ନାହିଁ ବୋଲି ମତ ରଖିଛନ୍ତି । ଯଦି କୌଣସି ବିଲ୍ ରାଜ୍ୟ ବିଧାନସଭାରେ ପାରିତ ହୋଇ ରାଜ୍ୟପାଳଙ୍କ ପାଖକୁ ଯାଉଛି ତେବେ ରାଜ୍ୟପାଳ ତାହାକୁ ରାଷ୍ଟ୍ରପତିଙ୍କ ପାଖକୁ ପଠାଇ ପାରିବେ ନାହିଁ । ସମ୍ବିଧାନର ଅନୁଚ୍ଛେଦ-୨୦୦ ମୁତାବକ ରାଜ୍ୟପାଳଙ୍କ ପାଖରେ ୪ଟି ବିକଳ୍ପ ରହିଛି । ବିଲ୍‌କୁ ମଞ୍ଜୁରି ଦେବା, ମଞ୍ଜୁରିକୁ ଅଟକାଇବା, ରାଷ୍ଟ୍ରପତିଙ୍କ ପାଖକୁ ପଠାଇବା ଓ ପୁଣିଥରେ ବିଚାର ପାଇଁ ବିଧାନସଭାକୁ ପରାମର୍ଶ ଦେବା । ଯଦି ବିଧାନସଭାରେ ସେହି ବିଲ୍ ଦ୍ୱିତୀୟ ଥର ପାରିତ କରାଯିବ ଓ ରାଜ୍ୟପାଳଙ୍କ ନିକଟକୁ ପଠାଯାଉଛି ତେବେ ଏହାକୁ ମଞ୍ଜୁରି ପ୍ରଦାନ କରିବାକୁ ରାଜ୍ୟପାଳ ବାଧ୍ୟ । ମୁଖ୍ୟ ବିଚାରପତି ଜଷ୍ଟିସ ବି.ଆର. ଗବାଇଙ୍କ



ଅଧ୍ୟକ୍ଷତାରେ ଗଠିତ ୫ଜଣିଆ ଖଣ୍ଡପୀଠ କହିଛନ୍ତି ଯେ ଯଦି ରାଜ୍ୟପାଳ ପୁନର୍ବିଚାର ନ କରି ବିଲ୍‌କୁ ଅଟକାଉଛନ୍ତି, ତେବେ ନିର୍ବାଚିତ ସରକାର ରାଜ୍ୟପାଳଙ୍କ ଇଚ୍ଛା ଉପରେ ଚାଲିବା ପାଇଁ ବାଧ୍ୟ ହେବ । କିନ୍ତୁ ଖଣ୍ଡପୀଠ କହିଛନ୍ତି, ରାଜ୍ୟପାଳଙ୍କ ପାଖରେ ଏମିତି କିଛି କ୍ଷମତା ନାହିଁ ସେମାନେ ଅନିଶ୍ଚିତ କାଳ ପର୍ଯ୍ୟନ୍ତ ବିଲ୍‌କୁ ଅଟକାଇ ରଖିବେ । ମାମଲାର ଶୁଣାଣିବେଳେ କେନ୍ଦ୍ର ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଥିଲେ ଯେ ରାଜ୍ୟପାଳଙ୍କୁ କେବଳ ପୋଷ୍ଟମ୍ୟାନ୍ ଭୂମିକାରେ ରଖାଯାଇପାରିବ ନାହିଁ । ତାଙ୍କ ପାଖରେ କିଛି ସାମ୍ବିଧାନିକ ଅଧିକାର ରହିଛି ଓ ସେ ରାଷ୍ଟ୍ରପତିଙ୍କ ଦ୍ୱାରା ନିଯୁକ୍ତ । ବରିଷ୍ଠ ଓକିଲ କପିଲ ଶିବଲ ଏହାକୁ ବିରୋଧ କରି କହିଥିଲେ ଯେ ରାଜ୍ୟପାଳଙ୍କ ପାଖରେ ଯଦି ଏଭଳି ଅଧିକାର ଅଛି ତେବେ ରାଷ୍ଟ୍ରପତି ମଧ୍ୟ କେନ୍ଦ୍ର ସରକାରଙ୍କ ବିଲ୍‌କୁ ଅଟକାଇ ପାରିବେ । ଏସବୁକୁ ନେଇ ମୁଖ୍ୟ ବିଚାରପତି କହିଥିଲେ, ସମ୍ବିଧାନର ବ୍ୟାଖ୍ୟା ରାଜନୈତିକ ପରିସ୍ଥିତି ମୁତାବକ ବଦଳାଯାଇ ପାରିବ ନାହିଁ । ଏହି ମାମଲା ତାମିଲନାଡୁ ରାଜ୍ୟପାଳ ଓ ସରକାରଙ୍କ ମଧ୍ୟରେ ହୋଇଥିବା ବିବାଦରୁ ଆରମ୍ଭ ହୋଇଥିଲା । ସେଠାରେ ରାଜ୍ୟପାଳ ରାଜ୍ୟ ବିଧାନସଭାରେ ପାରିତ ହୋଇଥିବା କିଛି ବିଧେୟକକୁ ଅଟକାଇ ରଖିଥିଲେ । ଏ ନେଇ ମାମଲା ସୁପ୍ରିମକୋର୍ଟରେ ପହଞ୍ଚିବା ପରେ କୋର୍ଟ କହିଥିଲେ ଯେ ରାଜ୍ୟପାଳଙ୍କ ପାଖରେ କୌଣସି ଭିଟୋ ପାୱାର ନାହିଁ । ରାୟରେ ଆହୁରି କୁହାଯାଇଥିଲା ଯେ ରାଜ୍ୟପାଳଙ୍କ ପାଖକୁ ରାଜ୍ୟ ସରକାର ପଠାଉଥିବା ବିଧେୟକ ବାବଦରେ ୩ ମାସ ମଧ୍ୟରେ ରାଜ୍ୟପାଳ ନିଷ୍ପତ୍ତି ନେବାକୁ ବାଧ୍ୟ । ଏହି ମାମଲାରେ ସୁପ୍ରିମକୋର୍ଟ କେବଳ ରାଜ୍ୟପାଳ ନୁହେଁ ବରଂ ରାଷ୍ଟ୍ରପତିଙ୍କ ପାଇଁ ମଧ୍ୟ ସମୟ ନିର୍ଘଣ୍ଟ କରିଥିଲେ । କୋର୍ଟ ଆଦେଶ ଦେଇଥିଲେ ଯେ ରାଜ୍ୟପାଳଙ୍କ ଦ୍ୱାରା ରାଷ୍ଟ୍ରପତିଙ୍କ ପାଖକୁ ପଠାଯାଇଥିବା ବିଧେୟକ ଉପରେ ରାଷ୍ଟ୍ରପତି ୩ ମାସ ମଧ୍ୟରେ ନିଷ୍ପତ୍ତି ନେବାକୁ ବାଧ୍ୟ ।

## ଇଣ୍ଡିମେଣ୍ଟ ଉପରାଷ୍ଟ୍ରପତି ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ

ନୂଆଦିଲ୍ଲୀ : ଗୁରୁବାର ନାମାଙ୍କନପତ୍ର ଦାଖଲ କରିଛନ୍ତି ଇଣ୍ଡି ମେଣ୍ଟର ଉପରାଷ୍ଟ୍ରପତି ପ୍ରାର୍ଥୀ ଜଷ୍ଟିସ ବି.ସୁଦର୍ଶନ ରେଡ୍ଡୀ । ନାମାଙ୍କନ ଦାଖଲର ଶେଷଦିନରେ ସେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି । ତାଙ୍କ ନାମାଙ୍କନ ଦାଖଲ ସମୟରେ କଂଗ୍ରେସର ବରିଷ୍ଠ ନେତ୍ରୀ ସୋନିଆ ଗାନ୍ଧୀ, କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼୍‌ଗେଙ୍କ ସମେତ ଦଳର ବହୁ ବରିଷ୍ଠ ନେତା ଉପସ୍ଥିତ ଥିଲେ । କଂଗ୍ରେସ ସାଂସଦମାନେ ତାଙ୍କର ପ୍ରସ୍ତାବକ ଥିବା ସୂଚନା ମିଳିଛି । ସେହିପରି ବୁଧବାର ଏନଡିଏ ଉପରାଷ୍ଟ୍ରପତି ପ୍ରାର୍ଥୀ ସି.ପି.ରାଧାକ୍ରିଷ୍ଣନ ନାମାଙ୍କନପତ୍ର ଦାଖଲ କରିଥିଲେ । ଆସନ୍ତା ସେପ୍ଟେମ୍ବର ୯ ତାରିଖରେ ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ଭୋଟଗ୍ରହଣ ଅନୁଷ୍ଠିତ ହେବ । ବିଜେପି ଭେଟେରାନ୍ ତଥା ରାଜ୍ୟପାଳ ବନାମ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତିଙ୍କ ମଧ୍ୟରେ କଡା ଟକ୍କର ହେବ । ଉଭୟ ଦକ୍ଷିଣ ଭାରତୀୟ ହେଭିୱେଟ୍ । ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ଏନଡିଏ ପ୍ରାର୍ଥୀ ଘୋଷଣା କରିବାର ଗୋଟିଏ ଦିନ ପରେ ଇଣ୍ଡି ମେଣ୍ଟ ସୁଦର୍ଶନଙ୍କ ନାମକୁ ଘୋଷଣା କରିଥିଲା । କଂଗ୍ରେସ, ଡିଏମ୍‌କେ, ଟିଏମ୍‌ସି ସମେତ ଇଣ୍ଡି ମେଣ୍ଟର ନେତାମାନେ ସର୍ବସମ୍ମତକ୍ରମେ ତାଙ୍କ ନାମ ଘୋଷଣା କରିଥିଲେ ।

**AFFIDAVIT**

By virtue of an affidavit sworn before the Executive Magistrate, Chatrapur, dated: 12.08.2025, I Sadhana Badatya, Address: Village- Bahalapur, Po- Malada, Ps- Ganjam, Dist- Ganjam, Odisha, PIN- 761027, declare that I have changed my name from Subhasini Badaatya to Sadhana Badatya. Henceforth, I shall be known as Sadhana Badatya for all purposes.
**Sd/- Sadhana Badatya**

**ପୂର୍ବ ତଟ ରେଳପଥ**

**ପାର୍କିଙ୍ଗ୍ ଷ୍ଟାଣ୍ଡର ଇ-ନିଲାମ**

ନିଲାମ କ୍ୟାଟାଲଗ୍ ନଂ.: SDCM-PRK-ANGL-S
ଲଟ୍ ନଂ./ବର୍ଗ : PARKING-KUR-ANGL-TW-209-25-1 (Parking-Two Wheeler)
ଷ୍ଟେସନ ଏବଂ ସ୍ଥାନ : ଅନୁଗୁଳ-2 ଚକିଆ (ପ୍ଲାଟଫର୍ମ ନମ୍ବର-1 ପାର୍ଶ୍ୱରେ) ।
ନିଲାମ ଆରମ୍ଭ ହେବା ତାରିଖ ଓ ସମୟ: 29.08.2025, 1100 ଘଟିକା ।
ନିଲାମ ବନ୍ଦ ହେବା ତାରିଖ ଓ ସମୟ : 29.08.2025, 1130 ଘଟିକା ।
ଦ୍ରଷ୍ଟବ୍ୟ : ଏହି ନିଲାମ ସମ୍ବନ୍ଧରେ ସମସ୍ତ ଆବଶ୍ୟକ ସୂଚନା ପ୍ରାପ୍ତ କରିବା ନିମନ୍ତେ ଆଶାୟୀ ବିଡ଼ରଙ୍କୁ ୱେବ୍‌ସାଇଟ୍ www.ireps.gov.inର ଆଗାମୀ ଇ-ଅକ୍ସନ ଲିଙ୍କ୍ ଟ୍ୟାବ୍ ପରିଦର୍ଶନ କରିବାକୁ ଅନୁରୋଧ କରାଯାଉଛି ।
ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ୍
PR-502/Q/25-26

**OFFICE OF THE EXECUTIVE ENGINEER SOIL INVESTIGATION DIVISION, ADVANCE PLANNING, ROAD CONSTRUCTION DEPARTMENT,RANCHI**
**NirupanBhawan,3rd Floor,Room No. 401,56-Set,Doranda,Ranchi-834002**

**e-Procurement (Very Short Tender Notice)**
**Letter of Invitation (LOI) No.-19/2025-26 1st Call**
**e-Tender Ref No:–RCD/SID/AP/ RAN/19/2025-26 Date:- 20.08.2025**

| | | |
|---|---|---|
| 1 | Name Of Work | Consultancy Services for Preparation of Detailed Project Report for widening & Strengthening/Reconstruction of Road from Bagra More (NH-99) to Panki Palamu under CRIF Scheme under Chatra district including replacement/New Proposal of Culverts, Bridges, ROB's, RUB's, Complete Land Acquisition Plan including Ownership details all complete as per latest guidelines, Resettlement and Rehabilitation Proposal, Forest Diversion Proposal and Utility Shifting Proposal in details etc. as required by the Department (If any) under Chatra District in the State of Jharkhand. (Total Length - 40.00 Km) *Empanelled consultant with RCD under ategory-I vide letter No. 3063(S) WE Dated 22.08.2022are allowed to Bid. |
| 2 | Tentative Length | 40.00 K.m |
| 3 | Period of Completion of Work | 30 Days |
| 4 | Cost of Tender documents | Rs 5,000/- (Five Thousand) only. Non refundable Fee.Tender fee will be recivedthrough online mode only. The quotationers have to deposit a fixed amountof Rs 55,000 as Earnest Money. As per the Departmental Letter no. 4652(S) dated 06.10.2023, cost of tender document and Earnest Money Deposit be received in online mode only through e-procurement (http://jharkhandtenders.gov.in) by internet banking/NEFT/RTGS facility as per Standard Operating sistim Procedure (SOP) issued by Information Technology & e-Governance Department, Government of Jharkhand vide letter no 120 dated 03.10.2023 |
| 5 | Mode of Bid Submission | e-tendering(http://jharkhandtenders.gov.in) |
| 6 | Date/Time of Publication of Tender on Website | 22.08.2025,10:30 AM |
| 7 | Last Date/Time of Bid Submission | 30.08.2025 12:00PM |
| 8 | Last Date/Time of Submission of Tender Fee & EMD | 30.08.2025 12:00PM |
| 9 | Date and Time of Bid opening | 01.09.2025 12:30 PM |
| 10 | Bid validity | 120 days |
| 11 | Bid Submission Address | Chief Engineer(Communication),Road Construction Department,1st Floor, Engineer Hostel No.-2, Dhurwa, Ranchi-834004 |
| 12 | Designation andContact no. of Tender inviting Officer | Executive Engineer, Soil Investigation DivisionAdvance Planning,RCD, Ranchi Mob-9905660677. |

**Note:-Only e-Tender shall be accepted.**
**Sd./-(Ravi Shankar Pravakar) Executive Engineer, Soil Investigation Division, Advance Planning, Road Construction Department,Ranchi**
PR 360058 (Road)25-26*D

**AFFIDAVIT**

By virtue of an affidavit sworn before the Executive Magistrate, Betnoti, Mayurbhanj, dated: 18.08.2025, I Harish Chandra Mohanta, Address: At- Bhalia, Po- Bhalia, Ps- Betnoti, Dist- Mayurbhanj, Odisha, PIN-757029, declare that I have changed my name from Satrughan Mohanta to Harish Chandra Mohanta. Henceforth, I shall be known as Harish Chandra Mohanta for all purposes.
**Sd/- Harish Chandra Mohanta**

**JAPIT**
Jharkhand Agency for Promotion of Information Technology
(An Autonomous body under Department of Information Technology, Govt. of Jharkhand)
Ground Floor, Engineer's Hostel – I, Near Golchakkar, Dhurwa, Ranchi, Jharkhand
Phone. 0651-2401044/2401067, E-mail- japit_doit@rediffmail.com

**Corrigendum for Cancellation**

It is to inform that the Tender Ref.: JAPIT/HIGHCOURT-DMS/01/2025 for "Purchase, Installation, Configuration & Integration of two Server System (Live & Backup) & Other Equipment with 05 Years Comprehensive Warranty along with 24x7 Technical Manpower at Data Center of Hon'ble Jharkhand High Court, Ranchi" has been cancelled and the same has also been published on Govt. official site at Jharkhandtenders.gov.in

**PR Ref No. 349383**
PR 360100 Information Technology(25-26)D
Sd/- (OSD, JAP-IT)

## ୩୧ରେ ହେବାକୁ ଥିବା ଓଟିଇଟି ପୁଣି ସ୍ଥଗିତ

କଟକ(ଭାସ୍କର ନ୍ୟୁଜ): ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ସ୍ୱତନ୍ତ୍ର ଓଟିଇଟି ପରୀକ୍ଷାକୁ ପୁଣିଥରେ ସ୍ଥଗିତ ରଖାଯାଇଛି । ଆସନ୍ତା ୩୧ ତାରିଖରେ ଏହି ପରୀକ୍ଷା ହେବାପାଇଁ ଦିନଧାର୍ଯ୍ୟ ହୋଇଥିଲା । ତେବେ ଅନିବାର୍ଯ୍ୟ କାରଣ ବଶତଃ ଏହାକୁ ସ୍ଥଗିତ ରଖାଯାଇଥିବା ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି । ପରୀକ୍ଷାପାଇଁ ଖୁବ୍‌ଶୀଘ୍ର ନୂତନ ତାରିଖ ଘୋଷଣା କରାଯିବ । ବାରମ୍ବାର ସ୍ୱତନ୍ତ୍ର ଓଟିଇଟି ପରୀକ୍ଷାକୁ ସ୍ଥଗିତ ରଖାଯିବା ନେଇ ଶିକ୍ଷକମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ସେମାନେ ଧୈର୍ଯ୍ୟହରା ହୋଇ ପଡ଼ିଲେଣି । ଏପରିକି ପରୀକ୍ଷାକୁ ନେଇ ଅନେକ ଶିକ୍ଷକ ସନ୍ଦେହ ପ୍ରକଟ କଲେଣି । ସୂଚନାଯୋଗ୍ୟ ଯେ ଗତ ଜୁଲାଇ ୨୦ ତାରିଖରେ ଏହି ସ୍ୱତନ୍ତ୍ର ପରୀକ୍ଷା ହେବାର ଥିଲା । ପେପର-୧ ଓ ପେପର-୨ ପାଇଁ ୭୫ହଜାର ଶିକ୍ଷକ/ଶିକ୍ଷୟିତ୍ରୀ ପରୀକ୍ଷା ଦେଇଥାନ୍ତେ । ସେମାନେ ସମସ୍ତେ ମଧ୍ୟ ପରୀକ୍ଷା କେନ୍ଦ୍ରରେ ପହଞ୍ଚି ସାରିଥିଲେ । ତେବେ ହଠାତ୍ ସକାଳେ ପରୀକ୍ଷାକୁ ସ୍ଥଗିତ ରଖାଯିବା ନେଇ ଘୋଷଣା କରାଯାଇଥିଲା । ଫଳରେ ପରୀକ୍ଷାର୍ଥୀମାନେ ନିରାଶ ହୋଇ ଫେରିଥିଲେ । ଏହି ଦୁଇଟି ପେପର ହାତଲେଖା ପ୍ରଶ୍ନ ଓ ତାହାର ଉତ୍ତର ସୋସିଆଲ ମିଡିଆରେ ଘୂରିବୁଲୁଥିବା ଅଭିଯୋଗ ହୋଇଥିଲା । ଏହାପରେ ବୋର୍ଡ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଥିଲା । ଏହି ଘଟଣାର ତଦନ୍ତ କରି କ୍ରାଇମବ୍ରାଞ୍ଚ ବୋର୍ଡର ଉପସଭାପତିଙ୍କ ସମେତ ଅନ୍ୟ କେତେକ କର୍ମଚାରୀଙ୍କୁ ଗିରଫ କରି ସାରିଛି । ତେବେ ଗତ ୧ ତାରିଖ ଦିନ ବୋର୍ଡ ପକ୍ଷରୁ କୁହାଯାଇଥିଲା ଯେ ଆସନ୍ତା ୩୧ ତାରିଖରେ ସ୍ପେଶାଲ ଓଟିଇଟି ଦୁଇଟି ସିଟିଂରେ ଅନୁଷ୍ଠିତ ହେବ । ପ୍ରାର୍ଥୀମାନେ ଚଳିତମାସ ୨୨ ତାରିଖରୁ ୱେବସାଇଟ୍‌ରୁ ଆଡମିଟ୍ କାର୍ଡ ଡାଉନଲୋଡ୍ କରିପାରିବେ ବୋଲି ମଧ୍ୟ କୁହାଯାଇଥିଲା । ତେବେ ପୁଣିଥରେ ପରୀକ୍ଷାକୁ ସ୍ଥଗିତ ରଖାଯାଇଛି ।

**LOSS Deed Draft**

I, Sandhyarani Damal, W/o- P. Bhagirathi Patro and P. Bhagirathi Patra, S/o- P. Dandapani Patra hereby declare that we had purchased the property bearing address Khata No. 637/317, Plot No. 777/1425, AC 0.028 Decimals, Kissam- Gharabadi of Mouza Bhimapur, Tah- Purusottampur, Dist- Ganjam vide a Regt. Sale Deed No. 10681401149, dated: 21.04.2014, executed before Purosttampur SRO. That, the Original Regd Sale Deed No. 10681201567/2012, dated: 23.05.2015 in favour of Sandhyarani Damal forms a part of the original property documents of this plot. However, the same was misplaced by us prior to the sale transaction dated: 21.04.2014, We do not have the custody of the documents nor we have any knowledge about its whereabouts. We have not been able to trace it out. If any claims/ objections over the aforesaid property occur, may please contact Adv Nrusingha Pattanaik, Mobile No-9853311189 within 7 days.

## ପୋଖରୀରେ ବୁଡ଼ି ମା-ଝିଅ ମୃତ

ଲମତାପୁଟ,୨୧।୮(ଭାସ୍କର ନ୍ୟୁଜ): କୋରାପୁଟ ଜିଲ୍ଲା ଲମତାପୁଟ ଥାନା ବାଲିଆଗାଁ ପୋଖରୀରେ ମାଆ ଓ ଝିଅ ବୁଡ଼ି ମୃତ୍ୟୁବରଣ କରିଛନ୍ତି । ଝିଅ ପ୍ରଥମେ ଗାଧୋଇବାକୁ ଯାଇ ବୁଡ଼ି ଯାଇଥିବାବେଳେ ଚିତ୍କାର କରିଥିଲା । ତାକୁ ଉଦ୍ଧାର କରିବାକୁ ଯାଇ ମାଆ ବି ବୁଡ଼ି ଯାଇଥିଲେ । ଉଭୟଙ୍କ ମୃତଦେହ ସ୍ଥାନୀୟ ଲୋକେ ଉଦ୍ଧାର କରି ହସ୍ପିଟାଲ ନେଇଥିଲେ । ପୋଲିସ ଦୁଇଜଣଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି ।

## ରାଜଧାନୀରେ ଶିଶୁ ଅପହରଣ ଅଭିଯୋଗ

ଭୁବନେଶ୍ୱର,୨୧।୮(ଭାସ୍କର ନ୍ୟୁଜ): ଗୁରୁବାର ସନ୍ଧ୍ୟାରେ ରାଜଧାନୀ ଭୁବନେଶ୍ୱରର ଚନ୍ଦ୍ରଶେଖରପୁର ଅଞ୍ଚଳରେ ଜଣେ ଶିଶୁ ଟ୍ୟୁସନରୁ ଫେରୁଥିବାବେଳେ କେହି ଦୁର୍ବୃତ୍ତ ତାଙ୍କୁ ଅପହରଣ କରିନେଇଥିବା ନେଇ ପରିବାରବର୍ଗ ଚନ୍ଦ୍ରଶେଖରପୁର ଥାନାରେ ଅଭିଯୋଗ କରିଛନ୍ତି । ପୋଲିସ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ଅପହୃତ ଶିଶୁକୁ ଖୋଜିବା ପାଇଁ ଉଦ୍ୟମ ଆରମ୍ଭ କରିଛି ।

## ୧୨ଓପିଏସ୍ ଅଧିକାରୀଙ୍କ ବଦଳି

ଭୁବନେଶ୍ୱର,୨୧।୮(ଭାସ୍କର ନ୍ୟୁଜ): ରାଜ୍ୟ ସରକାର ଗୁରୁବାର ୧୨ଜଣ ଓପିଏସ୍ ଅଧିକାରୀଙ୍କୁ ବଦଳି କରିଛନ୍ତି । ଏ ନେଇ ଗୃହ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି । ବିଜ୍ଞପ୍ତି ଅନୁଯାୟୀ ବିମଳେନ୍ଦୁ ଶତପଥୀ କମିଶନରେଟ ପୋଲିସର ଓପିଏସ୍ (ଏସ୍‌ଏଜି)ଡିସିପିଙ୍କୁ କଟକ ରାଜ୍ୟ ପୋଲିସ ମୁଖ୍ୟାଳୟକୁ ଏସ୍‌ପି ଭାବେ ବଦଳି କରାଯାଇଥିବା ବେଳେ କିଶୋର ଚନ୍ଦ୍ର ମୁଣ୍ଡୁଙ୍କୁ କମିଶନରେଟ ପୋଲିସ ଡିସିପି ଭାବେ ବଦଳି କରାଯାଇଛି । ସେହିପରି ରେଳବାଇର ଅତିରିକ୍ତ ଏସ୍‌ପି ଭାବେ କାର୍ଯ୍ୟକରୁଥିବା ସତ୍ୟଜିତ୍ ମିଶ୍ରଙ୍କୁ ମେରାଇନ୍ ଏଣ୍ଡ ପୋଷ୍ଟାଲ ସିକ୍ୟୁରିଟିର ଏଆଇଜି ଭାବେ ନିଯୁକ୍ତି ଦିଆଯାଇଛି । ଏହିପରି ଭାବେ ୧୨ଜଣଙ୍କୁ ବିଭିନ୍ନ ସ୍ଥାନକୁ ବଦଳି କରାଯାଇଥିବା ବିଜ୍ଞପ୍ତିରେ ପ୍ରକାଶ ପାଇଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମରୁଡ଼ି ଆଶଙ୍କା...

ନେଇ ପୂର୍ବାନୁମାନ କରିଛି ପାଣିପାଗ ବିଭାଗ । ବରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ପୁରୀ, ଖୋର୍ଦ୍ଧା, ନୟାଗଡ଼ ଓ ଜଗତସିଂହପୁର ଜିଲ୍ଲାରେ ପ୍ରବଳ ବର୍ଷାର ସମ୍ଭାବନା ଥିବାରୁ ଏହିସବୁ ଜିଲ୍ଲାପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଶୁକ୍ରବାର ୫ଟି ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ଅରେଞ୍ଜ ଆଲର୍ଟ ଜାରି ହୋଇଛି । ବାକି ୨୫ଟି ଜିଲ୍ଲାରେ ପ୍ରବଳ ବର୍ଷା ସହ ବିଜୁଳି, ଘଡ଼ଘଡ଼ି ମାରିବାର ସମ୍ଭାବନା ରହିଛି । ଅନ୍ୟପଟେ ପାଣିପାଗ ବିଶେଷଜ୍ଞ କହୁଛନ୍ତି ଯେ ଲଘୁଚାପ ଦୁର୍ବଳ ହୋଇଯାଇଛି । ଓଡ଼ିଶାରେ ଭାରିବର୍ଷା ସମ୍ଭାବନା କମ୍ । ତେବେ ଦକ୍ଷିଣ-ପଶ୍ଚିମ ଦିଗରୁ ଓଡ଼ିଶା ମଧ୍ୟକୁ ପବନ ପ୍ରବାହିତ ହେଉଥିବାରୁ ରାଜ୍ୟର ବିଭିନ୍ନ ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷାର ସମ୍ଭାବନା ରହିଛି । ବାୟୁମଣ୍ଡଳର ଉପରିଭାଗରେ କେତେବେଳେ ଘୂର୍ଣ୍ଣିବଳୟ ତ କେତେବେଳେ ଟ୍ରଫଲାଇନ୍ ରହିବ, ଯାହାକି ପ୍ରବଳ ବର୍ଷା ନ କରାଇଲେ ମଧ୍ୟ ମଧ୍ୟମ ଧରଣର ବର୍ଷା ଲାଗି ରହିବ ବୋଲି ବିଶେଷଜ୍ଞ କହିଛନ୍ତି । ତେବେ ୭ ଜିଲ୍ଲାରେ ଯଦି ବର୍ଷା ଆଉ ନ ହୁଏ ତେବେ ମରୁଡ଼ି ସୁନିଶ୍ଚିତ ବୋଲି କୁହାଯାଉଛି ।

### ପ୍ରତୀକ ସିଂ...

କାର୍ଯ୍ୟାଳୟରୁ ସ୍ପେଶାଲ ଆର୍ମ ପୋଲିସକୁ ବଦଳି ହୋଇଛି । ଅବିନାଶ କୁମାରଙ୍କୁ ଡିଆଇଜି (ପୂର୍ବାଞ୍ଚଳ ରେଞ୍ଜ), ଝାରସୁଗୁଡ଼ା ଏସ୍‌ପି ପରମାର ସ୍ମିତ୍‌ଙ୍କୁ କ୍ରାଇମବ୍ରାଞ୍ଚ ଏସ୍‌ପି ଭାବେ ବଦଳି ହୋଇଛି । ସେହିପରି କଟକରେ ରେଳବାଇ ଏସ୍‌ପି ବିବେକାନନ୍ଦ ଶର୍ମାଙ୍କୁ ଖୋର୍ଦ୍ଧା, ସୁନ୍ଦରଗଡ଼ ଏସ୍‌ପି ପ୍ରତ୍ୟୁଷ ଦିବାକରଙ୍କୁ ବାଲେଶ୍ୱର, ବିନିତ ଅଗ୍ରୱାଲଙ୍କୁ କଟକ (ଗ୍ରାମାଞ୍ଚଳ) ଏସ୍‌ପି ଭାବେ ବଦଳି କରାଯାଇଛି । ବାଲେଶ୍ୱର ଏସ୍‌ପି ରାଜ ପ୍ରସାଦଙ୍କୁ ଏସ୍‌ପି (ସ୍ୱତନ୍ତ୍ର ଶାଖା), ନୂଆପଡ଼ା ଏସ୍‌ପି ଗୁନ୍ଦାଲା ରେଡ୍ଡୀଙ୍କୁ ଝାରସୁଗୁଡ଼ା, ଅଙ୍କିତ କୁମାର ବର୍ମାଙ୍କୁ ଜଗତସିଂହପୁର, ଅମ୍ରିତପାଲ ସିଂହଙ୍କୁ ଖୋର୍ଦ୍ଧାରୁ ନୂଆପଡ଼ା, ଭୁବନେଶ୍ୱର ଅତିରିକ୍ତ ଡିସିପି ଥିବା ଅମ୍ରିତପାଲ କେରଙ୍କୁ ସୁନ୍ଦରଗଡ଼କୁ ବଦଳି କରାଯାଇଛି । ଜଗତସିଂହପୁର ଏସ୍‌ପି ଭବାନୀ ଶଙ୍କର ଉଦ୍‌ଗାତାଙ୍କୁ ବଦଳି କରାଯାଇ କଟକ ରେଳବାଇ ଏସ୍‌ପି ଭାବେ ନିଯୁକ୍ତି ମିଳିଛି ବୋଲି ବିଜ୍ଞପ୍ତିରେ ପ୍ରକାଶ ପାଇଛି ।

**NOTICE**

By virtue of an affidavit sworn before the Executive Magistrate, Vyasanagar, Jajpur Road, Jajpur Dated 13.08.2025, I Abinash Rout, S/o- Judhisthir Rout resident At-Ganesh Bazar, Anima Nursinghhome Lane, Vyasanagar, Po/Ps- Jajpur Road, Dist-Jajpur, State-Odisha, Pin- 755019, do hereby declare that my original B.Tech (I.T.) pass certificate from BPUT, Odisha, Rourkela, Reg. No-0801211419, Sl No- GBSH08009686 has been lost on 10th August 2025 in Train at Jajpur Road. Henceforth this declaration is made for loss of my above said original certificate for future reference.

**MUNICIPAL OFFICE, JHARSUGUDA.**

**"E" Procurement Notice** E-938

Tender Call Notice No. 2860/ JM Dt. 19.08.2025

BID Documents consisting of Work, Estimated Cost, Cost of tender paper, EMD, time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e. www.tenderodisha.gov.in

1. Tender Reference : EO/JMC/04/2025-26
2. Tender ID No. : 2025_ORULB_117153
3. Name of the Work : Civil Construction works as mentioned in website.
4. No. of works : As per DTCN.
5. Estimated Cost : As per DTCN
6. Date & Time of availability of Bid Documents in the Portal : 22.08.2025 at 06.00 PM
7. Last date & time for receipt of bids in the portal : 08.09.2025 at 06.00 PM
8. Bids received online shall be opened on : 11.09.2025 at 3.30 PM
9. Name and address of the Officer inviting : Executive Officer, Jharsuguda Municipality.
10. Further details can be seen from the procurement portal i.e. www.tenderodisha.gov.in

OIPR 13165/11/0073/2526
Sd/- Executive Officer, Jharsuguda Municipality

**GOVERNMENT OF ODISHA, "e"-PROCUREMENT NOTICE**
**OFFICE OF THE SUPERINTENDING ENGINEER, NAYAGARH (R&B) DIVISION, NAYAGARH**
**WORKS DEPARTMENT**
**Tender call Notice** B-435
E-mail: pwdoffngd34@gmail.com

**Bid Identification No. S.E-Nayagarh (R&B) Division- Online 06/2025-26**

The Superintending Engineer, Nayagarh (R&B) Division, Nayagarh on behalf of Governor of Odisha inviting percentage rate bid in Single cover system in ONLINE MODE form eligible contractors for construction of Building work as detailed in the table below:

1. Nature of Work : Building Works.
2. No of Work : 5 Nos
3. Tender Cost & EMD : To be remitted online through a process as mentioned in DTCN.
4. Class of Contractor : As mentioned in DTCN
5. Available of Bid Document in the Website : From Dt.26.08.2025 11.00 AM to Dt.04.09.2025 Up to 5.00 pm.
6. Date of opening of Bid : Dt.06.09.2025 at 11.00 AM
7. The have to participate in ONLINE bidding only. Further details can be seen from the Website: https://tenderodisha.gov.in . Any Addendum / Corrigendum / Cancellation of tender can also be seen in the said website.

OIPR 34138/11/0024/2526
Sd/- Superintending Engineer, Nayagarh (R&B) Division, Nayagarh

Email- malkangirifisheries@gmail.com

**DISTRICT FISHERIES OFFICE, MALKANGIRI**

No. 1656 / Date: 21.08.2025

**Short Tender Call Notice**

District Fisheries Officer, Malkangiri invites sealed tenders from HT- Electrical license holders contractors in Double cover system for shifting of 11 KV line and installation of IM Pole for 33 KV line for construction of Fuel outlet at Chitrakonda, Malkangiri District. The Tender completed in all respect must reach the undersigned through Speed Post/ Courier/ dropped in tender box at office of the undersigned only and it shall be opened at District Fisheries Office, Talasahi, Malkangiri.

Estimated price:- Rs. 5,83,575.00

Last Date of submission of Bid:- Dt. 09.09.2025 up to 1.00 PM

Tender opening Date:- Dt. 10.09.2025 at 4.00 PM

Detailed tender call notice may be obtained from the Office of District Fisheries Officer, Malkangiri by depositing Rs 200/- only.

Sd/-District Fisheries Officer, Malkangiri

**ପୌରପାଳିକା କାର୍ଯ୍ୟାଳୟ, ଢେଙ୍କାନାଳ** C-937
ଢେଙ୍କାନାଳ (ଓଡିଶା),ପିନ କୋଡ -୭୫୯୦୦୧ .
ଇ –ମେଲ : dhenkanalm.hud@gmail.com

ପତ୍ର ସଂଖ୍ୟା - 3174 ତା୧୯.୦୮.୨୦୨୫ ରିଖ

**ନିଲାମ ନିମନ୍ତେ ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଯାଯାଉଅଛି କି ଯେ, ଢେଙ୍କାନାଳ ପୌରପାଳିକା ଅଧୀନରେ ଥିବା ବିଜ୍ଞାପନ ବୋର୍ଡ( ହୋଡିଙ୍ଗସ ) ଉପରିକୁ ଆଗାମୀ ଆର୍ଥିକ ବର୍ଷ ୨୦୨୫-୨୬( ତା ୦୧/୦୯/୨୦୨୫ ଠାରୁ ୩୧/୦୮/୨୦୨୬) ଏକ ବର୍ଷ ନିମନ୍ତେ ତା.୨୦.୦୮.୨୦୨୫ରିଖ ଠାରୁ ତା.୨୫.୦୮.୨୦୨୫ରିଖ ଉର୍ଦ୍ଦିଷ୍ଟ ସର୍ତ୍ତାବଳୀ ଅନୁଯାୟୀ ପଟ୍ଟାଦାରି ନିମନ୍ତେ ଆଗ୍ରହୀ ବ୍ୟକ୍ତି/ ସଂସ୍ଥାଠାରୁ ମୁଦବନ୍ଦିଆ ଟେଣ୍ଡର ଆହ୍ୱାନ କରାଯାଉଛି, ତତସହିତ ଟ.୩,୦୦୦/- ଙ୍କାର ଟେଣ୍ଡର ପେପର କ୍ରୟ କରି ଟ. ୧୦,୦୦୦/- ଙ୍କାର EMD ଦାଖଲ କରିବା ସହିତ, ଇଚ୍ଛୁକ ବ୍ୟକ୍ତି/ ସଂସ୍ଥା ଆସନ୍ତା ତା.୨୫.୦୮.୨୦୨୫ରିଖ ଅପରାହ୍ନ ୪.୦୦ ଘଟିକା ସୁଦ୍ଧା ସେମାନଙ୍କର ଟେଣ୍ଡର ଅର୍ପଣ କରିପାରିବେ | ସମସ୍ତ ଟେଣ୍ଡର କେବଳ ରେଜିଷ୍ଟ୍ରି ଡାକ ମାଧ୍ୟମରେ ଗ୍ରହଣ କରାଯିବ | ( କୌରିୟର ଗ୍ରହଣୀୟ ନୁହେଁ ) | ନିର୍ଦ୍ଧାରିତ ତାରିଖ ଏବଂ ସମୟ ପରେ କୌଣସି ଟେଣ୍ଡର ପେପର ଗ୍ରହଣ କରାଯିବ ନାହିଁ | ଉପରୋକ୍ତ ଟେଣ୍ଡର ଆସନ୍ତା ତା.୨୬.୦୮.୨୦୨୫ରିଖ ଅପରାହ୍ନ ୪.୦୦ ଘଟିକା ସମୟରେ ପୌରପାଳିକାର ଟେଣ୍ଡର କମିଟି ସମ୍ମୁଖରେ ଖୋଲାଯିବ | ଏହି ସମୟରେ ଟେଣ୍ଡର ଦାତା କିମ୍ବା ତାଙ୍କର ପ୍ରାଧିକୃତ ବ୍ୟକ୍ତି ଉପସ୍ଥିତ ରହିପାରିବେ | ଯଦି କୌଣସି ଟେଣ୍ଡର ଦାତା କିମ୍ବା ପ୍ରାଧିକୃତ ବ୍ୟକ୍ତି ଉପସ୍ଥିତ ନଥିବେ, ତେବେ ମଧ ଉପରୋକ୍ତ ଟେଣ୍ଡର ନିର୍ଦ୍ଧାରିତ ସମୟରେ ଖୋଲାଯିବାର ବ୍ୟବସ୍ଥା ରଖାଯାଇଛି |

| କ୍ର. ନଂ. | ଉସର ନାମ | ସମୟ ଅବଧୀ | ସର୍ବନିମ୍ନ ମୂଲ୍ୟାଙ୍କନ ଟଙ୍କାରେ | ଟେଣ୍ଡର ଦାତାଙ୍କ ସର୍ବୋଚ ମୂଲ୍ୟ |
|---|---|---|---|---|
| ୧. | ବିଜ୍ଞାପନ ବୋର୍ଡ ( ହୋଡିଙ୍ଗସ ) | ୧ବର୍ଷ(ତା୦୧/୦୯/୨୦୨୫ ଠାରୁ ତା ୩୧/୦୮/୨୦୨୬ ପର୍ଯ୍ୟନ୍ତ ) | ୫,୭୪ ,୭୫୦.୦୦/- | |

ସ୍ୱା/-ନିର୍ବାହୀ ଅଧିକାରୀ
ଢେଙ୍କାନାଳ ପୌରପାଳିକା
OIPR 13146/11/0045/2526

**ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ** IDFC FIRST Bank
(ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ ,ଆଇଡିଏଫସି ବ୍ୟାଙ୍କ ଲିମିଟେଡ ସହିତ ମିଶ୍ରଣ ଓ ବର୍ତ୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ ଭାବେ ପରିଚିତ)
**ସିଆଇଏନ:** ଏଲ୬୫୧୧୦ଟିଏନ୨୦୧୪ପିଏଲସି୭୭୯୨
**ପଞ୍ଜିକୃତ କାର୍ଯ୍ୟାଳୟ**-କେଆରଏମ ଟାୱାର,ଅଷ୍ଟମ ମହଲା, ହ୍ୟାରିଂଟନ ରୋଡ,ଚେଟପେଟ,ଚେନ୍ନାଇ-୬୦୦୦୩୧
ଟେଲିଫୋନ:+୯୧ ୪୪ ୪୫୬୪ ୪୦୦୦ ଫାକ୍ସ :+୯୧ ୪୪ ୪୫୬୪ ୪୦୨୨

**ସିକ୍ୟୁରିଟାଇଜେସନ ଓ ରିକନଷ୍ଟ୍ରକସନ ଅଫ ଫାଇନାନସିଆଲ ଆସେଟ୍‌ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ ସିକ୍ୟୁରିଟ୍ ଇଣ୍ଟ୍ରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅଧିନରେ ନୋଟିସ**

ନିମ୍ନଲିଖିତ ରଣଗ୍ରହୀତା ଓ ସହ -ରଣ ଗ୍ରହୀତା ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ **(ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ,ଆଇଡିଏଫସି ବ୍ୟାଙ୍କ ଲିମିଟେଡ ସହିତ ମିଶ୍ରଣ ଓ ବର୍ତ୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ ଭାବେ ପରିଚିତ)**ରୁ ନିମ୍ନ ପ୍ରଦତ୍ତ ସିକ୍ୟୁରଡ ଋଣ ଉପଲବ୍ଧ କରିଥିଲେ । ନିମ୍ନ ଲିଖିତ ରଣଗ୍ରହୀତା ଓ ସହ- ରଣ ଗ୍ରହୀତାଙ୍କ ରଣ ସେମାନଙ୍କର ସମ୍ପତ୍ତି ବନ୍ଧକ ଦ୍ୱାରା ସିକ୍ୟୁର୍ଡ ହୋଇଅଛି । ଯେ ହେତୁ ସେମାନେ ଋଣ ଚୁକ୍ତିନାମାର ଟର୍ମସ ଓ କଣ୍ଡିସନ ପାଳନ କରିବାରେ ବିଫଳ ହୋଇଛନ୍ତି ଓ ଏହା ନିୟମିତ ହୋଇଥିବା ଦୃଷ୍ଟିରୁ ସେମାନଙ୍କର ରଣ ଆରବିଆଇ ଗାଇଡ ଲାଇନ ଅନୁଯାୟୀ ଏନପିଏ ଭାବେ କ୍ଲାସିଫାଇଡ ହୋଇ ଯାଇଛି । ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ (ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ ,ଆଇଡିଏଫସି ବ୍ୟାଙ୍କ ଲିମିଟେଡ ସହିତ ମିଶ୍ରଣ ଓ ବର୍ତ୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ ଭାବେ ପରିଚିତ)କୁ ପୈଠ କରିବାକୁ ଥିବା ଦେୟ ଜାରି କରା ଯାଇଥିବା ନୋଟିସରେ ଉଲ୍ଲେଖ ସହିତ ନିମ୍ନଲିଖିତ ଟେବୁଲରେ ତାହା ପ୍ରଦତ୍ତ ହୋଇଛି ଓ ମୋଟ ଦେୟ ଉପରେ ପରବର୍ତ୍ତୀ ସୁଧ ପ୍ରଯୁଜ୍ୟ ହେବା ସହିତ ତାହା ଚୁକ୍ତି ରେଟ ଅନୁଯାୟୀ ସେମାନଙ୍କର ରେସପେକ୍ଟିଭ ତାରିଖ ଠାରୁ ଚାର୍ଜଡ ହେବ ।

| କ୍ର. ନଂ | ରଣ ଆକାଉଣ୍ଟ ନଂ | ରଣର ପ୍ରକାର | ଧାରା ୧୩(୨) ନୋଟିସ ତାରିଖ | ଧାରା ୧୩ (୨) ନୋଟିସ ଅନୁଯାୟୀ ବକେୟା ରାଶି |
|---|---|---|---|---|
| ୧ | ୪୭୨୨୬୪୧୬ | ସମ୍ପତ୍ତି ବଦଳରେ ରଣ | ୩୧.୦୭.୨୦୨୫ | ୪,୭୨,୯୯୬.୪୯/- |

ରଣଗ୍ରହୀତା ଏବଂ ସହ ରଣଗ୍ରହୀତାଙ୍କ ନାମ: ୧. ହିମାଂଶୁ ଭୂଷଣ ମାର୍ଥା, ୨. ବିଭୂତି ଭୂଷଣ ମାର୍ଥା

ସମ୍ପତ୍ତି ଠିକଣା: ସ୍ଥାବର ସମ୍ପତ୍ତିର ସମସ୍ତ ଖଣ୍ଡ ଓ ଅଂଶବିଶେଷ, ଜିଲ୍ଲା ଅବସ୍ଥିତି: ଖୋର୍ଦ୍ଧା, ଏସଆର-ଖୋର୍ଦ୍ଧା, ତହସିଲ- ବେଗୁନିଆ, ନଂ ୨୭୫, ପିଏସ୍-ବେଗୁନିଆ, ନଂ ୧୧୮, ମୌଜା- ସିକୋ, ଖାତା ନଂ ୮୧୯/୭୬, ପ୍ଲଟ ନଂ. ୧୦୮୫/୨୫୧୭, ଏରିଆ ଏ.୦.୦୪୩ ଡିସିମିଲ, ପରିବର୍ତ୍ତିତ ଖାତା ନଂ ୭୧୪, ପ୍ଲଟ ନଂ ୧୦୮୫, ଏରିଆ ଏ.୦.୧୦୫ ଡିସିମିଲ ଅଧୀନ ଏବଂ ବାଉଣ୍ଡରୀ: ପୂର୍ବ- ବିକ୍ରେତା, ପଶ୍ଚିମ- ରାସ୍ତା, ଉତ୍ତର- ରାସ୍ତା, ଦକ୍ଷିଣ- ରାସ୍ତା ।

ଏତଦ୍ ଦ୍ୱାରା ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ (ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ, ଆଇଡିଏଫସି ବ୍ୟାଙ୍କ ଲିମିଟେଡ ସହିତ ମିଶ୍ରଣ ଓ ବର୍ତ୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ ଭାବେ ପରିଚିତ)କୁ ଉପରେ ପ୍ରଦତ୍ତ ଟେବୁଲରେ ଉଲ୍ଲିଖିତ ବିବରଣୀ ଅନୁଯାୟୀ ସେମାନଙ୍କର ରେସପେକ୍ଟିଭ ତାରିଖରୁ କଣ୍ଟ୍ରାକଟେଡ ରେଟ୍ ଅଫ ଇଣ୍ଟ୍ରେଷ୍ଟ ଓ ଅନ୍ୟାନ୍ୟ କଷ୍ଟ ଓ ଚାର୍ଜେସ ସହିତ ମୋଟ ଦେୟ ନୋଟିସ ପ୍ରକାଶ ପାଇବାର ୬୦ ଦିନ ମଧ୍ୟରେ ପୈଠ କରିବାକୁ ଆପଣଙ୍କୁ ଆହ୍ୱାନ କରା ଯାଉଛି । ଏଥିରେ ବିଫଳ ହେଲେ ନିମ୍ନ ସ୍ୱାକ୍ଷରିତ ସର୍ଫେଶୀ ଆଇନର ଧାରା ୧୩(୪) ଓ ଧାରା ୧୪ ଅଧିନରେ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ (ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ ,ଆଇଡିଏଫସି ବ୍ୟାଙ୍କ ଲିମିଟେଡ ସହିତ ମିଶ୍ରଣ ଓ ବର୍ତ୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ ଭାବେ ପରିଚିତ)କୁ ଦେବା ପାଇଁ ଥିବା ଆମାଉଣ୍ଟ ପାଇବା ସକାଶେ ବନ୍ଧକ ସମ୍ପତ୍ତି ବିରୋଧରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବ । ସହିତ ସଂପୃକ୍ତ ଆଇନର ଧାରା ୧୩(୧୩) ଅଧିନରେ ସିକ୍ୟୁର୍ଡ ସମ୍ପତ୍ତିକୁ କୌଣସି ପ୍ରକାରେ ବିକ୍ରି କିମ୍ବା ଅନ୍ୟ ଭାବେ ହସ୍ତାନ୍ତର କରିବା ପାଇଁ ଆପଣଙ୍କୁ ବାରଣ କରା ଯାଉଛି ।

ସ୍ୱା/-
ଅଧିକୃତ ଅଧିକାରୀ
**ତାରିଖ: ୨୨.୦୮.୨୦୨୫**
**ସ୍ଥାନ: ଓଡିଶା**
**ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ (ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ, ଆଇଡିଏଫସି ବ୍ୟାଙ୍କ ଲିମିଟେଡ ସହିତ ମିଶ୍ରଣ ଓ ବର୍ତ୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ ଭାବେ ପରିଚିତ)**



ନୂଆଦିଲ୍ଲୀ: ଗ୍ରୁପ କ୍ୟାପଟେନ ଶୁଭାଂଶୁ ଶୁକ୍ଲା ଅନ୍ତର୍ଜାତୀୟ ସ୍ପେସ୍ ଷ୍ଟେସନର ସଫଳ ଯାତ୍ରା ପରେ ଭାରତ ଫେରିଛନ୍ତି । ଗୁରୁବାର ଦିଲ୍ଲୀରେ ସେ ମହାକାଶ ଯାତ୍ରାର ଅନୁଭୂତି ବାଣ୍ଟିଥିଲେ । ଏହି ସମୟରେ ତାଙ୍କ ସହ ଇସ୍ରୋ ଅଧ୍ୟକ୍ଷ ଭି.ନାରାୟଣନ ଓ କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂହ ଉପସ୍ଥିତ ରହିଥିଲେ । ଶୁଭାଂଶୁ ଶୁକ୍ଲା କହିଥିଲେ, ଏହି ମିଶନ ପାଇଁ ମୋତେ ପଠା ଯାଇଥିବାରୁ ମୁଁ ସରକାରଙ୍କୁ ଧନ୍ୟବାଦ ଜଣାଉଛି ଓ ଇସ୍ରୋ ପାଖରେ କୃତଜ୍ଞ । ଦିଲ୍ଲୀ ମିଡିଆ ସେଣ୍ଟରରେ ସାମ୍ବାଦିକଙ୍କୁ ସମ୍ବୋଧନ କରି ଶୁଭାଂଶୁ କହିଥିଲେ- ମହାକାଶରେ ଶରୀର ୩-୪ ଦିନରେ ଆଡପ୍ଟ ହୋଇଯାଏ । ଏହି ମିଶନ ଅନେକ ଦିଗରୁ ସଫଳ ହୋଇଛି । ଏବେଠୁ ମିଶନର ଅନୁଭବ କୌଣସି ଟ୍ରେନିଂଠାରୁ ବହୁ ଅଧିକ । ଯେତେ ଟ୍ରେନିଂ ହେଉ ନା କାହିଁକି ଯେବେ ରକେଟ୍ ଚାଲେ, ତାର ଅନୁଭବ ଅବିଶ୍ୱସନୀୟ ହୋଇଥାଏ । ସେ କହିଥିଲେ, ଏବେ ସମୟ ବଦଳୁଛି, ପୂର୍ବ ତୁଳନାରେ ଏବେ ପିଲାମାନେ ଆଷ୍ଟ୍ରୋନଟ୍ ହେବା ପାଇଁ ଚାହୁଁଛନ୍ତି । ଇସ୍ରୋ ପ୍ରସ୍ତୁତ ଅଛି, ମୋ ପାଇଁ ଏହା ଅତ୍ୟନ୍ତ ସୁଖଦ ଅଟେ । ମହାକାଶକୁ ଯାତ୍ରା କରିବି ବୋଲି ମୁଁ କେବେ ଭାବି ନଥିଲି, କିନ୍ତୁ ସ୍ୱପ୍ନ ଦେଖିଲେ ଯାଇପାରିବେ ।

**ପ୍ରଧାନମନ୍ତ୍ରୀଙ୍କ ସହ ଟେଲିଫୋନରେ କଥା ହେଲେ ଫ୍ରାନ୍ସ ରାଷ୍ଟ୍ରପତି ମାକ୍ରୋଁ**

## ଭାରତ-ଫ୍ରାନ୍ସ ରଣନୀତିକ ସହଭାଗୀତାକୁ ଆହୁରି ମଜବୁତ କରିବ



ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁବାର ଫ୍ରାନ୍ସ ରାଷ୍ଟ୍ରପତି ମହାମହିମ ଇମାନୁଏଲ ମାକ୍ରୋଁଙ୍କ ଠାରୁ ଏକ ଫୋନ୍ କଲ୍ ପାଇ ତାଙ୍କ ସହିତ କଥା ହୋଇଛନ୍ତି । ଦୁଇ ନେତା ୟୁକ୍ରେନ ଏବଂ ପଶ୍ଚିମ ଏସିଆ କ୍ଷେତ୍ରରେ ଦେଖା ଦେଇଥିବା ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ଚାଲିଥିବା ପ୍ରୟାସ ଉପରେ ମତ ବିନିମୟ କରିଥିଲେ । ରାଷ୍ଟ୍ରପତି ମାକ୍ରୋଁ ୱାଶିଂଟନରେ ୟୁରୋପ, ଆମେରିକା ଏବଂ ୟୁକ୍ରେନର ନେତାମାନଙ୍କ ମଧ୍ୟରେ ହୋଇଥିବା ସାମ୍ପ୍ରତିକ ବୈଠକର ମୂଲ୍ୟାଙ୍କନ ବିଷୟରେ ମତ ରଖିଥିଲେ । ସେ ଗାଜା ପରିସ୍ଥିତି ଉପରେ ତାଙ୍କର ବିଚାର ମଧ୍ୟ ବ୍ୟକ୍ତ କରିଥିଲେ । ପ୍ରଧାନମନ୍ତ୍ରୀ ମୋଦୀ ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ଏବଂ ଶାନ୍ତି ଓ ସ୍ଥିରତାର ଶୀଘ୍ର ପୁନଃପ୍ରତିଷ୍ଠା ପାଇଁ ଭାରତର ନିରନ୍ତର ସମର୍ଥନକୁ ଦୋହରାଇଥିଲେ । ଦୁଇ ଦେଶର ନେତା ବାଣିଜ୍ୟ, ପ୍ରତିରକ୍ଷା, ବେସାମରିକ ପରମାଣୁ ସହଯୋଗ, ପ୍ରଯୁକ୍ତିବିଦ୍ୟା ଏବଂ ଶକ୍ତି କ୍ଷେତ୍ର ସମେତ ଦ୍ୱିପାକ୍ଷିକ ସହଯୋଗ କାର୍ଯ୍ୟସୂଚୀରେ ହୋଇଥିବା ଅଗ୍ରଗତିର ସମୀକ୍ଷା କରିଥିଲେ । ସେମାନେ ଭାରତ-ଫ୍ରାନ୍ସ ରଣନୀତିକ ସହଭାଗୀତାକୁ ସୁଦୃଢ଼ କରିବା ଏବଂ ୨୦୨୬କୁ ଉପଯୁକ୍ତ ଭାବରେ 'ନବୋନ୍ମେଷ ବର୍ଷ' ଭାବରେ ପାଳନ କରିବା ପାଇଁ ମିଳିତ ପ୍ରତିବଦ୍ଧତାକୁ ଦୋହରାଇଥିଲେ । ରାଷ୍ଟ୍ରପତି ମାକ୍ରୋଁ ମଧ୍ୟ ଭାରତ ଏବଂ ୟୁରୋପୀୟ ସଂଘ ମଧ୍ୟରେ ମୁକ୍ତ ବାଣିଜ୍ୟ ଚୁକ୍ତିନାମାର ଶୀଘ୍ର ସମ୍ପାଦନ ପ୍ରତି ସମର୍ଥନ ଜଣାଇଥିଲେ । ନେତାମାନେ ସମସ୍ତ ପ୍ରସଙ୍ଗରେ ଆପୋସ ସମ୍ପର୍କ ବଜାୟ ରଖିବାକୁ ସହମତ ହୋଇଥିଲେ ।

## ସଦନରେ ବିଭ୍ରାଟ ସୃଷ୍ଟିକୁ ନେଇ ବାଚସ୍ପତିଙ୍କ କ୍ଷୋଭ



ନୂଆଦିଲ୍ଲୀ: ଲୋକସଭା ବାଚସ୍ପତି ଶ୍ରୀ ଓମ୍ ବିର୍ଲା ସଦନରେ କ୍ରମାଗତ ଏବଂ ଯୋଜନାବଦ୍ଧ ବିଭ୍ରାଟ ସୃଷ୍ଟିକୁ ନେଇ ଦୁଃଖ ପ୍ରକାଶ କରିଛନ୍ତି । ଲୋକସଭା କିମ୍ବା ସଂସଦ ପରିସରରେ ସ୍ଲୋଗାନ ଦେବା, ପ୍ଲାକାର୍ଡ ପ୍ରଦର୍ଶନ କରିବା ଏବଂ ଯୋଜନାବଦ୍ଧ ବାଧା ସୃଷ୍ଟି କରିବା ଦ୍ୱାରା ସଂସଦୀୟ କାର୍ଯ୍ୟର ମର୍ଯ୍ୟାଦାକୁ କ୍ଷତି ପହଞ୍ଚାଉଛି ବୋଲି ଶ୍ରୀ ବିର୍ଲା ଉଲ୍ଲେଖ କରିଥିଲେ । ସେ କହିଥିଲେ ଯେ ଜନସାଧାରଣ ପ୍ରତିନିଧିମାନଙ୍କଠାରୁ ବହୁତ ଆଶା ରଖନ୍ତି । ତେଣୁ, ସେମାନେ ଗୃହରେ ସେମାନଙ୍କର ସମୟକୁ ଜନସ୍ୱାର୍ଥ ସହ ଜଡ଼ିତ ସମସ୍ୟା ଓ ପ୍ରସଙ୍ଗ ଏବଂ ଗୁରୁତ୍ୱପୂର୍ଣ୍ଣ ଆଇନ ଉପରେ ଗମ୍ଭୀର ଓ ଅର୍ଥପୂର୍ଣ୍ଣ ଆଲୋଚନା ପାଇଁ ଉପଯୋଗ କରିବା ଉଚିତ । ବାଚସ୍ପତି କହିଥିଲେ, ଅଧିବେଶନ ସମୟରେ ସେ ବିଭିନ୍ନ ରାଜନୈତିକ ବର୍ଗର ସଦସ୍ୟମାନଙ୍କୁ ଗୃହରେ କହିବା ଏବଂ ଗୁରୁତ୍ୱପୂର୍ଣ୍ଣ ଆଇନ ଓ ଜନସ୍ୱାର୍ଥ ସମ୍ବନ୍ଧୀୟ ପ୍ରସଙ୍ଗ ଉପରେ ଆଲୋଚନା କରିବା ପାଇଁ ପର୍ଯ୍ୟାପ୍ତ ସୁଯୋଗ ଦେଇଥିଲେ । ତଥାପି ଗୃହରେ କ୍ରମାଗତ ଅଚଳାବସ୍ଥା ଦୁର୍ଭାଗ୍ୟଜନକ ବୋଲି କହି ସେ ଦୁଃଖପ୍ରକାଶ କରିଥିଲେ । ସେ କହିଛନ୍ତି ଯେ ମୌସୁମୀ ଅଧିବେଶନରେ ଯେଉଁ ପ୍ରକାରର ଭାଷା ଏବଂ ଆଚରଣ ପ୍ରଦର୍ଶନ କରାଗଲା, ତାହା ସଂସଦର ମର୍ଯ୍ୟାଦା ଅନୁରୂପ ନୁହେଁ । ସଦନ ଭିତରେ ଏବଂ ବାହାରେ ସଦସ୍ୟମାନଙ୍କର ଭାଷା ସର୍ବଦା ସଂଯମତାପୂର୍ଣ୍ଣ ଏବଂ ଶାଳୀନ ହେବା ଉଚିତ ବୋଲି ସେ ମନେ ପକାଇ ଦେଇଥିଲେ । ସଦସ୍ୟମାନେ ସେମାନଙ୍କର କାର୍ଯ୍ୟ ଓ ଆଚରଣ ଜରିଆରେ ଦେଶ ଏବଂ ବିଶ୍ୱ ସମ୍ମୁଖରେ ଏକ ଉଦାହରଣ ସୃଷ୍ଟି କରନ୍ତୁ ବୋଲି ସେ ଅନୁରୋଧ କରିଥିଲେ । ଶ୍ରୀ ବିର୍ଲା ସୂଚନା ଦେଇ କହିଥିଲେ, ଅଧିବେଶନର କାର୍ଯ୍ୟସୂଚୀରେ ୪୧୯ଟି ତାରକା ଚିହ୍ନିତ ପ୍ରଶ୍ନ ସାମିଲ କରାଯାଇଥିଲା, କିନ୍ତୁ ଯୋଜନାବଦ୍ଧ ବିଭ୍ରାଟ ଯୋଗୁଁ ମାତ୍ର ୫୫ଟି ପ୍ରଶ୍ନର ମୌଖିକ ଉତ୍ତର ଦିଆଯାଇପାରିଲା । ସେ ଆହୁରି ସୂଚନା ଦେଇଥିଲେ, ଅଧିବେଶନ ଆରମ୍ଭରେ ସମସ୍ତ ଦଳ ନିଷ୍ପତ୍ତି ନେଇଥିଲେ ଯେ ଏହି ଅଧିବେଶନରେ ସଦନ ୧୨୦ ଘଣ୍ଟା ଚର୍ଚ୍ଚା ଏବଂ ଆଲୋଚନା କରିବ । ଅଧିବେଶନ ସମୟରେ ୧୪ଟି ସରକାରୀ ବିଲ୍ ଆଗତ କରାଯାଇଥିଲା ଏବଂ ୧୨ ଟି ବିଲ୍ ଗୃହୀତ ହୋଇଥିଲା ବୋଲି ଶ୍ରୀ ବିର୍ଲା ସୂଚନା ଦେଇଥିଲେ । ଶ୍ରୀ ବିର୍ଲା କହିଥିଲେ, 'ଅପରେସନ୍ ସିନ୍ଦୂର' ଉପରେ ଆଲୋଚନା ୨୮ ଜୁଲାଇ ୨୦୨୫ରେ ଆରମ୍ଭ ହୋଇଥିଲା ଏବଂ ୨୯ ଜୁଲାଇ ୨୦୨୫ରେ ପ୍ରଧାନମନ୍ତ୍ରୀଙ୍କ ଉତ୍ତର ସହିତ ଶେଷ ହୋଇଥିଲା । ୧୮ ଅଗଷ୍ଟ ୨୦୨୫ରେ ଭାରତର ମହାକାଶ କାର୍ଯ୍ୟକ୍ରମର ସଫଳତା ଉପରେ ଏକ ବିଶେଷ ଆଲୋଚନା ଆରମ୍ଭ ହୋଇଥିଲା ବୋଲି ସେ ସୂଚନା ଦେଇଥିଲେ ।

## ୧୮ ବର୍ଷ ବୟସରୁ ଊର୍ଦ୍ଧ୍ୱ ବ୍ୟକ୍ତିର ହେବ ନାହିଁ ଆଧାର କାର୍ଡ: ମୁଖ୍ୟମନ୍ତ୍ରୀ



ଗୁଆହାଟି: ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ଗୁରୁବାର କହିଛନ୍ତି ଯେ ଅବୈଧ ପ୍ରବାସୀମାନଙ୍କୁ ଭାରତୀୟ ନାଗରିକତା ହାସଲ କରିବାରୁ ରୋକିବା ପାଇଁ ଏକ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ, ରାଜ୍ୟରେ ପ୍ରଥମ ଥର ପାଇଁ ୧୮ ବର୍ଷରୁ ଅଧିକ ବୟସର ବ୍ୟକ୍ତିମାନେ ଆଧାର କାର୍ଡ ପାଇପାରିବେ ନାହିଁ । ସେ କ୍ୟାବିନେଟ ବୈଠକ ପରେ ସାମ୍ବାଦିକମାନଙ୍କୁ କହିଥିଲେ ଯେ ୧୮ ବର୍ଷରୁ ଅଧିକ ବୟସର ବ୍ୟକ୍ତିମାନଙ୍କୁ ଆଧାର କାର୍ଡ ପାଇଁ ଆବେଦନ କରିବା ପାଇଁ କେବଳ ଗୋଟିଏ ମାସ ସମୟ ଦିଆଯିବ, ଯଦି ସେମାନେ ଏପର୍ଯ୍ୟନ୍ତ ଆଧାର କାର୍ଡ ପାଇ ନାହାଁନ୍ତି । ତଥାପି, ସେ କହିଛନ୍ତି ଯେ ଚା' ବଗିଚାରେ ରହୁଥିବା ଆଦିବାସୀ, ୧୮ ବର୍ଷରୁ ଅଧିକ ବୟସର ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ଲୋକଙ୍କୁ ଆଗାମୀ ଏକ ବର୍ଷ ପାଇଁ ଆଧାର କାର୍ଡ ପ୍ରଦାନ କରାଯିବ । ଶର୍ମା କହିଛନ୍ତି, 'ନାଗରିକଙ୍କ ପରିଚୟର ପ୍ରାମାଣିକତା ସୁନିଶ୍ଚିତ କରିବା ପ୍ରୟାସର ଏକ ଅଂଶ ଭାବରେ ଆଧାର କାର୍ଡ ପ୍ରଦାନ ଉପରେ ନିଷେଧ ନିଷ୍ପତ୍ତିକୁ ବିଚାର କରାଯାଉଛି । ଏହି ପଦକ୍ଷେପ ଗତ ଏକ ବର୍ଷ ମଧ୍ୟରେ ବାଂଲାଦେଶରୁ ସମ୍ଭାବ୍ୟ ଅନୁପ୍ରବେଶ ସମ୍ବନ୍ଧୀୟ ଚିନ୍ତାଧାରା ସମାଧାନ କରିବା ଉପରେ ସରକାରଙ୍କ ଧ୍ୟାନକୁ ପ୍ରତିଫଳିତ କରେ ।' ସେ ଆହୁରି କହିଛନ୍ତି ଯେ ଅନ୍ୟ ସମ୍ପ୍ରଦାୟର ଯେଉଁ ଲୋକମାନେ ଏପର୍ଯ୍ୟନ୍ତ ଆଧାର ପାଇ ନାହାଁନ୍ତି ସେମାନଙ୍କୁ ସେପ୍ଟେମ୍ବରରେ ଆବେଦନ କରିବାର ଶେଷ ସୁଯୋଗ ଦିଆଯିବ । ୧୮ ବର୍ଷରୁ ଅଧିକ ବୟସର ଯେଉଁମାନେ ଏପର୍ଯ୍ୟନ୍ତ ଆଧାର କାର୍ଡ ପାଇଁ ପଞ୍ଜୀକରଣ କରିନାହାଁନ୍ତି ସେମାନଙ୍କ ପାଇଁ ସେପ୍ଟେମ୍ବରରେ କେବଳ ଗୋଟିଏ ମାସର ସମୟ ଉପଲବ୍ଧ ହେବ ।

## ୨୦୨୬ ନିର୍ବାଚନ ଲଢ଼ିବ ଟିଭିକେ



ନୂଆଦିଲ୍ଲୀ: ଅଭିନେତା ବିଜୟଙ୍କ ଟିଭିକେ ଦଳ ଆସନ୍ତା ବର୍ଷ ତାମିଲନାଡୁ ବିଧାନସଭା ନିର୍ବାଚନରେ ରାଜନୈତିକ ପଦାର୍ପଣ କରିବ । ମାଦୁରାଇରେ ଅନୁଷ୍ଠିତ ଦଳର ଦ୍ୱିତୀୟ ରାଜ୍ୟ ସମ୍ମିଳନୀ ସମୟରେ, ବିଜୟ ସୂଚିତ କରିଥିଲେ ଯେ ତାଙ୍କ ଦଳ ଅନେକ ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିବ । ବିଜୟ ସ୍ପଷ୍ଟ କରିଛନ୍ତି ଯେ ତାଙ୍କ ଦଳ ଡିଏମକେ କିମ୍ବା ଭାଜପା ସହିତ ମେଣ୍ଟ କରିବ ନାହିଁ । ସେ କହିଛନ୍ତି ଯେ ଟିଭିକେ ସମ୍ପୂର୍ଣ୍ଣ ଏକାକୀ ନିର୍ବାଚନ ଲଢ଼ିବ । ବିଜୟ ଭାଜପାକୁ ଦଳର ଏକମାତ୍ର ଆଦର୍ଶଗତ ପ୍ରତିଦ୍ୱନ୍ଦ୍ୱୀ ଏବଂ ଡିଏମକେକୁ ଏକମାତ୍ର ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀ ବୋଲି ନାମିତ କରିଛନ୍ତି । ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ଯେ ତାମିଲନାଡୁରେ ୨୦୨୬ ନିର୍ବାଚନ କେବଳ ଡିଏମକେ ଏବଂ ଟିଭିକେ ମଧ୍ୟରେ ହେବ ।

## ଛାତିଶଗଡ଼ ପ୍ରତିନିଧି ଦଳଙ୍କ ଜାପାନ ଏବଂ ଦକ୍ଷିଣ କୋରିଆ ଗସ୍ତ



ରାୟପୁର: ଭାରତ ସରକାରଙ୍କ ଭାରତୀୟ ବାଣିଜ୍ୟ ପ୍ରୋତ୍ସାହନ ସଂଗଠନ (ଆଇଟିପିଓ)ର ନିମନ୍ତ୍ରଣ କ୍ରମେ, ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେବ ସାଏଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଗୁରୁବାର ଜାପାନ ଏବଂ ଦକ୍ଷିଣ କୋରିଆକୁ ସରକାରୀ ଗସ୍ତରେ ଯାଇଛି । ଏହି ଗସ୍ତର ଉଦ୍ଦେଶ୍ୟ ହେଉଛି ଛତିଶଗଡ଼କୁ ବିଶ୍ୱ ନିବେଶ ମାନଚିତ୍ରରେ ପ୍ରତିଷ୍ଠା କରିବା । ଟୋକିଓରେ (୨୨-୨୪ ଅଗଷ୍ଟ) ପ୍ରତିନିଧି ଦଳ ଜାପାନୀ ଶିଳ୍ପପତି, ବାଣିଜ୍ୟ ସଂଗଠନ ଏବଂ ନିବେଶକଙ୍କ ସହିତ ନିବେଶକ ସଂଯୋଗ ଅଧିବେଶନ ଏବଂ ବ୍ୟବସାୟିକ ବୈଠକରେ ଅଂଶଗ୍ରହଣ କରିବେ । ଏହା ପରେ, ମୁଖ୍ୟମନ୍ତ୍ରୀ ଓସାକାରେ (୨୫-୨୬ ଅଗଷ୍ଟ) ସାଇ ବିଶ୍ୱ ଏକ୍ସପୋ ୨୦୨୫ ରେ ଯୋଗଦେବେ ଏବଂ ବିଭିନ୍ନ ଅଂଶୀଦାରଙ୍କ ସହିତ ଛତିଶଗଡ଼ରେ ନିବେଶ ସୁଯୋଗ ବିଷୟରେ ଆଲୋଚନା କରିବେ । ଗସ୍ତର ଶେଷ ପର୍ଯ୍ୟାୟ ସିଓଲରେ (୨୭-୨୯ ଅଗଷ୍ଟ) ଅନୁଷ୍ଠିତ ହେବ, ଯେଉଁଠାରେ ନିବେଶକ ଗୋଲଟେବୁଲ, କୋରିଆର ଶ୍ରେଷ୍ଠ କମ୍ପାନୀ ଏବଂ ବାଣିଜ୍ୟ ସଂଗଠନ ସହିତ ବୈଠକ ଏବଂ କ୍ଷେତ୍ର-ନିର୍ଦ୍ଦିଷ୍ଟ ଆଲୋଚନା ଅନୁଷ୍ଠିତ ହେବ । ଓସାକାରେ ବିଶ୍ୱ ଏକ୍ସପୋ ୨୦୨୫ରେ ଭାରତ ମଣ୍ଡପମ ଅଧୀନରେ ଛତିଶଗଡ଼ ପାଭିଲିୟନ ମାଧ୍ୟମରେ ଛତିଶଗଡ଼ର ସମୃଦ୍ଧ ଐତିହ୍ୟ, ନବସୃଜନର ସଂସ୍କୃତି ଏବଂ ଉଦୀୟମାନ ଭବିଷ୍ୟତ-ମୁଖୀ କ୍ଷେତ୍ରଗୁଡ଼ିକୁ ବିଶ୍ୱ ଦର୍ଶକଙ୍କ ସମ୍ମୁଖରେ ଉପସ୍ଥାପନ କରାଯିବ । ରାଜ୍ୟର ଅନନ୍ୟ ପରିଚୟକୁ ପ୍ରତିଫଳିତ କରିବା ଲକ୍ଷ୍ୟରେ ଏହି ପାଭିଲିୟନ ଡିଜାଇନ୍ କରାଯାଇଛି । ଏହା ଶିଳ୍ପ ବିକାଶ, ନବୀକରଣୀୟ ଶକ୍ତି, ସୂଚନା ପ୍ରଯୁକ୍ତିବିଦ୍ୟା ଏବଂ ସ୍ଥାୟୀ ବିକାଶ ଭଳି ପ୍ରମୁଖ କେନ୍ଦ୍ରିତ କ୍ଷେତ୍ରଗୁଡ଼ିକୁ କଭର କରେ । ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେବ ସାଏ ଦୀର୍ଘକାଳୀନ ସହଭାଗୀତା ସ୍ଥାପନ, ନୂତନ ବ୍ୟବସାୟିକ ଚ୍ୟାନେଲ ଖୋଲିବା ଏବଂ ପ୍ରଯୁକ୍ତିବିଦ୍ୟା ଏବଂ ନବସୃଜନ କ୍ଷେତ୍ରରେ ଜ୍ଞାନ ଆଦାନପ୍ରଦାନକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଜାପାନ ଏବଂ କୋରିଆର ଶିଳ୍ପପତି, ବାଣିଜ୍ୟ ସଂଗଠନ ଏବଂ ବିଶ୍ୱ ନିବେଶକଙ୍କ ସହିତ ସିଧାସଳଖ ଆଲୋଚନା କରିବେ । ବିଶ୍ୱର ସର୍ବବୃହତ ନବସୃଜନ ଏବଂ ସହଯୋଗ ପ୍ଲାଟଫର୍ମ ମଧ୍ୟରୁ ଗୋଟିଏରେ ଅଂଶଗ୍ରହଣ କରି, ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ ଏହି ସୁଯୋଗକୁ ଇସ୍ପାତ, ଖଣି, ସ୍ୱଚ୍ଛ ଶକ୍ତି ଏବଂ ଷ୍ଟାର୍ଟଅପ୍ ଭଳି କ୍ଷେତ୍ରରେ ନିବେଶ ଆକର୍ଷିତ କରିବା ପାଇଁ ବ୍ୟବହାର କରିବେ ।

**'କର୍ମଚାରୀ ସଂକଳ୍ପ ସମ୍ମିଳନୀ'କୁ ସମ୍ବୋଧନ କଲେ କେନ୍ଦ୍ର ମନ୍ତ୍ରୀ**

## 'ପ୍ରତ୍ୟେକ ଦିବସର ସଦୁପଯୋଗ କରି ରାଷ୍ଟ୍ର ନିର୍ମାଣରେ ଯୋଗଦିଅ'




ନୂଆଦିଲ୍ଲୀ: ନୂଆଦିଲ୍ଲୀରେ ଗୁରୁବାର ଆୟୋଜିତ 'କର୍ମଚାରୀ ସଂକଳ୍ପ ସମ୍ମିଳନୀ'ରେ ଉଦବୋଧନ ଦେଇଛନ୍ତି କେନ୍ଦ୍ର କୃଷି ଏବଂ କୃଷକ କଲ୍ୟାଣ ଏବଂ ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନ । ଏହି ଅବସରରେ କେନ୍ଦ୍ର କୃଷି ଏବଂ କୃଷକ କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଭାଗୀରଥ ଚୌଧୁରୀ, କୃଷି ସଚିବ ଦେବେଶ ଚତୁର୍ବେଦୀ, ଗ୍ରାମୀଣ ବିକାଶ ସଚିବ ଶୈଳେଶ କୁମାର ସିଂହ ଏବଂ ଆଇସିଏଆରର ମହାନିର୍ଦ୍ଦେଶକ ଡକ୍ଟର ଏମ୍.ଏଲ୍. ଜାଟଙ୍କ ସମେତ ଉଭୟ ମନ୍ତ୍ରଣାଳୟର ଅଧିକାରୀ ଏବଂ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ । ଏହି ଅବସରରେ, କର୍ମଚାରୀ ଏବଂ ଅଧିକାରୀମାନଙ୍କୁ ସମ୍ବୋଧିତ କରି କେନ୍ଦ୍ରମନ୍ତ୍ରୀ କହିଥିଲେ ଯେ ଜୀବନର ପ୍ରତ୍ୟେକ ଦିନ, ପ୍ରତ୍ୟେକ ମୁହୂର୍ତ୍ତ ଗୁରୁତ୍ୱପୂର୍ଣ୍ଣ, ପ୍ରତ୍ୟେକେ ଲୋକଙ୍କ ଜୀବନକୁ ଉନ୍ନତ କରିବାରେ ଯୋଗଦାନ ଦେବା ଉଚିତ । କେନ୍ଦ୍ରମନ୍ତ୍ରୀ କହିଥିଲେ ଯେ ଦେଶର ବିକାଶରେ କୃଷି ବିଭାଗ, ଆଇସିଏଆର ଏବଂ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଖରିଫ ଫସଲ ପାଇଁ 'ବିକଶିତ କୃଷି ସଂକଳ୍ପ ଅଭିଯାନ'କୁ ଐତିହାସିକ ବୋଲି ବର୍ଣ୍ଣନା କରି ସେ କହିଛନ୍ତି ଯେ ଏହି ଅଭିଯାନ କୃଷି କ୍ଷେତ୍ରର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଶିବରାଜ ସିଂହ କହିଛନ୍ତି ଯେ ଆଜି ଦେଶରେ ଖାଦ୍ୟ ଭଣ୍ଡାର ପୂର୍ଣ୍ଣ ହୋଇଛି, କିନ୍ତୁ କିଛି ଚ୍ୟାଲେଞ୍ଜ ମଧ୍ୟ ରହିଛି । ଆମକୁ ଡାଲି, ତୈଳବୀଜ, କପା ଏବଂ ପ୍ରାକୃତିକ କୃଷି ଉତ୍ପାଦନ ବୃଦ୍ଧି କରିବା ଦିଗରେ ଅଧିକ ଦୃଢ଼ ଭାବରେ ଆଗକୁ ବଢ଼ିବାକୁ ପଡିବ । ଏଥିରେ ଆପଣଙ୍କ ସହଯୋଗ ଆଶା କରାଯାଉଛି । ଶ୍ରୀ ଶିବରାଜ ସିଂହ ଚୌହାନ ପ୍ରଧାନମନ୍ତ୍ରୀଙ୍କ ରାଷ୍ଟ୍ର ସର୍ବୋଚ୍ଚ ନୀତିର ବ୍ୟାଖ୍ୟା କରି କହିଛନ୍ତି ଯେ ଭାରତ ସର୍ବଦା ବିଶ୍ୱ ସମ୍ମୁଖରେ ନିଜର ଦୃଢ଼ ପ୍ରତିଛବି ଉପସ୍ଥାପନ କରିଆସିଛି ।

# ବାଣିଜ୍ୟ



ନୂଆଦିଲ୍ଲୀ: ଅଗ୍ରଣୀ ଇଲେକଟ୍ରିକ ମୋଟରସାଇକେଲ ନିର୍ମାତା କମ୍ପାନୀ ଓବେନ ଇଲେକଟ୍ରିକ ଆନ୍ଧ୍ରପ୍ରଦେଶ ବିଶାଖାପଟନାରେ ଏହାର ୫୦ ତମ ଶୋ'ରୁମର ଉଦଘାଟନ କରିଛି । କମ୍ପାନୀ ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଦେଶବ୍ୟାପୀ ୧୫୦ରୁ ଊର୍ଦ୍ଧ୍ୱ ଶୋରୁମ ଏବଂ ସର୍ଭିସ ସେଂଟର ଖୋଲିବାର ଲକ୍ଷ୍ୟ ରହିଛି । ଏହି କମ୍ପାନୀ ନିକଟରେ ବିଶାଖାପଟନା ଏବଂ ଗୁଂଟୁରେ (ଆନ୍ଧ୍ରପ୍ରଦେଶ), ରାଂଚି (ଝାଡଖଣ୍ଡ), ଜବଲପୁର (ମଧ୍ୟପ୍ରଦେଶ), ଆଲିଗଡ ଏବଂ ଉନ୍ନାଓ (ଉତରପ୍ରଦେଶ) ଏବଂ ପାଲକ୍କଡ(କେରଳ)ରେ ସଂପ୍ରସାରିତ ହୋଇଛି । ନୂତନ ଭାବରେ ଶୁଭାରମ୍ଭ ହୋଇଥିବା ଏହି ନୂଆ 'ରୋର ଇଜେଡ ସିଗମା' ଆଧୁନିକ ଭାରତୀୟଙ୍କ ଆବଶ୍ୟକତାକୁ ଦେଖି ପ୍ରସ୍ତୁତ ହୋଇଛି । ଏହି ସଫଳତା ବିଷୟରେ ପ୍ରତିକ୍ରିୟା ଦେଇ ଓବେନ ଇଲେକଟ୍ରିକର ପ୍ରତିଷ୍ଠାତା ଏବଂ ସିଇଓ ମଧୁମିତା ଅଗ୍ରାୱାଲ କହିଛନ୍ତି ଯେ, 'ଓବେନ ଇଲେକଟ୍ରିକର ୫୦ ତମ ଡିଲରସିପ ସମଗ୍ର ଭାରତରେ ଇଲେକଟ୍ରିକ ଚଳନକ୍ଷମତା ବା ମୋବିଲିଟିକୁ ପଂହଚାଇବାରେ ଆମର ଏକ ଦୃଢ ପଦକ୍ଷେପକୁ ଦର୍ଶାଉଛି । ଆନ୍ଧ୍ରପ୍ରଦେଶ ବିଶାଖାପଟନାରେ ନୂତନ ଶୋ'ରୁମ ଆମ ପାଇଁ ଏକ ଗର୍ବର ବିଷୟ ।'

## ଟିପିଏସ୍ଓଡିଏଲ୍‌ରେ ଧନ୍ଦାମୂଳକ ତାଲିମ କେନ୍ଦ୍ର ଉଦଘାଟିତ




ବ୍ରହ୍ମପୁର (ଭାସ୍କର ନ୍ୟୁଜ୍): ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟାଟା ପାୱାର ଓ ଓଡ଼ିଶା ସରକାରଙ୍କର ଯୌଥ ଉଦ୍ୟୋଗ) ପକ୍ଷରୁ ଗାମ ଜିଲ୍ଲାରେ ଦୁଇଟି ନୂଆ ଅଫିସ ଓ ଗୋଟିଏ ଧନ୍ଦାମୂଳକ ତାଲିମ କେନ୍ଦ୍ର ଉଦଘାଟିତ ହୋଇଛି । ଆସିକାର ତାଲୁକା ରୋଡଠାରେ ନୂଆ ଡିଭିଜନ୍ ଅଫିସ, ନୂଆଗାଁଠାରେ ନୂତନ ସେକ୍ସନ୍ ଅଫିସ ଓ ସମରଝୋଳଠାରେ ଧନ୍ଦାମୂଳକ ତାଲିମ କେନ୍ଦ୍ର ପ୍ରତିଷ୍ଠା ହୋଇଛି । ଆସିକା ଇଲେକଟ୍ରିକାଲ୍ ଡିଭିଜନ୍ (୧)ର ନୂତନ ଅଫିସ ଆସିକା ଓ ଏହାର ଆଖପାଖ ଅଞ୍ଚଳର ଉପଭୋକ୍ତାମାନଙ୍କୁ ଗୁଣାତ୍ମକ ବିଜୁଳି ଯୋଗାଣରେ ସହାୟକ ହେବା ସହ ସମୟସାପେକ୍ଷ ସେବା ଯୋଗାଇ ପାରିବ । ଏହି ଅଫିସରେ ସମସ୍ତ ମୌଳିକ ସୁବିଧା ଉପଲବ୍ଧ ରହିଛି । ଏହାସହ ଉପଭୋକ୍ତା ନିମନ୍ତେ ବସିବା ସୁବିଧା ଓ କ୍ୟାସ୍ କାଉଣ୍ଟରର ବ୍ୟବସ୍ଥା ହୋଇଛି, ଯାହା ସହଜ ଓ ଉପଭୋକ୍ତା ଅନୁକୂଳ ସେବା ପ୍ରଦାନରେ ସକ୍ଷମ ହେବ । ସେହିଭଳି ସମରଝୋଳଠାରେ ଧନ୍ଦାମୂଳକ ତାଲିମ କେନ୍ଦ୍ର ପ୍ରତିଷ୍ଠା କରି ଗୋଷ୍ଠୀ ବିକାଶ କ୍ଷେତ୍ରରେ କମ୍ପାନୀ ନିଜର ପ୍ରତିବଦ୍ଧତାକୁ ଦର୍ଶାଇଛି । ଅନ୍ୟପକ୍ଷରେ ଟିପିଏସ୍ଓଡିଏଲ୍ ପକ୍ଷରୁ ଆସିକା ଅନ୍ତର୍ଗତ ନୂଆଗାଁ ଇଲେକଟ୍ରିକାଲ୍ ସେକ୍ସନ-୧ ର ନୂତନ ଅଫିସ ଉଦଘାଟିତ ହୋଇଛି । ଏହି ନୂତନ ଭିତ୍ତିଭୂମି କର୍ମଚାରୀମାନଙ୍କୁ ଉନ୍ନତ କାର୍ଯ୍ୟକ୍ଷେତ୍ର ଯୋଗାଇଦେବା ସହ ଉପଭୋକ୍ତା ସେବାକୁ ସୁଦୃଢ଼ କରିବ । ଟିପିଏସ୍ଓଡିଏଲ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ ଏସମ୍ପର୍କରେ କହିଛନ୍ତି ଯେ, 'ନୂତନ ଭିତ୍ତିଭୂମି ଓ ତାଲିମ କେନ୍ଦ୍ରର ନିର୍ମାଣ ଉପଭୋକ୍ତା ସେବାରେ ଉନ୍ନତି ଆଣିବା ସହ ସ୍ଥାନୀୟ ସଂପ୍ରଦାୟକୁ ଅଧିକ ସଶକ୍ତ କରିବ । ଆସିକା ଓ ନୂଆଗାଁରେ ନୂତନ କାର୍ଯ୍ୟାଳୟ ସେବା ଯୋଗାଣ କ୍ଷେତ୍ରକୁ ଅଧିକ ବଳ ଯୋଗାଇବା ସହ ସମରଝୋଳରେ ନୂଆ ତାଲିମ କେନ୍ଦ୍ର ସ୍ଥାନୀୟ ଯୁବକମାନଙ୍କ ପାଇଁ ନିଯୁକ୍ତି ଓ ଦକ୍ଷତା ବିକାଶର ସୁଯୋଗ ଆଣିବ । ଆମର ଏହି ପଦକ୍ଷେପ ଦକ୍ଷିଣ ଓଡ଼ିଶାରେ ଉଭୟ ପ୍ରଗତି ଓ ଅନ୍ତର୍ଭୁକ୍ତୀକରଣକୁ ସୁନିଶ୍ଚିତ କରିବ ।'

## କେୟାର ହସ୍ପିଟାଲରେ ପ୍ରଥମ ୩ଡି-ଗାଇଡେଡ୍ ସିମେଣ୍ଟଲେସ୍ ଆଣ୍ଠୁ ପ୍ରତିରୋପଣ




ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): କେୟାର ହସ୍ପିଟାଲ୍ସ, ଭୁବନେଶ୍ୱର ଅସ୍ଥିଶଲ୍ୟ ଚିକିତ୍ସାରେ ଏକ ନୂତନ ମାନଦଣ୍ଡ ସ୍ଥାପନ କରିଛି । ପ୍ରସିଦ୍ଧ ଅସ୍ଥିଶଲ୍ୟ ସର୍ଜନ ଏବଂ ଲଣ୍ଡନ-ପ୍ରଶିକ୍ଷିତ ବିଶେଷଜ୍ଞ ଡକ୍ଟର ସନ୍ଦୀପ ସିଂହ ସିମେଣ୍ଟ-ବିହୀନ ଇଣ୍ଟ ବ୍ୟବହାର କରି ପୂର୍ବ ଭାରତର ପ୍ରଥମ ରୋବୋଟିକ୍, ୩ଡି-ଗାଇଡେଡ୍ ଆଂଠୁ ପ୍ରତିରୋପଣ ସଫଳତାର ସହିତ କରିଛନ୍ତି । ଏହି ଯୁଗାନ୍ତକାରୀ ପ୍ରକ୍ରିୟା ରୋଗୀ-କେନ୍ଦ୍ରିକ ଅସ୍ଥିଶଲ୍ୟ ଚିକିତ୍ସାରେ ଏକ ପ୍ରମୁଖ ଉନ୍ନତିକୁ ପ୍ରତିନିଧିତ୍ୱ କରେ । ଏହି ଉନ୍ନତ ପ୍ରକାର ଚିକିତ୍ସାର ପ୍ରଥମ ବ୍ୟକ୍ତି ଥିଲେ ଭୁବନେଶ୍ୱରର ଜଣେ ୫୮ ବର୍ଷୀୟ ଅବସରପ୍ରାପ୍ତ ଶିକ୍ଷକ (ସଠିକ୍ ରୋଗୀ ବିବରଣୀ) ଯିଏ ଗମ୍ଭୀର ଆଂଠୁ ଗଣ୍ଠିବାତରେ ପୀଡିତ ଥିଲେ । ଏହି ସଫଳତା ବିଷୟରେ ଡାକ୍ତର ସନ୍ଦୀପ ସିଂହ କହିଛନ୍ତି, 'କେୟାର ହସ୍ପିଟାଲରେ, ଆମର ଅର୍ଥୋପେଡିକ୍ସ ବିଭାଗ ସର୍ବଦା ଉନ୍ନତ ପ୍ରଯୁକ୍ତିବିଦ୍ୟା ଗ୍ରହଣ କରିବାରେ ଆଗରେ ରହିଛି । ରୋବୋଟିକ୍ସ ଏବଂ ୩ଡି-ଗାଇଡେଡ୍ ସର୍ଜରୀ ସହିତ, ଆମେ ଅଧିକ ସଠିକତା, ଉତ୍ତମ ଫଳାଫଳ ଏବଂ ରୋଗୀଙ୍କ ଜୀବନର ଗୁଣବତ୍ତାରେ ଏକ ଗୁରୁତ୍ୱପୂର୍ଣ୍ଣ ଉନ୍ନତି ହାସଲ କରିପାରିବା । ଲଣ୍ଡନ-ପ୍ରଶିକ୍ଷିତ ସର୍ଜନ ଭାବରେ, ଡାକ୍ତର ସିଂହ ଓଡ଼ିଶାରେ ସର୍ବୋତ୍ତମ ବିଶ୍ୱସ୍ତରୀୟ ଅଭ୍ୟାସଗୁଡ଼ିକୁ ନିରନ୍ତର କାର୍ଯ୍ୟକାରୀ କରିଛନ୍ତି ଏବଂ ଏହି ଅଞ୍ଚଳରେ ଅର୍ଥୋପେଡିକ୍ସ ଯତ୍ନର ମାନଦଣ୍ଡକୁ ଉନ୍ନତ କରିଛନ୍ତି । ତାଙ୍କର ବିଶେଷଜ୍ଞତା ଏବଂ କେୟାର ହସ୍ପିଟାଲର ନବସୃଜନ-କେନ୍ଦ୍ରିକ ଆଭିମୁଖ୍ୟ ପୂର୍ବ ଭାରତରେ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ପଥ ପ୍ରଶସ୍ତ କରୁଛି ଓ ଏହି ସଫଳତା କେବଳ ଚିକିତ୍ସା ଜଗତରେ ଏକ ମାଇଲଖୁଣ୍ଟ ନୁହେଁ ବରଂ ଏହା ଗୁରୁତର ଆଣ୍ଠୁ ରୋଗରେ ପୀଡିତ ରୋଗୀଙ୍କ ପାଇଁ ଆଶାର ଏକ ନୂତନ ଯୁଗର ଚିହ୍ନିତ କରେ ।

## ୫୧୦୦ ଛାତ୍ରଛାତ୍ରୀଙ୍କୁ ଛାତ୍ରବୃତ୍ତି ଦେବ ରିଲାଏନ୍ସ ଫାଉଣ୍ଡେସନ



ନୂଆଦିଲ୍ଲୀ: ରିଲାଏନ୍ସ ଫାଉଣ୍ଡେସନ ୨୦୨୫-୨୬ ଶିକ୍ଷାବର୍ଷ ପାଇଁ ୫୧୦୦ ଛାତ୍ରଛାତ୍ରୀଙ୍କୁ ଛାତ୍ରବୃତ୍ତି ପ୍ରଦାନ କରିବ । କେବଳ ପ୍ରଥମ ବର୍ଷର ନିୟମିତ ସ୍ନାତକ ଏବଂ ସ୍ନାତକୋତ୍ତର ଛାତ୍ରଛାତ୍ରୀମାନେ ଛାତ୍ରବୃତ୍ତି ପାଇଁ ଆବେଦନ କରିପାରିବେ । ଉଚ୍ଚଶିକ୍ଷା ପାଇଁ ଭାରତର ସର୍ବବୃହତ ଛାତ୍ରବୃତ୍ତି ପାଇଁ ଆବେଦନ କରିବାର ଶେଷ ତାରିଖ ୪ ଅକ୍ଟୋବର, ୨୦୨୫ ରହିଛି । ସୂଚନାଯୋଗ୍ୟ ଯେ ୨୦୨୨ରେ, ଧୀରୁଭାଇ ଅମ୍ବାନୀଙ୍କ ୯୦ତମ ଜନ୍ମବାର୍ଷିକୀରେ ରିଲାଏନ୍ସ ଫାଉଣ୍ଡେସନ ଅଧକ୍ଷା ନୀତା ଅମ୍ବାନୀ ୧୦ ବର୍ଷରେ ୫୦,୦୦୦ ଛାତ୍ରବୃତ୍ତି ଦେବାକୁ ଘୋଷଣା କରିଥିଲେ । ରିଲାଏନ୍ସ ଫାଉଣ୍ଡେସନ୍ ସ୍ନାତକ ସ୍ତରରେ ୫,୦୦୦ ଛାତ୍ରଛାତ୍ରୀମାନଙ୍କୁ ଏବଂ ସ୍ନାତକୋତ୍ତର ସ୍ତରରେ ୧୦୦ ଛାତ୍ରଛାତ୍ରୀମାନଙ୍କୁ ଛାତ୍ରବୃତ୍ତି ପ୍ରଦାନ କରିବ । ସ୍ନାତକ ଛାତ୍ରଛାତ୍ରୀଙ୍କୁ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଅନୁଦାନ ପ୍ରଦାନ କରାଯିବ । ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ଶୈକ୍ଷିକ ଯୋଗ୍ୟତା ଏବଂ ଆର୍ଥିକ ସ୍ଥିତି ଆଧାରରେ ଛାତ୍ରବୃତ୍ତି ପାଇଁ ଚୟନ କରାଯିବ । ଅନ୍ୟପକ୍ଷରେ, ଇଞ୍ଜିନିୟରିଂ, ପ୍ରଯୁକ୍ତିବିଦ୍ୟା, ଶକ୍ତି ଏବଂ ଲାଇଫ ସାଇନ୍ସର କିଛି ଚୟନିତ କ୍ଷେତ୍ରରେ ଭାରତର ୧୦୦ ଜଣ ପ୍ରତିଭାବାନ ଛାତ୍ରଛାତ୍ରୀଙ୍କୁ ସ୍ନାତକୋତ୍ତର ଛାତ୍ରବୃତ୍ତି ପ୍ରଦାନ କରାଯିବ । ରିଲାଏନ୍ସ ୨୯ ବର୍ଷରୁ ଅଧିକ ସମୟ ଧରି ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ଛାତ୍ରବୃତ୍ତି ଦେଇ ଆସୁଛି । ରିଲାଏନ୍ସ ଏପର୍ଯ୍ୟନ୍ତ ବିଭିନ୍ନ ମାଧ୍ୟମରେ ୨୮,୦୦୦ ରୁ ଅଧିକ ଛାତ୍ରବୃତ୍ତି ପ୍ରଦାନ କରିସାରିଛି । ଫାଉଣ୍ଡେସନ୍ ଅନୁଯାୟୀ, ଛାତ୍ରବୃତ୍ତି ପାଇଥିବା ଅଧିକାଂଶ ଛାତ୍ରଛାତ୍ରୀ ଆଜି ସେମାନଙ୍କ ବୃତ୍ତିଗତ ଜୀବନରେ ବହୁତ ଭଲ ସୁନାମ ଅର୍ଜନ କରୁଛନ୍ତି ଏବଂ ଭାରତର ପ୍ରଗତିରେ ଯୋଗଦାନ ଦେଉଛନ୍ତି ।

## ଆମାଜନ ପକ୍ଷରୁ ଡିଜିଟାଲ କ୍ରୟ ଆରମ୍ଭ

ନୂଆଦିଲ୍ଲୀ: ଆମାଜନ ବିଜନେସ୍ ଖୋଲିଯାଇଛି, ଯେଉଁଠାରେ ସମଗ୍ର ଭାରତରେ ଉଦ୍ୟମ ଏବଂ ଏଫ୍ଏସ୍ଏସଏଆଇ ଲାଇସେନ୍ସଧାରୀମାନେ ବର୍ତ୍ତମାନ ଆମାଜନ ବିଜନେସରେ ସାଇନ୍ ଅପ୍ କରିପାରିବେ । ବିଦ୍ୟମାନ ଜିଏସଟି ଏବଂ ବି-ପାନ୍ ବିକଳ୍ପ ସହିତ, ପାର୍ବଣ ଋତୁ ପୂର୍ବରୁ ଏହି ସମ୍ପ୍ରସାରଣ ଦେଶର ୫୦ ମିଲିୟନରୁ ଅଧିକ ଏମ୍ଏସ୍ଏମ୍ଇ (ସୂକ୍ଷ୍ମ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗର ୮୦ ପ୍ରତିଶତ) କୁ ଆମାଜନ ବ୍ୟବସାୟ ମାଧ୍ୟମରେ ଡିଜିଟାଲ୍ କ୍ରୟ ସୁବିଧା ପ୍ରଦାନ କରୁଛି । ଏ ସମ୍ପର୍କରେ ଆମାଜନ ବିଜନେସର ନିର୍ଦ୍ଦେଶକ ମିତ୍ରନ ଭାଦୁରୀ କହିଛନ୍ତି, 'ଅନେକ ବିକ୍ରେତା, ଅସଙ୍ଗତ ମୂଲ୍ୟ ଏବଂ ଲମ୍ବା ପ୍ରକ୍ରିୟା କାରଣରୁ ଏମଏସଏମଇ କ୍ରେତାମାନଙ୍କ ପାଇଁ, କ୍ରୟ ପ୍ରାୟତଃ ଏକ ଚକ୍ରବ୍ୟୁହ ପରି ହୋଇପାରେ । ଆମାଜନ ବିଜନେସରେ, ଆମେ ନିରନ୍ତର ଏହି ସମସ୍ୟାକୁ ସମାଧାନ କରିଆସୁଛି ଏବଂ କ୍ରୟକୁ ସରଳ, ଦକ୍ଷ କରିଆସୁଛୁ । ଉଦ୍ୟମ ଏବଂ ଏଫଏସଏସଏଆଇ ଭଳି ଅନ୍ୟାନ୍ୟ ବ୍ୟବସାୟ ଲାଇସେନ୍ସଧାରୀ ମାନେ ଆମାଜନ ବିଜନେସ ପ୍ରଦାନ କରୁଥିବା ସରଳୀକୃତ ଡିଜିଟାଲ୍ କ୍ରୟରୁ ମଧ୍ୟ ଲାଭ ପାଇବେ । ଏହି ସମ୍ପ୍ରସାରଣ ସହିତ, ଆମେ ଏବେ ଲକ୍ଷ ଲକ୍ଷ ବ୍ୟବସାୟକୁ ପ୍ରାମାଣିକ ଉତ୍ପାଦ, ପ୍ରତିଯୋଗିତାମୂଳକ ବଲ୍କ ମୂଲ୍ୟ, କ୍ରେଡିଟ୍ ଏବଂ ଅନେକ ଆମାଜନ ବି୨ବି ଲାଭ ପାଇବାକୁ ସକ୍ଷମ କରିଛୁ ଯାହା ଦ୍ୱାରା ସେମାନଙ୍କର କ୍ରୟକୁ ସୁଗମ କରାଯାଇପାରିବ ବୋଲି ଉଦ୍ୟୋଗ ଏବଂ ଏଫ୍ଏସ୍ଏସ୍ଏଆଇ ଧାରକମାନଙ୍କ ପାଇଁ ଆମାଜନ ବିଜନେସ୍ ଅନଲକ୍ ହେବା ସହିତ, କୃଷି ଏବଂ ଖାଦ୍ୟ ପ୍ରକ୍ରିୟାକରଣ ଠାରୁ ଆରମ୍ଭ କରି ବୟନଶିଳ୍ପ ଉତ୍ପାଦନ, ପ୍ୟାକେଜିଂ ଏବଂ ଆହୁରି ଅନେକ କ୍ଷେତ୍ରରେ ସୂକ୍ଷ୍ମ ବ୍ୟବସାୟୀମାନେ ବର୍ତ୍ତମାନ ଆମାଜନ ବିଜନେସ୍ ଲାଭ ଯେପରିକି ବୃହତ୍ ମୂଲ୍ୟ ନିର୍ଦ୍ଧାରଣ, ସୁଧମୁକ୍ତ କ୍ରେଡିଟ୍ ଏବଂ ଭାରତର ସେବାକ୍ଷମ ପିନ୍ କୋଡ଼ର ୧୦୦%ରେ ବିତରଣର ଲାଭ ଉଠାଇ ସେମାନଙ୍କ କ୍ରୟକୁ ସରଳ କରିପାରିବେ ।

## ଟାଇଟାସ୍ ଫୁଟୱେୟର ନିବେଶ କରିବ ୫୦କୋଟି

କୋଲକାତା: ଫୁଟୱିୟର କ୍ଷେତ୍ରରେ କୋଲକାତାର ଅନ୍ୟତମ ପ୍ରଶଂସାଯୋଗ୍ୟ ନାମ ଟାଇଟାସ ତାହାର ଅଭିବୃଦ୍ଧି ଯାତ୍ରାରେ ଏକ ଉଲ୍ଲେଖନୀୟ ମାଇଲଖୁଣ୍ଟ ସମ୍ପର୍କରେ ଘୋଷଣା କରୁଛି । ଗ୍ଲୋବାଲ ଫୁଟୱିୟର ଆଣ୍ଡ ଲେଦର କ୍ରାଫ୍ଟ ଇଣ୍ଡଷ୍ଟ୍ରିଜ ଅଧୀନରେ ଫୁଟୱିୟର ବିପଣନ ଏବଂ ତିଆରି କ୍ଷେତ୍ରରେ ତିନି ଦଶନ୍ଧିରୁ ଅଧିକ ସମୟର ଉତ୍କର୍ଷ ହାସଲ ପରେ କମ୍ପାନୀ ଆନୁଷ୍ଠାନିକ ଭାବରେ ନିଜର ଫୁଟୱିୟର ବ୍ୟବସାୟକୁ ଏକ ନୂଆକରି ସ୍ଥାପିତ ସଂସ୍ଥା: ଟାଇଟାସ ଫୁଟୱିୟର ପ୍ରାଇଭେଟ ଲିମିଟେଡକୁ ରୂପାନ୍ତରିତ ହୋଇଛି । କୋଲକାତାସ୍ଥିତ ମୋହତା ପରିବାର ଉଲ୍ଲେଖନୀୟ ଇକ୍ୱିଟି ନିବେଶ କରିବା ସହିତ କମ୍ପାନୀରେ ପ୍ରମୋଟରଙ୍କ ଅଂଶ ଦଖଲ କରିଛନ୍ତି । କମ୍ପାନୀ ପରିଚାଳନାରେ ଆଧୁନିକୀକରଣ ଉପରେ ଦୃଷ୍ଟିନିବଦ୍ଧ କରିବା ଏବଂ ଗ୍ରାହକ-କୈନ୍ଦ୍ରିକ ନବସୃଜନ ପ୍ରଦାନ କରିବାକୁ ଅନିରୁଦ୍ଧ ମୋହତାଙ୍କ ନେତୃତ୍ୱରେ କମ୍ପାନୀକୁ ପରବର୍ତ୍ତୀ ପର୍ଯ୍ୟାୟକୁ ଆଗେଇନେବାକୁ ଏକ ନୂତନ ନେତୃତ୍ୱ ପ୍ରଦାନକାରୀ ଟିମ ନିଯୁକ୍ତ କରାଯାଇଛି । ଟାଇଟାସ୍ ଫୁଟୱିୟର ୫୦କୋଟିର ନିବେଶ କରିବ । ଏ ସମ୍ପର୍କରେ ପ୍ରକାଶ କରି ଅନିରୁଦ୍ଧ ମୋହତା, ଡାଇରେକ୍ଟର ଟାଇଟାସ ଫୁଟୱିୟର ପ୍ରାଇଭେଟ ଲିମିଟେଡ କହିଥିଲେ, 'ଫୁଟୱିୟର ଶିଳ୍ପରେ ଟାଇଟାସ ତିନି ଦଶନ୍ଧିରୁ ଅଧିକ କାଳ ଧରି ଏକ ପ୍ରତିଷ୍ଠିତ ବ୍ରାଣ୍ଡ ହୋଇ ରହିଆସିଛି । ଏହି ରଣକୌଶଳାତ୍ମକ ପୁନଃସଂରଚନା ଭାରତର ମଜଭୁତ ଫୁଟୱିୟର କ୍ଷେତ୍ରରେ ତ୍ୱରାନ୍ୱିତ ଅଭିବୃଦ୍ଧି ହାସଲ, ପରିଚାଳନାଗତ ପାରଦର୍ଶିତାକୁ ଅଧିକ ମଜଭୁତ କରିବା ଏବଂ ନୂତନ ସୁଯୋଗ ଉନ୍ମୋଚନ ନିମନ୍ତେ ଡିଜାଇନ କରାଯାଇଛି । ଗ୍ଲୋବାଲ ଫୁଟୱିୟର ଆଣ୍ଡ ଲେଦର କ୍ରାଫ୍ଟ ଇଣ୍ଡଷ୍ଟ୍ରିଜର ମାସୁଦ ଜମିଲ କହିଥିଲେ, 'ଟାଇଟାସ ଦୀର୍ଘ ପଥ ଅତିକ୍ରମ କରି ପୂର୍ବ ଭାରତରେ ଫୁଟୱିୟର ଶିଳ୍ପରେ ଏକ ଅଗ୍ରଣୀ ଏବଂ ବିଶ୍ୱସନୀୟ ହୋଇଛି । ଆମେ ମନେକରୁଛୁ ଯେ ଏହି ରଣକୌଶଳାତ୍ମକ ପୁନିବେଶ ଟାଇଟାସ ବ୍ରାଣ୍ଡକୁ ଜାତୀୟସ୍ତରକୁ ନେଇଯିବ' । ଏହି ପରିବର୍ଦ୍ଧନକୁ ସମର୍ଥନ କରିବା ନିମନ୍ତେ ଉଚ୍ଚତର ପରିଚାଳନାଗତ ଜଟିଳ ଆବଶ୍ୟକତାଗୁଡିକ ପୂରଣ କରିବା ଏବଂ ତାହା କାର୍ଯ୍ୟକାରୀ କରିବାର ଦୃଢତା ସୁନିଶ୍ଚିତ କରିବା ନିମନ୍ତେ ଆଭ୍ୟନ୍ତରୀଣ ବ୍ୟବସ୍ଥାରେ ଆଧୁନିକୀକରଣ କରାଯିବ ।

## ୫-ଷ୍ଟାର ରେଟେଡ଼ ଏୟାର କୁଲର ଶୁଭାରମ୍ଭ କଲା କେନ୍‌ଷ୍ଟାର




ଗୁରୁଗ୍ରାମ: କେନଷ୍ଟାର ଯାହାକି ଭାରତର ଏକ ସବୁଠାରୁ ଅଧିକ ବିଶ୍ୱସନୀୟ ବ୍ରାଣ୍ଡ ଯାହା ତିନି ଦଶନ୍ଧି ଧରି ରହିଆସିଛି, ଆଜି ଗୁରୁଗ୍ରାମ, ହରିୟାଣା ଠାରେ ଭାରତର ପ୍ରଥମ ଏକ୍ସକ୍ଲୁଜିଭ ସମ୍ଭାର ୫-ଷ୍ଟାର ବିଇଇ ରେଟେଡ଼ ଶକ୍ତି-ସଂଚୟକାରୀ ଏୟାର କୁଲର ଶୁଭାରମ୍ଭର ଘୋଷଣା କରିଅଛି । ଏଥିରେ ରହିଛି ୫ ବର୍ଷର ୱାରେଂଟି । ଏହି ନିଜସ୍ୱ - ଜ୍ଞାନ- କୌଶଳରେ ନିର୍ମିତ ନବୀନତମ ଶକ୍ତିଯୁକ୍ତ କେନଷ୍ଟାରର 'ଦି ପାୱାର ଅଫ ୫' ଅଭିଯାନ ଯଥାର୍ଥରେ ବ୍ରାଣ୍ଡର ସହ୍ୟକାରୀତା ତଥା ଶକ୍ତି ସଂଚୟକାରୀତାର ବଚନବଦ୍ଧତାକୁ ଦୃଢ଼ିଭୂତ କରିବା ସହିତ, ଶୀତଳିକରଣର ଦକ୍ଷତା ନିମର୍ଟ କୌଣସି ବୁଝାମଣା ନ କରି ଗ୍ରାହକମାନଙ୍କ ନିକଟରେ ବିଶ୍ୱସନୀୟତାକୁ ଦୃଢ଼ କରିପାରିଛି । ଏହି ଅବସରରେ ମତବ୍ୟକ୍ତ କରି ସୁନୀଲ ଜୈନ, ସିଇଓ କେନଷ୍ଟାର କହିଛନ୍ତି, 'ନୂତନ ଭାବରେ ଉପସ୍ଥାପିତ ବିଇଇ ୫-ଷ୍ଟାର ରେଟେଡ଼ କେନଷ୍ଟାର କୁଲରସ ସମ୍ଭାର ଆମର ଭାରତ ସରକାରଙ୍କ ସବୁଜ ଏବଂ ଆସନ୍ତାକାଲିର ଶକ୍ତି-ସଂଚୟ ପାଇଁ ରହିଥିବା ଦୂରଦୃଷ୍ଟିତା ତଥା ସହ୍ୟକାରୀତା ଏବଂ ପ୍ରତିଧ୍ୱନିତ ପାଇଁ ରହିଥିବା ଆମର ବଚନବଦ୍ଧତାର ଦୃଢ଼ତା ପାଇଁ ଏହା ଯଥାର୍ଥରେ ଏକ ପ୍ରମାଣପତ୍ର ଅଟେ । ସନ୍ତୋଷ ଭାମରେ, ନାସନାଲ ସେଲସ୍ ହେଡ଼ - କେନଷ୍ଟାର କହିଛନ୍ତି, 'ଆମେ ଅତି ଉତ୍କଣ୍ଠାର ସହିତ ଭାରତର ଏହି ପ୍ରଥମ ୫-ଷ୍ଟାର ରେଟେଡ଼ ଏୟାର କୁଲର ସମ୍ଭାରକୁ ଉପସ୍ଥାପନ କରିବାକୁ ଚାହିଁ ରହିଛୁ । ବିଗତ ୨୯ ବର୍ଷ ମଧ୍ୟରେ କେନଷ୍ଟାର ଉତମ ମାନକଯୁକ୍ତ ଉତ୍ପାଦନ, ନବୀନତମ ଏବଂ ବିଶ୍ୱସନୀୟତା ଏହାର ପ୍ରିୟ ଗ୍ରାହକମାନଙ୍କ ନିକଟରେ ପ୍ରଦାନ କରିବାରେ ସବୁଠାରୁ ଅଧିକ କୀର୍ତି ସ୍ଥାପନ କରିବା ସହିତ ସେମାନଙ୍କୁ ଆନନ୍ଦ ଦେଇପାରିଛି । ଏହି ଅଧୁନତମ ଶୁଭାରମ୍ଭ ସହିତ ବ୍ରାଣ୍ଡ ଏହାର ଉପକରଣର ସୃଜନଶୀଳତାର ପ୍ରତିଶ୍ରୁତିବଦ୍ଧତାକୁ ଜାରି ରଖିବା ସହିତ ଏହା କେବଳ ସେମାନଙ୍କୁ ପ୍ରଦାନ କରିନାହିଁ ପ୍ରକୃତ ପକ୍ଷରେ ଏହା ଭାରତୀୟ ପରିବାର ଗୁଡ଼ିକ ମଧ୍ୟରେ ଆବଶ୍ୟକତାର ଚ଼କ୍ରକୁ ନେଇ ଆହୁରି ଅଧିକ ଗତିଶୀଳ ହୋଇପାରିଛି । ବିଶ୍ୱସନୀୟତା ଉପରେ ପ୍ରତିଷ୍ଠିତ ଏହି ବଂଶାନୁକ୍ରମିକତା ସହିତ ମାନକତା, ଦୃଢ଼ତା ଇତ୍ୟାଦି କେନଷ୍ଟାର ଅଧୁନତମ ନବୀନତମତାକୁ ଆହୁରି ଥରେ ବୃଦ୍ଧି କରିବା ସହିତ ଘରୋଇ ଉକରଣ ଦିଗରେ ଯଥାର୍ଥରେ ନେତୃତ୍ୱ ନେବାରେ ସଫଳ ହୋଇପାରିଛି । ପାୱାର ଅଫ ୫ ଏୟାର କୁଲରର ଶୁଭାରମ୍ଭ ଏହି ବ୍ରାଣ୍ଡର ଆନନ୍ଦ ପ୍ରଦାନକାରୀତାର ଯାତ୍ରା, ଆରାମଦାୟକତା ଏବଂ ସମଗ୍ର ଭାରତ ବର୍ଷରେ ଗୁଣକାରୀତାକୁ ନେଇ ଏହା ଅନ୍ୟ ଏକ ମାଇଲଖୁଂଟ କହିଲେ ଭୁଲ ହେବ ନାହିଁ । ବିଭିନ୍ନ ଗ୍ରାହକମାନଙ୍କର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହା ବର୍ଦ୍ଧିତ କୁଲର ସମ୍ଭାର ସହିତ ଷ୍ଟାଇଲ, କାର୍ଯ୍ୟଦକ୍ଷତା, ନବୀନତମତା ତଥା ଶୀତଳତାର ସମାଧାନ ଦିଗରେ ମଧ୍ୟ ଏକ ନୂତନ ବେଂଚମାର୍କ ପ୍ରତିଷ୍ଠା କରିପାରିଛି ।



ନୂଆଦିଲ୍ଲୀ: ଏସିଆ କପ୍ ୨୦୨୫କୁ ଆଉ କିଛି ଦିନ ବାକି ରହିଛି। ଟୁର୍ଣ୍ଣାମେଣ୍ଟରେ ଭାରତ ଓ ପାକିସ୍ତାନ ମ୍ୟାଚ୍‌କୁ ନେଇ ପ୍ରଶଂସକଙ୍କ ମଧ୍ୟରେ ନାହିଁ ନ ଥିବା ଉତ୍ସାହ ଦେଖିବାକୁ ମିଳିଛି। ପ୍ରତିଥର ପରି ଏଥର ବି ପାକିସ୍ତାନ ପକ୍ଷରୁ ଟିମ୍ ଇଣ୍ଡିଆକୁ ପରାସ୍ତ କରିବାର ବଡ଼ ବଡ଼ କଥା କୁହାଗଲାଣି। ଏଥର ଏହି ଦାବି ପାକିସ୍ତାନ ଦଳର ପ୍ରଦର୍ଶନ ନିର୍ଦ୍ଦେଶକ ଆକିବ ଜାଭେଦ କରିଛନ୍ତି। ସେ କହିଛନ୍ତି ତାଙ୍କର ବିଶ୍ୱାସ ଯେ ବାବର ଆଜମ ଏବଂ ମହମ୍ମଦ ରିଜୱାନଙ୍କ ବିନା ପାକିସ୍ତାନ ଦଳ ଏସିଆ କପ୍‌ରେ ଭାରତକୁ ପରାସ୍ତ କରିପାରିବ। ଗତ ଚାରି ଥର ପାକିସ୍ତାନ ଦଳ ବହୁ-ରାଷ୍ଟ୍ରୀୟ ଟୁର୍ଣ୍ଣାମେଣ୍ଟରେ ଭାରତକୁ ପରାସ୍ତ କରିପାରିନାହିଁ। ପାକ୍ ଦଳର ଏହି ଚାରୋଟି ପରାଜୟ ୨୦୨୩ ଏସିଆ କପ୍, ୨୦୨୩ ଦିନିକିଆ ବିଶ୍ୱକପ୍, ୨୦୨୪ ଟି୨୦ ବିଶ୍ୱକପ୍ ଏବଂ ୨୦୨୫ ଚାମ୍ପିଅନ୍ସ ଟ୍ରଫିରେ ଆସିଛି। ଏସିଆ କପ୍ ପାଇଁ ଚୟନ ହୋଇଥିବା ପାକିସ୍ତାନ ଦଳରେ ବାବର ଆଜମ, ମହମ୍ମଦ ରିଜୱାନ, ନସୀମ ଶାହ ଏବଂ ଶାଦାବ ଖାନଙ୍କ ପରି ବଡ଼ ନାମ ନାହିଁ। ଆକିବ ଜାଭେଦ ଏସିଆ କପ୍ ପାଇଁ ପାକ୍ ଦଳ ଘୋଷଣା କରିଛନ୍ତି। ଦଳ ଘୋଷଣା କରିବା ସମୟରେ ସେ କହିଛନ୍ତି, 'ଏହି ଦଳ ଏସିଆ କପରେ ଭାରତକୁ ପରାସ୍ତ କରିବାର କ୍ଷମତା ରଖିଛି। ବିଶ୍ୱାସ କରନ୍ତୁ କି ନକରନ୍ତୁ, ଭାରତ ବନାମ ପାକିସ୍ତାନ ବିଶ୍ୱ କ୍ରିକେଟର ସବୁଠାରୁ ବଡ଼ ମ୍ୟାଚ୍। ସମସ୍ତେ ଏହା ଜାଣନ୍ତି। ଆମର ଦଳ ଯେକୌଣସି ଦଳକୁ ପରାସ୍ତ କରିପାରିବ। ଆମର ପ୍ରତ୍ୟେକ ଖେଳାଳି ପ୍ରସ୍ତୁତ।'



### ଫିଟ୍‌ନେସ୍ ଟେଷ୍ଟରେ ବିସିସିଆଇର ପରିବର୍ତ୍ତନ

# ଏଣିକି ଦେବାକୁ ପଡିବ ବ୍ରୋଙ୍କୋ ଟେଷ୍ଟ




ନୂଆଦିଲ୍ଲୀ: ଦିନକୁ ଦିନ ଖେଳାଳିଙ୍କ ପ୍ରତି କଠୋର ହେଉଛି ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ । ବିଶେଷ କରି ଖେଳାଳିଙ୍କ ଫିଟ୍‌ନେସକୁ ଗୁରୁତ୍ୱ ଦେଉଛି ବିସିସିଆଇ। ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡ (ବିସିଆଇ) ଖେଳାଳିଙ୍କ ଫିଟନେସ ପରୀକ୍ଷା କରିବା ପାଇଁ ଏକ ନୂତନ ନିୟମ ପ୍ରଚଳନ କରିଛି। ଏହି ନିୟମର ନାମ ହେଉଛି ବ୍ରୋଙ୍କୋ ଟେଷ୍ଟ। ଏହାକୁ ରଗ୍‌ବିରୁ କ୍ରିକେଟକୁ ନିଆଯାଇଛି। ଏହା ଖେଳାଳିଙ୍କ ଏରୋବିକ କ୍ଷମତା ଏବଂ ଦୌଡ଼ ଷ୍ଟାମିନା ପରୀକ୍ଷା କରିବ। ଏହାସହିତ, ଏହି ପରୀକ୍ଷା ପଡ଼ିଆରେ ରହିବା ଏବଂ ଦୀର୍ଘ ଦୂରତା ପାଇଁ ଦୌଡ଼ିବାର କ୍ଷମତା ପରୀକ୍ଷା କରିବ। ଏହି ବ୍ରୋଙ୍କୋ ଟେଷ୍ଟ ମୁଖ୍ୟତଃ ବୋଲରମାନଙ୍କ ପାଇଁ। ଏହି ପରୀକ୍ଷାରେ ପାସ କରିବା ପରେ ହିଁ ଖେଳାଳିଙ୍କୁ ଟିମ ଇଣ୍ଡିଆରେ ସାମିଲ କରାଯିବ। ଖେଳାଳିଙ୍କ ଷ୍ଟାମିନା ବୃଦ୍ଧି କରିବା ଏବଂ ସେମାନଙ୍କୁ ଦୀର୍ଘ ସମୟ ପାଇଁ ଫିଟ ରଖିବା ପାଇଁ ବ୍ରୋଙ୍କୋ ଟେଷ୍ଟକୁ ବାଧ୍ୟତାମୂଳକ କରାଯାଇଛି। ଖେଳାଳିଙ୍କ ଏରୋବିକ କ୍ଷମତା ଏବଂ ଦୌଡ଼ ଷ୍ଟାମିନା ବ୍ରୋଙ୍କୋ ଟେଷ୍ଟ ମାଧ୍ୟମରେ ପରୀକ୍ଷା କରାଯିବ। ଏଥିରେ, ଖେଳାଳିଙ୍କୁ ଗୋଟିଏ ସେଟରେ ୨୦ ମିଟର, ୪୦ ମିଟର ଏବଂ ୬୦ ମିଟରର ସଟଲ ରନ କରିବାକୁ ପଡିବ। ଏହିପରି ମୋଟ ପାଞ୍ଚଟି ସେଟ ବିନା ଅଟକି ସମାପ୍ତ କରିବାକୁ ପଡିବ। ରିପୋର୍ଟ ଅନୁଯାୟୀ, ଭାରତୀୟ ଖେଳାଳିମାନଙ୍କୁ ୬ ମିନିଟ ମଧ୍ୟରେ ବ୍ରୋଙ୍କୋ ପରୀକ୍ଷା ପାସ କରିବାକୁ କୁହାଯାଇଛି। ଜଣେ ଖେଳାଳି ପାଞ୍ଚଟି ସେଟରେ ପ୍ରାୟ ୧୨୦୦ ମିଟର ଦୌଡ଼ିବେ। ଶକ୍ତି ଏବଂ କଣ୍ଡିସନିଂ ପ୍ରଶିକ୍ଷକ ଆଡ୍ରିଆନ ଲେ ରକ୍ସ ବ୍ରୋଙ୍କୋ ପରୀକ୍ଷା ସୁପାରିଶ କରିଥିଲେ। ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ମଧ୍ୟ ଏଥିରେ ସହମତ ହୋଇଥିଲେ। ଲେ ରକ୍ସ ଚାହାଁନ୍ତି ଯେ, ଦ୍ରୁତ ବୋଲରମାନେ ଜିମ ଅପେକ୍ଷା ଦୌଡ଼ିବା ଉପରେ ଅଧିକ ଧ୍ୟାନ ଦିଅନ୍ତୁ। ଭାରତୀୟ ବୋଲରମାନେ ଟେଷ୍ଟ କ୍ରିକେଟରେ ଲମ୍ବା ସ୍ପେଲ ବୋଲିଂ କରିବାରେ ବିଫଳ ହୋଇଛନ୍ତି। ସମ୍ପ୍ରତି, ଇଂଲଣ୍ଡ ଗସ୍ତରେ, କେବଳ ମହମ୍ମଦ ସିରାଜ ପାଞ୍ଚଟି ଟେଷ୍ଟ ଖେଳିପାରିଥିଲେ, ଏବଂ ପ୍ରତ୍ୟେକ ସେସନରେ ସମାନ ଗତିରେ ବୋଲିଂ କରିଥିଲେ। ବାକି ବୋଲରମାନେ ଲମ୍ବା ସ୍ପେଲ ବୋଲିଂ କରି କ୍ଳାନ୍ତ ହେଉଥିଲେ। ସେଥିପାଇଁ ଏହି ନୂତନ ଫିଟନେସ ପରୀକ୍ଷା ପ୍ରଚଳନ କରାଯାଇଛି। ସୂଚନାଯୋଗ୍ୟ ଯେ, ଭାରତୀୟ ବୋଲରମାନେ ଟେଷ୍ଟ କ୍ରିକେଟରେ ଲମ୍ବା ସ୍ପେଲ ବୋଲିଂ କରିବାରେ ବିଫଳ ହୋଇଛନ୍ତି । ସମ୍ପ୍ରତି, ଇଂଲଣ୍ଡ ଗସ୍ତରେ, କେବଳ ମହମ୍ମଦ ସିରାଜ ପାଞ୍ଚଟି ଟେଷ୍ଟ ଖେଳିପାରିଥିଲେ । ପ୍ରତ୍ୟେକ ସେସନରେ ସମାନ ଗତିରେ ବୋଲିଂ କରିଥିଲେ । ବାକି ବୋଲରମାନେ ଲମ୍ବା ସ୍ପେଲ ବୋଲିଂ କରି କ୍ଳାନ୍ତ ହୋଇଯାଉଥିଲେ। ସେଥିପାଇଁ ଏହି ନୂତନ ଫିଟନେସ୍ ପରୀକ୍ଷା ପ୍ରଚଳନ କରାଯାଇଛି।

# ଅଗରଙ୍କ କାର୍ଯ୍ୟକାଳ ବୃଦ୍ଧି



ମୁମ୍ବାଇ: ସରିଛି ଏସିଆ କପ୍ ୨୦୨୫ ଟିମ୍ ଚୟନ। ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ) ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକରଙ୍କୁ ଦେଇଛି ବିଶେଷ ଉପହାର। ଅଗରକରଙ୍କ କାର୍ଯ୍ୟକାଳକୁ ବଢାଇଛି ବିସିସିଆଇ। ଜୁନ୍ ୨୦୨୩ରେ ଭାରତୀୟ ଦଳର ମୁଖ୍ୟ ଚୟନକର୍ତ୍ତା କରାଯାଇଥିଲା। ତାଙ୍କର କାର୍ଯ୍ୟକାଳ ୨ ବର୍ଷ ପାଇଁ ଥିଲା। କିନ୍ତୁ ବର୍ତ୍ତମାନ ଏହାକୁ ଜୁନ୍ ୨୦୨୬ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। କାରଣ ଅନେକ ବାର ସେ ଦଳ ଚୟନ ମାହନ ଭୂମିକା ଦାୟିତ୍ୱ ତୁଲାଇଛନ୍ତି । ତାଙ୍କ ସିଲେକ୍ସନ ଆଧାରରେ ଭାରତୀୟ ଦଳ ୨୦୨୪ଟି-୨୦ ବିଶ୍ୱକପ୍ ଏବଂ ୨୦୨୫ ଚାମ୍ପିଅନ୍ସ ଟ୍ରଫି ଜିତିଥିଲା। ନିକଟରେ, ଅଜିତ ଅଗରକର ଏସିଆ କପ୍ ୨୦୨୫ ଚୟନ କରିଛନ୍ତି। ଗୋଟିଏ ପଟେ ଅଜିତ ଅଗରକରଙ୍କୁ ବିସିସିଆଇ ଠାରୁ ଏହି ଉପହାର ମିଳିଛି । ଅନ୍ୟପଟେ ଜଣେ ଅଭିଜ୍ଞ ଖେଳାଳିଙ୍କୁ ତାଙ୍କ ପଦରୁ ହଟାଇ ଦିଆଯାଇପାରିବ। ଇଣ୍ଡିଆନ ଏକ୍ସପ୍ରେସ ରିପୋର୍ଟ ଅନୁସାରେ, ଇଣ୍ଡିଆନ ପ୍ରିମିୟର ଲିଗ୍ ୨୦୨୫ ପୂର୍ବରୁ ଅଗରକରଙ୍କ ଚୁକ୍ତିନାମା ବୃଦ୍ଧି କରାଯାଇଥିଲା। ବିସିସିଆଇର ଜଣେ ଅଧିକାରୀ ଇଣ୍ଡିଆନ ଏକ୍ସପ୍ରେସକୁ କହିଛନ୍ତି, 'ତାଙ୍କ କାର୍ଯ୍ୟକାଳ ମଧ୍ୟରେ, ଭାରତୀୟ ଦଳ ଅନେକ ଟାଇଟଲ ଜିତିଛି । ଟେଷ୍ଟ ଏବଂ ଟି-୨୦ ଅନ୍ତର୍ଜାତୀୟ ଦଳରେ ମଧ୍ୟ ପରିବର୍ତ୍ତନ ଦେଖିଥିଲା । ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ ଜୁନ୍ ୨୦୨୬ ପର୍ଯ୍ୟନ୍ତ ତାଙ୍କ ଚୁକ୍ତିନାମାକୁ ବୃଦ୍ଧି କରିଥିଲା । ସେ କିଛି ମାସ ପୂର୍ବରୁ ଏହି ପ୍ରସ୍ତାବକୁ ଗ୍ରହଣ କରିଥିଲେ। ଟିମ୍ ଇଣ୍ଡିଆର ବର୍ତ୍ତମାନର ଚୟନ କମିଟିରେ ଅଗରକର, ଏସ୍.ଏସ୍. ଦାସ, ସୁବ୍ରୋତୋ ବାନାର୍ଜୀ, ଅଜୟ ରାତ୍ରା ଏବଂ ଏସ୍. ଶରଥ ଅଛନ୍ତି। ରିପୋର୍ଟରେ ଦାବି କରାଯାଉଛି ଯେ ସେପ୍ଟେମ୍ବରରେ ଅନୁଷ୍ଠିତ ହେବାକୁ ଥିବା ବାର୍ଷିକ ସାଧାରଣ ବୈଠକ ପରେ ଚୟନ କମିଟିରେ କିଛି ପରିବର୍ତ୍ତନ ହେବ । ସେପ୍ଟେମ୍ବର ୨୦୨୧ରେ, ଶରଥ ଜୁନିଅର ଚୟନ କମିଟିର ଅଧ୍ୟକ୍ଷ ଭାବରେ କାର୍ଯ୍ୟ କରିଥିଲେ । ଜାନୁଆରୀ ୨୦୨୩ରେ ତାଙ୍କୁ ବରିଷ୍ଠ ଚୟନ କମିଟିକୁ ପଦୋନ୍ନତି ଦିଆଯାଇଥିଲା। ତଥାପି, ସେ ଏବେ ଚାରି ବର୍ଷ ପୂରଣ କରିବେ। ରିପୋର୍ଟ ଅନୁଯାୟୀ, ବୋର୍ଡ ତାଙ୍କ ସ୍ଥାନରେ ଏକ ନୂତନ ମୁହଁ ନେଇପାରେ। ସମ୍ପ୍ରତି ଏସିଆ କପ୍ ୨୦୨୫ ପାଇଁ ଭାରତୀୟ ଦଳ ଘୋଷଣା କରାଯାଇଛି। ଏହି ଦଳରେ କିଛି ଶ୍ରେଷ୍ଠ ଖେଳାଳିଙ୍କୁ ସାମିଲ କରାଯାଇଛି। ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବ ହେବେ। ଏହି ଟୁର୍ଣ୍ଣାମେଣ୍ଟ ୯ ସେପ୍ଟେମ୍ବରରୁ ଆରମ୍ଭ ହେବ।

### ପୁଣି ଅସୁସ୍ଥ ହେଲେ କାମ୍ବଲୀ



ମୁମ୍ବାଇ: ଭାରତୀୟ କ୍ରିକେଟର ପୂର୍ବତନ ଖେଳାଳି ତଥା ସଚିନ ତେନ୍ଦୁଲକରଙ୍କ ବନ୍ଧୁ ବିନୋଦ କାମ୍ବଲୀ ପୁନର୍ବରେ ଅସୁସ୍ଥ ହୋଇ ପଡିଛନ୍ତି । ତାଙ୍କ ଭାଇ ବୀରେନ୍ଦ୍ର କାମ୍ବଲୀ କହିଛନ୍ତି ଯେ, ସେ ଏବେ ବି କଥା ଠିକରେ କହି ପାରୁ ନାହାନ୍ତି। ତେବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ହେବାରେ ଲାଗିଛି । ୨୧ ଡିସେମ୍ବର ୨୦୨୪ରେ ୟୁରିନ ଇନଫେକସନ ଯୋଗୁ ସେ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଦୀର୍ଘ ଦିନ ହେବ କାମ୍ବଲୀ ଅସୁସ୍ଥ ରହି ଆସୁଛନ୍ତି । ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ କିପରି ଉନ୍ନତି ହେବ ସେଥିନେଇ ଆପଣମାନେ ଭଗବାନଙ୍କ ନିକଟରେ ପ୍ରାର୍ଥନା କରନ୍ତୁ । ଏବେ ବ୍ରେନ ସ୍କାନ, ୟୁରିନ ଟେଷ୍ଟ ଏବଂ ଅନ୍ୟ ପରୀକ୍ଷଣ ସବୁ କରାଯାଇଛି । ଡାକ୍ତରଙ୍କ କହିବା ଅନୁସାରେ ସ୍ଥିତି ନିୟନ୍ତ୍ରଣ ଭିତରେ ରହିଛି । ସେ ଖୁବ ଶୀଘ୍ର ସୁସ୍ଥ ହେବେ ବୋଲି ତାଙ୍କ ଭାଇ କହିଛନ୍ତି। କାମ୍ବଲୀ ୧୭ ଟେଷ୍ଟ ଓ ୧୦୪ ଦିନିକିଆ ମ୍ୟାଚ ଭାରତ ପକ୍ଷରୁ ଖେଳିଛନ୍ତି। ଅବସର ନେବା ପରେ ସେ ମଦ କବଳରେ ପଡି ଯାଇଥିଲେ। ଦିନକୁ ଦିନ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରେ ଲାଗିଥିଲା।

### ରାଜ୍ୟସ୍ତରୀୟ ଇଏମ୍‌ଆରଏସ୍ ଖେଳକୁଦ ଉଦ୍‌ଘାଟିତ

# ସାମିଲ ହେଲେ ୩୪୬ ପ୍ରତିଯୋଗୀ



କୁଚିଣ୍ଡା (ଭାସ୍କର ନ୍ୟୁଜ୍) : ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ (ଇଏମଆରଏସ)ର ଅଧ୍ୟକ୍ଷ ଜ୍ୟୋଷ୍ଣାପ୍ରିୟା ବେହେରାଙ୍କ ସଭାପତିତ୍ୱରେ ୫ମ ରାଜ୍ୟସ୍ତରୀୟ କେଳକୁଦ ପ୍ରତିଯୋଗିତାର ଉଦ୍‌ଘାଟିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୩୪୬ ଜଣ ପ୍ରତିଯୋଗୀ ଓ ୫୦ରୁ ଅଧିକ କ୍ରୀଡ଼ା ଶିକ୍ଷକ ଯୋଗ ଦେଇଥିଲେ। ଏହି କ୍ରୀଡ଼ା ସମାରୋହରେ ୧୦୦ମିଟର, ୨୦୦ ମିଟର, ୪୦୦ ମିଟର, ୮୦୦ ମିଟର ଦୌଡ଼, ଜାଭଲିନ, ଡିସକସ, ହମ୍ବର, ଲମ୍ଫଡ଼ିଆ, ଉଚ୍ଚଡିଆଁ ପ୍ରମୁଖ ପ୍ରତିଯୋଗିତାର ଆୟୋଜନ କରାଯାଉଛି। ତିନିଦିନିଆ ସମାରୋହରେ ଉଦ୍‌ଯାପନୀ ଦିବସରେ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ, ସମ୍ବଲପୁର ଜିଲ୍ଲାପାଳ, କୁଚିଣ୍ଡା ଉପଜିଲ୍ଲାପାଳ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଅନୁଷ୍ଠିତ ଉଦଘାଟନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ, କୁଚିଣ୍ଡାର ପୂର୍ବତନ ଅଧ୍ୟକ୍ଷ ରଞ୍ଜନ ମହାପାତ୍ର ଯୋଗଦେଇ ଦୀପ ପ୍ରଜ୍ୱଳନ କରି କ୍ରୀଡ଼ା ପତାକାକୁ ଉତ୍ତୋଳନ କରିଥିଲେ। ସମ୍ମାନିତ ଅତଥି ଭାବରେ ଏସ୍‌ଡିଏମ୍ ସୁବୋଧ ନାୟକ, ଅବସରପ୍ରାପ୍ତ ଶିକ୍ଷକ ପ୍ରଫୁଲ୍ଲ ସାହୁ, ଫାୟାର ଅଫିସର ଜୀବନ ଟପ୍ପୋ, ଶୀତଳ କର, ଅରବିନ୍ଦ ଗୋପାଳ, ଚକ୍ରଧର ମାଝୀ, ଜୟନ୍ତ କୁମାର କୁଆ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ଥିଲେ। ଏହି କାର୍ଯ୍ୟକ୍ରମରେ ସମଗ୍ର ରାଜ୍ୟର ସମସ୍ତ ଏକଲବ୍ୟ ବିଦ୍ୟାଳୟର ବାଳିକା ବିଭାଗ ୧୪ ବର୍ଷରୁ କମ ଓ ୧୯ ବର୍ଷରୁ କମ ବାଳିକାମାନେ ଅଂଶ ଗ୍ରହଣ କରିଥିଲେ। ରାଜ୍ୟ ତଥା ସ୍ଥାନୀୟ ବିଭିନ୍ନ ବିଦ୍ୟାଳୟର ୫୦ରୁ ଅଧିକ ଖେଳ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇ ଖେଳ ପରିଚାଳନା କରିଥିଲେ। ଆଗାମୀ ୨୩ ତାରିଖ ଏହାର ଉଦଯାପନୀ ଉତ୍ସବ ଅନୁଷ୍ଠିତ ହେବ।

# ଶ୍ରେୟାଶଙ୍କୁ ପୁଣି ଅଣଦେଖା



ମୁମ୍ବାଇ: ଏସିଆ କପ୍ କ୍ରିକେଟ ପାଇଁ ଭାରତୀୟ ଦଳର ଘୋଷଣା ସରିଥିବା ବେଳେ ଏଥିରେ ଶ୍ରେୟାଶ ଆୟାରଙ୍କୁ ସ୍ଥାନ ନ ମିଳିବା ଅନେକଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି। ଇତି ମଧ୍ୟରେ ଶେୟାଶଙ୍କୁ ଆଉ ଏକ ଝଟକା ଲାଗିଛି । ମୁମ୍ବାଇ ଟିମର ନିୟମିତ ଅଧିନାୟକ ଅଜିଙ୍କ୍ୟ ରାହାଣେ ତାଙ୍କ ପଦରୁ ଓହରି ଯାଇଥିଲେ। ଶ୍ରେୟାଶ ଅଧିନାୟକ ହେବେ ବୋଲି ସମସ୍ତେ ଆଶା କରିଥିଲେ। ରିପୋର୍ଟ ମୁତାବକ ଅଲରାଉଣ୍ଡର ଶାର୍ଦ୍ଦୁଳ ଠାକୁର ମୁମ୍ବାଇର ଅଧିନାୟକ ଦାୟିତ୍ୱ ତୁଲାଇବେ ।ଦୁଲୀପ ଟ୍ରଫି ୨୦୨୫ରେ ଶ୍ରେୟାଶଙ୍କୁ ପଶ୍ଚିମାଂଚଳର ଅଧିନାୟକ ନିଯୁକ୍ତ କରାଯାଇଥିଲା। ସୟେଦ ମୁସ୍ତାକ ଅଲୀ ଟ୍ରଫି ଓ ବିଜୟ ହଜାରେ ଟ୍ରଫିରେ ମଧ୍ୟ ଶ୍ରେୟାଶ ଅଧିନାୟକ ଦାୟିତ୍ୱ ତୁଲାଇଥିଲେ। ମୁମ୍ବାଇ ଚୟନକମିଟି କଣ ପାଇଁ ଶ୍ରେୟାଶଙ୍କୁ ଏହି ଦାୟିତ୍ୱ ପ୍ରଦାନ କଲେନି ତାହା ବୁଝା ପଡୁନି। ୨୦୨୪ରେ ଶ୍ରେୟାଶ ବିସିସିଆଇ ସେଂଟ୍ରାଲ କଂଟ୍ରାକ୍ଟରୁ ବାଦ ପଡିଥିଲେ। ଏହାପରେ ସେ ତାଙ୍କ ତ୍ରୁଟି ସୁଧାରି ଘରୋଇ କ୍ରିକେଟ, ଆଇପିଏଲ ଓ ଆନ୍ତର୍ଜାତୀୟ ମ୍ୟାଚରେ ଭଲ ପ୍ରଦର୍ଶନ ଜାରୀ ରଖିଛନ୍ତି। ଚାମ୍ପିୟନ୍ସ ଟ୍ରଫିରେ ସେ ସର୍ବାଧିକ ରନ ସଂଗ୍ରହ କରି ଭାରତକୁ ଚାମ୍ପିୟନ କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ୨୦୨୫ ଆଇପିଏଲରେ ସେ ୬୦୦ ଉର୍ଦ୍ଧ୍ୱ ସ୍କୋର କରିଥିଲେ। ଶ୍ରେୟାଶ ଆୟାର ବାରମ୍ବାର ଅଣଦେଖା ହେବ ଅନେକ ପ୍ରଶ୍ନ ସୃଷ୍ଟି କରୁଛି।

# ଭାରତ-ପାକିସ୍ତାନ କ୍ରିକେଟ ମ୍ୟାଚ୍‌କୁ ସରକାରଙ୍କ ଗ୍ରୀନ୍ ସିଗ୍‌ନାଲ




ନୂଆଦିଲ୍ଲୀ: ଭାରତ-ପାକିସ୍ତାନ ମଧ୍ୟରେ ତିକ୍ତତା ଚରମ ସୀମାରେ ରହିଥିବା ବେଳେ ଦୁଇ ଦେଶ ପରସ୍ପରକୁ ଆକ୍ରମଣର ଧମକ ମଧ୍ୟ ଦେଉଛନ୍ତି। ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦୀମାନେ ପହଲଗାମରେ ପଶି ନରସଂହାର କରିବା ପରେ ଦୁଇ ଦେଶର ସମ୍ପର୍କ ଆହୁରି ବିଗିଡ଼ି ଯାଇଛି। ସୀମାରେ ତିକ୍ତତା ଲାଗି ରହିଥିବା ବେଳେ ଦୁଇ ଦେଶ ପରସ୍ପର ସହ କ୍ରିକେଟ ମ୍ୟାଚ୍ ଖେଳିବେ। ଏସିଆ କପରେ ଭାରତ ଓ ପାକିସ୍ତାନ ମୁହାଁମୁହିଁକୁ ନେଇ ଲାଗି ରହିଥିବା ଅନିଶ୍ଚିତତାରେ ପଡ଼ିଛି ପୂର୍ଣ୍ଣଚ୍ଛେଦ। ଭାରତ-ପାକିସ୍ତାନ ମ୍ୟାଚ୍‌କୁ ସରକାର ଗ୍ରୀନ ସିଗ୍‌ନାଲ ଦେଇଛନ୍ତି। ଏହାର ଅର୍ଥ ଧାର୍ଯ୍ୟ ସୂଚୀ ଅନୁସାରେ, ଏସିଆ କପରେ ଭାରତ ଓ ପାକିସ୍ତାନ ଲଢ଼େଇ ସେପ୍ଟେମ୍ବର ୧୪ରେ ଅନୁଷ୍ଠିତ ହେବ। ଏହାକୁ ବୟକଟ କରିବାକୁ ଦାବି ତେଜୁ ଥିବା ବେଳେ ବିସିସିଆଇ ଏସିଆ କପ ପାଇଁ ସ୍କ୍ୱାଡ ଘୋଷଣା କରିଥିଲା। ଏସବୁ ଭିତରେ ଆଜି ସରକାର ଭାରତ-ପାକିସ୍ତାନ ମ୍ୟାଚ୍‌କୁ ଅନୁମତି ଦେଇଛନ୍ତି। କ୍ରୀଡ଼ା ମନ୍ତ୍ରଣାଳୟ ସୂତ୍ରରେ କୁହାଯାଇଛି ଯେ ଭାରତ-ପାକିସ୍ତାନ ମଧ୍ୟରେ କୌଣସି ଦ୍ୱିପାକ୍ଷିକ କ୍ରୀଡ଼ା ପ୍ରତିଯୋଗିତା ହୋଇପାରିବ ନାହିଁ। କିନ୍ତୁ ଆଗାମୀ ବହୁ ରାଷ୍ଟ୍ରୀୟ ଏସିଆ କପରେ ଭାରତୀୟ କ୍ରିକେଟ ଟିମକୁ ଭାଗ ନେବାକୁ ଅନୁମତି ଦିଆଯାଇଛି। ଏସିଆ କପର ଗ୍ରୁପ ଷ୍ଟେଜରେ ଭାରତ-ପାକିସ୍ତାନ ୧୪ ତାରିଖରେ ମୁହାଁମୁହିଁ ହେବେ। ଏହାପରେ ଯୋଗ୍ୟତା ଆଧାରରେ ସେପ୍ଟେମ୍ବର ୨୧ ଓ ସେପ୍ଟେମ୍ବର ୨୯ରେ ମଧ୍ୟ ଦୁଇ ଦେଶ ମଧ୍ୟରେ ମୁକାବିଲା ହୋଇପାରେ। ଚଳିତ ବର୍ଷ ଦୁବାଇରେ ଏସିଆ କପ ଆୟୋଜନ ହେବାକୁ ଯାଉଛି। ଏହା ସେପ୍ଟେମ୍ବର ୯ରୁ ଆରମ୍ଭ ହେବ। ମ୍ୟାଚ୍‌କୁ ନେଇ ସସପେନ୍ସ ଲାଗି ରହିଥିବା ବେଳେ ସରକାରୀ ସୂତ୍ରରେ କୁହାଯାଇଛି ଯେ 'ଦ୍ୱିପାକ୍ଷିକ କ୍ରୀଡ଼ା କଥା ବିଚାରକୁ ନେଲେ ଭାରତୀୟ କୌଣସି ବି ପରିସ୍ଥିତିରେ ପାକିସ୍ତାନ ସହ ପ୍ରତିଦ୍ୱନ୍ଦ୍ୱିତା କରିବ ନାହିଁ। ପାକିସ୍ତାନକୁ ମଧ୍ୟ ଭାରତରେ ଖେଳିବାକୁ ଅନୁମତି ଦିଆଯାଇ ପାରିବ ନାହିଁ। ଆମେ ଭାରତୀୟ କ୍ରିକେଟ ଟିମକୁ ଏସିଆ କପରେ ଭାଗ ନେବାକୁ ଅଟକାଇ ପାରିବୁ ନାହିଁ। କାରଣ ଏହା ଏକ ବହୁ ରାଷ୍ଟ୍ରୀୟ ଟୁର୍ଣ୍ଣାମେଣ୍ଟ। ପାକିସ୍ତାନ ଦ୍ୱିପାକ୍ଷିକ ସିରିଜ ଖେଳିବାକୁ ଭାରତ ମାଟିକୁ ଆସି ପାରିବ ନାହିଁ। କିନ୍ତୁ ଅଲିମ୍ପିକ୍ସ ଚାର୍ଟର ଅନୁସାରେ ଆମେ ବହୁ ରାଷ୍ଟ୍ରୀୟ କ୍ରୀଡ଼ା ଇଭେଣ୍ଟକୁ ସମ୍ମାନ କରିଥାଉ।'

### ବିସିସିଆଇ ଅଧ୍ୟକ୍ଷ ରୋଜର ବିନିଙ୍କ କାର୍ଯ୍ୟକାଳ ଶେଷ

# ନିର୍ବାଚନ କରିବାକୁ କ୍ରୀଡା ମନ୍ତ୍ରଣାଳୟର ପରାମର୍ଶ

ନୂଆଦିଲ୍ଲୀ: କ୍ରୀଡ଼ା ମନ୍ତ୍ରଣାଳୟ ଚାହୁଁଛି ଯେ ଜାତୀୟ କ୍ରୀଡ଼ା ପ୍ରଶାସନ ଆଇନ ଅନୁଯାୟୀ ବିସିସିଆଇ ସେପ୍ଟେମ୍ବରରେ ଏହାର ନିର୍ବାଚନ କରାଉ, କିନ୍ତୁ ଯଦି ନୂତନ ଆଇନର ନିୟମାବଳୀର ବିଜ୍ଞପ୍ତି ସେହି ସମୟ ସୁଦ୍ଧା ଜାରି ନହୁଏ, ତେବେ ସୁପ୍ରିମକୋର୍ଟ ଦ୍ୱାରା ଅନୁମୋଦିତ ଲୋଧା କମିଟିର ସୁପାରିଶ ଅନୁଯାୟୀ ମଧ୍ୟ ନିର୍ବାଚନ କରାଯାଇପାରେ। କ୍ରୀଡ଼ା ମନ୍ତ୍ରଣାଳୟର ଏକ ସୂତ୍ର କହିଛି ଯେ ଯଦିଓ ନିର୍ବାଚନ ଆଇନ ଅନୁଯାୟୀ କରାଯିବା ଉଚିତ, କିନ୍ତୁ ଯଦି ସେ ସମୟ ସୁଦ୍ଧା ଏହାର ନିୟମାବଳୀର ବିଜ୍ଞପ୍ତି ଜାରି ନ ହୁଏ, ତେବେ ସେଗୁଡ଼ିକ ଲୋଧା କମିଟିର ସୁପାରିଶ ଅନୁଯାୟୀ ମଧ୍ୟ କରାଯାଇପାରେ। ସୂତ୍ର କହିଛି ଯେ ନିୟମାବଳୀର ବିଜ୍ଞପ୍ତି ଜାରି ହେବା ପରେ, ବିସିସିଆଇ ସମେତ ସମସ୍ତ ଜାତୀୟ ସଂଘକୁ ଏହା ଅନୁଯାୟୀ ନିର୍ବାଚନ କରିବାକୁ ପଡିବ। ଲୋଧା କମିଟିର ସୁପାରିଶ ଅନୁଯାୟୀ, ଅଧିକାରୀଙ୍କ ବୟସ ସୀମା ୭୦ ବର୍ଷ ମଧ୍ୟରେ ହେବା ଉଚିତ, କିନ୍ତୁ ନୂତନ ଆଇନରେ, ୭୦ ରୁ ୭୫ ବର୍ଷ ମଧ୍ୟରେ ପ୍ରାର୍ଥୀମାନେ ମଧ୍ୟ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ।

ଯଦି ଅନ୍ତର୍ଜାତୀୟ ସଂଘର ନିୟମ ଏହାକୁ ଅନୁମତି ଦିଏ। ଓଉଉ ନିୟମରେ ଅଧିକାରୀଙ୍କ ପାଇଁ କୌଣସି ବୟସ ସୀମା ନାହିଁ। ବିସିସିଆଇ ସଭାପତି ରୋଜର ବିନିଙ୍କ କାର୍ଯ୍ୟକାଳ ୭୦ ବର୍ଷ ବୟସରେ ପୂରଣ ହେବା ସହିତ ଶେଷ ହୋଇଥିଲା, କିନ୍ତୁ ବୋର୍ଡ ଏପର୍ଯ୍ୟନ୍ତ ଜଣେ ଅନ୍ତରୀଣ ସଭାପତି ଘୋଷଣା କରିନାହିଁ। ଭାଜପା ଏମପି ଏବଂ ପୂର୍ବତନ କ୍ରୀଡ଼ା ମନ୍ତ୍ରୀ ଅନୁରାଗ ଠାକୁରଙ୍କୁ ରାଷ୍ଟ୍ରପତି ନିର୍ବାଚନରେ ପ୍ରତିବନ୍ଧକ ଲଗାଇବା ପାଇଁ ଏକ ସାମ୍ବିଧାନିକ ସଂଶୋଧନ ଉପରେ ଆଇନଗତ ଲଢ଼େଇ ମଧ୍ୟରେ ଭାରତୀୟ ବକ୍ସିଂ ଫେଡେରେସନ ଏହାର ନିର୍ବାଚନ କରିଥିଲା। କ୍ରୀଡ଼ା ମନ୍ତ୍ରଣାଳୟ ଏବଂ ଭାରତୀୟ ଅଲିମ୍ପିକ ସଂଘ ନିର୍ବାଚନରେ ସେମାନଙ୍କର ପର୍ଯ୍ୟବେକ୍ଷକ ପଠାଇ ନଥିଲେ।

# ଜାତୀୟ ଜୁନିୟର ହକି: ଫାଇନାଲରେ ଓଡିଶା

### ଆର୍ଯ୍ୟନଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ୍ ପୁରସ୍କାର



ଭୁବନେଶ୍ୱର (ଭାସ୍କର ନ୍ୟୁଜ): ଜାତୀୟ ଜୁନିୟର ପୁରୁଷ ହକିରେ ଓଡିଶା ଦମ୍‌ଦାର ପ୍ରଦର୍ଶନ ଜାରୀ ରଖିଛି । ଗୁରୁବାର ଅନୁଷ୍ଠିତ ସେମିଫାଇନାଲରେ ଓଡିଶା ୩-୨ରେ ପଞ୍ଜାବକୁ ହରାଇ ଫାଇନାଲରେ ପ୍ରବେଶ କରିଛି । ଫାଇନାଲରେ ଓଡିଶା ଓ ହରିୟାଣା ମଧ୍ୟରେ ମୁକାବିଲା ହେବ । ହରିୟାଣା ଅନ୍ୟ ଏକ ସେମିରେ ଉତରପ୍ରଦେଶକୁ ୩-୦ରେ ହରାଥିଲା । ରୋମାଞ୍ଚକର ମୁକାବିଲାରେ ଓଡିଶା ପକ୍ଷରୁ ପ୍ରତାପ ଟପ୍ପୋ ୨ଟି ଗୋଲ ସ୍କୋର କରିଥିଲେ। ଏହା ପରେ ପଞ୍ଜାବ ମ୍ୟାଚରେ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। ଗୁରୁସେୱକ ସିଂ ଓ ମନମୀତ ସିଂ ରାଇ ପଞ୍ଜାବ ପକ୍ଷରୁ ଗୋଲ କରି ମ୍ୟାଚକୁ ୨-୨ ସମାନ ସ୍ଥିତିକୁ ଆଣି ଦେଇଥିଲେ । ଶେଷ ମୁହୂର୍ତ୍ତରେ ଓଡିଶାର କରନ ଲାକ୍ରା ଗୋଲ ସ୍କୋର କରି ଦଳକୁ ୩-୨ରେ ବିଜୟୀ କରାଇଥିଲେ । ପ୍ରଭାବୀ ପ୍ରଦର୍ଶନ ପାଇଁ ଆର୍ଯ୍ୟନଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ ବିବେଚିତ କରାଯାଇଥିଲା । ପୂର୍ବରୁ କ୍ୱାର୍ଟର ଫାଇନାଲରେ ଓଡିଶା ୯-୦ ଗୋଲରେ ମଣିପୁରକୁ ହରାଇ ସେମିକୁ ଉନ୍ନୀତ ହୋଇଥିଲା । କରନ ୨ଟି ଗୋଲ ସ୍କୋର କରିଥିବା ବେଳେ ବିଲକନ ଓରାମ, ରିତିକା ଲାକ୍ରା, ଯୋଜିନ ମିଞ୍ଜ, ନୀତେଶ ମିଞ୍ଜ, ହରୁନ ମିଞ୍ଜ, ଅଭିଷେକ ଟପ୍ପୋ ଓ ଦୀପକ ପ୍ରଧାନ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ ।

### ଡକ୍ଟର ମନସୁଖ ମାଣ୍ଡାଭିଆଙ୍କ ଅନୁରୋଧ


# 'ଜାତୀୟ କ୍ରୀଡା ଦିବସରେ ଫିଟ୍‌ନେସ୍ ପାଇଁ ଘଣ୍ଟାଏ ଉତ୍ସର୍ଗ କର'

ନୂଆଦିଲ୍ଲୀ: ଯୁବ ବ୍ୟାପାର ଏବଂ କ୍ରୀଡା ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡାଭିଆ ଗୁରୁବାର ଦିନ ହକି କିମ୍ବଦନ୍ତୀ ମେଜର ଧ୍ୟାନ ଚାନ୍ଦଙ୍କ ଜନ୍ମବାର୍ଷିକୀ ପାଳନ ପାଇଁ ପ୍ରତିବର୍ଷ ଅଗଷ୍ଟ ୨୯ ରେ ପାଳିତ ହେଉଥିବା ଜାତୀୟ କ୍ରୀଡା ଦିବସ ୨୦୨୫ ଅବସରରେ ସାରା ଦେଶର ନାଗରିକମାନଙ୍କୁ ଫିଟନେସ୍ ଏବଂ ଖେଳ ପାଇଁ ଗୋଟିଏ ଘଣ୍ଟା ଉତ୍ସର୍ଗ କରିବାକୁ ଆହ୍ୱାନ କରିଛନ୍ତି। ଏହି ବର୍ଷ, ଏହି ଉତ୍ସବଗୁଡ଼ିକ ଭାରତୀୟ କ୍ରୀଡା ଇକୋସିଷ୍ଟମ ସହିତ ସହଭାଗୀତାରେ ଫିଟ୍ ଇଣ୍ଡିଆ ମିଶନ ଦ୍ୱାରା ପରିଚାଳିତ ହେବ ଏବଂ ଅଗଷ୍ଟ ୨୯ ରୁ ୩୧ ପର୍ଯ୍ୟନ୍ତ ଏକ ତିନି ଦିନିଆ, ସର୍ବଭାରତୀୟ କ୍ରୀଡା ଆନ୍ଦୋଳନ ଭାବରେ ଆୟୋଜିତ ହେବ। ୨୦୩୬ ରେ ଅଲିମ୍ପିକ୍ ଏବଂ ପାରାଅଲିମ୍ପିକ୍ କ୍ରୀଡା ଆୟୋଜନ କରିବାର ଭାରତର ଦୃଷ୍ଟିକୋଣ ସହିତ ସଂଲଗ୍ନ, ଏହି ଉତ୍ସବଗୁଡ଼ିକ କ୍ରୀଡା ଏବଂ ଫିଟନେସ୍ କାର୍ଯ୍ୟକଳାପରେ ବ୍ୟାପକ ଅଂଶଗ୍ରହଣକୁ ପ୍ରେରଣା ଦେବାର ଲକ୍ଷ୍ୟ ରଖିଛି, ଯାହା ବିଶ୍ୱକୁ ପ୍ରଦର୍ଶନ କରିବ ଯେ ଭାରତରେ କ୍ରୀଡା ଦ୍ରୁତ ଗତିରେ ଏକ ଦେଶବ୍ୟାପୀ ଜନ ଆନ୍ଦୋଳନରେ ପରିଣତ ହେଉଛି। ବ୍ଲକ ଏବଂ ଜିଲ୍ଲାରୁ ସ୍କୁଲ, ବିଶ୍ୱବିଦ୍ୟାଳୟ, କର୍ମକ୍ଷେତ୍ର ଏବଂ ଆବାସିକ ସମ୍ପ୍ରଦାୟ ପର୍ଯ୍ୟନ୍ତ, ଦେଶର ନାଗରିକମାନେ ବନ୍ଧୁତା, ସମ୍ମାନ ଏବଂ ଉତ୍କର୍ଷତାର ଅଲିମ୍ପିକ୍ ମୂଲ୍ୟବୋଧ ଏବଂ ନିର୍ଣ୍ଣୟ, ସାହସ, ପ୍ରେରଣା ଏବଂ ସମାନତାର ପାରାଅଲିମ୍ପିକ୍ ମୂଲ୍ୟବୋଧକୁ ଗ୍ରହଣ କରି କ୍ରୀଡାର ଏକ ସାମୂହିକ ଉତ୍ସବ ପାଳନ କରିବେ। ତିନି ଦିନିଆ କାର୍ଯ୍ୟକଳାପର ଢାଞ୍ଚା ରୂପରେଖା ବର୍ଣ୍ଣନା କରି, ଡକ୍ଟର। ମାଣ୍ଡଭିଆ କହିଛନ୍ତି ଯେ ଅଗଷ୍ଟ ୨୯ ତାରିଖରେ ଦେଶବ୍ୟାପୀ ସଭା ଏବଂ ସ୍ମାରକୀ କାର୍ଯ୍ୟକ୍ରମ ମାଧ୍ୟମରେ ମେଜର ଧ୍ୟାନ ଚାନ୍ଦଙ୍କୁ ବିଶେଷ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବ। ଆମର ହକି କିମ୍ବଦନ୍ତୀ ମେଜର ଧ୍ୟାନ ଚାନ୍ଦ ଜୀଙ୍କ ସମ୍ମାନାର୍ଥେ ଜାତୀୟ କ୍ରୀଡା ଦିବସ ପାଳନ କରାଯାଉଛି। ଏଥର ଆମେ ଅଗଷ୍ଟ ୨୯ ରୁ ୩୧ ପର୍ଯ୍ୟନ୍ତ ତିନି ଦିନିଆ ଜାତୀୟ କ୍ରୀଡା ଦିବସ ପାଳନର ଆୟୋଜନ କରୁଛୁ। ମୁଁ ଆମର ସମସ୍ତ ନାଗରିକଙ୍କୁ 'ଏକ ଘଣ୍ଟା ଖେଲକେ ମୟଦାନମେଁ' ଉତ୍ସର୍ଗ କରିବାକୁ ଅନୁରୋଧ କରିବି। ସୁସ୍ଥ ନାଗରିକମାନେ ଏକ ସମୃଦ୍ଧ ରାଷ୍ଟ୍ର ଗଠନ କରିପାରିବେ। ତେଣୁ, ମୁଁ ପୁଣି ଥରେ ଦେଶବ୍ୟାପୀ ନାଗରିକ, ଛାତ୍ର, କର୍ମଚାରୀ ଏବଂ ପ୍ରତିଷ୍ଠାନଗୁଡ଼ିକୁ ଖେଳ ପଡ଼ିଆକୁ ବାହାରି ଏକ ସୁସ୍ଥ ରାଷ୍ଟ୍ର ପାଇଁ କ୍ରୀଡା ଏବଂ ଶାରୀରିକ କାର୍ଯ୍ୟକଳାପ ପାଇଁ ଗୋଟିଏ ଘଣ୍ଟା ଉତ୍ସର୍ଗ କରିବାକୁ କହିବି, ଡକ୍ଟର ମାଣ୍ଡଭିଆ ଗୁରୁବାର ଦିନ କହିଛନ୍ତି। ଭାରତର ପ୍ରଥମ ଅଲିମ୍ପିକ୍ ସ୍ୱର୍ଣ୍ଣ ପଦକ ବିଜେତା ଅଭିନବ ବିନ୍ଦ୍ରା ଏବଂ ଫୁଟବଲ୍ କିମ୍ବଦନ୍ତୀ ସୁନୀଲ ଛେତ୍ରୀ ମଧ୍ୟ ସାମାଜିକ ଗଣମାଧ୍ୟମରେ ସ୍ୱାସ୍ଥ୍ୟ ଏବଂ ଫିଟନେସର ଏହି ଉତ୍ସବ ପାଳନରେ ଅଂଶଗ୍ରହଣ କରିବାକୁ ସମସ୍ତ ବୟସ ଏବଂ ସମ୍ପ୍ରଦାୟର ଲୋକଙ୍କୁ ଅନୁରୋଧ କରିଛନ୍ତି।

# ଜଗନ୍ନାଥ୍ କପ୍ ମେମୋରିଆଲ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ



ମାଲକାନଗିରି (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲାର ମାଥିଲି ବ୍ଲକ୍ ମିନି ଷ୍ଟାଡିୟମରେ ମାଥିଲି ଯୁବକ ସଂଘ ଦ୍ୱାରା ଜଗନ୍ନାଥ୍ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ଆୟୋଜନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଭ୍ୟା ଲକ୍ଷ୍ମୀପ୍ରିୟା ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲା ବେଳେ ଯୁବ ସମାଜ ସେବୀ ଜୟନ୍ତ କୁମାର ବେହେରା, ସମିତି ସଭ୍ୟ ବାଲାରାଜୁ କୋପେ ଯୋଗ ଦେଇ ଯୁବ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଆଜିର ମ୍ୟାଚ୍ କୁଟୁଣିପାଲି ଓ ମାଥିଲି ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଲୋକଙ୍କ ବହୁଳ ଉପସ୍ଥିତି ଏହି ମ୍ୟାଚ୍‌କୁ ଆହୁରି ଆକର୍ଷଣୀୟ କରିଥିଲା। ଏପରି କ୍ରୀଡା କାର୍ଯ୍ୟକ୍ରମ ଗୁଡିକ ଯୁବପିଢ଼ୀଙ୍କୁ ସୁସ୍ଥ ହେବାରେ ପ୍ରେରଣା ଦେଇଥାଏ ବୋଲି ମତ ପ୍ରକାଶ କରିଛନ୍ତି ଜିଲ୍ଲା ପରିଷଦ।



ପାଣିରେ ଲୁଣ ପକାଇ ଗାଧୋଇଲେ ମିଳେ ଫାଇଦା। ଲୁଣ ପାଣିରେ ଗାଧୋଇବା ଦ୍ୱାରା ଚର୍ମ କିଟାଣୁ ମୁକ୍ତ ହୁଏ। ଏହା ଚର୍ମକୁ ଯଥାସମ୍ଭବ ଖଣିଜ ପଦାର୍ଥ ଶୋଷଣ କରିବାରେ ସାହାଯ୍ୟ କରେ। ଏପସମ୍ ଲୁଣରେ ସ୍ନାନ କରିବା ଦ୍ୱାରା ଶରୀରରେ ମ୍ୟାଗ୍ନେସିୟମର ସ୍ତର ବୃଦ୍ଧି ପାଏ। ଯାହା ଦ୍ୱାରା ମାଂସପେଶୀ ଆରାମ ପାଏ। ନିଦ ଭଲ ହୁଏ ଏବଂ ଶରୀର ଯନ୍ତ୍ରଣା ମଧ୍ୟ ଦୂର ହୁଏ। ଯେଉଁମାନେ ଜିମ୍ ଯାଆନ୍ତି କିମ୍ବା ବ୍ୟାୟାମ କରନ୍ତି, ସେମାନେ ଲୁଣ ପାଣିରେ ସ୍ନାନ କରିବା ଦ୍ୱାରା ବହୁତ ଲାଭ ପାଆନ୍ତି। ଏହା ମାଂସପେଶୀକୁ ଆରାମ ଦିଏ। ବାଥ ଲୁଣ ଟାଣ ମାଂସପେଶୀକୁ ଆରାମ ଦିଏ ଏବଂ ଯନ୍ତ୍ରଣା କମାଇବା ପାଇଁ ଜଣାଶୁଣା। ଯଦି ଆପଣ ବହୁତ କ୍ଳାନ୍ତ ଅନୁଭବ କରୁଛନ୍ତି, ତେବେ ଆପଣ ଲୁଣ ପାଣିରେ ଗାଧୋଇପାରିବେ। ଯଦି ପାଦରେ ଯନ୍ତ୍ରଣା ଏବଂ ଥକ୍କାପଣ ହେଉଛି, ତେବେ ପାଦକୁ କିଛି ସମୟ ପାଇଁ ଲୁଣ ପାଣିରେ ବୁଡ଼ାଇ ରଖନ୍ତୁ। ଏହା ଯନ୍ତ୍ରଣା କମ କରିବ।ଖେଳାଳିମାନଙ୍କ ପାଦ କୁଣ୍ଡାଇ ହେଲେ ସେମାନେ ଏହାକୁ କମ କରିବା ପାଇଁ ଲୁଣ ପାଣିରେ ପାଦ ବୁଡ଼ାଇ ରଖନ୍ତି। ଏହାସହ ନଖରେ ଫଙ୍ଗସ୍ କମ କରିବା, ସ୍କ୍ରବ୍ କରିବା ଏବଂ ଦୁର୍ଗନ୍ଧ କମ କରିବା ପାଇଁ ମଧ୍ୟ ଏହା କରନ୍ତି।

# ଗର୍ଭାବସ୍ଥାରେ ପରିବର୍ତ୍ତନ



*ଜଣେ ମହିଳା ସନ୍ତାନବତୀ ବା ଗର୍ଭବତୀ ହେବା ତାଙ୍କ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଅନୁଭବ ଓ ଉପଲବ୍ଧି। ତେବେ ଗର୍ଭାବସ୍ଥା ସମୟରେ ଅନେକ ସତର୍କତା ଅତ୍ୟନ୍ତ ଜରୁରି। ଏହି ସମ୍ବନ୍ଧରେ ଆସନ୍ତୁ କିଛି ଆଲୋଚନା ଉପସ୍ଥାପନ କରିବା...*

## ପ୍ରଥମ ବାର ସପ୍ତାହ

ଗର୍ଭାବସ୍ଥାର ପ୍ରଥମ ୧୦ ସପ୍ତାହ ଅଧିକ ସମୟ ନିଦ ହୁଏ। ଦିନରେ ମଧ୍ୟ ନିଦ ଆସେ, ଶୋଇବାକୁ ଇଚ୍ଛା ହୁଏ। ହେଲେ ଅଧିକ ସମୟ ଶୋଇଲେ ଗାଢ଼ ନିଦ ହୁଏ ନାହିଁ। ରାତିରେ ବାରମ୍ବାର ନିଜ ଭାଙ୍ଗିଯାଏ। ଥରେ ନିଦ ଭାଙ୍ଗିଲେ ପରେ ପୁଣି ନିଦ ହେବାକୁ ସମୟ ଲାଗେ। କମ ବୟସରେ ଗର୍ଭଧାରଣ ହେଲେ, ଶରୀରରେ ଆଇରନ କମ ହେବା ହେତୁ ବିଭିନ୍ନ ପ୍ରକାର ସମସ୍ୟା ଦେଖାଯାଏ। ଏହି ସମୟରେ ଥକ୍କା ଲାଗେ। ବାରମ୍ବାର ଭୋକ, ବାନ୍ତି, ପରିସ୍ରା ହେବା ସହିତ ପିଠି ଦରଜ ହୋଇଥାଏ।



## ୧୩ରୁ ୨୮ ସପ୍ତାହ

ଏହି ସମୟରେ ଗର୍ଭବତୀଙ୍କ ପାଦ ଫୁଲିଯାଏ। ସମୟ ସମୟରେ ପାଦ ଫୁଲିବା କମିଯାଏ ଓ ପୁନଃ ଫୁଲିଯାଏ। ଯେଉଁ ସମୟରେ ପାଦ ଫୁଲିବା କମିଯାଏ, ସେ ସମୟରେ ଭଲ ନିଦ ହୁଏ। କିନ୍ତୁ ରାତି ସମୟରେ ପାଦ ବେଶୀ ଫୁଲେ। ଏହା ଯୋଗୁଁ ରାତିରେ ଭଲ ନିଦ ହୁଏନାହିଁ। ଏହି ସମୟରେ ପେଟ ଦରଜ ହୁଏ। ଗର୍ଭରେ ପିଲା ହଲଚଲ ହେବା ପରି ଅନୁଭବ ହେବାରୁ ନିଦ ଭଲ ହୁଏନାହିଁ।

## ୨୯ ସପ୍ତାହ ପରେ

୨୯ ସପ୍ତାହ ପରେ : ଏହି ସମୟରେ ଚିନ୍ତା ବଢ଼ିଯାଏ। ବାରମ୍ବାର ନିଜ ଭାଙ୍ଗିବାର ସମସ୍ୟା ବଢ଼ିଯାଏ। ଗାଢ଼ ନିଦ ହୁଏନାହିଁ। ଦିନରେ ନିଜ ମାଡ଼େ। ଚମକିପଡ଼ି ଉଠିବା ପରି ସମସ୍ୟା ଦେଖାଯାଏ। ବାରମ୍ବାର ପରିସ୍ରା ଲାଗିବା, ଶରୀରରେ ପରିବର୍ତ୍ତନ ଆସିବା, ପିଠି ଦରଜ ଆଦି ଲକ୍ଷଣ ଗୁଡ଼ିକ ଦେଖାଯାଏ। ଫଳରେ ଏହି ସମୟରେ ଭଲ ନିଦ ହୋଇନଥାଏ। ଗଭର୍ବତୀଙ୍କ ଠାରେ ଏପରି ସମସ୍ୟା ଦେଖାଦେବା ସ୍ୱାଭାବିକ। ଏଥିପାଇଁ ଭୟଭୀତ ହେବା ଅନୁଚିତ। ଏଥିରୁ ମୁକ୍ତି ପାଇବା ପାଇଁ ଗର୍ଭବତୀ ମହିଳା କିଛି ଟିପ୍ସ ଆପଣାଇ ପାରିବେ । ଉକ୍ତ ସରଳ ଟିପ୍ସଗୁଡ଼ିକୁ ତଥା ସମସ୍ୟାକୁ ଦୂରେଇବାର ଉପାୟଗୁଡ଼ିକୁ ପ୍ରକାଶ କରୁଛୁ। ଏହାକୁ ଉପଯୋଗ କରନ୍ତୁ ଓ କିଚି ସମୟ କଷ୍ଟରୁ ରକ୍ଷା ପାଆନ୍ତୁ।

## ସମସ୍ୟା ଦୂରେଇବାର ଉପାୟ

**ପାଣି ପିଅନ୍ତୁ :** ଦିନରେ ପ୍ରଚୁର ମାତ୍ରାରେ ପାଣି ପିଅନ୍ତୁ। ଜୁସ ପିଇଲେ ମଧ୍ୟ ବହୁତ ଭଲ। କିନ୍ତୁ ବିଛଣାକୁ ଯିବା ପୂର୍ବରୁ କୌଣସି ତରଳ ଖାଦ୍ୟ ଖାଆନ୍ତୁ ନାହିଁ। ଏହାଦ୍ୱାରା ରାତିରେ ବାରମ୍ବାର ପରିସ୍ରା ଉଠିବାକୁ ପଡ଼ିବ ନାହିଁ କି ରାତିରେ ବାରମ୍ବାର ନିଦ ଭାଙ୍ଗିବ ନାହିଁ।

## ସକାଳୁ ଚାଲନ୍ତୁ

ଗର୍ଭାବସ୍ଥାରେ ଆବଶ୍ୟକ ଅନୁଯାୟୀ ବ୍ୟାୟାମ କରନ୍ତୁ। ଏହା ସହିତ ସକାଳୁ କିଛି ବାଟ ଚାଲନ୍ତୁ। ଏହାଦ୍ୱାରା ଶରୀରରେ ରକ୍ତ ସଞ୍ଚାଳନ ସୂଚାରୁ ରୂପେ ହେବ। ରାତିରେ ପାଦ ଫୁଲିଯିବା ପରି ସମସ୍ୟା ମଧ୍ୟ କମିଯିବ। ସକାଳ ବ୍ୟାୟାମ ଗର୍ଭବତୀଙ୍କ ସ୍ୱାସ୍ଥ୍ୟ ପକ୍ଷେ ବେଶ ହିତକର। ଏଣୁ ବ୍ୟାୟାମ କରିବାକୁ ଭୁଲନ୍ତୁ ନାହିଁ।

## ଚିନ୍ତା କରନ୍ତୁ ନାହିଁ

ଚିନ୍ତା ଯୋଗୁଁ ଗାଢ଼ ନିଦରେ ଶୋଇ ହୁଏ ନାହିଁ। ଏହି ସମୟରେ ଗର୍ଭବତୀମାନେ ଚିନ୍ତା ଓ ଦୁଃଖ ଅନ୍ୟକୁ ବାଣ୍ଟିବା ଦରକାର। ଏହାପରେ ହିଁ ମହିଳାଙ୍କର ଚିନ୍ତା ଦୂର ହୋଇଯାଏ। ଗାଢ଼ ନିଦରେ ଶୋଇ ହୁଏ ଏବଂ ମନ ମଧ୍ୟ ଖୁସି ରହେ।

## ଶୋଇବା ଶୈଳୀ ବଦଳାନ୍ତୁ

ଗର୍ଭାବସ୍ଥାରେ ବମ କଡ଼ ଲଗେଇ ଶୋଇବା ଦରକାର। ଏହିପରି ଶୋଇଲେ ଗର୍ଭାଶୟ, କିଡ଼ନୀକୁ ରକ୍ତ ସଞ୍ଚାଳନ ଭଲ ଭାବେ ହୋଇଥାଏ। ପିଠି ମାଡ଼ି ଶୋଇଲେ ଉକ୍ତ ସ୍ଥାନ ମାନଙ୍କୁ ଉକ୍ତ ଭଲ ଭାବେ ପ୍ରବାହ ହୋଇପାରେ ନାହିଁ ପଲରେ ବାରମ୍ବାର ନିଦ ଭାଙ୍ଗେ।

## ପେଟର ଧ୍ୟାନ ରଖନ୍ତୁ

ଗର୍ଭାବସ୍ଥାରେ ଖାଇବା ପରେ ଏକ କିମ୍ବା ଦୁଇ ଘଣ୍ଟା ପରେ ବିଛଣାକୁ ଯିବା ଦରକାର। ଯଦି ଏହିପରି କରିପାରୁନଥାନ୍ତି ତେବେ ମୁଣ୍ଡ ତଳେ ତକିଆ ଦେଇ ଉଚ୍ଚା ରଖନ୍ତୁ। ଏହାଦ୍ୱାରା ପେଟ ଉପରେ ଚାପ ପଡ଼ିନଥାଏ। ନିଦ ମଧ୍ୟ ଭଲ ହୋଇଥାଏ। ଏହି ଟିପ୍ସଗୁଡ଼ିକୁ ଆପଣାଇଲେ ଗର୍ଭାବସ୍ଥା ସମୟରେ କଷ୍ଟରୁ କିଛିକାଂଶରେ ଲାଘବ ମିଳିପାରିବ।

*ଡାକ୍ତର ଶୁଭଶ୍ରୀ ମିଶ୍ର*
*ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ, କଟକ*




# ଭେଟ ହେବେ ଅଲ୍ଲୁ-ଦୀପିକା

ଭାରତୀୟ ସିନେମାର ସବୁଠୁ ମହତ୍ୱାକାଂକ୍ଷୀ ପ୍ରୋଜେକ୍ଟରେ କାମ ଆରମ୍ଭ କରିଛନ୍ତି ଅଲ୍ଲୁ ଅର୍ଜୁନ ଓ ନିର୍ଦ୍ଦେଶକ ଆଟ୍‌ଲି । ଏବେ ଫିଲ୍ମର ଟାଇଟଲ୍ 'ଏଏ ୨୨ଏକ୍ସଏ୬' ରହିଛି । ବଡ଼ ବଜେଟ୍‌ରେ ଫିଲ୍ମଟି ପ୍ରସ୍ତୁତ ହେଉଛି । ଆକ୍ସନ୍ ସିକ୍ୱେନ୍ସ ଓ ଭିଜୁଆଲ ଇଫେକ୍ଟ ପାଇଁ ଅନ୍ତର୍ଜାତୀୟ ଟିମ୍‌କୁ ନିୟୋଜିତ କରାଯାଇଛି । ଫିଲ୍ମରେ ଅଲ୍ଲୁଙ୍କ ସହିତ ମୁଖ୍ୟ ଭୂମିକାରେ ଅଛନ୍ତି ଦୀପିକା ପାଦୁକୋନ, ରଶ୍ମିକା ମନ୍ଦାନା, ଜାହ୍ନବୀ କପୁର । ମୃଣାଳ ଠାକୁର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଛନ୍ତି । ସଦ୍ୟ ରିପୋର୍ଟ ଅନୁସାରେ, ଫିଲ୍ମ ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି ଦୀପିକା । ଆସନ୍ତା ନଭେମ୍ବରରେ ସୁଟିଂ ପାଇଁ ସେ ଅଲ୍ଲୁଙ୍କ ସହ ଫିଲ୍ମ ସେଟ୍‌ରେ ଯୋଗ ଦେବେ । ଫିଲ୍ମର ସୁଟିଂ ପାଇଁ ସେ ୧୦୦ ଦିନ ନିର୍ଦ୍ଧାରିତ କରିଛନ୍ତି । ଅଲ୍ଲୁଙ୍କ ସହ ଏହା ଦୀପିକାଙ୍କର ପ୍ରଥମ ପ୍ରୋଜେକ୍ଟ । ଦୀପିକାଙ୍କ ଚରିତ୍ର ପାଇଁ ଫିଲ୍ମ ଟିମ୍ ଜଣେ ଯୋଦ୍ଧାର ସ୍ୱତନ୍ତ୍ର ଲୁକ୍ ଡିଜାଇନ୍ କରିଛନ୍ତି । ତାଙ୍କ ପାଇଁ ସ୍ୱତନ୍ତ୍ର ଅସ୍ତ୍ର ମଧ୍ୟ ଡିଜାଇନ୍ କରାଯାଇଛି । ଫିଲ୍ମରେ ୩ ଭିନ୍ନ ଭିନ୍ନ ଭୂମିକାରେ ନଜର ଆସିବେ ଅଲ୍ଲୁ । ପ୍ରତ୍ୟେକ ଭୂମିକାରେ ତାଙ୍କର ଲୁକ୍ ଭିନ୍ନ ରହିବ । ରିପୋର୍ଟ ଅନୁସାରେ, ଆଟ୍‌ଲିଙ୍କର ଏହି ଫିଲ୍ମ ଟେକ୍ନୋଲୋଜି କ୍ଷେତ୍ରରେ ଭାରତୀୟ ସିନେମାର ସବୁଠୁ ଉନ୍ନତ ପ୍ରୋଜେକ୍ଟ ହେବ ।




# ୪୦୦ କୋଟି ପାର କଲା 'କୁଲି'



ରଜନୀକାନ୍ତଙ୍କ ଆକ୍ସନ୍-ଥ୍ରୀଲର ଫିଲ୍ମ 'କୁଳି' । ନିଜର ଆୟକୁ ନେଇ ବେଶ ଚର୍ଚ୍ଚାରେ। 'କୁଳି' ବିଶ୍ୱବ୍ୟାପୀ ୪୦୦ କୋଟି ଟଙ୍କା ରୋଜଗାର କରିଛି। ରଜନୀକାନ୍ତଙ୍କ ଏହି ଫିଲ୍ମ ଚଳିତ ବର୍ଷ ମୁକ୍ତିଲାଭ କରିଥିବା ଫିଲ୍ମ ତାଲିକାରେ ତୃତୀୟ ସ୍ଥାନରେ ରହିଛି। ତେବେ ଆସନ୍ତୁ ଜାଣିବା ରଜନୀକାନ୍ତଙ୍କ ଏହି ଆକ୍ସନ୍ ଥ୍ରୀଲର ସିନେମା କେଉଁ ଫିଲ୍ମର ରେକର୍ଡ ଭାଙ୍ଗିଛି। ସାକନିଲ୍କର ରିପୋର୍ଟ ଅନୁଯାୟୀ, 'କୁଳି' ସାରା ବିଶ୍ୱରେ ୪୧୮ କୋଟି ଟଙ୍କା ରୋଜଗାର କରିଛି। ସେହିପରି ଭାରତରେ ଏହା ୭ ଦିନରେ ୨୨୨.୫୯ କୋଟି ଟଙ୍କା ରୋଜଗାର କରିଛି। ଭାରତର ମୋଟ୍ ସଂଗ୍ରହ ବିଷୟରେ କହିବାକୁ ଗଲେ, ଏହି ସଂଖ୍ୟା ୨୫୫.୮ କୋଟିରେ ପହଞ୍ଚିଛି। ରଜନୀକାନ୍ତଙ୍କ ଏହି ଆକ୍ସନ୍ ଫିଲ୍ମ ଅନେକ ବଡ଼ ବଡ଼ ଫିଲ୍ମକୁ ପଛରେ ପକାଇ ଦେଇଛି। ଯେପରିକି ସାଉଥର ଆନିମେଟେଡ୍ ସିନେମା 'ମହାବତାର ନରସିଂହ', ହ୍ରିତିକ୍ ରୋଶନଙ୍କ 'ୱାର୍ ୨', ଅକ୍ଷୟ କୁମାରଙ୍କ 'ହାଉସଫୁଲ୍ ୫', ଅଜୟ ଦେବଗନଙ୍କ 'ରେଡ୍ ୨', ଆମିର ଖାନଙ୍କ 'ସୀତାରେ ଜମିନ୍ ପର', ରାମ ଚରଣଙ୍କ 'ଗେମ୍ ଚେଞ୍ଜର', ସଲମାନ ଖାନଙ୍କ 'ସିକନ୍ଦର' ଏବଂ ମୋହନଲାଲଙ୍କ 'ଥୁଡାରାମ' ଅନ୍ତର୍ଭୁକ୍ତ। ରଜନୀକାନ୍ତଙ୍କ ଏହି ସିନେମା ଏବେ ବି ଦୁଇଟି ଫିଲ୍ମ ପଛରେ ଅଛି। ଏଥିରେ ଭିକି କୌଶଲଙ୍କ 'ଛାଭା' ଏବଂ ଆହାନ ପାଣ୍ଡେଙ୍କ 'ସୈୟାରା' ଅନ୍ତର୍ଭୁକ୍ତ। 'ଛାଭା' ୮୦୭.୯୧ କୋଟି ଏବଂ 'ସୈୟାରା' ୫୪୮.୧୬ କୋଟି ଟଙ୍କା ସଂଗ୍ରହ କରିଛି। ସଂଖ୍ୟା ଅନୁଯାୟୀ, 'କୁଳି' 'ଛାଭା'ଠାରୁ ୩୮୯.୯୧ କୋଟି ଏବଂ 'ସୈୟାରା'ଠାରୁ ୧୩୦.୧୬ କୋଟି ଟଙ୍କା ପଛରେ ଅଛି। ତେବେ ଆଗାମୀ ଦିନରେ ରଜନୀକାନ୍ତଙ୍କ ସିନେମାର ଆୟ ଆହୁରି ବଢ଼ିପାରେ ବୋଲି ଆଶା ରହିଛି।

# ବିବାହ ବନ୍ଧନରେ ବାନ୍ଧିହେଲେ ଗୋପୀ ବୋହୂ





ସାଥ୍ ନିଭାନା ସାଥିୟା ଫେମ୍ ଅଭିନେତ୍ରୀ ଜିୟା ମାନେକ ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି। ସେ ଏକ ବ୍ୟକ୍ତିଗତ ଉତ୍ସବରେ ବରୁଣ ଜୈନଙ୍କୁ ବିବାହ କରିଥିଲେ। ଜିୟା ସୋସିଆଲ ମିଡିଆରେ ତାଙ୍କ ବିବାହ ଘୋଷଣା କରିଥିଲେ । ତାଙ୍କୁ ତାଙ୍କ ସ୍ୱାମୀଙ୍କ କୋଳରେ ଦେଖିବାକୁ ମିଳିଥିଲା । ଜିୟା ମାନେକ ଜଣେ ବଧୂ ଭାବରେ ବହୁତ ସୁନ୍ଦର ଦେଖାଯାଉଥିଲେ । ତାଙ୍କ ବିବାହ ଫଟୋ ସୋସିଆଲ ମିଡିଆରେ ଖୁବ୍ ଭାଇରାଲ ହେଉଛି । ଜିୟା ଲେଖିଛନ୍ତି- ଭଗବାନ ଏବଂ ଗୁରୁଙ୍କ କୃପା ଏବଂ ପ୍ରେମରେ, ଆମେ ସବୁଦିନ ପାଇଁ ଏକାଠି ହୋଇଛୁ । ଆମେ ଦୁଇ ବନ୍ଧୁ ଥିଲୁ ଏବଂ ଆଜି ଆମେ ସ୍ୱାମୀ-ସ୍ତ୍ରୀ ହୋଇଛୁ । ଏହି ଦିନକୁ ସ୍ୱତନ୍ତ୍ର କରିଥିବା ଲୋକଙ୍କ ପ୍ରେମ, ଆଶୀର୍ବାଦ ଏବଂ ଶୁଭେଚ୍ଛା ପାଇଁ ମୁଁ ବହୁତ କୃତଜ୍ଞ। ଏଥି ସହ ଜାଣିରଖନ୍ତୁ ଯେ, ଫଟୋରେ ଜିୟା ଏକ ସୁନା ଶାଢ଼ି ପିନ୍ଧିଥିବାର ଦେଖାଯାଇଥିଲା । ଏହା ସହିତ ସେ ମନ୍ଦିର ଡିଜାଇନ୍ ଅଳଙ୍କାର ପିନ୍ଧିଥିଲେ । ସେ ମାଙ୍ଗ ଟିକ୍କା, ଭାରୀ ହାର ଏବଂ କମରବନ୍ଦ, କାନଫୁଲ ଏବଂ ଲାଲ ଚୁଡ଼ି ମଧ୍ୟ ପିନ୍ଧିଥିଲେ । ସେ ତାଙ୍କ କେଶକୁ ଗଜରାରେ ସଜାଇଥିଲେ । ଜିୟା ମାନେକ ଏକ ନବବଧୂ ଭାବରେ ବହୁତ ଖୁସି ଏବଂ ସୁନ୍ଦର ଦେଖାଯାଉଥିଲେ । ସେମାନଙ୍କ ଇନଷ୍ଟାଗ୍ରାମ ପୋଷ୍ଟ ଅନୁସାରେ, ଜିୟା ମାନେକ ଏବଂ ବରୁଣ ଜୈନଙ୍କର ଭୂତ ଶୁଦ୍ଧି ବିବାହ ହୋଇଥିଲା । ଆପଣଙ୍କୁ ଜଣାଇ ଦେଉଛୁ ଯେ ଏହା ଯୋଗିକ ଯୁଗର ସବୁଠାରୁ ପ୍ରାଚୀନ ବିବାହ ପଦ୍ଧତି । ଭୂତ ଶୁଦ୍ଧି ବିବାହ ହେଉଛି ଶରୀରରେ ଉପସ୍ଥିତ ପାଞ୍ଚଟି ଉପାଦାନକୁ ସଠିକ୍ ଉପାୟରେ ସଂଗଠିତ କରିବାର ପ୍ରକ୍ରିୟା । ଜିଆ ମାନେକଙ୍କ ବିଷୟରେ କହିବାକୁ ଗଲେ ସେ ସାଥ ନିଭାନା ସାଥିଆ, ତେରା ମେରା ସାଥ ରାହେ, ଜିନି ଅର ଜୁଜୁ ଏବଂ ମନମୋହିନୀ ଭଳି ସୋ କରିଛନ୍ତି । ସେ ସାଥ ନିଭାନା ସାଥିଆଙ୍କଠାରୁ ନାମ ଏବଂ ଖ୍ୟାତି ଲାଭ କରିଥିଲେ । ସେ ନିଜର ପର୍ସନାଲ୍ ଲାଇଫକୁ ବହୁତ ପ୍ରଇଭେଟ୍ ରଖନ୍ତି ।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



ମୁରିବାହାଲ /ବଙ୍ଗୋମୁଣ୍ଡା (ଭାସ୍କର ନ୍ୟୁଜ୍): ବଙ୍ଗୋମୁଣ୍ଡା ବ୍ଲକର ବେଲପଡା ପଞ୍ଚାୟତରେ ମନରେଗା କାମରେ ଦୁର୍ନୀତି ନେଇ ଅଭିଯୋଗ ହୋଇଥିଲା। ପୋଖରୀ ଗୁଡିକରେ ମାଟି କାମ ନକରି ଟଙ୍କା ଉଠାଣ କରାଯାଇଥିବା ଗାଁର କେତେକ ଲୋକ ପ୍ରଶାସନ ଠାରେ ଅଭିଯୋଗ କରିଥିଲେ। ସୋମବାର ଦିନ ବଙ୍ଗୋମୁଣ୍ଡା ବ୍ଲକ ଠାରେ ଅନୁଷ୍ଠିତ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ବେଲପଡା ପଞ୍ଚାୟତର ଶତାଧିକ ଶ୍ରମିକ ଦ୍ୱାରସ୍ଥ ହୋଇ ଜିଲାପାଳଙ୍କ ଠାରେ ମାଟି କାମ କରିଥିବା ନେଇ ଜଣାଇଥିଲେ। ଗାଁ'ର କିଛି ଲୋକ ଅଯଥାରେ କାମ ନକରି ଟଙ୍କା ଉଠାଣ କରିଥିବା ଅଭିଯୋଗ କରୁଛନ୍ତି। ଦୁର୍ନୀତି ହୋଇନାହିଁ ବୋଲି ପଞ୍ଚାୟତର ଶ୍ରମିକମାନେ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଦ୍ୱାରସ୍ଥ ହୋଇଥିବା କହିଛନ୍ତି। ମନରେଗା ଯୋଜନାରେ ଠିକ ଭାବେ କାମ କରିବା ସହ ମଜୁରୀ ମଧ୍ୟ ଠିକ ଭାବେ ପାଉଥିବା କହିଛନ୍ତି। କାମ କରିନଥିବା ଲୋକେ ଅଯଥାରେ ଦୁର୍ନୀତି ଅଭିଯୋଗ ଆଣୁଛନ୍ତି। ଅଭିଯୋଗ ଆଣୁଥିବା ପୋଖରୀ ଗୁଡିକରେ ମାଟି କାମ କରିଅଛୁ, ପାଉଣା ମଧ୍ୟ ମିଳିଅଛି ବୋଲି ଶତାଧିକ ଶ୍ରମିକ ଆସି ଜିଲାପାଳଙ୍କ ଠାରେ ଜଣାଇଥିଲେ।

# ସରିଲା ପ୍ରଶିକ୍ଷକଙ୍କ ତିନି ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ



ମାଲକାନଗିରି, (ଭାସ୍କର ନ୍ୟୁଜ୍): ରାଜ୍ୟ ସରକାରଙ୍କ ଉଦ୍ୟମରେ ଗୋଷ୍ଠୀ ଆଧାରିତ ଜଳ ପରିଚାଳନା ଓ ସ୍ୱଚ୍ଛତା ମାଧ୍ୟମରେ ଗ୍ରାମୀଣ ସମୃଦ୍ଧି ଏବଂ ଜଳବାୟୁ ପରିବର୍ତ୍ତନ ଅନୁକୂଳନ ରେ ଗ୍ରାମ ପଞ୍ଚାୟତ ର ଭୂମିକା ଉଦ୍ଦେଶ୍ୟରେ ମାଲକାନଗିରି ଜିଲ୍ଲା ପ୍ରଶାସନ ତରଫରୁ ଏକ ଦୀର୍ଘ ତିନି ଦିନିଆ ତାଲିମ୍ ଶିବିର ଆୟୋଜିତ ହୋଇଥିଲା। ଏହି ଶିବିର ଜିଲ୍ଲା ପଞ୍ଚାୟତ ସାଧନ କେନ୍ଦ୍ର ଠାରେ ଜିଲ୍ଲା ପରିଷଦ ତତ୍ତ୍ୱାବଧାନରେ ଚଳିତ ମାସ ୧୯ ତାରିଖ ରୁ ୨୧ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ପ୍ରଶିକ୍ଷଣର ଉଦଯାପନୀ କାର୍ଯକ୍ରମ ରେ ମୁଖ୍ୟ ଅତିଥି ଜିଲ୍ଲା ପାରିଷଦ ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବରଙ୍କ ସମେତ ସମ୍ମାନୀତ ଅତିଥି ଭାବରେ ଏପିଡି ଆଡମିନ ରାମଚନ୍ଦ୍ର ଖଡ଼ିଆ, ଅତିଥି ଭାବରେ ଆରଜିଏସଏଡିପି ଏମ ଅଶୋକ ସାହୁ ଉପସ୍ଥିତ ରହି ସମସ୍ତଙ୍କୁ କାର୍ଯ୍ୟକ୍ରମର ଜରୁରୀ ଦିଗ ପ୍ରତି ଧ୍ୟାନ ଆକର୍ଷଣ କରିଥିଲେ। ଏଥିରେ ପ୍ରୋଗ୍ରାମ ମ୍ୟାନେଜର ହିମାଂଶୁ ଭୁଷଣ ମହାରଣା ଶିବିରର ଉଦ୍ଦେଶ୍ୟ ଓ କାର୍ଯ୍ୟସୂଚୀ ବିଷୟରେ ବିସ୍ତୃତ ଭାବେ ଉପସ୍ଥିତ ପ୍ରଶିକ୍ଷାର୍ଥୀଙ୍କୁ ଅବଗତ କରାଇଥିଲେ। ଏହି ତାଲିମ୍ ଶିବିରରେ ଜିଲ୍ଲା ଏବଂ ବିଭିନ୍ନ ବ୍ଲକ୍‌ରୁ ଆସିଥିବା ପ୍ରଶିକ୍ଷାର୍ଥୀଙ୍କ ମଧ୍ୟରେ ଏବିଡିଓ, ଏଇଇ, ଜେଇ, ରେଞ୍ଜର, ଜିପିଡିଓ, ଡବ୍ଲୁଇଓ, ଏପିଓ, ପିଇଓ, ସିପି, ବିପିମ୍, ବିପିସି, ବିଏଲ୍‌ସୀ ଆଦି ଏମାନଙ୍କୁ ଗୋଷ୍ଠୀ ଆଧାରିତ ଜଳ ପରିଚାଳନା ଓ ସ୍ୱଚ୍ଛତା ମାଧ୍ୟମରେ ଗ୍ରାମୀଣ ସମୃଦ୍ଧି ଏବଂ ଜଳବାୟୁ ପରିବର୍ତ୍ତନ ଅନୁକୂଳନରେ ଗ୍ରାମ ପଞ୍ଚାୟତର ଭୂମିକା ଉଦ୍ଦେଶ୍ୟରେ ବିଶେଷ ତାଲିମ୍ ଦିଆଯାଇଥିଲା। ଏହି ଶିବିରରେ ତାଲିମ୍ ଦାତା ଭାବରେ ସୋମନାଥ ମହାନ୍ତି, ସଦାନନ୍ଦ ତାଡିଙ୍ଗି, ସମୀର ଶବର, ପ୍ରତ୍ୟୁଷ ମହାନନ୍ଦ, ପ୍ରେରଣାଦାୟୀ ଏବଂ ତଥ୍ୟ ମୂଳକ ତାଲିମ୍ ଦେଇଥିଲେ। ତାଲିମ୍ ଶିବିର ପରେ ଏହି ପ୍ରଶିକ୍ଷଣ ପାଇଥିବା ସମସ୍ତ କର୍ମୀମାନେ ନିଜ ଅଞ୍ଚଳରେ ଜନସାଧାରଣଙ୍କୁ ସଚେତନ କରି ନିଜ ଜ୍ଞାନ ଓ ଅନୁଭବକୁ ବ୍ୟବହାର କରି ତାଲିମ୍ ଦେବେ। ଏହି କାର୍ଯ୍ୟକ୍ରମକୁ ସଫଳ ଓ ସୁସଙ୍ଗଠିତ ଭାବେ ପରିଚାଳନା କରିବାରେ ବିନାଶ କୁମାର ମିଶ୍ରଙ୍କ ନେତୃତ୍ୱରେ ଏନ. ଅହଲ୍ୟା, ବିଶ୍ୱନାଥ ମଣ୍ଡଳ, ରାଜକୁମାର ଦୁରୁଆ, ନିପିନ୍ଦ୍ର ଦୂରୁଆ ଓ ଜିଲ୍ଲା ପରିଷଦ ଏବଂ ପଞ୍ଚାୟତ ସାଧନ କେନ୍ଦ୍ରର ସମସ୍ତ ସଦସ୍ୟ ମାନେ ସହଯୋଗ ଦେଇ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିଲେ।

## ରେଳପଥ ଲେବଲକ୍ରସିଂ ଆପ୍ରୋଚ ରୋଡ଼ ବିପଦସଂକୁଳ

# ୧୫ଦିନ ମଧ୍ୟରେ ନିର୍ମାଣ ନହେଲେ ରେଳରୋକ ଚେତାବନୀ



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ-ଧାମରା ରେଳପଥର ଅଚକ ଲେବଲ କ୍ରସିଂର ଉଭୟପାର୍ଶ୍ୱ ଆପ୍ରୋଚ ରୋଡ଼ ବିପଦସଂକୁଳ ହୋଇପଡ଼ିଛି। ଯାହା ଫଳରେ ଲୋକମାନେ ନାହିଁ ନଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଏପରିକି ଅନେକ ସମୟରେ ଦୁର୍ଘଟଣା ଘଟି ଧନଜୀବନ ହାନୀ ଘଟୁଛି। ଏନେଇ ଅଞ୍ଚଳବାସୀ ବିଭିନ୍ନ ସମୟରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କଲେ ମଧ୍ୟ କୌଣସି ସୁଫଳ ମିଳିପାରୁ ନାହିଁ। ଅଞ୍ଚଳବାସୀଙ୍କ ପକ୍ଷରୁ ମାଧବଚନ୍ଦ୍ର ପଶୁପାଳକ, ନିରାକାର ବେହେରା, ଆଲୋକ ପ୍ରିୟଦର୍ଶୀ, ମନୋଜ ଦାସ, ମହେଶ୍ୱର ନାୟକ, ମାୟାଧର ନାୟକ, ଚିନ୍ତାମଣି ସାହୁ, ସୀତାକାନ୍ତ ସାହୁ, ଅଲେଖ ବେହେରା, ପ୍ରିୟରଂଜନ ସାହୁ, ପ୍ରଭାତ ବୈୟାରୀ, କରୁଣାକର ମଳିକ ପ୍ରମୁଖ ଏ ସମ୍ପର୍କରେ ଗୁରୁବାର ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଇ ଆଗାମୀ ୧୫ଦିନ ମଧ୍ୟରେ ଆପ୍ରୋଚ ରୋଡ଼ ନିର୍ମାଣ କରା ନଗଲେ ସେମାନେ ରେଳରୋକ କରିବେ ବୋଲି ଚେତାବନୀ ଦେଇଛନ୍ତି। ସେମାନେ ଦାବିପତ୍ରରେ ଦର୍ଶାଇଛନ୍ତି ଯେ, ନନ୍ଦପୁର ବଜାର ଠାରୁ ଯାଇଥିବା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ରାସ୍ତାର ଅଚକ ଠାରେ ଥିବା ଲେବଲକ୍ରସିଂ ଆପ୍ରୋଚ ରୋଡ଼ ଧାମରା ବନ୍ଦର କମ୍ପାନୀ ଅଧୀନରେ ରହିଛି। ଏହି ଆପ୍ରୋଚରୋଡ଼ ଦୀର୍ଘଦିନ ହେବ ଶୋଚନୀୟ ହୋଇ ରହିଛି। ରାସ୍ତାଟି ବ୍ୟସ୍ତ ବହୁଳ ରାସ୍ତା ଭାବେ ପରିଗଣିତ ହୋଇଥିବା ବେଳେ ଲୋକମାନେ ଯାତାୟତ ସମୟରେ ବିପଦର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତାଟି ଅଚକ ଓ ମହରମପୁର ପଞ୍ଚାୟତର ମୁଖ୍ୟ ଯାତାୟତ ରାସ୍ତା ଅଟେ। ଏହି ରାସ୍ତା ଦେଇ ଲୋକ ମଧ୍ୟ ତିହିଡ଼ି ବଜାରକୁ ଯାତାୟତ କରିଥାନ୍ତି। ଏଥି ସହିତ ରାସ୍ତାରେ ସ୍କୁଲ, କଲେଜ ପିଲାମାନେ ଯାତାୟତ କରିଥାନ୍ତି। ନନ୍ଦପୁର ବଜାରରେ ବହୁ ପୁରାତନ ଦୁର୍ଗାପୂଜା ହୋଇଥାଏ। ଆଉ ଅଳ୍ପଦିନ ମଧ୍ୟରେ ଦୁର୍ଗାପୂଜା ପାଇଁ ବହୁ ଶ୍ରଦ୍ଧାଳୁଙ୍କର ସମାଗମ ହେବ। ଏହି ରାସ୍ତାରେ ଶ୍ରଦ୍ଧାଳୁମାନେ ଦେବୀ ଦର୍ଶନ ପାଇଁ ଆସିବେ। ଦୁର୍ଗାପୂଜା ପୂର୍ବରୁ ରାସ୍ତା ନିର୍ମାଣ କରାନଗଲେ ଶ୍ରଦ୍ଧାଳୁମାନେ ବହୁ ଅସୁବିଧାରେ ପଡ଼ିବେ। ତେବେ ତୁରନ୍ତ ଆପ୍ରୋଚ ରୋଡ଼ ନିର୍ମାଣ ପାଇଁ ଧାମରା ବନ୍ଦର କମ୍ପାନୀ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି କରାଯାଇଛି।

# ମୂର୍ତ୍ତିରେ ଶେଷ ସ୍ପର୍ଶ ଦେଉଛନ୍ତି କାରିଗର



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ପାର୍ବଣ ଋତୁ ପାଖେଇ ଆସିଲା। ଗଣେଶ ପୂଜାରୁ ଆରମ୍ଭ ହୋଇ କାର୍ତ୍ତିକେଶ୍ୱର ପୂଜାରେ ଶେଷ ହେବ। ଗୋଟିଏ ପରେ ଗୋଟିଏ ପୂଜା ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳରେ ବିଭିନ୍ନ ଗାଁ'କୁ ଚଳଚଞ୍ଚଳ କରିଦେବ। ଅଗଷ୍ଟ ୨୭ରେ ବିଦ୍ୟାଦାତା ଗଣେଶଙ୍କ ପୂଜା। ପୂଜା ପାଇଁ ସାହି ଅବା କ୍ଲବରେ ପ୍ରସ୍ତୁତି ଆରମ୍ଭ ହେଲାଣି। ମାସେ ଆଗରୁ କାରିଗର ମାନେ ମୂର୍ତ୍ତି ନିର୍ମାଣ ଆରମ୍ଭ କରିଦେଇଛନ୍ତି। ବରାଦ ଅନୁସାରେ ମୂର୍ତ୍ତି ତିଆରି ଚାଲିଛି। ଏବେ ଶେଷ ପର୍ଯ୍ୟାୟରେ। ବିଘ୍ନରାଜଙ୍କ ପୂଜା ପାଇଁ ଶିକ୍ଷାନୁଷ୍ଠାନ ଗୁଡିକ ବେଶ ତତ୍ପର। ଅସ୍ତରଙ୍ଗ ଅଞ୍ଚଳର ହରିଣହୁଳା, ଖଣ୍ଡାସାହି, ଓସ୍ତପୁର, ଗୋସିଙ୍ଗା ଅଞ୍ଚଳରେ କାରିଗର ମାନେ ଲୋକଙ୍କୁ ଆକର୍ଷଣ କଲା ଭଳି ମୂର୍ତ୍ତି ନିର୍ମାଣରେ ଲାଗିଛନ୍ତି କାରିଗର। ଚାହିଦା ଅନୁସାରେ ରୁଦ୍ର ଗଣେଶ, ବାଲକ୍ରିଷ୍ଣା ଗଣେଶ, ବୁଦ୍ଧ ଗଣେଶ, କାର୍ଟୁନ ଗଣେଶ ଭଳି ବିଭିନ୍ନ ଆକର୍ଷଣୀୟ ମୂର୍ତ୍ତି ଗଢୁଛନ୍ତି କାରିଗର। ୧୦ସେମି ଠାରୁ ଆରମ୍ଭ କରି ୧୫ଫୁଟ ଉଚ୍ଚତାର ମୂର୍ତ୍ତି ନିର୍ମାଣ କରୁଛନ୍ତି। ଯାହାର ମୂଲ୍ୟ ୩୦ ଟଙ୍କାରୁ ୩୦ ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି ବୋଲି କାରିଗର ସୂଚନା ଦେଇଛନ୍ତି। ଛୋଟରୁ ଆରମ୍ଭ କରି ବଡ଼ବଡ଼ ମୂର୍ତ୍ତି ତିଆରି ଚାଲିଛି। ଏବେ ଅଧିକାଂଶ ମୂର୍ତ୍ତି କାରିଗର ଗଣେଶ ମୂର୍ତ୍ତିକୁ ଦୋମାଟିଆ କରି ସାରିଲେଣି। ବିଭିନ୍ନ ଶୈଳୀରେ ମୂର୍ତ୍ତି ନିର୍ମାଣ ପାଇଁ ପ୍ରତିଦିନ କାରିଗରଙ୍କ ପାଖକୁ ଅର୍ଡର ଆସୁଛି। ତେବେ ସ୍ଥାନୀୟ କାରିଗରଙ୍କୁ ମୂର୍ତ୍ତି ନିର୍ମାଣ ପାଇଁ ଆବଶ୍ୟକ କଞ୍ଚା ମାଲ ମିଳିବା କଷ୍ଟକର ହେଉଛି। ମୂର୍ତ୍ତି ନିର୍ମାଣ ପାଇଁ କୁମ୍ଭାର ମାଟି ମୁଖ୍ୟ ଉପାଦାନ। ସେହିପରି ନଡା ମଧ୍ୟ ଅନ୍ୟତମ ପ୍ରମୁଖ ସାମଗ୍ରୀ। ଅନ୍ୟ ପଟେ ଅସ୍ତରଙ୍ଗ ଅଞ୍ଚଳରେ ଥିବା ଅନେକ ମୂର୍ତ୍ତି ଷ୍ଟଲରେ ବଙ୍ଗାଳୀ କାରିଗରଙ୍କ କୌଶଳ ଓ ସୁଲଭ ଦର ଯୋଗୁଁ ସେମାନଙ୍କ ମୂର୍ତ୍ତି ଚାହିଦା ଅସ୍ତରଙ୍ଗ ଅଞ୍ଚଳରେ ଅଧିକ ରହୁଥିବା ପରିଲିକ୍ଷିତ ହେଉଛି। ଅପପକ୍ଷେ ବିଶ୍ୱକର୍ମା ଯୋଜନରେ ସ୍ଥାନୀୟ ମୂର୍ତ୍ତି କାରିଗରମାନଙ୍କୁ ସାମିଲ କରି ସେମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କଲେ ସେମାନଙ୍କ ପାଇଁ ଏହା ଉପଯୋଗୀ ସାବ୍ୟସ୍ତ ହେବ ବୋଲି ପ୍ରତିକ୍ରିୟାରେ କହିଛନ୍ତି ମୂର୍ତ୍ତି କାରିଗର ଶିବ ମୁଦୁଲି।

## ମୃତ ନାବାଳକଙ୍କ ପରିବାରକୁ ସରକାରୀ ସହାୟତା ଦାବି

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ତହସିଲ ପୀରହାଟ ଥାନା ବାରସର ପଞ୍ଚାୟତ ଅଧୀନ ନୂଆବନ୍ଧ ଗ୍ରାମର ନରହରି ଦାସଙ୍କ ପୁଅ ସ୍ୱାଧୀନ (୧୬) ପୋଖରୀରେ ପଡ଼ି ଚଳିତମାସ ୧୮ତାରିଖରେ ମୃତ୍ୟୁବରଣ କରିଥିଲେ। ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ପିତା ନରହରି ଦାବି କରିଛନ୍ତି। ଏ ସମ୍ପର୍କରେ ଗୁରୁବାର ନରହରି ଅତିରିକ୍ତ ତହସିଲଦାରଙ୍କୁ ସହାୟତା ପାଇଁ ଲିଖିତ ଭାବେ ଜଣାଇଛନ୍ତି। ପ୍ରକାଶ ଯେ, ନାବାଳକ ସ୍ୱାଧୀନ ନିଜ ଘର ପିଣ୍ଡାରେ ଶୋଇଥିଲେ। କିଛି ସମୟ ପରେ ତାଙ୍କ ବାପା ସ୍ୱାଧୀନ ପିଣ୍ଡାରେ ଶୋଇ ନଥିବା ଦେଖିଥିଲେ। ପରେ ସେ ବହୁ ଖୋଜା ଖୋଜି କରିବା ପରେ ସ୍ୱାଧୀନଙ୍କ ଘର ଠାରୁ କିଛି ଦୂରରେ ଥିବା ଏକ ପୋଖରୀରେ ସ୍ୱାଧୀନଙ୍କୁ ଭାସୁଥିବାରେ ଦେଖିଥିଲେ। ଗୁରୁତର ଅବସ୍ଥାରେ ସ୍ୱାଧୀନଙ୍କୁ ତିହିଡ଼ି ଡାକ୍ତରଖାନା ନେଇଥିଲେ। ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ପୁଲିସ ଏହି ଘଟଣାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇ ଥିଲେ।

# ରୋଟାରୀ କ୍ଲବ ପକ୍ଷରୁ ଚକ୍ଷୁ ଚିକିତ୍ସା ଶିବିର

ବାଣପୁର, (ଭାସ୍କର ନ୍ୟୁଜ୍): ବାଣପୁର ବାଲୁଗାଁ ରୋଟାରୀ କ୍ଲବ ପକ୍ଷରୁ ଏକ ବିଶାଳ ଚକ୍ଷୁ ଚିକିତ୍ସା ଶିବିରର ଆୟୋଜନ ବାଣପୁର ବ୍ଲକର ଭେଟେଶ୍ୱର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ କରାଯାଇଥିଲା। ଭୁବନେଶ୍ୱର ରୋଟାରୀ କ୍ଲବ ପକ୍ଷରୁ ଏକ ଭ୍ରାମ୍ୟମାଣ ଚକ୍ଷୁ ଚିକିତ୍ସା ଯାନ, ଭିଜନ କେଆର ହସ୍ପିଟାଲ ଓ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଚକ୍ଷୁ ବିଶେଷଜ୍ଞ ଡାକ୍ତର ଅଜୟ କୁମାର ସିଂ, ବାଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଚକ୍ଷୁ ଚିକିତ୍ସା ଅଧିକାରୀ ଅନସୂୟା ମହାନ୍ତି, ବରିଷ୍ଠ ଚକ୍ଷୁ ଚିକିତ୍ସା ଅଧିକାରୀ ତଥା କ୍ଲବର ପ୍ରାକ୍ତନ ସଭାପତି ବିଜୟ କୁମାର ବେହେରା ତଥା ଅନ୍ୟାନ୍ୟ ସହାୟକମାନଙ୍କ ସହାୟତାରେ ୧୪୫ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇ ଆବଶ୍ୟକ ଥିବା ଔଷଧ ଓ ଚଷମା ଆଦି ବଣ୍ଟନ କରାଯାଇଥିଲା। ସେଥି ମଧ୍ୟରୁ ୬ ଜଣଙ୍କୁ ମୋତିଆବିନ୍ଦୁ ଅସ୍ତ୍ରୋପଚାର ନିମନ୍ତେ ଚିହ୍ନଟ କରାଯାଇ ସେମାନଙ୍କୁ ଭୁବନେଶ୍ୱର ରୋଟାରୀ ଚକ୍ଷୁ ଚିକିତ୍ସାଳୟ ପକ୍ଷରୁ ବ୍ୟବସ୍ଥିତ ଗାଡିରେ ଭୁବନେଶ୍ୱର ନିଆଯାଇଛି। ଶିବିରକୁ ଭେଟେଶ୍ୱର ସରପଞ୍ଚ ତଥା କ୍ଲବର ସଦସ୍ୟା ସାବିତ୍ରୀ ଭୋଳ ଉଦ୍‌ଘାଟନ କରିଥିଲେ। କ୍ଲବର ସଭାପତି ସୁନୀଲ କୁମାର ପାତ୍ର, ସମ୍ପାଦକ ହିମାଂଶୁ କୁମାର ପାତ୍ର, ପ୍ରାକ୍ତନ ସଭାପତି ଧୀରେନ୍ଦ୍ରନାଥ ପାତ୍ର, ରବିନାରାୟଣ ନାୟକ, ଅଶୋକ କୁମାର ପାତ୍ର, ନନ୍ଦକିଶୋର ମିଶ୍ର, ଅନଙ୍ଗଭୀମ ବିଶ୍ୱାଳ, ଜଗଦୀଶ ପ୍ରସାଦ ଲାଖୋଟିଆ, ରବିନାରାୟଣ ପାଲଙ୍କ ସମେତ ସଭ୍ୟ ଡ.ଚିନ୍ତାମଣି ମିଶ୍ର, କ୍ୟାପଟେନ ଭବାନୀ ପ୍ରସାଦ ହୋତା, ସଂଜୟ କୁମାର ସାହୁ, ପ୍ରଶାନ୍ତ କୁମାର ଚୌଧୁରୀ, ଅଶୋକ କୁମାର ନାୟକ ପ୍ରମୁଖ ପରିଚାଳନା କରିଥିଲେ।

## ଧାରଣାରେ ଅଧ୍ୟାପକ, ଅଧ୍ୟାପିକା ଏବଂ କର୍ମଚାରୀ

ବୋଲଗଡ଼, (ଭାସ୍କର ନ୍ୟୁଜ୍): ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘର ଆହ୍ୱାନ କ୍ରମେ ସୋମବାର ଠାରୁ ରାଜ-ସୁନାଖଳା ମହାବିଦ୍ୟାଳୟର ପରିଚାଳନା କମିଟି ଦ୍ୱାରା ନିଯୁକ୍ତି ପ୍ରାପ୍ତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଏବଂ କର୍ମଚାରୀମାନେ ସରକାରଙ୍କ ପୂର୍ଣ୍ଣ ଅନୁଦାନ ଦାବିରେ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଆନ୍ଦୋଳନରେ ବସି ରହିଛନ୍ତି। ଯାହା ଦ୍ୱାରା ମହାବିଦ୍ୟାଳୟରେ ପାଠପଢ଼ା ସହିତ ଅଫିସ କାର୍ଯ୍ୟରେ ମଧ୍ୟ ବାଧା ସୃଷ୍ଟି ହୋଇଅଛି। ସରକାର ସେମାନଙ୍କର ଦାବି ପୁରଣ ନକଲେ ଏହି କାର୍ଯ୍ୟବନ୍ଦ ଆନ୍ଦୋଳନ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଜାରି ରହିବ ବୋଲି ମହାବିଦ୍ୟାଳୟର ଆନ୍ଦୋଳନରତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ବୃନ୍ଦ ଦୃଢତାର ସହିତ ନିଜ ମତ ପ୍ରକାଶ କରିଛନ୍ତି।

## ହଟୁନି ମେଡିକାଲରୁ ତଦନ୍ତ ଅନିଶ୍ଚିତତା

# ୮ଦିନ ହେଲା ଛୁଟିରେ ଅଧିକ୍ଷକ, ଦ୍ୱନ୍ଦ୍ୱ ବଢାଉଛି ସିଡିଏମ୍‌ଓ କାର୍ଯ୍ୟାଳୟ


ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକ୍ଷକଙ୍କ ବିରୋଧରେ ବହୁ ସଂଖ୍ୟକ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀଙ୍କ ସଙ୍ଗୀନ ଅଭିଯୋଗ ଆଧାରିତ ତଦନ୍ତ ନେଇ ପ୍ରହେଳିକା ସୃଷ୍ଟି ହୋଇଛି। ଦୀର୍ଘ ଦେଢ ମାସ ପୂର୍ବରୁ ହୋଇଥିବା ଏହି ଅଭିଯୋଗକୁ ଚପାଇବା ପାଇଁ ସିଡିଏମଓ କାର୍ଯ୍ୟାଳୟର ଉଦ୍ୟମ ଫସର ଫାଟିବା ପରେ ଏବେ ତଦନ୍ତର ଭେଳିକି ଚାଲୁ ରହିଛି। ଏହି ଅଭିଯୋଗ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକ୍ଷକ ଡା କମଳାକାନ୍ତ ସ୍ୱାଇଁଙ୍କ ବିରୋଧରେ କେବଳ ହୋଇଥିଲା। ସିଡିଏମଓ କାର୍ଯ୍ୟାଳୟ ବାଧ୍ୟବାଧକତାରେ ତଦନ୍ତ ପାଇଁ ଗତ ୫ ଓ ୬ ତାରିଖ ଦୁଇ ଦିନରେ ଅଭିଯୋଗକାରୀ ସିଏଚଓ ଓ ଅଧିକ୍ଷକଙ୍କ ଠାରୁ ସନ୍ଦେହ ଜନକ ଭାବେ ବୟାନ ରେକର୍ଡ କରିଥିଲା। ତଦନ୍ତକୁ ଭିନ୍ନ ମୋଡ ଦେବା ପାଇଁ ଅଧିକ୍ଷକଙ୍କ ଅନୁଗତ ସ୍ୱାସ୍ଥ୍ୟକର୍ମୀ ଗୋଷ୍ଠୀ ସିଏଚଓଙ୍କ ବିରୋଧରେ ଆଣିଥିବା ସଦ୍ୟ ଅଭିଯୋଗକୁ ମୂଳ ତଦନ୍ତ ସହ ଯୋଡି ଦିଆଯାଇ ସିଡିଏମଓ କାର୍ଯ୍ୟାଳୟ ତଦନ୍ତ ପ୍ରକ୍ରିୟାକୁ ଅଯାଚିତ ଭାବେ ଦୀର୍ଘ କରାଯାଇଛି। ଏଥିପାଇଁ ଗତ ୧୧ ତାରିଖରେ ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ରରୁ ୨ଟି ବୋଲେରୋ ଯୋଗେ ସ୍ୱାସ୍ଥ୍ୟକର୍ମୀମାନେ ସିଡିଏମଓ କାର୍ଯ୍ୟାଳୟକୁ ଯାଇ ବୟାନ ଦେଇଥିବା ଜଣାଯାଇଛି। ପୁନଶ୍ଚ ୧୨ ତାରିଖ ଦିନ ସ୍ୱାସ୍ଥ୍ୟ କେନ୍ଦ୍ରର ଅର୍ଥ ପରିଚାଳନା କର୍ମଚାରୀ ମାନେ ନିର୍ଦ୍ଦେଶ ମୁତାବକ ସି.ଡି.ଏମ.ଓ. କାର୍ଯ୍ୟାଳୟକୁ ଯାଇ ତଦନ୍ତରେ ସାମିଲ ହୋଇଥିବା ଜଣାଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଡାକ୍ତରମାନଙ୍କୁ ଠାରୁ ସିଡିଏମଓ କାର୍ଯ୍ୟାଳୟ ବୟାନ ରେକର୍ଡ କରାଯିବ ବୋଲି ଶୁଣାଯାଉଛି। ଗତ ୧୩ ବର୍ଷ କାର୍ଯ୍ୟକାଳ ମଧ୍ୟରେ ଅଧିକ୍ଷକ ଡ. ସ୍ୱାଇଁଙ୍କ ବିରୋଧରେ ଏଭଳି ତଦନ୍ତ ହେବା ପ୍ରଥମ ଘଟଣା। ପୂର୍ବରୁ ସବୁ ଅଭିଯୋଗକୁ ଅକାମୀ କରିଦେଉଥିବା ଡ. ସ୍ୱାଇଁ ଏବେ ତଦନ୍ତକୁ ନେଇ ବିଚଳିତ ହେବା ସହ ଗତ ୮ ଦିନ ଧରି ଛୁଟିରେ ରହିଥିବା ଜଣାଯାଇଛି। ଏଥିସହ ବହୁ ଗୋଷ୍ଠୀରେ ବିଭାଜିତ ହୋଇ ପରସ୍ପରକୁ ଅକଳରେ ପକାଉଥିବା ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀ ଗୋଷ୍ଠୀ ତଦନ୍ତର ଫଳାଫଳକୁ ନେଇ ଉତ୍କଣ୍ଠା ମଧ୍ୟରେ ରହିଥିବାରୁ ରୋଗୀସେବା ଉପରେ ଏହାର କୁପ୍ରଭାବ ପରିଲକ୍ଷିତ ହୋଇଛି। ଡ. ସ୍ୱାଇଁଙ୍କ ସମୟରେ ଗୋଷ୍ଠୀ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ମଧ୍ୟରେ ପାରସ୍ପରିକ ଅବିଶ୍ୱାସ ଓ ସନ୍ଦେହ ଲାଗି ରହି ବିଶୃଙ୍ଖଳିତ ଭାବ ଦେଖାଦେଇଛି। ସମ୍ପ୍ରତି ତଦନ୍ତ ସମୟରେ ଡ. ସ୍ୱାଇଁ ନିର୍ଦ୍ଦୋଶ ସାବ୍ୟସ୍ତ ହୋଇ ଅଧିକ୍ଷକ ଭାବେ ପୁନଃ କାର୍ଯ୍ୟ ଆରମ୍ଭ କଲେ ସ୍ୱାସ୍ଥ୍ୟ କେନ୍ଦ୍ରରେ ଶୃଙ୍ଖଳା ଫେରିବ ନାହିଁ ବୋଲି ତଦନ୍ତ ସମୟରେ ଖୋଦ କର୍ମଚାରୀ ମାନେ ମତଦେଇଛନ୍ତି ବୋଲି ଚର୍ଚ୍ଚା ଲାଗି ରହିଛି। ଅନ୍ୟପକ୍ଷରେ ସିଡିଏମଓ କାର୍ଯ୍ୟାଳୟ ତଦନ୍ତରୁ ନ୍ୟାୟ ମିଳିବ ନାହିଁ ବୋଲି ପୁର୍ବାନୁମାନ କରି ସିଏଚଓମାନେ ପରିବର୍ତ୍ତି ପଦକ୍ଷେପ ପାଇଁ ପ୍ରସ୍ତୁତି ଚଳାଇଥିବା ଜଣାଯାଇଛି। ତଦନ୍ତ ଅନ୍ତିମ ପର୍ଯ୍ୟାୟରେ ରହିଛି। ଅଳ୍ପ ଦିନ ମଧ୍ୟରେ ଚୁଡାନ୍ତ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ସିଡିଏମଓ ଡା. ଉମାଚରଣ ବିଶ୍ୱାଳ ମତ ରଖିଛନ୍ତି।

# ଝାଡେଶ୍ୱର ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ନେଇ ପ୍ରସ୍ତୁତି ବୈଠକ



ଛତ୍ରପୁର, (ଭାସ୍କର ନ୍ୟୁଜ୍): ଝାଡେଶ୍ୱର ପୀଠରେ ଆସନ୍ତା ଫେବୃଆରୀ ମାସ ୨୦୨୬ ରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେବ। ଏ ନେଇ ମନ୍ଦିର ପ୍ରାଙ୍ଗଣରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମଲାଡ ଓ ହୁମ୍ମା ପଞ୍ଚାୟତର ୮ଟି ଗ୍ରାମର ଗ୍ରାମ୍ୟ କମିଟି ଏହି ବୈଠକରେ ଯୋଗ ଦେଇଥିଲେ। ଏହି ଯଜ୍ଞ ୧୫ ଦିନ ଧରି ଅନୁଷ୍ଠିତ ହେବ। ଏହି ଅବସରରେ ବିଭିନ୍ନ ଗ୍ରାମ୍ୟ କମିଟି ସହ ଆଲୋଚନା କରାଯାଇ ଆୟୋଜନର ରୂପରେଖ ପ୍ରସ୍ତୁତ କରାଯାଇଛି। ଝାଡେଶ୍ୱର ପୀଠରେ ୪୦ ଲକ୍ଷ ଟଙ୍କା ବ୍ୟୟରେ ଏକ କଲ୍ୟାଣ ମଣ୍ଡପ ନିର୍ମାଣ ହେବ। ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଶିଳାନ୍ୟାସ କରିବା ସହ ନିର୍ମାଣ କାର୍ଯ୍ୟ ଶୀଘ୍ର ସମ୍ପନ୍ନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ଝାଡେଶ୍ୱର ପୀଠକୁ ପର୍ଯ୍ୟଟନ ସ୍ଥଳୀ ଭାବେ ମାନ୍ୟତା ଦେବା ପାଇଁ ଗ୍ରାମବାସୀ ଓ ଜନପ୍ରତିନିଧିମାନେ ବିଧାୟକଙ୍କୁ ଅନୁରୋଧ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଗଞ୍ଜାମ ବିଡ଼ିଓ ଅଚ୍ୟୁତାନନ୍ଦ ଜାନି, ବ୍ଲକ୍ ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ଛତ୍ରପୁର ବ୍ଲକ୍ ପ୍ରତିନିଧି ବନୋଜ ନାହାକ, ଗଞ୍ଜାମ ବ୍ଲକ୍ ପ୍ରତିନିଧି ମାନସ ନାହାକ, ମନ୍ଦିର ସଭାପତି କବିରାଜ ସ୍ୱାଇଁ, ଜୟ ପ୍ରଧାନ, କୃଷ୍ଣ ଚନ୍ଦ୍ର ପଲାଇ ପ୍ରମୁଖ ଉପସ୍ଥିତ ଥିଲେ। ଯୁବ ନେତା ଲିଙ୍ଗରାଜ ମହାପାତ୍ର ଏଥିରେ ସଂଯୋଜନାରେ କରିଥିଲେ। ଏହି ମହାଯଜ୍ଞ ଓ କଲ୍ୟାଣ ମଣ୍ଡପ ନିର୍ମାଣ ଝାଡେଶ୍ୱର ପୀଠର ଆଧ୍ୟାତ୍ମିକ ଓ ସାଂସ୍କୃତିକ ମହତ୍ତ୍ୱକୁ ଆହୁରି ବୃଦ୍ଧି କରିବ ବୋଲି ଆଶା କରାଯାଉଛି।


# କେନାଲ ସଫେଇ ନାମରେ ଲକ୍ଷାଧିକ ଟଙ୍କା ହରିଲୁଟ୍



ଗୋପ, (ଭାସ୍କର ନ୍ୟୁଜ୍): ପ୍ରତିବର୍ଷ ସରକାର କେନାଲ ସଫେଇ ନାମରେ କୋଟକୋଟି ଟଙ୍କା ବ୍ୟୟ କରୁଛନ୍ତି। କେନାଲର ଶେଷ ମୁଣ୍ଡରେ ପାଣି ପହଁଚିବ ଏବଂ ଚାଷୀ ଓ ଚାଷର ଉନ୍ନତି ହେବ ବୋଲି ସରକାର ଡିଡିମ ପିଟୁଛନ୍ତି। ମାତ୍ର ଗୋପ ବ୍ଲକରେ ତାହାର ସମ୍ପୁର୍ଣ୍ଣ ବ୍ୟତିକ୍ରମ ଦେଖାଦେଇଛି। ସଫେଇ ନାମରେ ପ୍ରତିବର୍ଷ କୋଟିକୋଟି ଟଙ୍କା ହରିଲୁଟ୍ ହେଉଥିବା ଅଭିଯୋଗ ହେଉଛି। ଗୋପ ଜଳସମ୍ପଦ ବିଭାଗ କାର୍ଯ୍ୟାଳୟ ଅଧିନରେ ଥିବା ବ୍ରାଞ୍ଚ କେନାଲ, ଶାଖାକେନାଲ ଏବଂ ମାଇନର କେନାଲ ଗୁଡିକୁ ଦେଖିଲେ ଏହି ଦୁର୍ନିତି ସ୍ପଷ୍ଟ ବାରି ହୋଇପଡୁଛି। ଗୋପ ଜଳ ସମ୍ପଦ ବିଭାଗ କାର୍ଯ୍ୟାଳୟ ଅଧିନରେ ପ୍ରତି ବର୍ଷ କୋଟିକୋଟି ଟଙ୍କା ବ୍ୟୟ ବରାଦରେ କେନାଲ ସଫେଇ ହେଉଛି। ମାତ୍ର ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ମଧୁଚନ୍ଦ୍ରିକାରେ ଏହି ସଫେଇ କାର୍ଯ୍ୟ ହେଉଥିବାରୁ ଠିକାଦାର ତାର ମନଇଚ୍ଛା ଡ୍ରୋଜର ଲଗାଇ ସଫା କରୁଥିବା ଦେଖିବାକୁ ମିଳୁଛି। ଗୋଟିଏ ପଟେ ମେସିନ ଦ୍ୱାରା ସଫେଇ ହେଉଥିବାରୁ କେନାଲ ଶଯ୍ୟା ଦିନକୁ ଦିନ ଗଭୀର ହେଉଥିବା ବେଳେ ଅନ୍ୟପଟେ ଠିକାଦାର ଅନେକ ସ୍ଥାନ ଛାଡି ପଳାଉଛନ୍ତି। କେଉଁ କେନାଲ ଜମା ସଫା ହେଉନି ତ କେଉଁ କେନାଲ ଅଧା ସଫା କରି ଠିକାଦାର ଟଙ୍କା ନେଇ ଛୁ'ମାରୁଛି। ଏନେଇ ବିଭାଗୀୟ ଅଧିକାରୀଙ୍କ ନିକଟରେ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ କୌଣସି ସୁଫଳ ମିଳୁନି। ଅଧିକାରୀମାନେ ଠିକାଦାରଙ୍କ ଠାରୁ ମୋଟା ଅଙ୍କର ଅର୍ଥନେଇ ନିଜ ପକେଟ୍ ଗରମ କରୁଥିବା ବେଳେ ଚାଷୀମାନେ ପାଣି ନପାଇ ହନ୍ତସନ୍ତ ହେଉଛନ୍ତି। ଚାଷୀମାନେ ପ୍ରତିବର୍ଷ ଜଳକର ଦେଉଥିବା ବେଳେ ଚାଷ ପାଇଁ ଜଳ ନପାଇବା ପରିତାପ ବିଷୟ ହୋଇଛି। ଏପରିକି ଏହି ଦର୍ନିତିକୁ ଘଣ୍ଟ ଘୋଡାଇବା ପାଇଁ ଖରାଦିନ ଛାଡି ବର୍ଷାଦିନେ ଏପରିକି କେନାଲରେ ପାଣି ଆସିଲେ ରାତି ଅଧିଆ କେନାଲ ସଫେଇ ହେଉଛି। ନିମାପଡା ଅଧିକ୍ଷଣଯନ୍ତ୍ରୀଙ୍କ ଅଧିନରେ ଗୋପ ଜଳସମ୍ପଦ ବିଭାଗ ଥିବା ବେଳେ ସେ ମଧ୍ୟ ଏଥିପ୍ରତି ଦୃଷ୍ଟି ଦେଉନଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ସାରଡ ମାଇନର, ଏରବଙ୍ଗ ମାଇନର, ଭଇରିପୁର ମାଇନର, ନାରୁଆ ମାଇନର, ବେଣିପୁର ମାଇନର କେନାଲ ସମେତ ଗୋପ ଜଳ ସମ୍ପଦ ବିଭାଗ ଅଧିନରେ ଥିବା ଅନେକ କେନାଲ ଏବେ ବି ଅଧା ପାନ୍ତରିଆ ସଫେଇ ହୋଇ ପଡି ରହିଛି। ହେଲେ ପୂର୍ବ ବର୍ଷ ପରି ଚଳିତବର୍ଷ ମଧ୍ୟ ପୂର୍ଣ୍ଣ ସଫେଇ ନାମରେ ଲକ୍ଷାଧିକ ଟଙ୍କା ଚଳୁ କରିବା ପାଇଁ ମସୁଧା କରାଯାଉଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ଏହା ଉପରେ ଭିଜିଲାନ୍ସ ତଦନ୍ତ କରାଗଲେ ଲକ୍ଷଲକ୍ଷ ଟଙ୍କାର ଦୁର୍ନୀତି ଲୋକଲଚନକୁ ଆସିବ ବୋଲି ସାଧାରଣରେ ଦାବି ହୋଇଛି। ଏନେଇ ଗୋପ ସହକାରୀ ନିର୍ବାହୀଯନ୍ତ୍ରୀଙ୍କୁ ପଚାରିବାରେ ଏହା ଉପରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

## ସାମ୍ବାଦିକଙ୍କ ପିତୃ ବିୟୋଗ

ଜଗତସିଂହପୁର, (ଭାସ୍କର ନ୍ୟୁଜ୍): ଜଗତସିଂହପୁର ଅଧିନସ୍ଥ ପଳାଶୋଳ ପଞ୍ଚାୟତ ଡିଙ୍ଗେଶ୍ୱର ଗ୍ରାମର ଧର୍ମପ୍ରାଣ ବ୍ୟକ୍ତି ଦେବେନ୍ଦ୍ର ନାଥ ମହାନ୍ତିଙ୍କ (୮୮) ଙ୍କର ଗୁରୁବାର ମଧ୍ୟାହ୍ନରେ ପରଲୋକ ହୋଇ ଯାଇଛି। ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ଥିଲେ। ସ୍ୱର୍ଗତ ମହାନ୍ତି ଜଣେ ସ୍ନେହୀ, ପରୋପକାରୀ ବ୍ୟକ୍ତି ଥିଲେ। ତାଙ୍କ



ବିୟୋଗରେ ପଳାଶୋଳ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଶେଷ ସମୟରେ ପୁଅ ସାମ୍ବାଦିକ ଅକ୍ଷୟ ମହାନ୍ତି, ବୋହୂ ସନ୍ଧ୍ୟାରାଣୀ ମହାନ୍ତି, ଜ୍ୱାଇଁ ରବୀନ୍ଦ୍ର ମହାନ୍ତି, ଜ୍ଞାନେନ୍ଦ୍ର ନାୟକ, ନାତି ଆଦର୍ଶ ମହାନ୍ତି, ସାଇସତ୍ୟମ ନାୟକ, ଜିତେନ କୁମାର ଜେନାଙ୍କ ସମେତ ପରିବାରବର୍ଗ ଉପସ୍ଥିତ ଥିଲେ। ଶୋକାକୁଳ ପରିବେଶରେ ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ବଡ଼ ପୁଅ ସାମ୍ବାଦିକ ଅକ୍ଷୟ କୁମାର ମହାନ୍ତି ମୁଖାଗ୍ନି ଦେଇଥିଲେ।

## କୋଚିଲା ନଦୀବନ୍ଧ ଭୁସ୍ଖଳନ ଘଟଣା

# ସ୍ଥାନୀୟ ଲୋକେ ଆତଙ୍କିତ, ଜଳସମ୍ପଦ ଅଧିକାରୀଙ୍କ ପରିଦର୍ଶନ





ଧାମନଗର, (ଭାସ୍କର ନ୍ୟୁଜ୍): ଧାମନଗର ବ୍ଲକ ଅନ୍ତର୍ଗତ ପଧାନୀ ପଞ୍ଚାୟତର ସଇଲୋ ଦାସପାରି ନିକଟରେ କୋଚିଲା ନଦୀ ବନ୍ଧରେ ଭୁସ୍ଖଳନ ହେବା ଦ୍ୱାରା ସ୍ଥାନୀୟ ଅଞ୍ଚଳର ଲୋକମାନେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ସମ୍ପଦ ବିଭାଗର ସର୍ବୋଚ୍ଚ ଅଧିକାରୀ ଶରତ ଘଡାଇ ଓ ସ୍ଥାନୀୟ କନିଷ୍ଠ ଯନ୍ତ୍ରୀ ଘଟଣା ସ୍ଥଳରେ ପହଞ୍ଚି ଅସ୍ତାଇ କର୍ଯ୍ୟପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏବେ ଅସ୍ଥାୟୀ ଭାବେ ଏହାର ମରାମତି କରାଯିବ। ବର୍ଷାଦିନ ପରେ ସ୍ଥାୟୀ ମରାମତି କରାଯିବ ବୋଲି ଜଳସମ୍ପଦ ଅଧିକାରି ଘଡାଇ କହିଛନ୍ତି। ସୂଚନା ଥାଉକି ବୈତରଣୀ ନଦୀର ଶାଖାନଦୀ କୋଚିଲା ନଦୀର ସଇଲୋ ଗ୍ରାମ ନିକଟରେ କୋଚିଲା ନଦୀର ବନ୍ଧ ପ୍ରାୟ ୧୦୦ଫୁଟ ଭୁସ୍ଖଳନ ହୋଇଛି। ନିକଟରେ ବଡ ବନ୍ୟା ସମୟରେ ମଧ୍ୟ ଏପରି ଘଟଣା ଘଟିଥିଲା। ତେବେ ବିଭାଗୀୟ ଅଧିକାରିଙ୍କ ତୁରିତ ପଦକ୍ଷେପରେ ବନ୍ଧର ମରାମତି ହୋଇଥିଲା। ଅଞ୍ଚଳବାସୀ ବଡ ବନ୍ୟାକୁ ମଧ୍ୟ ମୁକାବିଲା କରିପାରିଥିଲେ। ପରବର୍ତ୍ତୀ ସମୟରେ ନଦୀରୁ ବନ୍ୟା ପାଣି ଛାଡିବା ପରେ ଏବଂ ତିନିଦିନ ହେବ ଅହରହ ବର୍ଷା ଦ୍ୱାରା ଏବେ ଉକ୍ତ ନଦୀବନ୍ଧ ପୁଣି ପୂର୍ବ ଅବସ୍ଥା ଦେଖାଦେଇଛି। ବନ୍ଧରେ ଦିଆଯାଇଥିବା ପଥର ପ୍ରାୟ ୫୦ଫୁଟ ତଳକୁ ଓ ମାଟି ୩୦ ଫୁଟ ତଳକୁ ଦବିଯାଇଛି ଓ କେତେକ ଅଂଶରେ ଫାଟ ମଧ୍ୟ ସୃଷ୍ଟି ହୋଇଛି। ବାରମ୍ବାର ଏପରି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳବାସିଙ୍କ ମନରେ ଆତଙ୍କ ସୃଷ୍ଟି ହୋଇଛି। ଯଦି ବନ୍ୟା ହୁଏ ତେବେ ଅନେକ ଲୋକଙ୍କର କ୍ଷତି ଘଟିବ। ତେବେ ଉକ୍ତ ସ୍ଥାନରେ ବାରମ୍ବାର ଏପରି ଘଟଣାକୁ ନେଇ ବିଭାଗୀୟ ଅଧିକାରୀ ଘଡାଇ କହିଛନ୍ତି ଯେ ଉକ୍ତ ସ୍ଥାନରେ ନଦୀର ତଳ ଅଂଶରେ କିଛି ପତଳା ମାଟି ରହୁଛି। ଫଳରେ ଉପରେ ମାଟି ଓ ପଥର ଲୋଡ ହେବାରୁ ଏପରି ଘଟଣା ଘଟୁଛି। ତେବେ ଟେକ୍ନିକାଲ ଟିମ୍ ଆସି ପ୍ରକୃତ କାରଣ ଖୋଜିବା ପରେ ସ୍ଥାୟୀ କାର୍ଯ୍ୟ କରାଯିବ। ଅପରପକ୍ଷେ ସ୍ଥାନୀୟ ଲୋକ ସେମାନଙ୍କର ନିଜସ୍ୱ ଜାଗା ଛାଡୁ ନଥିବାରୁ ନଦୀ ବନ୍ଧକୁ ବି ସ୍ଥାନାନ୍ତରିତ କରିହେଉ ନାହିଁ। ଫଳରେ ଉକ୍ତସ୍ଥାନରେ ସ୍ଥାୟୀ ସମାଧାନ କାରିହେଉ ନାହିଁ ବୋଲି ଅଧିକାରୀ ଘଡାଇ କହିଛନ୍ତି। ତେବେ ଉକ୍ତ ନଦୀବନ୍ଧର ସ୍ଥାୟୀ ସମାଧାନ ପାଇଁ ନିକଟରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ନିକଟରେ ଦାବି କରାଯାଇଛି। ମନ୍ତ୍ରୀ ମଧ୍ୟ ଭଦ୍ରକ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏବେ ମଧ୍ୟ ମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଉକ୍ତ ସ୍ଥାନରେ କାଠବଲା ପୋତାଯାଇ ଅସ୍ଥାଇ ମରାମତି କରାଯାଉଛି। ଅଞ୍ଚଳବାସୀ ଭୟଭୀତ ନ ହେବା ପାଇଁ ପଧାନି ସରପଞ୍ଚ ଅଶୋକ ପୁହାଣ କହିଛନ୍ତି।



ନାରାୟଣପାଟଣା, (ଭାସ୍କର ନ୍ୟୁଜ୍): କୋରାପୁଟ ଜିଲ୍ଲା ନାରାୟଣପାଟଣା ବ୍ଲକ ଅନ୍ତର୍ଗତ ତେନ୍ତୁଳି ପଦର ପଞ୍ଚାୟତ ସ୍ଥିତ ଏକ ମାଓ ଅଧ୍ୟୁଷିତ ଆଦିବାସୀ ଅଞ୍ଚଳ ତଳ ରଙ୍ଗପାଣି ଶିକ୍ଷାନୁଷ୍ଠାନରେ ଦେଖିବାକୁ ମିଳିଛି ଏକ ଅଜବ ନୀତି। ସରକାରଙ୍କ ନିୟମାନୁସାରେ ମଧ୍ୟାହ୍ନ ଭୋଜନ ଚାଉଳ ସମସ୍ତ ସ୍କୁଲମାନଙ୍କରେ ପହଞ୍ଚାଇବା ବେଳେ ରଙ୍ଗ ପାଣି ସ୍କୁଲର ପ୍ରଧାନଶିକ୍ଷକ ନିଜ ସ୍କୁଲରେ ଅନୁପସ୍ଥିତ ରହି ପାଖାପାଖି ୧୦କି.ମି. ଦୂର ଏକ ଗାଁରେ ଚାଉଳ ଗ୍ରହଣ କରିବାକୁ ଯାଇଥିବା ପ୍ରକାଶ କରିବା ସହିତ ନିଜସ୍ୱ ସ୍କୁଲରେ କେହି ହେଲେ ସହପାଠୀ ଶିକ୍ଷକ ନ ଥିବା ଏବଂ ଯଦି ଅଛନ୍ତି ତାହେଲେ ସେ କେବେ ହେଲେ ମଧ ସ୍କୁଲକୁ ଆସିନଥିବା ପ୍ରଧାନ ଶିକ୍ଷକ ପ୍ରକାଶ କରିଛନ୍ତି। ଉକ୍ତ ବିଷୟରେ ମଧ୍ୟାହ୍ନ ଭୋଜନ ମ୍ୟାଡମ୍ ସଂଯୁକ୍ତାଙ୍କୁ ସାକ୍ଷାତ କରିବାରୁ ସେ ଆମେ କୌଣସି ପ୍ରକାରର ଆଜି ଚାଉଳ ଗ୍ରହଣ ପାଇଁ କାହାକୁ ଡାକି ନଥିବା ଏବଂ ରଙ୍ଗପାଣି ସ୍କୁଲର ଲିଷ୍ଟ ନ ଥିବା କହିଛନ୍ତି। କିନ୍ତୁ ବିଶେଷସୂତ୍ରରୁ ଜଣାପଡ଼ିଛି କି ମଧ୍ୟାହ୍ନ ଭୋଜନ ମ୍ୟାଡମ୍ ଗତ ୧୯ ତାରିଖରେ ଦୁଇଟି ପଞ୍ଚାୟତ ସ୍ଥିତ ସମସ୍ତ କ୍ଲୋଷ୍ଟରର ସ୍କୁଲମାନଙ୍କୁ ଚାଉଳ ଗ୍ରହଣ ପାଇଁ ଅବଗତ କରାଇଥିଲେ। ହେଲେ ଏଥିରୁ ସ୍ପଷ୍ଟ ହେଉଛି କି ପ୍ରଧାନ ଶିକ୍ଷକ ମିଥ୍ୟା କହୁଛନ୍ତି ନା ଏମ ଡି ଏମ ମ୍ୟାଡମ୍ ମିଥ୍ୟା କହୁଛନ୍ତି। ବର୍ତ୍ତମାନ ପାଖାପାଖି ଦୁଇ ମାସ ଧରି ସ୍କୁଲ ନଯାଇ ଦ୍ୱିତୀୟ ସହପାଠୀ ଶିକ୍ଷକ କେମିତି ସରକାରଙ୍କ ଠାରୁ ମୋଟାଅଙ୍କର ଦରମା ପାଉଛନ୍ତି। ଉକ୍ତ ବିଷୟରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅର୍ପିତା ପ୍ରଧାନଙ୍କୁ ମୋବାଇଲ୍ ଫୋନ୍ କଲ୍ ମାଧ୍ୟମରେ ଯୋଗାଯୋଗ କରିବାରୁ ସେ କୌଣସି ଏକ କାର୍ଯ୍ୟରେ ବ୍ୟସ୍ତ ରହିଥିବା କହି ଫୋନ୍ କାଟି ଦେଇଥିଲେ। ପରିଶେଷରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଈଶ୍ୱର ଚନ୍ଦ୍ର ମୁଦୁଲିଙ୍କୁ ସାକ୍ଷାତ କରିବାରୁ ଏହାର ସଠିକ୍ ତଦନ୍ତ କରାଯିବ ବୋଲି କହିଛନ୍ତି।



# ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ଉନ୍ନୟନ ପ୍ରକଳ୍ପର ସମୀକ୍ଷା



କେନ୍ଦୁଝର, (ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲାର ପ୍ରମୁଖ ଭିତ୍ତିଭୂମି ଏବଂ ବିକାଶ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସମୀକ୍ଷା କରିଛନ୍ତି ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ସଚିନ ଆର. ଜାଧବ। ସ୍ଥାନୀୟ ଦରବାର ହଲରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଜାଧବ ଶିକ୍ଷ, ପରିବହନ, ଜଳ ସମ୍ପଦ ଓ ଜଳସେଚନ, କ୍ରୀଡା, ସଂସ୍କୃତି, ପର୍ଯ୍ୟଟନ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ବନୀକରଣ କ୍ଷେତ୍ରରେ ପ୍ରମୁଖ ପ୍ରକଳ୍ପଗୁଡ଼ିକର ସମୀକ୍ଷା କରିଛନ୍ତି। ସମୀକ୍ଷା ହୋଇଥିବା ପ୍ରମୁଖ ପ୍ରକଳ୍ପଗୁଡ଼ିକ ମଧ୍ୟରୁ ପାଟନା ମେଗା ଷ୍ଟିଲ୍ ପ୍ଲାଣ୍ଟ ଅନ୍ୟତମ। ଷ୍ଟିଲ୍ ପ୍ଲାଣ୍ଟ ପାଇଁ ଚେମନା ଏବଂ ଯମୁନାପୋଷି ଗ୍ରାମ ପଞ୍ଚାୟତରେ ୨୪୦୦ ଏକରରୁ ଅଧିକ ଜମି ଆବଶ୍ୟକ। ଜମି ଅଧିଗ୍ରହଣ ଏବଂ ଜମିର କିସମ ପରିବର୍ତ୍ତନର ଅଗ୍ରଗତି ଉପରେ ଆଲୋଚନା କରାଯାଇଥିଲା। ପ୍ରଶାସନ ପକ୍ଷରୁ ଏ ବାବଦ ପ୍ରଶାସନିକ ଅନୁମୋଦନ ମଗାଯାଇଥିବା ଜଣାପଡିଛି। ପରିବହନ କ୍ଷେତ୍ରର ପ୍ରମୁଖ ପ୍ରକଳ୍ପଗୁଡିକ ମଧ୍ୟରେ ରାଇସୁଆନ୍ ଏୟାରଷ୍ଟ୍ରିପ୍ ଏବଂ ସଂଯୋଗୀ କରଣ ବୃଦ୍ଧି ପାଇଁ ଅନ୍ୟ ପ୍ରମୁଖ ଏକ୍ସପ୍ରେସ୍ ୱେ ଏବଂ ରାସ୍ତା ପ୍ରକଳ୍ପ ଗୁଡ଼ିକର ସମୀକ୍ଷା କରିଥିଲେ। ବଡ଼ବିଲ ବାଇପାସର ସ୍ଥିତି ଏବଂ ବାଦାମପାହାଡ଼-କେନ୍ଦୁଝର, ପଳାଶପଙ୍ଗା-ବାମବାରୀ ରାସ୍ତା, ନୟାଗଡ-ଡୁବୁନା ସଂଯୋଗ ରାସ୍ତା, ଶୁଆକାଟି-ଡୁବୁନା-କାଳିମାଟି, ରଙ୍ଗାଡିହି-ଫୁଲଝର-ବଳଭଦ୍ରପୁର-ଜଗଦଳା ଡ୍ୟାମ୍ ରାସ୍ତା ସମେତ ନୂତନ ରେଳ ଲାଇନ ପାଇଁ ପ୍ରସ୍ତାବଗୁଡ଼ିକର ମଧ ସମୀକ୍ଷା କରାଯାଇଥିଲା। ୩୧୬.୩୨ କୋଟିର ସଂଶୋଧିତ ମୂଲ୍ୟ ସହିତ ଘଟଗାଁରେ ମା ତାରିଣୀ ମନ୍ଦିର କମ୍ପ୍ଲେକ୍ସର ସମନ୍ୱିତ ବିକାଶ, ଉନ୍ନତ ତୀର୍ଥଯାତ୍ରୀ ସୁବିଧା, ଭୂଦୃଶ୍ୟ ଆଲୋକମାଳ ଏବଂ ଶବ୍ଦ ପ୍ରଣାଳୀ ଏବଂ ଉନ୍ନତ ସଡ଼କ ସଂଯୋଗୀକରଣ ସହିତ ମନ୍ଦିରକୁ ରୂପାନ୍ତରିତ କରିବାକୁ ସ୍ଥିର କରାଯାଇଛି। ସେହିପରି, ବଳଦେବ ଯିଉଜୀ ମନ୍ଦିର କମ୍ପ୍ଲେକ୍ସ ପ୍ରକଳ୍ପ ଜିଲ୍ଲାରେ ଆଧ୍ୟାତ୍ମିକ ପର୍ଯ୍ୟଟନ ଏବଂ ସାଂସ୍କୃତିକ ଐତିହ୍ୟକୁ ବୃଦ୍ଧି କରିବା ଲକ୍ଷ୍ୟ ରଖିଛି। ଜାଧବ ଜଳସେଚନ କ୍ଷେତ୍ରରେ କାନପୁର ଜଳସେଚନ ପ୍ରକଳ୍ପ ଏବଂ ସମନ୍ୱିତ ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପର ସମୀକ୍ଷା କରିଥିଲେ। ଉଭୟ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ କେନ୍ଦୁଝରର କୃଷି କ୍ଷେତ୍ରରେ ଜଳସେଚିତ ଅଞ୍ଚଳ ବୃଦ୍ଧି ପାଇବ। ଜିଲ୍ଲାର କ୍ରୀଡା ଭିତ୍ତିଭୂମିର ସ୍ଥିତି ଓ ଅଗ୍ରଗତି ନେଇ ଜାଧବ ବିସ୍ତୃତ ସମୀକ୍ଷା କରିଥିଲେ। ରାଙ୍କିରେ ସମନ୍ୱିତ କ୍ରୀଡା କମ୍ପ୍ଲେକ୍ସ, ରାମଚନ୍ଦ୍ରପୁରରେ ତୀରନ୍ଦାଜୀ ଏକାଡେମୀ ଏବଂ ଗୋବିନ୍ଦପୁରରେ ଅଲିମ୍ପିକ୍ ଆକାରର ସନ୍ତରଣ ପୁଲ ଭଳି ପ୍ରସ୍ତାବିତ ପ୍ରକଳ୍ପ ସହିତ ଧରଣୀଧର କ୍ରୀଡା କମ୍ପ୍ଲେକ୍ସ, ଶଙ୍କରପୁରରେ ତୀରନ୍ଦାଜୀ ଏକାଡେମୀ ଏବଂ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମ ଭଳି ପ୍ରକଳ୍ପଗୁଡ଼ିକର ସମୀକ୍ଷା କରାଯାଇଥିଲା। ସ୍ୱାସ୍ଥ୍ୟ କ୍ଷେତ୍ରରେ, ଧରଣୀଧର ମେଡିକାଲ କଲେଜ ହସ୍ପିଟାଲରେ ଏକ ନର୍ସିଂ ଏବଂ ଡେଣ୍ଟାଲ୍ କଲେଜ ପ୍ରତିଷ୍ଠା, ଜେଲ କ୍ୟାମ୍ପସ ସ୍ଥାନାନ୍ତର ଏବଂ ନୂତନ କର୍ମଚାରୀ କ୍ୱାର୍ଟର ବିକାଶ ପାଇଁ ଯୋଜନା ଉପସ୍ଥାପନ କରାଯାଇଥିଲା। ସାନଘାଗରା ବିଳାସପୂର୍ଣ୍ଣ ପ୍ରକୃତି ଶିବିର, ହାତୀ ଯତ୍ନ କେନ୍ଦ୍ର ଏବଂ ପଞ୍ଚବଟୀ ଔଷଧୀୟ ସଂରକ୍ଷଣ କେନ୍ଦ୍ର ଭଳି ବନୀକରଣ ପଦକ୍ଷେପଗୁଡ଼ିକ ଉପରେ ମଧ ଆଲୋଚନା କରାଯାଇଥିଲା। ଆୟୁକ୍ତ ପ୍ରକଳ୍ପଗୁଡ଼ିକର ଧାର୍ଯ୍ୟ ସମୟସୀମା ମଧ୍ୟରେ ସମାପ୍ତ କରିବା, ବିଭାଗଗୁଡ଼ିକ ମଧ୍ୟରେ ଆବଶ୍ୟକ ସମନ୍ୱୟ ଏବଂ ସାମୁଦାୟିକ ଅଂଶଗ୍ରହଣ ସହିତ ସ୍ଥାୟୀ ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ରାଜ୍ୟ ଏବଂ ଜାତୀୟସ୍ତରର ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପଗୁଡ଼ିକୁ ଆଗକୁ ବଢାଇବାରେ ଜିଲ୍ଲା ପ୍ରଶାସନର ଉଦ୍ୟମକୁ ସେ ପ୍ରଶଂସା କରିଥିଲେ, ଯେତେବେଳେ ବିଳମ୍ବ ଦେଖାଯାଉଥିବା ସ୍ଥାନରେ ଗୁଣବତ୍ତା ବଜାୟ ରଖିବା ଏବଂ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଭାରତୀୟ ରେଳ, ଓବିସିସି, ବନ ବିଭାଗ, ଶିକ୍ଷ, ବାଣିଜ୍ୟ ଓ ପରିବହନ ବିଭାଗ, ଜଳ ସମ୍ପଦ ବିଭାଗ, କ୍ରୀଡା ଓ ଯୁବ ସେବା ବିଭାଗ, ସଂସ୍କୃତି ଓ ପର୍ଯ୍ୟଟନ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଜିଲ୍ଲା ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ଦ୍ୱୟ, ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ଅଧିକାରୀ, ଉପଜିଲ୍ଲାପାଳ ଓ ସମସ୍ତ ତହସିଲଦାର ପ୍ରମୁଖ ସମୀକ୍ଷା ବୈଠକରେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ନିଜ ଗସ୍ତର ପ୍ରଥମ ଦିବସରେ ଜାଧବ କେନ୍ଦୁଝର ରାଜବାଟୀଠାରେ ପ୍ରସ୍ତାବିତ ଐତିହ୍ୟ ହୋଟେଲ ନିର୍ମାଣ ପାଇଁ ରାଜାସାହେବଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ ଓ ରାଇସୁଆଁ ଏୟାରଷ୍ଟ୍ରିପର ଉନ୍ନତିକରଣ ନିମନ୍ତେ ଆବଶ୍ୟକୀୟ ଜମି ଅଧିଗ୍ରହଣ ନିମନ୍ତେ କ୍ଷେତ୍ର ପରିଦର୍ଶନ କରିଥିଲେ। ଅନୁରୂପ ଭାବେ ଦ୍ୱିତୀୟ ଦିବସରେ ରାଇକଳାଠାରେ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ଦ୍ୱାରା ନିର୍ମାଣ ହେବାକୁଥିବା ଆବାସିକ ବିଦ୍ୟାଳୟ ନିର୍ମାଣ ସ୍ଥଳୀ, କୁସୁମିତାଠାରେ ବିପ୍ଲବୀ ଧରଣୀଧରଙ୍କ ସ୍ମାରକୀ ସଂଗ୍ରହାଳୟ ଓ ଶଙ୍କରପୁର ଧରଣୀଧର ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଠାରେ କ୍ରୀଡ଼ାବିତ ମାନଙ୍କ ସହ ଭାବ ବିନିମୟ କରିଥିଲେ।

# ନିର୍ମାଣ କାର୍ଯ୍ୟ ଉପରେ କର୍ମଶାଳା



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ସ୍ଥିତ ନାୟକ ଟ୍ରେଡର୍ସ ଆନୁକୂଲ୍ୟରେ ଆଦାନି ଏସିସି ସିମେଣ୍ଟ ଓ ଟାଟା ଟିସ୍କନ ରର୍ଡ଼ କମ୍ପାନୀ ପକ୍ଷରୁ ବୁଧବାର ସ୍ଥାନୀୟ ତିହିଡ଼ି ଆଇଟିଆଇ ପରିସରରେ ଅତ୍ୟାଧୁନିକ ନିର୍ମାଣ କାର୍ଯ୍ୟ ଓ କାରିଗରୀ ବିଦ୍ୟାର କାର୍ଯ୍ୟକାରିତାକୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇ ଯାଇଛି। ଏହି କର୍ମଶାଳାରେ ଆଦାନି ଏସିସି ସିମେଣ୍ଟର ଭଦ୍ରକ-ଯାଜପୁର ଅଧିକାରୀ ସୁବୋଧ ରଞ୍ଜନ ପଟ୍ଟନାୟକ, ବାଲେଶ୍ୱର କ୍ଷେତ୍ରୀୟ ଗ୍ରାହକ ସେବା ଅଧିକାରୀ ସୌମ୍ୟରଂଜନ ଦାସ, ଭଦ୍ରକ ଗ୍ରାହକ ସେବା ଅଧିକାରୀ (ବୈଷୟିକ ବିଭାଗ) ରେହେମ ଖାଁ ପ୍ରମୁଖ ଯୋଗଦେଇ ସମସ୍ତ ଘର ନିର୍ମାଣ କାର୍ଯ୍ୟର ପ୍ଲାନ, ଡିଜାଇନ୍, ବ୍ୟୟ ଅଟକଳ କାର୍ଯ୍ୟ, ତଦାରଖ ଇତ୍ୟାଦି ମାଗଣାରେ କମ୍ପାନୀ ପକ୍ଷରୁ ପ୍ରଦାନ କରାଯିବ ବୋଲି ଉପସ୍ଥିତ ରାଜମିସ୍ତ୍ରୀମାନଙ୍କୁ ସୂଚନା ଦେଇଥିଲେ। ଟାଟା ଟିସ୍କନ ରର୍ଡ଼ର ବାଲେଶ୍ୱର କ୍ଷେତ୍ରିୟ ଅଧିକାରୀ ସୌମ୍ୟ ରାମ୍, ଭଦ୍ରକ ଜିଲା ଅଧିକାରୀ ଅନୀଲ ମହାନ୍ତି, ଗ୍ରାହକ ସେବା ଅଧିକାରୀ ରମେଶ ଦାସ ପ୍ରମୁଖ ଯୋଗ ଦେଇ ରାଜମିସ୍ତ୍ରୀମାନଙ୍କୁ ନିର୍ମାଣ କାର୍ଯ୍ୟ ସମୟରେ ସତର୍କତା ଅବଲମ୍ବନ କରିବା ଓ ଟାଟା ରର୍ଡ଼ର ଗୁଣାବତ୍ତା ସମ୍ପର୍କରେ ସୂଚନା ଦେଇଥିଲେ। ଆଦାନି ଏସିସି ସିମେଣ୍ଟର ଅନ୍ୟତମ ଅଧିକାରୀ ଜିତେନ୍ଦ୍ର କୁମାର ପାଢ଼ୀ ଏସିସି ସିମେଣ୍ଟ ବ୍ୟବହାର କରିବା ପାଇଁ ଅନୁରୋଧ କରିଥିଲେ। ତହିଡ଼ି ମେସର୍ସ ନାୟକ ଟ୍ରେଡର୍ସର ସତ୍ୱାଧିକାରୀ ପାର୍ଥସାରଥୀ ନାୟକ କମ୍ପାନୀର ଅଧିକାରୀ ଓ ରାଜମିସ୍ତ୍ରୀମାନଙ୍କୁ କୃତଜ୍ଞତା ଜଣାଇଥିଲେ। ଏହି କର୍ମଶାଳାରେ ୭୨ଜଣ ଦକ୍ଷ ରାଜମସ୍ତି ଯୋଗ ଦେଇଥିଲେ।

# ରେଡ୍‌କ୍ରସ୍, କ୍ରୀଡା ଓ ସ୍କାଉଟ୍‌ସ ଗାଇଡ୍‌ସର କାର୍ଯ୍ୟକାରିଣୀ କମିଟି ବୈଠକ



ଢେଙ୍କାନାଳ, (ଭାସ୍କର ନ୍ୟୁଜ୍): ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ସଭା ଗୃହରେ ଜିଲ୍ଲା ଶିକ୍ଷା ଅଧିକାରୀ ବିନିତା ସେନାପତିଙ୍କ ସଭାପତିତ୍ୱରେ ଜିଲ୍ଲାର ଜୁନିୟର ରେଡ୍‌କ୍ରସ୍, କ୍ରୀଡା ଓ ସ୍କାଉଟ୍‌ସ ଗାଇଡ୍‌ସ କାର୍ଯ୍ୟକାରିଣୀ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ସମ୍ମାନିତ ଅତିଥି ଭାବେ ଜିଲ୍ଲାର ସମସ୍ତ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ସଦର, କାମାକ୍ଷାନଗର ଓ ପରଜଙ୍ଗର ଗୋଷ୍ଠୀ ଶିକ୍ଷା ଅଧିକାରୀ, ଜିଲ୍ଲା କ୍ରୀଡା ସଂସଦର ସମ୍ପାଦକ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଜିଲ୍ଲା ଅଗ୍ନିଶମ ଅଧିକାରୀ, ଜୁନିୟର ରେଡ୍‌କ୍ରସ୍‌ର ୮ଟି ବ୍ଲକ୍‌ର ସଂଯୋଜକ ଓ କ୍ରୀଡା ସମ୍ପାଦକ, ଭାରତ ସ୍କାଉଟ୍ ଓ ଗାଇଡ୍‌ସର କମିଶନର, ତାଲିମ୍ କମିଶନର, ସଂଗଠକ କମିଶନର, ସ୍କାଉଟ୍‌ସ ଓ ଗାଇଡ୍‌ସର ୨ଜଣ ଜିଲ୍ଲା ପ୍ରତିନିଧି ପ୍ରମୁଖ ଯୋଗ ଦେଇଥିଲେ। ସମ୍ପାଦକ ପ୍ରକାଶ ଚନ୍ଦ୍ର ବେହେରା ବାର୍ଷିକ ବିବରଣୀ ଓ ବାର୍ଷିକ ଆୟବ୍ୟୟର ଅଟକଳ ସଭାରେ ଉପସ୍ଥାପନ କରିଥିଲେ। ଜୁନିୟର ରେଡକ୍ରସ୍‌ର ଅଧିକାରୀ ସୁବ୍ରତ କୁମାର ମିଶ୍ର ମଞ୍ଚ ପରିଚାଳନା କରିଥିବା ବେଳେ ସଦର ବ୍ଲକ୍‌ର କ୍ରୀଡା ସମ୍ପାଦକ ସୁଶିଲ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମରେ ୧୩୯୮ ଚିକିତ୍ସିତ



ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲାରେ ୧୮ ରୁ ୨୧ ଅଗଷ୍ଟ ପର୍ଯ୍ୟନ୍ତ ଚାଲିଥିବା 'ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା' ରେ ୧୩୯୮ ଜଣ ରୋଗୀ ଚିକିତ୍ସିତ ହୋଇଛନ୍ତି। ୭ ଜଣ ସୁପର ସ୍ପେଶାଲିଷ୍ଟ ଡାକ୍ତର ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା ଯୋଜନାରେ ମାଲକାନଗିରି ସଦର ମୁଖ୍ୟ ଡାକ୍ତରଖାନାରେ ପହଞ୍ଚି ରୋଗୀଙ୍କ ଚିକିତ୍ସା କରିଛନ୍ତି। ସେଥିମଧ୍ୟରୁ କାର୍ଡିଓଲୋଜିରେ ୨୬୦, ନ୍ୟୁରୋଲୋଜୀରେ ୪୧୫, ଗାଷ୍ଟ୍ରୋଏଣ୍ଟେରୋଲୋଜିରେ ୨୬୩, ଏଣ୍ଡୋକ୍ରିନୋଲୋଜୀରେ ୨୨୯ ଓ ନେଫ୍ରୋଲୋଜିରେ ୨୩୧ ଓ ୧୩୦ ଜଣ ଙ୍କର ଇସିଜି କରାଯାଇଛି। ସେହିପରି ୫୯ ଜଣଙ୍କର ଏଣ୍ଡୋସ୍କୋପି ଓ ୬ ଜଣ ରୋଗୀଙ୍କର ଲେପ୍ରୋସ୍କୋପି ଅପରେସନ କରାଯାଇଛି। ଏହି ଡାକ୍ତରୀ ଦଳରେ ସର୍ଜରୀ ସ୍ପେଶାଲିଷ୍ଟ ଏସ ସି ବି ଆସିଷ୍ଟାଣ୍ଟ ପ୍ରଫେସର ଡାକ୍ତର ଜ୍ୟୋତିର୍ମୟ ନାୟକ, ବରିଷ୍ଠ କାର୍ଡିଓଲୋଜି ଆଭାଂଶ ଟଙ୍କ, ସିନିୟର୍ ନେଫ୍ରୋଲୋଜି ଡାକ୍ତର ଧିରଜ କୁମାର ଲେଙ୍କା, ସିନିୟର୍ ନ୍ୟୁରୋଲୋଜି ଡାକ୍ତର ସଂଘମିତ୍ରା ସାହୁ, ସିନିୟର୍ ଏଣ୍ଡୋକ୍ରିନୋଲୋଜୀ ଡାକ୍ତର ସୀତାକାନ୍ତ ପଣ୍ଡା, ସିନିୟର୍ ଗାଷ୍ଟ୍ରୋଏଣ୍ଟେରୋଲୋଜି ଡାକ୍ତର ରାକେଶ ମହାନ୍ତି, ଆସିଷ୍ଟାଣ୍ଟ ପ୍ରଫେସର ଆନାସ୍ଥେସିଓଲୋଜି ଡାକ୍ତର ରାଜ କୁମାର ମହାପାତ୍ର ପ୍ରମୁଖ ରହିଥିଲେ। ଜିଲ୍ଲା ଚିକିତ୍ସାଳୟରେ ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ଚିକିତ୍ସା ସେବା ପାଇ ଜିଲ୍ଲାର ରୋଗୀ ଖୁସି ବ୍ୟକ୍ତ କରିଛନ୍ତି। ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା ଦ୍ୱାରା ଜିଲ୍ଲାର ହଜାରରୁ ଊର୍ଦ୍ଧ୍ୱ ରୋଗୀ ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ଚିକିତ୍ସା ସେବା ପାଇ ଉପକୃତ ହୋଇଥିବାରୁ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି ଅବସରରେ ସିଡିଏମଓ ଡାକ୍ତର ଡୋଳାମଣି ପ୍ରଧାନ, ଡାକ୍ତର ବ୍ରଜବନ୍ଧୁ ଦାସ, ଡାକ୍ତର ନିହାର ରଞ୍ଜନ ପ୍ରହରାଜ, ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର, ଡାକ୍ତର କବିତା ସ୍ୱାଇଁ, ଡାକ୍ତର ସପନ କୁମାର ଡିଣ୍ଡା, ଡାକ୍ତର ପ୍ରଫୁଲ୍ଲ କୁମାର ବେହେରା, ଡାକ୍ତର ସୁବ୍ରତ କୁମାର ଜେନାଙ୍କ ସମେତ ଡିପିଏମ୍ ଡ଼ଃ ମୌସୁମୀ ମିଶ୍ର, ମେଡିକାଲ ମ୍ୟାନେଜର ସୁଶାନ୍ତ କୁମାର ବିଶ୍ୱାଳ ଓ ବିଶ୍ୱଜିତ ଉପସ୍ଥିତ ଥିଲେ।

# ଅଖିଳ ଭୂମଣ୍ଡଳୀୟ ସର୍ବଶିରୋମଣି ମୁନି ସମାଜର ସତ୍‌ସଙ୍ଗ

ତିହିଡ଼ି, (ଭାସ୍କର ନ୍ୟୁଜ): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ କୋହ୍ଲ ପଞ୍ଚାୟତ ଅଧୀନ ମୂଷାଙ୍ଗ ଗ୍ରାମରେ ବୁଧବାର ପୂର୍ବାହ୍ନରେ ଅଖିଳ ଭୂମଣ୍ଡଳୀୟ ସର୍ବଶିରୋମଣି ମୁନି ସମାଜ ପକ୍ଷରୁ ଏକ ସତ୍‌ସଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁନି ସମାଜର ଜିଲ୍ଲା ଉପସଭାପତି ଯୋଗୀ ସର୍ବେଶ୍ୱର ବଳଙ୍କ ନାତୁଣୀ ଅନ୍ୱେଷାର ଷଷ୍ଠ ଜନ୍ମତିଥି ଉପଲକ୍ଷେ ସତ୍‌ସଙ୍ଗର ଆୟୋଜନ କରାଯାଇଥିଲା। ଓଡ଼ିଶା ପ୍ରାନ୍ତ ମୁନି ସମାଜର ସଭାପତି ଯୋଗାଚାର୍ଯ୍ୟ ଦଶରଥ ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ଜ୍ଞାନ ବିତରଣର ମାଧ୍ୟମ ହେଉଛି ସତ୍‌ସଙ୍ଗ ବୋଲି କହିଥିବା ବେଳେ ସତ୍‌ସଙ୍ଗ ମଣିଷକୁ ଦିବ୍ୟ ଦର୍ଶନର ଶିକ୍ଷା ଦେଇଥାଏ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଚାନ୍ଦବାଲି ଜୋନ ଅଧ୍ୟକ୍ଷ ଯୋଗୀ ପଦ୍ମନାଭ ମୁନି ଯୋଗ ଦେଇ ସତ୍‌ସଙ୍ଗ ମଣିଙ୍କୁ ସତ୍ ମାର୍ଗରେ ଚାଲିବାକୁ ଶିଖାଇଥାଏ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗୀ କୃତିବାସ ଜେନା, ଯୋଗୀ ବଳରାମ ମୁନି, ଯୋଗ ଶିକ୍ଷୟିତ୍ରୀ ରାଧାରାଣୀ ନାୟକ ଓ ସ୍ୱର୍ଣ୍ଣପ୍ରଭା ବଳ ପ୍ରମୁଖ ଯୋଗ ଦେଇ ସତ୍‌ସଙ୍ଗର ଉପକାରିତା ଉପରେ ଆଲୋକପାତ କରିଥିଲେ। ମୁନିରାଜ ଚିତ୍ତ ବାରିକ, ପ୍ରଫୁଲ୍ଲ ମହାପାତ୍ର, ମୁନିକୁମାରୀ ଜାଗୃତି ଯାଜ୍ଞସେନୀ, ଗୀତାରାଣୀ ପ୍ରମୁଖ ମୁନି ସଂଗୀତ ପରିବେଷଣ କରିଥିଲେ। ପ୍ରଥମେ ମୁନି ସମାଜର ରୀତି ନୀତି ଅନୁଯାୟି ସତ୍ୟ ପତାକା ଉତ୍ତୋଳନ କରାଯିବା ସହିତ ଗୁରୁଦେବଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇ ଗୁରୁ ବନ୍ଦନା କରାଯାଇ ଥିଲା। ପରେ ସମୂହ ପ୍ରଣବ, ଶୁଭ ଭାବନା, ମହାମନ୍ତ୍ର ଜପ, ମୁନି ଲକ୍ଷଣ, ଶିବ ବଚନାମୃତ ପାଠ କରାଯାଇଥିଲା। ମୁନି ସମାଜ ପକ୍ଷରୁ କବି ସଞ୍ଜିତ୍ କୁମାର ବଳ, ରଞ୍ଜିତ୍ ବଳ, ସତ୍ୟଜିତ୍ ବଳ, ଲୋପାମୁଦ୍ରା ବଳ, ଲିପିଶ୍ରୀ ବଳ, ସ୍ମୃତିରେଖା ବଳ, ସସ୍ମିତ୍ ବଳ, ସୁମିତ୍ ବଳ, ସୁଜିତ୍ ବଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବିଭିନ୍ନ ସମସ୍ୟା ନେଇ କଣ୍ଟାପଡ଼ା ପ୍ରେସକ୍ଲବ୍ କାର୍ଯ୍ୟାଳୟରେ ଗୁରୁତ୍ୱପୂର୍ଣ୍ଣ ବୈଠକ

ନିଆଳି, (ଭାସ୍କର ନ୍ୟୁଜ୍): ନିଆଳି ନିର୍ବାଚନ ମଣ୍ଡଳୀ କଣ୍ଟାପଡା, ବାରଙ୍ଗ, ନିଆଳି ବ୍ଲକର ୪୫ ଗୋଟି ଗ୍ରାମ ପଞ୍ଚାୟତର ବିଭିନ୍ନ ସମସ୍ୟାକୁ ନେଇ କଣ୍ଟାପଡା ପ୍ରେସକ୍ଲବ କାର୍ଯ୍ୟାଳୟରେ କଣ୍ଟାପଡା ପ୍ରେସ ପ୍ରେସ କ୍ଲବ ସଭାପତି ଶରତ କୁମାର ସାହୁଙ୍କ ସଭାପତିତ୍ୱରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆରମ୍ଭ ହୋଇଯାଇଛି। ଏହି ବୈଠକ ରେ ପୂର୍ବତନ ସରପଞ୍ଚ ବରିଷ୍ଠ ସାମ୍ବାଦିକ ତଥା ଆଡ଼ଭୋକେଟ ବଦ୍ରିନାରାୟଣ ମିଶ୍ର ଯୋଗ ଦେଇଥିଲେ। ନିଆଳି ବ୍ଲକର ୨୩ଟି ପଞ୍ଚାୟତ, କଣ୍ଟାପଡା ବ୍ଲକର ୧୪ଟି ପଞ୍ଚାୟତ ଓ ବାରଙ୍ଗ ବ୍ଲକର ୮ଟି ପଞ୍ଚାୟତର ବିଭିନ୍ନ ସମସ୍ୟା କିଭଳି ଲୋକଲୋଚନକୁ ଆଣିବା ସହ ପ୍ରଶାସନ ନିକଟରେ କିଭଳି ଉପସ୍ଥାପନା କରାଯାଇ ପାରିବ ସେ ନେଇ ତିନି ବ୍ଲକର ବହୁ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇ ଆଲୋଚନା କରିଥିଲେ। ଆଉ କେତେକ ଗଣମାଧ୍ୟମ ପ୍ରତିନିଧି ଆସିପାରିନଥିବାରୁ ଭିଡିଓ କନଫରେନ୍ସ ମାଧ୍ୟମରେ ନିଜର ମତ ପ୍ରକାଶ କରିବା ସହ ଆଲୋଚନା ରେ ଭାଗ ନେଇଥିଲେ। ବିଶେଷ କରି ଚାଷୀମାନଙ୍କ ପାଇଁ କେନାଲ ରେ ପାଣି ସମସ୍ୟା, ରାଜସ୍ୱ କ୍ଷତି ହେବା ଶହ ବାଲି ଚୋରାଚାଲାଣକୁ ରୋକିବା, ବିଭିନ୍ନ ଗ୍ରାମର ରାସ୍ତା ଘାଟ ସମସ୍ୟା, ରାସନ, ଭତ୍ତା, ଆବାସ ଯୋଜନା ରୁ ବାଦ ପଡ଼ିଥିବା ହିତାଧିକାରୀ ମାନଙ୍କ ନାମ ପ୍ରଶାସନ ନିକଟରେ ଉପସ୍ଥାପନା କରିବା, ବିଶେଷ କରି ନିଆଳି ଅଞ୍ଚଳରେ ବିଦ୍ୟୁତ ସରବରାହ ବହୁତ ସମୟ କଟୁଥିବାରୁ କମ୍ପାନୀ କର୍ତ୍ତୃପକ୍ଷଙ୍କ ଦୃଷ୍ଟିକୁ ଆଣିବା, ବିଭିନ୍ନ ସରକାରୀ ବିଦ୍ୟାଳୟରେ ଗରିବ ଛାତ୍ରଛାତ୍ରୀଙ୍କୁ ଖାତା କଲମ ଓ ଅନ୍ୟାନ୍ୟ ସାମଗ୍ରୀ ଯୋଗାଇ ଦେବା, ଗ୍ରାମାଞ୍ଚଳରେ ମଦ, ଗଞ୍ଜେଇ ଓ ବ୍ରାଉନ ସୁଗାର ବିକ୍ରେତାଙ୍କ ନାମ ଗଣମାଧ୍ୟମରେ ପ୍ରକାଶ କରି ପ୍ରଶାସନର ଦୃଷ୍ଟିକୁ ଆଣିବା, ନକଲି ଇୟୁଟୁବ ସାମ୍ବାଦିକ ମାନଙ୍କ ଯୋଗୁ ସାମ୍ବାଦିକମାନଙ୍କ ପଦ ମର୍ଯ୍ୟାଦା ହାନି ହେଉଥିବାରୁ ଏମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେଇ ହବ ଆଲୋଚନା ହୋଇଥିଲା। ନିଆଳି କଣ୍ଟାପଡା ପରେ ବାରଙ୍ଗ ବ୍ଲକର ବଜାର ସାହି, କଣ୍ଟାପଡା ବ୍ଲକର ଗୋବିନ୍ଦ ପୁର ଓ ନିଆଳି ବ୍ଲକର ଦେବୀକନ୍ଦଳ ଦୀପାଞ୍ଚଳ କସର୍ଦା ଠାରେ ନୂତନ ପ୍ରେସ କ୍ଲବ କାର୍ଯ୍ୟାଳୟ ଖୋଲିବା ନିମନ୍ତେ ପ୍ରସ୍ତାବ ଦିଆଯାଇଥିଲା। ଏହି ବୈଠକରେ ବହୁ ଆଗ ଧାଡ଼ିର ପ୍ରତିନିଧି ଯୋଗ ଦେଇଥିଲେ। ଶେଷରେ ସାମ୍ବାଦିକ କାମ ଦେବ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

# ନିମ୍ନମାନର ମଧ୍ୟାହ୍ନ ଭୋଜନକୁ ନେଇ ବିଡ଼ିଓଙ୍କୁ ଭେଟିଲେ ଅଭିଭାବକ

ନିଆଳି, (ଭାସ୍କର ନ୍ୟୁଜ୍): ନିଆଳି ବ୍ଲକ ନିଆଳି ହାଇସ୍କୁଲ ରେ ମଧ୍ୟାହ୍ନ ଭୋଜନ ନିମ୍ନ ମାନର ଦିଆଯାଉଥିବା ନେଇ ଅଭିଭାବକ ମାନେ ଅଭିଯୋଗ ଆଣିଛନ୍ତି। ସରକାରଙ୍କ ପକ୍ଷରୁ କୋଟି ଟଙ୍କା ଖର୍ଚ୍ଚ କରାଯାଇ ପିଲାମାନଙ୍କୁ କିଭଳି ମଧ୍ୟାହ୍ନ ଭୋଜନ ଖାଦ୍ୟ ଦିଆ ଯିବ ସେଥିନିମନ୍ତେ ବ୍ୟବସ୍ଥା କରାଯାଇଥିବା ବେଳେ ଏଠାରେ କିନ୍ତୁ ସମ୍ପୂର୍ଣ୍ଣ ବିପରୀତ। ନିଆଳି ବ୍ଲକ ରୁ ମାତ୍ର ୧୦୦ ମିଟର ଦୁରରେ ଥିବା ନିଆଳି ହାଇସ୍କୁଲ ରେ ଯଦି ଏଭଳି ଅବବ୍ୟସ୍ଥା ତେବେ ନିଆଳି ବ୍ଲକରୁ ୨୦ କିଲୋମିଟର ଦୂରରେ ଥିବା ବିଦ୍ୟାଳୟ ଗୁଡିକରେ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା କିଭଳି କରାଯାଇଥିବ ତାହା ସହଜେ ଅନୁମେୟ। ନିଆଳି ହାଇସ୍କୁଲରେ ପଢୁଥିବା ଛାତ୍ର ଛାତ୍ରୀଙ୍କ ଅଭିଭାବକମାନେ ନିଆଳି ବିଡ଼ିଓ ଧର୍ମ ରଂଜନ ପଣ୍ଡା, ନିଆଳି ଅତିରିକ୍ତ ବିଡ଼ିଓ ପଲ୍ଲବୀ ରାଉତଙ୍କୁ ଭେଟି ଅବଗତ କରାଇଛନ୍ତି।

## ବେସରକାରୀ ଅଧ୍ୟାପକ ଓ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ


ତିହିଡ଼ି, (ଭାସ୍କର ନ୍ୟୁଜ୍): ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘ ନିଷ୍ପତ୍ତିକ୍ରମେ ଭଦ୍ରକ ଜିଲା ତିହିଡ଼ି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବେସରକାରୀ ଅଧ୍ୟାପକ ଓ କର୍ମଚାରୀମାନେ ଅନିର୍ଦ୍ଦିଷ୍ଟକାଳ ପାଇଁ କାର୍ଯ୍ୟବନ୍ଦ କରିଛନ୍ତି। ୨୦୦୮ରୁ ୨୦୧୮ ମସିହା ପର୍ଯ୍ୟନ୍ତ ଅନୁଦାନ ଦେବା ଦାବିରେ ଏହି ଆନ୍ଦୋଳନ କରାଯାଇଛି। ଅଧ୍ୟାପକ ଦିଲୀପ କୁମାର ପତି, ଅଧ୍ୟାପିକା ନିବେଦିତା ପଣ୍ଡା, କିରାଣି ବିପଦ ଭଂଜନ ପତି, ପଦ୍ମିନୀ ମହାନ୍ତି, ନିରଂଜନ ପାଢ଼ୀ, ସରୋଜ କୁମାର ବାରିକ, ଜ୍ୟୋସ୍ନାରାଣୀ ବିଶ୍ୱାଳ, ରାଜେଶ କୁମାର ଦାସ, ପ୍ରଦୀପ କୁମାର ରାଉଳ, ଦିଲୀପ କୁମାର ସେଠୀ, ଅନୀଲ କୁମାର ବାରିକ, ରମେଶ କୁମାର ବଳ, ସବିତା ଜେନା ପ୍ରମୁଖ କାର୍ଯ୍ୟବନ୍ଦ ଆନ୍ଦୋଳନ କରି ଧାରଣାରେ ବସିଥିବା ଜଣାଯାଇଛି। ଅନିର୍ଦ୍ଦିଷ୍ଟ କାଳ ପାଇଁ ବେସରକାରୀ ଅଧ୍ୟାପକ ଓ କର୍ମଚାରୀମାନେ ଧାରଣାରେ ବସିଲେ ବିଦ୍ୟାଳୟର ଶିକ୍ଷାଦାନ ସହିତ ଅନ୍ୟାନ୍ୟ ଅଫିସ୍ କାର୍ଯ୍ୟରେ ବାଧା ସୃଷ୍ଟି ହେବ ବୋଲି ଅଧ୍ୟକ୍ଷ ଦୀନବନ୍ଧୁ ଗାହାଣ କହିଛନ୍ତି।

# କୁଣ୍ଡେଇ ହାଟରେ ଲୋକେ କାଦୁଅ ପଙ୍କରେ ଲଟପଟ



କାକଟପୁର, (ଭାସ୍କର ନ୍ୟୁଜ୍): କାକଟପୁର ବ୍ଲକର ସର୍ବପୁରାତନ ହାଟ କହିଲେ କୁଣ୍ଡେଇ ହାଟ। ଏହି ହାଟ ସପ୍ତାହରେ ସୋମବାର ଓ ଗୁରୁବାର ଦିନ ହୋଇଥାଏ। ଏହି ହାଟ ଉପରେ ଅସ୍ତରଙ୍ଗ, କାକଟପୁର ବ୍ଲକର ବିଭିନ୍ନ ପଞ୍ଚାୟତର ହଜାରହଜାର ଜନସାଧାରଣ ନିର୍ଭର କରିଥାନ୍ତି। କିନ୍ତୁ ଏହି ହାଟର ଅବସ୍ଥା ଏବେ ବେହୋଲ। ବର୍ଷା ଟୋପାଏ ହେଲେ ଏହି ହାଟ ଭିତରୁ ବର୍ଷା ପାଣି ବାହାରକୁ ନିଷ୍କାସନ ହୋଇ ପାରୁ ନାହିଁ। ହାଟ ଭିତରେ ଜମି ରହିବା ଫଳରେ କାଦୁଅ ପଙ୍କରେ ସାଧାରଣ ଲୋକେ ନଟର ପଟର ହେଉଛନ୍ତି। ହାଟ ଭିତରକୁ ଗ୍ରାହକ ଆସୁନାହାନ୍ତି। ଯାହାଫଳରେ ବ୍ୟବସାୟୀ ମାନେ ହାତ ବାନ୍ଧି ବସୁଛନ୍ତି। ରାଜ୍ୟର ବିଭିନ୍ନ ସ୍ଥାନକୁ ଏଠାରୁ ପାନ, ନଡ଼ିଆ ଠାରୁ ଆରମ୍ଭ କରି ବାଉଁଶ ରେ ତିଆରି ସାମଗ୍ରୀ ମାନ ବ୍ୟବସାୟୀମାନେ ଆସି ନେଇଥାନ୍ତି ଓ ବାହାର ରାଜ୍ୟର ସାମଗ୍ରୀ ମାନ ଏଠାରେ ବିକା କିଣା କରିଥାନ୍ତି। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଏହିକି ଯେ ଏହି ହାଟରୁ ସାପ୍ତାହିକ ବଟି ପଞ୍ଚାୟତ ତରଫରୁ ଆଦାୟ ହେଉଥିଲେ ମଧ ହାଟର ଅବସ୍ଥା କହିଲେ ନ ସରେ। ତୁରନ୍ତ ପଞ୍ଚାୟତ ସରପଞ୍ଚ ଏ ଦିଗରେ ଦୃଷ୍ଟି ଦେଇ ହାଟ ଭିତରେ ବାଲି ମୋରମ ପକାଇ ସଫା ସୁତୁରା କରିବା ପାଇଁ କାକଟପୁର ଦୁର୍ନୀତି ସଂଘର୍ଷ ମଞ୍ଚ ପକ୍ଷରୁ ଦୃଢ ଦାବି ହୋଇଛି।

# ବନୀକରଣ ନାଁରେ ବ୍ୟାପକ ଦୁର୍ନୀତି



କନ୍ଧମାଳ, (ଭାସ୍କର ନ୍ୟୁଜ): ପରିବେଶକୁ ସ୍ୱଚ୍ଛ ଓ ନିର୍ମଳ ରଖିବା ସହ ନୂତନ ଜଙ୍ଗଲ ସୃଷ୍ଟି କରିବା ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ବନୀକରଣ କରୁଛନ୍ତି। ହେଲେ ବିଭାଗୀୟ ଅଧିକାରୀଙ୍କ ଅବହେଳା ଓ ଖମାଖିଆଲି ମନୋଭାବ ଯୋଗୁଁ ସରକାରୀ ଅର୍ଥର ଦୁରୁପଯୋଗ ହେବା ସହ ଯୋଜନାର ସଫଳ ରୂପାୟନ ହୋଇ ପାରୁନାହିଁ। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ ଯୋଗିନ୍ଦ୍ରପୁର ପଞ୍ଚାୟତ ବାନ୍ଧନଝୁଲି ଗ୍ରାମରୁ। ଉକ୍ତ ଗ୍ରାମରେ ବନୀକରଣରେ ବ୍ୟାପକ ଦୁର୍ନୀତି ହୋଇଥିବା ନେଇ ଅଭିଯୋଗ ହେବା ପରେ ଆଜି ଏସିଏଫ ମିନାକ୍ଷୀ କୁମୁରା, ମନମୁଣ୍ଡା ରେଞ୍ଜର ଶ୍ରୀବତ୍ସ କୁମୁରା, ଗ୍ରାମକୁ ଆସି ବନୀକରଣର ତଦନ୍ତ କରିଥିଲେ। ହେଲେ ତଦନ୍ତ ସମୟରେ ଅନେକ ଶ୍ରମିକ ଟଙ୍କା ପାଇ ନଥିବା ନେଇ ଫରେଷ୍ଟରଙ୍କ ନିକଟରେ ଅଭିଯୋଗ କରୁଥିବା ଦେଖିବାକୁ ମିଳିଥିଲା। ଏସିଏଫ ହୋଇଥିବା ଦୁର୍ନୀତିର ତଦନ୍ତ କରିବା ପରିବର୍ତ୍ତେ ଅବଶିଷ୍ଟ ଗଛ ସବୁ ଲଗାଇବାକୁ ଫରେଷ୍ଟରଙ୍କୁ ପରାମର୍ଶ ଦେଇଥିବା ସୂଚନା ମିଳିଛି। ଦୁର୍ନୀତିର ତଦନ୍ତ ପରିବର୍ତ୍ତେ ଘଟଣାକୁ ଲୁଚାଇବାକୁ ଗଛ ଲଗାଇବାକୁ କହିବା ଏସିଏଫଙ୍କ ତଦନ୍ତର କାର୍ଯ୍ୟଦକ୍ଷତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପଟେ ଏହି ମହାଦୁର୍ନୀତିରେ ତଳୁ ଉପର ପର୍ଯ୍ୟନ୍ତ ସମ୍ପୃକ୍ତି ଥିବା ଏହି ତଦନ୍ତରୁ ସ୍ପଷ୍ଟ ହେଉଛି। ସୂଚନା ଥାଉ କି ଗତବର୍ଷ ମନମୁଣ୍ଡା ଫରେଷ୍ଟ ସେକ୍ସନ ପକ୍ଷରୁ ମନରେଗା ଯୋଜନାରେ ବାନ୍ଧନଝୁଲି ଗ୍ରାମ୍ୟ ଜଙ୍ଗଲର ୫ ଗୋଟି ସ୍ଥାନରେ ୨ ହେକ୍ଟର ଲେଖାଏଁ ମୋଟ ୧୦ ହେକ୍ଟରରେ ୫ ହଜାର ଲେଖାଏଁ ୨୫ ହଜାର ଚାରା ଲଗାଇବାର ନିର୍ଦ୍ଦେଶ ରହିଥିଲା ଏବଂ ୩ ବର୍ଷ ପର୍ଯ୍ୟନ୍ତ ଏହାର ତଦାରଖ ପାଇଁ ମୋଟ ୧ କୋଟି ୩ ଲକ୍ଷ ୭୪ ହଜାର ୯୫୦ ଟଙ୍କା ବ୍ୟୟ ବରାଦ ହୋଇଥିଲା। ହେଲେ ବର୍ତ୍ତମାନ ଉକ୍ତ ବନିକରଣ ଗୁଡିକ ଦେଖିଲେ ପାଖାପାଖି ୨୨୦୦ ଗଛ ରହିଥିବା ଦେଖିବାକୁ ମିଳିଛି। ଆଉ ବାକି ଗଛର କୌଣସି ଚିହ୍ନବର୍ଣ୍ଣ ମଧ ନାହିଁ। ଏହି ୧୦ ହେକ୍ଟରରେ ବୃକ୍ଷ ରୋପଣ ପାଇଁ ମୋଟ ୨୨ ଲକ୍ଷ ୩୧ ହଜାର ୮୪୨ ଟଙ୍କା ବନ ବିଭାଗ ମଷ୍ଟରରୋଲ ଦ୍ୱାରା ଖର୍ଚ୍ଚ କରି ସାରିଲାଣି। ମନରେଗା ଯୋଜନାର ଗାଇଡ଼ଲାଇନ ଅନୁସାରେ ଗ୍ରାମସଭା କରି କାର୍ଯ୍ୟାରମ୍ଭ କରିବା କଥା, କିନ୍ତୁ ଆଇନକୁ ବେଖାତିର କରି ବିନା ଗ୍ରାମସଭାରେ ସ୍ଥାନୀୟ ଯୋଗୀନ୍ଦ୍ରପୁର ପଞ୍ଚାୟତର କୌଣସି ଗୋଟିଏ ବି ଶ୍ରମିକଙ୍କୁ ବନୀକରଣରେ ନିୟୋଜିତ କରି ନାହାନ୍ତି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ଯେଉଁମାନେ ଶ୍ରମିକ କାମ କରନ୍ତି ନାହିଁ ସେଭଳି ଲୋକ ତୁଣ୍ଡୁମାଲ, ରତାଖଣ୍ଡି, ଖଳିଆପାଲି, କାପାସିରା, ଦମାମୁଣ୍ଡା ଆଦି ଗ୍ରାମର ଲୋକଙ୍କ ନାମରେ ମନରେଗା ଯୋଜନା ଅର୍ଥ ଜମା ହୋଇଥିବା ସାଧାରଣ ଲୋକ ଆଶ୍ଚର୍ଯ୍ୟ ହୋଇଛନ୍ତି। ଗଛ ନ ଲଗାଇ ଏତେ ଟଙ୍କା କିଭଳି ଉଠାଣ ସମ୍ଭବ ହେଲା ତାହା ତଦନ୍ତ ସାପେକ୍ଷ। ତଦନ୍ତ ସମ୍ପର୍କରେ ଏସିଏଫ ମିନାକ୍ଷୀ କୁମୁରାଙ୍କୁ ଫୋନ କରିଥିଲେ ମଧ ଫୋନ ଉଠାଇ ନ ଥିଲେ। ବୌଦ୍ଧ ଡ଼ିଏଫଓ ରାଜେନ୍ଦ୍ର ଗୋଛାୟତଙ୍କୁ ପଚାରିବାରୁ ଏସିଏଫଙ୍କ ତଦନ୍ତ ରିପୋର୍ଟ ସନ୍ତୋଷଜନକ ନ ହେଲେ ମୁଁ ନିଜେ ତଦନ୍ତ କରିବି ବୋଲି କହିଥିଲେ।

# ସଡ଼କ ଦୁର୍ଘଟଣାରେ ଜଣେ ଆହତ

ବନ୍ଧୁଗାଁ, (ଭାସ୍କର ନ୍ୟୁଜ୍): ଗୁରୁବାର ଅପରାହ୍ନରେ ବନ୍ଧୁଗାଁ ବ୍ଲକ ସାନସରପଲ୍ଲୀ ନିକଟ ପୋଲ ଉପରେ ଏକ ଟ୍ରକ ସହ ମୋଟର ସାଇକେଲ ମୁହାଁ ମୁହିଁ ଧକ୍କା ରେ ମୋଟର ସାଇକେଲ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ଘଟଣା ସ୍ଥଳରେ ସ୍ଥାନୀୟ ଲୋକମାନେ ପହଂଚି ଉଦ୍ଧାର କରି ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ଆହତ ବ୍ୟକ୍ତି ଜଣକ ଉମାଶଙ୍କର ମହାନନ୍ଦିଆ (୩୨)। ଉମାଶଙ୍କର ମହାନନ୍ଦିଆ ନିଜ ମୋଟର ସାଇକେଲରେ ପାର୍ବତୀପୁରରୁ ସପରିବାର ସହ ଘରକୁ ଫେରୁଥିବା ବେଳେ ଏକ କଠ ବୋଝେଇ ଟ୍ରକ ସାମ୍ନାରେ ଧକ୍କା ଦେଇଥିଲା। ଫଳରେ ମୋଟର ସାଇକେଲରେ ଥିବା ଉମାଶଙ୍କର, ସ୍ତ୍ରୀ, ଛୁଆ ଛିଟିକି ପଡ଼ିଥିଲେ। ରକ୍ତାକ୍ତ ଅବସ୍ଥାରେ ପଡି ଗୁରୁତର ହୋଇଥିଲେ। ମୁଣ୍ଡ, ପିଠି ସହ ଶରୀରରେ ବହୁ ଆଘାତ ହୋଇଥିବା ବେଳେ ସ୍ଥାନୀୟ ବାସିନ୍ଦା ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। କ୍ଷତିପୂରଣ ପାଇଁ ଗ୍ରାମବାସୀ ଓ ସମ୍ପର୍କୀୟ ଆସି ପାଟିତୁଣ୍ଡ କରି ହୋ ହାଲ୍ଲା କରିଥିବା ବେଳେ ଘଟଣା ସ୍ଥଳରେ ପୋଲିସ ପହଂଚି ଦୁଇ ଦୁର୍ଘଟଣା ଗାଡ଼ି କୁ ହେପାଜତ ରେ ରଖି ଉଭୟ ପକ୍ଷ ସହ ଶାନ୍ତି ଆଲୋଚନା କରାଯାଉ ଥିବା ପୋଲିସ କହିଛି। ଉମାଶଙ୍କରର ଅବସ୍ଥା ସଂକଟାପନ୍ନ ହେବାରୁ ପରିବାର ଲୋକେ ଅଧିକ ଚିକିତ୍ସା ପାଇଁ ପୋଡୋଶୀ ପାର୍ବତୀ ପୁର ନେଇଯାଇଥିବା ଜଣା ପଡିଛି। ଦେଖିବାକୁ ବାକି ରହିଲା ସ୍କୁଲ ନ ଯାଇ ଶିକ୍ଷକ ଦରମା ପାଇବା ହେଉ କିମ୍ବା ସ୍କୁଲ ବନ୍ଦ କରି ଚାଉଳ ଗ୍ରହଣ କରିବାକୁ ଯିବା ଉପରେ କ'ଣ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାନୁଷ୍ଠାନ ନିଆଯାଉଛି।



ଓଡ଼ିଶା ଭାସ୍କର
ODISHA BHASKAR
# ମହାନଗର
ପୃଷ୍ଠା-୧୧
Page-11
ଭୁବନେଶ୍ୱର
Bhubaneswar
୨୨.୦୮.୨୦୨୫
22.08.2025



କଟକ(ଭାସ୍କର ନ୍ୟୁଜ): କଟକ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଓ ସମସ୍ତ ତାଲୁକ୍ ଆଇନ ସେବା କମିଟି ପରିସରରେ ଆସନ୍ତା ସେପ୍ଟେମ୍ବର ୧୩ ତାରିଖ ଶନିବାର ପୂର୍ବାହ୍ନ ୧୦ଘଟିକା ସମୟରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ । ଏହି ଲୋକ ଅଦାଲତରେ ସମସ୍ତ ପ୍ରକାର ପ୍ରାକ୍ ତଥା ବିଚାରଧୀନ ମକଦ୍ଦମା ଯଥା ମୋଟରଯାନ ଜନିତ ଦୁର୍ଘଟଣା, ଶ୍ରମ ବିବାଦ, ଜମି ଅଧିଗ୍ରହଣ, କ୍ଷତିପୂରଣ, ପାରିବାରିକ, ଚେକ୍ ବାଉନ୍ସ, ଦେୱାନୀ ଓ ଫୌଜଦାରୀ ମାମଲାର ଆପୋଷ ସହମତିରେ ସମାଧାନ କରାଯାଇପାରିବ । ଲୋକ ଅଦାଲତରେ ମକଦ୍ଦମା/ ବିବଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡେ ନାହିଁ ଏବଂ ଲୋକ ଅଦାଲତର ରାୟ ବୈଧ, ଚୂଡ଼ାନ୍ତ ଏବଂ ଅମଳଯୋଗ୍ୟ ।

## ହାତୀ ସଂରକ୍ଷଣ ନେଇ ଆସିବ ନୂଆ ନୀତି: ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ମାନବ-ହାତୀ ସହାବସ୍ଥାନ ଅନ୍ତର୍ଜାତୀୟ କର୍ମଶାଳାକୁ ଗୁରୁବାର ଉଦ୍‌ଘାଟନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଚନ୍ଦକା ଗୋଡ଼ିବାରିରେ ଦୁଇଦିନିଆ କର୍ମଶାଳା ଉଦ୍‌ଘାଟିତ ହୋଇଛି। ହାତୀଙ୍କ ବିଷୟରେ ଗବେଷଣା ପାଇଁ ସ୍ୱତନ୍ତ୍ର କେନ୍ଦ୍ର ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଗବେଷଣା ପରେ ହାତୀ ସଂରକ୍ଷଣ ନେଇ ସ୍ୱତନ୍ତ୍ର ପଲିସି ବା ନୀତି ଆସିବ। ଓଡ଼ିଶାରେ ଏବେ ୨୧୦୦ ହାତୀ ଥିବାରୁ ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଛି । ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ, ୧୦ ବର୍ଷରେ ହାତୀ-ମଣିଷ ଲଢ଼େଇରେ ୯୦୦ ମଣିଷ, ୭୫୦ ହାତୀଙ୍କ ମୃତ୍ୟୁ ହୋଇଛି । ହାତୀ କରିଡରରେ ଓଡିଶା ଏକ ନମ୍ବର । ସହରୀକରଣ, ଭିତ୍ତିଭୂମି, କୃଷିର ସଂପ୍ରସାରଣ ଫଳରେ ହାତୀ ମଣିଷ ଲଢେଇ ହେବା ଦୁର୍ଭାଗ୍ୟଜନକ । ଏହାକୁ ରୋକିବାକୁ ସରକାର ଅନେକ ପଦକ୍ଷେପ ହାତକୁ ନେଇଛନ୍ତି। ଜଙ୍ଗଲରେ ୱାଟର ବଡ଼ି ତିଆରି କରାଯାଇଛି । ୨୧୦୦ ହାତୀର ଘର ହେଉଛି ଓଡିଶା । ବନ ସୁରକ୍ଷା ସମିତି, ଗଜସାଥୀ ଦ୍ୱାରା ହାତୀଙ୍କୁ ସୁରକ୍ଷା ଦିଆଯାଉଛି । ଯେଉଁଠି ସମସ୍ୟା ହେଉଛି, ସେଠି ହାତୀ ସ୍କ୍ୱାଡ, ରାପିଡ୍ ରେସପନ୍ସ ଟିମ୍ ସଙ୍ଗେ ସଙ୍ଗେ ପହଞ୍ଚୁଛନ୍ତି। ମୃତ୍ୟୁ ପାଇଁ ସଙ୍ଗେ ସଙ୍ଗେ କ୍ଷତିପୂରଣ ଦିଆଯାଇଛି । ସର୍ଭିଲାନ୍ସ ପାଇଁ ଜିପିଏସ, ରେଡ଼ିଓ ସ୍କଲାର, ଏଆଇ କ୍ୟାମେରା ବ୍ୟବହାର କରାଯାଉଛି । ସମସ୍ତଙ୍କୁ ମିଶି ହାତୀ ଏବଂ ମଣିଷ ନିରାପଦରେ ରହିବା ଭଳି ବାତାବରଣ ତିଆରି କରିବାକୁ ହେବ ବୋଲି ଆହ୍ୱାନ ଦେଇଛନ୍ତି । ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ଓଡ଼ିଶାର ବିକାଶକୁ ସୁରକ୍ଷା-କେନ୍ଦ୍ରିକ ଦୃଷ୍ଟିକୋଣରୁ ବାସସ୍ଥାନ କ୍ଷତିରୁ ସୃଷ୍ଟି ହେଉଥିବା ନକାରାତ୍ମକ ଅନ୍ତର୍କ୍ରିୟାକୁ ପରିଚାଳନା କରିବା ପାଇଁ ଏକ ସାମଗ୍ରିକ ସହାବସ୍ଥାନ ଦର୍ଶନ ଆଡ଼କୁ ରୂପରେଖା ଦେଇଥିଲେ। ପି. କେ. ଝା, ପିସିସିଏଫ୍ ସ୍ୱାଗତ ଭାଷଣ ଦେଇଥିଲେ ଯେତେବେଳେ ଆଇୟୁସିଏନ୍ ସ୍ପେସିଜ୍ ସର୍ଭାଇଭାଲ ଉପାଧ୍ୟକ୍ଷ ହାଇଡି ରିଡଲ୍, ସହଯୋଗପୂର୍ଣ୍ଣ ବିଶ୍ୱ ପ୍ରୟାସର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସୁରେଶ ପନ୍ତ, ପିସିସିଏଫ୍ ଏବଂ ହୋଏଫ୍ଏଫ୍, ହାତୀ ସଂରକ୍ଷଣରେ ରାଜ୍ୟସ୍ତରୀୟ ପଦକ୍ଷେପ ଉପରେ ଗୁରୁତ୍ୱାରୋପ କରିଥିଲେ। କଲମ୍ବସ୍ ଚିଡ଼ିଆଖାନାର ପ୍ରାଣୀ ଯତ୍ନର ଉପାଧ୍ୟକ୍ଷ ଆଡାମ ଫେଲ୍ଟସ୍ ସର୍ବୋତ୍ତମ ଅଭ୍ୟାସ ଉପରେ ଅନ୍ତର୍ଜାତୀୟ ଦୃଷ୍ଟିକୋଣ ବାଣ୍ଟିଥିଲେ। ଭାରତ ସରକାରଙ୍କ ଜଙ୍ଗଲ ବିଭାଗ ଅତିରିକ୍ତ ନିର୍ଦ୍ଦେଶକ ଏବଂ ପ୍ରକଳ୍ପ ହାତୀ, ଏମଓଇଏଫ୍ ଆଣ୍ଡସିସି, ନିର୍ଦ୍ଦେଶକ ରମେଶ କୁମାର ପାଣ୍ଡେ, ସଂଘର୍ଷ ହ୍ରାସ ଏବଂ ବାସସ୍ଥାନ ସଂରକ୍ଷଣରେ ପ୍ରକଳ୍ପ ହାତୀ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ଓଡ଼ିଶା ସରକାରଙ୍କ ଏଫଇଏଣ୍ଡସିସି ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ସତ୍ୟବ୍ରତ ସାହୁ ନୀତିଗତ ପଦକ୍ଷେପର ରୂପରେଖା ପ୍ରଦାନ କରିଥିଲେ।

## ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାର କାର୍ଯ୍ୟକାରିତା ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା 'ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା'ର ସଫଳ କାର୍ଯ୍ୟକାରିତା ସଂପର୍କରେ ମୁଖ୍ୟଶାସନ ସଚିବ ମନୋଜ ଆହୁଜା ସମୀକ୍ଷା କରିଛନ୍ତି । ଲୋକସେବା ଭବନରେ ବୁଧବାର ଅନୁଷ୍ଠିତ ଏହି ବୈଠକରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠଙ୍କ ଉପସ୍ଥିତିରେ ଯୋଜନାର କାର୍ଯ୍ୟାନ୍ୱୟନ ସ୍ଥିତି ଓ ଅଗ୍ରଗତି ସଂପର୍କରେ ବିଶଦ୍ ଆଲୋଚନା କରାଯାଇଥିଲା । ଯୋଜନାର କାର୍ଯ୍ୟକାରିତା ଅନୁଧ୍ୟାନ ପୂର୍ବକ ଏହି ଯୋଜନାରୁ ଗୋପାଳନ କରୁଥିବା ଚାଷୀ ଏବଂ କୃଷି ଉଦ୍ୟୋଗୀମାନେ କିପରି ଅଧିକ ଲାଭବାନ ହୋଇପାରିବେ, ଚାଷୀମାନଙ୍କ ଆର୍ଥିକ ସଶକ୍ତିକରଣ ହୋଇପାରିବ, ସେଥିପାଇଁ ଯୋଜନାର ପ୍ରଭାବୀ କାର୍ଯ୍ୟାନ୍ୱୟନ ଉପରେ ସେ ଗୁରୁତ୍ୱ ଦେଇଛନ୍ତି । ବୈଠକରେ ବିଭାଗର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ । ଆମ ରାଜ୍ୟରେ କୃଷି ସହିତ ଗୋପାଳନ କୃଷକମାନଙ୍କର ଆର୍ଥିକ ମାନଦଣ୍ଡ ବୃଦ୍ଧିରେ ସର୍ବଦା ଗୁରୁତ୍ୱ ବହନ କରୁଛି । ରାଜ୍ୟରେ ଗୋପାଳନ କ୍ଷେତ୍ରକୁ ଅଗ୍ରାଧିକାର ଦେବା ଏବଂ ଦୁଗ୍ଧ ଉତ୍ପାଦନ ବୃଦ୍ଧି ଲକ୍ଷ୍ୟରେ ୫ବର୍ଷ ପାଇଁ୧୪୨୩.୪୭ କୋଟି ଟଙ୍କା ବ୍ୟୟ ଆକଳନ ଲକ୍ଷ୍ୟ ରଖି ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାକୁ ଗତବର୍ଷ ସେପ୍ଟେମ୍ବର ମାସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଶୁଭାରମ୍ଭ କରିଥିଲେ ।ଗତ ୨୦୨୪ ଡିସେମ୍ବର ୪ରେ ଏହି ଯୋଜନା ଅନ୍ତର୍ଗତ ଉପ-ଯୋଜନା ଗୁଡିକର କାର୍ଯ୍ୟକାରିତା ଆରମ୍ଭ କରାଯାଇଥିଲା। ଏହିଯୋଜନାରେ ଦୈନିକ ଦୁଗ୍ଧ ଉତ୍ପାଦନ୬୫ ଲକ୍ଷ ଲିଟରରୁ ୫ବର୍ଷ ମଧ୍ୟରେ ଦୈନିକ ୧୩୦ ଲକ୍ଷ ଲିଟର ଉତ୍ପାଦନ ଲକ୍ଷ୍ୟ ରହିଛି। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ କମର୍ସିଆଲ ଡାଏରୀ ଫାର୍ମିଂ ମାଧ୍ୟମରେ କ୍ଷୁଦ୍ର ଉଦ୍ୟୋଗୀଙ୍କୁ ସଶକ୍ତ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏଥିରେ ୨୦୨୪-୨୫ବର୍ଷରେ ୭୧୬ଆବେଦନ ଗ୍ରହଣ କରାଇବା ବେଳେ୬୨୬ ଆବେଦନକୁ ମଞ୍ଜୁର ମିଳିଛି ଏବଂ ୫,୦୦୮ ପ୍ରାଣୀ ପାଳନ କରାଯିବ।୨୦୨୫-୨୬ରେ ଆବେଦନ କରିଥିବା ୨୭୨ରୁ ୧୪୪ ଆବେଦନ ମଞ୍ଜୁର ହୋଇ୧୧୫୨ପ୍ରାଣୀ ପାଳନକୁ ମଞ୍ଜୁର ମିଳିଛି। ଯୋଜନାର କାର୍ଯ୍ୟକାରୀ ସମୀକ୍ଷା କରି ମୁଖ୍ୟ ଶାସନ ସଚିବ ଏହି ଯୋଜନାରୁ ଚାଷୀମାନେ ଯେପରି ଲାଭ ଉଠାଇ ଅଧିକରୁ ଅଧିକ ଉପକୃତ ହୋଇପାରିବେଏବଂ ସେମାନଙ୍କର ଆର୍ଥିକ ସଶକ୍ତିକରଣ ହୋଇପାରିବ, ସେଥିପ୍ରତି ଗୁରୁତ୍ୱ ଦେଇଛନ୍ତି। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ର ବିଶେଷଜ୍ଞଙ୍କ ଦ୍ୱାରା ଯୋଜନା କାର୍ଯ୍ୟକାରିତାର ମୂଲ୍ୟାୟନ ଓ ସେମାନଙ୍କଠୁ ଆବଶ୍ୟକ ପରାମର୍ଶ ଦେବା ସଂପର୍କରେ ଗୁରୁତ୍ୱ ଦେଇଥିଲେ ।

### ଓକାକ୍‌ରେ ସରକାରୀ କାର୍ଯ୍ୟାଳୟର ଶୁଭାରମ୍ଭ କଲେ ଆଇଟି ମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟ ସ୍ୱାସ୍ଥ୍ୟ ତଥା ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ମୁକେଶ ମହାଲିଙ୍ଗ ଗୁରୁବାର ଭୁବନେଶ୍ୱର ସ୍ଥିତ ଓଡ଼ିଶା କମ୍ପ୍ୟୁଟର ପ୍ରୟୋଗ କେନ୍ଦ୍ରରେ ସରକାରୀ କାର୍ଯ୍ୟାଳୟର ଶୁଭାରମ୍ଭ କରିଛନ୍ତି। ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉପସ୍ଥିତ ଥିଲେ। ମନ୍ତ୍ରୀ ଶୁଭାରମ୍ଭ ହେବାକୁ ଥିବା ଗ୍ଲୋବାଲ ଫାଇନାନ୍ସିଆଲ ଟେକ୍ନୋଲୋଜି କାପାବିଲିଟି ହବ୍‌ର ପ୍ରସ୍ତୁତି ସମ୍ପର୍କରେ ବିଭାଗୀୟ ସଚିବ ଏବଂ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି କାର୍ଯ୍ୟକ୍ରମରେ ଯୋଗଦେବେ। ଓଡ଼ିଶାକୁ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଏକ ଅଗ୍ରଣୀ ରାଜ୍ୟରେ ପରିଣତ କରିବା ପାଇଁ ଲୋକଙ୍କ ସରକାର ପ୍ରତିବଦ୍ଧ ଅଟନ୍ତି ବୋଲି ମନ୍ତ୍ରୀ କହିଛନ୍ତି।

## ଭଷାଣି ପୂର୍ବରୁ ଦେବୀଗଡାରେ ସ୍ଥିତି ପରଖିଲେ ମେୟର୍



କଟକ(ଭାସ୍କର ନ୍ୟୁଜ୍): ଚଳିତ ବର୍ଷ ପାର୍ବଣ ଋତୁକୁ ଦୃଷ୍ଟିରେ ରଖି ଆଜି ସକାଳେ କଟକ ମେୟର ସୁବାସ ସିଂହ ଓ ବିଭାଗୀୟ ଅଧିକାରୀମାନେ ଦେବୀଗଡାରେ ସ୍ଥିତି ପରଖିଛନ୍ତି । କଟକ ସହରରେ ଦୁର୍ଗା ପୂଜା, କାଳୀ ପୂଜା ଭଷାଣୀ ନିମନ୍ତେ ଦେବୀଗଡାରେ ଅସ୍ଥାୟୀ ପୋଖରୀ ନିର୍ମାଣ ପାଇଁ ପ୍ରସ୍ତାବ ଦେଇଥିଲେ। ଦେବୀ ଗଡାକୁ କଟକର ଗର୍ବ ଓ ଗୌରବ- ବିସର୍ଜନ ସ୍ଥଳୀ ଭାବରେ ସ୍ୱତନ୍ତ୍ର ପରିଚୟକୁ ଅକ୍ଷୟ ଆଗରେ ରଖି କାର୍ଯ କରିବାକୁ ଉପସ୍ଥିତ ଅଧିକାରୀଙ୍କୁ ମେୟର ଶ୍ରୀ ସିଂହ ଆଦେଶ ଦେଇଥିଲେ। ଭଷାଣି ସ୍ଥଳକୁ ସମତଳ କରିବା ସହ ସେଠାରେ ପର୍ଯ୍ୟାପ୍ତ ସଂଖ୍ୟକ ଆଲୋକର ବ୍ୟବସ୍ଥା କରିବା, ମେଢ ଗୁଡିକ ଯେପରି ସୁରୁଖୁରୁରେ ଦେବୀଗଡାରେ ପ୍ରବେଶ କରିବେ ସେଥିପ୍ରତି ବିଶେଷ ଗୁରୁତ୍ୱ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ମେୟରଙ୍କ ସହିତ ସି.ଏମ.ସି କମିଶନର କିରଣଦୀପ କୌର ସହୋତା, ଡେପୁଟି ମେୟର ଦମୟନ୍ତୀ ମାଝୀ, ଷ୍ଟାଣ୍ଡିଙ୍ଗ କମିଟି ଅଧ୍ୟକ୍ଷ ପ୍ରଦୀପ୍ତ କିଶୋର ଖଂଟିଆ, ଷ୍ଟାଣ୍ଡିଙ୍ଗ କମିଟି ଅଧ୍ୟକ୍ଷା ଦିପ୍ତିମୟୀ ମୁଲିଆ, କର୍ପୋରେଟର ବିକାଶ ରନ ବେହେରା, ଲକ୍ଷ୍ମୀଧର ବେହେରା, ଗଗନ ଓଝା, ବନଲତା ପ୍ରଧାନ, ଏକଜୁକିଟିଭ ଇଂଜିନିୟର ଭରତ ସେଠୀ, ଏକଜୁକିଟିଭ ଇଂଜିନିୟର ସୁବାଷ ସାହୁ, କଟକ ଶାନ୍ତି କମିଟି ସଭାପତି ଦେବେନ୍ଦ୍ରନାଥ ସାହୁ , ସାଧାରଣ ସମ୍ପାଦକ ଭିକାରି ଦାସ, କୋଷାଧ୍ୟକ୍ଷ ନରେଶ ଚନ୍ଦ୍ର ସାହୁ, ଶାନ୍ତି କମିଟି କର୍ମକର୍ତ୍ତା ଦେବାଶିଷ ରାୟ, ଦିପାୟନ ପଟ୍ଟନାୟକ, ରାଜୀବ ବେହେରା, ସ୍ଥାନୀୟ ମୁରବି ତଥା ଆଇନଜୀବି ଆଲୋକ ମହାପାତ୍ର, ପ୍ରସନ୍ନ ବେହେରା , ରଘୁନାଥ ଦାସ, ଦେବେନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ ।

### ସାଧାରଣ ଲୋକଙ୍କୁ କମ୍ ଟଙ୍କାରେ ଘର ଦେବେ ସରକାର

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆର୍ଫୋଡେବଲ୍ ହାଉସିଂ ସ୍କିମ୍ ରେ ସାଧାରଣ ଲୋକଙ୍କୁ ଘର ଯୋଗାଇବାକୁ ସରକାର ଯୋଜନା କରିଛନ୍ତି। ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଜଣେ ସାଧାରଣ ଲୋକ ମଧ୍ୟ କମ୍ ଟଙ୍କାରେ ଭୁବନେଶ୍ୱରରେ ରହିପାରିବ। ଏଥିପାଇଁ ଘର ଯୋଗାଇଦେବାକୁ ସରକାର ଯୋଜନା କରୁଛନ୍ତି। ସେଥିପାଇଁ ବିଡିଏ ଏବଂ ହାଉସିଂ ବୋର୍ଡ ଘର ତିଆରି କରୁଛି। ଏଥିନିମନ୍ତେ ବିଭିନ୍ନ ସ୍ଥାନରେ ଘର ତିଆରି ଆରମ୍ଭ ହୋଇଗଲାଣି। ଖୁବଶୀଘ୍ର ସୁଲଭ ମୂଲ୍ୟରେ ଲୋକଙ୍କୁ ଘର ଯୋଗାଇ ଦିଆଯିବ ।

## ରାଜ୍ୟରେ ଆହୁରି ୮୦୦ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ହେବ: ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିପର୍ଯ୍ୟୟ ପରିଚାଳନା ନେଇ କେନ୍ଦ୍ର ଗୃହ ମନ୍ତ୍ରୀଙ୍କୁ ଭେଟି ଓଡ଼ିଶାର ଦାବି ଜଣାଇଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ । ଦିଲ୍ଲୀ ଗସ୍ତ ସମୟରେ ସେ ରାଜ୍ୟ ପାଇଁ ୭ ଦାବି ରଖିଥିବା ଭୁବନେଶ୍ୱର ଫେରିବା ପରେ ସାମ୍ବାଦିକଙ୍କୁ ସୂଚନା ଦେଇଛନ୍ତି ମନ୍ତ୍ରୀ । ପ୍ରାକୃତିକ ବିପର୍ଯ୍ୟୟ ଜନିତ ସମସ୍ୟା ସମାଧାନ ପାଇଁ କେନ୍ଦ୍ରର ପାଇଁ ସହଯୋଗ ଲୋଡିଛନ୍ତି । ରାଜ୍ୟରେ ୮୦୦ ବହୁମୁଖୀ ବାତ୍ୟା ଓ ବନ୍ୟା ଆଶ୍ରୟ ସ୍ଥଳୀ ନିର୍ମାଣ ହେବ ଏଥିପାଇଁ କେନ୍ଦ୍ର ସରକାରଙ୍କ ପାଖରେ ଦାବି ରଖିଲେ ମନ୍ତ୍ରୀ । ଆଗୁଆ ପାଣିପାଗ ସୂଚନାକୁ ଆଧୁନିକୀକରଣ ପାଇଁ ମାଗିଲେ କେନ୍ଦ୍ରୀୟ ସହାୟତା । ବାତ୍ୟା, ବନ୍ୟା ସମୟରେ ବିଦ୍ୟୁତ୍ ଭିତ୍ତିଭୂମି କ୍ଷତିଗ୍ରସ୍ତ ହେଉଛି । ଲମ୍ବା ସମୟ ପର୍ଯ୍ୟନ୍ତ ବିଜୁଳି କାଟ ହେଉଛି । ତେଣୁ ଓଡ଼ିଶାରେ ମୁଖ୍ୟତଃ ବନ୍ୟା ପ୍ରଭାବିତ ଅଞ୍ଚଳ ଗୁଡ଼ିକରେ ବିଜୁଳି ଭିତ୍ତିଭୂମିକୁ ଅଣ୍ଡର ଗ୍ରାଉଣ୍ଡ କରିବା ପାଇଁ ସାଢେ ୭ ହଜାର କୋଟି ପ୍ରାଥମିକ ସ୍ତରରେ ଖର୍ଚ୍ଚ ହେବ ସେଥିପାଇଁ ଆଲୋଚନା ହୋଇଛି । ଲ୍ୟାଣ୍ଡ ସେଟଲମେଣ୍ଟକୁ ନେଇ ବହୁ ସମସ୍ୟା ଅଛି । ତେଣୁ ଜମିଜମା ମାମଲାର ସମାଧାନ ପାଇଁ କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହାନଙ୍କ ସହ ଆଲୋଚନା ହୋଇଛି । ଏହାସହ ଏଫସିଆଇ ଚାଉଳ ଉଠିବା ପାଇଁ ମଧ୍ୟ କେନ୍ଦ୍ର ମନ୍ତ୍ରୀଙ୍କ ସହ ଆଲୋଚନା ହୋଇଥିବା ମନ୍ତ୍ରୀ କହିଛନ୍ତି।

## ଏମ୍ସ ଭୁବନେଶ୍ୱର, କିଟ୍-ଟିବିଆଇ ଓ ବିସିକେଆଇସି ଫାଉଣ୍ଡେସନ୍ ସହ ବୁଝାମଣା



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସ୍ୱାସ୍ଥ୍ୟସେବା ନବସୃଜନକୁ ଆଗକୁ ବଢାଇବା ଏବଂ କ୍ଲିନିକାଲ୍ ଉଦ୍ୟୋଗକୁ ପ୍ରୋତ୍ସାହିତ କରିବା ଦିଗରେ ଏକ ଅନନ୍ୟ ପଦକ୍ଷେପ ସ୍ୱରୂପ, ଏମ୍ସ ଭୁବନେଶ୍ୱର ଆଜି କିଟ୍-ଟେକ୍ନୋଲୋଜି ବିଜନେସ ଇନକ୍ୟୁବେଟର (କିଟ୍-ଟିବିଆଇ) ଏବଂ ଭୁବନେଶ୍ୱର ସିଟି ନଲେଜ୍ ଇନୋଭେସନ୍ କ୍ଲଷ୍ଟର (ବିସିକେଆଇସି) ଫାଉଣ୍ଡେସନ୍ ସହିତ ଏକ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷର କରିଛି। ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ଏବଂ ବିସିକେଆଇସି ଅଧ୍ୟକ୍ଷ ଏବଂ କିଟ୍-ଟିବିଆଇ ସିଇଓ ମୃତ୍ୟୁଞ୍ଜୟ ସୁଆରଙ୍କ ଉପସ୍ଥିତିରେ ଏମ୍ସ ଭୁବନେଶ୍ୱରରେ ଏହି ବୁଝାମଣାପତ୍ର ସ୍ୱାକ୍ଷର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବିସିକେଆଇସି ସିଇଓ ଏବଂ କିଟ୍-ଟିବିଆଇ ପରାମର୍ଶଦାତା ଡ. ନମ୍ରତା ମିଶ୍ର, ଏମ୍ସ ଭୁବନେଶ୍ୱରର ଡିନ୍ (ଗବେଷଣା) ଡ. ସତ୍ୟଜିତ ମିଶ୍ର, ଏମ୍ସ ଭୁବନେଶ୍ୱରର ଏମଓୟୁ କମିଟିର ସଚିବ ଡ. ଋତୁପର୍ଣ୍ଣା ମାଇତି, କିଟ୍-ଟିବିଆଇ ପରିଚାଳିକା (ଟେକ୍-ଇନୋଭେସନ୍) ଡ. ଜୟଲକ୍ଷ୍ମୀ ଦାଶ ଏବଂ ବିସିକେଆଇସି ପରିଚାଳକ ଅର୍ପଣ ଘୋଷ ପ୍ରମୁଖ ଉପସ୍ଥିତ ଥିଲେ।

## କେନ୍ଦୁଝରରେ ସ୍ଥାପିତ ହେବ ରାଜ୍ୟର ଦ୍ୱିତୀୟ ବୃହତ୍ ଇସ୍ପାତ କାରଖାନା




ଗୁରୁବାର ଅପରାହ୍ନରେ ଭୁବନେଶ୍ୱର ରାଜ୍ୟ ଅତିଥି ଭବନ ଠାରେ କେନ୍ଦୁଝର ଜିଲ୍ଲାର ବିଭିନ୍ନ ସଂଗଠନ ଓ ନାଗରିକ ମଞ୍ଚ ଜିଲ୍ଲାରେ ଇସ୍ପାତ କାରଖାନା ପ୍ରତିଷ୍ଠା ହେବାକୁ ଯାଉଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଓ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ସୂଚନାଯୋଗ୍ୟ ଯେ, ଦକ୍ଷିଣ କୋରିଆର ପ୍ରସିଦ୍ଧ ଇସ୍ପାତ ଶିଳ୍ପ ପୋସ୍କୋ ଏବଂ ଭାରତର ଜେ.ଏସ୍.ଡବ୍ଲ୍ୟୁର ମିଳିତ ଆନୁକୂଲ୍ୟରେ କେନ୍ଦୁଝର ଜିଲ୍ଲାର ପାଟଣା ଅଞ୍ଚଳରେ ଇସ୍ପାତ କାରଖାନା ପ୍ରତିଷ୍ଠା ହେବାକୁ ଯାଉଛି । ଏହା ହେବ ରାଜ୍ୟର ଦ୍ୱିତୀୟ ବୃହତ ଇସ୍ପାତ କାରଖାନା । ଜିଲ୍ଲାରେ ଏହି କାରଖାନା ସ୍ଥାପନ ପାଇଁ ମୁଖ୍ୟମନ୍ତ୍ରୀ ଶାସନକୁ ଆସିବା ଆଗରୁ ଦାବୀ କରି ଆସୁଥିଲେ । ଏହା ମଧ୍ୟ ଦଳର ନିର୍ବାଚନ ଇସ୍ତାହାରରେ ସ୍ଥାନ ପାଇଥିଲା । କେନ୍ଦୁଝରର ଲୁହାପଥର ବିଦେଶକୁ ରପ୍ତାନୀ ହୋଇ କାମରେ ଆସୁଛି କିନ୍ତୁ ଓଡିଶାରେ ଏହା କାହିଁକି ବ୍ୟବହାର ହୋଇପାରୁନାହିଁ ବୋଲି ମୁଖ୍ୟମନ୍ତ୍ରୀ ସବୁବେଳେ ଦାବୀ କରିଆସୁଥିଲେ ଏବଂ ଏଥିପାଇଁ ଲଗାତାର ଉଦ୍ୟମ ଜାରି ରଖିଥିଲେ । କେନ୍ଦୁଝର ଜିଲ୍ଲାବାସୀଙ୍କ ବହୁତ ଦିନର ସ୍ୱପ୍ନ ଥିଲା, ଜିଲ୍ଲାରେ ଇସ୍ପାତ କାରଖାନା । ଆଜି ଏହା ସାକାର ହେବାକୁ ଯାଉଛି, ଏହା ସମ୍ଭବ ହୋଇଛି ମୁଖ୍ୟମନ୍ତ୍ରୀଙ୍କ ଆନ୍ତରିକ ପ୍ରଚେଷ୍ଟା ଓ ଦୃଢ଼ ଇଚ୍ଛାଶକ୍ତି ବଳରେ ବୋଲି ଆଜି ଧନ୍ୟବାଦ ଦେବାପାଇଁ ଆସିଥିବା କେନ୍ଦୁଝର ଜିଲ୍ଲାବାସୀଙ୍କ ମତ ଥିଲା । କେନ୍ଦୁଝର ଜିଲ୍ଲାର ପ୍ରାୟ ସମସ୍ତ ଅଞ୍ଚଳର ଆଦିବାସୀ ମଞ୍ଚ, ଯୁବ ଛାତ୍ରସାମୁଖ୍ୟ, ନାଗରିକ ମଞ୍ଚ, ପ୍ରେସ୍ କ୍ଲବ, ବୁଦ୍ଧିଜୀବି ଓ ଅନ୍ୟାନ୍ୟ ସଂଗଠନର କର୍ମକର୍ତ୍ତା ଓ ସଦସ୍ୟ, ସ୍ଥାନୀୟ ଜନପ୍ରତିନିଧିମାନେ ହଜାର ହଜାର ସଂଖ୍ୟାରେ ଭୁବନେଶ୍ୱର ଆସି ମୁଖ୍ୟମନ୍ତ୍ରୀଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଓ ଧନ୍ୟବାଦ ଅର୍ପଣ କରିଛନ୍ତି । ପ୍ରଧାନମନ୍ତ୍ରୀଙ୍କ କେନ୍ଦୁଝର ଜିଲ୍ଲାକୁ ଏହି ଅମୂଲ୍ୟ ଉପହାର ପାଇଁ ମଧ୍ୟ କୃତଜ୍ଞତା ଜ୍ଞାପନ କରିଛନ୍ତି ଜିଲ୍ଲାବାସୀ । କେନ୍ଦୁଝର ଜିଲ୍ଲାବାସୀଙ୍କ ସହିତ ପାଟଣା ବିଧାୟକ ଅଖିଳ ନାୟକ ଏବଂ ତେଲକୋଇ ବିଧାୟକ ଡ. ଫକୀର ନାୟକ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ । ଶେଷରେ ମୁଖ୍ୟମନ୍ତ୍ରୀ ଜିଲ୍ଲାବାସୀଙ୍କୁ ଉଦବୋଧନ ଦେଇ କହିଥିଲେ ମହାପ୍ରଭୁ ଶ୍ରୀଜଗନ୍ନାଥ, ମା' ତାରିଣୀ ଏବଂ ପ୍ରଭୁ ବଳଦେବ ଜୀଉଙ୍କ ଆଶିର୍ବାଦରୁ ଜିଲ୍ଲାରେ ବୃହତ ଇସ୍ପାତ କାରଖାନା ପ୍ରତିଷ୍ଠା ହେବାକୁ ଯାଉଛି । ଏହା ମାଧ୍ୟମରେ କେନ୍ଦୁଝର ସହ ସମଗ୍ର ରାଜ୍ୟର ବିକାଶ ହେବ । ତେଣୁ ଏଥିପାଇଁ ଜିଲ୍ଲାବାସୀ ବିଶେଷକରି ପାଟଣାବାସୀ ସମସ୍ତ ପ୍ରକାର ସହଯୋଗ କରିବା ପାଇଁ ଅନୁରୋଧ କରିଥିଲେ ।




ବସ୍ତି ବାସିନ୍ଦଙ୍କୁ ମହାନଗର ନିଗମ ଆଇନ ଅନୁଯାୟୀ ଥଇଥାନ ଓ ପଟ୍ଟା ଦାବିରେ ବସ୍ତି ବାସିନ୍ଦାଙ୍କ ମିଳିତ ମଞ୍ଚର ବିକ୍ଷୋଭ ।

## କେନ୍ଦ୍ର କୃଷି ମନ୍ତ୍ରୀଙ୍କ ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାୟୀ ଯୋଜନାର ସମୀକ୍ଷା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାୟୀ ଯୋଜନା ୨.୦ ର ଜଳବିଭାଜିକା ଅଧୀନରେ ପାଣି ବ୍ୟବହାରରେ ଓଡ଼ିଶା ସର୍ବୋତ୍ତମ ପ୍ରଦର୍ଶନକାରୀ ରାଜ୍ୟ ହୋଇଛି। ଗୁରୁବାର କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ, ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଦେଶର ସମସ୍ତ ରାଜ୍ୟ ଏବଂ ଜମ୍ମୁ କାଶ୍ମୀର, ଲଦାଖ କେନ୍ଦ୍ରଶାସିତ ପ୍ରଦେଶର ଜଳବିଭାଜିକା-ପ୍ରଧାନମନ୍ତ୍ରୀ କୃଷି ସିଂଚାୟୀ ଯୋଜନା ୨.୦ ପ୍ରକଳ୍ପର ସମୀକ୍ଷା କରିଛନ୍ତି। ଅନୁମୋଦିତ ପାଣିର ୮୩% ବ୍ୟବହାର କରି ଓଡ଼ିଶା ସାରା ଦେଶରେ ପ୍ରଥମ ସ୍ଥାନରେ ରହିଛି। ଏହି ପ୍ରକଳ୍ପର ଅବଧି ୨୦୨୧-୨୨ ଆର୍ଥିକ ବର୍ଷରୁ ୨୦୨୫-୨୬ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ରହିଥିବା ବେଳେ ମୋଟ ପ୍ରକଳ୍ପ ବ୍ୟୟ ୭୫୯.୨୭ କୋଟି ଟଙ୍କା ଏବଂ ଏଥିରେ କେନ୍ଦ୍ର ଏବଂ ରାଜ୍ୟ ଅଂଶ ୬୦:୪୦ ରହିଛି। ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ସମୀକ୍ଷା ସମୟରେ କେନ୍ଦ୍ର ମନ୍ତ୍ରୀଙ୍କୁ ଓଡ଼ିଶା ସମ୍ପର୍କିତ ତଥ୍ୟ ଉପସ୍ଥାପନ କରିଥିଲେ। ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଏବଂ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାୟକ, କୃଷି ଓ କୃଷକ ସଶକ୍ତିକରଣ ପ୍ରମୁଖ ସଚିବ ଡ଼ ଅରବିନ୍ଦ କୁମାର ପାଢ଼ୀ, ମୃତ୍ତିକା ସଂରକ୍ଷଣ ଏବଂ ଜଳ ବିଭାଜିକା ପରିଚାଳନା ନିର୍ଦ୍ଦେଶକ ସୁବ୍ରତ କୁମାର ପଣ୍ଡା ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଭିଡିଓ କନଫରେନ୍ସିଂ ସମୟରେ ଉପସ୍ଥିତ ଥିଲେ।

## ୧୩୦ ତମ ସମ୍ବିଧାନ ସଂଶୋଧନ ବିଲ୍ ଉପରେ କଂଗ୍ରେସର ଆଲୋଚନା ସଭା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଜର୍ମାନୀ ପରି ଭାରତୀୟ ଗଣତନ୍ତ୍ରରେ ମଧ୍ୟ ସମାନୁପାତିକ ପ୍ରତିନିଧିତ୍ୱ ବ୍ୟବସ୍ଥା କରି ସହମତିଭିତ୍ତିକ ସରକାର ଆଡ଼କୁ ଗତି କରିବା ବଦଳରେ ଓଲଟା କେନ୍ଦ୍ର ସରକାର ହାତରେ ସମସ୍ତ କ୍ଷମତା ଠୁଳକରି ଭାରତକୁ ଏକ ନବ୍ୟ ଫାସିବାଦୀ ରାଷ୍ଟ୍ରରେ ପରିଣତ କରିବା ଚେଷ୍ଟା ଚାଲିଛି। ଭୋଟଦାନ ପ୍ରକ୍ରିୟାରେ ସଂଶୋଧନ ଆଣି ବ୍ୟବସ୍ଥାକୁ ସଂସ୍କାରିତ କରିବା ପରିବର୍ତ୍ତେ ରାଜ୍ୟଗୁଡ଼ିକୁ ଦୁର୍ବଳ କରି ସଂଘୀୟ ବ୍ୟବସ୍ଥାକୁ ନଷ୍ଟ କରିବାକୁ ଚେଷ୍ଟା ଚାଲିଛି ବୋଲି ବିଶିଷ୍ଟ ସମାଜ ବିଜ୍ଞାନୀ ପ୍ରାଧ୍ୟାପକ ବିଜୟ ବହିଦାର ମତବ୍ୟକ୍ତ କରିଛନ୍ତି। ଗତ ବୁଧବାର ସଂସଦରେ ସମ୍ବିଧାନର ୧୩୦ତମ ସଂଶୋଧନ ବିଲ୍ ଆଗତ ପରିପ୍ରେକ୍ଷୀରେ ଗୁରୁବାର କଂଗ୍ରେସ ଭବନରେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଅଧ୍ୟକ୍ଷତାରେ 'ସଂସଦୀୟ ଗଣତନ୍ତ୍ର ଓ ସଂଘୀୟ ବ୍ୟବସ୍ଥା ଉପରେ ପଦାଘାତ' ଶୀର୍ଷକ ଆଲୋଚନା ସଭାରେ ବିଶିଷ୍ଟ ଆଲୋଚକ ଭାବେ ଯୋଗଦେଇ ଶ୍ରୀ ବହିଦାର କହିଲେ, ଏବେ ରାଜ୍ୟ ମାନଙ୍କର ସ୍ୱାୟତତା ନାହିଁ। ସଭାପତିଙ୍କ ଅଭିଭାଷଣରେ ଶ୍ରୀ ଦାସ ଭାରତବର୍ଷର ସବୁ ତନ୍ତ୍ରକୁ କେନ୍ଦ୍ର ଅକ୍ତିଆର କରିବାକୁ ଚେଷ୍ଟା କରୁଛି ବୋଲି ଅଭିଯୋଗ କରିଥିଲେ । ପ୍ରଧାନମନ୍ତ୍ରୀଙ୍କ ନାମରେ ସବୁ ଥାନାରେ ଏତଲା ଦେବା ପରି ଆଗକୁ ଅନେକ କାର୍ଯ୍ୟକ୍ରମ ହାତକୁ ନେଇ ଏହି କଳା ବିଧେୟକକୁ କଂଗ୍ରେସ ବିରୋଧ କରିବ ବୋଲି ସେ କହିଥିଲେ । ବରିଷ୍ଠ କଂଗ୍ରେସ ନେତା ଶିବାନନ୍ଦ ରାୟ ଓ ବିଭୁତି ଭୂଷଣ ମିଶ୍ର, ପିସିସି ସଂଖ୍ୟାଲଘୁ ସେଲ ଅଧ୍ୟକ୍ଷ ଜିଆ ଉଲ ହକ୍ ପ୍ରମୁଖ ଆଲୋଚନାରେ ଭାଗ ନେଇ କେତେକ ଗୁରୁତ୍ୱପୂର୍ଣ୍ଣ ଆଇନଗତ ଦିଗର ତର୍ଜମା କରିଥିଲେ । ପିସିସି ଶୃଙ୍ଖଳା କମିଟିର ଅଧ୍ୟକ୍ଷ ସୁଜିତ ପାଢ଼ୀ ବିଜେପିର ଏହି କଡା ଆଇନକୁ ଦୃଢ ବିରୋଧ କରିବା ପାଇଁ ଆହ୍ୱାନ ଜଣାଇଛନ୍ତି । ମିଡିଆ ସେଲ ଅଧ୍ୟକ୍ଷ ଅରବିନ୍ଦ ଦାସ ସଭାମଞ୍ଚ ଆବାହନ, ପ୍ରାରମ୍ଭିକ ସୂଚନା ଓ ସ୍ୱାଗତ ଭାଷଣ ଦେଇଥିବା ବେଳେ ପିସିସି ଉପସଭାପତି ସନ୍ତୋଷ ସିଂ ସାଲୁଜା, ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି, ପୂର୍ବତନ ସାଂସଦ ଅନନ୍ତ ସେଠି, ବିଧାୟକ ଅଶୋକ ଦାସ ପ୍ରମୁଖ ମଞ୍ଚାସିନ ଥିଲେ ଏବଂ କଂଗ୍ରେସର ବହୁ ନେତୃବୃନ୍ଦ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

### କଟକରେ ଜୋନାଲ୍ ସ୍ତରୀୟ ପ୍ରଶିକ୍ଷଣ

## କୃଷକଙ୍କୁ ସଶକ୍ତ ସହ ଇନପୁଟ୍ ସର୍ଭିସ୍ ଓ ବଜାର ଯୋଗାଣ ଉପରେ ଗୁରୁତ୍ୱ




କଟକ(ଭାସ୍କର ନ୍ୟୁଜ): କଟକ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ୧୦କ କୃଷକ ଉତ୍ପାଦକ ଗୋଷ୍ଠୀ ୧୦କ ଏଫ୍‌ପିଓ(ଫାର୍ମର ପ୍ରଡ୍ୟୁସର ଅର୍ଗାନାଇଜେସନ୍) ଯୋଜନା ଅଧୀନରେ ଏକ ଜୋନାଲ୍ ସ୍ତରୀୟ ପ୍ରଶିକ୍ଷଣ କାର୍ଯକ୍ରମ ଆୟୋଜିତ ହୋଇଯାଇଛି । ସେମାନଙ୍କୁ ସଶକ୍ତ କରିବା ପାଇଁ ବିହନ, ସାର, କୀଟନାଶକ ପରି ଇନପୁଟ୍ ସର୍ଭିସ, ମଣ୍ଡି , FASSAI, eNAM, ONDC ପରି ସର୍ଟିଫିକେସନ୍, ବଜାର ଯୋଗାଣ, ରପ୍ତାନି ସୁଯୋଗ, ଉଚ୍ଚମୂଲ୍ୟ କୃଷିପଦାର୍ଥ ଓ ଋଣ ସୁବିଧା ଆଦି ଉପରେ ଆଲୋଚନା କରାଯାଇଥିଲା। ଓରମାସ ଯୁଗ୍ମ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବିପିନ ରାଉତ କହିଥିଲେ, ଏଫ୍‌ପିଓମାନଙ୍କର ସଫଳତା ପାଇଁ ଇନପୁଟ୍ ସର୍ଭିସ ସବୁଠାରୁ ମୁଖ୍ୟ । ଏଥିସହ, ସର୍ଟିଫିକେସନ୍ ମାଧ୍ୟମରେ କୃଷକମାନେ ବଡ଼ ବଜାର ସହିତ ସଂଯୋଗ ହୋଇପାରିବେ । 'ଏହି ପ୍ରଶିକ୍ଷଣରେ ମୁଖ୍ୟ ଉନ୍ନୟନ ଅଧିକାରୀ ଓ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ପ୍ରଶାନ୍ତ କୁମାର ନାୟକ, ଏଫ୍‌ଡିଆରଭିସିର ସଦାନନ୍ଦ ଗାଡିପାଇଲେ, ଓରମାସ୍‌ର ସପନ ଗୋସ୍ୱାମୀ ଓ ମନୋଜ ପାତ୍ର ଏଫ୍‌ପିଓଙ୍କ ସ୍ଥାୟୀ ବିକାଶ, ନୂତନ ସୁଯୋଗ ଓ ବଜାର ଯୋଗାଣ ସମ୍ବନ୍ଧରେ ଆଲୋକପାତ କରିଥିଲେ । ସମାପନୀ ସଭାରେ ଏଫ୍‌ପିଓଙ୍କୁ ସ୍ୱାଧୀନ, ସ୍ଥାୟୀ ଓ ବଜାରମୁଖୀ କରିବା ପାଇଁ ଏକ ସ୍ପଷ୍ଟ ରୋଡ୍‌ମାପ୍ ପ୍ରସ୍ତୁତ କରାଗଲା । ୧୦କ ଏଫ୍‌ପିଓ ଯୋଜନା ଓଡ଼ିଶାର କୃଷକଙ୍କୁ ଏକ ସଂଗଠିତ ଏବଂ ସୁଦୃଢ଼ ଆର୍ଥିକ ସ୍ଥିତି ଯୋଗାଇବାରେ ସହାୟକ ହେବ ବୋଲି ଆଶା ବ୍ୟକ୍ତ କରାଯାଇଛି ।

## ଚାଷୀ-କ୍ରେତାଙ୍କ ମଧ୍ୟରେ ସମ୍ପର୍କ ସୃଷ୍ଟି ନେଇ ସମାବେଶ

# ବୃହତ ଉଠାଜଳସେଚନ ପ୍ରକଳ୍ପ ଅଞ୍ଚଳରେ ଫସଲ ବିବିଧକରଣ ଯୋଜନା

ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : ରାଜ୍ୟ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଓ ଏଏଫ୍‌ସି ଇଣ୍ଡିଆ ଲିମିଟେଡ଼ ମିଳିତ ସହଯୋଗରେ ସ୍ଥାନୀୟ ଏସ୍ ଏନ୍ କଲ୍ୟାଣ ମଣ୍ଡପ ଠାରେ ୨୦ ତାରିଖ ବୁଧବାର ଦିନ ବୃହତ୍ ଉଠାଜଳସେଚନ ପ୍ରକଳ୍ପ ଅଞ୍ଚଳରେ ଫସଲ ବିବିଧକରଣ ଯୋଜନା ଅନ୍ତର୍ଗତ 'କଳାହାଣ୍ଡି ଜିଲ୍ଲାସ୍ତରୀୟ ଚାଷୀ ଏବଂ କ୍ରେତାଙ୍କ ମଧ୍ୟରେ ସମ୍ପର୍କ ସୃଷ୍ଟି ଓ ଉତ୍ପାଦ ବିକ୍ରି ବ୍ୟବସ୍ଥା ନେଇ ଏକ କୃଷକ ସମାବେଶ' ଅନୁଷ୍ଠିତ ହୋଇଥିଲା । କଳାହାଣ୍ଡି ଜିଲ୍ଲା ମୁଖ୍ୟ କୃଷିଅଧିକାରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ ଯୋଗଦେଇଥିଲା ବେଳେ ସମ୍ମାନିତ ଅତିଥି ଭାବେ ବୈଷୟିକ କୃଷି ବିଶେଷଜ୍ଞ ପ୍ରଫେସର ରବିନ୍ଦ୍ର କୁମାର ପାଇକରାୟ, ଅନ୍ୟତମ ସମ୍ମାନିତ ଅତିଥି ଭାବେ ବୈଷୟିକ କୃଷି ବିଶେଷଜ୍ଞ ଡ. ସନତ୍ ମିଶ୍ର, କଳାହାଣ୍ଡି କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ତଥା କେନ୍ଦ୍ର ମୁଖ୍ୟ ଡ.ଅମିତାଭ ପଣ୍ଡା, ଭବାନୀପାଟଣା ଆର ଆରଆରଟିଟିଏସ୍ ଏଡିଆର୍‌ଡ. ଭବାନୀ ଶଙ୍କର ନାୟକ, କଳାହାଣ୍ଡି ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକ ମୋନାଲିସା ପ୍ରଧାନ, ଆୟୋଜକ ଏଫ୍‌ଏସି ଇଣ୍ଡିଆ ଲିମିଟେଡ଼ର ରାଜ୍ୟ ସଂଯୋଜକ ବିଭୁଦତ୍ତ ପାଇକରାୟ ପ୍ରମୁଖ ଉପସ୍ଥିତ ଥିଲେ । କଳାହାଣ୍ଡି ଜିଲ୍ଲାରେ ବୃହତ୍ ଉଠା ଜଳସେଚନ କାର୍ଯ୍ୟକାରୀ ହେଉଥିବା ୧୦ଟି ବ୍ଲକ ଅଞ୍ଚଳର ଶହଶହ ଚାଷୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା । ଅତିଥିମାନେ ଚାଷୀମାନେ କିଭଳି ଅତ୍ୟାଧୁନିକ କୃଷି ବୈଜ୍ଞାନିକ ପ୍ରଣାଳୀ, ରୋଗ ପୋକ ନିୟନ୍ତ୍ରଣ, ଜୈବିକ ଓ ରାସାୟନିକ ସାର ପ୍ରୟୋଗ, ଉନ୍ନତ ମାନର ବିହନ ଚୟନ, ଫସଲ ଉତ୍ପାଦନ ଏବଂ ତାହାର ବଜାରୀକରଣ ସମ୍ପର୍କରେ ବିଶେଷ ଆଲୋଚନା କରିବା ସହ ସମସ୍ତ ଚାଷୀ ମିଳିତ ଭାବେ କାମ କଲେ ଅଧିକ ଲାଭବାନ ହୋଇପାରିବେ ବୋଲି ମତବ୍ୟକ୍ତ କରିଥିଲେ । କେବଳ ଧାନ ଚାଷ ନୁହେଁ ଫସଲର ବିବିଧିକରଣ ସମ୍ପର୍କରେ ଆଲୋଚନା କରିବାକୁ ଯାଇ ଅତିଥିମାନେ କଳାହାଣ୍ଡିର କପା, ତୈଳବୀଜ, ଡାଲିଜାତୀୟ ଫସଲକୁ ଅଗ୍ରାଧିକାର ଦେବା ପାଇଁ ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ । ଚାଷୀଭାଇମାନେ ମଧ୍ୟ ହାତ ପାଆନ୍ତାରେ କୃଷି ବୈଜ୍ଞାନିକମାନଙ୍କୁ ପାଇଁ ଚାଷ ସମ୍ପର୍କିତ ବିଭିନ୍ନ ପ୍ରଶ୍ନ ପଚାରି ତାହାର ଉତ୍ତର ପାଇଯାଇଥିଲେ । ଏହି ଅବସରରେ ଜିଲ୍ଲାର ଧର୍ମଗଡ, ମଦନପୁର ରାମପୁର, କର୍ଲାମୁଣ୍ଡା, କେସିଙ୍ଗା, ନର୍ଲା, ଜୁନାଗଡ, କଲମପୁର, ଜୟପାଟଣା, ଗୋଲାମୁଣ୍ଡା ଓ ଭବାନୀପାଟଣାଆଦି ୧୦ଟି ବ୍ଲକର ଅଗ୍ରଣୀ ଚାଷୀମାନଙ୍କୁ ସେମାନଙ୍କ ଉଲ୍ଲେଖଯୋଗ୍ୟ କୃଷି କର୍ମ ନିମନ୍ତେ ସମ୍ମାନିତ କରାଯାଇଥିଲା । ଶେଷରେ ଜିଲ୍ଲା କୃଷି କାର୍ଯ୍ୟାଳୟର ଯୋଜନା ଅଧିକାରୀ ବିଶ୍ୱନାଥ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ସମସ୍ତ ମଞ୍ଚ କାର୍ଯ୍ୟକ୍ରମକୁ ଆକାଶବାଣୀର ଉଦଘୋଷିକା ଲିପ୍ସା ମହାରଣା ସଂଯୋଜନା କରିଥିଲେ ।



# ଅଧାରୁ ପାଠ ଛାଡ଼ିଥିବା ୮ ପିଲା ହେଲେ ସ୍କୁଲମୁହାଁ

**ବ୍ଲକ ଶିକ୍ଷା ବିଭାଗର ଅଭିନବ ପଦକ୍ଷେପ**

ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ୍): ଗରିବୀ ଓ ପରିବାରର ଦୁର୍ବଳ ଆର୍ଥିକ ସ୍ଥିତି ତଥା ବିଭିନ୍ନ ପ୍ରତିକୂଳ ପରିସ୍ଥିତି ଯୋଗୁଁ ଅନେକ ଶିଶୁ ସ୍କୁଲଶିକ୍ଷା କରିପାରୁନଥିବାବେଳେ କେତେକ କ୍ଷେତ୍ରରେ ଅଧାରେ ପାଠ ଛାଡୁଛନ୍ତି ଅନେକ କୋମଳମତି ଛାତ୍ରଛାତ୍ରୀ । ତେବେ ସ୍କୁଲଦ୍ୱାର ମାଡିନଥିବା ଓ ଅଧାରୁ ପାଠ ପଢ଼ାରେ ଡୋରି ବାନ୍ଧିଥିବା ଛାତ୍ରଛାତ୍ରୀଙ୍କୁ ପୁଣି ସ୍କୁଲ ମୁହାଁ କରିବାକୁ ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଉଛି । ଗତ ଗ୍ରୀଷ୍ମ ଛୁଟି ସମୟରେ ଶିକ୍ଷା ବିଭାଗ ତରଫରୁ ଘରକୁ ଘର ବୁଲି ସ୍କୁଲ ଦୁଆର ମାଡ଼ିନଥିବା ଓ ଅଧାରୁ ପାଠ ଛାଡ଼ିଥିବା ଛାତ୍ରଛାତ୍ରୀଙ୍କୁ ଚିହ୍ନଟ କରାଯାଇଥିଲା । ଏହାପରେ ଆସ ସ୍କୁଲ ଯିବା ଅଭିଯାନ ଜରିଆରେ ଆଦୌ ସ୍କୁଲ ଯାଇନଥିବା ଓ ଅଧାରୁ ପାଠ ଛାଡ଼ିଥିବା ଶିଶୁମାନଙ୍କୁ ପୁଣି ସ୍କୁଲମୁହାଁ କରିବାକୁ ଅଭିଯାନ ଆରମ୍ଭ କରିଛି ଶିକ୍ଷା ବିଭାଗ । ଏହାକୁ ଦୃଷ୍ଟିରେ ରଖି ଏହି ଅଭିନବ ପ୍ରାୟସରେ ସାମିଲ ହୋଇଛି କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଶିକ୍ଷା ବିଭାଗ । ଲାଞ୍ଜିଗଡ଼ ଗୋଷ୍ଠୀ ଶିକ୍ଷାଧିକାରୀ ରଷିଆ ମେହେରଙ୍କ ନେତୃତ୍ୱରେ ଚାଲିଥିବା ଏହି ଅଭିଯାନ ଦ୍ୱାରା ବ୍ଲକ ଅଞ୍ଚଳର ଶତାଧିକ ଶିଶୁଙ୍କୁ ଚିହ୍ନଟ କରାଯାଇଥିବା ସୂଚନା ମିଳିଛି । ସେହିପରି ଏହି ପ୍ରକ୍ରିୟାରେ ଆଜି ଗୋବର୍ଦ୍ଧନପୁର କ୍ଲଷ୍ଟର ଅନ୍ତର୍ଗତ ଆମ୍ବଝରି ଗାଁର ୨ଜଣ ପୁଅ ଓ ୬ଜଣ ଝିଅଙ୍କୁ ଉଦ୍ଧାର କରି ଆଜି କମର୍ଦ୍ଧା ସ୍କୁଲରେ ଭର୍ତ୍ତି କରାଯାଇଛି । ଏଥିରେ ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀ ମେହେରଙ୍କ ସହିତ କ୍ଲଷ୍ଟର ସଂଯୋଜକ କୁମାର ଗୌରବ ପରିଡ଼ା ଉପସ୍ଥିତ ରହି ସ୍କୁଲରେ ନାମ ଲେଖାଇବାକୁ ଉଦ୍ୟମ କରିଥିଲେ । ଏହି ଅବସରରେ କମର୍ଦ୍ଧା ହାଇସ୍କୁଲର ପ୍ରଧାନଶିକ୍ଷକ ମହାପାତ୍ର, ବରିଷ୍ଠ ଶିକ୍ଷୟିତ୍ରୀ ଅର୍ଚ୍ଚନା ମିଶ୍ରଙ୍କ ସହିତ କ୍ଲଷ୍ଟର ସଂଯୋଜକ ପ୍ରକାଶ ପ୍ରଧାନ, କମର୍ଦ୍ଧା ସରପଞ୍ଚ ସନ୍ତୋଷ ମାଝୀ ପ୍ରମୁଖ ନୂତନ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରିଥିଲେ । ଲାଞ୍ଜିଗଡ଼ ବ୍ଲକ ଶିକ୍ଷା ବିଭାଗର ଏହି ଉଦ୍ୟମକୁ ବିଭିନ୍ନ ମହଲରେ ବେଶ ପ୍ରଶଂସା କରାଯାଇଛି ।

# ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ଉପକରଣ ବଣ୍ଟନ



କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା ମ. ରାମପୁର ବ୍ଲକ ଗୋଷ୍ଠି ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ବ୍ଲକ ବିଭିନ୍ନ ବିଦ୍ୟାଳୟର ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ମାନଙ୍କୁ ନେଇ ଚିକିତ୍ସା ସହାୟକ ଓ ଉପକରଣ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ପବିତ୍ର ଗଡତିଆ, ଏବିଇଓ ଯାଜ୍ଞସେନ ନିଆଲ, ଆମ ଜଙ୍ଗଲ ଯୋଜନା ଦଳପତି ତଥା ସମାଜସେବୀ ପ୍ରଦିପ କୁମାର ସାହୁ ଉପସ୍ଥିତ ରହି, ୨୪ ଜଣ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ଆଶା ବାଡ଼ି, ଟ୍ରାଇ ସାଇକଲ, ହୁଇଲ ଚେଆର, ଶ୍ରବଣ ଯନ୍ତ୍ର, ରୋଲାଟର ଭଳି ବିଭିନ୍ନ ଉପକରଣ ବଣ୍ଟନ କରିଥିଲେ । ଏଥିରେ ଭୁବନେଶ୍ୱର ଆଲିମକୋ ଡାକ୍ତର ସତ୍ୟବ୍ରତ ଗିରି, ଡାକ୍ତର ମନୋଜ କୁମାର ସେଠୀ, ଡାକ୍ତର ଆଲୋକ କୁମାର ସାହୁ ଚିକିତ୍ସା ଓ ପରୀକ୍ଷା କରିଥିବା ବେଳେ ବିଆର୍‌ପି ସୁଦର୍ଶନ ସାହୁ, ହଳଧର ମେହେର ଓ ସ୍ୱେଚ୍ଛାସେବୀ ଅମର ଦୀପ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ଜୟନ୍ତଙ୍କୁ ମିଳିଲା ରାଜୀବ ଗାନ୍ଧୀ ସେବା ସମ୍ମାନ




ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ଭାରତରତ୍ନ ରାଜୀବ ଗାନ୍ଧୀଙ୍କ ୮୧ ତମ ଜନ୍ମ ବାର୍ଷିକୀ ଅବସରରେ ସେବା ଓ ତ୍ୟାଗ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସରମାନଙ୍କୁ ରାଜ୍ୟସ୍ତରୀୟ ରାଜୀବ ଗାନ୍ଧୀ ସେବା ସମ୍ମାନ-୨୦୨୫ ପ୍ରଦାନ ପାଇଁ ତାଲିକା ପ୍ରକାଶ ପାଇଥିଲା । ଏହି ତାଲିକାରେ ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ଜୟନ୍ତ କୁମାର ଦଣ୍ଡସେନାଙ୍କ ନାମ ଉଲ୍ଲେଖ ହୋଇଥିଲା । ସେ ଚଳିତ ବର୍ଷ ରାଜ୍ୟସ୍ତରୀୟ ରାଜୀବ ଗାନ୍ଧୀ ସେବା ସମ୍ମାନ-୨୦୨୫ ପାଇବା ପାଇଁ ମନୋନୀତ ହୋଇଥିଲେ । ୨୦ ତାରିଖ ଦିନ ଭୁବନେଶ୍ୱରର ଜୟଦେବ ଭବନରେ ରାଜୀବ ଗାନ୍ଧୀଙ୍କ ଜନ୍ମ ବାର୍ଷିକୀ ଉପଲକ୍ଷେ ଓଡ଼ିଶା ରାଜୀବ ଗାନ୍ଧୀ ଷ୍ଟୁଡେଣ୍ଟ ଫୋରମ ତରଫରୁ ଶ୍ରୀ ଦଣ୍ଡସେନା ଏହି ସମ୍ମାନ ଗ୍ରହଣ କରିଛନ୍ତି । ସେବାସମ୍ମାନ ଗ୍ରହଣ କରିବାରୁ ବିଶ୍ୱବିଦ୍ୟାଳୟରେ ଖୁସିର ଲହରୀ ଖେଳିଯାଇଛି । ବିଶ୍ୱ ବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଡକ୍ଟର ନିବେଦିତା ନାଥ, କୁଳସଚିବ ଡକ୍ଟର ଗୁଣନିଧି ନାଏକ, ଉପ-କୁଳସଚିବ ମେଜର ଡକ୍ଟର ଜୟଦେବ ସାହୁ ତଥା ସମସ୍ତ କର୍ମଚାରୀ ଶ୍ରୀ ଦଣ୍ଡସେନାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ଦୁର୍ଘଟଣାରେ କଲେଜ ଛାତ୍ରୀ ମୃତ, ଜଣେ ଗୁରୁତର

କେସିଙ୍ଗା, (ଭାସ୍କର ନ୍ୟୁଜ୍) : ଦୁଇ ବାଇକ୍ ମୁହାଁମୁହିଁ ଧକ୍କା । ଜଣେ କଲେଜ ଛାତ୍ରୀ ମୃତ ଅନ୍ୟ ଜଣେ ଗୁରୁତର । ବୁଧବାର ଅପରାହ୍ନରେ କଳାହାଣ୍ଡି ଜିଲ୍ଲା କେସିଙ୍ଗା ଥାନା ୨୬ନଂ ଜାତୀୟ ରାଜପଥ ସୁକନାଭଟା ଗ୍ରାମ ନିକଟରେ ଏଭଳି ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଏହି ଦୁର୍ଘଟଣାରେ ଗୁରୁତର ଥିବା କଲେଜ ଛାତ୍ରୀଙ୍କର ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ଘଟିଛି । ଅନ୍ୟ ଜଣେ ଗୁରୁତରଙ୍କ ଚିକିତ୍ସା ଚାଲିଛି । ଅନ୍ୟ ବାଇକ୍ ଚାଳକ ବଗାଡ ଗ୍ରାମର ଶିବ ସାହୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ସୂଚନା ଅନୁଯାୟୀ, ବୁଧବାର ଅପରାହ୍ନରେ କେସିଙ୍ଗା ବ୍ଲକ ବଗାଡ ଗ୍ରାମର ମନୋଜ ସାହୁ ଓ କଣ୍ଟପଡା +୨ କଲେଜର ଜଣେ ଛାତ୍ରୀ ବାଇକ୍ ଯୋଗେ ଫେରୁଥିଲେ । ସୁକନାଭଟା ଗ୍ରାମ ନିକଟରେ ବିପରୀତ ଦିଗରୁ ଆସୁଥିବା ଅନ୍ୟ ଏକ ବାଇକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲେ । ଫଳରେ ଛାତ୍ରୀ ଜଣଙ୍କ ବାଇକ୍‌ରୁ ଛିଟିକି ପଡିଥିଲେ । ମନୋଜ ଓ ଛାତ୍ରୀ ଜଣଙ୍କ ଗୁରୁତର ହୋଇଥିଲେ । ଦୁଇ ଜଣଙ୍କୁ ପ୍ରଥମେ ଉଦ୍ଧାର କରାଯାଇ କେସିଙ୍ଗା ସରକାରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ପ୍ରାଥମିକ ଚିକିତ୍ସା ପରେ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା । ସେଠାରେ ଆହତ କଲେଜ ଛାତ୍ରୀଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି । ମୃତ ଛାତ୍ରୀଙ୍କ ଶବ ବ୍ୟବଚ୍ଛେଦ ହେବାରେ ବିଳମ୍ବ ହୋଇଥିବା ଯୋଗୁଁ ଆଜି ସକାଳ ସାଢେ ୯ଟା ସୁଦ୍ଧା ମୃତଦେହ ନିଜ ଘର କେସିଙ୍ଗାରେ ପହଞ୍ଚି ନଥିବା ଜଣାପଡ଼ିଛି । ଘଟଣା ସ୍ଥଳରେ କେସିଙ୍ଗା ପୋଲିସ ପହଞ୍ଚି ବାଇକ୍ ଜବତ କରି ତଦନ୍ତ ଆରମ୍ଭ କରିଛି ।

## ସ୍କୁଲ ଗୃହ ନିର୍ମାଣ ନିମନ୍ତେ ଜମି ଚିହ୍ନଟ ଲାଗି ଦାବିପତ୍ର

କୋକସରା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ବଡ଼ପୋଡ଼ାଗୁଡା ଗ୍ରାମବାସୀ ସ୍କୁଲ ଗୃହ ନିର୍ମାଣ ପାଇଁ ଜମି ଚିହ୍ନଟ ନିମନ୍ତେ ବୁଧବାର ତହସିଲ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଛନ୍ତି । ଏବଂ ଅତିରିକ୍ତ ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ବଡ଼ପୋଡ଼ାଗୁଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ନିଜସ୍ୱ ଜମି ନଥିବାରୁ ନୂତନ ଶ୍ରେଣୀ ଗୃହ ନିର୍ମାଣରେ ବାଧାପ୍ରାପ୍ତ ହେଉଛି । ଏନେଇ ଗ୍ରାମର ନରହରି ସୁନା, ନିଳକଣ୍ଠ ଚଲାନ, ଅର୍ଜୁନ କରୁଆଁ, ଗଜାନନ ନାଏକ, ବୈବଚନ୍ଦ୍ର ଧଙ୍ଗଡାମାଝୀ, ଟଙ୍କଧର ପୁଝାରୀ, ମନ୍ମଥ ଦାସ, ହରିହର ହଂସ, ଧର୍ମୁ ଦୁର୍ଗା ସମେତ ପ୍ରମୁଖ ଗ୍ରାମବାସୀଙ୍କ କୋକସରା କୋକସରା ଅତିରିକ୍ତ ତହସିଲଦାର ମୋହନ ଜେନାଙ୍କୁ ଭେଟି ଜମି ଚିହ୍ନଟ କରିବା ପାଇଁ ଦାବି କରିଛନ୍ତି । ଏନେଇ ଅତିରିକ୍ତ ତହସିଲଦାର ଆମପାଣି ରାଜସ୍ୱ ନିରୀକ୍ଷକଙ୍କୁ ଜମି ଚିହ୍ନଟ ପାଇଁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି । ଏଠାରେ ସ୍କୁଲ ନିର୍ମାଣ ହେଲେ ବଡ଼ପୋଡ଼ାଗୁଡା ଗ୍ରାମର ବହୁ ଛାତ୍ରଛାତ୍ରୀ ଉପକୃତ ହେବା ସହ ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ ହୋଇପାରିବେ ।

# ୧୧ଦିନରେ ଉପଖଣ୍ଡ ରାଜସ୍ୱ ଅମଲା ସଙ୍ଘର ଆନ୍ଦୋଳନ

## ସେବା ପାଇବାରୁ ବଞ୍ଚିତ ସାଧାରଣ ଲୋକେ



ଧର୍ମଗଡ (ଭାସ୍କର ନ୍ୟୁଜ) : ରାଜ୍ୟ ଅମଲା ସଙ୍ଘ ବିଭିନ୍ନ ଦାବି ନେଇ ଆନ୍ଦୋଳନ ଜାରି ରହିଛି । ଆନ୍ଦୋଳନର ୧୧ଦିନ ବିତି ଯାଇଛି । ଏହାରି ଭିତରେ ବିଭିନ୍ନ କାର୍ଯ୍ୟାଳୟରେ ଅମଲାଙ୍କ ଚୌକି ଖାଲି ପଡିଥିବା ବେଳେ ବିଭିନ୍ନ କାର୍ଯ୍ୟ ବାଧା ଉପୁଜିଛି । ବିଶେଷ ଭାବେ ସାଧାରଣ ଲୋକ ସେବା ପାଇବାରେ ବଞ୍ଚିତ ହେଉଥିବା ବେଳେ ହଇରାଣ ହରକତ ହେଉଥିବା ଦେଖା ଦେଇଛି । ଅନ୍ୟପଟେ ସଂଘ ଦାବି ପୂରଣ ନ ହେବା ଯାଏ ଆନ୍ଦୋଳନ ଜାରି ରଖିବାକୁ ଦୃଢୋକ୍ତି ପ୍ରକାଶ କରିଛନ୍ତି । ପୂର୍ବରୁ ଅନେକ ଥର ସରକାରଙ୍କୁ ଦାବି କରିଥିଲେ ମଧ୍ୟ କୌଣସି ସୁଫଳ ନ ହେବାରୁ ସୋମବାର ଠାରୁ କଳାହାଣ୍ଡି ଜିଲ୍ଲାର ସମସ୍ତ ଅମଲା ମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ଏହି ପରିପ୍ରେକ୍ଷୀରେ ମଙ୍ଗଳବାରରୁ ଧର୍ମଗଡ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ମଧ୍ୟ ଅମଲା ମାନେ ଆନ୍ଦୋଳନକୁ ଜାରି ରଖିଛନ୍ତି । ଧର୍ମଗଡ ଉପଖଣ୍ଡ ରେ ପ୍ରାୟ ୧୫୦ ଅମଲା ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟରତ ଅଛନ୍ତି । ଆନ୍ଦୋଳନ ଯୋଗୁଁ ଧର୍ମଗଡର ତହସିଲଦାର କାର୍ଯ୍ୟାଳୟ, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ବ୍ଲକ କାର୍ଯ୍ୟାଳୟ, ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ, ଭଳି ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ଚୌକି ଅଛି କିନ୍ତୁ ଅମଲା ନ ଥିବା ବେଳେ ଅଫିସ କାର୍ଯ୍ୟରେ ବାଧା ଉପୁଜିଛି । ଓଡିଶା ରାଜ୍ୟ ଅମଲା ସଙ୍ଘର ନିର୍ଦ୍ଦେଶ କ୍ରମେ ଧର୍ମଗଡ ଉପଖଣ୍ଡ ଅମଲା ସଙ୍ଘର ସମସ୍ତ ସଦସ୍ୟ ଏହି ଆନ୍ଦୋଳନ ସାମିଲ ହୋଇଥିବା ଦେଖିବାକୁ ମିଳିଛି । ଦାବୀ ଗୁଡିକ ମଧ୍ୟରେ ଅମଲା ମାନଙ୍କ ମୂଳ ଦରମା ଓଆରଏସପି ୨୦୧୭ ଅନୁସାରେ ଲେଭେଲ ୯କୁ ବୃଦ୍ଧି, ନୂତନ ପଦବୀ ସୃଷ୍ଟି ସହିତ ପଦବୀ ପୁନର୍ଗଠନ, ରେସିଡେନ୍ସି ପିରିଅଡ ୬ ବର୍ଷ ବଦଳରେ ୪ ବର୍ଷ, ନୂତନ ପେନସନ ଯୋଜନାକୁ ରଦ୍ଦ କରି ପୁରାତନ ପେନସନ ଯୋଜନାରେ ଅନ୍ତର୍ଭୁକ୍ତ, ରାଜ୍ୟରେ କାର୍ଯ୍ୟରତ ସରକାରୀ କର୍ମଚାରୀଙ୍କୁ ୨୦ ଲକ୍ଷ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବୀମା ମଞ୍ଜୁର କରିବା ସମେତ ଅନେକ ଗୁଡ଼ାଏ ଦାବି ଉଲ୍ଲେଖ ରହିଛି । ଆନ୍ଦୋଳନରେ ସଙ୍ଘର ମନୋଜ କୁମାର ଠାକୁର, ଧବଳେଶ୍ୱର ବେହେରା, ଗୋପାଳ ଚନ୍ଦ୍ର ମେହେର, କ୍ରିଷ୍ଣା ମୋହନ ପଣ୍ଡା, ମନୋଜ ମେହେର, ତନ୍ମୟ କୁମାର ପଣ୍ଡା, ସତ୍ୟ ବାନ ନାଏକ, ବିଜୁ ବେମାଲ, ରଞ୍ଜନ ରାଉତ, ଅମୀୟ ପ୍ରଧାନୀ, ଉମେଶ ଚନ୍ଦ୍ର ମାଝୀ, ପ୍ରବଣ ଶବର, ପ୍ରାଣବନ୍ଧୁ ଶବର, କବିତା ମିଶ୍ର, ମିତାଲି ପାଣିଗ୍ରାହୀ, ସୋମ୍ୟା ମେହେର, ପ୍ରିୟଙ୍କା ମହାନ୍ତି ସମେତ ସମସ୍ତ ଅମଲା ମାନେ ଉପସ୍ଥିତ ଥିଲେ । ସୂଚନା ଯେ ଗତ ୮ ତାରିଖ ଦିନ ରାଜସ୍ୱ ଅମଲା ମାନେ ସମୂହ ଛୁଟି ଦରଖାସ୍ତ ପ୍ରଦାନ କରିଛନ୍ତି । ଯେତେଦିନ ପର୍ଯ୍ୟନ୍ତ ରାଜ୍ୟ ସରକାର ଦାବି ପୂରଣ ନ କରି ବିଜ୍ଞପ୍ତି ପ୍ରକାଶ ନ କରନ୍ତି ସେତେଦିନ ପର୍ଯ୍ୟନ୍ତ ଆନ୍ଦୋଳନ ଜାରୀ ବୋଲି ସଂଘର କର୍ମକର୍ତ୍ତା ପ୍ରକାଶ କରିଛନ୍ତି ।

**ବେଆଇନ୍ ସାର ବୋଝେଇ ପିକ୍‌ଅପ୍ ଜବତ**

# ଚାଲାଣ ପଛରେ ବଙ୍ଗୀୟ ମକା ମାଫିଆଙ୍କ ହାତ




କୋକସରା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଓ ନବରଙ୍ଗପୁର ଜିଲ୍ଲା ସିମାନ୍ତ ଗୋତମୁଣ୍ଡା ଅଠରନଳା ଘାଟିରୁ ମଙ୍ଗଳବାର ରାତିରେ ପେଟ୍ରୋଲିଂ କରୁଥିବା ସମୟରେ ବନ ବିଭାଗ ପକ୍ଷରୁ ଏକ ବେଆଇନ୍ ୟୁରିଆ ବୋଝେଇ ପିକ୍‌ଅପ୍‌କୁ ଜବତ କରି ଆମପାଣି ଥାନାରେ ଜିମା ଦିଆଯାଇଛି । ଏହି ବେଆଇନ ସାର ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଧର୍ମଗଡ଼ ବ୍ଲକ୍ ଛଞ୍ଚାଣବାହାଲୀ ଗ୍ରାମରୁ ନବରଙ୍ଗପୁର ଜିଲ୍ଲାକୁ ଚାଲାଣ ହେଉଥିବା ତଦନ୍ତ ପରେ ଜଣାପଡ଼ିଛି । ସୂଚନା ଅନୁସାରେ, ମଙ୍ଗଳବାର ରାତିରେ ଆମପାଣି ଓ ବେହେରା ବନ ବିଭାଗ ପକ୍ଷରୁ କଳାହାଣ୍ଡି ଜିଲ୍ଲା ସିମାନ୍ତ ସାହାଜଖୋଲ ସଂରକ୍ଷିତ ଜଙ୍ଗଲ ଅଗରନଳା ଘାଟିରେ ପେଟ୍ରୋଲିଂ କରୁଥିବାବେଳେ ଏକ ବେଆଇନ ୟୁରିଆ ସାର ବୋଝେଇ ପିକ୍‌ଅପ୍ (ଓଡି୦୮ ୱାଇ ୫୫୩୩) ନମ୍ବର ଭ୍ୟାନ୍‌କୁ ଅଟକାଇ ତଲାସି କରାଯାଇଥିଲା । ଏହି ସମୟରେ ଡ୍ରାଇଭର ଫେରାର ହେଉଥିବା ବେଳେ ତାଙ୍କୁ ବନବିଭାଗ କାବୁ କରି ନେଇଥିଲେ । ଏବଂ ଡ୍ରାଇଭରକୁ କାଗଜପତ୍ର ମାଗିବାରୁ କୌଣସି କାଗଜପତ୍ର ଦେଖାଇ ପାରି ନଥିବାରୁ ଗାଡ଼ିକୁ ଜବତ କରି ଆମପାଣି ଥାନାରେ ଅଟକ ରଖାଯାଇଛି । ବୁଧବାର ସକାଳେ କୋକସରା ଗୋଷ୍ଠୀ କୃଷି ଅଧିକାରୀ ଥାନାରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ । ତେବେ ତଦନ୍ତ ପରେ ଜଣାପଡିଛି ଯେ' ଧର୍ମଗଡ଼ ବ୍ଲକ ଛଞ୍ଚାଣବାହାଲୀ ଠାରୁ ନବରଙ୍ଗପୁର ଜିଲ୍ଲାକୁ ଚାଲାଣ ହେଉଥିବା ଏହି ପିକ୍‌ଅପ୍ ଭ୍ୟାନ୍‌ରୁ ୬୦ ବସ୍ତା ୟୁରିଆ ସାର ଥିବା ସୂଚନା ମିଳିଛି । ଅନ୍ୟପଟେ ଏହି ବେଆଇନ ସାର ଚାଲାଣ ପଛରେ ଜଣେ ବଙ୍ଗୀୟ ମକା ଦଲାଲଙ୍କ ହାତ ରହିଥିବା ଆଲୋଚନା ହେଉଛି । ପୂର୍ବରୁ ମଧ୍ୟ ବେହେରା ଅଞ୍ଚଳର ଜୈନିକ ସାର ବେପାରୀ ଓ କୋକସରା ଅଞ୍ଚଳରୁ ଏହି ବଙ୍ଗୀୟ ମକା ମାଫିଆ ଟନ୍ ଟ୍ରନ୍ ୟୁରିଆ ସାର ନବରଙ୍ଗପୁର ଜିଲ୍ଲାକୁ ଚାଲାଣ କରୁଥିବା ନେଇ ପୂର୍ବରୁ ଖବର ପ୍ରକାଶ ପାଇଛି । ତଥାପି କୃଷି ବିଭାଗ ପକ୍ଷରୁ ଗୁରୁତ୍ୱ ନଦେଇ ବେଆଇନ ସାର କାରବାର କରୁଥିବା ବ୍ୟବସାୟୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନଥିଲା । ଯାହାର ଫଳ ସ୍ୱରୂପ ଆଜି କଳାହାଣ୍ଡି ଜିଲ୍ଲାରେ ୟୁରିଆ ସାରର ଘୋର ଅଭାବ ଦେଖାଦେଇଛି । ଯାହା ଫଳରେ ଜିଲ୍ଲାର ଚାଷୀମାନେ ସାର ନିମନ୍ତେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏମିତି କି ଧାର୍ଯ୍ୟ ମୂଲ୍ୟରୁ ଦୁଇଗୁଣ ଅଧିକ ଦରରେ ଚାଷୀ ୟୁରିଆ ସାର କିଣି ଶୋଷଣର ଶିକାର ହେଉଥିବା ଘଟଣା ମଧ୍ୟ ସାମ୍ନାକୁ ଆସିଛି । ଏଭଳି ସ୍ଥିତିରେ ଧର୍ମଗଡ଼ ଓ କୋକସରା ଅଞ୍ଚଳରୁ ନବରଙ୍ଗପୁର ଜିଲ୍ଲାକୁ ଦୈନିକ ଶହ ଶହ କୁଇଣ୍ଟାଲ ୟୁରିଆ ସାର ଚୋରା ଚାଲାଣ କଳାହାଣ୍ଡିର ଚାଷୀଙ୍କୁ ଚିନ୍ତା ବଢ଼ାଇ ଦେଇଛି । ଏଣେ ଲୋକ ଦେଖାଣିଆ ଭାବେ ଗୋଟିଏ ଦୁଇଟି ଗାଡ଼ିକୁ ଜବତ୍ କରି ପ୍ରଶାସନ ବାଃ ବାଃ ନେଉଥିବାବେଳେ ଶୁଖିଲା ପୋଖରୀ ମାଛଧରା ଚାଲିଛି ବୋଲି ଲୋକ ଆଲୋଚନା କଲେଣି । ଏନେଇ କୋକସରା ଗୋଷ୍ଠୀ କୃଷି ଅଧିକାରୀ ରାକେଶ ରଞ୍ଜନ ମାଝୀଙ୍କୁ ପଚାରିବାରୁ ଉପଯୁକ୍ତ କାଗଜ ପତ୍ର ଦେଖାଇଲା ପରେ ଗାଡ଼ି ଛଡାଯିବ ବୋଲି କହିଛନ୍ତି । ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ଯେ' ସାର ବୋଝେଇ ପିକଅପରେ ଚାଲାଣ ରିସିଭ ଓ କ୍ରୟ ରିସିଭ ନଥିବା ବେଳେ ଗୋଟିଏ ଦିନ ପରେ ରିସିଭ ଦେଇ ଗାଡି ନେଇଯିବା କଥା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି ।

# ରାଶିଫଳ

ଶୁକ୍ରବାର, ୨୨ ଅଗଷ୍ଟ ୨୦୨୫



**ମେଷ:** ଏକ ନୂତନ ଯୋଜନା ପ୍ରସ୍ତୁତ ହେବ । ବ୍ୟବସ୍ଥାରେ ଉନ୍ନତି ହେବ । ଅଧିକାରୀମାନେ ସହଯୋଗ କରିବେ ନାହିଁ । ଋଣ ନେବାକୁ ପଡିପାରେ । ଆଜି ଭ୍ରମଣ କରନ୍ତୁ ନାହିଁ । ପାରିବାରିକ କାର୍ଯ୍ୟଗୁଡ଼ିକୁ ପ୍ରାଥମିକତା ଦିଅନ୍ତୁ । ଆପଣଙ୍କ ବୁଦ୍ଧି ସାମାଜିକ ସମ୍ମାନ ଲାଭ କରିବ ।




**ବୃଷ:** ବକେୟା ପୁନରୁଦ୍ଧାର ପାଇଁ ପ୍ରୟାସ ସଫଳ ହେବ । ଯାତ୍ରା ସଫଳ ହେବ । ରୋଜଗାର ବୃଦ୍ଧି ପାଇବ । ବିପଦ କାମ କରନ୍ତୁ ନାହିଁ । ନିଶାକୁ ନିୟନ୍ତ୍ରଣ କରନ୍ତୁ । ଲାଭ ହେବାର ସମ୍ଭାବନା । ପତ୍ନୀ ଉପଦେଶ ଦେଉଥିବା ରାସ୍ତାରେ ଗଲେ ଲାଭ ସମ୍ଭାବନା । ଭ୍ରମଣରୁ ଲାଭ । ଯାନ-ଯନ୍ତ୍ରପାତି କ୍ରୟ ସମ୍ଭାବନା ।



**ମିଥୁନ:** ଅପଚୟ ଖର୍ଚ୍ଚ ହେବ । ଦୁଷ୍ଟ ଲୋକମାନେ କ୍ଷତି ଘଟାଇ ପାରନ୍ତି । ବିବାଦକୁ ପ୍ରୋତ୍ସାହିତ କରନ୍ତୁ ନାହିଁ । ଚିନ୍ତା ଏବଂ ଟେନସନ ରହିବ । ବ୍ୟବସାୟ ଯୋଜନା କାର୍ଯ୍ୟକାରୀ ହେବ ନାହିଁ । ପରିବାର ଚିନ୍ତିତ ହେବେ । ଆୟଠାରୁ ବ୍ୟୟ ଅଧିକ ହେବ ।




**କର୍କଟ:** ରାଜନୈତିକ ବ୍ୟକ୍ତିମାନେ ସଫଳତାର ଯୋଗ ରହିଛି । ସହଭାଗିତାରେ ନୂତନ ପ୍ରସ୍ତାବ ଗ୍ରହଣ କରାଯିବ । ରୋଜଗାର ବୃଦ୍ଧି ପାଇବ । ଉପହାର ଗ୍ରହଣ କରିବେ । ବ୍ୟବସାୟ ଯାତ୍ରା ସଫଳ ହେବ । ଶତ୍ରୁମାନେ ସକ୍ରିୟ ରହିବେ । ଅହଂକାର ଦୂର କରନ୍ତୁ । ମନୋବଳ ବୃଦ୍ଧି ଚାପକୁ ହ୍ରାସ କରିବ ।




**ସିଂହ:** ଜମି ଏବଂ ନିର୍ମାଣ ଯୋଜନା ପ୍ରସ୍ତୁତ ହେବ । ରୋଜଗାର ବୃଦ୍ଧି ପାଇବ । ଚାକିରିରେ ଅଧିକାର ବଢିପାରେ । ଅର୍ଥନୈତିକ କାର୍ଯ୍ୟରେ ସଫଳତା ପାଇ ଆପଣ ଖୁସି ହେବେ । ସୁଖୀ ଭବିଷ୍ୟତର ସ୍ୱପ୍ନ ସାକାର ହେବ । ଧାରଣା ସକରାତ୍ମକତା ବୃଦ୍ଧି କରିବ । ବିପଦ କାର୍ଯ୍ୟକୁ ସାହସ କର ନାହିଁ । ବ୍ୟବସାୟରେ ଇଚ୍ଛାଯୁକ୍ତ ଲାଭ ହେବ ।




କନ୍ୟା: ଦ୍ୱନ୍ଦ୍ୱ ସୃଷ୍ଟି ହୋଇପାରେ । ପ୍ରେମ ସଂପର୍କରେ ସୁସଙ୍ଗତତା ରହିବ । ଆଇନଗତ ପ୍ରତିବନ୍ଧକ ହଟାଯିବ । ଆରାମ ବୃଦ୍ଧି ପାଇବ । ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟାର ସମାଧାନ ହେବ । ବ୍ୟବସାୟ ଭଲ କରିବ । ଜିନିଷକୁ ସୁରକ୍ଷିତ ରଖନ୍ତୁ । ବ୍ୟବସାୟ ଭଲ ଚାଲିବ ।



ତୁଳା: ଜୀବନସାଥୀଙ୍କଠାରୁ ସମର୍ଥନ ମିଳିବ । ଯାନ ଏବଂ ଯନ୍ତ୍ରର ବ୍ୟବହାରରେ ସତର୍କତା ବ୍ୟବହାର କରନ୍ତୁ । ବିବାଦକୁ ପ୍ରୋତ୍ସାହିତ କରନ୍ତୁ ନାହିଁ । ଆର୍ଥିକତାକୁ ଧ୍ୟାନରେ ରଖନ୍ତୁ । ସମ୍ପର୍କୀୟଙ୍କ ସହ ସମ୍ପର୍କ ସୁଦୃଢ ହେବ । ଶତ୍ରୁମାନଙ୍କଠାରୁ ସାବଧାନ ରୁହନ୍ତୁ । ବ୍ୟବସାୟ ଲାଭଦାୟକ ହେବ । ଖର୍ଚ୍ଚ ହ୍ରାସ କରନ୍ତୁ । କରାଯାଇଥିବା କାର୍ଯ୍ୟ ସମାପ୍ତ ହେବ ।




ବିଛା: ଧର୍ମ ପ୍ରତି ଆଗ୍ରହ ପ୍ରକାଶ କରିବେ । କୋର୍ଟ କାର୍ଯ୍ୟ ସଫଳ କରାଯିବ । ବ୍ୟବସାୟ ଭଲ କରିବ । ଆଘାତ ଏବଂ ରୋଗରୁ ଦୂରେଇ ରୁହନ୍ତୁ । କାର୍ଯ୍ୟ-ବ୍ୟବସାୟ ଲାଭ କରିବାର ସମ୍ଭାବନା ଅଛି । ବିବାହିତ ଜୀବନରେ ସୁସଙ୍ଗତତା ରହିବ । ସାମାଜିକ ସମାବେଶରେ ଅଂଶଗ୍ରହଣ କରିବେ । ଭଲ ଲାଭଦାୟକ ଫଳାଫଳ ଦେବ ।




ଧନୁ: ଆପଣଙ୍କ ପାଇଁ ଖୁସି ଖବର । ମାନ ବୃଦ୍ଧି ହେବ । ଖୁସି ହେବ । ମନରେ ଉତ୍ସାହ ରହିବ, ଯେଉଁଥିପାଇଁ କାର୍ଯ୍ୟର ଗତି ବଢିବ । ଆପଣଙ୍କ କାର୍ଯ୍ୟ ସମାଜରେ ପ୍ରଶଂସା ପାଇବେ । ସହଭାଗୀତାରେ ଆପଣ ଯେଉଁ ନିଷ୍ପତ୍ତି ନିଅନ୍ତି ତାହା ଲାଭଦାୟକ ହେବ । ପୁରୁଣା ବନ୍ଧୁ ଏବଂ ସମ୍ପର୍କୀୟଙ୍କୁ ଭେଟିବେ ।



ମକର: ପ୍ରତିଷ୍ଠା ବୃଦ୍ଧି ପାଇବ । ରୋଜଗାର ବୃଦ୍ଧି ପାଇବ । ଯାତ୍ରା ର ଶୁଭ ସମୟ ସହିତ, ଆପଣ କଠିନ କାର୍ଯ୍ୟରେ ସଫଳତା ପାଇବେ । ସମ୍ପର୍କୀୟଙ୍କ ସହିତ ସମ୍ପତ୍ତି ବିବାଦ ହୋଇପାରେ । ବ୍ୟବସାୟ-ଚାକିରିରେ ଲାଭ ହେବ । କ୍ରନିକ ରୋଗ ଦେଖାଦେଇପାରେ । ପ୍ରୟାସ ସଫଳ ହେବ ।



କୁମ୍ଭ: ଦୁଃଖ, ଭୟ, ଚିନ୍ତା ଏବଂ ଅସ୍ଥିରତାର ପରିବେଶ ସୃଷ୍ଟି ହୋଇପାରେ । ଆପଣ ଦୁଃଖଦ ଖବର ପାଇପାରିବେ, ଧୈର୍ଯ୍ୟବାନ ହୁଅନ୍ତୁ । କାହାକୁ ବିଶ୍ୱାସ ନକରି ଆପଣ କାମ କରନ୍ତୁ । ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ହସ୍ତକ୍ଷେପରୁ କ୍ଷତି ହେବାର ସମ୍ଭାବନା ଅଛି । ପରିବାରରେ ଉତ୍ତେଜନା ଦେଖାଦେବ । ବ୍ୟବସାୟ ମଧ୍ୟମ ହେବ ।



ମୀନ: ଆପଣ ସ୍ୱାଦିଷ୍ଟ ଖାଦ୍ୟ ଉପଭୋଗ କରିବେ । ଛାତ୍ର ଶ୍ରେଣୀ ସଫଳତା ହାସଲ କରିବେ । ବ୍ୟବସାୟ ଭଲ କରିବ । ଆପଣ ଭଲ ଲୋକଙ୍କୁ ଭେଟିବ ଯେଉଁମାନେ ଉପକାରକାରୀ ହେବେ । ଯୋଜନା ସଫଳ ହେବ । ଚାକିରିରେ ପଦୋନ୍ନତି ଅଛି । ଅଳସୁଆରୁ ଦୂରେଇ ରୁହନ୍ତୁ । ପରିବାର ଲୋକେ ସାହାଯ୍ୟ କରିବେ ।




ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯